# ବୈଶାଖୀ

ଜୁନ୍ ୨୦୨୨



Photo by: Dr. Ranjit R Sahu, USA

**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଋଷିଆ ୟୁକ୍ରେନ ଯୁଦ୍ଧ ଦୀର୍ଘ ଚାରିମାସ ହେଲା ଘମାଘଟ ଲାଗି ରହିଛି । ଗୋଟିଏ ପକ୍ଷରେ ନାଟୋ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ବେଳେ ରୁଷିଆ ମଧ୍ୟ ଅଧିକରୁ ଅଧିକ ନିଜର ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛି । ଧିରେ ଧିରେ ଏହି ଯୁଦ୍ଧ ଭୟାଭୟ ହେବାକୁ ଲାଗିଲାଣି ଆଉ ଇଉରୋପୀୟ ଦେଶ ମାନଙ୍କରେ ମଧ୍ୟ ଦରଦାମ ବଢିବାରେ ଲାଗିଲାଣି । ଏହାର କାରଣ ହେଉଛି ଇଉରୋପର ଅନେକ ଦେଶ ଗ୍ୟାସ, ଗହମ ଇତ୍ୟାଦି ପାଇଁ ପୁରାପୁରି ଭାବରେ ରୁଷିଆ ଉପରେ ଅନେକ ଦିନରୁ ନିର୍ଭର କରିଆସୁଛନ୍ତି ।

ଆଜିକାଲି ଗୋଟିଏ ଦେଶ କେବଳ ନିଜ ଦେଶର ଉତ୍ପାଦ ଉପରେ ଚଳିବା ଅନେକ କଷ୍ଟକର । ତେଣୁ ଅନେକ ଜିନିଷ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡିଥାଏ । ଆଉ ଯୁଦ୍ଧ ସମୟରେ ଏଥିପାଇଁ ଦରଦାମ ଉପରେ ଏହାର ପ୍ରଭାବ ପଡିଥାଏ । ଯଦିଓ କିଛି ବୃହତ ଦେଶ କିଛିମାତ୍ରାରେ ଏହାର ପ୍ରଭାବରୁ ବର୍ତ୍ତି ଯାଆନ୍ତି, କିନ୍ତୁ ଛୋଟ ଛୋଟ ଦେଶ ପାଇଁ ଏହା ଏକ ଦୁର୍ବିପାକ ବୋଲି କୁହାଯାଇପାରେ ।

ଭାରତ ନିଜର ଗୋଷ୍ଠୀନିରପେକ୍ଷତା ନୀତି ପାଇଁ ଏବେ ଖୁବ୍ ଚର୍ଚ୍ଚାରେ ଅଛି ଆଉ ବର୍ତ୍ତମାନର ସରକାର ନିଜର ଦୂରଦର୍ଶୀତା ପ୍ରଦର୍ଶନ କରି ଏହି ଯୁଦ୍ଧରୁ ନିଜକୁ ବଞ୍ଚାଇ ରଖିଛନ୍ତି । ଏକ ପଟରେ ନାଟୋ ଦେଶ ସମୂହ ଆଉ ଅନ୍ୟପକ୍ଷରେ ରୁଷ ଭଳି ଶକ୍ତିଶାଳୀ ଦେଶ ଭିତରେ ଭାରତର ସମ୍ପର୍କ ଲଗାତାର ଭାବେ ବୃଦ୍ଧି ହେବାରେ ଲାଗିଛି ଆଉ ଏହା ଫଳରେ ଅନେକ ଦେଶ ଭାରତର ବିଦେଶ ନୀତିକୁ ପ୍ରଶଂସା କରିବାରେ ଲାଗିଛନ୍ତି । ଭାରତ

ISSN NO.
2582-208X

ବିଶ୍ୱ ଦରବାରରେ ଜଣାଇ ଦେଇଛି ଯେ ତାର ନୀତି କେବଳ ନିଜ ଦେଶର ଲୋକଙ୍କ ହୀତ ପାଇଁ ନିଆଯାଉଛି ।

ଏବେ ଶ୍ରୀଲଙ୍କା ଆଉ ପାକିସ୍ଥାନ ଦେବାଳିଆ ହେବାକୁ ଯାଉଛନ୍ତି । ଖାଦ୍ୟ ପଦାର୍ଥର ଦାମ ଆକାଶ ଛୁଁଆ ହେଲାଣି ଆଉ ଗୃହଯୁଦ୍ଧ ହେବ ବୋଲି ଅନେକ କହିସାରିଲେଣି । କୌଣସି ଦେଶର ଆର୍ଥିକ ନୀତି ଭାବିଚିନ୍ତି ନନେଲେ ଏହିପରି ପରିସ୍ଥିତି ସୃଷ୍ଟି ହୋଇଥାଏ । ଆଉ ଆଖି ବନ୍ଦ କରି ଅନ୍ୟ ଦେଶରୁ ଋଣ ନେବା ମଧ୍ୟ ଦେଶର ଅର୍ଥନୀତିକୁ ଦୋହଲାଇ ଦେଇଥାଏ । ତେଣୁ ପ୍ରତ୍ୟେକ ଦେଶକୁ ଏହି ବିଷୟରେ ବିଚାର କରିବା ଦରକାର ଏବଂ ସତର୍କ ହେବା ମଧ୍ୟ ।

ଆଜିର ବିଶ୍ୱ ଏକ ବିପଦଜନକ ପରିସ୍ଥିତି ଦେଇ ଗତି କରୁଛି । ତେଣୁ ପ୍ରତି ଦେଶର ସରକାରଙ୍କୁ ତାଙ୍କର ନାଗରିକଙ୍କ ହିତ ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ନିହାତି ଆବଶ୍ୟକ ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର



ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ପ୍ରଥମ ଭେଟ | ଡକ୍ଟର ବିଜ୍ଞାନୀ ଦାସ | ୧୧ |
| ଶଂଖା ସିଂଦୂର ! | ପ୍ରଫେସର ସୁଶାନ୍ତ କିଶୋର ବଳ | ୨୨ |
| ତୁମ ଏ ସୁନ୍ଦର ସର୍ଜନା | ଶାନ୍ତିଲତା ମିଶ୍ର | ୨୪ |
| ସରଗ ସମ ମୋ ଗାଁଆ | ପ୍ରଭାତ ନଳିନୀ ସାହୁ | ୨୬ |
| ଆମଦାନୀ ରପ୍ତାନୀ | ଡକ୍ଟର ମଧୁସ୍ମିତା ମିଶ୍ର | ୨୭ |
| ରାଧାମୋହନ ଚଉତିଶା | ଡ. ଅର୍ଜୁନ ଚରଣ ବାରିକ୍ | ୩୪ |
| କ୍ଷମା | ଡ. ଶକୁନ୍ତଳା ନାଏକ ଗୁପ୍ତା | ୩୭ |
| ବ୍ରଜରାଜ ସିଂହଦେବ | ବରଦା ପ୍ରସନ୍ନ ଦାସ | ୩୯ |
| ଗାଁ ରୁ ସହର | କୀର୍ତ୍ତି ଦେବୀ | ୪୧ |
| ବଂଶୀ ରେ | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୪୩ |
| ବରଷା ରାଣୀ | ଡ. ପ୍ରସନ୍ନ କୁମାର ବଳ | ୪୫ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୪୭ |
| ଯେଉଁ ଗାଆଁଟିରେ ଜନମ ମୋର | ଶଶଧର ମହାପାତ୍ର | ୫୬ |
| ପ୍ରକୃତି ପୁରୁଷ | ଜୟନ୍ତୀ ଦେବୀ | ୫୯ |
| ଅହମିକା ଓ ଅହଂକାର | ସଂଯୁକ୍ତା ସାହୁ | ୬୦ |
| ବିଚ୍ଛିନ୍ନାଞ୍ଚଳ ସିଂହଭୂମି ଲୋକଗୀତ ଅଧ୍ୟୟନର ପୃଷ୍ଠଭୂମି | କବିତା ଖଣ୍ଡେଇତ | ୬୨ |
| ସ୍ୱପ୍ନ ଥିଲା ପ୍ରିୟା ପାଇଁ | ଲୀଳାବତୀ ପରିଡ଼ା | ୬୭ |
| ଯୌବନ | ଡଃ ଅଭିମନ୍ୟୁ କାନୁନଗୋ | ୬୮ |
| ବିଷୁବ ସଂକ୍ରାନ୍ତି | ଦଣ୍ଡାସି ପ୍ରଧାନ | ୭୦ |
| ଅକ୍ଷୟ ରହୁ ପୁଣ୍ୟ ଏ ଜଗତେ | ଅଳକା ମହାନ୍ତି | ୭୩ |

ISSN NO.
2582-208X


| | | |
|---|---|---|
| ଆସିବା ଆଗରୁ | ପୁଷ୍ପାଞ୍ଜଳି ପଣ୍ଡା | ୭୭ |
| ସ୍ୱାର୍ଥ ଲିଭାଇଲା ମଥା ସିନ୍ଦୂର | ବାସନ୍ତୀ ଲତା ଜେନା | ୭୯ |
| ଶ୍ରୀ ରଘୁନନ୍ଦନ ରାମ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୮୩ |
| ଭଗବତୀଚରଣ ପାଣିଗ୍ରାହୀଙ୍କ ସ୍ମରଣେ | କୁଞ୍ଜବିହାରୀ ରାଉତ | ୮୫ |
| ଅମଣିଷ | ଡ. ଜ୍ଞାନେଶ୍ୱର ମିଶ୍ର | ୮୭ |
| ପଶ୍ଚିମ ଓଡ଼ିଶାର ଲୋକକାହାଣୀର ବିଶେଷତ୍ୱ | ପଲିମର ଦାଶ | ୮୯ |
| ରୂପସୀ ସଞ୍ଜ | ସତ୍ୟନାରାୟଣ ପ୍ରସାଦ ନାୟକ | ୯୨ |
| ରସନା ଚାଖ | ଅଧ୍ୟାପକ ଅବିନାଶ ବାରିକ୍ | ୯୩ |
| ହେ ଅଦିନ ବର୍ଷା | ଅମୃତନାରାୟଣ ଶତପଥୀ | ୯୫ |
| ଲଳିତ ନିବନ୍ଧ-ଅସଲି ନକଲି | ବଦ୍ରୀ ମହାନ୍ତି | ୯୭ |
| ମୁଁ ବଧୂଲି | ସସ୍ମିତା ପ୍ରଧାନ | ୧୦୨ |
| ଦିବସ ମାନଙ୍କର ପାଚୁର୍ଯ୍ୟ ଓ ଆମେ | ପ୍ରଦୀପ୍ତ କୁମାର ମିଶ୍ର | ୧୦୪ |
| ପାନ୍ଥଶାଳା | ସୁମିତ୍ରା ପୃଷ୍ଟି | ୧୦୮ |
| ମଧୁର ମଞ୍ଜୁଳ କ୍ଷଣ | ପ୍ରତିମା ମେହେର | ୧୧୦ |
| ନାୟିକା | ଅମ୍ବିକା ସ୍ୱାଇଁ | ୧୧୨ |
| ନଗ୍ନତା | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୧୫ |
| ଜୀବ ମାନଙ୍କର ଶବଦ | ରଘୁନାଥ ତ୍ରିପାଠୀ | ୧୧୮ |
| ଉଠ୍ ପୁଟୁର୍ (ଧାରାବାହିକ) | ଆରତୀ ସାହୁ (ଆଶା) | ୧୨୦ |
| ମୁଁ ଆଉ ପ୍ରକୃତି | ବୈଷ୍ଣବ ମେହେର | ୧୨୭ |
| ଝଡ଼ ପରର ପୃଥିବୀ | ପ୍ରିୟରଞ୍ଜନ ଭାରତୀ | ୧୨୮ |
| ଜାଗି ଉଠ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୩୦ |
| ଯୁଗେ ଯୁଗେ ନାରୀ | ଜୟଶ୍ରୀ ପଟ୍ଟନାୟକ | ୧୩୨ |
| ସିଗାରେଟ୍ ଧୂଆଁର କୁଣ୍ଡଳୀ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୩୮ |

ISSN NO.
2582-208X


| | | |
|---|---|---|
| ପ୍ରତିଧ୍ୱନି | ତ୍ରିପତି ପ୍ରଧାନ | ୧୪୧ |
| ବଜାଜ ଚେତକ୍ | ଗଜାନନ ମିଶ୍ର | ୧୪୨ |
| ହୃଦୟର ଜୟ ହିଁ ପ୍ରକୃତ ଜୟ | ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ୧୪୪ |
| ସମୟ ଲକ୍ଷ୍ମଣ ରେଖା | ଆଶୁତୋଷ ମେହେର | ୧୪୮ |
| ଆକାଶର ରଙ୍ଗ | ଅଜୟ କୁମାର ପଣ୍ଡା | ୧୪୯ |
| ସତର୍କ ବାଣୀ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୧୫୦ |
| ଗଣ ବିବାହ | ଛବି ରାଣୀ ପତି | ୧୫୨ |
| ବସନ୍ତ ଆସିଛି | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୫୫ |
| ଉତ୍କଳ ଦିବସ | ରାଜକିଶୋର ସାଇଁ | ୧୫୭ |
| ସୌନ୍ଦର୍ଯ୍ୟ ମଣ୍ଡିତ ମୋ ଗାଁ | ସୁଲୋଚନା ବେହେରା | ୧୫୯ |
| ପରିବର୍ତ୍ତିତ ପ୍ରେକ୍ଷାପଟରେ ଗ୍ରାମ୍ୟଜୀବନ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୬୧ |
| ଅତି ରୁ ଇତି | ଝରଣା ବାରିକ | ୧୬୩ |
| କୁଚକ୍ରୀ ମରଇ ଦୁଃଖେ | ଅଲେଖ ମେହେର | ୧୬୪ |
| ଶେଷ ବୟସରେ କୁଆଡ଼େ ଯିବି | ଶିଶିର କୁମାର ପଣ୍ଡା | ୧୬୬ |
| ଓଡିଶାର ନବଜାଗରଣ ବ୍ୟକ୍ତିତ୍ୱ ମଧୁ ବାରିଷ୍ଟର | ଅସିତ ମହାନ୍ତି | ୧୬୭ |
| ଭଗବାନଙ୍କ ମଂଚା | ଦୀନବନ୍ଧୁ ବେଜ | ୧୭୦ |
| ଯନ୍ତ୍ରଣା | ସିଦ୍ଧେଶ୍ୱର ତ୍ରିପାଠୀ | ୧୭୨ |
| ଭଜ ଶ୍ରୀହରି | ନନ୍ଦିନୀ ରାଉତ | ୧୭୩ |
| ନାଟକ-ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୫ |
| କବିତା ଲେଖିବାର କଳା | ନିରଞ୍ଜନ ସାହୁ | ୧୮୦ |
| ଧନ | ଅମରନାଥ ବାରିକ | ୧୮୧ |
| ଚଇତି | ସତ୍ୟନାରାୟଣ ମିଶ୍ର | ୧୮୨ |

ISSN NO.
2582-208X




| | | |
|---|---|---|
| ଉତ୍କଳ ଗୌରବ | ଶେଷଦେବ ପଣ୍ଡା | ୧୮୪ |
| ସୂର୍ଯ୍ୟାସ୍ତର ସେ କଡ଼ରେ | ଅଜିତ ପାଢି | ୧୮୭ |
| ମା ଚନ୍ଦଳିପାଟ ପୀଠ | କୃଷ୍ଣ ଚନ୍ଦ୍ର ବାରିକ | ୧୯୦ |
| ଭାରତରେ ପର୍ତ୍ତୁଗୀଜ ମାନଙ୍କ ଚାରିଶହ ତେଷଠି ବର୍ଷ | ପ୍ରିୟବ୍ରତ ପାତ୍ର | ୧୯୨ |
| କଲମ ଲେଖିବ, ମରମ କହିବ | ଜୟ କୁମାର ମିଶ୍ର | ୧୯୭ |
| ଯିବାନାହିଁ କେବେ ଭୁଲି | ଜୟନ୍ତ କୁମାର ମଲ୍ଲିକ୍ | ୨୦୦ |
| କରାବଲମ୍ବଂ ମମ ଦେହି ବିଷ୍ଣୋ! | ବିଜୟ କୁମାର ସାହୁ | ୨୦୨ |
| ରେବତୀ | ସରୋଜଲକ୍ଷ୍ମୀ ମହାନ୍ତି | ୨୦୭ |
| ନିଝୁମ ରାତି | ପ୍ରଶାନ୍ତ ବ୍ରହ୍ମା | ୨୦୯ |
| କଳୁଷିତ ପ୍ରେମ | ପୂର୍ଣ୍ଣଚନ୍ଦ୍ର ରଣା | ୨୧୦ |
| ପୁନିଆ ବାରିକ | ଅଧର ବିଶ୍ୱାଳ | ୨୧୨ |
| ପାଦଚିହ୍ନ | ଆଦ୍ୟରଶ୍ମି କର | ୨୧୪ |
| ଜୀବନ ଖରାଛାଇ ଖେଳ | ମୁକ୍ତିରାଣୀ ଦେବତା | ୨୧୫ |
| ମୋ କାହାଣୀ | ପ୍ରଶାନ୍ତ କୁମାର ନାଥ | ୨୧୬ |
| ଅଚିହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୧୮ |
| ସ୍ୱାଭିମାନୀ ଓଡିଆ | ଦୁଷ୍ମନ୍ତ ବେହେରା | ୨୨୫ |
| ପ୍ରତିଶ୍ରୁତି | ଅନଙ୍ଗ ମଞ୍ଜରୀ ଜେନା | ୨୨୭ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୨୯ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୩୨ |
| ମୋ ଜୀବନ ଟା | ଚିତରଞ୍ଜନ ବେହେରା | ୨୩୪ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନିତା ପଣ୍ଡା | ୨୩୬ |
| ସ୍ମୃତି | ବୁଲୁ ରଥ | ୨୪୫ |
| ତୁମେ ଆସ ସାଥୀ | ପ୍ରଣତୀ ରଥ | ୨୪୬ |

ISSN NO.
2582-208X


| | | |
|---|---|---|
| ମୁଁ ଅଯୋଧ୍ୟା ର ସିଂହାସନ କହୁଛି | ଡ଼ା: ସୀମାନ୍ତ କୁମାର ନନ୍ଦ | ୨୪୮ |
| ମୋ ବାପା | ପ୍ରକାଶ ନାଗ | ୨୫୩ |
| ତା ପରି ହବ କିଏ | ପ୍ରଶାନ୍ତ କୁମାର ଦାଶ | ୨୫୪ |
| ଗାଳ୍ପିକ ଚନ୍ଦ୍ରଶେଖର ରଥଙ୍କ ଗଳ୍ପ 'ରୁନି ପାଇଁ ନିରବ ପ୍ରାର୍ଥନା' : ଏକ ଅବଲୋକନ | ସୁନିତା ବାରିକ | ୨୫୬ |
| ମନେ ପଡ଼ିଯାଏ ବୋଉ | ଶିବରାମ ଦଳେଇ | ୨୬୦ |
| କ୍ରାନ୍ତିକାରୀ ତୁମେ କବି | ବେଣୁଧର ସୂତାର | ୨୬୪ |
| ମଣିଷ ଗଛ | ବିନୋଦିନୀ ଦାଶ | ୨୬୬ |
| ଆସନ୍ତୁ ନାରଦଙ୍କ ମାୟାଦର୍ଶନ ବିଷୟରେ ଜାଣିବା | ନରେନ୍ଦ୍ର ପ୍ରସାଦ ବେହେରା | ୨୬୮ |
| ହେ ମହାମାନବ | ବେଣୁଧର ସୁରୁଜାଳ | ୨୭୨ |
| ହେ ପ୍ରିୟତମା | ଭବାନୀ ଶଙ୍କର ଦାଶ | ୨୭୫ |
| ଜୀବନ ଖରା ଛାଇ ଖେଳ | ବୀରକିଶୋର ନାୟକ | ୨୭୭ |
| ଟୋପାଏ ସିନ୍ଦୂର | ଜନ୍ମଜୟ ନାୟକ | ୨୭୯ |
| ଡିବିରୁ ତେଲ ସରିବା ପରେ | ରୁଦ୍ର ନାରାୟଣ ଦାଶ | ୨୮୩ |
| ଅଳ୍ପ ଆୟୁ ସମ୍ପର୍କ | ଚୈତନ୍ୟ ବାଗ | ୨୮୪ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକି ନାୟକ | ୨୮୬ |
| ଅବୁଝା ମନ | ଦେବାର୍ଚ୍ଚନ ମେହେର | ୨୮୯ |
| ଋତୁ ରାଜ ବସନ୍ତ | ଦୀପକ ନାୟକ | ୨୯୦ |
| ବଣମଲ୍ଲୀ | ଟୁକୁନା ସାହୁ | ୨୯୧ |
| ସର୍ବ ଭାରତୀୟ ଚାକିରି ପାଇଁ ଆମ ପିଲା କେତେ ସମର୍ଥ ? | ପ୍ରତାପ ଚନ୍ଦ୍ର ସାହୁ | ୨୯୨ |

ISSN NO.
2582-208X


| | | |
|---|---|---|
| ନୀଳ ଅର୍ଚ୍ଚନା | ନିଲେଶ କୁମାର ଭୋଇ | ୨୯୫ |
| ସାହିତ୍ୟ ମୋ ଜୀବନ | ଟୋନିସ ରୋହିଦାସ | ୨୯୭ |
| ଲଣ୍ଠନ | ଅନନ୍ତ କୁମାର | ୨୯୮ |
| ବଏଠା | ତପନ କୁମାର ସାହୁ | ୩୦୦ |
| ଲେଖିଛି ମୁଁ ତୁମ ପାଇଁ | ରାଧାରାଣୀ ରାଉଳ | ୩୦୨ |
| ଜେଜେ ମାଆ | ଦୀପକ କୁମାର ସ୍ୱାଇଁ | ୩୦୩ |
| ବିଦ୍ରୂପ ମାନବର ଚରିତ୍ର | ଆୟୁଷ ମେହେର | ୩୦୬ |
| କାହୁରି ଝିଅ | ସୂର୍ଯ୍ୟ ନାରାୟଣ ସାହୁ | ୩୦୭ |
| ଲକ୍ଷ୍ୟ | ସୁରେଶ କୁମାର ସାହୁ | ୩୦୯ |


## ସ୍ୱାସ୍ଥ୍ୟ ବିଭାଗ


| | | |
|---|---|---|
| ଭାରତୀୟ ପରମ୍ପରା ଓ ଆୟୁର୍ବେଦ ଶାସ୍ତ୍ର | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୧୩ |


## ଆମ ହାଣ୍ଡିଶାଳ


| | | |
|---|---|---|
| ପାଳଙ୍ଗ ପତ୍ର ଚାଟ୍ | ଜୟନ୍ତୀ ଦେବୀ | ୩୧୬ |
| ପାଳଙ୍ଗ ପକୁଡି | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୧୭ |


## ଆଞ୍ଚଳିକ


| | | |
|---|---|---|
| ନାଇନ ଆରୁ ସେ ଗାଁ | ଉମେଶ କୁମାର ବିଶ୍ୱାଲ | ୩୧୯ |
| ରହିଥା ଧରି ଦମ୍ | ଶ୍ୟାମସୁନ୍ଦର କୁମ୍ଭାର | ୩୨୧ |
| ବାରମାସ୍ | ରୂପେଶ ସାହୁ | ୩୨୩ |
| ଶୁଇନ୍ ... ଶୁଇନ୍ ... ମହାଶୁଇନ୍ | ଡ. ସୁଧାଂଶୁ ମେହେର | ୩୨୫ |
| କୋଶଲି ମାଆର ଛୁଆ ମୁଇଁ | କୁମର ଲାଲ ରଣା | ୩୨୭ |

ISSN NO.
2582-208X

# ଶିଶୁ ବିଭାଗ


| | | |
|---|---|---|
| ରୂପରେ ସୁନ୍ଦର ସ୍ୱାଦ ଭରପୁର | ଡ଼ଃ ରଞ୍ଜିତ କୁମାର ସାହୁ | ୩୨୯ |
| ପଶୁ ମୁଖା ଲୋକ ନୃତ୍ୟ ଓ ମିତା | ନୀଳମାଧବ ସାହୁ | ୩୩୩ |
| କହୁଛି କଥାଟେ ଶୁଣ | ଅମରନାଥ ବାରିକ | ୩୩୬ |
| ଘୋଡ଼ା ଧାଇଁଧାଇଁ ଯେଉଁଠି | ନୀଳମଣି ଚାନ୍ଦ | ୩୩୮ |
| ମୁଁ ଫୁଲଟିଏ ....ମୋତେ ଫୁଟିବାକୁ ଦିଅ | ରାଧାମୋହନ ପୂଜାହାରୀ | ୩୪୦ |
| ବିଦ୍ୟାଳୟ | ଟଙ୍କଧର ଶତପଥି | ୩୪୩ |
| ବୁଝି ବୁଝାଅ | ମୀନାକ୍ଷି ପାଢ଼ୀ | ୩୪୫ |
| ବିଦ୍ୟାଳୟକୁ ଆସ ପଢ଼ିବ ପାଠ | ଦୀନବନ୍ଧୁ ପୋଇ | ୩୪୭ |
| ଜେଜେଙ୍କ ଡାଏରୀ | ପ୍ରିୟରଞ୍ଜନ ଭାରତୀ | ୩୪୯ |
| ଚିତ୍ର | ଆଦବିକା ପଟ୍ଟନାୟକ | ୩୫୬ |
| ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୫୭ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୩୫୮ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ

ସଂପୂର୍ଣ୍ଣ ମୁକ୍ତ ମାସିକ ପାରିବାରିକ ଇ-ପତ୍ରିକା...

ISSN NO.
2582-208X

# ପ୍ରଥମ ଭେଟ



ଡକ୍ଟର ବିଜ୍ଞାନୀ ଦାସ

ମା' ବାରମ୍ବାର ଫୋନ୍ କରୁଥିଲେ । ତାଙ୍କର ସେହି ଏକା କଥା । "ଧନରେ, ଟିକେ ନିଜ ଜିନିଷପତ୍ର ଉପରେ ନଘା ରଖିଥିବୁ । ଆମ ଓଡିଶାରେ ଅନେକ କିଛି ଭଲ; ହେଲେ ଚୋରଙ୍କ ଉପରେ ଭରସା ନାହିଁ । ଏବେ ଏ ଚୋରମାନେ ଅତ୍ୟନ୍ତ ଚତୁର ହୋଇଗଲେଣି । ତୁ କାହାକୁ ଯେମିତି ଜାଣିବାକୁ ନଦେଉ ଯେ ତୁ ବିଦେଶରେ ରହୁ ବୋଲି ।'

ଅନୁପ ବୁଝେଇଲା, "ମା' ମୁଁ ପରା ବଡ ହୋଇଗଲିଣି । ସବୁ ଠିକ୍ ଭାବେ ସମ୍ଭାଳିବି । ବ୍ୟସ୍ତ ହୁଅନ । ମୋ ହ୍ୟାଣ୍ଡ୍ ବ୍ୟାଗ୍ ମୋ କାନ୍ଧ ଉପରେ ପଡିଛି । କିଛି ହେବନି । ତାପରେ ଏଠି ଆଜି ବହୁତ ଗହଳ । ଅନେକ ଲୋକଙ୍କ ଆଖି ଅଛି ଏସବୁ ଚୋରିକୁ ସମ୍ଭାଳିବା ପାଇଁ ।'

ଅନୁପ ଭଲ ଓଡିଆ କହେ । ତେଣୁ ତା' ଭାଷା ଓ କହିବା ଶୈଳୀ ଉପରେ ତାର ଅନେକ ଭରସା ରହିଥିଲା । ଭାଷା ପାଇଁ ତାକୁ ବିଦେଶୀ ଭାବି କେହି ଠକି ପାରିବେନି । ତାପରେ ଆଜିକାଲି ଓଡିଶାରେ ବି ନିତିଦିନିଆ ଓଡିଆ କହିବାର ଢଙ୍ଗ ବହୁତ ବଦଳିଗଲାଣି । ପ୍ରତ୍ୟେକ ବାକ୍ୟରେ ଓଡିଆ, ହିନ୍ଦୀ ଓ ଇଂରାଜୀ ମିଶା । ଟିଭିରେ ବି ସେମିତି ଭାବେ ସବୁକିଛି ପ୍ରସାରିତ ହେଉଛି । ସେମାନଙ୍କ ତୁଳନାରେ ତ ଅନୁପ ପ୍ରକୃତରେ ଭଲ ଓଡିଆ କହେ । ସେଥିପାଇଁ ସିଏ ମା'ଙ୍କୁ ମନେମନେ ଧନ୍ୟବାଦ ଦିଏ । ଆଉ ରହିଲା ପୋଷାକ ଓ ପରିଧାନର ଢଙ୍ଗ । ଆଜିକାଲି ଓଡିଶାରେ ବି କଲେଜ ପିଲା ସବୁ ପୁଅ, ଝିଅ ନିର୍ବିଶେଷରେ ହାଫ୍ ପ୍ୟାଣ୍ଟ୍, ଟି-ସାର୍ଟ ପିନ୍ଧି ବୁଲୁଛନ୍ତି । ଯଦିଓ ଅନୁପ ପରିବେଶ ଓ ପରିସ୍ଥିତି ଦେଖି ଅନୁରୂପ ପୋଷାକ ପିନ୍ଧେ, ତେଣୁ ସେଥିରେ ବି ତାକୁ କିଏ ଠକିପାରିବ ନାହିଁ ବୋଲି ତାର ଧାରଣା ।

ISSN NO.
2582-208X

ଏହି ସମୟରେ ଜଣେ ବ୍ୟକ୍ତି ଆସି ଡଙ୍ଗାରେ ସମୁଦ୍ର ଭିତରକୁ ଯିବା ପାଇଁ ଟୁର୍ ବିଷୟରେ ଡାକ ଦେଇଗଲା । ଅନୁପ ପଚାରିଲା, "କେତେ ଟଙ୍କା ପଡିବ ?'

ସେ ଲୋକଜଣକ କହିଲା, "ପାଞ୍ଚଶହ ଟଙ୍କା ଆଜ୍ଞା ।'

"କଣ, ଏଇ ଟିକେ ସମୁଦ୍ର ଭିତରକୁ ନେଇଯିବାକୁ ଏତେ ଟଙ୍କା ? ଠିକ୍ ରେ କୁହ କେତେ।' – ବାବା ଯେମିତି ମୂଲଚାଲ କରନ୍ତି, ଅନୁପ ସେହିଭଳି ମୂଲଚାଲ କଲା ।

"ହଉ, ଚାରିଶ ପଚାଶ ଟଙ୍କା ଦିଅନ୍ତୁ ।'

"ନା, ଅଢେଇଶହ ଟଙ୍କାରେ ଯଦି ଦେବ ତ ଦିଅ, ନହେଲେ ଠିକ୍ ଅଛି, ଯାଅ ।'

ଅନୁପର ମୂଲଚାଲ ଢଙ୍ଗରେ ସେ ଲୋକ ରାଜି ହୋଇଗଲା । ଶେଷରେ ଅଢେଇଶହ ଟଙ୍କାରେ ଅନୁପ ଟିକେଟ୍ କିଣିଲା । ସେ ଟିକେଟ୍ ବିକାଳି ଡଙ୍ଗା ଆଡକୁ ଯାଉଯାଉ ଡାକିଲା, "ବାବୁ ଆସନ୍ତୁ । ଆଉ ୧୦ ମିନଟ୍ ଭିତରେ ଡଙ୍ଗା ସମୁଦ୍ର ଭିତରକୁ ଯିବ ।'

ଜଣେ ଝିଅ ସେଠି ଠିଆ ହୋଇ ଏ ମୂଲଚାଲ ଦେଖୁଥିଲା । ସିଏ ଆସି ଅନୁପକୁ ପଚାରିଲା, "ଆଚ୍ଛା ଆପଣ ଟିକେଟ୍ ପାଇଁ ଅଢେଇଶହ ଟଙ୍କା ଦେଲେନା ?'

"ହଁ, କାହିଁକି, କଣ ବେଶି ଦେଇଦେଲି କି ? ସିଏ ତ ପ୍ରଥମେ ପାଞ୍ଚଶହ କହୁଥିଲା । ମୁଁ ମୂଲଚାଲ କରି ଅଢେଇଶହ ଟଙ୍କାରେ କିଣିଲି ।' – ଅନୁପ କହିଲା ।

"ପ୍ରକୃତରେ ମୁଁ ହିଁ ଠକିଛି । ମୁଁ ହିଁ ପାଞ୍ଚଶହ ଟଙ୍କା ଦେଇ ସେ ଡଙ୍ଗାରେ ଯିବା ପାଇଁ ଟିକେଟ୍ କିଣିଛି ।'

"ବହୁତ ଦୁଃଖିତ ଆପଣଙ୍କ ପାଇଁ । ଆପଣ ହୁଏତ ଠକିଗଲେ ।' – ଅନୁପ ସମବେଦନା ଜଣେଇଲା ।

ISSN NO.
2582-208X

ତାପରେ ସେ ଦୁଇଜଣ ଡଙ୍ଗା ଆଡକୁ ଯାଉଯାଉ ପର୍‌ର ସହିତ ପରିଚତ ହେଲେ । ସେ ଝିଅ ଜଣକ ଥିଲା ମଧୁସ୍ମିତା । ମଧୁସ୍ମିତା ଦାଶ । ଯୁକ୍ତରାଷ୍ଟ୍ର ଆମେରିକାରେ ଭର୍ଜିନଆ ରାଜ୍ୟର ରିଚ୍‌ମଣ୍ଡ ସହରରେ ରୁହେ ।

ଅନୁପ ନଜର ପରିଚୟ ଦେଲା । "ମୁଁ ଅନୁପ ମିଶ୍ର । ମୋ ବାବା, ମା' ନୟୁର୍କ ରାଜ୍ୟରେ ରୁହନ୍ତୁ । ମୁଁ ମେରୀଲାଣ୍ଡ ରେ ରହେ ।'

ମଧୁସ୍ମିତା ସେଇ ଠକବା ବିଷୟରେ ନଜର ମତାମତ ଜଣେଇଲା । "ଏମିତି ଦେଖିଲେ ତ ମୁଁ ଠକଲି । ହେଲେବି ମୁଁ ଦୁଃଖିତ ନୁହେଁ । କାରଣ ଏମାନେ ଏମିତି ବୁଲିବୁଲି, ଦିନସାରା ଖରାବର୍ଷାରେ ଗ୍ରାହକ ଖୋଜି କେତେବା ରୋଜଗାର କରନ୍ତୁ । ଯଦି ମତେ ଠକ ସେମାନଙ୍କର ରୋଜଗାର ଅଧିକ ହେଲା ଓ ଜଣେ କଏ ଖୁସିହେଲା, ସେଇଟା ବି ମୋ ପ୍ରତି ଆଶୀର୍ବାଦ ବୋଲି ମୁଁ ଭାବିନଏ ।'

"ଇଏତ ଅତି ସୁନ୍ଦର ଜୀବନ ଦର୍ଶନ । ମୁଁ ଏବେ ଏଇ ଜୀବନ ଦର୍ଶନକୁ ଅନୁସରଣ କରିବି ଓ ଠକଗଲେ ଦୁଃଖିତ ନ ହୋଇ ସବୁକଛି ସକାରାତ୍ମକ ଭାବରେ ଗ୍ରହଣ କରିନେବି ।'

ମଧୁସ୍ମିତା ଚମତ୍କୃତ ହୋଇ ରହିଗଲା । "ବାଃ, ଆପଣ ତ ଜଣେ ବିଶିଷ୍ଟ ସାହିତ୍ୟକଙ୍କ ଭଳ ଓଡିଆ କହୁଛନ୍ତୁ, ଏ ସକାରାତ୍ମକ ଶବ୍ଦ ମୁଁ କେବଳ ପ୍ରବଚନରେ ଶୁଣିଛି, ହେଲେ ଆପଣ ଯେମିତି କହିଲେ ନା, ଅତି ଭଲଲାଗିଲା । ମୋର ସେତିକ ରହନ୍ତା କ ? ମୁଁ ଓଡିଆ କହେ, ହେଲେ ମୋର ସବୁଥିରେ ଇଂରାଜୀ ମିଶିଯାଏ । ସେଇଥିପାଇଁ ସେ ଲୋକ ମୋଠାରୁ ଟିକେଟ୍ ପାଇଁ ୫୦୦ ଟଙ୍କା ନେଲାକ କଣ ?'

ଡଙ୍ଗା ଯେତେବେଳେ ସମୁଦ୍ର ଭିତରକୁ ଗଲା, ଅନୁପ ଓ ମଧୁସ୍ମିତା ପାଖାପାଖି ବସିଥିଲେ । ମଧୁସ୍ମିତା କହିଲା, "ମତେ ବୋଟିଙ୍ଗ୍ କରିବା ଭାରି ଭଲଲାଗେ । ପୋଖରୀ ହେଉ, ହ୍ରଦ ହେଉ କ ସମୁଦ୍ର, ପାଣିକୁ ଦେଖିଲେ ମନରେ କାହିଁକ କେଜାଣି ମୋର ଖୁସି ଭରିଯାଏ । ମୁଁ ଯୁଆଡେ ବି ଟ୍ରାଭଲ୍ କରେ, ବୋଟିଙ୍ଗ୍ ନଶ୍ଚୟ କରିବି ।'

ISSN NO.
2582-208X

ଅନୁପ ହସିଲା । "ବାଃ, ତମର ଏ ଜଳ ସଂପର୍କ ସହିତ ମୋର ପୂରାପୂରି ମ୍ୟାଚ୍ । ମୁଁ ବି ପାଣିକୁ ଦେଖିଲେ ଅନେକ ଖୁସି ହୁଏ; ବିଶେଷ କରି ସମୁଦ୍ର ।'

ବହୁତ ବଡ ଜୁଆରଟିଏ ଆସିଲା । ଡଙ୍ଗା ଟିକେ ହଲିଗଲା । ପାଣି ଉଛୁଳ ପଡିବାରୁ ଉଭୟ ଅନୁପ ଓ ମଧୁସ୍ମିତା ତିନ୍ତିଗଲେ । ମଧୁସ୍ମିତା ତଳେ ପଡୁପଡୁ ଅନୁପ ତାକୁ ଧରିନେଲା ଓ ସିଏ ଅନୁପ ଉପରେ ପଡିଗଲା । ତାପରେ ଯେତେବେଳେ ଜୁଆର ଫେରିଗଲା, ସେତେବେଳେ ମଧୁସ୍ମିତା ଠିକ୍‌ଭାବେ ବସିଲା ଓ ତାକୁ ପଡିବାରୁ ବଞ୍ଚାଇ ଥିବାରୁ ଅନୁପକୁ ଧନ୍ୟବାଦ ଦେଲା ।

ଡଙ୍ଗା ଟୁର୍‌ରୁ ଫେରିବା ପରେ ଉଭୟ ପୁଣି ସାଙ୍ଗ ହୋଇ ଚାଲିଲେ । ବାଲିରେ ଅନେକ ଓଟ ବାହକ ଚାଲୁଥିଲେ । ସେମାନେ ଜଣଜଣ କରି ପଚାରୁଥାଆନ୍ତି, "ଆସ, ଓଟ ଉପରେ ଚଢିବ ଆସ ।'

ମଧୁସ୍ମିତା ଅନୁପକୁ କହିଲା, "ମୋର ଓଟ ଉପରେ ବସିବାକୁ ଇଚ୍ଛା ହେଉଛି । ତମେ ବସିବ କି ?'

"ନିଶ୍ଚୟ ।'

ଅନୁପ ମୁଲଚାଲ କରି ଓଟରେ ବସିବାକୁ ଜଣକା ୨୫ ଟଙ୍କାରେ ଛିଡେଇଲା । ଅଧିକ କି କମ୍ ଚିନ୍ତା ନକରି ୨୫ ଟଙ୍କା ତାକୁ ଠିକ୍ ଲାଗିଲା । ହେଲେ ଓଟ ଉପରେ ଚଢିବା ବେଳକୁ ମଧୁସ୍ମିତା ଡରିଯାଉଥିଲା । ଅନୁପ ତାକୁ ସାହସ ଦେଉଥାଏ । କହୁଥାଏ, "ତମେ ଜଣେ ସାହସୀ ଝିଅ । ସାମାନ୍ୟ ଓଟ ଉପରେ ବସିବାକୁ ଡରିଯାଉଛ ।' ଅନୁପର କଥାରେ କଣ ଥିଲା କେଜାଣି, ଆହ୍ୱାନ ହେଉ କି ପ୍ରେରଣା ହେଉ, ସିଏ ବଳ ପାଇଗଲା । ଓଟ ଉପରେ ଖାଲି ବସିଲାନି ତ, ଅପୂର୍ବ ଠାଣିରେ ଓଟ ପିଠିରେ ଚଢି କିଛି ବାଟ ବୁଲିଆସିଲା । ମଧୁସ୍ମିତାର ଫୋନ୍ ରେ ଅନୁପ ସେସବୁ ରେକର୍ଡିଂ କରିଥିଲା । ମଧୁସ୍ମିତା ଓଟ ଉପରୁ ଓହ୍ଲାଇବା ପରେ ଅନୁପ ବସିଲା ଓ ମଧୁସ୍ମିତା ତା' ବସିବାର ରେକର୍ଡିଂ କଲା ।

ISSN NO.
2582-208X

ଏହି ସମୟରେ ମଧୁସ୍ମିତାର ମା'ଙ୍କର ଫୋନ୍ ଆସିଲା । ସିଏ ପଚାରିଲେ, "ସବୁ ଠିକ୍ ଅଛି ତ ? ଆଜି ତୋ ବାବାଙ୍କର ଜଣେ ସାଙ୍ଗ ତାଙ୍କ ଘରେ ଡିନର୍ ପାଇଁ ଡାକଛନ୍ତି । ତୁ ଯିବାକୁ ଚାହୁଁଛୁ ନା ନାହିଁ ଜଣେଇବୁ । ତୁ ଯଦି ଯିବୁ, ତେବେ ହୋଟେଲ୍‌କୁ ଫେରି ଆମେ ତତେ ନେଇଯିବୁ । ନହେଲେ ଆମେ ସେଠିକୁ ସିଧା ଚାଲିଯିବୁ । ଆମ ହୋଟେଲ୍‌ର ରେଷ୍ଟୁରାଣ୍ଟରେ ବି ଭଲ ଖାଦ୍ୟର ବ୍ୟବସ୍ଥା ଅଛି । ତୁ ସେଠି ଖାଇନେବୁ ।'

ମଧୁସ୍ମିତା କହିଲା, "ମୁଁ ଟିକେ ଭାବୁଛି ମା । ତାପରେ ତମକୁ ଡାକ ଜଣେଇଦେବି ।'

ମା'ଙ୍କୁ ଉତ୍ତର ଦେଇ ମଧୁସ୍ମିତା ପଚାରିଲା, "ଆଚ୍ଛା ଅନୁପ, ଆଜି ତମର କଣ ସବୁ ପ୍ଲାନ୍ ଅଛି । ଖାଲି ଏଇ ସମୁଦ୍ର କୂଳରେ ବୁଲିବ ନା ସହରର ଅନ୍ୟ କଛି ବୁଲି ଦେଖିବାର ଇଚ୍ଛା ଅଛି ?'

ଅନୁପ କହିଲା, "ନା, ସେମିତି କଛି ପ୍ଲାନ୍ ତ ନାହିଁ । ଖାଲି ଏଇ ସମୁଦ୍ର କୂଳରେ ବୁଲିବି । ତେବେ ଭାବୁଥିଲି, ଜଗନ୍ନାଥଙ୍କ ସନ୍ଧ୍ୟା ଆରତି ଦେଖିବାକୁ ଯିବି ବୋଲି । କାରଣ, କାଲି ତ ଆଉ ସେ ସୁଯୋଗ ମିଳିବନି । ଆସନ୍ତା କାଲି ଆମେ ପୁରୀ ଛାଡିବୁ । ତା ପରଦିନ ଆମର ଆମେରିକାକୁ ଫେରିଯିବାର ଅଛି । ବାବା, ମା' ବି ଗାଁରୁ ଫେରି କାଲି ଭୁବନେଶ୍ୱର ଆସିଯିବେ ।'

ମଧୁସ୍ମିତା ଅନେକ ଖୁସିହେବା ଭଳି ଜଣାପଡିଲା । "ବହୁତ ଭଲହେଲା । ମୁଁ ବି ତମ ସହିତ ବୁଲିବି । ମୋ ବାବା, ମା' ଜଣେ ଅଙ୍କଲ୍ ଙ୍କ ଘରକୁ ଡିନର୍ ପାଇଁ ଯିବେ । ମୋର ବି ତମଭଳି ବୁଲିବା ଓ ଜଗନ୍ନାଥଙ୍କ ସନ୍ଧ୍ୟା ଆରତି ଦେଖିବାକୁ ଇଚ୍ଛା । ବୁଲିସାରି ପ୍ରଥମେ ସନ୍ଧ୍ୟା ଆରତୀ ଦେଖିବାକୁ ଯିବା ଓ ତାପରେ ଡିନର୍ । ଠିକ୍ ଅଛି ।'

ଅନୁପ ରାଜିହେଲା । ମଧୁସ୍ମିତା ତା' ମା'ଙ୍କୁ ଡାକ ଜଣେଇଦେଲା ଯେ ସିଏ ସନ୍ଧ୍ୟା ଆରତି ଦେଖିବାକୁ ଯିବ ଓ ହୋଟେଲରେ ଡିନର୍ କରିନେବ ।

ସୁଲୁସୁଲିଆ ପବନ ବହୁଥିଲା । ମଧୁସ୍ମିତାର କେଶ ସବୁ ସେ ପବନରେ ଉଡୁଥିଲେ । ସୂର୍ଯ୍ୟ ସେ ସମୟରେ ଅସ୍ତ ହେଉଥିଲେ ଓ ସୂର୍ଯ୍ୟାସ୍ତର ରକ୍ତିମ ଆଭା ମଧୁସ୍ମିତାର ମୁହଁରେ ପଡି ଏକ ଅପରୂପ ସୌନ୍ଦର୍ଯ୍ୟ ସୃଷ୍ଟି କରୁଥିଲା । ଅନୁପକୁ କେମିତି କେମିତି ଲାଗିଲା । ମନେହେଲା ଏ ଝିଅଟିକୁ ଯେମିତି ସିଏ ଅନେକ ଦିନରୁ ଜାଣିଛି । ଏତେ କମ୍ ସମୟର ପରିଚୟରେ ବି ଏତେ ଆତ୍ମୀୟତା ? ଆମେରିକାରେ ସିଏ ଅନେକ ଝିଅଙ୍କ ସହିତ ମିଶିଛି। ପ୍ରମ୍ ରେ ବି ଗୋଟିଏ ଝିଅ ସହିତ ଯାଇଥିଲା ଓ ନାଚ କରିଥିଲା । ସିଏ ହେଲା ଆମାଣ୍ଡା । କିଛିଦିନ ତା' ସହିତ ଅନୁପର ଭଲ ସଂପର୍କ ମଧ୍ୟ ଥିଲା । ହେଲେ ହୃଦୟରେ ଏମିତି ରକମର ଆଲୋଡନ କେବେ ଅନୁଭବ କରିନ ।

ଆମାଣ୍ଡାନିଜ ତରଫରୁ ଅନେକ ଆଗେଇଯିବାକୁ ଚାହୁଁଥିଲା । ହେଲେ ଅନୁପ ଭଲରେ ଜାଣିଥିଲା, ତାଙ୍କର ସଂସ୍କୃତିକୁ ଆମାଣ୍ଡା ଭଳି ସ୍ୱାଧୀନଚେତା ଝିଅ କେବେବି ଆପଣାର କରିପାରିବ ନାହିଁ । ଭାରତୀୟ ସଂସ୍କୃତିରେ ଯେଉଁ ତ୍ୟାଗ ରକମର ଜିନିଷଟିଏ ମିଶି ରହିଥାଏ, ପାଶ୍ଚାତ୍ୟ ସଂସ୍କୃତିରେ ତାର ଅର୍ଥ ବୁଝିବା ଅତ୍ୟନ୍ତ ଦୁଃସାଧ୍ୟ । ପାଶ୍ଚାତ୍ୟ ସଂସ୍କୃତିରେ ସବୁବେଳେ କର୍ତ୍ତବ୍ୟ ସହିତ ଅଧିକାର ଜୋଡି ହୋଇ ରହିଥାଏ । ହେଲେ ଭାରତୀୟ ସଂସ୍କୃତିରେ ଅଧିକାର ସାବ୍ୟସ୍ତ କରିବା ପୂର୍ବରୁ କର୍ତ୍ତବ୍ୟ କରାଯାଏ । ଏମିତି ଦେଖିଲେ ପାଶ୍ଚାତ୍ୟ ସଂସ୍କୃତି ସବୁବେଳେ ସ୍ୱଷ୍ଟ ଓ ବ୍ୟକ୍ତିକୈନ୍ଦ୍ରିକ । ତାହା କିଛି ଖରାପ ନୁହେଁ । ଜଣେ ଗୋଟିଏ ଚଳଣିକୁ ଗ୍ରହଣ କରିପାରିବନି ବୋଲି ଯେ ସେ ଚଳଣି ଖରାପ ସେମିତି ଭାବିବା ଭୁଲ୍ । ଆମେରିକାର ଚଳଣିରେ ଅନେକ ସବୁ ଭଲ ଦିଗ ରହିଛି । କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ରକମର ଚଳଣିରେ ଚଳି ଆସି, ଅଉ ଏକ ଅନ୍ୟ ରକମର ଜୀବନଧାରାକୁ ସ୍ୱୀକାର କରିନେବା ବି ଏତେ ସହଜ ନୁହେଁ । ବେଳେବେଳେ ଅନୁପ ନିଜ ବାବା, ମା'ଙ୍କ ସହିତ ଆମାଣ୍ଡାର ବାବା, ମା'ଙ୍କୁ ତୁଳନା କରେ । ଅନୁପର ବାବା, ମା'ଙ୍କର ବ୍ୟାଙ୍କ୍ ରେ ଏକାଉଣ୍ଟ୍ ଏକାଠି ଥାଏ । ସେମାନେ ସେଥିରୁ ଯାହାର ଯେତେବେଳେ ଦରକାର ସ୍ୱତନ୍ତ୍ର ଭାବେ ଖର୍ଚ୍ଚ କରନ୍ତି । ଆମାଣ୍ଡାର ପିତାମାତାଙ୍କର ଅଲଗା ଅଲଗା ବ୍ୟାଙ୍କ ଏକାଉଣ୍ଟ୍। ସେମାନେ ଭାଗ କରିନେଇଥାଆନ୍ତି କିଏ ଘରର ମୋରଗେଜ୍ ଦେବ ଓ କିଏ ସଉଦାପତ୍ର କିଣିବ ଓ ଅନ୍ୟାନ୍ୟ ଖର୍ଚ୍ଚ ସବୁ ତୁଲେଇବ ।

ISSN NO.
2582-208X

କେବଳ ଆମାଣ୍ଡା ନୁହେଁ, ଅନ୍ୟ କେତେଜଣ ସାଙ୍ଗ, ଯେଉଁମାନଙ୍କ ସହିତ ସିଏ ସ୍କୁଲ୍ ପ୍ରୋଜେକ୍ଟ କରିଛି ଓ ସ୍କୁଲ୍ର ସବୁ ବିଶେଷ ଟିମ୍ ରେ ମିଶିଛି, ସେମାନଙ୍କ ପରିବାରର ଚଳଣି ବିଷୟରେ ମଧ୍ୟ କିଛି ଧାରଣା କରିଛି । ସେଥିରୁ ସିଏ ଯାହା ଅନୁମାନ କରିଥିଲା, ସେଇ ଅନୁଯାୟୀ ଆମାଣ୍ଡା ଠାରୁ ଦୂରେଇ ରହୁଥିଲା । କାରଣ ଅନୁପ ଚାହୁଁଥିଲା, ଯଦି ସିଏ କେବେ ବାହାହୁଏ ଓ ସଂସାର କରେ, ତେବେ ତାର ବୈବାହିକ ସଂପର୍କ ତାର ବାବା, ମା'ଙ୍କ ସଂପର୍କ ଭଳି ହେବ । ସେ ସଂପର୍କ ବୁଝାମଣାର, ସ୍ନେହର, ଯତ୍ନର, ପରସ୍ପର ପ୍ରତି ସମ୍ମାନର । ଏମିତି ନୁହେଁ ଯେ, ତା' ବାବା, ମା' କେବେ ଝଗଡା ଲାଗନ୍ତିନି କି ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ହୁଏନି । ତେବେ ସେ ମନୋମାଳିନ୍ୟ ସେମାନେ ଅତି ସୁନ୍ଦର ଭାବେ ସମାଧାନ କରିନିଅନ୍ତି ।

ଅନୁପକୁ ଅନ୍ୟମନସ୍କ ଦେଖି ମଧୁସ୍ମିତା ପଚାରିଲା, "ତମେ କିଛି ଭାବୁଥିଲ ବୋଧହୁଏ । ଅନ୍ୟମନସ୍କ ଦିଶୁଛ । ଏବେତ ସନ୍ଧ୍ୟା ହେଲାଣି । ଚାଲ, ଅଟୋ ଡାକି ମନ୍ଦିର ଯିବା ।'

"ଚାଲ' କହି ଅନୁପ ରାସ୍ତା ଦିଗକୁ ଚାଲିବାରେ ଲାଗିଲା । ମଧୁସ୍ମିତା ତାକୁ ଅନୁସରଣ କଲା । ସେମାନେ ଗୋଟିଏ ଅଟୋ ଭଡା କରି ସାଙ୍ଗ ହୋଇ ଶ୍ରୀମନ୍ଦିର ଗଲେ ଓ ଜଗନ୍ନାଥଙ୍କ ସନ୍ଧ୍ୟା ଆରତୀରେ ଭାଗନେଲେ ।

ଫେରିବା ବେଳେ ମଧୁସ୍ମିତା ଅନୁପକୁ ପଚାରିଲା, "ଜଗନ୍ନାଥଙ୍କୁ କଣ ମାଗିଲ ?'

ଅନୁପ ଆଶ୍ଚର୍ଯ୍ୟଚକିତ ହେଲା, "ଜଗନ୍ନାଥଙ୍କୁ କଣ ଆଉ ମାଗିବି ? ସିଏ ତ ମୋତେ ସବୁକିଛି ଦେଇଛନ୍ତି । ସୁନ୍ଦର ପରିବାର, ମୁଁ ଚାହୁଁଥିବା ପ୍ରଫେସନ୍ ଓ ସବୁକିଛି ସୁଖ । ମୋର ଆଉ କଣ ଦରକାର ?'

ମଧୁସ୍ମିତା - "ତା ଅର୍ଥ ତମର କଣ ବାହାଘର ସରିଛି ? ମାନେ ନିଜର ପରିବାର ଅଛି ?'

ISSN NO.
2582-208X

ଅନୁପ – "ଆରେ ନା, ମୋ ପରିବାର ମାନେ, ବାବା, ମା', ଗୁରୁ ଅପା ଓ ସାନ ଭାଇ ଅରୂପ । ଏଇତ ଗୁରୁ ଅପାର ନିର୍ବନ୍ଧ ପାଇଁ ଆମେ ଓଡିଶା ଆସିଥିଲୁ । ତା' ବାହାଘର ୬ ମାସ ପରେ ହେବ । ତାପରେ ଯାଇ ମୋ ବାହାଘର ହେବ ।'

ମଧୁସ୍ମିତା – "ସରି । ମୁଁ ଟିକେ ବୋକୀ । ବେଳେବେଳେ ସିଧାକଥା ବି ବୁଝିପାରେନି । ଆଉ ତମର ଗାର୍ଲଫ୍ରେଣ୍ଡ୍, ତାଙ୍କ ପାଇଁ କିଛି ମାଗିଲନି ।'

ଅନୁପ – "ଫ୍ରେଣ୍ଡ ତ ଅଛନ୍ତି, ଯେଉଁମାନେ କି ଗାର୍ଲ, ହେଲେ ତମେ ଯେଉଁ ଅର୍ଥରେ ପଚାରୁଛ, ସେମିତି ନୁହେଁ । ମୋ ବାବା, ମା' ମତେ କିଛି ସଂସ୍କାର ଦେଇ ବଢେଇଛନ୍ତି । ସେ ସଂସ୍କାରକୁ ବୁଝିବା ଭଳି ଝିଅ ସାଙ୍ଗ ଏପର୍ଯ୍ୟନ୍ତ ମୁଁ ଭେଟିନି । ହେଲେ ମୋ ମା'ଙ୍କ ବିଶ୍ୱାସ, ମୁଁ ସେମିତି ଝିଅ ଦିନେନା ଦିନେ ନିଶ୍ଚୟ ଭେଟିବି । ତେଣୁ ଅପେକ୍ଷାରେ ଅଛି।'

ଏମିତି କହିସାରି ଅନୁପ ଏବେ ମଧୁସ୍ମିତାକୁ ପଚାରିଲା, "ଆଉ ତମେ କଣ ମାଗିଲ ?'

"ମୁଁ ତ ବହୁତ କିଛି ମାଗିଲି । ମୋ ବାବାଙ୍କର ବ୍ଲଡ୍‌ପ୍ରେସର୍, ତାଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଆଶୀର୍ବାଦ ମାଗିଲି । ମା'ଙ୍କର ପଦୋନ୍ନତି ପାଇଁ ବି କରୁଣା ମାଗିଲି । ସିଏ ଏତେ ବର୍ଷ ଚାକିରି କରିବା ସତ୍ତ୍ୱେ ବି ରାଜନୀତି କରି ତାଙ୍କୁ ପଦୋନ୍ନତି ଦିଆଯାଉନି । ମୋ ଭାଇର ଗାର୍ଲଫ୍ରେଣ୍ଡ୍ ସହିତ ବ୍ରେକ୍‌ଅପ୍ ହୋଇଗଲା, ତାକୁ କେମିତି ଜଣେ ଭଲ ଗାର୍ଲଫ୍ରେଣ୍ଡ୍ ମିଳୁ, ସେକଥା ବି ମାଗିଲି ।'

ମଧୁସ୍ମିତାର ଉତ୍ତର ଶୁଣି ଅନୁପ ପୁଣି ପଚାରିଲା, "ତମ ନିଜ ପାଇଁ କିଛି ମାଗିଲନି ?'

"ସେସବୁ ତ ମୋ ନିଜ ପାଇଁ ମାଗିଲି । ମୋ ପରିବାରର ସମସ୍ତେ ଖୁସି ରହିଲେ ସିନା ମୁଁ ଖୁସି ରହିବି ।'

ISSN NO.
2582-208X

ଏତିକି ସେମାନେ ମନ୍ଦିରରେ କଥାବାର୍ତ୍ତା ହୋଇଥିଲେ । ତାପରେ ରାତ୍ରଭୋଜନ ପାଇଁ ମହାରାଜା ରେଷ୍ଟୁରାଣ୍ଟକୁ ଗଲେ । ସେଇଠି ଖାଇବା ବେଳେ ଅନୁପ ପଚାରି ଦେଇଥିଲା, "ଆଉ ତମ ଭବିଷ୍ୟତ ବିଷୟରେ, ପୁରୁଷ ବନ୍ଧୁ ବିଷୟରେ କିଛି ତ କହିଲନି ।'

ମଧୁସ୍ମିତା ହସିଲା । "ଜାଣିଲ ଅନୁପ, ସେଇ କ୍ଷେତ୍ରରେ ତମର ମୋର ପରିସ୍ଥିତି ଏକା ଭଳି। ମୋ ବାବା, ମା' ଦେଇଥିବା ସଂସ୍କାରକୁ ବୁଝିବା ଭଳି ପୁଅ ସାଙ୍ଗ ଏପର୍ଯ୍ୟନ୍ତ ମୁଁ ଭେଟିନି । ତେଣୁ ଅପେକ୍ଷାରେ ଅଛି ।'

ଅନୁପ ଏବେ ହସିଲା । "ମୋରି କଥା ମତେ କହୁଚ । ଜାଣିଛ, ଗୁରୁଅପା ଥିଲେ କଣ କହିଥାଆନ୍ତା ?'

"କଣ ?'

"ମୋରି କଥା କହୁଚୁ, ମୋ ବାର ବରଷର ପାଣିଆ ଘୁଅ ଗୁଟିଗୁଟି ଯାଉଛୁ ।' - ଏସବୁ ଉଚ୍ଚସ୍ୱରରେ କହି ଅନୁପ ଏତେ ହସିଲା ଯେ, ନ ହସି ମଧୁସ୍ମିତା ରହିପାରିଲା ନାହିଁ । ପାଖ ଟେବୁଲ୍ ରେ ଜଣେ ଦଂପତ୍ତି ବସିଥିଲେ । ସେମାନେ ବି ହସିହସି ଗଡିଗଲେ । କହିଲେ, "ତମେ ଆମକୁ ଏତେ ହସେଇଦେଲ ଯେ ପୁଅ, ଆମମାନଙ୍କ ପିଲାବେଳ ଆମକୁ ମନେପଡିଯାଉଛି ।'

ମଧୁସ୍ମିତା ସେମାନଙ୍କୁ କହିଲା, "ସରି ଅଙ୍କଲ୍, ସରି ଆଣ୍ଟି, କିଛି ଭାବିବେନି । ଖାଇବା ବେଳେ ଏମିତି ଗନ୍ଧିଆ କଥା ହୁଅନ୍ତୁନି ବୋଲି ମା' କହନ୍ତି । ହେଲେ ଆମେମାନେ ଟିକେ ବଡପାଟି କରିଦେଲୁ ।'

ଅନୁପ କାନ ଧରିଲା, "ସତରେ ମୁଁ ଦୁଃଖିତ ସାଙ୍ଗ । ଏତେଟା ଖୁସି ହୋଇଗଲି ଯେ ସ୍ଥାନ, କାଳ, ପାତ୍ର ଭୁଲିଗଲି । ଖାଇବା ବେଳେ ଏମିତି ସବୁ ଗନ୍ଧିଆ ଶବ୍ଦ କହିଲେ ନା ଗୁରୁ ଅପା ଭାରି ରାଗେ ।'

ISSN NO.
2582-208X

ମଧୁସ୍ମିତା କଣେଇ ଗ୍ଭହିଁଲା । "ଏମିତିତ ହୁଏ । ବେଳେବେଳେ ମନରେ ଉନ୍ମାଦନା ଆସେ । ସେତେବେଳେ ସ୍ଥାନ, କାଳ, ପାତ୍ର ସବୁ ଭୁଲି ହୋଇଯାଏ । ଆପଣ ନିଜକୁ ନିଜେ ବୁଝିଲେ। ସେଇଟା ବଡ କଥା ।'

ଏମିତି କହି ମଧୁସ୍ମିତା ପଗ୍ଭରିଲା, "ଜାଣିଛ, ଏଟା କାହାର ଡାଇଲଗ୍ ।'

"କାହାର ?'

"ମୋ ବାବାଙ୍କର । ମୋ ମା' ବେଳେବେଳେ ଅତି ବିହ୍ୱଳ ହୋଇଯାଆନ୍ତି ଓ ଅନେକ କିଛି କହିଦିଅନ୍ତି । ପରେ ଅନୁତାପ କଲେ, ବାବା ତାଙ୍କୁ ଏମିତି କହି ବୁଝାନ୍ତି ।'

ହୋଟେଲ୍‌ର ପରିଗ୍ଭରକ ଜଣେ ଏବେ କିଛି ସିଙ୍ଗଡା, ପକୋଡି ସହିତ ଚଟଣି ଓ ଦୁଇଟି ଲସି ଗ୍ଲାସ୍ ଆଣି ରଖିଦେଇଗଲା । ସେମାନେ ଖାଇବା ଆରମ୍ଭକଲେ । ଖାଉଖାଉ ଅନୁପ ପଗ୍ଭରିଲା, "ତମେ ସବୁ ଆମେରିକା କେବେ ଫେରୁଛ ?'

"ଆମେ ଗୋଟିଏ ସପ୍ତାହ ପରେ ଫେରିବୁ । ତମେ ମୋ ଫୋନ୍ ନମ୍ବର ରଖ । ପାଖ ରାଜ୍ୟରେ ତ ରହୁଛ । କେବେକେବେ ଭେଟିବା ନିଶ୍ଚୟ ।' ଏମିତି କହି ମଧୁସ୍ମିତା ତା'ର ଆମେରିକାର ଫୋନ୍ ନମ୍ବର ଦେଲା ।

"ଧନ୍ୟବାଦ । ତମେ ମଧ୍ୟ ମୋର ଆମେରିକାର ଫୋନ୍ ନମ୍ବର ରଖ । କେବେ ଯଦି ମେରୀଲାଣ୍ଡ୍ ଆସୁଥାଅ ତ ନିଶ୍ଚୟ ଭେଟ ହେବ ।' - ଅନୁପ ନିଜର ଫୋନ୍ ନମ୍ବର ଦେଉଦେଉ କହିଲା ।

ପାଖ ଟେବୁଲ୍‌ରେ ବସିଥିବା ଦୁଇଜଣ ଭଦ୍ରଲୋକଙ୍କ କଥାବାର୍ତ୍ତା ସେମାନଙ୍କ କାନରେ ପଡିଲା। ସେମାନେ ଖାଦ୍ୟ ଅର୍ଡର୍ କରି ଅପେକ୍ଷା କରି ବସିଥିଲେ ଓ ଦୁଃଖସୁଖ ହେଉଥିଲେ। ତାଙ୍କ ଭିତରୁ ଜଣେ କହୁଥିଲେ, "ଜାଣିଲୁରେ ସାଙ୍ଗ, ସେଇ ଜଗାର ଇଚ୍ଛା ସବୁ। ବୁଝିଲୁ, ସିଏ ଯଦି ଗ୍ଭହିଁବ ନା ତୋର ସବୁ ଯୋଗାଯୋଗ ଠିକ୍‌ଠାକ୍ ହୋଇଯିବ । ଗ୍ଭକିରି କହ, ସହଧର୍ମିଣୀ କହ, ବନ୍ଧୁ କହ, ସବୁ ସେଇ ଜଗାର ସଂଯୋଗ ।'

ISSN NO.
2582-208X

ଅନୁପ ଟିକେ ଆଖିମାରି ମଧୁସ୍ମିତାକୁ ସୂଚନା ଦେଲା, "ଶୁଣିଲ ତ ? ସବୁ ସେଇ ଜଗାର ସଂଯୋଗ । ଜଗା ଗ୍ରହିଁବେ ତ ଆମେ ନିଶ୍ଚୟ ଭେଟିବା ।'

ମଧୁସ୍ମିତା ମୁଣ୍ଡ ହଲେଇ ଜବାବରେ କହିଦେଲା, "ମୁଁ ବି ତମ କଥା ବିଶ୍ୱାସ କରେ ।'


ବାହାରେ ସେ ସମୟରେ ଝିଟିପିଟିଟିଏ ଶବ୍ଦ କଲା । ଅନୁପ ଯୋଗକଲା, "ସତସତିଆ କହିଲା - ହଁ ।'

-୦-

ରଦରେ୍‌ଫାର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଶଂଖା ସିଂଦୂର !



ପ୍ରଫେସର ସୁଶାନ୍ତ କଶୋର ବଳ

*ଶଂଖା ବି ଲାଲ୍ ସିଂଦୂର ବି ଲାଲ୍ !*
*ଦୁହେଂ ଅବିଛେଦ୍ୟ ଦୁହେଂ ଉଦ୍ଧାମ ! ନାରୀଶକ୍ତିର ଅଗ୍ରଣୀ ଧ୍ଵଜା ବହନକାରୀ*
*ମାତ୍ରୁଶକ୍ତିର ଚାଂକେ ସଶକ୍ତ ପ୍ରହରୀ ! ଯେବେଯାଏ ଦୁହେଂ ଅପଘନେ ଶୋଭିତ,*
*ନାରୀ ଉର୍ଜ୍ଵଶୀଳ ସୌରଭେ ମହକିତ !*
*ଶକ୍ତିର ଉତ୍ସ ସୌର୍ଯ୍ୟର ତମୋଘ୍ନ(ଅଗ୍ନୀ) !*
*ଦୂରିଦିଏସେ ଯେତେ ଆପଦ ତମିସ୍ର ! ଦୁହିଂକର ଥାଏ ଅଦ୍ଭୁତ ସମ୍ମିଶ୍ରଣ*
*ସାଥେ ବିତାଇଥାନ୍ତି ହରପଲ୍ ହରଖ୍ୟଣ !*
*ସିଂଦୂର ନୁହେଁ ସେତ ପ୍ରଭାତର ସିଂଦୂରା*
*ଯେ ଖୋଲିଥାଏ ସୌଭାଗ୍ୟ ଫୁଆରା !*
*ତା ସାନ୍ନିଧ୍ଯେ ହୁଏ ନର ବଳୀୟାନ !*
*ନିମିଷେକେ ହୁଏ 'ଅରି' ସମଶାନ !*
*ଲଖ୍ୟେ ଉର୍ଜାଶକ୍ତି ହୁଏ ନୀର୍ଗତ !*
*ଶତ୍ରୁ ହୋଇଥାନ୍ତି ସହସା ପରାହତ !*
*ରଣଖେତ୍ରେ ଯେବେ ଯାଅଇ ସୈନିକ*
*ସିଂଦୂରକୁ ଛୁଇଂ ନିଅଇ ଶପଥ !*
*ତାହାରି ଶକ୍ତିରେ ଦିଏ ରଣହୁଂକାର*
*ବିପଖ୍ୟ ଛାଉଣି ହୁଅଇ ଛାରଖାର ?*
*ଶଂଖାଚୂଡି ନାରୀର ଅମୋଘ ଅସ୍ତ୍ର*
*ଗୋଲାକାର ଆକାର ତା' ଶକ୍ତିର ବଳୟ !*

ISSN NO.
2582-208X

*ତା ଝଣଝଣ ଶବଦେ କମ୍ପଇ ମେଦିନୀ*

*ଶଙ୍ଖନୁହେଂ ସେତ ଶଙ୍ଖର ଅସ୍ତ୍ର,*

*ଦିଗ ଚଉଦିଗ ତା' ପ୍ରଭାବ  ଲମ୍ବିତ  !*

*ଆକାଶ, ପାତାଳ, ବସୁଧା ହୁଅଇ ଶଙ୍କିତ !*

*ଦୁହିଂକ ଆକ୍ରମଣ ବଜ୍ର ଓ ବାରିଧ !*

*ତାଂକ କବଳୁ ମୁକ୍ତି ହୁଏନି  ଅନାୟାସ !*

*ହେୟଗ୍ୟାନ ନକର ତାଂକର ଶକତି !ତାଂକ ସାହଚର୍ଯ୍ୟେହିଂ ମିଳିବ ମୁକତି !*

*[କିଛି ଶଙ୍କାର୍ଥ : ଅପଘନ : ଶରୀର /ଆପଦ: ବିପଦ/ତମିସ୍ର :ଅଂଧକାର / ତମୋଘ୍ନ : ସୂର୍ଯ୍ୟ,ଅଗ୍ନୀ/ସାହଚର୍ଯ୍ୟ : ସାହାଯ୍ୟ]*

କଟକ

ISSN NO.
2582-208X

# ତୁମ ଏ ସୁନ୍ଦର ସର୍ଜନା



ଶାନ୍ତଲତା ମିଶ୍ର

ହେ ସୃଷ୍ଟି କର୍ତ୍ତା ପ୍ରଭୁ !
କେଡେ ସୁନ୍ଦର ସତେ ତୁମ ଏ ସର୍ଜନା !
କନ୍ତୁ ଏବେ ସେଥିରେ,
ଭରି ଗଲାଣି ବହୁତ ଆବର୍ଜନା ।
ସଫା କରିବାର ବେଳ ଆସିଗଲା,
କନ୍ତୁ କିଏ ସେ କରିବ ସଫା ।
କରି ନେଲେଣି ସମସ୍ତେ,
ମଇଳା ଭିତରେ ରହିବାର ଅଭ୍ୟାସ ଟା ।
ଭାଇ ଚାହୁଁ ନାହିଁ ଭାଇର ମୁହଁକୁ,
ସ୍ୱାମୀ ଚାହୁଁ ନାହିଁ ସ୍ତ୍ରୀର ।
କୁହ ଏଠି କେମିତି ରହିବ,
ମଧୁର ସଂପର୍କ କାହା ସହିତ କାହାର ।
ଯେଉଁ ସବୁ ସଂପର୍କ ଦିନେ
ମଧୁରରେ ହେଉ ଥିଲା ଗଣା ।
ଏବେ ସେଇ ସଂପର୍କକୁ କାଟିଦେଇ
ଏ ମଣିଷ ହେଉଅଛି ବାଟ ବଣା ।
ସ୍ନେହ ଶ୍ରଦ୍ଧା ସବୁ ତିକ୍ତତାରେ
ଭରି ଯାଇ ହୋଇଗଲାଣି ବିଷାକ୍ତ ।

ISSN NO.
2582-208X

ଅବାଟରେ ଯାଇ ଲୋକେ,
ଅପଥ୍ୟରେ ହେଉ ଅଛନ୍ତି ଆସକ୍ତ ।
କିନ୍ତୁ କଣ କରିବି ସବୁ ଦେଖି ଚାହିଁ
ନିରବରେ ରହି ଯାଉଛି ।
ସହି ହୁଏ ନାହିଁ, କହି ହୁଏ ନାହିଁ,
କହିଲେ କିଏ ବା ଶୁଣୁଛି ।
ଢାଳିବା ବାଲି ତ ଉପରେ ବସିକି
ନିରନ୍ତରେ ଢାଳ ଚାଲୁଛନ୍ତି ।
ଗୋଟେ ପାତ୍ରେ ବିଷ, ଗୋଟେ ପାତ୍ରେ ଅମୃତ,
ପିଇବାକୁ ବାଧ୍ୟ କରୁଛନ୍ତି ।
ଅମୃତ ପିଇକି ବଞ୍ଚି ଉଠୁଛି ମୁଁ,
ବିଷ ପିଇ ପୁଣି ମରି ଯାଉଛି ।
ଅଲୌକିକ ଅଘଟଣ କଥା
ନିତି ଏ ସଂସାରେ ଦେଖି ଚାଲିଛି ।
ଦେଖିବା ସମ୍ଭବ ହେଉ ନାହିଁ ଆଉ,
କହିବି କାହାକୁ ପାରୁନି ବି ଜାଣି ।
ଅବଶୋଷ ମନ ଖୋଜୁଛି ତୁମକୁ ପ୍ରଭୁ ହେ,
ଆସି ପୋଛ ଏ ଆଖିରୁ ପାଣି ।
ବିଭିନ୍ନ ବେଶରେ ଆସିଛ ପୂର୍ବରୁ ଏ ଧରା ଧାମକୁ,
ଆଉ ଥରେ ଆସି ଯାଅ ।
ଯେଉଁ ପରିକଳ୍ପନାରେ ଗଢିଥିଲ ବିଶ୍ୱ,
ଅଛି କି ନାହିଁ ସେପରି, ନିଜ ଆଖିରେ ଦେଖି ଯାଅ ॥

ରଚେଷ୍ଟର, ମିନେସୋଟା

ISSN NO.
2582-208X

# ସରଗ ସମ ମୋ ଗାଁଆ



ପ୍ରଭାତ ନଳିନୀ ସାହୁ

ଯେଉଁଠି ବର, ତାଳ, ନଡିଆ
ପଣସ, ଆମ୍ବ ତୋଟା,
କଆ, କେତକୀ, ମଧୁମାଳତୀ
ଶୋଭଇ କୁଞ୍ଜ ଲଟା।
କୁଳୁକୁଳୁ ତା ଗୀତର ସୁରେ
ନଦୀ ଆଗକୁ ଧାଁଏ,
ସୁମନ ଫୁଟି ପବନେ ଝୁଲି
ବାସ ମହକଯାଏ।
ସୁଲୁସୁଲିଆ ଧୀର ସମୀର
ସର୍‌ଗେ ଆସେ ବହି,
ବାଳ ସୂରୁଯ ବୁଣେ ମୁରୁଜ
ଯାମିନୀ ଗଲେ ପାହି।
ଫସଲ ଭର୍‌ ସବୁଜ କ୍ଷେତ
ଯହିଁ ହସଇ ନିତି,
ବନ, କେଦାର ରୂପ ସମ୍ଭାର
ହୁଏନ ଯହିଁ ଇତି।

ଦେବ ଦେଉଳୁ ଧୂପ, ଦୀପର
ବାସ ଚହଟିଆସେ,
ନନାଙ୍କ ପୂଜା ମନ୍ତ୍ର, ଘଣ୍ଟି
ଗାଁଆର ଦୁଃଖ ନାଶେ।
ସେଇ ମୋ ଗାଁଆ ସରଗ ସମ
ମମତାମଖା ଭୂଇଁ,
ଅଭୁଲ୍‌ ତାର ରୂପ ମାଧୁରୀ
ଭୁଲି ମୁଁ ପାରୁନାହିଁ।

ଛେଣ୍ଡ କଲୋନୀ
ରାଉରକେଲ୍‌ ୧୫

ISSN NO.
2582-208X

# ଆମଦାନୀ ରପ୍ତାନୀ



ଡକ୍ଟର ମଧୁସ୍ମିତା ମିଶ୍ର

ସେଦିନ ମଇନା ଠାରୁ ଫୋନ ପାଇ ରୀତା ପୁରା ଆଶ୍ଚର୍ଯ୍ୟ ହେଇଗଲା। ନିଶ୍ଚୟ କିଛି ଭଲ କଥା, ବା ଗୁଲି ଖଟି, ନହେଲେ ରୋଚକ ତଥ୍ୟ ଦେବା ପାଇଁ ମଇନା ଫୋନ କରିଛି ।

ଦିନ ଦିପହରେ ଫୋନ । ସେ ନିଜେ ତ ତା ଅଫିସ କାମ ରେ ବ୍ୟସ୍ତ ଥିବ ଆଉ ରୀତା ମଧ୍ୟ ତା କଲେଜ କାମ ରେ ମଗ୍ନ ଥିବ । ହେଲେ ସଂଯୋଗ କୁ ସେଦିନ ଗୋଟାଏ କଣ ରାଷ୍ଟ୍ରୀୟ ଛୁଟି ଥିଲା, ବୋଧହୁଏ ଗାନ୍ଧୀ ଜୟନ୍ତୀ ବା ସ୍ୱାଧୀନତା ଦିବସ ଥିଲା । ରୀତା ଫୋନ ଟି ଉଠେଇଲା ।

ହ୍ୟାଲୋ, ହଁ, କଣ ହେଲା ମଇନା, ଏତେ ଦିନ ପରେ ପୁଣି ଦିପହରେ ? ପଚାରିଲା ରୀତା।

ଆଲୋ ତୁ କଣ ଭୁଲି ଯାଇଛୁ କି ଆଜି ପରା ଗାନ୍ଧୀ ଜୟନ୍ତୀ ତୋର ଛୁଟି, ମୋର ବି ଛୁଟି। ତେଣୁ ଏ ଅମୂଲ୍ୟ ସମୟ, ତୋ ସହ କଥା ହେଇ କାଟିବାକୁ ଇଚ୍ଛା ହେଲା ।

ମଇନା ରୀତା ର ପିଲା ଦିନ ର ସାଙ୍ଗ ।

ରୀତା ର ବାପା ଥିଲେ ସହର ର ନାମଜାଦା ଡାକ୍ତର, ଆଉ ମଇନା ର ବାପା ଥିଲେ ସେ ସମୟ ର ପ୍ରସିଦ୍ଧ ଆଇ ଏ ଏସ ଅଫିସର । ଉଭୟଙ୍କ ଘରେ ବଡ ପରିବାର ଥିଲା, ଭାଇ ଭଉଣୀ ଜେଜେ ବାପା, ଜେଜେମା । ଘର କାମ କରିବାକୁ ଦୁଇ ଦୁଇଟା ଲୋକ, ବାହାର କାମ କରିବାକୁ ଦୁଇ ତିନି ଜଣ ଆଦି ଲୋକ ଥିଲେ । ରୋଷାଇ କରିବାକୁ ମଇନା ଘରେ ତିନିଜଣ, ରୀତା ଘରେ ଜଣେ ବିଧବା ବ୍ରାହ୍ମଣୀ ସ୍ଥାୟୀ ଭାବରେ ରହୁଥିଲେ।

ISSN NO.
2582-208X

ରୀତା ର ପୁରା ମନେଅଛି ସେତେବେଳେ ରକ୍ଷଣଶୀଳ ସମାଜ ରେ ବହୁ ଶାସନ, ଅନୁଶାସନ ଭିତରେ ଝିଅମାନଙ୍କୁ ଚଳିବାକୁ ହେଉଥିଲା । ଆଜିକାଲି ପରି ସେତେବେଳେ ମାମି, ପାପା ଡାକ ର ପ୍ରଚଳନ ନ ଥିଲା। ବ୍ରାହ୍ମଣ ଘରେ ବୋଉ ଆଉ ନନା ବୋଲି ବାପା, ମା କୁଁପିଲାମାନେ ସମ୍ବୋଧନ କରୁଥିଲେ। ସେମାନଙ୍କ ଘରେ ଯଦିଓ ଝିଅମାନଙ୍କୁ ପାଠ ପଢିବାକୁ ଛାଡୁଥିଲେ, କିନ୍ତୁ ଘର ର ଶୃଙ୍ଖଳା ଭିତରେ ପିଲାମାନେ ଅନୁବନ୍ଧିତ ଥିଲେ। ଡାକ୍ତର ରଜତ ବାବୁ ଙ୍କ ଘରକୁ ଯିବାରେ ମଇନା ପାଇଁ କୌଣସି କଟକଣା ନ ଥିଲା କିମ୍ବା ଆଇଏସ ଦୀନବନ୍ଧୁ ବାବୁଙ୍କ ଘରେରୀତା ସମୟ ଅସମୟରେ ହାଜିର ହେବା ରେ ମଧ୍ୟ ବାରଣ ନ ଥିଲା ।

ଆଇ.ଏ ପଢା ସରୁ ସରୁ ଫଳ ବାହାରିବା ଆଗରୁ ମଇନା ର ବାହାଘର ହୋଇଯାଇଥିଲା। ମଇନା ବାହା ହେଇଥିଲା ଜଣେ ଆଇପିଏସ ଅଫିସର ଙ୍କୁ । କିନ୍ତୁ ରୀତା ବାହାଘର ମଇନା ବାହାଘର ର ବହୁ ବର୍ଷ ପରେ ହୋଇଥିଲା । ସେତେବେଳେ ମୋବାଇଲ ଫୋନ ର ପ୍ରଚଳନ ନ ଥିଲା। ରୀତା ପଢା ପଢି ରେ ବ୍ୟସ୍ତ ରହି ମଇନା ଖବର ରଖି ପାରି ନ ଥିଲା।

ପରେ ଶୁଣିଥିଲା ମଇନା ବାହାଘର ପରେ ପଢାପଢି ଜାରି ରଖି ଏମ ଏ ପାସ କରିବା ସହ ନିଜେ ଜଣେ ସଫଳ ଉଦ୍ୟୋଗୀ ମଧ୍ୟ ହୋଇଥିଲା।

ହଠାତ ମୋବାଇଲ ର ହ୍ଵାଟ୍ସ ଆପ ଗ୍ରୁପ ରେ ଦେଖା, ଆଉ ଲୁଚିଯାଇଥିବା, ହଜି ଯାଇଥିବା ବନ୍ଧୁତ୍ଵ ପୁଣି ଥରେ ଉଜ୍ଜୀବିତ ।

ଦିନେ ଦିନେ ଘଣ୍ଟା ଘଣ୍ଟା ଧରି ଗପୁଥିଲେ ଦୁଇ ସାଙ୍ଗ। ଢିଙ୍କିଶାଳ ରୁ ଢେଙ୍କାନାଳ ଯାଏଁ କଥା ପଡୁଥିଲା । ନ ଥିଲା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କର ଚର୍ଚ୍ଚା। ପରସ୍ପର ପିଲାମାନଙ୍କ କଥା ପଡିଲେ ଦୁହେଁ ଯାକ ଏକ ସ୍ଵରରେ କୁହନ୍ତି ହଁ। ଏବେ ପିଲାମାନଙ୍କୁ ଆଉ ନାତି ନାତୁଣୀମାନଙ୍କୁ ହ୍ଵାଆସଆପ୍ ଭିଡ଼ିଓ କଲ ରେ ଯାହା ଦେଖିବା କଥା। ଯାହାହେଉ ସେମାନେ ଯେ ତାଙ୍କ ବ୍ୟସ୍ତ ବହୁଳ ଜୀବନ ରୁ ସମୟ କାଢି ଆମେ ବୁଢାବୁଢିଙ୍କୁ ସେମାନଙ୍କ ପିଲାମାନଙ୍କୁ ଦେଖାଉଛନ୍ତି, ସେଇଟା ବଡ କଥା । କେତେବେଳେ ମଇନା କହୁଥିଲା କେମିତି ମାଉସୀ ମାନେ ତା ବୋଉ ତାଙ୍କ ଗାଁ ରୁ ଶଗଡ ରେ ଆସିଥିବା ଚାଉଳ ବସ୍ତା ରେ କେତେ ଚାଉଳ ଆସିଛି ବୋଲି ଜଣେ ବୋଲକରା ହାତରେ ଗୌଣିରେ ମପାଉଥିଲେ । ଆଉ

ISSN NO.
2582-208X

ସବୁ ଚାଉଳ ବସ୍ତାତକ ତାଙ୍କ ଘରେ ଥିବା ଭଣ୍ଡାର ଘରେ ଯଥାସ୍ଥାନ ରେ ରଖାଉଥିଲେ । ତାପରେ ଉପର ମହଲା କୁ ଯାଇ ନିଜ ଶୋଇବା ଘରେ ଥିବା ହିସାବ ଖାତାରେ ହିସାବ କରି କେତେ ସେର ବା କେତେ କିଲୋ ଚାଉଳ ହେଲା ଲେଖି ରଖୁଥିଲେ। ସେତେବେଳେ ନ ଥିଲା ମୋବାଇଲ ଫୋନ ନଥିଲା ମଧ୍ୟ କାଲକୁଲେଟର। ମୁହଁରେ ମୁହଁରେ, ପାଟିରେ ପାଟିରେ ହିସାବ। ଏହା ପ୍ରଖର ସ୍ମରଣଶକ୍ତି, ଓ ବୁଦ୍ଧିମତ୍ତାର ପରିଚୟ ପ୍ରଦାନ କରେ । ରୀତା ଶୁଣାଉଥିଲା ତା ବାପାଙ୍କର, ବୋଉଙ୍କର ସ୍ଥିତି, ଆଭିଜାତ୍ୟ, ବଡପଣିଆ, ଛୋଟପଣିଆ, ଧନୀ, ଗରିବ ନିର୍ବିଶେଷ ରେ ଯିଏ କେହି ଆସୁ ନା କାହିଁକି ସମସ୍ତଙ୍କୁ ସମ ପରିମାଣ ଭଲପାଇବା, ଆବଶ୍ୟକୀୟ ଚିକିତ୍ସା, ସେବା ଯତ୍ନ ଓ ଆତିଥ୍ୟ ପ୍ରଦାନ । ସେତେବେଳ ର ସମୟ ଓ ଯୁଗ ଅଲଗା ଥିଲା ।

ଏଇ ରୀତା, କଣ ଶୋଇ ପଡିଲୁ ନା କଣ ? ମଇନା ପଚାରୁଥିଲା ।

ନାହିଁମ, ଯାହା ବା ଶୋଇଥାନ୍ତି, ତୁ ତ ଉଠାଇଦେଲୁ । ତୋ ଗପ ପେଡି ସାମ୍ନା ରେ ନିଦମାଉସୀ ଙ୍କୁ ବାଏ ବାଏ କରିଦେଲି । ହଉ ଛାଡ଼େ, କଣ କହିବୁ କହ ।

ଆଧୁନିକତା ରେ ମସଗୁଲ ସାଙ୍ଗମାନଙ୍କ ହ୍ଵଅଟ୍ସ ଆପ ଗ୍ରୁପ ରେ କୀର୍ତ୍ତି କଳାପ ଓ କଥାବାର୍ତ୍ତା କୁ ନେଇ ନାନା ରକମ ଟାହି ଟାପରା କରି ବହେ ହସୁଥିଲେ। ଉଭୟ ଭିନ୍ନ ଭିନ୍ନଗୃପ ରେ ସଭ୍ୟା ଥିଲେ। ମଇନା ଓ ରୀତା ନିଜ ନିଜ ପରିଚିତମାନଙ୍କ ଗୃପ, କିଟି ପାର୍ଟି, ସହକର୍ମୀମାନଙ୍କ ଗୃପ, ସମ୍ପୃକ୍ତ ମହିଳା ମାନଙ୍କ ଗୃପ, ଆଧ୍ୟାତ୍ମିକ ଗୃପ, ଆଦି ରେ ସଭ୍ୟା ଥିଲା ବେଳେ ଉଭୟ ସ୍କୁଲ ସାଙ୍ଗମାନଙ୍କ ଗୃପ ଆଉ କଲେଜ ସାଙ୍ଗମାନଙ୍କ ଗୃପ ରେ ଏକାଠି ସଭ୍ୟା ଥିଲେ ।

ବୁଝିଲୁ ରୀତା, କିଏ ରାତି ଦଶଟା ସାଢେ ଦଶଟା ରେ କିଶୋର କୁମାର, ଲତାଙ୍କର ରୋମାଣ୍ଟିକ ଗୀତ ପୋଷ୍ଟ କରୁଛନ୍ତି ତ କିଏ ପୁଣି ଗୃପ ର ସଭାପତି ବା ସଭାପତ୍ନୀଙ୍କ ପାଇଁ ଗୀତ ଡେଡିକେଟ ବା ତାଙ୍କ ଉଦ୍ଦେଶ୍ୟରେ ଗୀତ ଦେଉଛନ୍ତି।

ମଇନା କଥା ଶୁଣି ରୀତା କହିଲା ଆଲୋ, ରହ ରହ ଯେ ସଭାପତି ମୁଁ ବୁଝିଲି ଆଉ ସଭାପତ୍ନୀ ଶବ୍ଦ ଟା ମଗଜରେ ପଶିଲାନି ।

ISSN NO.
2582-208X

ମଇନା ହସି ହସି ଉତ୍ତର ଦେଲା, ଆଲୋ ମୂର୍ଖ, ସଭାପତିଙ୍କ ମହିଳା ରୂପ ହେଲେ ସଭାପତ୍ନୀ, ବୁଝିଲୁ।

ସବୁଠାରୁ ମଜା ର କଥା ହେଉଛି କେତେକ ଗ୍ରୁପ ରେ ଖାଲି କବି, କବୟତ୍ରୀ ଆଉ ଲେଖକମାନେ ଗଜୁରୁଛନ୍ତି । ଭଲ କଥା, ଉତ୍ତମ ପ୍ରଗତି , କିଏ ପୁଣି ପ୍ରାକୃତିକ ଦୃଶ୍ୟ ର ଫଟୋ ଉଠାଇ ପୋଷ୍ଟ କଲାବେଳେ, ଛାତ ଉପରେ କରିଥିବା କିଚେନ ଗାର୍ଡେନ ର ଫୁଲ, ଫଳ ଓ ପନିପରିବା ର ଫଟୋ କମ୍ପିଟିସନ କରି ଜଣଙ୍କ ପରେ ଜଣେ ପୋଷ୍ଟ କରି ବାହାବା ସାଉଣ୍ଟିବା ବେଳେ ଆଉ ଦଳେ ପୁଣି ବିବାହ ବାର୍ଷିକୀ ଅବା ଜନ୍ମଦିନ ରେ ଖାଲି ଯେ କେକ କଟାକଟି ହେବା ର ଫଟୋ ପଠାଉଛନ୍ତି ତା ନୁହେଁ ବରଂ କେମିତି ଉଭୟ ଉଭୟଙ୍କୁ କେକ ଖୁଆଇଛନ୍ତି ତାର ଫଟୋ ମଧ୍ୟ ପୋଷ୍ଟ କରିବାକୁ ଭୁଲୁନାହାନ୍ତି। ଆଉ ଖାଲି ଜନ୍ମ ଦିନ, ବିବାହ ବାର୍ଷିକୀ ଶୁଭେଚ୍ଛା ରେ ପୋତିପକାଉଛନ୍ତି । ଆଲୋ ତୁମ ପାଖରେ ଏମିତି ଟିକିଏ ସମୟ ନାହିଁ ଯେ ଭଲ ମନ୍ଦ ପଚାରି ବୁଝିବ, କି ଦୁଃଖ ସୁଖ ହେବ କିନ୍ତୁ ଟୁପଟାପ କରି ମେସେଜ ପଠାଇବାକୁ ଖାଲି ସମୟ ଗୁଡାକ ବଳି ପଡୁଛି। ଏମିତି ଲୋକ ଦେଖାଣିଆ ପ୍ରହସନ ଗୁଡାକ ଦେଖିଲେ ହସ ଆଉ ରାଗ ଲାଗେ। ଫୋନ ଅଯଥାରେ ହାଙ୍ଗ ହୁଏ ଆଉ ଆମ ପରି ନୀରବ ଦର୍ଶକ ଖାଲି ବେକାରିଆ ପୋଷ୍ଟ କୁ ଡ଼ିଲିଟ କରିବା ରେ ଅନାବଶ୍ୟକ ସମୟ ବ୍ୟୟ କରିବା ସାର ହୁଏ। ଅବଶ୍ୟ ବହୁ ଜଣ କିଛି ଉପାଦେୟ, ଶିକ୍ଷଣୀୟ ଓ ପ୍ରୟୋଜନୀୟ ଖବର ମଧ୍ୟ ଦେଇଥାନ୍ତି।

ମଇନା କଥା ଶୁଣି ରୀତା କହିଲା, ଆଲୋ ତୋର କାହିଁକି ମୁଣ୍ଡ ବଥାଉଛି ଶୁଣେ । ତୁ କାହିଁକି ବୁଝୁନୁ ଯେ ଯାହା ଯୌବନ ରେ କରି ପାରି ନ ଥିଲେ ତାହା ଆମ ସାଙ୍ଗମାନେ ଏ ବୟସ ରେ କରି ଖୁସି ହେଉଛନ୍ତି । କହିଲୁ ଦେଖି ଏହି ହ୍ଵାଟସ୍ ଆପ ଗ୍ରୁପ ନ ଥିଲେ ତୁ ଆଉ ମୁଁ ପୁଣିଥରେ ଜୀବିତାବସ୍ଥାରେ କେମିତି ଯୋଡି ହେଇଥାନ୍ତେ ???

ଆଛା କି ତୁ ତ ଏତେ କଥା କହିଲୁଣି, ମୋ ଅନୁଭୂତି ଆଉ କଣ ବା ବଖାଣିବି । ତୁ ଲକ୍ଷ୍ୟ କରିଛୁ ନାହିଁ, ମୁଁ କହିଲେ ତୁ କଥାଟା ଧରି ପାରିବୁ । ଆମେ ଯେଉଁ ଦୁଇ ତିନିଟା ଗ୍ରୁପ ବା ଦଳ ରେ ଏକାଠି ଅଛେ, ସେଥିରେ ବି ରାଜନୀତି । କଣ ନା ଗୋଷ୍ଠୀ ଭିତରେ ଗୋଷ୍ଠୀ । ଶହେ, ଦେଢ ଶହ ହୁଅନ୍ତୁ ବା ପଚାଶ ସଭ୍ୟ ହୁଅନ୍ତୁ, ତା ଭିତରେ ମଧ୍ୟ ଚାରି ପାଞ୍ଚ ଜଣଙ୍କର ଗୋଟିଏ ଗୋଟିଏ ସ୍ଵତନ୍ତ୍ର ଗୋଷ୍ଠୀ ଅଛି ଯେଉଁଠାରେ ସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ISSN NO.
2582-208X

ନିଆଯାଏ ଆଉ ତାକୁ ପରିଶେଷରେ ମୂଳ ଦଳ ରେ ଲଦି ଦିଆଯାଏ । ଅବଶ୍ୟ ସେମାନେ କିନ୍ତୁ ଉପର ଠାଉରିଆ ଭାବରେ ଲୋକଦେଖାଣିଆ ନୀତି ଆପଣେଇବାକୁ ଭୁଲନ୍ତି ନାହିଁ ଏବଂ ଔପଚାରିକତା ଦୃଷ୍ଟି ରୁ ସାଧାରଣରେ ପଚାରି ଦିଅନ୍ତି। ଲୁଚିଛି ନା ଗୋଡ ଦିଶା ଦିଶୁଛି ।

ଏକାଠି ଗୋଟିଏ ଭଲ ସମାଜକଲ୍ୟାଣ କାମ କରିବା କିମ୍ବା କାହାର, କେଉଁ ସାଙ୍ଗର ଭଲ ମନ୍ଦ ବୁଝିବା ଦୂରେ ଥାଉ, ପରସ୍ପର ଟେକାଟେକି ଆଉ ସଙ୍ଗୀତ ରାଣୀ, ଆଧ୍ୟାତ୍ମିକ ପ୍ରବାଚକ, ଉତ୍କୃଷ୍ଟ ସଂଯୋଜକ, କଲୋନୀ ଭଉଣୀ ଆଦି ଫାଲତୁ ପଦ ପଦବୀ ରେ ସମ୍ମାନିତ କରିବାରେ କିନ୍ତୁ ହେଳା କରନ୍ତି ନାହିଁ ଅବା ମେସେଜ ଗୁଡିକ ର ଉତ୍ତର ଦେବାରେ ଘଣ୍ଟା ଘଣ୍ଟା ବ୍ୟୟ କରିବାକୁ ଭୁଲନ୍ତିନି ।

ରୀତା କଥା ଶୁଣି ମଇନା କହିଲା, ହଁ ସେ ସବୁ ଠିକ ଅଛି ଯିଏ ଯାହା ଭଲ ଲାଗିଲା, କିନ୍ତୁ ପୁଣି କିଏ କହୁଛି, ଗୋଟିଏ ବନ୍ଧୁ ମିଳନ ବା ଇଂଗ୍ଲିଶ ରେ ଯାହା କୁହାଯାଏ ଗେଟ ଟୁଗେଦର ହେବ । ଜଣକା ହଜାରେ ଟଙ୍କା ପଡିବ, ସେଥିରେ ଦଳେ ଅଛନ୍ତି କୋଡିଏ ପଚିଶି ଜଣ ହେଇଗଲେ ଏକାଠି ହେଲେ, ଗପସପ କଲେ, ଖିଅପିଆ, ମଉଜମସ୍ତି ହେଲା । ଯାହାର ଇଚ୍ଛା ହେଲା, ସୁବିଧା ହେଲା ଗଲେ ସେଥିରେ କିଛି କହିବାର ନାହିଁ । କିନ୍ତୁ ମୂଳରୁ ଗ୍ରୁପ ହେଲା ଦିନ ଠାରୁ ସମସ୍ତଙ୍କ ଠାରୁ ଯେଉଁ ହଜାରେ ଟଙ୍କା ଲେଖାଏଁ ଆଦାୟ କରିଥିଲ, ତାର ହିସାବ ମାଗିବ କିଏ ଦେବ ବା କିଏ । ଆଉ ଯଦି ଏ ବିଷୟ ରେ ପାଟି ଫିଟାଇଲ, ଏମିତି କେତେକ ସଭ୍ୟ ସଭ୍ୟାଓ୍ୱଅଛନ୍ତି ଯିଏ ଦେହରୁ ମଳି ଦେବେନି, ସେମାନେ ମୁହଁ ଖୋଲି ଟିପ୍ପଣୀ କରିବେ, ହଜାରେ ଟଙ୍କା ଦେଇଛି ବୋଲି ଗ୍ରୁପ ଟାକୁ କିଣିଛି ନା କଣ ? ଶଅଃ ....... ସେଥିରେ ପୁଣି ଆଉ କେତେଜଣ ଅଛନ୍ତି ଯେଉଁମାନେ ମନ୍ତବ୍ୟ ଦେବେ ମାସ କୁ ପ୍ରତି ସଭ୍ୟ ଦୁଇଶହ ଟଙ୍କା ଲେଖାଏଁ ସଭ୍ୟ ଚାନ୍ଦା ଦେବେ ଯାହାକି ବର୍ଷକୁ ହେଉଥିବା ଦୁଇଟି ଭୋଜି ଉଦେଶ୍ୟ ରେ ଲାଗିବ । କିହୋ ବର୍ଷ କୁ ଆମେ ଚବିଶି ଶହ ଟଙ୍କା କାହିଁକି ଦେବୁ ? ସେଥିରେ ଯିଏ ନ ଯିବ ସେ କାହିଁକି ଚାନ୍ଦା ଦେବ ଇତ୍ୟାଦି ଇତ୍ୟାଦି କେତେ ଆନୁଷଙ୍ଗିକ କଥା ........

ଆଉ ଜାଣିଛୁ ନା ରୀତା, ମୁଁ ଗୋଟିଏ ଗ୍ରୁପ ରେ ଅଛି, ସେଥିରେ ଯଦିଓ ଶହେ ଖଣ୍ଡେ ଉପରେ ସଭ୍ୟ ଅଛନ୍ତି, ଖାଲି ହାତ ଗଣତି ଦଶ ପନ୍ଦର ଜଣଙ୍କ ମନମାନି ଚାଲେ। ପୁଣି

ISSN NO.
2582-208X

ଗ୍ରୁପ ରେ ପ୍ରସ୍ତାବ ପଡି ଜଣ ଜଣଙ୍କୁ ସଭ୍ୟ ପଦରୁ ବହିଷ୍କାର କରାଯାଏ, କାହିଁକି ନା ସେ ବହିଷ୍କୃତ ସଭ୍ୟମାନେ ବହୁ ପ୍ରକାର ର ପୋଷ୍ଟ କରନ୍ତି ଯାହାକି ସେ ଗ୍ରୁପ ର ପ୍ରତିଷ୍ଠାତା ଙ୍କୁ ଅଗ୍ରାହ୍ୟ ହୁଏ। ମୋତେ ଲାଗେ ଏଠାରେ ବହିଷ୍କୃତ ସଭ୍ୟଙ୍କ ଆତ୍ମବଡିମା ଅପେକ୍ଷା ସଭାପତିଙ୍କ ହୀନମନ୍ୟତା ପଦାରେ ପଡେ। ସମସ୍ତ ସଦସ୍ୟ ଏ କଥା ଭଲ ରୂପେ ବୁଝନ୍ତି, କିନ୍ତୁ ଚୁପ ରହିବା ଶ୍ରେୟସ୍କର ମନେ କରନ୍ତି। ବୟସ ନିର୍ବିଶେଷରେ ବି ଲୋକମାନଙ୍କ ଅହଂକାର ରେ ଟିକିଏ ହ୍ରାସ ଦେଖା ଯାଏନି ।

ଛାଡେ ସେ କଥା। ବୁଝିଲୁ, ଆଜିକାଲି ବହୁତ କଥା ଜାଣିବାକୁ ମିଳୁଛି, ଯେମିତି ବୁଦ୍ଧ ଦେବ, ସ୍ୱାମୀ ବିବେକାନନ୍ଦ, ଅବଦୁଲ କଲାମ ଆଦି ଆହୁରି ଅନେକେ ଏତେ ଜ୍ଞାନ ଚୋବାଉଛନ୍ତି ଯେ ବେଳେବେଳେ ମନେ ହୁଏ ଏହି ଜ୍ଞାନ ଗୁଡାକ କାହିଁକି ପାଠ ପଢିଲାବେଳେ ତ ଜାଣି ହେଉ ନ ଥିଲା । ଏବେ ବୋଧ ହୁଏ ପରିପକ୍ୱ ବୟସ ରେ ମୋବାଇଲ ଆଉ ହ୍ୱାଟସ୍ଆପ୍ପ ଶିଖାଇଦେଉଛି।

କହିଲୁ ମଇନା, ତୁ ସେ ଗୁଡ ମର୍ନିଂ ମେସେଜ ଗୁଡାକ ଏବେ କାହିଁକି ଦେଉଛୁ ? ଆଗରୁ ତ ଦେଉ ନ ଥିଲୁ ଏବେ ତିନି ଚାରି ଦିନ ହେଲା ଦେଖୁଛି ତୋ ଠାରୁ ବହୁତ ଆସୁଛି । କଥା କଣ ? ଆଉ ସେ ମେସେଜଗୁଡାକ ରେ ଖାଲି ନୀତିବାଣୀ।

ଆଲୋ ରୀତା, ଏତିକି କହି ହସି ଚାଲିଲା , ମଇନା।

କଣ ହସୁଥିବୁ ନା କିଛି କହିବୁ ?

ରୀତା କଥା ଶୁଣି ମଇନା କହିଲା, ଆଲୋ ସକାଳୁ ସକାଳୁଏବେ ଦିନେ ମୁସୁ ନାନୀ ଏହି ମେସେଜଗୁଡାକ ପଠାଇଲା, ତା ପୁଣି ମୋତେ ଫରୱାର୍ଡେଡ ମେସେଜଗୁଡାକ ଭାରି ବିରକ୍ତ ଲାଗେ ।

ମୁଁ ତାକୁ ଫୋନ କରି ପଚାରିଲି, ମୁସୁ ନାନୀ, ତୁ ଏ ବ୍ରହ୍ମ ଜ୍ଞାନ ଗୁଡାକ ସକାଳୁ ସକାଳୁ କାହିଁକି ମୋ ଆଗରେ ବାନ୍ତି କଲୁ କହିଲୁ ? ରୀତା, ମୋ କଥା ଶୁଣି ମୁସୁ ନାନୀ ଯାହା ଉତ୍ତର ଦେଲା ନ ହସି ରହି ପାରିଲିନି ।

କଣ କହିଲେ ମୁସୁ ନାନୀ ?

ISSN NO.
2582-208X


ମୁସୁ ନାନୀ କହିଲା, ମଇନା, ଆମ ଘରେ ମୋ ଠାରୁ ସମସ୍ତେ ତ ବଡ । ମୁଁ କାହାଠୁ ପାଇଲି, ଯାହା ପାଇଲି ବଡ ମାନଙ୍କୁ ତ ପଠାଇ ପାରିବିନି ତୁ ତ ସାନ ତେଣୁ ତୋ ପାଖକୁ ପଠାଇଦେଲି । ବୁଝିଲୁ ଟିକିଏ ବ୍ୟବସାୟ କରିବାକୁ ମନ ବଳିଲା । ଆମଦାନୀ କଲି ତ ତୋ ପାଖକୁ ତୁରନ୍ତ ରପ୍ତାନୀ କରିଦେଲି ।

ରୀତା କହିଲା, ଯାହାହେଉ ଆଜି ର ଆମଦାନୀ ଆଉ ରପ୍ତାନୀ ଉପାଖ୍ୟାନ ଟା ଭାରି ମଜାଦାର ରହିଲା ।

ମାର୍ଫତ– ପ୍ରଫେସର ଶ୍ରୀନିବାସ ପାଠୀ,
ଲୋକ ପ୍ରଶାସନ ବିଭାଗ,
ମିଜୋରମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ତାନସିଲ
ଆଇଜଲ, (m) 9437762732

ISSN NO.
2582-208X

# ରାଧାମୋହନ ଚଉତିଶା



ଡ. ଅର୍ଜୁନ ଚରଣ ବାରିକ୍

କର ସୁଧିଧାନ ଶ୍ରୀରାଧା ମୋହନ ଶ୍ରୀକୃଷ୍ଣ ନନ୍ଦନନ୍ଦନ ।
କରଣ କାରଣ ମଦନମୋହନ ମାଧବ ଦଧିବାମନ ।୧।
କୃପାସିନ୍ଧୁ ହରି କେଶବ ମୁରାରୀ ନୀଳମଣି ଜଗଦୀଶ ।
କଚ୍ଛପ ମତ୍ସ୍ୟ ବରାହ ବାମନାଦି ବିଷ୍ଣୁ କମଳା ବିଳାସ ।୨।
ଖେଳ ଘର ଯାର ଏ ବିଶ୍ୱ ସଂସାର ଭାଙ୍ଗି ଗଢଇ ଶ୍ରୀଧର ।
ଖମ୍ବରୁ ବାହାରି ଦେବ ନରହରୀ ବଧିଲେ ହିରଣ୍ୟା ସୁର ।୩।
ଖାଏ ବସି ନିତି ଷାଠିଏ ପଉଟି ଛପନ ଭୋଗ ଆବର ।
ଖଣ୍ଟ ସରଦାର ଦେବକୀ କୁମର କମ୍ବୁ ନଗ୍ର ଅଧିଶ୍ୱର ।୪।
ଗୋଲକ ବିହାରୀ ହରି ଦାନବାରୀ ଶ୍ରୀଧର ଗରୁଡଧ୍ୱଜ ।
ଗରୁଡ ଆସନ କୃଷ୍ଣ ବୃନ୍ଦାବନ ବିହାରୀ ଦେବାଧିରାଜ ।୫।
ଗଉତମ ପତ୍ନୀ ଅହଲ୍ୟା ତାରଣ ରାମ ଦଶରଥ ନାନ
ଗୋବିନ୍ଦ ପରମାନନ୍ଦ ନନ୍ଦସୁତ ସେହି ପରା କଳାକୃଷ୍ଣ ।୬।
ଘର୍ଘର ନାଦରେ ଚଳେ ନନ୍ଦିଘୋଷ ବଡଦାଣ୍ଡ ଲୋକାରଣ୍ୟ
ଘନ ବରନଆ ଶ୍ରୀକ୍ଷେତ୍ର ବାସିଆ କମ୍ବୁ କଟକ ରାଜନ ।୭।
ଘର ଯାହାର ଅଟଇ ଶ୍ରୀମନ୍ଦିର ଅଗ୍ରଜ ଯା କାମପାଳ ।
ଘନଶ୍ୟାମ ରୂପ କୋଟୀ ବିଶ୍ୱ ରୂପ ଶ୍ରୀହରିନନ୍ଦ ଦୁଲାଳ ।୮।
ଓଁକାର ଭବନେ ବେନି ରାଧାକୃଷ୍ଣ ଦେଖ ତାଙ୍କ ରାସଲୀଳା ।
ଉତ୍ପଳ ନୟନ ମଦନ ମୋହନ ଭବ ସାଗରକୁ ଭେଳା ।୯।
ଉଦନ୍ତ ବୁଝଇ ସାରା ଜଗତର ବସିଣ ନୀଳ କନ୍ଦର ।

ISSN NO.
2582-208X

ଉତ୍କଳ କଳା କେଶରୀ ମଧୁହାରୀ ଶ୍ରୀକୃଷ୍ଣ ଶ୍ୟାମ ସୁନ୍ଦର ।୧୦ ।
ଚଳ ଚଞ୍ଚଳ ତାର ବେଶ ଚବିଶ ଦର୍ଶନ କର ସାଧବ ।
ଚକାଗ୍ଣନ୍ଦ କଳା ମୁଖ ଭକ୍ତ ସୁଖ ଶ୍ରୀହରି ଦୀନବାନ୍ଧବ ।୧୧ ।
ଚଉ ଗ୍ଣେର ଶ୍ରୀରାଧା ର ଦାମୋଦର ବଂଶୀଧାରୀ ବାସୁଦେବ ।
ଚକ୍ରଧାରୀ ହରି ମାଧବ ମୁରାରୀ ଅଗ୍ରଜ ଯା ବଳଦେବ ।୧୨ ।
ଛଇଳ ନଟ ନାଗର ଶ୍ରୀୟାବର ପରମାନନ୍ଦ ଗୋବିନ୍ଦ
ଛନ୍ଦ ପରକାର କାମ କରେ ଗୋବର୍ଦ୍ଧନ ବହିଲେ ମୁକୁନ୍ଦ ।୧୩ ।
ଛପନ ଭୋଗୀ ହରି ପରମ ଯୋଗୀ ଶ୍ରୀକୃଷ୍ଣ ନନ୍ଦ ଆନନ୍ଦ ।
ଛଟକେ ଅଟକେ ସେ କମ୍ବୁ କଟକେ ନୀଳମଣି ଗୋପଗ୍ଣନ୍ଦ ।୧୪ ।
ଜଗନ୍ନାଥ କମଳା ସଙ୍ଗାତ ସେହି ଭାବଗ୍ରାହୀ ପୀତାମ୍ବର
ଜୟ ଜଗଦୀଶ ପରମ ପୁରୁଷ ଶ୍ରୀପତି ଶ୍ରୀମତୀ ବର ।୧୫ ।
ଜଗମୋହନ ଶ୍ରୀକୃଷ୍ଣ ଜନାର୍ଦ୍ଦନ ଶଙ୍ଖ ଚକ୍ର ଗଦାଧର ।
ଜଗଦୀଶ କମଳା କଳାସ କୃଷ୍ଣ କେଶବ ନଟନାଗର ।୧୬ ।
ଝଟକେ ଶିରରେ ଶିଖି ପୁଚ୍ଛ ପର କଟୀ ତଟେ ପୀତବାସ ।
ଝର ଝର ଝରେ ମକରନ୍ଦ ଧାର ନାମ ବ୍ରହ୍ମରୁ ସୁରେଶ ।୧୭ ।
ଝାଡଇ ଦୂରୀତ ସେ କମଳାକାନ୍ତ ନରହରି ଜଗଦୀଶ ।
ଝଟକେ ଅଟକେ ସେ କମ୍ବୁ କଟକେ ନାମବହି ରମାଇଶ ।୧୮ ।
ନବଜଳଧର ରୂପ ଦାମଦୋର ନଟବର କମ୍ବୁ କରେ ।
ନୀପ ମୂଳଆ ସେ କମ୍ବୁକର ଚକ୍କଣ କାଳିଆ କାଳୀୟ ଦରପ ହର ।୧୯ ।
ନୟନାଭି ରାମ ପୁରୁଷ ଉତ୍ତମ କ୍ଷେତ୍ର କ୍ଷେତ୍ରୀ ଏକାକାର ।
ନମୋ ନାରାୟଣ ପତିତତାରଣ ଲୀଳ କନ୍ଦର ସୁନ୍ଦର ।୨୦ ।
ଟାଣେ କୋଟିଜନ ମନ ସେ ମୋହନ ଶ୍ରୀକୃଷ୍ଣ ଯଦୁ ନନ୍ଦନ ।
ଟାଳ ନେଇ ପାରେ ମେରୁ ଗିରିବର ପଲକ ପତନେ ଜାଣ ।୨୧ ।
ଟାଣ ତା କରଣୀ କୃଷ୍ଣ ନୀଳମଣି ବେଣୁପାଣି ଜନାର୍ଦ୍ଦନ ।
ଟାକ ରହ ମନ ତା ରଙ୍ଗାଚରଣ ଦଣ୍ଡ ନଦେବ ଶମନ ।୨୨ ।
ଠାକୁର କୋଟି ବିଶ୍ୱର ବିଶ୍ୱମ୍ଭର ଶ୍ରୀକୃଷ୍ଣ ଗରୁଡଧ୍ୱଜ ।
ଠକ ଦେଇ ରାଧା ବସିଛି ଶ୍ରୀକ୍ଷେତ୍ରେ ଶୀଧର ଦେବାଧିରାଜ ।୨୩ ।

ISSN NO.
2582-208X

ଠଣ ସୁନ୍ଦର ବଦନ ନନ୍ଦନାନ କୃଷ୍ଣ ବ୍ରଜ ଯୁବରାଜ ।
ଠକ ନଯିବାକୁ ଭଜ ତାନାମକୁ ଆହେ ବିଦୂଷ ସମାଜ ।୨୪ ।
ଡକାଇତ ଗୁରୁ ହରି ମହାମେରୁ ନଟରାଜ ଶ୍ୟାମଘନ ।
ଡରନାହିଁ ମନ ଦେଖି ଭବ ବନ ସହାୟତୋ ଜନାର୍ଦ୍ଦନ ।୨୫ ।
ଡାଳ ଆନ ଦେବ ମୂଳ ବାସୁଦେବ କମ୍ବୁ କଟକ ରାଜନ
ଡାକ ସେ ଶୁଣଇ ଭକତ ଜନର ବସି ରତ୍ନ ସିଂହାସନ ।୨୬ ।
ଢଳଢଳ ରାଲଇ କଳା କହ୍ନାଇ ନନ୍ଦସୁତ ଘନଶ୍ୟାମ ।
ଢମପଣ ଛାଡ ଆରେ ମନ ରାଜ ଦୃଢେ ଭଜ ଅଭିରାମ ।୨୭ ।
ଢଳ ଢଳ ନୀଳ ସାଗରର ଜଳ ନୀଳ ହରି ଦାରୁବ୍ରହ୍ମ ।
ଢଳ ପଡିଲେ ତ ସବୁ ଯିବ ସରି ମନନ କର ଶ୍ରୀରାମ ।୨୮ ।
ନରହରି ବେଶ ଶ୍ରୀଜଗନ୍ନିବାସ ନାଶି ହିରଣ୍ୟ ଅସୁର
ନରକାର୍ଣ୍ଣବ ତାରଣ ନାରାୟଣ ନୀଳଗିରି ଯାର ଘର ।୨୯ ।
ନାଦବ୍ରହ୍ମ ହରି ମାଧବ ମୁରାରୀ ମୁକୁନ୍ଦ ପରମେଶ୍ୱର ।
ନାଦ ବ୍ରହ୍ମ ଭଜ ଯମ ସାଥେ ଯୁଝ ଭବ ଦୂରୀତ ସଂହର ।୩୦ ।
ତରଣୀ ଭବ ସିନ୍ଧୁର ଶ୍ରୀୟାବର ଆଶ୍ରୟେ ତର ସାଧବ ।
ତରକଙ୍କୁ ଦୂର ଦେବକୀ କୁମର ପିଅର ଯା ବସୁଦେବ ।୩୧ ।
ତପନ କୁଳରେ ଜନମ ଲଭିଣ ନାମ ବହିଲେ ରାଘବ ।
ତୃତୀୟ ପାଣ୍ଡବ ସଖା ଦେବ ଦେଖା ଯେବେ ଚଳବ ଏ ଜୀବ ।୩୨ ।
ଥଳ କୂଳ ନାହିଁ ଏଭବ ସାଗର ସାହା ଏକା କଳାମୁଖ ।
ଥରେ ଚନ୍ତ ମନ ତା କଳାବଦନ ନରହରି ଭକ୍ତ ସୁଖ ।୩୩ ।
ଥଣ୍ଡା ତା ପିରତି ହରି ଯଦୁପତି ଶ୍ରୀପତି ପୁଣ୍ଡରୀକାକ୍ଷ ।
ଥୟଧରି ଭଜ ବ୍ରଜ ଯୁବରାଜ ରୂପ ଗୁଣ ଯା ଅଲେଖ ।୩୪ ।

କ୍ରମଶଃ.......

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସାଃପୋ–ମହୁ, ଜି–କେନ୍ଦ୍ରାପଡା

ISSN NO.
2582-208X

# କ୍ଷମା

(ତଥାଗତ- ଯଶୋଧାର୍)



ଡ. ଶକୁନ୍ତଳା ନାଏକ ଗୁପ୍ତା

ତିର୍ଯ୍ୟକ୍ ବିକିରଣେ ଅନ୍ତରପଟ ଅସ୍ତମନ
ପିଅର ତାମ୍ବୁଳ ଅଧର ସମ ଦିସନ୍ତୁ ପତରମାନ
ଅଟକ ଏକା ଯହିଁ ବିରହୀ ନଳନ
ଜଡ଼ ଚେତନା ଜଡ଼ ସକଳ ପ୍ରୟାସ
ଲ୍ଇ ଫୁଟୁଥିବା ଦେହଦ ପାଲଟେ
ପିପାସିତ ହୈମଳ ବିହାୟସ
ଜୀବନ ନବୁଜ ରୂପା ଫରୁଆ ସାଧନାଭୂତ
କେବଳ ମାୟାମୟ ମରଣ ବ୍ୟାପୃତ,

ଦେଖିବାକୁ ଝଲକେ ବନବାସୀର ଅଙ୍କିତ ପାଦଚହ୍ନ
ଅନର୍ଦ୍ଦିଷ୍ଟ ପ୍ରତୀକ୍ଷାର ତଳପ ଯେ ପଥର ଚଟ୍ଟାଣ
ତରିଯାଏ ତରଳଯାଏ ଯଶୋଧାର୍‌ର ତୁଷାର ପ୍ରାଣ
ପ୍ରେମ ଠାରୁ ଭିନେ ହେଇ ଛଳନା ବଞ୍ଚିବାର
ହୁରୁଦ ନରୁଦ୍ଦେଶ ପେଣ୍ଡି ଝିଞ୍ଜିରି ସେହି ରୂପସୀର
କାଳ ଦେହୁଁ ଯାହା ପନ୍ନଝଡ଼େ ପଡ଼ିଥିଲ୍ ଝରି
ଉଦଏ ଶତଦଳ ପଙ୍କରୁ ଉଦ୍ଧରି
ନଗଡ଼ ଇତିହାସର ପଙ୍କ୍ତିଟିଏ ପରି,

ISSN NO.
2582-208X


ଏଇମତେ ଏକତ ଶରତେ ଘେନଥିଲା ବିଦାୟ
ନିର୍ବାଣ କାମେ ତା ପ୍ରତିଶ୍ରୁତିହୀନ ତଥାଗତ ପ୍ରିୟ
ମାଗଧୀ ମାନବ ଭଙ୍ଗୁର ନିସହାୟ
ସେ ଘୁରୁଥିଲା ସମୟର ଦ୍ୱାରେ ଦ୍ୱାରେ
ତତ୍ତ୍ୱମସି ଭିକ୍ଷା ଥାଳ ନେଇ
ତାହାର ସମସ୍ତ ନିର୍ଯ୍ୟାତନ ଲଘୁ,
ପ୍ରାୟଣ ଦାଏ ଦରଦ ପାହୁଲେ ଅଧିକା ହେଲା
ସେ ନିୟତିର ଆବର୍ତ୍ତନେ କୁଟାଖଣ୍ଡେ ମନେ ହେଲା !

-----

ଶବ୍ଦାର୍ଥ:(ପେଣ୍ଡି ଝିଞ୍ଜିରି-ଚଉଁରୀ ଭୁଣ୍ଡିରୁ ବା ଝର୍‌କାଠିରୁ ଓହଳ ଥିବା ଝଞ୍ଜିରର ଗୁଚ୍ଛ
ଦେହଦ – ପାରଦ
ପ୍ରାୟଣ –ଏକ ଶରୀର ତ୍ୟାଗ କରି ଅନ୍ୟ ଶରୀରକୁ ଗମନ, ଜନ୍ମାନ୍ତର )
ଅର୍ଥରେ

ଅଧ୍ୟାପିକା,
ଡାମିଟସ୍, ଜଗଦା – ରାଉରକେଲା

ISSN NO.
2582-208X

# ବ୍ରଜରାଜ ସିଂହଦେବ

(ଶ୍ରୀପଞ୍ଚମୀ-୧୮୫୧-୧୯୦୭)



ବରଦା ପ୍ରସନ୍ନ ଦାସ

ସାହିତ୍ୟ ସାଧନାର ପବିତ୍ର ପୀଠ ରୂପେ ଖଡିଆଳ ସାରା ରାଜ୍ୟରେ ସୁପରିଚିତ । ଖଡିଆଳ ରାଜବଂଶ ସମ୍ଭୂତ ବହୁ କବି ଓଡିଆ ଭାଷା ଓ ସାହିତ୍ୟର ବିକାଶ ଦିଗରେ ଉଲ୍ଲେଖନୀୟ ସାରସ୍ୱତ ଉଦ୍ୟମ କରିଯାଇଛନ୍ତି । ସେହି ରାଜବଂଶର ବରେଣ୍ୟ କବି ବ୍ରଜରାଜ ସିଂହଦେବଙ୍କ ଆବିର୍ଭାବ ମାଘ ଶୁକ୍ଳପଞ୍ଚମୀ ତିଥି ୧୮୫୧ ମସିହା ଏବଂ ଏଇରୋଭାବ କାର୍ତ୍ତିକ କୃଷ୍ଣ ଏକାଦଶୀ ୧୯୦୭ ମସିହା ବୋଲି ଜଣାଯାଏ । ଜଣେ ଉଦାର, ଗୁଣଜ୍ଞ, ବିଗ୍ରରବନ୍ତ ସମର୍ଥ ଶାସକ ଭାବରେ ଖ୍ୟାତି ଅର୍ଜନ କରିବା ସହିତ ଓଡିଆ ଭାଷା ଓ ସାହିତ୍ୟର ଜଣେ ଏକନିଷ୍ଠ ସାଧକ ଭାବରେ ସେ ବହୁ ଯଶର ଅଧିକାରୀ ।

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡିଆ ସାହିତ୍ୟ ସହିତ ସଂସ୍କୃତ ସାହିତ୍ୟରେ ମଧ ତାଙ୍କର ଗଭୀର ଅଧ୍ୟୟନ ଓ ଅଗାଧ ପାଣ୍ଡିତ୍ୟ ଥିଲା । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଥିଲେ ତାଙ୍କର ଆଦର୍ଶ ତଥା କାବ୍ୟଗୁରୁ ।

ଏଣୁ ଏହି ଭଞ୍ଜୀୟ କାବ୍ୟ ପରମ୍ପରା ଓ ଶୈଳୀରେ ପରିପୁଷ୍ଟ ତାଙ୍କ ରଚିତ ପ୍ରବନ୍ଧ ଚନ୍ଦ୍ରକାବ୍ୟ, ବ୍ରଜବଧୂ ବିଳାସ, ଶୋଭାବଲ୍ଲରୀ, ରତ୍ନପ୍ରଭା, ରୂପମଞ୍ଜରୀ, ଚଉତିଶାଦ୍ୱୟ କାବ୍ୟକୃତିଗୁଡିକ ଓଡିଆ ସାହିତ୍ୟର ଅମୂଲ୍ୟ ସମ୍ପଦ । କବି ବ୍ରଜରାଜଙ୍କ ରଚିତ "ସଂଗୀତଗୁଚ୍ଛ" ରୁ ସଂଗୀତ ପ୍ରତି ତାଙ୍କର ସ୍ୱତନ୍ତ୍ର ଅନୁରାଗ ପ୍ରମାଣିତ ।

ISSN NO.
2582-208X

ତାଙ୍କର ଅନୁବାଦ ଗ୍ରନ୍ଥ "ସତ୍ୟନାରାୟଣ ବ୍ରତକଥା" ଓଡିଶାର ଘରେ ଘରେ ଆଦୃତ। ରୀତି ଯୁଗୀୟ କାବ୍ୟକଳାରେ ଜଣେ ସିଦ୍ଧହସ୍ତ ଶିଳ୍ପୀ ଭାବରେ ସେ ସ୍ୱୀକୃତ ଓ ସମ୍ମାନିତ।

ଖଡିଆଳ ରାଜବଂଶରେ କବି ବ୍ରଜରାଜ ବାଣୀ ଆରାଧନାର ଯେଉଁ ସୁଦୃଢ ପରମ୍ପରା ଓ ଭିତ୍ତିଭୂମି ସୃଷ୍ଟି କରିଯାଇଥିଲେ ତାହା ପରବର୍ତ୍ତୀ ଦାୟାଦଗଣଙ୍କୁ ଗଭୀର ଭାବେ ପ୍ରଭାବିତ ଓ ପ୍ରୋତ୍ସାହିତ କରିଥିଲା। ୧୮୮୩ ମସିହାରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଖଡିଆଳ ସାହିତ୍ୟ ସମିତି, ସାହିତ୍ୟ ଚର୍ଚ୍ଚାର ଏକ ପ୍ରମୁଖ ଅନୁଷ୍ଠାନ ଭାବେ ଏବେବି ସକ୍ରିୟ ଉତ୍କଳଭାରତୀଙ୍କ ନିଷ୍ଠାପର ସାଧକ କବି ବ୍ରଜରାଜ ଓଡିଆ ଜାତିର ଚିର ନମସ୍ୟ ।

ମହାନ୍ତି ଲେନ୍, କେଶରପୁର
କଟକ, ମୋ: ୯୮୬୧୧୪୫୬୮୭

ISSN NO.
2582-208X

# ଗାଁ ରୁ ସହର



କୀର୍ତ୍ତି ଦେବୀ

ଗାଁ ରୁ ସହର ମାଟିର ବାସ୍ନା ହେଲାଣି ପର
ନିଜ ହିତ ପାଇଁ ମାଟିକୁ କରନ୍ତି ବ୍ୟବହାର
ଜନ୍ମଭୂମି, ଜନ୍ମମାଟି ଓ ଜନ୍ମଦାତ୍ରୀ
ଆଜି ସବୁଠାରେ ଅଲୋଡା
ଧରଣୀ ବୁକୁରେ ହସି ଖେଳି ବଢିଥିବା
ଶିଶୁ ଆଜି ବଡ ମଣିଷ
ଭୁଲିଯାଏ ସେ ମାଟିର ଖାଦ୍ୟ ଶସ୍ୟ,
ପାଣି ପବନ କଥା ।
ସହରରୁ ଗାଁ ସବୁଠାରେ ମୋବାଇଲ୍
ଲଗାଇଛି ନିଜ ଚାରା ।
ସେ ବୃକ୍ଷ ଛାଇରେ ସଭିଏଁ କରୁଛନ୍ତି ଘର
ସେ ଘର ଛାତ ଭିତରେ
ସମସ୍ତେ ଖୋଜନ୍ତି ଟିକିଏ ଶୀତଳ ପବନ
କିନ୍ତୁ, ପ୍ରକୃତିକୁ ହତାଦାର କରି
କିଏ ପାଇବ ସେ ଶୀତଳ ପବନ
ଆସ ଆମେ ସମସ୍ତେ ମିଶି
ଲଗାଇବା ନୂଆ ଚାରା ଗଛ
ଭବିଷ୍ୟତ ପାଇଁ ସୃଷ୍ଟି କରିବା
ବିଶୁଦ୍ଧ ବାୟୁମଣ୍ଡଳ ।
ମାଟି ମା କୁ ସନ୍ତୋଷ କଲେ

ISSN NO.
2582-208X

ସିଏ ଦେବ ଆମ ମନ ଜାଣି ଫଳ
ସାରା ସଂସାରେ ମାଟିର ବାସ୍ନା
ପୁଣି ଫେରି ପାଇବେ ମାନବ ସମାଜ
ମୁଣ୍ଡ ଝାଳ ତୁଣ୍ଡରେ ମାରି
ସମସ୍ତେ ଶପଥ ନେଲେ
ମାଟି ମାଆ ହୋଇବ ଖୁସି ।

ସିଭିଲ୍ ଟାଉନସିପ୍, ରାଉରକେଲା
ମୋବାଇଲ -୯୫୮୩୮୩୩୮୨୭

ISSN NO.
2582-208X

# ବଂଶୀ ରେ।।।।



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଆଜି  କି ମଧୁର ଲଗନ କେଜାଣି
ବାର ବାର ଶୁଭି ଯାଉଛି ତୋ ମଧୁର ମୂର୍ଚ୍ଛନା
ସକାଳର ସୁରୁଜ ଯେବେ ମୋତେ ନିଦରୁ ଉଠେଇଲେ
ମୋ ପ୍ରାଣରେ ମୋ ରକ୍ତ ମାଂସ ହାଡ଼ର ମଜ୍ଜାରେ
ମୋ ସହସ୍ର ଲୋମକୂପରେ ତୋରି ସୁସ୍ୱର ଲେଶି ହୋଇ
ଯାଉଥିଲା, ମନ ବୃନ୍ଦାବନରେ ଫୁଟୁଥିଲା  ଶ୍ୱେତ କଦମ୍ବ
ଜଡ଼ ଶରୀରଟା  ମୋର ଛନ୍ଦିହୋଇ ଯାଉଥିଲା
ତୋ ମନ ମତାଣିଆ ସ୍ୱରରେ, ଉଛୁଳି ପଡୁଥିଲା
ଯମୁନାର ନୀଳ ତରଙ୍ଗବେଷ୍ଟିତ ଜଳ ରାଶି ପରି
ହୃଦୟର ବିତାନରେ ଶୁଭୁଥିଲା ରହିରହି ରାଧା ରାଧା।।

ବଂଶୀ ତୁ ତ କହ୍ନେଇର
ଯିଏ ଦ୍ୱାପରରେ ଗୋପପୁରେ ଲୀଳା ରଚିଥିଲା
ଯିଏ ଯଶୋଦା ମାଆ  ର ହୃଦ ଚନ୍ଦନ ଥିଲା ଜୀବର
ଜୀବନ ଥିଲା, ଯିଏ ଥିଲା  ଗୋପୀଙ୍କର ପ୍ରାଣଧନ,
ରାଧାରାଣୀ ପ୍ରେମ, ଯାହାପାଇଁ ପ୍ରେମମୟୀ ରାସେସ୍ୱରୀ
ଧାଉଁଥିଲେ ଜମୁନା କୂଳକୁ କୁଞ୍ଜ ବନକୁ,
ମଥାରେ କଳଙ୍କର ଟୀକା ନାଇ।।

ଆଜି ମୁଁ କାହିଁକି ଆନମନା ତୁ କହ ବଂଶୀ
ମୁଁ  ତ  ନୁହେଁ ରାଧାରାଣୀ ମୁଁ ତ  ନୁହେଁ ଗୋପବାଳୀ
ମୁଁ କଣ ସେଇ ଗୋପ ପୁର ଗାଇଗୋଠ ଧୂଳି

ISSN NO.
2582-208X

ଥର କୁ ଥର ଲାଗି ସେ କୋମଳ ପାଦରେ
ଝଡିପଡୁଥିଲି, ଛାଡିଯାଉଥିଲି,
ମୋହ ଗ୍ରସ୍ତ ସଂସାର ଭିତରେ
ତଥାପି ମୋ କର୍ଣ୍ଣ ଗହ୍ୱରରେ ବାଜିଥିଲା ବଂଶୀ
ତୋର ସେ ମିଠା ମିଠା ସୁର,
ଦଣ୍ଡେ କି ମୁହୂର୍ତ୍ତେ ହଉ ମୁଁ ବି ଭୁଲି ଯାଇଥିଲି
ସାରା ସଂସାର ମୋହକୁ, ଲାଗି ରହିବି ବୋଲି
ସେ ପଦ୍ମ ପୟରରେ।।

ଆଜି ପୁଣି ସେଇ ମହାର୍ଘ ବେଳା
ମୋ ମନ ଗହନ ବନରେ ବାଜୁଛୁ ତୁ ବଂଶୀ
ରହି ରହି, ସବୁ ବନ୍ଧନ ଆକଟ ଛିଡାଇ ମୁଁ ଏକାତ୍ମ
ହୋଇଯିବି ତୋ ସାଥିରେ, ଯେମିତି ଗୋପଙ୍ଗନାମାନେ
ସବୁ ସର ଲବଣୀ କହ୍ନେଇକୁ ଦେଇ ହଜି ଯାଉଥିଲେ
ମଜ୍ଜି ଯାଉଥିଲେ ତୋ ସାତ ସୁରେ, ଯେମିତି ବୃଷଭାନୁସୂତା
ମାନ ମୟୀ ପ୍ରେମମୟୀ ରାଧାରାଣୀ ତଲ୍ଲୀନ ହୋଇଯାଇଥିଲେ
ତୋ ତାଳ ଲୟ ଛନ୍ଦରେ, ଯେମିତି ଗଛପତ୍ର ଲତା ଗୁଳ୍ମ ମାନେ
କୁଞ୍ଜ କାନନ କଦମ୍ବମାନେ ସ୍ତବ୍ଧ ନୀରବ ନିଶ୍ଚଳ,
କେବଳ ବଂଶୀର ତାନ ମନ ବିତାନାରେ।।

ବଂଶୀ ତୋ ପାଦରେ ଶରଣ
ତୋ ପାଦେ ଜୀବନ ମୋର
ତୋ ପାଦେ ମରଣ
ତୁ ମୋର ଜହ୍ନ ରାତି
ତୁ ମୋର ଗତି ମୁକ୍ତି
ତୋ ବିନା ମୋ ଜୀବନ କାଳ ରାତ୍ରି
ମୋର ସବୁ ଅନ୍ଧାର ବଡପଣ ଅହଙ୍କାର
ଗାରିମା ଗୌରବ ଚୁରି ହେଇଯାଉ ତୋ ପାଦରେ।।

ଶିକ୍ଷୟିତ୍ରୀ, କେନ୍ଦ୍ରାପଡା, ଓଡିଶା

ISSN NO.
2582-208X

# ବରଷା ରାଣୀ



ଡ. ପ୍ରସନ୍ନ କୁମାର ବଳ

ବରଷା ରାଣୀର ସେ ରୀମଝିମ୍ ଶବ୍ଦ,
ମନରେ ଆଣଇ ସତେ କେତେ ଯେ ଆନନ୍ଦ ।
ଧରା ଶ୍ରାବଣର ସେହି ଅବନ୍ତରୀ ବର୍ଷା,
ନିସ୍ତବ୍ଧ ରାତିର ସେ ମତୁଆଲା ନିଶା ।
ଘଡଘଡି ଶବ୍ଦର ସେ କରାଳ ତାଣ୍ଡବ,
ବିଜୁଳି ମରାର ସେ ଲୋଭନୀୟ ଦୃଶ୍ୟ ।
ଆଲୋକ ସଞ୍ଚାର କରଘନ ଅନ୍ଧକାରେ,
ଏ ସବୁ ସମ୍ଭବ ହୁଏ ବରଷା ରାଣୀର କୃପାରେ ।
ଚୀର ସବୁଜୀମା ସତେ ହୁଅଇ ଧରିତ୍ରୀ,
ସାଧବ ବୋହୂର ସେ ମନ୍ଥରର ଗତୀ,
ଅସୀମସେ ଦୃଶ୍ୟ ବିରହ ହିଁ ନାସ୍ତୀ ।
ଜଳ କଷ୍ଟ ନିବାରଣ ହୁଅଇ ସହଜେ,
ନଦୀ ନାଳ ଭରିଉଠେ ଜଳର ପ୍ରଭାବେ ।
ନିଦାଘ ଖରାର ସେ କଷ୍ଟରୁ ହିଁ ମୁକ୍ତି,
ଅପସରୀ ଯାଏ ସତେ ଦୁଃଖ ସବୁ କିଛି ।
ବର୍ଷା ବୁନ୍ଦା ପଡେ ଯେବେ ଟିଣ ଛପରରେ,
ଟପ୍ ଟପ୍ ଶବ୍ଦ ପୁଣି ଶିହରଣ ଆଣେ ।

ISSN NO.
2582-208X

ମନ ପ୍ରଫୁଲ୍ଲିତ ହୁଏ ଶୁଣି ଏହି ଶବ୍ଦ,
ସତେ ଅବା ବହୁଦିନୁ ପ୍ରତୀକ୍ଷିତ ଦ୍ରବ୍ୟ ।
ବର୍ଷା ରାଣୀ ଝରୀଯାଏ ଗ୍ରାମ ଦାଣ୍ଡେ ପୁଣି,
ଛୋଟ ଛୋଟ ଡଙ୍ଗା ଭାସେ ତାର ମଧ୍ୟେ ପୁଣି ।
ଏହି ଦୃଶ୍ୟ ଦିଏ ଅନେ ଅପରୂପ ଖୁସି,
ଗ୍ରାମ ପିଲାଙ୍କର ଇଏ ମୂଖ୍ୟ ଖେଳ ସଖି ।
ଇନ୍ଦ୍ରଧନୁ ସପ୍ତ ରଙ୍ଗ ଆହା କି ସୁନ୍ଦର,
ମୟୁରର ନାଚ ଦିଏ ଅପୂର୍ବ ଅସର ।
ବେଙ୍ଗ ବେଙ୍ଗୁଲିର ପୁଣି ବାହାଘର ପର୍ବ,
ସାରୁ ଗଛ ମୂଳେ ହୁଏ ମିଳନର ସ୍ୱର୍ଗ ।
ପ୍ରକୃତି ରାଣୀର ସେ ଅପରୂପ ଦୃଶ୍ୟ,
ବର୍ଷା ରାଣୀ ହସିଉଠେ ନାହିଁ ରାଗ ରୋଶ ।
ଖରା ପରେ ବର୍ଷା ଇଏ ପ୍ରକୃତି ନିୟମ,
କଷ୍ଟ କ୍ଲିଷ୍ଟ ଧରାଯାଏ ନୂତନ ଜୀବନ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ଅସାଧାରଣ
# ସୁନ୍ଦରବନ– ୨୧



ଅଶୋକ ବିଶ୍ୱାଳ

"କଥାଟା ଠିକ । କନ୍ତୁ ଏଠି ଟେକନକର କଛି ବିକାଶ ହୋଇଛି । ଆପଣ ଜାଣିଛନ୍ତୁ ବାଘର ଦେହର ପଟାପଟା ଦାଗ ଅଛି । ସେଗୁଡାକ ହେଉଛି ମଣିଷର ପାପୁଲିର ରେଖା ଚହ୍ନ ଭଳ । ପ୍ରତି ମଣିଷର ପାପୁଲିର ରେଖା ଅନ୍ୟ ମଣିଷଠାରୁ ଭିନ୍ନ । ସେମିତି ଗୋଟିଏ ବାଘର ପଟା ପଟା ଦାଗର ପ୍ୟାଟର୍ଣ ଅନ୍ୟ ବାଘଠାରୁ ଭିନ୍ନ । ଏଣୁ ଏଥିରେ ଏକ ବାଘର ପରିଚୟ ଭଲଭାବେ ଜଣା ପଡିଯାଏ । ଭୁଲ ହେବାର ସମ୍ଭାବନା ନାହିଁ ।"– ସୁବିମଳ କଥାଟାକୁ ବିସ୍ତୃତ ଭାବେ ବୁଝାଉଥିଲା । ପାଓଲି ଆଉ ସପନବାବୁ ବାଘର ଦେହର ଦାଗ ବିଷୟରେ ଜାଣିଥିଲେ । ବାଘର ଏହି ଦାଗ ହେଉଛି ତାହାର ପରିଚୟ । କୁହାଯାଇପାରେ ବାଘର ୟୁନକ ଆଇଡେଣ୍ଟିଫିକେସନ ନମ୍ବର ।

"ଏ ଜଙ୍ଗଲରେ କ୍ୟାମେରା ଲଗାଇବା ସହଜ ହେଉ ନଥିବ?"– ସପନବାବୁ ପଚାରିଲେ । ସୁନ୍ଦରବନର ଜଙ୍ଗଲ ଅତି ଘଞ୍ଚ । ଏ ଭିତରକୁ ଯାଇ କ୍ୟାମେରା ଲଗାଇବା ସହଜ ନଥିବ। ତା' ଛଡା ଏ ପଦ୍ଧତି ବିଷୟରେ ପାଓଲି ଆଉ ସପନବାବୁ ଅଜ୍ଞ ଥିଲେ ।

"ମୋଟେ ସହଜ ନୁହେଁ । ବାଘ ଆକ୍ରମଣର ସମ୍ଭାବନା ବହୁତ ଅଧିକ ।"– ସୁବିମଳ କହିଲା

କ୍ୟାମେରାକୁ ବାଘ ଆଉ ଅନ୍ୟ ଜନ୍ତୁଙ୍କ ଯିବା ଆସିବା ରାସ୍ତାରେ ପ୍ରାୟ ୩ ଫୁଟ ଉପରେ ଏକ ଗଛର ଗଣ୍ଡିରେ ଲଗାଇ ଦିଆଯାଏ । ଜୀବ ଜନ୍ତୁଙ୍କର ଉଚ୍ଚତା ପ୍ରାୟ ସେତିକ । କ୍ୟାମେରାରେ ମୋସନ ସେନସର ଲଗାଯାଇଥାଏ । କ୍ୟାମେରା ଆଗରେ କଛି ଜନ୍ତୁଙ୍କର ଯିବା ଆସିବା ହେଲେ ମନକୁ ମନ କ୍ୟାମେରାରେ ଫଟୋ ଉଠିଯାଏ ।

ISSN NO.
2582-208X

"ଆଗରୁ ରାସ୍ତାରେ ଗୋଟିଏ କ୍ୟାମେରା ଲଗାଯାଉଥିଲା । ଏବେ କିନ୍ତୁ ଦୁଇଟା କ୍ୟାମେରା ରାସ୍ତାର ଦୁଇଧାରରେ ଲଗାଯାଉଛି । ବାଘର ଛବିଟା ଦୁଇପଟୁ ଆସେ । ଦୁଇ କ୍ୟାମେରା ଭିତରେ ଦୂରତା ୧୫-୨୦ ଫୁଟ ହେବା ଦରକାର । ତାହେଲେ ଦୁଇ ପଟର ଚିତ୍ର ଭଲ ଆସେ ।" – ସୁବିମଳ କହିଚାଲୁଥିଲା ।

"କାରଣଟା ?"– ପାଓଲି ପଚାରିଲେ ।

"ପଦ୍ଧତିରେ କିଛି ଉନ୍ନତି ଘଟିଛି । ଗୋଟିଏ କ୍ୟାମେରାରେ ବେଳେବେଳେ ଫଟୋ ଠିକ ଆସି ନଥାଏ । ଫୋକସିଙ୍ଗ ଠିକ ହୋଇ ପାରେନି ବା ବାଘ କ୍ୟାମେରା ଲେନସର ଏକଦମ ଆଗକୁ ଆସିଗଲେ ତା'ର ପଟାପଟା ଦାଗ ଘଷରା ଦେଖାଯାଏ । ଦୁଇଟା କ୍ୟାମେରା ହେଲେ ଗୋଟିଏ ଫଟୋ ଭୁଲ ହେଲେ ମଧ୍ୟ ଅନ୍ୟ କ୍ୟାମେରାର ଫଟୋ ଠିକ ଆସିଯାଏ । ଏଣୁ ଭୁଲ ହେବାର ସମ୍ଭାବନା ରହେ ନାହିଁ । ବାଘଦେହର ଉଭୟପଟର ଫଟୋ ଆସିଯାଏ ।"– ସୁବିମଳ କଥାଟାକୁ ଭଲଭାବରେ ବୁଝାଉଥିଲା ।

"ଏ କ୍ୟାମେରା ଟ୍ରାପିଙ୍ଗ ଟେକନିକଟା ଟିକେ ଭଲଭାବେ କୁହନ୍ତୁ"– ପାଓଲି କହିଲେ ।

କ୍ୟାମେରା ଆଗରେ କିଛି ହଲଚଲହେଲେ ମନକୁ ମନ ଫଟୋ ଉଠିଯାଏ । ପ୍ରଥମେ ଫଟୋ ଉଠେ ଆଉ ପରେ ପରେ ଭିଡିଓ ଉଠେ । ତେଣୁ ଜନ୍ତୁର ଫଟୋ ଛଡା ତା'ର ଗତିରୁ ତା'ର ସ୍ୱାସ୍ଥ୍ୟ ବିଷୟରେ ତଥ୍ୟ ମିଳିଯାଏ । ରାତିରେ କିନ୍ତୁ ଫ୍ଲାସ ପରେ ଫଟୋ ଉଠିଥାଏ । ଭିଡିଓ ଉଠେନା ।

ଦୁଇପଟେ କ୍ୟାମେରା ଲାଗିଥିବା ହେତୁ ଦୁଇଟାଯାକ ଫ୍ଲାସ ଏକାସାଙ୍ଗରେ ଜଳେନା । ଦୁଇ କ୍ୟାମେରା ସମାନ୍ୟ କୋଣକରି ରୁହେ ଯାହାଦ୍ୱାରା ଗୋଟିଏ କ୍ୟାମେରାର ଫ୍ଲାସ ଆଲୋକ ଅନ୍ୟ କ୍ୟାମେରାର ଫଟୋକୁ ଖରାପ କରେନା ।

"ବେଶ ସରଳ ପଦ୍ଧତି । କିଛି କଷ୍ଟ ଜଣାପଡୁନି ।"– ପାଓଲି କହିଲେ । କଥାଟା ବୁଝିହେଲାପରେ ବଡ଼ ସହଜ ଲାଗୁଥିଲା ।

"ହଁ କଥାଟା ସହଜ । କିନ୍ତୁ ସୁନ୍ଦରବନର ଜଙ୍ଗଲରେ କ୍ୟାମେରା ଲଗାଇବାଟା ଯାହା କଷ୍ଟ । ଏ ଜଙ୍ଗଲରେ ପଶିବାପରେ ବାଘର ଭୟ ଲାଗିତ ରହିଛି । ଅନେକ ସମୟରେ କ୍ୟାମେରା

ISSN NO.
2582-208X

ଲୁଣାପାଣି, ପବନରେ ଖରାପ ହୋଇଯାଏ । କ୍ୟାମେରାର ମେମୋରି କାର୍ଡ ଆଉ ବ୍ୟାଟେରୀରେ ମଧ୍ୟ ସମସ୍ୟା ଆସେ ।"– ସୁବିମଳ କହିଲା ।

"କେତେ ଦିନରେ ଆପଣ ମେମୋରୀ କାର୍ଡ ଆଉ ବ୍ୟାଟେରୀର ପରିବର୍ତ୍ତନ କରନ୍ତୁ?"– ସପନବାବୁ ପଚାରିଲେ ।

"ପ୍ରାୟ ୧୫-୧୬ ଦିନ ବିରତି ପରେ ।"– ସୁବିମଳର ଏକ ସହଜ ଉତ୍ତର ଥିଲା । ତାପରେ ସେ ବିସ୍ତୃତ ଭାବେ କହିବାକୁ ଲାଗିଲା ।

"କ୍ୟାମେରା ଟ୍ରାପିଙ୍ଗ କାମଟା ବିଟ ଅଫିସର ବା ବଡବାବୁଙ୍କର ମୁଖ୍ୟ ଦାୟିତ୍ୱ । କ୍ୟାମେରା ଯେଉଁଠି ବସାଯିବ ସେ ଯାଗାକୁ ବିଟବାବୁ ଯିବେ । ଏଣୁ ସବୁ ସାବଧାନତା ଗ୍ରହଣ କରିବାକୁ ପଡିବ । ଜଙ୍ଗଲରେ କ୍ୟାମେରା ସ୍ଥାନଟା କୂଳରୁ ପ୍ରାୟ ୫୦ ମିଟର ଭିତରେ ହୋଇଥାଏ । ବାଘର ଯାତାୟତ କୂଳରେ ସବୁଠାରୁ ବେଶି । ତେଣୁ ଏ ସ୍ଥାନରେ କ୍ୟାମେରା ଲଗାଇଲେ ଫଟୋ ଉଠିବାର ସମ୍ଭାବନା ବହୁତ ବେଶି ।

ସୁନ୍ଦରବନରେ ବାଘ ଡର ସବୁବେଳେ । ବନବିବିଙ୍କୁ ସୁମରଣା କରି ଜଙ୍ଗଲରେ ପଶୁ । ଜଙ୍ଗଲରେ ପଶିଲାବେଳେ ମା' ଗୋ ମା' ଗୋ ହୋଇ ଜୋର ଜୋରରେ ପାଟି କରୁ । ଏତେ ଜୋରରେ ପାଟିକରୁ ଯେମିତି ପ୍ରତିଧ୍ୱନୀ ଭଲ ଭାବରେ ଶୁଣାଯିବ । ପ୍ରତିଧ୍ୱନୀ ନଶୁଣାଯିବା ଅର୍ଥ ହେଉଛି ମା' ଆମପ୍ରତି ପ୍ରସନ୍ନ ନୁହନ୍ତୁ । ତେଣୁ ସେ ସ୍ଥାନରେ ପଶିବାରେ ବିପଦ ଅଛି।

ସମସ୍ତଙ୍କ ଦେହରେ ବାଘ ଆକ୍ରମଣରୁ ବଞ୍ଚିବା ପାଇଁ ବିଶେଷ ଧରଣର ପୋଷାକଥାଏ । ଏ ପୋଷାକ ପିନ୍ଧିଲେ ବାଘ ସହଜରେ କାମୁଡି ପାରିବନ । ଏହାକୁ କୁହାଯାଇପାରେ ଏକ ସାଞ୍ଜୁ। ବାଘ ସାମ୍ରାଜ୍ୟରେ ଯୁଦ୍ଧପାଇଁ ମଣିଷ ପଶୁଛି । ଆମେ ସବୁ ସୈନ୍ୟ ।

କ୍ୟାମେରା ଟ୍ରାପିଙ୍ଗରେ ଦଳ ବଡ଼ ଥାଏ । ଦଳରେ ଦଶରୁ ପନ୍ଦର ଜଣ ଲୋକ ରୁହନ୍ତୁ ।"– ସୁବିମଳ କହିଲା । ତା'ର ମୁହଁରେ ଟିକେ ହସ ଥିଲା କାରଣ ସପନବାବୁ ଆଉ ପାଓଲି ଏମିତି ସାମାନ୍ୟ ହସିବାର କାରଣ ବୁଝି ପାରୁ ନଥିଲେ । ଦୁଇଟା କ୍ୟାମେରା ଲଗାଇବା ପାଇଁ ଏତେ ବଡ଼ ଦଳର ଆବଶ୍ୟକ କଣ? ସେମାନେ ଅବଶ୍ୟ ପ୍ରଶ୍ନ ପଚାରି ନଥାନ୍ତେ । ସୁବିମଳ ହସିବାରୁ ସେମାନଙ୍କ ମନରେ ଏମିତି ପ୍ରଶ୍ନର ଆବିର୍ଭାବ ହେଲା ।

ISSN NO.
2582-208X

"ଦୁଇଟା କ୍ୟାମେରା ଲଗାଇବା ପାଇଁ ଏତେ ଲୋକ କଣ ପାଇଁ ଆବଶ୍ୟକ?"– ସପନବାବୁ ପଚାରିଲେ ।

"ଯେତେ ଆଖି ଜଙ୍ଗଲ ଉପରେ ସେତେ ଭଲ । ଏଇଟା ତ ଆବଶ୍ୟକତା ।"– ସେ ସହଜଭାବରେ କହିଲା ।

"ତଥାପି ଏତେ ଲୋକ?"– ସପନବାବୁ ପଚାରିଲେ ।

"ଦଳର ଲୋକମାନେ ଭିନ୍ନ ଭିନ୍ନ କାମ କରନ୍ତି । ଅତିକମରେ ଚାରିଜଣ ବନ୍ଧୁକଆ ରୁହନ୍ତି । ସେମାନେ ଜଙ୍ଗଲ ଉପରେ ଆଖି ରଖିଥାଆନ୍ତି । ଅନ୍ୟମାନେ ଜଙ୍ଗଲ ସଫା କରିବା ଭଳି ଅନ୍ୟ ଛୋଟ ଛୋଟ କାମ କରନ୍ତି । କିଛି ଲୋକ କ୍ୟାମେରା ବାନ୍ଧନ୍ତି ।

ସବୁଠାରୁ ବଡ଼ କଥା ହେଉଛି କାମଟା ପ୍ରାୟ ୧୫–୨୦ ମିନଟ ବା ଅତି ବେଶିରେ ଅଧ ଘଣ୍ଟା ଭିତରେ ଶେଷ କରି ଫେରି ଆସିବା । ଏଇଥିପାଇଁ ବେଶି ଲୋକ ଆବଶ୍ୟକ । ବାଘର ଆକ୍ରମଣର ସମ୍ଭାବନା ବିଳମ୍ବ ହେଲେ ବଢିଯାଏ ।"– ସୁବିମଳ କହିଲା

କଥାଟା ବୁଝି ହେଉଥିଲା । ଜୋର ଚକ୍କର କରି ପଶିଲେ ବାଘ ହଠାତ୍ ଘାବରେଇ ଯିବ ଆଉ ସ୍ଥାନ ଛାଡି ପଳାଇବ । ବାଘକୁ ଘଟଣାଟା ବୁଝିବାପାଇଁ କିଛି ସମୟ ଲାଗିବ । କିଛି ସମୟ ପରେ ବାଘ କଥାଟା ବୁଝି ତା' ଯାଗାକୁ ଆସିଲେ ପ୍ରାୟ ମଣିଷ ଉପରେ ଆକ୍ରମଣ କରିବ । ଏଣୁ ଏ ଲୋକମାନେ ଏମିତି ଏକ ପଦ୍ଧତି ଅବଲମ୍ବନ କରିଛନ୍ତି । ବେଶ ଚାଲାକପଣିଆ । ମଣିଷର ଏଇ ବୁଦ୍ଧିପାଇଁ ମଣିଷ ସବୁ ଯାଗାକୁ ଚାଲି ଯାଇପାରେ । ସବୁ ଯାଗାରେ ତିଷ୍ଠି ରହିଛି ।

"କିଛି ଘଟିଯାଇଛି ?"– ପାଓଲି ପଚାରିଲେ ।

"ଥରେ କ୍ୟାମେରା ଲଗାଇବାର ଥିଲା । ଗୋଟାଏ ବନ୍ଧୁକଆ ତା' ଠାରୁ ଦଶ ହାତ ଦୂରରେ ବାଘକୁ ଦେଖିନେଲା । ସାକ୍ଷାତ କାଳ ଯମ ଆଗରେ । ଡରରେ ତା'ର ହାତ ଚାଲିଲାନି । ପାଟି ଖନ ମାରିଗଲା । ସେ ତା' ଯାଗାରୁ ଦୌଡିବାକୁ ବସିଥିଲା । ପାଖର ଲୋକଟି ତା'କୁ ଅଟକାଇଲା । ଯାଗାଛାଡି ଦୌଡିଲେ ବାଘ ଉପରକୁ ଲମ୍ଫ ଦେବ । ତେଣୁ ବାଘ ଆଗରୁ ଦୌଡିବା ମନା ।"– ସୁବିମଳ କହିଲା ।

ISSN NO.
2582-208X

"ହଁ, ପାଖରେ ସାଙ୍ଗ ଥିଲେ ସାହାସ ତ ଆସେ ।"– ପାଓଲି କହିଲେ ।

ତାପରେ ସୁବିମଳ କହିଚାଲିଲା– " ପ୍ରାୟ ୧୫ ଟା ବ୍ଲାଙ୍କ ଫାୟାର ହେଲା । ବାଘ ପଛକୁ ହଟିଗଲା । ଲୋକମାନେ ସେ ଯାଗାରେ କାମ ନକରି ଫେରି ଆସିଲେ । ବାଘ କୌଣସି କାରଣରୁ ଉତ୍ତ୍ୟକ୍ତ ଅଛି । ବେଶି ସମୟ ରହିଲେ ଆକ୍ରମଣ କରିବ । ଯାହାହେଉ ସମସ୍ତେ ନିରାପଦରେ ଫେରି ଆସିଲୋ ଜଙ୍ଗଲରେ ସାବଧାନତା ଗ୍ରହଣ କରିବା ଅତି ଆବଶ୍ୟକ ।

କ୍ୟାମେରା ଟ୍ରପିଙ୍ଗ ପାଇଁ ଅନେକ ନିୟମ ଅଛି । ପ୍ରଥମଟା ହେଲା ଉପଯୁକ୍ତ ସ୍ଥାନର ଚୟନ। ସ୍ଥାନ ହାଇ ଟାଇଡ ବା ବଡ଼ ଜୁଆର ପାଣିରୁ ଉପରେ ରହିବା ଅତି ଆବଶ୍ୟକ । ନହେଲେ କ୍ୟାମେରା ଖରାପ ହୋଇଯିବ ।

ସେ ଯାଗାଟା ବାଘ ଆଉ ଅନ୍ୟ ଜୀବଜନ୍ତୁଙ୍କର ଯିବା ଆସିବା ସ୍ଥାନରେ ହେବା ନିହାତି ଜରୁରୀ ।"– ସୁବିମଳ ଏତିକି କହି ଟିକିଏ ଅଟକି ଗଲା । ଆଉ କପରୁ ଚାହା ପିଇବାକୁ ଲାଗିଲା । ସମସ୍ତେ କଳା ଜଙ୍ଗଲ ଆଡକୁ ଅନାଇଥିଲେ । ଖଣ୍ଡି ଜହ୍ନ ଧୂଆଁଳିଆ ଦେଖାଯାଉଥିଲା । ପାଓଲି ଜଙ୍ଗଲ ଭିତରକୁ ଅନାଇଲେ । ସବୁ ଅନ୍ଧାର । ସେ ଭିତରେ କେଉଁଠି ବାଘ ଛପି ରହିଛି ।

"କେମିତି ଜାଣନ୍ତୁ ସେ ପଟେ ଜୀବମାନେ ଯିବା ଆସିବା କରନ୍ତୁ?"– ପାଓଲି ପଚାରିଲେ ।

"କାଦୁଅରେ ଜୀବ ଜନ୍ତୁଙ୍କର ପାଦଚିହ୍ନ ଦେଖି । ଏ କାଦୁଅରେ ପାଦଚିହ୍ନ ସହଜରେ ରହିଯାଏ ।"– ସୁବିମଳ କହିଚାଲିଲା ।

ଏମିତି କ୍ୟାମେରାକୁ ସବୁ ଯାଗାରେ ଲଗାଇ ହେବନି । ସେଥିରେ କିଛି ମୂଲ୍ୟ ନାହିଁ । ଏଣୁ ଜଙ୍ଗଲରେ ଜନ୍ତୁଙ୍କର ଯିବା ଆସିବା ରାସ୍ତାରେ ଲଗାଇଲେ ଜୀବଙ୍କର ଉପସ୍ଥିତି ଜାଣିହେବ । କ୍ୟାମେରାକୁ ବଡ଼ ଜୁଆରର ରେଖାଠାରୁ ୫୦– ୬୦ ଫୁଟ ଭିତରେ ରଖାଯାଏ । ଦେଖାଯାଇଛି ଏତିକି ଅଞ୍ଚଳ ଭିତରେ ଜୀବ ଜନ୍ତୁଙ୍କର ଯିବା ଆସିବା ସବୁଠାରୁ ବେଶି ।

"ଏତେ ନିଶ୍ଚିତ ସହ କେମିତି କହି ପାରୁଛନ୍ତୁ? ଜଙ୍ଗଲର ଭିତରିଆ ଅଞ୍ଚଳରେ ମଧ୍ୟ ବହୁତ ଅଧିକ ଜୀବ ଥିବେ । ସେମାନେ କଣପାଇଁ କୂଳରେ ବୁଲିବେ?"– ପାଓଲି ପଚାରିଲେ ।

ISSN NO.
2582-208X

"ଆଗରୁ ସବୁଆଡେ କ୍ୟାମେରା ଲଗାଯାଉଥିଲା । କିନ୍ତୁ ଦେଖାଗଲା ଭିତର ଅଞ୍ଚଳରେ ପ୍ରାୟ ଜୀବଙ୍କର ଫଟୋ ନାହିଁ ବା ବହୁତ କମ ଅଛି । କୂଳର କ୍ୟାମେରାରେ ଫଟୋ ବେଶି ଆସିଛି। ତେଣୁ ଜାଣିହେଲା କୂଳରେ ଜୀବଜନ୍ତୁ ବେଶି ବୁଲୁଛନ୍ତି ।"– ସୁବିମଳ ଉତ୍ତର ଦେଲା ଆଉ ନିଜ କଥା କହିବାକୁ ଲାଗିଲା ।

ହଁ କିଛି ଛୋଟ ବୁଦା କଟାଯାଏ । ବଡ଼ ଗଛ କଟାଯାଏ ନାହିଁ । କ୍ୟାମେରା ଆଗଟା ଖାଲି ରହିବା ଆବଶ୍ୟକ । ତା' ଦ୍ୱାରା ଭଲ ଫଟୋ ଉଠି ପାରିବ ।

ଏ କ୍ୟାମେରା ଟ୍ରାପିଙ୍ଗ ପ୍ରତି ଦୁଇ କିଲୋମିଟର ଗ୍ରୀଡରେ ଲଗାଯାଏ । ଅର୍ଥାତ ପ୍ରତି ଗ୍ରୀଡରେ ଏକ କ୍ୟାମେରା । ତା' ଫଳରେ ଜଙ୍ଗଲର ପ୍ରାୟ ସବୁ ଅଂଶକୁ ଛୁଇଁ ହୁଏ । ଖାଲି ଯେ କୂଳରେ ଲଗାଯାଏ ତା' ନୁହେଁ । ଜଙ୍ଗଲର ସବୁ ଅଂଶରେ କ୍ୟାମେରା ଲଗାଯାଏ ।

"ଆଉ ବେଟ ଦିଅନ୍ତିନ ? ବାଘକୁ ନିମନ୍ତ୍ରଣ କରିବା ପାଇଁ ବେଟ ବା ଥୋପର ଆବଶ୍ୟକ ନାହିଁ ବୋଧହୁଏ ।"– ପାଓଲି କହିଲେ । ବାଘ ଧରିବାରେ ଜନ୍ତାରେ ଛେଳକୁ ବେଟ ରଖାଯାଏ । ଛେଳର ମେଁ ମେଁ ଶୁଣି ବାଘ ଜନ୍ତା ଆଡକୁ ଆକର୍ଷିତ ହୁଏ । ସେମିତି କିଛି ଉପାୟରେ ବାଘକୁ ଆକର୍ଷଣ କରିବା ଆବଶ୍ୟକ । ଏମିତି ଶହ ଶହ ବାଘ ଗୋଟାଏ ଅଞ୍ଚଳରେ ବୁଲୁ ନାହାନ୍ତି । ବାଘଙ୍କର ନିଜ ଅଧିକାରରେ ରାଜ୍ୟ ଅଛି । ସେଠି ଅନ୍ୟ ବାଘର ପ୍ରବେଶ ନିଷେଧ । କ୍ୟାମେରା ଟ୍ରାପିଙ୍ଗର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାଘର ଫଟୋ। ଏଣୁ ଯେତେ ଫଟୋ ଉଠିବ ସେତେ ଭଲ । ତାହାଦ୍ୱାରା ପ୍ରତିଟି ବାଘକୁ ସହଜରେ ଚିହ୍ନି ହେବ । ତେଣୁ ବେଟର ଆବଶ୍ୟକତା ଅଛି । ପାଓଲି କଥାଟାକୁ ବହୁତ ଭାବି କହିଥିଲେ । ଏମିତି ମନକୁ ପ୍ରଶ୍ନ ଆସିଗଲା ବୋଲି କହି ନଥିଲେ ।

କ୍ୟାମେରା ଲଗାଇଲେ ଯେ ସେ ଅଞ୍ଚଳକୁ ବାଘ ଆସିବେ ତା' ନୁହେଁ । ବାଘକୁ ଆକର୍ଷଣ କରିବା ପାଇଁ ଲ୍ୟୁର ଉପଯୋଗ କରାଯାଏ । ଏହାର ଗନ୍ଧରେ ବାଘ ଆକର୍ଷିତ ହୁଏ । ଲ୍ୟୁର ହେଉଛି ପଚା ମାଂସର ଗନ୍ଧ । ଅଣ୍ଡା ଆଉ ଖାସି ମାଂସକୁ ଅଲଗା ଅଲଗା ପାତ୍ରରେ ପ୍ରାୟ ୧୫ ଦିନ ରଖାଯାଏ । ପୋକ ନପଡିବା ପାଇଁ ସେଥିରେ ଜାଲି ଘୋଡାଇ ଦିଆଯାଏ । ପନ୍ଦରଦିନ ପରେ ମାଂସ ବେଶ ପଚଯାଏ ଆଉ ଏଥିରୁ ବହୁତ ଗନ୍ଧ ବାହାରେ । ଖଣ୍ଡମଣ୍ଡଳ ଗନ୍ଧାଏ । ତାପରେ ପଚା ଅଣ୍ଡା ଆଉ ମାଂସକୁ ମିଶାଇ ଏକ ମିଶ୍ରଣ ବା ଲ୍ୟୁର ତିଆରି

ISSN NO. 2582-208X


କରାଯାଏ । କ୍ୟାମେରା ଥିବା ଗଛ ପାଖରେ ସେ ଲ୍ୟୁରକୁ ପନ୍ଦ ବା ଗଛ ଗଣ୍ଡିରେ ନେସି ଦିଆଯାଏ । ଏ ଗନ୍ଧ ସବୁଆଡକୁ ଜଲଦି ଖେଳଯାଏ ।

ବାଘର ଗନ୍ଧ ଶୁଙ୍ଘିଂବା ଶକ୍ତ ଅପେକ୍ଷାକୃତ କମ । ତଥାପି ବାଘ ଲ୍ୟୁର ପ୍ରତି ଆକର୍ଷିତ ହୁଏ। କନ୍ତୁ ସବୁଠାରୁ ଜଲଦି ଆକର୍ଷିତ ହୁଏ ଜଙ୍ଗଲି ବାରହା । ଆମେ ଦେଖିଛୁ ଲ୍ୟୁର ଲାଗିବାର ଅଧଘଣ୍ଟା ଭିତରେ ବାରହା ସେ ଯାଗାକୁ ଆସିଯାଇଛି । କ୍ୟାମେରା ଫଟୋରୁ ତାରିଖ ଆଉ ସମୟ ମଧ ଜାଣିହୁଏ । – ସୁବିମଳ କହୁଥିଲା । ତା'ର ନାକ ପୁଡା ଫୁଲି ଯାଇଥିଲା । ସେ ଯେମିତି ପବନରୁ ଲ୍ୟୁରର ଗନ୍ଧ ବାରୁଥିଲା ।

ଏବର୍ଷ କ୍ୟାମେରା ଟ୍ରାପିଙ୍ଗ କାମ ନଭେମ୍ବର ୧୪ ତାରିଖରୁ ଆରମ୍ଭ ହୋଇଥିଲା ଆଉ ଏ କାମ ମାସେ ପାଇଁ ଚାଲିଥିଲା ।

"ଆପଣଙ୍କର ଆଉ କଛି ଅଭିଜ୍ଞତା, କଛି ବିପଦର କଥା?"– ପାଓଲି କହିଲେ । ତାଙ୍କୁ ସୁନ୍ଦରବନର କଥା ଶୁଣିବାକୁ ମଜା ଲାଗୁଥିଲା । ତାଙ୍କୁ ବେଳ ମୋଟେ ଜଣାପଡୁନଥିଲା ।

"କାଳବୈଶାଖୀର ତାଣ୍ଡବ ଏତେ ବେଶୀ ବୋଲି ମୁଁ ଭାବି ନଥିଲି ।" – ସୁବିମଳ କହୁଥିଲା। ତା'ର ଚାକରୀ ବେଶି ଦିନ ହୋଇନ । ଏଇ ଦୁଇବର୍ଷ । କାଳବୈଶାଖୀ ଅପ୍ରେଲ ମାସ ଆଡକୁ ହୁଏ । ତା'କୁ ଦୁଇଟା ବୈଶାଖୀ ଦେଖିବାକୁ ସମୟ ମିଳ ନଥିବ ।

"ପବନ ଏ ଭିତରେ ୪୦-୫୦ କ.ମ. ପ୍ରତି ଘଣ୍ଟା କମ୍ବା ତା' ଠାରୁ ଅଧିକ ହୁଏ । ଏ ଭିତରେ ଗଛ ବେଶି ଭାଙ୍ଗେନା । ପବନ ଉପରେ ଚାଲିଯାଏ ।"– ସୁବିମଳ କହୁଥିଲା ।

"ତେବେ ଡରିବାର କଣ ଥିଲା ?"– ପାଓଲି ପଚାରିଲେ ।

"ଗାଁ, ସହରରେ ଏତିକ ଜୋରରେ ବୋହୁଥିବା ପବନକୁ ଡରିବାର କଛି ନାହିଁ । କନ୍ତୁ ଏଠି ସୁନ୍ଦରବନରେ ଡରିବାର ବହୁତ ଅଛି । ପାଣି ତ ଡର ।"– ସେ କହିଲା ।

"କଣ କହୁଛନ୍ତୁ? ପାଣି ମାଡି ଆସେ ନା କଣ?"– ପାଓଲି ଆଶ୍ଚର୍ଯ୍ୟ ବ୍ୟକ୍ତ କରୁଥିଲେ ।

"ପାଣିରେ ବିରାଟ ବିରାଟ ଲହଡି ଉଠେ । ଯେତେ ଅନୁଭବୀ ହେଲେ ମଧ କଛି ନହେବ ବୋଲି କହି ହେବନ । ବୋଟର ମଙ୍ଗ ସମ୍ଭାଳୁ ସମ୍ଭାଳୁ ଯଦି ପବନର ଦିଗ ବଦଳଲା

ISSN NO.
2582-208X

ତେବେ ବୋଟକୁ ସ୍ଥିର ରଖିବା କାଠିକର ପାଠ ହୋଇଯାଏ । ସେମିତି ଏକ ଘଟଣା ଘଟିଗଲା ଆଉ କଥାଟା ମନେ ରହିଗଲା ।”– ସେ କହୁଥିଲା । ତାପରେ ସେ କଥାଟା ବର୍ଣ୍ଣନା କରବାକୁ ଲାଗିଲା ।

ଅପ୍ରେଲ ମାସ । କାଳବୈଶାଖୀ ଆସିଲା । ପାଟ୍ରୋଲିଙ୍ଗ ବୋଟକୁ କାଳବୈଶାଖୀ ଉପରେ ଖବର ନଥିଲା । ତାପର ଦିନ ଓୟାରଲେସରେ ସମସ୍ତଙ୍କୁ ଯୋଗାଯୋଗ କରାଗଲା । କିନ୍ତୁ ପାଟ୍ରୋଲିଙ୍ଗ ବୋଟରୁ କିଛି ଖବର ନାହିଁ । ସମସ୍ତେ ବ୍ୟସ୍ତ ହୋଇଗଲେ । କିଛି ଦୁର୍ଘଟଣା ଘଟିନ ତ ? ବୋଟ ବୁଡିଯିବା କିଛି ଅସମ୍ଭବ ନୁହେଁ । ଯା ହେଉ ଅନେକ ସମୟ ପରେ ଖବର ଆସିଲା । ବୋଟରେ ସମସ୍ତେ ସୁରକ୍ଷିତ ଅଛନ୍ତି । କିନ୍ତୁ ଛାତର କିଛି କ୍ଷତି ଘଟିଛି ।

ଜଙ୍ଗଲରେ କ୍ଷୟକ୍ଷତି କଣ ଘଟିଛି ଜାଣିବାପାଇଁ ଏକ ଦଳ ବିଟ ଅଫିସରଙ୍କ ନେତୃତ୍ୱରେ ବାହାରିଗଲା । ସୁବିମଳ ହେଉଛି ବିଟ ଅଫିସର । ସେମାନେ ନଦୀଧାରରେ ଯାଉ ଯାଉ ଦେଖିଲେ ଯେ ଗୋଟାଏ ଗଛରେ କିଛି ଜନ୍ତୁ ଡାଳକୁ ହଲାଉଛନ୍ତି । ସେଗୁଡିକ ମାଙ୍କଡ ଥିଲା ଭଳି ଲାଗୁଥିଲା । ସେମାନେ ଜୋରରେ ଡିଆଁକୁଦା କରୁ ନଥିଲେ । କିନ୍ତୁ ଜୋରରେ ଡାଳ ହଲାଉଥିଲେ । କିଛି ହାତ ହଲିଲା ଭଳିଆ ଲାଗୁଥିଲା ।

“ବଡବାବୁ, ସେମାନେ ବୋଧହୁଏ ମଣିଷ ।”– ସେଦିନ ମାଇତିବାବୁ ସୁବିମଳକୁ କହିଲେ। ସୁନ୍ଦରବନରେ ବିଟ ଅଫିସରକୁ ବଡବାବୁ କୁହାଯାଏ ।

“ଚାଲ ଯିବା ଦେଖିବା ଘଟଣାଟା କଣ?” – ସୁବିମଳ କହିଥିଲା ।

“ଲୋକଗୁଡା ଡକାଏତ ନୁହଁନ୍ତୁ ତ ? କିଛି ଫନ୍ଦା ନୁହେଁ ତ ?”– ମାଇତିବାବୁ କହିଥିଲେ।

“କହି ହେବନ । କିନ୍ତୁ ସତରେ ଲୋକଗୁଡାକ କିଛି ଅସୁବିଧାରେ ପଡିଛନ୍ତୁ ।ଗତକାଲି ଯେ ତୋଫାନ ଥିଲା ।”– ସୁବିମଳ କହିଥିଲା ।

ଡକାଏତର ଡର ଥିଲା । କିନ୍ତୁ ସତରେ ଯଦି ଲୋକଗୁଡାକ ଅସୁବିଧାରେ ପଡିଥିବେ ତେବେ ଏମାନେ ଚାଲିଗଲେ ସେ ଲୋକମାନଙ୍କର ଜୀବନ ଦିନେ ଦି ଦିନରେ ଚାଲିଯିବ । ପିଇବା ପାଇଁ ପାଣି ନାହିଁ । ଆଉ ଜଙ୍ଗଲରେ ବାଘ ଛକି ରହିଛି । ସେମାନେ କୂଳକୁ ଆସି ଦେଖିଲେ ଯେ ସତରେ କିଛି ଲୋକ ଗଛ ଚଢି ବସିଛନ୍ତୁ । ଯାହାହେଉ ସେମାନଙ୍କୁ ଉଦ୍ଧାର

ISSN NO.
2582-208X

କରୁଗଲା । ସାତଝେଲିଆରୁ ଆସିଛନ୍ତୁ ଗ୍ରେଗ୍ରରେ ମାଛ ଧରିବାକୁ । ଏ ଦିନରେ ମାଛ ଧରିବା ମନା । କନ୍ତୁ ଏ ଲୋକମାନେ ଲୁଗ୍ଗରେ ଆସି ଦୁର୍ଘଟଣାରେ ଫସି ଯାଇଛନ୍ତୁ । ବିଭ୍ରଗର ବୋଟ ନ ଆସିଥିଲେ ହୁଏତ ଏମାନେ ବଞ୍ଚି ନଥାନ୍ତେ । ଏବେ କେହି ମାଛ ଧରିବାକୁ ଆସିବେ ନାହିଁ । ନଷେଧ ଆଦେଶ ଦିଆଯାଇଛି । ଏହି ସମୟ ମାଛ ଜାଆଁଳ ବଢିବାର ସମୟ । ତିନ ମାସପରେ ମାଛଧରୁ ଆରମ୍ଭ ହେବ । ତେଣୁ ଅନ୍ୟ ମସ୍ତଜିବୀମାନେ ଏମାନଙ୍କୁ ଉଦ୍ଧାର କରିବା ଆଶା ବୃଥା ।

ସେମାନଙ୍କୁ ପାଣି ଦିଆଗଲା । ଲୋକଗୁଡାକ ନୂତନ ଜୀବନ ପାଇଲେ ।

କାହାଣୀ କହିଲେ ରୁତି ପାଇବନ । ସୁନ୍ଦରବନର ବୋହିଯାଉଥିବା ପାଣିରେ ଅସଂଖ୍ୟ ଅଭିଜ୍ଞତା ଲେଖାଯାଇଛି । ତାରୁର ଆଲୋକରେ ଅନେକ କାହାଣୀ ଜଙ୍ଗଲ ଉପରେ ଝରି ପଡୁଛି । କନ୍ତୁ ଯିବାର ସମୟ ହୋଇ ଯାଇଛି । ରୁତି ଅନେକ ହୋଇ ଆସିଲା । ପାଓଲି ଆଉ ତାଙ୍କ ଦଳ ବୋଟକୁ ଫେରିଗଲେ । ସେଇଠି ବିଶ୍ରାମ ନେବେ । ସୁବିମଳ ଆଉ ତାଙ୍କର ଦଳ ତାରଜାଲିର ସୁରକ୍ଷା ମଧ୍ୟରେ ରହିବେ । ସେଇଠି ଅଛି ସେମାନଙ୍କର ଦୁନଆ। ସେମାନେ ଏ ଲୁଣାପାଣି ଭିତରେ ଘୁରି ବୁଲୁଛନ୍ତୁ । ସେଇମାନେ ସୁନ୍ଦରବନ ସୀମାନ୍ତର ପ୍ରହରୀ । ବାଘକୁ ନଜ ଜୀବନକୁ ବାଜି ଲଗାଇ ସୁରକ୍ଷା ଦେଇ ଗ୍ଭଲିଛନ୍ତୁ । ଏକ ନୂଆ ପିଢି ସୁନ୍ଦରବନର ଢାଲ ହିସାବରେ ଉଭା ହେଉଛି ।

- ସମାପ୍ତ

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ଯେଉଁ ଗାଆଁଟିରେ ଜନମ ମୋର...



ଶଶଧର ମହାପାତ୍ର

ଯେଉଁ ଗାଁଟିରେ ଜନମ ମୋର
ସେଇଠି ମରଣ ହେଉ
ହେ ମହାବାହୁ ! ଏତିକି କରୁଣା ହେଉ
'ନାରୀଗାଁ' ରେ ଜୀବ ଯାଉ
ତା'ର ଶମଶାନ ମୋର ସ୍ୱର୍ଗଦ୍ୱାର
ତୋଳିନେଉ ମୋତେ କରି ଆପଣାର
ଏ ମର ଶରୀର ସେହି ସ୍ୱର୍ଗଦ୍ୱାରେ
ତା ମାଟିରେ ମିଶିଯାଉ ।।
ମୋ କଥାଟିକୁ ମାନିନେବ ଭାବି
କରୁଅଛି ନିବେଦନ
ଯଦି ସତ ହେଲା ମୋର ଅଭିଳାଷ
ଝୁରିହେବି ସାତ ଜନ୍ମ
ହେ ଭକତର ଭଗବାନ !
ବେଖାତିର କରି ନଶୁଣି ଗୁହାରି
ମୋ ମୁହେଁ ନ ଲେପ ଚୂନ ।।
ଏ ତନୁ ମନରୁ କାହିଁ କେତେଦିନୁ
ବସନ୍ତ ଗଲାଣି ଛାଡ଼ି
ମାଘ ମାସ ଏବେ କବାଟ ବାଡ଼ାଏ
ଶୀତ ଆସିଲାଣି ମାଡ଼ି
ଯାତନା ଗଲାଣି ବଢ଼ି

ISSN NO.
2582-208X

ମୋ ଦଦରା ନାଆ ଭାସେ ଏ କୂଳରେ
କିଏ କାନ୍ଦୁଅଛି ବସି ସେ କୂଳରେ
ମରଣ ଛାଡୁଛି ରଡ଼ି ।।
ଜନମ ମରଣ କପାଳରେ ଲେଖା
କହିଛନ୍ତି ଜ୍ଞାନୀ ଜନେ
ମୋ କପାଳରେ କ'ଣ ଲେଖାଅଛି
ଭାବୁଅଛି ମନେମନେ
କାଳେ ଭୁଲିଯିବ ପକାଉଛି ତୁମ କାନେ
ତୁମେ ସୃଷ୍ଟିକର୍ତ୍ତା ସହସ୍ର ବାରତା
ଶୁଣୁଥିବି ପ୍ରତିଦିନେ ।।
ହୃଦୟ ମନକୁ ଭଡ଼ା ଲଗେଇଛି
ତୁମ ପାଶେ ଜଗତ୍‌ପତି
ପ୍ରତିମାସ କିଛି ଭଡ଼ା ମିଳିଗଲେ
ଗାଇବି ତୁମର ଗୀତି
ଜୀବ ଥିବାଯାଏ ତୁମ ପାଦପଦ୍ମେ
ଥାଉ ସଦା ମୋର ମତି
ସକାଳୁ ଆରମ୍ଭ ସଞ୍ଜେ ହେଉ ଶେଷ
ଦେଖୁଥାଏଁ ତୁମ ମୂର୍ତ୍ତି ।।
ଯେଉଁ ବାପା-ମା' କୋଳରେ ଜନମ
ଦେଇଥିଲ ଭାବଗ୍ରାହୀ
ଅତି ଭାଗ୍ୟବାନ ମନେକରେ ମୁହିଁ
ତାଙ୍କ କୋଳେ ଜନ୍ମ ହେଇ
କର ଏହି ମହାଦାନ
ସବୁ ଜନମରେ ତାଙ୍କରି କୋଳରେ
ଜନ୍ମ ହେବାକୁ ମୋ' ମନ ।।
ଆଜି ଏଠି ଅଛି କାଲିକି ନଥିବି
ଏ ତ ଜଗତର ନୀତି

ISSN NO.
2582-208X

ସ୍ୱର୍ଗ କି ନରକ ଯେଉଁଠିକି ନିଅ
ନାହିଁ ମୋର କିଛି ଆପତ୍ତି
ଏତିକି ମୋର ମୀନତି
ଅନ୍ତରରୁ ମୋର ତୁମପାଇଁ ସଦା
ଗୁଞ୍ଜରିତ ହେଉ ଭକତି ।
ପେଟ ପୋଷିବାକୁ ଛାଡ଼ି ଜନ୍ମମାଟି
ଆସିଥିଲି ପରଦେଶ
ବାପା–ବୋଉ, ଭାଇ, ଭଉଣୀ ସଭିଏଁ
ଛାଡ଼ିଥିଲେ ଦୀର୍ଘଶ୍ୱାସ
ହେଲାଣି ଅଠତିରିଶ ବରଷ
କେବେଠୁଁ ଗଲେଣି ବାପା ବୋଉ ଛାଡ଼ି
ଓଠରୁ ଲିଭିଛି ହସ ।।
ହୃଦୟର କଥା କାହାକୁ କହେନି
ହୃଦୟରେ ଲୁଚିଥାଏ
କହିବିକି ନାହିଁ ଭାବି କହିଦେଲି
(କାରଣ) ମୁଁ ତୁମକୁ ଭଲପାଏ
ତାକୁ ଗଣ୍ଠିକରି ରଖିଥାଏ
ଶୁଣ କି ନ ଶୁଣ ତାହା ତୁମ ଇଚ୍ଛା
କହିଦେଲେ ଚିନ୍ତାଯାଏ ।

(ଆମ ଗାଁ ନାଁ 'ନାରୀଗାଁ' । ଏହି ଛୋଟ ଗାଁଟିରେ ମୋର ଜନ୍ମ । ଏହା ଯାଜପୁରର ପୂର୍ବଭାଗରେ ଓଡ଼ିଶା ପ୍ରସିଦ୍ଧ 'ବିରଜା' ମନ୍ଦିରଠାରୁ ପ୍ରାୟ ୨୪· କି·ମି ଦୂରରେ ଅବସ୍ଥିତ । ଏହି ଗାଁରେ ଅବସ୍ଥିତ ଜଗନ୍ନାଥ ମନ୍ଦିର 'ଚନ୍ଦନ ଶ୍ରୀକ୍ଷେତ୍ର' ନାମରେ ପରିଚିତ । ପ୍ରତିବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁ ଏଠାକୁ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସନ୍ତି)

ହିଡେନ୍ ଭ୍ୟଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# !ପ୍ରକୃତି ପୁରୁଷ!


ଜୟନ୍ତୀ ଦେବୀ

ପ୍ରକୃତି ପୁରୁଷ ର ସମ୍ପର୍କ ଏକ
ଏକରୁ ସୃଷ୍ଟି ଅନେକ।
ପ୍ରକୃତିର କୋଳ ମା କୋଳ ସମ
ଅଶେଷ ସୁଖ ଦାୟକ।।୧
ପୁରୁଷ ତ ଏଠି ଅନାଦି ପୁରୁଷ
ପୁରୁଷୋତ୍ତମ ଶ୍ରୀଧର।
ପ୍ରକୃତ ପୁରୁଷ ବେନୀଙ୍କ ମିଳନ
ଫଳ ଏ ସାରା ସଂସାର।।୨

ମାର୍ଫତ୍ – ଡଃ ଅର୍ଜୁନ ଚରଣ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା
ଦୂରଭାଷ-୮୮୯୫୪୫୦୧୧୦

ISSN NO.
2582-208X

# ଅହମିକା ଓ ଅହଂକାର



ସଂଯୁକ୍ତା ସାହୁ

ଜୀବନର ଗଣିତ ଖାତାରେ ବୟସଟା
ସରି ସରି ଆସେ ଅବାଂଛିତ ପ୍ରଶ୍ନନେଇ
ତା'ର ଉତ୍ତର ମିଳି ନ ଥାଏ ଶେଷକୁ
ଅଢେଇ ଦିନିଆ ଜୀବନରେ ବଡେଇ କିଆଁ
ତଥାପି ଏ ଅବିବେକୀ ମଣିଷ ବୁଝେନି
ଅହଂକାର ଓ ଅହମିକାରେ ବୁଡି ରହି
ନିଜକୁ ଖୋଜେ ନାହିଁ ଛଟପଟ ହୁଏ ଖାଲି
ଅପ୍ରିୟ ସତ୍ୟ ଦୌଡିରେ ବନ୍ଧା ହୋଇ
ନିଜର ଚତୁର ପଣିଆର ବଡ଼ିମା ଦେଖେଇ
ଅହଂକାରର ମୁଖା ପିନ୍ଧି ମୁଖ ଭଙ୍ଗୀରେ
ଦୃଢ଼ତା ଗାମ୍ଭିର୍ଯ୍ୟ ଓ ଅହଂପୂର୍ଣ୍ଣଭାବେ ସିଏ
ଉଦଣ୍ଡତାରେ ହସ୍ତପଦ ସଂଚାଳନ କରେ
ସମସ୍ତ ନୀତି ହୀନତା, ପାପ, ଅନାଚାର
ଅନ୍ୟକୁ ହୀନ ମନେକରି ବୃଥା ବାହାସ୍ଫୋଟ
ମାରି ମିଛ ଅହମିକାରେ ଘୁରି ବୁଲୁଥାଆନ୍ତି
ଅଯଥାରେ ଛାଇ ଆଲୁଅର ରହସ୍ୟରେ
ଫେରିବାଟା ମହା ସତ୍ୟ ଜାଣିପାରି ଥାଆନ୍ତି
ତଥାପି ଅହଂକାର ଓ ଅହମିକାରେ ଉବୁଟୁବୁ ହୋଇ
ମିଥ୍ୟା ପ୍ରଳାପର ଘନୀଭୂତ ଗୋଧୂଳିରେ
ଏ ମଞ୍ଚର କାଚଭର୍ତ୍ତି ଚଟାଣ ଚୁରମାର ହେବ

ISSN NO.
2582-208X

ମୁଁକାରକୁ ନେଇ ବିଲୁଆ ଭଳି ରଙ୍ଗ ବଦଳେଇ
ଦୁନିଆକୁ ଜିତିବାର ଯେଉଁ ଦୁର୍ବାର ଆଶାନେଇ
ଅହମିକାର ଗଛରେ ସୂତା ବାନ୍ଧୁଥାଏ ସିଏ
ସମୟ ଆସି ଏମିତି ପହଞ୍ଚିଯାଏ ମନରେ
ଅହଂକାର ଓ ଅହମିକାରୁ ଓହ୍ଲାଇ ଆସେ
ଜୁଆର,ମରୀଚିକା, ମୁଁ ତ୍ୱର ବଂଧନ ନେଇ
ତେଣୁ ଏ ଅଳିକ ଦେହରୁ ଫିଙ୍ଗିଦିଅ ଯେତେ
ସବୁ ଅହଂକାର ଓ ଅହମିକା ଇଛା ମାନ
ଝୁରୁଝୁରୁ ଝୁରୁଥିବ ମୁଗ୍ଧ ଆଶାବରୀ ହୋଇ ।

ଉପସଭପତି, ମାଟିଘର ସାହିତ୍ୟ ସଂସଦ
ଗ୍ରାମା, ଜଗତସିଂହପୁର

ISSN NO. 2582-208X

# ବିଚ୍ଛିନ୍ନାଞ୍ଚଳ ସିଂହଭୂମି ଲୋକଗୀତ ଅଧ୍ୟୟନର ପୃଷ୍ଠଭୂମି

କବିତା ଖଣ୍ଡେଇତ

ବର୍ତ୍ତମାନ ଓଡ଼ିଶାର ଉତ୍ତରାଞ୍ଚଳରେ ମୟୁରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲା-ତ୍ରୟର ଉତ୍ତର ଦିଗକୁ ହାରାହାରି ୧୨୪ ମାଇଲ୍ ଦୈର୍ଘ୍ୟ ଓ ୮୪ ମାଇଲ୍ ପ୍ରସ୍ତ ବିଶିଷ୍ଟ ଯେଉଁ ବିଶାଳ ଭୂଖଣ୍ଡ, ତାହା ହେଉଛି ବିଚ୍ଛିନ୍ନାଞ୍ଚଳ ସିଂହଭୂମି। ମଧୁବାବୁଙ୍କ ପରିକଳ୍ପନାର ପୂର୍ଣ୍ଣାଙ୍ଗ ଉତ୍କଳର ମଥାମଣି ସ୍ୱରୂପ। ସିଂହଭୂମି ବିଚ୍ଛିନ୍ନାଞ୍ଚଳ ହେବା ଆଗରୁ ଖ୍ରୀ: ୧୯୩୬ ଓ ସ୍ଥଳ ବିଶେଷରେ ଖ୍ରୀ: ୧୯୪୬ ପର୍ଯ୍ୟନ୍ତ ଓଡ଼ିଶା ସହ ସଂପୃକ୍ତ ଥିଲା। ଲୋକ-ଭାଷା ଅନୁସାରେ ସିଂହଭୂମିକୁ ଯଦି ଏକ ରାଜ୍ୟ ହିସାବରେ ମାନି ନିଆଯାଏ ଆମେ ଦେଖିବାକୁ ପାଇବା ଯେ, ଏହି ରାଜ୍ୟ-ସ୍ଥିତ ପ୍ରତ୍ୟେକଟି ଗଡ଼ଜାତ ଓ ତା'ର ଅଧିପତି ଅନ୍ତର୍ଗତ ବିଗତ ୮୦୦ ବର୍ଷର ଇତିହାସରେ ସାମାଜିକ ଓ ସାଂସ୍କୃତିକ ରୂପ ଓଡ଼ିଆ ଥିଲେ। ଏହି ଜଗନ୍ନାଥ ପ୍ରାଣ ଓ ଓଡ଼ିଶା ଅନୁଗତ ରାଜା ମାନଙ୍କର ଦରବାରୀ, ପୁରୋହିତ, ରାଜଗୁରୁ, ରାଜ-ସୈନିକ (ରାଉତ-ଖଣ୍ଡାୟତ) ଓ ଅନ୍ୟାନ୍ୟ ସେବକ- ବର୍ଗ, ଯଥା ତେଲୀ, କୁମ୍ଭାର, କମାର, ମାଳି, ସୁନାରି, କଂସାରି, ଗୋପାଳ (ଗଉଡ଼), ଭଣ୍ଡାରି ଓ ଆହୁରି ଅନେକ ପ୍ରକାରର ଜନସାଧାରଣ ମୁଖ୍ୟତଃ ଓଡ଼ିଆ ଥିଲେ ଓ ଏବେବି ଅଛନ୍ତି। ସିଂହଭୂମି ଏକ ସଂଗଠିତ ରାଜ୍ୟ ହେବା ତଥା ପ୍ରଥମ ରାଜଧାନୀ ପୋଡ଼ା ହାଟଠାରୁ କେନ୍ଦ୍ରୀୟ ଶାସନ-ବ୍ୟବସ୍ଥା ଲାଗୁହେବା ପୂର୍ବରୁ ଏଠାରେ କୋହ୍ଲ ଓ ଭୂୟାଁ ସର୍ଦ୍ଦାର ମାନେ ସୀମିତ ଅଞ୍ଚଳ ଗୁଡ଼ିକରେ ରାଜୁତି କରୁଥିବାର ମଧ୍ୟ ଦେଖାଯାଇଥାଏ। ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତିର ଅଧ୍ୟୟନ ପାଇଁ ସିଂହଭୂମି ରେ ଅସୀମ ସମ୍ଭାବନା ଅଛି। ଏଠାରେ ପୌରାଣିକ ଲୋକ ସାହିତ୍ୟ ବିଶେଷ ନିଆରା ନହେଲେ ମଧ୍ୟ, ଲୌକିକ କିମ୍ବଦନ୍ତୀ ମୂଳକ, ଓଷାବ୍ରତ ସମ୍ବନ୍ଧିତ ଏବଂ ସାମାଜିକ ଲୋକ ସାହିତ୍ୟ ଓ ଲୋକ-ସଂସ୍କୃତି ବେଶ୍ ଉଚ୍ଚମାନର ଓ ବିଶେଷତ୍ୱ ପୂର୍ଣ୍ଣ ମୋଟିଫ୍ ସଂପନ୍ନ। ଉଦାହରଣ ସ୍ୱରୂପ, ସିଂହଭୂମିର 'ପାଉଡୀ' ଦେବୀ

ISSN NO.
2582-208X

କଥା। 'ବଂଶପ୍ରଭା ଲେଖନ' ଅନୁସାରେ, ରାମେଶ୍ୱର ୧୪୦୦୦ ଶିବଲିଙ୍ଗର ରକ୍ଷଣାବେକ୍ଷଣ ନିମନ୍ତେ ସେଠାରେ ଯେଉଁ ଦେବୀ ପ୍ରତିଷ୍ଠା କରାଯାଇଥିଲା, ସେହି ପାଉଡୀ। ସିଂହବଂଶୀ ରାଜପୁତ୍ରଙ୍କ ସାଙ୍ଗରେ ସେ ଲଙ୍କାରୁ କେଉଁଝର, ବଣେଇ, ଜାମଦା ହୋଇ ସିଂହଭୂମି ଆସିଛନ୍ତି। ଏହି ପାଉଡୀ ହିଁ ପୁଣି କଂସକୁ ଆକାଶବାଣୀ ଶୁଣାଇଥିବା ଯଶୋଦାପୁତ୍ରୀ ବିଜୁଳିକନ୍ୟା। ଏହି ପାଉଡୀ ହିଁ ପୁଣି ମଣ୍ଡଳେଶ୍ୱରୀ, କାଳି, ହିଙ୍ଗୁଳାକ୍ଷୀ ଇତ୍ୟାଦି ଇତ୍ୟାଦି। ସିଂହଭୂମିର ସାତ ଭଉଣୀ ଦେବୀ ମଧ୍ୟରୁ ପରମ ପ୍ରଚଣ୍ଡା। ସିଂହଭୂମିର ସବୁ ଗାଁ ମୂଳରେ ଗ୍ରାମ ଦେବତୀ, ସେ ଯାହିରା ହେଉ, ଦେ' ଶାଉଳୀ ହେଉ ବା ଅନ୍ୟ କୋଉ ନାଁ ର, ମୂଳତଃ ପାଉଡୀ ଦେବୀ। ଠିକ୍ ସେମିତି 'ବଂଶପ୍ରଭା ଲେଖକ'କୁ ସିଂହଭୂମିର 'ମାଦଳାପାଞ୍ଜି' କହିଲେ ବୋଧହୁଏ ଅତ୍ୟୁକ୍ତି ହେବ ନାହିଁ। ସିଂହଭୂମିକୁ ସିଂହବଂଶୀ ରାଜକୁମାର ମାନଙ୍କର ଆଗମନ, ଏଠାରେ ପୂର୍ବବର୍ତ୍ତୀ କୋହ୍ଲ ଓ ଭୂୟାଁ ସର୍ଦ୍ଦାର ମାନଙ୍କ ଅନ୍ତଃକଳହର ସାମରିକ ଅବଦମନ ତଥା ଏହି ଅଗନା ଅଗନି ବନସ୍ତ, ଏସିଆର ଘଞ୍ଚତମ ଶାଳବଣ ସାରଣ୍ଡା ଜଙ୍ଗଲ ମଝିରେ ସାମ୍ରାଜ୍ୟ ବିସ୍ତାରର ଅଭୀପ୍ସା ଯେଉଁ ପରାକ୍ରମକୁ ସାକ୍ଷୀ ଦିଏ, ସେହି ପରାକ୍ରମର ମହାଗାଥା ହେଉଛି 'ବଂଶପ୍ରଭା ଲେଖକ'। ପ୍ରସଙ୍ଗକ୍ରମେ ଏଥିରେ ସିଂହଭୂମିର ରାଜନୈତିକ, ସାମାଜିକ, ସଂସ୍କୃତିକ ଓ ଅଞ୍ଚଳ ଅବକ୍ରମର ଧାରାବିବରଣି କିମ୍ବଦନ୍ତୀ ମୂଳକ ସାହିତ୍ୟ ମାଧ୍ୟମରେ ଉପସ୍ଥାପିତ।

ଭୂୟାଁ ସର୍ଦ୍ଦାର ମାନଙ୍କ ପୂର୍ବ ଶାସିତ ରାଜ୍ୟ 'ସିଂହଭୂମି' ରେ 'ପାଉଳି ଘୋଡ଼ା' ନାମକ ଏକ ଅଲୌକିକ ଅଶ୍ୱର ଆବିର୍ଭାବ ର ଲୋକ ବିଶ୍ୱାସ ରହିଛି। ଏହି ଦୁର୍ଦ୍ଧାନ୍ତ ଓ ଅଦମନୀୟ 'ପାଉଳି ଘୋଡ଼ା'କୁ ଲାଞ୍ଜପଟୁ ଚଢ଼ି ଯିଏ ଲଗାମ ଦେଇପାରିବ ସିଏ ହେବ ରାଜା (ସର୍ଦ୍ଦାର)। ରାଜସ୍ଥାନ ରୁ ପୁରୀ ଆସିଥିବା ରାଜପୁତ ବୀର ଦର୍ପନାରାୟଣ ସିଂହ ଫେରନ୍ତା ରାସ୍ତାରେ ଏହି ଅଦମ୍ୟ ସାହାସର ପରିଚୟ ଦେଇ ଭୂୟାଁ ସର୍ଦ୍ଦାର ମାନଙ୍କ ବିଶ୍ୱାସ ଭାଜନ ହୋଇ ରାଜା ଘୋଷିତ ହୋଇଥିଲେ। ଖ୍ରୀ ୧୨୦୫ ର ଏହି ଅୟଆରମ୍ଭ ହାରାହାରି ୭୦୦ ବର୍ଷ ପର୍ଯ୍ୟନ୍ତ ୫୨ ପୀଢ଼ି ଯାଏ ପ୍ରଳମ୍ବିତ ହୋଇଥିଲା।

ଭାଗବତ ବର୍ଣ୍ଣିତ ବାଳୀ ଓ ସୁରେଖାଙ୍କ ଛଅ ପୁତ୍ର ଅଙ୍ଗ, ବଙ୍ଗ, କଳିଙ୍ଗ, ପୂର୍ଣ୍ଣ, ଉଡ୍ର ଓ ସୁଦହଙ୍କ ନାମାନୁସାରେ ଛଅଗୋଟି ରାଜ୍ୟର ନାଁ ହବାଭଳି ସିଂହଭୂମି, ଭଞ୍ଜଭୂମି, ବରାହଭୂମି, ଧଳାଭୂମି, ମାଳଭୂମି, ବିଚାରଭୂମି, ବୀରଭୂମି ଓ ତୁଙ୍ଗଭୂମି ଆଦି ଗଡ଼ଜାତ ସମୂହ ବଙ୍ଗ-ବିହାର-ଓଡିଶାର ମଧ୍ୟବର୍ତ୍ତୀ ଇଲାକାରେ ମଧ୍ୟଯୁଗରେ ଗଢ଼ି ଉଠିଥିଲା।

ISSN NO.
2582-208X

ସିଂହଭୂମିରେ ଯେଉଁ ସଂସ୍କାର ପାଠ ହୁଏ ସେଥିରେ ମହାବାକ୍ୟ ହେଉଛି, 'ଇହ ପୃଥିଭ୍ୟାଂ ଜମ୍ବୁଦ୍ୱୀପେ, ଭାରତଖଣ୍ଡେ ଭାରତବର୍ଷେ ଉତ୍କଳ ଦେଶେ ଗଙ୍ଗା ବିରଜା ପୁରୁଷୋତ୍ତମ ମଧ୍ୟେ ମେରୋଦକ ଶିଛ ମହୋଦଧିରୁ ରଟହ ଖଡକେଇ ନଦୀତୀରେ ଦେବ ବ୍ରାହ୍ମଣାଗ୍ନି ସନ୍ନିଧୌ.....' ଇତ୍ୟାଦି। ଊନବିଂଶ ଶତାବ୍ଦୀରେ ପୋଡାହାଟ (ଚକ୍ରଧରପୁର) ରାଜଧାନୀ ଥିବା କାଳରେ ସିଂହଭୂମିର ଚରମ ରାଜକୀୟ ଉତ୍କର୍ଷ ଓ ଅବସ୍ଥାନର ଅୟମାରମ୍ଭ ମଧ୍ୟ ଦେଖାଯାଇଥାଏ।

ସଂସ୍କୃତିର ବସ୍ତୁନିଷ୍ଠ ଅଧ୍ୟୟନ ସର୍ବଦା ସତ୍ୟକୁ ଓଗାଳିବା ପାଇଁ ବାଧ୍ୟ। ସିଂହଭୂମିର ନିରପେକ୍ଷ ସାଂସ୍କୃତିକ ଅଧ୍ୟୟନ ମଧ୍ୟ ଏହି ସତ୍ୟକୁ ପରିଶୀଳିତ କରେ ଯେ ଏହା ଉତ୍କଳୀୟ ସଂସ୍କୃତିର ଏକ ଅଭିନ୍ନ ଅଂଶ ମାତ୍ର। ଭାଷାତତ୍ତ୍ୱବିଦ୍ ଗ୍ରୀୟରସନ୍ ମଧ୍ୟ ଯଥାର୍ଥରେ କହିଥିଲେ, 'It is to be noted how willingly an ab original trbede allows it's own paper language to be corrupted by those of its more civilised Aryans. neibours and how, in some cases it has been abandoned it's own language together.' (G.A.Grierson, 'Linguistic survey of India', Vol-Vth, Part-I, P-4). ସିଂହଭୂମିରେ କାଳକ୍ରମେ ଓଡ଼ିଆ ମାନଙ୍କର ରାଜନୈତିକ ପ୍ରଭାବହୀନତା, ଇଛାଶକ୍ତିର ଅଭାବ ଓ ଭିଟାମାଟି ପାଇଁ ଯଥୋଚିତ ସଂଘର୍ଷର ଅଭାବ ଓ ଅନ୍ୟପଟେ ବିହାରି ଓ ବଙ୍ଗାଳୀ ମାନଙ୍କର ରାଜନୈତିକ ଶବସ୍ୱ ଉଚ୍ଚ ପଦବୀ ଧାରଣା ତଥା ବ୍ୟବସାୟିକ ମନୋଭାବ ଓଡ଼ିଆ ଅସ୍ତିତ୍ୱକୁ କ୍ରମାଗତ ଭାବେ ଉପହାସ କଲା ଏବଂ ଓଡ଼ିଆମାନେ କୋହଚାପି ସଂକୁଚିତ ହୋଇ ରହିବାକୁ ବାଧ୍ୟହେଲେ। ମାତ୍ର ସିଂହଭୂମିର ନିରପେକ୍ଷ ସାଂସ୍କୃତିକ ଅଧ୍ୟୟନ କଲେ ଏକଥା ସ୍ପଷ୍ଟ ହୋଇଯାଏ ଯେ, ଏହା ଓଡରାଷ୍ଟ୍ର ମଣ୍ଡଳର ସାଂସ୍କୃତିକ ଇତିହାସ ଏକ ଅଧ୍ୟୟନ ମାତ୍ର।

ନିଜ ନିଜ ଭିତରେ ଓଡ଼ିଆରେ କଥାବାର୍ତ୍ତା କରନ୍ତି। ଓଡ଼ିଆ ଅକ୍ଷରରେ ଲେଖା ଜମି ପଟ୍ଟା ଓ ଭାଗବତ ରହିଛି। ଅଧିକାଂଶ ବୈବାହିକ ସମ୍ବନ୍ଧୀୟ ସଂପର୍କ ବର୍ତ୍ତମାନର ଓଡ଼ିଶାରେ। ବଙ୍ଗୀୟ ପର୍ବ ଜାମାତା ଷଷ୍ଠି, ଅମ୍ବାବତୀ, କାଦୋଗୋଡି, ଲକ୍ଷ୍ମୀପୂଜା ଆଦି ସଂପର୍କରେ ସେମାନେ ଅଜ୍ଞ। ତାସତ୍ତ୍ୱେ ସେଠାକାର ମହାନ୍ତି, ବେହେରା, ଘଡ଼େଇ, ଶିଅଳ ଓ ନନ୍ଦ, ମାଇତି, ବେରା, ଶୋରାଇ, ଶୀଳ ବା ନନ୍ଦୀର ବିକୃତ ମୁଖାପିନ୍ଧା ଆନନ୍ଦିତ ହେବାର ମିଥ୍ୟା

ISSN NO.
2582-208X

ପ୍ରଚେଷ୍ଟା କରୁଥିବାର ସହଜରେ ଦେଖାଯାଇପାରେ। ଖାଣ୍ଟି ବଙ୍ଗାଳୀ ମାନେ ସେମାନଙ୍କୁ ଓଡ଼ିଆ ବୋଲି ଜାଣନ୍ତି ଓ ସ୍ୱଭାବକ୍ରମେ ଘୃଣା ମଧ୍ୟ କରନ୍ତି। ସିଂହଭୂମିରେ ସେହି ପରିଚୟ ସଙ୍କଟ ନାହିଁ। ୧୯୩୬ ମସିହାରେ ୩୨,୦୦୦ ବର୍ଗ ମାଇଲ୍ ବିଶିଷ୍ଟ ଯେଉଁ ବିମଣ୍ଡିତ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଘୋଷିତ ହେଲା, ତାହା ମୂଳଦୁଆ ମଧ୍ୟ ବହୁ ଭାବରେ ସିଂହଭୂମି ସହ ସଂପର୍କିତ। ୧୯୩୦ ମସିହାରେ ସାଇମନ କମିଶନ ମାରଫତ ରେ ପ୍ରସ୍ତୁତ କରାଯାଇଥିବା ଉତ୍କଳ ସମ୍ମିଳନୀ ଦାବୀପତ୍ରକୁ ଆଧାର କରି ଏହି ଘୋଷଣା ହୋଇଥିଲା। ମାତ୍ର ମୂଳତଃ ସିଂହଭୂମିର ରାଜଧାନୀ ପୋଡହାଟ (ବର୍ତ୍ତମାନ ଚକ୍ରଧରପୁର) ରେ ଖ୍ରୀ: ୧୯୨୦ ମସିହାରେ ଉତ୍କଳ ସମ୍ମିଳନୀ ଯେଉଁ ବୈଠକ ହୋଇଥିଲା, ସେଥିରେ ୮୬, ୩୨୫ ବର୍ଗମାଇଲ ସୀମାର ପ୍ରସ୍ତାବ ଦିଆଯାଇଥିଲା।

ସିଂହଭୂମିରେ ସିଂହ ରାଜବଂଶର ୫୨ ପିଢ଼ି ଦୀର୍ଘ ୭୦୦ ବର୍ଷ ଧରି ରାଜୁତି କରୁଥିଲେ। ଏହି କାଳଖଣ୍ଡରେ ଓଡ଼ିଆ ସଂସ୍କୃତି ଓ ସାମାଜିକ ପରଂପରା ଏଠାରେ ସର୍ବୋପରି ଥିଲା। ମାତ୍ର ପାର୍ଶ୍ୱବର୍ତ୍ତୀ ବାମଣ୍ଡା ଓ ମୟୂରଭଞ୍ଜ ର ରାଜାମାନେ ଯେମିତି ଭାଷା, ସାହିତ୍ୟ, ଶିକ୍ଷା ଓ ସଂସ୍କୃତିର ଉନ୍ନତି କଲ୍ପେ ପ୍ରଚେଷ୍ଟା କରିଥିଲେ, ସିଂହଭୂମିର ରାଜାମାନେ ସମସ୍ତ ପାଚୁର୍ଯ୍ୟ ସତ୍ୱେ ସେମିତି ଉଲ୍ଲେଖ ଯୋଗ୍ୟ କିଛି କରିଯାଇ ନାହାନ୍ତି। ତାସତ୍ୱେ ଷର୍ଢେଇକଳାର ଛଉ ନୃତ୍ୟ, ଖରସୁଆଁ ର ରେଶମବସ୍ତ୍ର ଶିଳ୍ପ ଓ ଘଣ୍ଟଶିଳା ର ପ୍ରାଚୀନ ସଭ୍ୟତା ବିଶେଷ ତଥା ସାରଣ୍ଡା ବନାନୀର ଘଞ୍ଜଶାଳବଣ ବିଶ୍ୱସ୍ତରରେ ପରିଚିତି ଲାଭ କରିପାରିଛି ଏବଂ ଏହା ଯେ ଯଥାକ୍ରମେ ମୟୂରଭଞ୍ଜ ଛଉ ନୃତ୍ୟ, ସମ୍ବଲପୁରୀ ବୟନଶିଳ୍ପ, ବିରାଟଗଡ (ଖିଚିଂ) ସଭ୍ୟତା ଓ ବାମଣ୍ଡା ବନାନୀର ଅପରପାର୍ଶ୍ୱ ମାତ୍ର। କହିବା ବାହୁଲ୍ୟ ମାତ୍ର। ବିଚ୍ଛିନ୍ନାଞ୍ଚଳରେ ଲୋକ ସଂସ୍କୃତିର ଜଣେ ଗବେଷକ ଯଥାର୍ଥରେ କହନ୍ତି, 'ସିଂହଭୂମିର ଲୋକ ସାହିତ୍ୟ ଏବଂ ସଂସ୍କୃତି ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଥିଲେହେଁ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଦ୍ୱାରା ଯେ ଏହା ବିଶେଷ ଭାବେ ପ୍ରଭାବିତ, ଏଥିରେ ସନ୍ଦେହର ଲବମାତ୍ର ଅବକାଶ ନାହିଁ'।(୧)

ସିଂହଭୂମିରେ ଲୋକେ ମଧ୍ୟ ଓଡ଼ିଆରେ କଥାବାର୍ତ୍ତା କରନ୍ତି। ଏଠାରେ ଓଡ଼ିଆରେ ହିନ୍ଦୀ ଓ ବଙ୍ଗଳା ଶବ୍ଦର ମିଶ୍ରତା ଦେଖାଯାଏ ଓ ତାହା ଅବଶ୍ୟମ୍ଭାବି। ମାତ୍ର ଉଚ୍ଚାରଣ ବିଧି, ଧ୍ୱନି କ୍ରମ ଓ ବାକ୍ୟର ଅଧିକାଂଶ ଶବ୍ଦ ନିଶ୍ଚିତ ଓଡ଼ିଆ। ବ୍ରିଟିଶ୍ ଭାଷାତତ୍ତ୍ୱବିଦ୍ ଗ୍ରୀୟରସନ ମଧ୍ୟ ଏକଥା ସ୍ୱୀକାର କରନ୍ତି, 'In Singhbhum and other tributary states the odia spoken is the standard form of language'.(୨)

ISSN NO.
2582-208X

ସିଂହଭୂମିରେ ବନ୍ଦର ନାଁ କାଳିଆ, କସରା, ବଣ୍ଡା, ନିସତ୍, ମଲମଲିଆ, ଧୁମ୍ବା ଆଦି ହୋଇପାରେ। ହିନ୍ଦୀରେ ଏସମସ୍ତ ଶବ୍ଦ ନାହିଁ, ଅନ୍ତତଃ ସଠିକ ଅର୍ଥରେ ଠିକ୍ ସେହିପରି ମଣିଷର ନାମ ସୁଦାମା, ବଳରାମ, ନରେନ୍ଦ୍ର, ମଙ୍ଗୁଳି, ରଥୁ, ଯଦୁ, ମଧୁ ଇତ୍ୟାଦି ସାଧାରଣ ଓଡ଼ିଆ ନାଁ କିମ୍ବା ମହାପାତ୍ର, ଷଡ଼ଙ୍ଗୀ, ଦାସ, ଆଚାର୍ଯ୍ୟ, ପାଣି, ତିହାଡି, ପ୍ରଧାନ, ମହାକୁଡ଼, ବେହେରା ଇତ୍ୟାଦି ଉପମାନ ମଧ୍ୟ କେବଳ ସିଂହଭୂମିରେ ହିଁ ଦେଖାଯାଏ। ଏଠାକାର ଗାଁ ଗୁଡ଼ିକର ନାଁ କୁକୁଡାଡିହ, ସିଝାଲତା, କୁଆଲି, ମୂଷାବଣି, ବହରାପୋଡା, ଗଉଡ ଗାଁ, ହାଣ୍ଡିଆଣୀ, କାଞ୍ଜି, ଖିରୀ, ଦୋମୁହାଣୀ, ଟାଙ୍ଗରଡିହ ଇତ୍ୟାଦି। ଏହା ଯଥାର୍ଥରେ କେବଳ ଓଡ଼ିଆରେ ହିଁ ଦେଖାଯାଏ। ପଡୋଶୀ ରାଜ୍ୟ ବିହାର ଓ ବଙ୍ଗରେ ଏହି ଶବ୍ଦ ଗୁଡିକ ଅର୍ଥହୀନ।

ଏଭଳି ଆହୁରି ଅନେକ ଦୈନଦିନ ଜୀବନ ସାରଣୀ ମଧ୍ୟ ଦେଇ ସିଂହଭୂମିର ଉତ୍କଳୀୟତାକୁ ଦେଖାଯାଇପରେ। ତେଣୁକରି ସିଂହଭୂମିରେ ଓଡ଼ିଆ ଲୋକ ସଂସ୍କୃତିର ଉପାଦାନ ଖୋଜିବା କେବଳ ଯୁକ୍ତିଯୁକ୍ତ ନୁହେଁ, ପ୍ରାସଙ୍ଗିକ ଓ ଅତ୍ୟାବଶ୍ୟକୀୟ ମଧ୍ୟ।

* * *

ପାଦଟୀକା-।

୧- ମହାପାତ୍ର ଶ୍ୟାମସୁନ୍ଦର, 'ଲୋକସାହିତ୍ୟ ଗବେଷଣା', ଫ୍ରେଣ୍ଡସ୍ ପବ୍ଲିଶର୍ସ କଟକ, ୧୯୯୭, ପୃ-୭୦/୭୧।

୨- Grierson, Linguistic survey of India, v-v, p-ii)

(ରିସର୍ଚ୍ଚ ସ୍କଲର) କୋହ୍ଲଣ ବିଶ୍ୱ-ବିଦ୍ୟାଳୟ, ଝାଡ଼ଖଣ୍ଡ

ISSN NO.
2582-208X

# ସ୍ୱପ୍ନ ଥିଲା ପ୍ରିୟା ପାଇଁ



ଲୀଳାବତୀ ପରିଡ଼ା

ସ୍ୱପ୍ନ ଥିଲା ସ୍ୱପ୍ନ ଅଛି ସ୍ୱପ୍ନ ଥିବ ରହି,
ପ୍ରିୟା ପାଇଁ ଲେଖୁଥିବି ହେବା ଯାଏଁ ବହି।
ଭାରି ମନେଇ ମୋ ସାଥେ ଖେଳେ ଲୁଚକାଳି,
ଆସେ ପୁଣି ଚାଲିଯାଏ ହୁଏ ମୁହିଁ ଭାଳି।
ରହେ ଯେବେ ସ୍ଥିର ହୋଇ ମାନସ ପଟରେ,
ଆନମନା ହୁଏ ମୁହିଁ ଭାବନା ରାଜ୍ୟରେ।
ଫୁଲେଇ ପ୍ରିୟା କୁ ମୋର ଧରି ରଙ୍ଗ ତୂଳୀ,
ଇନ୍ଦ୍ରଧନୁ ଠାରୁ ରଙ୍ଗ ଦିଏ ଆଣି ବୋଳି।
ନୀଳ ନଭ ରଙ୍ଗେ ଢାଙ୍କି ଦିଏ ଦେହ ତାର,
ସୁନେଲି ଖରାରେ ଦିଶୁ ଥାଏ ମନୋହର।
ଝରା ଶ୍ରାବଣ ର ଟିପି ଟିପି ଶବଦରେ,
ରୁଣୁ ଝୁଣୁ ହୋଇ ବାଜେ ଝୁଣ୍ଟିଆ ପାଦରେ।
ହେମନ୍ତେ ଶିଶିର ପଡି ମୁକୁତା ର ସମ,
କରୁ ଥାଏ ସତେ ଅବା ହୀରକ ର ଭ୍ରମ।
ସକାଳ ସଂଜରେ ସଜା ହୁଏ ଆଳତୀ ରେ,
ଫଗୁଣ ପୁନେଇଁ ରାଧା କୃଷ୍ଣ ମନ ହରେ।
ସେ ପ୍ରିୟା କେହି ନୁହେଁ ମୋ ମନର ମାନସୀ,
କେବେ ରଷେ କେବେ ହସେ ""କବିତା"" ପ୍ରେୟସୀ।

କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ଦୂରଭାଷ - ୯୮୬୧୯୪୫୬୨୬

ISSN NO.
2582-208X

# ଯୌବନ



ଡଃ ଅଭିମନ୍ୟୁ କାନୁନଗୋ

ଯଉବନ ଧନ ଜୀବନ ଅଳିକ ଆଜି ଅଛି କାଲି ନାହିଁ ।
ଉତ୍ପଳ ନୟନ ଶ୍ରୀମଧୁସୂଦନ ସବୁରି ମୂଳ କହ୍ନାଇଁ ।୧।

ବରୁଣ ଜାମାତା ବିଷ୍ଣୁ ବିଶ୍ୱପିତା ନୀଳମଣି ଭାବଗ୍ରାହୀ ।
ନମନ କର ହରି ରଙ୍ଗା ପୟର ଭବ ତାପ ଯିବ ଧୋଇ ।୨।

ଧରଣୀ ଧାରଣ ଦେବ ନାରାୟଣ ନାମର ପ୍ରଭାବ ଏହି ।
ନବ ନିରଦ ବରନ ଶ୍ୟାମଘନ ଦୂରୀତ ଦୂର କରଇ ।୩।

ଜୀବନ ମରଣ ଯାହାର ଭିଆଣ ଧନ୍ୟ ସେ କଳାଗୋସାଇଁ ।
ବକାରୀ କୃଷ୍ଣ କଂସାରୀ ଦନୁଜାରୀ ପୁତନାରୀ ପରା ସେହି ।୪।

ନବଘନ ରୂପ କୋଟି ବିଶ୍ୱ ଭୂପ ଚଉଦ ଭୁବନ ସାଇଁ ।
ଅନନ୍ତଅଙ୍କ ବିହାରୀ ନରହରି ଯୋଗ ନିଦ୍ରାରେ ରମଇ ।୫।

ଲୀଳାମୟ ଲୀଳା ଅଟେ ଅଗୋଚର ଧାତା ହରହୋନ୍ତି ବାଇ ।
କରୁଣା ବତ୍ସଳ ନନ୍ଦର ଦୁଲାଳ କର୍ତ୍ତା ସବୁର ଅଟଇ ।୬।

ISSN NO.
2582-208X

ଆନନ୍ଦ କନ୍ଦ ମୁକୁନ୍ଦ କଳାଚାନ୍ଦ ଷୋଳ କଳା ମାନ ନେଇ ।
ଜିମାଦିଅ ନେଇ ସବୁହରି ପଦେ ବିଷୟ ବାସନା ଧୋଇ ।୭।

ଅକ୍ଷୟ ଅବ୍ୟୟ ହରି ଦୟାମୟ ଏକାହିଁ ସତ୍ୟ ଅଟଇ ।
ଛିନ୍ନ କରେ ଭବ କଷଣ ମୋହନ ବିଷୟାକୁ ଗଦ ହୋଇ ।୮।

କାହ୍ନୁସଙ୍କର୍ଷଣ ହରି ବଳରାମ ନାମ ହିଁ ସାର ଅଟଇ ।
ଲିଭିଯିବ ଦିନେ ଜୀବନ ପ୍ରଦୀପ ଧନ ଯୌବନ ମିଳାଇ ।୯।

ନାହିଁ ଆଜି ଅନ୍ତ ସେ କଳା ସାଆନ୍ତ ଚିର ଶାଶ୍ବତ ବୋଲାଇ ।
ହିନ ନୁହେଁ ଏହି ନର କଳେବର ହୃଦେ ଶ୍ରୀରାଧା ମାଧୋଇ ।୧୦।

ପ୍ରସାର ଭାରତୀ (ଆକାଶବାଣୀ)

ISSN NO.
2582-208X

# ବିଷୁବ ସଂକ୍ରାନ୍ତ



ଦଣ୍ଡାସି ପ୍ରଧାନ

ସଂକ୍ରମଣ ସୂତ୍ରେ ଆବର୍ତ୍ତନ ବୃତ୍ତେ
ଆଗମନ ନିର୍ଗମନ
ତିଥି ବ୍ରତ ଆଳେ ଦେବା ଦେବା ଘେନି
ସମୃଦ୍ଧି ବିଧି ବିଧାନ ।୧।
ଗ୍ରୀଷମ ପ୍ରାରମ୍ଭେ ବିଷୁବ ସଂକ୍ରାନ୍ତି
ସୂର୍ଯ୍ୟ ଶୌର୍ଯ୍ୟ ବୁଣେ,
ନୂତନ ବର୍ଷର ବାର୍ତ୍ତା ବହନେ
ନବ ଜାଗରଣ ଆଣେ ।୨।
ସୌର ଗଣନେ ପ୍ରଥମ ଦିବସ
ଉତ୍ତର ବୃତ୍ତ ବଳୟେ,
ବରଷା ସମ୍ଭାର ଯୋଗାଡେ ନିଦାଘ
ବାରିଦ ଘନ ମଳୟେ ।୩।
ବ୍ରହ୍ମା ଚତୁର୍ମାସ ତୃତୀୟାଂଶେ ବିଷ୍ଣୁ
ରୌଦ୍ରମାସେ ରୁଦ୍ର ଦେବ
ଆଦ୍ୟ ମଧ୍ୟ ପ୍ରାନ୍ତ ଲାଳନ ପ୍ଲନେ
ଶୃଙ୍ଖଳିତ ଧାରା ଭାବ ।୪।
କି ସୁନ୍ଦର ସ୍ରଷ୍ଟା ବିସ୍ମୟ ସୃଜନ
ବୈଷମ୍ୟ ସାମ୍ୟ ସରଜେ,
ନିରେକ୍ଷି ଦେଖିଲେ ସର୍ବୋତ୍ତମ ସୃଷ୍ଟି
ବିଭବ ଭବେ ଅରଜେ ।୫।

ISSN NO.
2582-208X

ନବ ପଲ୍ଲବିତ କିଶଳୟ କାନ୍ତି
କବି ପ୍ରାଣ ମନ ହରେ,
ସାନ୍ଧ୍ୟ ଭ୍ରମଣରେ ଦକ୍ଷିଣା ମଳୟ
ପ୍ରଫୁଲ୍ଲ ପ୍ରବାହ ଭରେ ।୬।
ଚାନ୍ଦ୍ର ମାସ ଚୈତ୍ର ଆମ୍ର ମଧୁ ଗନ୍ଧେ
କୋଇଲି କୋମଳ ସ୍ୱରେ,
ଶ୍ରୀରାମ ନବମୀ ଉତ୍ସବ ସମ୍ଭାରେ
ଧରା ପୃଷ୍ଠେ ଅବତରେ ।୭।
ମଙ୍ଗଳ ଶଙ୍ଖର କୁମ୍ଭାଟୁଆ କଣ୍ଠେ
ଦଣ୍ଡମେରୁ ଯାତ ନାଇ,
ଶୁଭ ଲଗନରେ ଶୁଭ ଆଗମନ
ଜଗତେ ଜୀବନ ପାଇଁ ।୮।
x x x x x
ତମାମ ବରଷ ବାର ବ୍ରତ ଓଷା
ଖଞ୍ଜା ଋତୁ ମାସ ଚାହିଁ
ବିଜ୍ଞାନୀ ବିଶେଷ ଅଭେଦ ରହସ୍ୟ
ଫଳମୂଳ ଡାଳ ଥୋଇ ।୯।
ଆୟୁର୍ବେଦ ଜ୍ଞାନୀ ମୁନି ସନାତନୀ
ପରଖି ପ୍ରକୃତି ହିତେ
ଅଷ୍ଟମୀ ଦଶମୀ ଜାଗର ପୂର୍ଣ୍ଣମୀ
ନିର୍ବିଶେଷ ସାମ୍ୟ ମତେ ।୧୦।
ଧନ୍ୟ ମୋ ଜଗତ ଧନ୍ୟ ମୋ ଭାରତ
ଧନ୍ୟ ମୋ ମଣିଷ ଜାତି
ଅଦ୍ଭୁତ ସଂହିତା ସମାଜ ସଂସ୍କୃତି
ଧନ୍ୟ ଧନ୍ୟ ରିତି ନୀତି ।୧୧।
x x x x x x

ISSN NO.
2582-208X

ଆଧୁନିକ ଆଳେ ଆଡେଇ ଚାଲିଛି
ଅମୂଲ୍ୟ ମୂଳ ସମ୍ପଦ
ଆତ୍ମ ଅତ୍ୟାଚାରେ ଯୁବ ପିଢି ଜନେ
ଉଦ୍ଧାରି ଆଣେ ବିପଦ ।୧୨ ।
ପ୍ରକୃତି ବିଗିଡି ଉତପ୍ତ ଧରଣୀ
ବିପ୍ଲାତ ରଚେ ମରୁତ
ବରଷା ବତାସ ବିଷମ ବିଷାକ୍ତ
ଅସନ୍ତୋଳନେ ଅହିତ ।୧୩ ।
ସର୍ବ ସମାହାର ମର୍ତ୍ତ୍ୟ ଭୂମଣ୍ଡଳ
ସୌଭାଗ୍ୟ ସରଗ ଇନ୍ଦୁ
ସଯତ୍ନେ ସଜାଇ ସାଇତି ଯୋଗାଇ
ବିବିଧବୈଭବ ସିନ୍ଧୁ ।୧୪ ।
ସୁନ୍ଦର ମଧୁର ମନୋହର ବିଶ୍ୟ
ଆର୍ତ୍ତେ ଆହ୍ୱାନ କରେ
ଶାନ୍ତ ସୁଶୀତଳ ସବୁଜ ବିପ୍ଳବେ
ଆଜି ହିଁ ଭୂବନ ଭରେ ।୧୫ ।

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ
ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967/ Dpradhan@gmail.com

ISSN NO.
2582-208X

# ଅକ୍ଷୟ ରହୁ ପୂଣ୍ୟ ଏ ଜଗତେ ....



ଅଳକା ମହାନ୍ତ

ଗୋଟେ ସପ୍ତାହ ହୋଇ ଗଲାଣି ପଦ୍ମାଳୟା ମିଶ୍ର, ତାଙ୍କ ସ୍ୱାମୀ ନିଗମାନନ୍ଦ ମିଶ୍ର ଙ୍କୁ ନେଟ ରୁ କେତେ ଡିଜାଇନ୍ ର ସୁନା କଡ଼ା ଦେଖାଇ ଚାଲିଥାନ୍ତି। କାରଣ ଆଗକୁ ଅକ୍ଷୟ ତୃତୀୟା ଉପଲକ୍ଷେ ବୋହୂ କୁ ଉପହାର ଦେବେ। ପିଲାଦିନ ସିନା ଓଡ଼ିଶା ର ଛୋଟ ଏକ ଗ୍ରାମ ରେ ବିତାଇଥିଲେ ଯେ ଏମିତି ସୁନା କିଣା କଣ ଜାଣି ନ ଥିଲେ। ଗାଁ ରେ ପ୍ରଥମେ ଆଖିମୁଠୀ ଚଳିବା ସେ ଜାଣନ୍ତି। ହେଲେ ଦୀର୍ଘ ଚାଳିଶି ବର୍ଷ ହେବ ମୁମ୍ବାଇ ରେ ରହିଗଲେଣି। ମହାରଷ୍ଟ୍ରରେ ଅକ୍ଷୟ ତୃତୀୟା ଦିନ କୌଣସି ସୁନା ଦୋକାନ ରେ ପାଦ ରଖି ହୁଏନି, ଏପରି ଭିଡ଼ ଲାଗେ ସୁନା କିଣା କିଣି ପାଇଁ ଯେ ବର୍ଣ୍ଣନା କରି ହେବନାହିଁ। ଏ ବର୍ଷ ଲକ୍ ଡାଉନ୍ ଚାଲିଥିବାରୁ ବଡ଼ ବଡ଼ ବେପାରୀ ହୋମ ଡେଲିଭରୀ କରି ହେଉଛନ୍ତି।ଏଇ ଯେମିତି ତାନିଶ୍କ ହେଲା। ତେଣୁ ସାଙ୍ଗ ସାଥୀ ଙ୍କ ସହିତ ରହି ପୁରା ମୁମ୍ବାଇ ର କଲଚର୍ ସହିତ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ଗଲେଣି। ସ୍ୱାମୀ ଙ୍କ ସହିତ ବସି କଥା ହେଉ ହେଉ ପଦ୍ମା କହିଲେ,
-- ଦେଖ, ମୋର ଆଉ ସୁନା କଣ ହେବ। ବୋହୂ ଟା ନୂଆ ହୋଇ ଆସିଛି। ସୁନା କିଣା କୁ ସୁନା କିଣା ହେବ ଓ ବୋହୂ କୁ ଅକ୍ଷୟ ତୃତୀୟା ରେ ଗିଫ୍ଟ ବି ଦେବା ହେବ।

-- ହଉ ତୁମେ ମୋତେ ସେ ଡିଜାଇନ୍ ସବୁ ମେସେଜ କରିଦିଅ। ବୋହୂ କୁ କୁହ, ତାକୁ ଯୋଉଟା ପସନ୍ଦ ହେଉଛି ସେ କହୁ। କାଲି ଯେଉଁ ସମୟ ରେ ତ ଅର୍ଡର କଲେ ଚଳିବ। କାରଣ ପୁରା ଦିନ ଶୁଭ।

-- ଅକ୍ଷୟ ତୃତୀୟା ରେ କିଛି ଶୁଭ ମହୁରତ ନାହିଁ। ପୁରା ଦିନ ଶୁଭ। କହି, ବୋହୂ କୁ ଡାକ ପକାଇଲେ,-- ପଦ୍ମା

ISSN NO.
2582-208X

--- ଆରେ, ମା ପ୍ରୀତି ! ଆସିଲୁ ଦେଖିବୁ! କୋଉ ଡିଜାଇନ୍ ତୋର ପସନ୍ଦ ଆସୁଛି?

-- ମା, ବାପା ଙ୍କୁ କାହିଁକି କହୁଛନ୍ତି, ମୋର ସେମିତି କଣ ଗହଣା ଦରକାର ହେଉଛି। ଅଫିସ ତ ଘରେ ରହି କରୁଛି। ଆଜିକାଲି କେହି ଗୋଲ୍ଡ ୟୁଜ କରୁ ନାହାନ୍ତି ବାପା। ଥାଉ ! (ପ୍ରୀତି ଉତ୍ତର ଦେଲେ)

-- ପ୍ରୀତି, ସେକଥା ନାହିଁରେ। ସୁନା ର କଣ ଇଜ୍ଜତ କମିଯିବ। ପାଖରେ ରହିବ। ସୁନା ପରା ଲକ୍ଷ୍ମୀ। କାଲି ବହୁତ ଭଲ ଦିନ। କିଛି ତ ଶୁଭ ଅନୁକୂଳ କରିବା ନା, ପଦ୍ମା ତାଙ୍କୁ କହି ସ୍ୱାମୀ ଙ୍କୁ କହିଲେ, ଶୁଣ ତୁମ କାର୍ଡ ରେ କିଣିବ। ମୋ ପୁଅ କାର୍ଡ ରେ ନୁହେଁ, ହେଲା!!

ପ୍ରିତୀ ଟିକେ ଥା ଥା ମା ମା ହୋଇ ପୁଣି ଚୁପ୍ ହୋଇଗଲେ।

ମୁମ୍ବାଇ ସବ ଅର୍ବ ରେ ରୁହନ୍ତି ସେମାନେ। ମିଶ୍ର ବାବୁ  ଆଉ ତାଙ୍କ ପୁଅ ସକାଳୁ ୱାକ ରେ ଯାଆନ୍ତି । ହେଲେ ପଦ୍ମା କେବେ କେବେ ସକାଳୁ ଗଲେ ସୁଦ୍ଧା ସନ୍ଧ୍ୟା ରେ ଟିକେ ସାଙ୍ଗ ମାନଙ୍କ ସହିତ ବୁଲି ଆସିବାକୁ ଭୁଲନ୍ତି ନାହିଁ। ସାଙ୍ଗ ନ ମିଳିଲେ କେବେ କେବେ ପ୍ରୀତି ବି ସାଥୀ ହୋଇ ବୁଲି ଆସନ୍ତି ଶାଶୁ ଙ୍କ ସହିତ। ଘର ସାମ୍ନା ରେ ଏକ ପୁଷ୍କରିଣୀ ଟିଏ ଥାଏ। ଯାହାକୁ ପ୍ରଥମେ ଗ୍ରାମବାସୀ ମାନେ ନଦୀର ଏକ ଶାଖା ଥିଲା । ସେ  ସ୍ଥାନ ରେ ପାଣି କୁ ଅଟକାଇ ସେଇଠି ଇଟା ପ୍ରସ୍ତୁତ କରନ୍ତି। ବହୁତ ଗରିବ ପରିବାର ର ଲୋକ ବିହାର ଓଡ଼ିଶା ରୁ ଆସି ଏଠି ଦାଦନ ଖଟନ୍ତି । ସେ ପୁଷ୍କରିଣୀ ରୂପକ ଜଳାଶୟ ରୁ ପାଣି ନେଇ ଇଟା ପ୍ରସ୍ତୁତ କରିବା ,ନିଜର ସ୍ନାନ ଶୌଚ ହେବା, ରନ୍ଧନ କାର୍ଯ୍ୟ ବି ସେ ପାଣିରେ  ଦାଦନ ଶ୍ରମିକ ମାନେ କରନ୍ତି। ଏବେ ସହରୀକରଣ ଯୋଗୁଁ ଏଠିକାର ସରକାର ସେ ପୁଷ୍କରିଣୀ ର ଉଦ୍ଧାର କାର୍ଯ୍ୟ କରି ତାର ଚାରି ପାଖରେ ସୁନ୍ଦର ରାସ୍ତା ଆଉ ଭିତରକୁ ଯିବାକୁ ଚଉଡ଼ା ପାହାଚ ବି କରି ଦେଇଛନ୍ତି। ପଦ୍ମା ସେ ପୁଷ୍କରିଣୀ ଚାରିପାଖ ଥରେ ବୁଲି ଆସିବାକୁ ତାଙ୍କୁ ଅଧଘଣ୍ଟା ରୁ ଅଧିକ ଲାଗେ। ସେତିକି ବୁଲି ଦେଲେ ତାଙ୍କର ଦିନକର କୋଟା ପୁରା ହୋଇ ଯାଏ। ଆଜିକାଲି  ସମୟ ଠିକ୍ ନାହିଁ। କେହି  କାହା ଘରକୁ ତ ଯାଉ ନାହାନ୍ତି। ପ୍ରୀତି ସହିତ ପଦ୍ମା ସନ୍ଧ୍ୟା ରେ ବୁଲି ଆସିବାକୁ ଗଲେ।

ISSN NO.
2582-208X

ରାସ୍ତାରେ ସେ ଇଟା ଭାଟି ର ଜାଗା ଟି ପଡେ। ମାଆ ବାପା ଦିନ ସାରା ମାଟି ରେ କାମ କରି ସାରି ପିଲାଙ୍କୁ ଧରି ସେ ପୁଷ୍କରିଣୀ ରେ ଗାଧୁଆ ପାଧୁଆ କରନ୍ତି ଆଉ ସେଇଠୁ ପାଣି ନେଇ ରୋଷେଇ କରନ୍ତି। ସନ୍ଧ୍ୟା ବେଳେ ଇଟା ଭାଟି ର ଧୂଆଁ ସହିତ ତାଙ୍କ ଛୋଟ ଛୋଟ ଇଟା ପକା ଚୁଲା ରୁ ବି ଧୂଆଁ ବାହାରେ। ଛୋଟ ଛୋଟ କୁଡିଆ କରି କିଛି ଶ୍ରମିକ ସେଇଠାରେ ରହୁଥାନ୍ତି। ସେମାନଙ୍କ ଦୁର୍ଦ୍ଦଶା ନ ଦେଖିଲେ କହି ହେବନି।

ତାପର ଦିନ ପଦ୍ମା ସକାଳୁ ଉଠି ଘର କାମ ସାରି, ତୁଳସୀ ଚଉରା ପୂଜା କରି ପ୍ରସାଦ ପାଇ ଅକ୍ଷୟ ତୃତୀୟ ରେ ଶୁଭ ଅନୁକୂଳ ପାଇଁ ଅନେକ କିଛି କରି ଚାଲିଥାନ୍ତି। ସ୍ୱାମୀ ଜଳଖିଆ ଖାଇ ସାରି କରି କହିଲେ,

-- ତେବେ କଣ ସେଇୟା ଠିକ୍ କଲ ?? ସେ କଡ଼ା ଦି ପଟ ଅର୍ଡର୍ କରିବାକୁ।

-- ହଁ, ସେଇ ଦି ଟା ପ୍ରୀତି ପାଇଁ ଆଣ।

ସେମାନେ ଏତିକି କଥା ହେଉ ହେଉ, ପ୍ରୀତି ଗୋଟେ ବ୍ୟାଗ ରେ କିଛି ପିନ୍ଧିବା ଲୁଗାପଟା, ଚାଉଳ, ଡାଲି, ଫଳ ସଜାଡି କହିଲା, ବାପା, ଚାଲନ୍ତୁ ସେ ସାମ୍ନା ରେ ଥିବା ଶ୍ରମିକ ଙ୍କ ପାଖକୁ। ଏ ସବୁ ଦେଇ ଆସିବା। ଆଉ କିଛି ତାଙ୍କର ଅସୁବିଧା ଥିଲେ ପଚାରି ଆସିବା। ମା କାମ କରୁଛି ବୋଲି ଛୋଟ ଛୋଟ ପିଲା ମଧ୍ୟ ଅତି ଛୋଟ ପିଲାଙ୍କ ଦାୟିତ୍ୱ ନେଉଛନ୍ତି ନ ହେଲେ କୁନି କୁନି ହାତରେ ଇଟା ବୋହୁଛନ୍ତି। ଖେଳିବା ବୁଲିବା ସମୟ ରେ ସେମାନେ ଭୋକ ଉପାସରେ ରହି ଖଟୁଛନ୍ତି। କିଛି ଦିନ ପରେ, ସେମାନେ ତାଙ୍କ ଗାଁ କୁ ଫେରିଯିବା ଯାଏ କିଛି ସାହାଯ୍ୟ କରିଦେଲେ କେତେ ଭଲ ହୁଅନ୍ତା।

ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଗଲେ। ହେଲେ ପ୍ରୀତି କହୁଥିଲା, ଯାହା କିଛି ଅଛି ଆମ ପାଖରେ, ଆମେ ତାର ସଂରକ୍ଷକ ଖାଲି। ଏ ସମୟ ରେ ଲୋକେ କଣ ପଇସା ବା ସୁନା ଖାଇବେ। ସୁନା କୁ ନେଇ ଦୋକାନ କୁ ଯିବାକୁ ବି ସମୟ ଦେଉନି ଏ କରୋନା । ଏ ଲକ୍ ଡାଉନ୍ ରେ ଲୋକ ପଇସା ଥିଲେ ବି ଖର୍ଚ୍ଚ କରି ପାରୁ ନାହାଁନ୍ତି। ସେ ସୁନା ଆଣି ଆମେ କଣ କରିବା। ସ୍ନେହ, ସହାନୁଭୂତି ଏ ସବୁ ହେଉଛି ଅକ୍ଷୟ। ସେ କେବେ ସରେ ନାହିଁ।

ISSN NO.
2582-208X

ଯେତେ ଦାନ କରିବା ସେତିକି ବଢ଼ିବ। ସେ ରୋଡ ରେ ବସିଥିବା ଅସହାୟ ରୋଗୀ ବା ଏ ଦୁଃଖୀ ଦରିଦ୍ର ନାରାୟଣଙ୍କ ସେବା କଲେ କିଛି କ୍ଷତି ତ ହେବନି। ଏଇ କିଛି ମାସ ଆମେ ତାଙ୍କ ପାଇଁ କିଛି କିଛି କରିବା, ବାପା! ମାଆ ଆପଣ କଣ କହୁଛନ୍ତି??

ସମସ୍ତେ ତା ର ଅନ୍ତର୍ମନ କୁ ଖୁବ୍ ବୁଝୁଥିଲେ। କହିଲେ, ଠିକ୍ ଅଛି ଝିଅ। ନିଶ୍ଚୟ କରିବା। ଏ ବର୍ଷ ରୁ ଆମର ଅକ୍ଷୟ ତୃତୀୟା ଏହିପରି ପାଳନ କରାଯିବ। ଚାଲ ଯିବା!

ଯାଇ ସେଠାରେ ଥିବା ଦାଦନ ଖଟିବାକୁ ଆସୁଥିବା କିଛି ଲୋକ ଙ୍କ ମୁହଁ ରେ ହସ ଦେଖି ଭାବୁଥିଲେ। ଈଶ୍ୱରଙ୍କ ସୃଷ୍ଟି ସର୍ବଦା ଅକ୍ଷତ ରହୁ। ସମସ୍ତେ ଖୁସି ଆଉ ସୁଖରେ ରହିବାକୁ ହକଦାର। ଈଶ୍ୱର ଙ୍କ ଅକ୍ଷୟ ପାତ୍ର ରୁ ସୁଖ ଆବଣ୍ଟନ କରିବା ପାଇଁ ପ୍ରୀତି ପରି ଅନେକ ଙ୍କୁ ଆମ ସମାଜ ଦରକାର କରୁଛି।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ଆସିବା ଆଗରୁ



ପୁଷ୍ପାଞ୍ଜଳି ପଣ୍ଡା

ତମେ ଆସିବା ଆଗରୁ
ରଙ୍ଗ ବେରଙ୍ଗର ତୋରଣ କରିବାକୁ
ଫୁଲ ମାନଙ୍କୁ କହିଥିଲି।
କଁଅଳ ଖରାକୁ ଆହୁରି କଁଅଳ କରିବାକୁ
ସୂର୍ଯ୍ୟ ଙ୍କୁ ବିନତି କରିଥିଲି।
କାଳେ ଦି ପହର ହେଇଯିବ
ତମେ ଫେରିଯିବ !
ସେଇଥିପାଇଁ ତ
ବର୍ଷା କୁ ଆଗୁଆ ଡାକିଦେଲି
ତମକୁ ଭିଜେଇ ଦବବୋଲି ।
ଗୋଲାପ ଫୁଲର ଗୋଲାପି ରଙ୍ଗରେ
ରଙ୍ଗେଇ ଦବ ବୋଲି ।
ସବୁ ଗଛ ବୃଛ ଙ୍କ ଧିଅରେ
ବଣ ପାହାଡ ରେ ବି
ସବୁଜିମା ଭର୍ତ୍ତି କରିଦବାର କଳାକୁ
ଫୁଟାଇ ଥିଲି!!
ପବନ କଥା ନିଆରା,
ତମେ ଆସିବା ଆଗରୁ
ମୋ ଦେହ ସାରା ବାଡେଇ ହଉଛି।।
ଦୋଳିରେ ଝୁଲୁଛି ଅଜଣା ପକ୍ଷୀ

ISSN NO.
2582-208X

ହଳଦୀ ବସନ୍ତ,
ଏଡାଳ ସେଡାଳ ଉଡୁଛି ।
ତମେ ଆସିବାଟା
କେତେ କାମ୍ୟ ଜଣାଇଦଉଛି।।
ମୁଁ ଏଯାଏ ଅପେକ୍ଷା ରେ
ବସିଛି ଯେ ବସିଛି...!!
ତମେ କଣ ଯାଣିଛ
ଅପେକ୍ଷା ର ଯନ୍ତ୍ରଣା,
ଲୁହ ହୋଇଯାଏ ଝରଣା।।
ତମେ ଆସିବା ଆଗରୁ
ବାନ୍ଧିଦେଇଛି ଚଳଚଞ୍ଚଳ ମନକୁ
ଆସିଲାକ୍ଷଣି ତ
ବଳିଯିବ ମୋ ଚତୁର୍ଦିଗ..!!
ମୁଁ ଯାଣିନି କେତେ ଭଲ ଲାଗିବ ତମକୁ
ମୋର ଏ ଅପେକ୍ଷାର ମୂହୁର୍ତ୍ତକୁ
ସ୍ୱତନ୍ତ୍ର କରିଦେବାକୁ।।

ଯୋଜନା ଓ ସମନ୍ୱୟ ବିଭାଗ
ଓଡ଼ିଶା ସରକାର

ISSN NO.
2582-208X

# ସ୍ୱାର୍ଥ ଲିଭାଇଲା ମଥା ସିନ୍ଦୂର



ବାସନ୍ତୀ ଲତା ଜେନା

ପାଞ୍ଚ ବର୍ଷ ତଳର କଥା । ନିରୁପମା ଉତ୍କଳ ୟୁନିଭର ସିଟିରେ ବି. ଏ. ସି. ଫାଇନାଲ ୟିଅର ଛାତ୍ରୀ ଥିଲା । ସେହି କଲେଜର ଏକା ସାଙ୍ଗରେ ଅନିରୁଦ୍ଧ ସାମନ୍ତରାୟ ପଢ଼ନ୍ତି । ଦୁଇଜଣଙ୍କର ବନ୍ଧୁତା ଅତି ଘନିଷ୍ଠ । ପଢ଼ିବା ସହିତ ବୁଲିବୁଲି କରନ୍ତି, ପାର୍କ ଓ ସିନେମା ଯାଆନ୍ତି । ଦିନେ ସନ୍ଧ୍ୟା ସମୟରେ ପାର୍କରେ ବସି ଗପସପ କରୁଥିବା ସମୟରେ ପରସ୍ପର ପରସ୍ପରକୁ ଭଲ ପାଆନ୍ତି ବୋଲି କହି ଦେଲେ । ଅନିରୁଦ୍ଧର ଖୁସି କହିଲେ ନ ସରେ । ନିରୁପମା ବି ଆଶ୍ୱସ୍ତି ହେଲା । ଏହିପରି ବେଶ୍ କିଛି ଦିନ ମଜ୍ଜାରେ କଟି ଗଲା ।

ବି.ଏ.ସି. ପରେ ଏମ.ଏ ସି. ରେ ଦୁଇ ଜଣ ପୁଣି ଏକା କଲେଜରେ ପଢ଼ିଲେ । ନିରୁପମା ଏରସମାକୁ ତାର ସାଙ୍ଗର ବିଭା ଘରକୁ ଯାଇ ଥିଲା । ସେଠାରେ ଦେଖା ହେଲା ଚନ୍ଦ୍ର ଶେଖର ସହିତ । ସେ ଥିଲା ଇଞ୍ଜିନିୟର । ଗୋଟିଏ କମ୍ପାନୀରେ କାମ କରନ୍ତି । ଭଲ ପୋଷ୍ଟ, ଭଲ ଦରମା । ଦେଖିବାକୁ ସୁନ୍ଦର ଚେହେରା । ଧନୀ ଘର ପିଲା । ଗାଡି ଘୋଡା କେଉଁଥିରେ ଅଭାବ ନାହିଁ । ଅଳ୍ପ ଦିନ ମଧ୍ୟରେ ନିରୁପମା ଓ ଚନ୍ଦ୍ର ଶେଖର ମଧ୍ୟରେ ପ୍ରେମ ବିବାହ ହୋଇ ଗଲା । ଚନ୍ଦ୍ର ଶେଖରଙ୍କର ବାପା ଏ ଦୁନିଆରେ ନାହାନ୍ତି । କେବଳ ମା ତାଙ୍କ ପାଇଁ ସବୁ କିଛି । ସେ ମାଙ୍କୁ ବହୁତ ଭଲ ପାଆନ୍ତି । ନିରୁପମା ଶାଶୁ ଘରେ ବିଳାଶ ବ୍ୟସନରେ ଦିନ କଟୁ ଥିଲା । ଏଥି ମଧ୍ୟରେ ବାହାଘର ଦେଢ଼ ବର୍ଷ ବିତିଯାଇଛି । ଦିନେ ଚନ୍ଦ୍ର ଶେଖର ଅଫିସ ଯିବା ବାଟରେ କାର ଆକ୍ସିଡେଣ୍ଟ ହେଲା । ତାଙ୍କୁ ସିରିଏସ୍ ଅବସ୍ଥାରେ ଡାକ୍ତର ଖାନାରେ ଭର୍ତ୍ତି କଲେ । ପୁଅ ଡାକ୍ତର ଖାନାରେ ରହିବା ସାତ ଦିନ ହୋଇଛି, ମା ହୃଦ୍ ଘାତରେ ପର ଲୋକ ଗଲି ଗଲେ । ନିରୁପମା ଏକୁଟିଆ ହୋଇଗଲା । ଚନ୍ଦ୍ର ଶେଖରଙ୍କ ସାଂଗ ପ୍ରତାପ ଡାକ୍ତର ଖାନାରେ ସବୁ କଥାବୁଝନ୍ତି । ପ୍ରତାପ ଚନ୍ଦ୍ରଶେଖରଙ୍କ ପାଖେ ପାଖେ ରହି ଭଲ ମନ୍ଦ ବୁଝନ୍ତି, ଔଷଧ ଦୋକାନରୁ ଔଷଧ ଆଣିଦିଅନ୍ତି । ନିରୁପମାକୁ ସାହାଯ୍ୟ

ISSN NO.
2582-208X

ମିଳ ଯାଏ । ନରୁପମାର ବାପା ଓ ସାବତ ମା ଅରୁଣିମା ଆଶ୍ୱାସନା ଦିଅନ୍ତୁ । ଭଲମନ୍ଦ ବୁଝନ୍ତୁ । ଘର ପାଇଁ ଆବଶ୍ୟକୀୟ ଜିନଷ ଆଣି ଦିଅନ୍ତୁ । ଚନ୍ଦ୍ରଶେଖରଙ୍କର ଅବସ୍ଥା ଟିକେ ଭଲ ହେବାରୁ ତାଙ୍କୁ ଘରକୁ ନେଇ ଆସିଲେ । କନ୍ତୁ ସେସବୁ ଦିନ ପାଇଁ ଅକାମି ହୋଇ ଯାଇ ଥିଲେ । ଡାକ୍ତର କହି ଥିଲେ, ତାଙ୍କୁ ପର୍‌ଲିଶିସ୍ ହୋଇ ଯାଇଛି । ଅଣ୍ଟାର ତଳ ଅଂଶ କାମ କରିବନ । ସେ ଗ୍ଭଲି ପାରିବେକ ନାହିଁ ଭଗବାନଙ୍କୁ ଜଣା । କେବେ ସୁସ୍ଥ ହେବେ କହି ହେବନ ।

ଏହା ଶୁଣି ନରୁପମା ହତାସ ହୋଇ ପଡିଥିଲ୍‌ । ସ୍ୱାମୀଙ୍କର ସେବା ଶୁଶ୍ରୁଷା ମନ ଦେଇ କରୁ ଥିଲ୍‌ । କଛି ଦିନ ପରେ ତା ମନରେ ବିରକ୍ତ ଭ୍ଵବ ସୃଷ୍ଟି ହେଲ୍‌ । କାରଣ ଚନ୍ଦ୍ର ଶେଖର କାମରେ ଯୋଗ ଦେଇ ନ ପାରିବାରୁ କମ୍ପାନୀ ତାଙ୍କୁ ଗ୍ଭକରିରୁ ବାହାର କରି ଦେଇ ଥିଲ୍‌ । ଧୀରେ ଧୀରେ ଗଚ୍ଛିତ ଟଙ୍କା ଶେଷ ହେବାକୁ ଲ୍‌ଗିଲ୍‌ । କଥାରେ କହନ୍ତୁ ବସି ଖାଇଲେ ନଇ ବାଲି ସରେ । ଏଥିରେ ଛଅ ମାସ ବିତି ଗଲ୍‌ଣି । ନରୁପମାର ସାବତ ମା ଚନ୍ଦ୍ର ଶେଖର ବିର୍‌ୋଧରେ କହି କହି ନରୁପମାର ମନକୁ ବିଷାକ୍ତ କରି ଦିଅନ୍ତୁ । ପ୍ରତାପର ଘର ଚନ୍ଦ୍ରଶେଖର ଘର ପାଖାପାଖି । ତେଣୁ ସେ ସବୁ ଦିନ ଚନ୍ଦ୍ରଶେଖରକୁ ଦେଖିବାକୁ ଆସନ୍ତୁ । ପ୍ରଥମେ ପ୍ରଥମେ ନରୁପମା ପ୍ରତାପକୁ ପସନ୍ଦ କରୁ ନ ଥିଲ୍‌ । ଏବେ ଭଲ ବ୍ୟବହାର ଦେଖନ୍ତୁ । ଗ୍ଭ ଜଳଖିଆ ଖାଇବାକୁ ଦିଅନ୍ତୁ । ସେମାନଙ୍କ ମଧ୍ୟରେ ସୁସମ୍ପର୍କ ଗଢି ଉଠିଲ୍‌ । ନରୁପମା ଆଜିକାଲି ଆଉ ସ୍ୱାମୀଙ୍କର କାମ ମନ ଦେଇ କରନ୍ତୁ ନାହିଁ । ଛୋଟ ଛୋଟ କଥାରେ ଚଡି ଚଡି ହୁଅନ୍ତୁ । ଗରଗର ହୁଅନ୍ତୁ । ମନ ଇଛା ସ୍ୱାମୀଙ୍କୁ ଶୁଣାଇ ଦିଅନ୍ତୁ ।

ସେ ଦିନ ଥିଲ୍‌ ସୋମବାର । ନିରୁପମା ମନ୍ଦିର ଯାଉଛି କହି ପ୍ରତାପ ସାଙ୍ଗରେ ସକାଳ ନଅଟାରୁ କିଛି ଶାଢ଼ୀ, ଡ୍ରେସ ଓ ଅନ୍ୟାନ ଜିନିଷ କିଣିବାକୁ ବଜାରକୁ ଗଲା । ଫେରିବା ବେଳକୁ ସମୟ ସାଢେ ବାରଟା ହୋଇ ଯାଇଥିଲା । ପ୍ରତାପ ଓ ନରୁପମା ହୋଟେଲରୁ ଜଳଖିଆ ଖାଇ ଘରକୁ ଫେରି ଥିଲେ । ଚନ୍ଦ୍ରଶେଖର ସକାଳେ ଜଳଖିଆ ଖାଇ ନ ଥିଲ୍‌ । ନରୁପମା ଫେରିବା ପରେ ଚନ୍ଦ୍ରଶେଖର କହିଲେ, ନରୁ! ମୋତେ କଣ ଖାଇବାକୁ ଦିଅ । ଭ୍ଵରି ଭ୍ଵୋକ ହେଉଛି । ନରୁପମା ଶୁଣି ନ ଶୁଣିଲ୍‌ ପରି ଚୁପ ରହିଲେ । ପ୍ରତାପ ସାଙ୍ଗରେ କଛି କଥା ହେଉ ଥିଲେ । ପୁଣି ଚନ୍ଦ୍ରଶେଖର କହିଲେ ନରୁ, ମୋତେ କଛି ଖାଇବାକୁ ଦିଅ । ନରୁପମା ବିରକ୍ତ ହୋଇ କହିଲେ ଏବେତ ଆସିଲି । ରାନ୍ଧିଲେ ସିନା ଖାଇବାକୁ ଦେବି ?

ISSN NO.
2582-208X


ପାଣି ଗୋଟେ ଗ୍ଲାସ ଦିଅ ନରୁ । ନରୁପମା ଚଢା ଗଳାରେ କହିଲେ, ସତେ ଯେମିତି ମୁଁ ତୁମ ଚାକରାଣୀ ? ଯାହା କହିବ ସେୟା କରିବି । ମରୁନ କ ବଞ୍ଚୁନ, ମୋତେ ଖାଲି ଦହଗଞ୍ଜ କରି ମାରୁଛ । ଏଇ ନଅ, ପାଣିପିଅ ! କ ବେଳରେ ତୁମ ହାତ ଧରି ଥିଲି ଯେ ଆଜି ଛଟପଟ ହୋଇ ମରୁଛି । କଏ ଜାଣି ଥିଲା, ତୁମକୁ ବାହା ହୋଇ ଦୁର୍ଭାଗ୍ୟକୁ ଡାକ ଆଣିବି ବୋଲି ? ଭାବି ଥିଲି ଭଲ ଚାକରୀ ଅଛି । ଧନ ସମ୍ପତ୍ତି ଅଛି । ସୁଖରେ ସୁଖରେ ମୋର ଦିନ ବିତି ଯିବ । ଅନିରୋଧକୁ ବିବାହ କରି ଥିଲେ ଆଜି ମୋର ଏ ଦଶା ହୋଇ ନ ଥାଆନ୍ତା । ଏତେ ଅଶାନ୍ତିରେ ମୁଁ ନ ଥାଆନ୍ତି ।

ଏକଥା ଚନ୍ଦ୍ରଶେଖରକୁ ବହୁତ ବାଧିଲା । ବଞ୍ଚିବାର ମୋହ ତାର ଆଉ ରହିଲା ନାହିଁ । ଔଷଧ ଠିକରେ ଖାଇଲା ନାହିଁ । ଦିନକୁ ଦିନ ତାର ଦେହ ଅସୁସ୍ଥ ହେବାକୁ ଲାଗିଲା । ଡାକ୍ତରଖାନାରେ ୧୫ ଦିନ ରହିବା ପରେ ସେ ସବୁ ଦିନ ପାଇଁ ଆଖି ବୁଜି ଦେଲା ।

ନରୁପମାର ସାବତ ମା ସମ୍ପତ୍ତି ଲୋଭରେ ନରୁପମାକୁ ମିଠା ମିଠା କଥା କହି ହାତ କରି ନେଲେ । ବିଶ୍ୱାସରେ ନରୁପମା ଜମି ବାଡ଼ି କାଗଜ ପତ୍ର ତାର ସାବତ ମା ପାଖରେ ରଖି ଥିଲା । କିଛି ଦିନ ପରେ ସେମାନେ ନରୁପମାର ବିବାହ ପ୍ରତାପ ସହ କରାଇ ଦେଲେ । ହନିମୋନ ପାଇଁ ତାଙ୍କୁ ସୁଇଜରଲ୍ୟାଣ୍ଡ ଏକ ମାସ ପାଇଁ ପଠାଇ ଦେଲେ । ଦୁହିଁଙ୍କର ଖୁସି କହିଲେ ନ ସରେ । ଜମିବାଡ଼ି କାଗଜପତ୍ର ନରୁପମା ତା ସାବତ ମାଙ୍କୁ ଦେବା କଥା ପ୍ରତାପ ଜାଣି ନ ଥିଲା । ଯେତେ ବେଳେ ଦୁହେଁ ଘରକୁ ଫେରିଲେ ସାବତ ମା ଅରୁଣିମା ଆଉ ଘର ଭିତରକୁ ପସାଇ ଦେଲେ ନାହିଁ । ଜମିବାଡ଼ି କାଗଜ ପତ୍ର ମାଗିବାରୁ କ କାଗଜ ପତ୍ର ବୋଲି କହିଲେ ? ସେତେ ବେଳେକୁ ନରୁପମାର ସାବତ ମା ସବୁ ଜମିବାଡ଼ି ଘର ନିଜ ନାମରେ କରି ନେଇ ସାରି ଥିଲେ । ପ୍ରତାପ ଏ କଥା ଶୁଣି ନରୁପମା ଉପରେ ବହୁତ ରାଗିଲେ । ରାଗ ତମ ତମ ହୋଇ ନରୁପମାକୁ କିଛି ନ କହି ନିଜ ଗାଁ କୁ ଚାଲିଗଲେ । ନରୁପମାକୁ ପ୍ରତାପର ଗାଁ ଠିକଣା ଜାଣି ନ ଥିଲା ।

ISSN NO.
2582-208X


ନିରୁପମା ନିଜର ଭୁଲ ବୁଝି ପାରି ବହୁତ କାନ୍ଦିଲା । ସ୍ୱାମୀ ଥିଲେ ଆଜି ତାର ଏ ଅବସ୍ଥା ହୋଇ ନ ଥାନ୍ତା ବୋଲି କହି ଛୋଟ ପିଲାଙ୍କ ଭଳି କାନ୍ଦୁଥିଲା । ନିରୁପମା ଖୁବ ଅନୁତପ୍ତ ଥିଲା । ମୋ ସ୍ୱାର୍ଥ, ମୋ ଅହଂକାର ଲିଭାଇ ଦେଲା ମୋ ମଥା ସିନ୍ଦୂର ବୋଲି ବିକଳ ହୋଇ କାନ୍ଦୁ ଥିଲା । ନିଜର ଭୁଲ ବୁଝିବା ବେଳକୁ ସେ ହୋଇ ଯାଇ ଥିଲା ନିସ୍ୱ । କିଛି ତା ପାଖରେ ନ ଥିଲା । ସ୍ୱାମୀ ନ ଥିଲେ କି ଧନ ସମ୍ପତ୍ତି ନ ଥିଲା । ନ ଥିଲେ କେହି ସାହାସ୍ର । ଖାଲି ଥିଲା ଅବଶୋଷ... ଦୁଶ୍ଚିନ୍ତା... । ସେ ହୋଇ ଯାଇ ଥିଲା ନିଶହାୟର ବତୀ ଖୁଣ୍ଟ ।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

ISSN NO.
2582-208X

# ଶ୍ରୀ ରଘୁନନ୍ଦନ ରାମ



ଅଧ୍ୟାପିକା ରୋଜାଲିନ୍ ବାରିକ୍

ଶ୍ରୀ ରଘୁନନ୍ଦନ ରାମ ଜପ ମନ ଦୁଃଖ ରାଶି ଦୂରହେବ ।
ମାଧବ ମାଧବ ଭାବ ସୁମାଧବ କେଶବ ଦୀନବାନ୍ଧବ ।୧।

ନମୋ ନାରାୟଣ ପତିତତାରଣ ନରହରି ବାସୁଦେବ ।
ନବୀନ ଘନ ସୁନ୍ଦର ଦାମୋଦର ନୀଳମଣି ରମାଧବ ।୨।

ରେଂଟା ନରହିବ ଭାବ ବାସୁଦେବ ଶମନ ଦଣ୍ଡ ନ ଦେବ ।
ଦ୍ରବଇ ପାଷାଣ ଯାର ବଂଶୀସ୍ୱନେ ବ୍ରଜ ଯୁବରାଜ ଭାବ ।୩।

ଦାରୁବ୍ରହ୍ମ ହରି ମାଧବ ମୁରାରୀ ମୁକୁନ୍ଦ ଭକ୍ତ ବାନ୍ଧବ ।
ମୋଦ ବହିଣ ମାନସ ହରିଘୋଷ ଭବ କଷଣ ହରିବ ।୪।

ଦନୁଜ ନାଶନ ଦେବ ଭଗବାନ ନଟ ରାଟ ରାଧାଧବ ।
ରମା ରମଣ କ୍ଷୀର ସିନ୍ଧୁ ଶୟନ ଶାନ୍ତାକାର ଯା ସ୍ୱଭାବ ।୫।

ମୋକ୍ଷ ପ୍ରଦାୟକ ଜଗତ ପାଳକ ରଘୁ କୁମର ରାଘବ
ଦିନମଣି ଥିବ ଅନ୍ଧାର ହୋଇବ ଏକଥା ମନକୁ ଭାବ ।୬।

ISSN NO.
2582-208X



ପ୍ରସନ୍ନ ବଦନ ହେ ଜଗମୋହନ ଭକ୍ତ ପ୍ରାଣ ସୁମାଧବ ।
ଧାତ୍ରୀ ପଣେ କ୍ଷୀର ପାନ କରି ପୁତନାକୁ ତାରିଲେ କେଶବ ।୭।

ନକରିଣ ଡେରି ଚନ୍ତ ନରହରି ଶ୍ରୀକୃଷ୍ଣ ରୁକ୍ମଣୀଧବ ।
ମଙ୍ଗଳ ଦାୟକ ହରି କଳାମୁଖ ସବୁର ମୂଳ ମାଧବ ।୮।

ତ୍ରୀଭଙ୍ଗିମା ଠାଣି ନଏ ମନ କିଣି ଦର୍ଶନ କର ସାଧବ ।
ଭାରତୀ ବଲ୍ଲଭ ବିଷ୍ଣୁ ରମାଧବ କ୍ଷୀର ସାଗର ସମ୍ଭବ ।୯।

ରମାବର ଚନ୍ତ ହରିବ ଦୂରୀତ ଭବ ସିନ୍ଧୁ ତରିଯିବ ।
ତରଳ ସରଳ ସେ ନନ୍ଦ ଦୁଲାଳ ଭବ ସାଗରକୁ ନାବ ।୧୦।

ମହୁ, ଆଳ, କେନ୍ଦ୍ରାପଡା ୭୫୪୨୩୧
ମୋବାଇଲ – ୯୯୩୮୫୦୧୧୦୨

ISSN NO.
2582-208X

# ଭଗବତୀଚରଣ
# ପାଣିଗ୍ରାହୀଙ୍କ ସ୍ମରଣେ



କୁଞ୍ଜବିହାରୀ ରାଉତ

ହେ ଉତ୍କଳଜନନୀର ସୁଯୋଗ୍ୟ ସନ୍ତାନ
ସାହିତ୍ୟ ଜଗତର ଥିଲ ତୁମେ ଉଦିତଜହ୍ନ
କାଳଜୟୀ ସୃଷ୍ଟିତୁମ ଏବେବି ବନ୍ଦିତ
ସମସାମୟିକ ଲେଖକଙ୍କୁ କରୁଥିଲା ଇଙ୍ଗିତ
ଜଙ୍ଗଲି, ହାତୁଡି ଓ ଦା, ଜୀବନର ସମାଧି
ପୁଣି ମୃତ୍ୟୁର ବିବେଚନା, ଝଡ, ମିମାଂସା ଆଦି
ଆରମ୍ଭ ଓ ଶେଷ, ଶୀକାର ପ୍ରଭୃତି
ମାଇଲଖୁଣ୍ଟ ଏ ସବୁ ହେ ଭଗବତୀ
ମାର୍କ୍ସବାଦୀ ଚିନ୍ତାଧାରାରେ ତୁମେ ଅନୁପ୍ରାଣିତ
ପ୍ରଗତିଶୀଳ ଚେତନାଦୀପ୍ତ ବିପ୍ଳବୀ ଲେଖକ ଭାବେ
ଥିଲ ତ ସ୍ୱୀକୃତ
ଜୀବନର ପ୍ରାରମ୍ଭେ ଗାନ୍ଧି ଥିଲେ ତୁମର ଆଦର୍ଶ
ବିପ୍ଳବୀ ଚେତନା ଥିଲା ତୁମ ଲେଖନୀର ସ୍ପର୍ଶ
ଲେଖନୀ ଚାଳନାରେ ଥରିଲା ବ୍ରିଟିଶ ସାମ୍ରାଜ୍ୟ
ବିନାଦୋଷେ ଜେଲରେ ରଖିଲେ ଫିରିଙ୍ଗି ଅନାର୍ଯ୍ୟ
ତୁମେସିନା ହଜିଗଲ ଇତିହାସର କରାଳ ଗର୍ଭରେ
ତୁମ ସ୍ମୃତି ସାଉଁଟୁଛୁ ଆଲୋଚନା ଓ ସ୍ମୃତିରସଭାରେ
ମାତ୍ର ୩୫ଟି ବସନ୍ତ ଆସିଥିଲା ତୁମ ଜୀବନରେ
ସ୍ୱଳ୍ପସମୟ ବି ଥିଲା କର୍ମବହୁଳ ଓ ସଂଘର୍ଷମୟରେ
ପୁରୀ ଜିଲ୍ଲା ବାଲିପାଟଣା ଥାନା ଗ୍ରାମ ବିଶ୍ୱନାଥପୁର


ISSN NO.
2582-208X

ତା କୋଳେ ଜନମିଥିଲା ଆମ ଲେଲିନ ଭଗବତୀ ବୀର
୧୯୩୬ରେ ପ୍ରାଣନାଥ ଓ ଗୁରୁଚରଣଙ୍କୁ ନେଇ ଗଢିଥିଲ
ଓଡିଶାର କମ୍ୟୁନିଷ୍ଟ ସେଲ
ଓଜସ୍ୱିନୀ ବକ୍ତୃତା ଓ ଲେଖନୀ ମାଧ୍ୟମରେ ଜନତାର
ହୃଦୟକୁ ତୁମେ ଜିତିଗଲ
ସାମ୍ୟବାଦ ଚେତନାରେ ହୋଇଥିଲ ଉଦବୁଦ୍ଧ
କୁସଂସ୍କାର ପୂର୍ଣ୍ଣଓଡିଶାକୁ ଲେଖନୀରେ କରିଲ କ୍ଷତାକ୍ତ
ତୁମେ ଥିଲ ଓଡିଶାର ଲେଲିନ, ଭଗବତୀ ଚରଣ
ପୁଣି ତୁମେ ଫେରିଆସ ଆମପାଶେ କରି ଧରାବରଣ
ଜୀବନରେ ସତ୍ୟ ଏତ,ମର୍ତ୍ତ୍ୟେ ବି ଦେବତା ମରଇ
ସାର୍ଥକ ତୁମନାମ ଆହେ ଭଗବତୀଚରଣ ପାଣିଗ୍ରାହୀ....

ପ୍ଲଟ-୧୪୮/୫,କନ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩, ମୋ=୯୦୯୦୦୯୦୨୨୫

ISSN NO.
2582-208X

# ଅମଣିଷ



ଡ. ଜ୍ଞାନେଶ୍ୱର ମିଶ୍ର

ତୁମ ବଗିଚ୍ଚାରେ ଫୁଟିଥିବା ରଂଗ ବେରଙ୍ଗର ଫୁଲ
ପେନ୍ଥା ପେନ୍ଥା ଫଳ ଭରିଯାଏ ମନ ଆନନ୍ଦରେ,
ଏସବୁର ପ୍ରାଣକର୍ତ୍ତା "ଚେର" ଆମକୁ ଦେଖା ଯାଏନ
ରହିଥାଏ ମାଟିର ଭିତରେ
ଚେର କାଟିଦେଲେ, କଟିଗଲେ ଏ ଫୁଲ, ଫଳ ଡାଳ
ସବୁ ହୋଇବେ କାଙ୍ଗାଳ
"ଥୁଣ୍ଟା ଗଛ" ପରିଚୟ ହୋଇବ ତାହାର ॥

ଫୁଲମାଳ ଦେଉଁ ଆମେ ଦେବତା ଶିରରେ
ଶୋଭାପାଏ ଦିଶେ କ ସୁନ୍ଦର,
ତାକୁ ଗୁନ୍ଥୁଥିବା ସୂତା ଦେଖାଯାଏନ ଆମକୁ
ସେ ଛିଣ୍ଡିଗଲେ ଫୁଲ, ଫୁଲ ହୋଇ ରହିଯିବ
ହଜିଯିବ ମାଳ ପରିଚୟ ତାର ॥

ତୁମ ବୈଠକଖାନା, ଶୟନକକ୍ଷ, ବିସ୍ତାରିତ କୋଠା
ରଂଗ ଆଉ ଚନ୍ଦରେ ସଜ୍ଜିତ
ତୁମ ଭାବନାରେ ବଢେ ତୁମ ମାନ ଓ ଇଜ୍ଜତ
ମାଟିତଳେ ପୋତା ଇଟା ଦେଖା ଯାଏନ ଆଖିରେ

ISSN NO.
2582-208X

ସେ ଟିକଏ ଦୁର୍ବଳ ହେଲେ କମ୍ପା ଦୋହଲିଗଲେ
କୋଠାବାଡି ପାଲଟିବ ଇଟା ସିମେଣ୍ଟ ସ୍ତୁପରେ ॥

ତେଣୁ ତୁମେ ଯଦି ଭୁଲିଯିବ ତୁମ ମୂଳ ଧର୍ମ
ଭାଷା ଓ ସଂସ୍କାର, ରୀତି ପରମ୍ପରା
ପୃଥିବୀରେ ଯେଉଁଠି କରିଲେ ବାସ
ତୁମ ପରିଚୟ ହେବ
ତୁମେ ଜଣେ ଖାଣ୍ଟି ଅମଣିଷ ॥

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

ISSN NO.
2582-208X


# ପଶ୍ଚିମ ଓଡ଼ିଶାର ଲୋକକାହାଣୀର ବିଶେଷତ୍ୱ



ପଲିମର ଦାଶ

ପୃଥିବୀର ସମସ୍ତ ଦେଶରେ ଲୋକକାହାଣୀ ପ୍ରଚଳିତ । ଭାରତରେ ଲୋକକାହାଣୀ ପରମ୍ପରା ବହୁ ପ୍ରାଚୀନ । କହିବାକୁ ଗଲେ ବିଶ୍ୱର ତଥା ଭାରତର ବିଭିନ୍ନ ପ୍ରାନ୍ତର ବିଭିନ୍ନ ଅଂଚଳର ପ୍ରଚଳିତ ଲୋକକାହାଣୀ ପରି ପଶ୍ଚିମ ଓଡ଼ିଶାର ଲୋକକାହାଣୀରେ ମଧ୍ୟ ଅନେକ ବିଶେଷତ୍ୱ ଦେଖାଯାଏ । ଲୋକକାହାଣୀ ଲୋକ ଜୀବନର ଅକୁହା କଥାକୁ ବ୍ୟକ୍ତ କରେ । ଗୋଟିଏ ଗୋଷ୍ଠୀ ସମ୍ପ୍ରଦାୟ ର ସମସ୍ତ ବିଶ୍ୱାସ, ଜୀବନ ଶୈଳୀ, ରୀତିନୀତି, ଆଚାର ବ୍ୟବହାର କୁ କାହାଣୀ ମଧ୍ୟ ଦେଇ କହିଚାଲେ । ଗୋଟିଏ ପ୍ରଦୀପରୁ ଅସଂକ୍ଷ ପ୍ରଦୀପ ଜାଳିବା ଭଳି ଗୋଟିଏ କାହାଣୀ ମୌଖିକ ଭାବରେ ସମଗ୍ର ଜନମାନସକୁ ଚହଟି ଯାଇଥାଏ।

ସବୁ ଜାତି ସବୁ ସମ୍ପ୍ରଦାୟ ସବୁ ଅଂଚଳର ଲୋକକାହାଣୀ ରହିଛି । ପଶ୍ଚିମ ଓଡ଼ିଶାର ଲୋକକାହାଣୀ ମଧ୍ୟ ନିଆରା । ବିଷୟ ବସ୍ତୁର ଆରମ୍ଭରୁ କାହାଣୀଗୁଡ଼ିକ ମନକୁ ଉତ୍ସାହିତ କରେ, କାହାଣୀଟି ଯେତେ ଜଟିଳ ଲାଗିଲେ ମଧ୍ୟ ପରିଶେଷରେ ସବୁ ସୁଖପ୍ରଦ ହୁଏ । ଦୋଷୀ ଦଣ୍ଡ ପାଏ ଏବଂ ନିର୍ଦ୍ଦେଶ ସୁଖ ଭୋଗ କରେ । ଅର୍ଥାତ କଥକ କାହାଣୀ ମାଧ୍ୟମରେ ଲୋକଙ୍କୁ ଭଲ ମଣିଷ ଟିଏ ହେବାକୁ ବାର୍ତା ଦେଇଥାଏ । ଜୀବନ ନିର୍ବାହ କରିବାର ଭଲ ବାର୍ତା ଦେଇଥାଏ କାହାଣୀ । ସବୁ ଧର୍ମ, ସବୁ ଜାତି, ସବୁ ସମ୍ପ୍ରଦାୟ ର ଲୋକ କାହାଣୀରେ ସମାନ । ଏଥିରେ ନ ଥାଏ କୌଣସି ନିୟମ କଥକ ମନରେ ଯାହା ଆସିଲା ତାକୁ ସେ ନିଜ ଶୈଳୀ ରେ କହିଥାଏ । ପଶ୍ଚିମ ଓଡିଶାର ଲୋକକାହାଣୀ ରେ ସେ ଅଂଚଳର ଆଚାର ବ୍ୟବହାର, ରୀତିନୀତି, ଚାଲିଚଳଣୀ, ବିଶ୍ୱାସ ସବୁ ନିଖୁଣ ଭାବେ ଜାଣିବାକୁ ମିଳେ । ଆରମ୍ଭ ରୁ କଥକ ସଂଗୀତ ମାଧ୍ୟମରେ ଆରମ୍ଭ କରେ :-

ISSN NO.
2582-208X

"ସୁଖ କହେମି କି ଦୁଃଖ କହେମି
ଯେନଟା ଜାଣିଛେ ସେଟା କହେମି ।"

ପୁଣି କାହାଣୀ ଶେଷରେ ପ୍ରଶ୍ନ ଉତ୍ତର ଶୈଳୀରେ ସଙ୍ଗୀତ ମାଧ୍ୟମରେ ଶେଷ ହୁଏ ।

"ମୋର କଥନୀ ସରଲା, ଫୁଲଗଛଟି ମଲା
ହଇରେ କାଇଁ ହେଲାଯେ ଫୁଲଗଛ ମଲୁ ?
ମା ପାଏନ ନାଇଁ ଦେଲା ।
କାଇଁ ହେଲାଯେ ମା ପାଏନ ନାଇଁ ଦେଲୁ ?
ଛୁଆ ମୋର କାନ୍ଦଲା
କାଇଁ ହେଲାଯେ ଛୁଆ କାନ୍ଦଲୁ ?
ଚାଟି ଚାବଲା
କାଇଁ ହେଲାଯେ ଚାଟି ଚାବଲୁ ?
ଭୂଇଁ ତଳେ ତଳେ ଥିସି
କଅଲି ମାଉଁସ ଟିକେ ପାଏଲେ
ରୁଟ କିନା ଚାବି ଦେସି ।

ପଶ୍ଚିମ ଓଡ଼ିଶାର ଲୋକକାହାଣୀ ରେ ଜୀବନ ଶୈଳୀ ଦେଖିବାକୁ ମିଳେ । ବୁଢ଼ାବୁଢ଼ୀ କାହାଣୀ ଠାରୁ ଆରମ୍ଭ କରି ଅସୁର ଅସୁରୁଣୀ ପ୍ରଯନ୍ତ ସବୁ କାହାଣୀରେ ସମାଜର ଚିତ୍ର ପରିଦୃଷ୍ଟ ହୁଏ । ନିରୀହ ଲୋକ ମାନଙ୍କ ଜୀବନ ବଂଚିବାର ଆଶା ନିରାଶା ଭିତରେ କାହାଣୀ ଗତିଶୀଳ । କାହାଣୀ ଯେତେ ପୁରୁଣା ହୁଏ ସେତିକି ନୁଆଁ ଲାଗେ, ଏହାରି ଭିତରେ କାହାଣୀ ଅନେକ କିଛି ଶିକ୍ଷା ଦେଇ ଯାଏ ।ପ୍ରେମ ଚିତ୍ରରେ ରାଜକୁମାର କିପରି ରାଜକୁମାରୀ କୁ ପାଇବା ପାଇଁ ସବୁ କିଛି ପରିତ୍ୟାଗ କରେ ପୁଣି ପ୍ରେମ ବଳରେ କିପରି ସବୁ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୁଏ ଏହା ବର୍ଣ୍ଣିତ । ସମାଜ ଚିତ୍ରରେ ପ୍ରଥମେ ଭାଇଭଉଣୀ କଥା ମନକୁ ଆସେ କଥାରେ ଅଛି "ଭାଇଭଉଣୀ କହ କାହାଣୀ ।"

ISSN NO.
2582-208X

ପୁଣି ଭାଉଜ ନଣନ୍ଦ ର କଳି, ଶାଶୁବୋହୁ ର ଟଣା ଟାପୁରା, ଭାଇ ଭାଇ ମଧ୍ୟରେ ଇର୍ଷା ଇତ୍ୟାଦି ଦେଖିବାକୁ ମିଳେ । ପୌରାଣିକ କାହାଣୀରେ ମଧ୍ୟ ରାମାୟଣ ମହାଭାରତ ର କଥା ସବୁ ବର୍ଣିତ । ଆଲୌକିକ କାହାଣୀରେ ଅସୁର ଅସୁରୁଣୀ, ପରି କାହାଣୀ, କୁହୁକ ପକ୍ଷୀ, କୁହୁକ ବଂଶୀ, କୁହୁକ ପୁଟୁଳି ବିଭିନ୍ନ ନିର୍ଜୀବ ବସ୍ତୁ କଥାବାର୍ତା କରିବା ଏବଂ ଯାଦୁଇ ଶକ୍ତି ବଳରେ ନିଜ ପରାକାଷ୍ଠା ଦେଖାଇବା ଏ ସବୁ ରହିଥାଏ । ଲୋକ କାହାଣୀ ହେଉଛି ଲୋକ ମାନଙ୍କ କାହାଣୀ ସେଥିପାଇଁ ଲୋକ ମାନଙ୍କ କଥା ସବୁ ଦୃଷ୍ଟିଗୋଚର ହୁଏ । ସାଧାରଣତଃ କହିବାକୁ ଗଲେ ଗ୍ରାମୀଣ ଅଧିବାସୀ ମାନେ ଏହାର ଗ୍ରାହକ, ନୀତିଶିକ୍ଷା ଓ ଆଦର୍ଶ ପଶ୍ଚିମ ଓଡ଼ିଶାର ଲୋକକାହାଣୀର ଅନ୍ୟତମ ଆଧାର । କାହାଣୀ ମାନ କହିବା ଦ୍ୱାରା ଧର୍ମ ସଚେତନତା ଓ ଇଶ୍ୱରୀୟ ଚେତନା ଲୋକ ସମାଜରେ ତିଆରି ହୁଏ ଯଦଦ୍ୱାରା ମଣିଷ ମନରେ ଭୟ ଭାବ ଜାତ ହୁଏ ଏବଂ ତାହା ଭଲ ମଣିଷ ଟିଏ ହେବାକୁ ରାସ୍ତା ଦେଖାଇଥାଏ । କାହାଣୀ ମାନଙ୍କର ଚରିତ୍ର ଲୌକିକ, ଅଲୌକିକ, ପ୍ରକୃତି, ଜଡ ଓ ଜୀବଜନ୍ତୁ ମାନେ ମଧ୍ୟ ହୋଇପାରନ୍ତି । ପଶ୍ଚିମ ଓଡ଼ିଶାର ଲୋକକାହାଣୀରେ ଭାଷା ସରଳ ସହଜ ଏବଂ କଥିତ ହୋଇଥାଏ ସେଥିପାଇଁ ଏହା ସେଠାକାର ଲୋକଙ୍କୁ ଭଲ ଏବଂ ଆଦରଣୀୟ ହୋଇଥାଏ । ଲୋକକାହାଣୀର ଉପସଂହାର ସବୁବେଳେ ସୁଖପ୍ରଦ ହୁଏ । ତେଣୁ ଶେଷରେ କଥକ କହିଥାଏ –

"ମୋର କଥନି ସରଲା
ଫୁଲ ଗଛଟା ମରଲା
ସେମାନେ ସଭେ ସୁଖେ ରହେଲେ
ମୁଇଁ ଗଲିଯେ ପାଏନ ଟିକେ ନାଇଁ ଦେଲେ । "

ଗବେଷିକା
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ଜ୍ୟୋତିବିହାର, ବୁର୍ଲା

ISSN NO.
2582-208X

# ରୂପସୀ ସଞ୍ଜ



ସତ୍ୟନାରାୟଣ ପ୍ରସାଦ ନାୟକ

ଦିବସ ସରିନି ରଜନୀ ଆସିନି
ମଝିରେ ହେଉ ପ୍ରକାଶ,
ବିଜନ ବେଳାରେ କାହା ଅପେକ୍ଷାରେ
ସଜ ହୋଇ ତୁମେ ଆସ ?

ଗଭାରେ କିଏସେ ଖୋସିଛି ତୁମର
ହୀରା, ନୀଳା ଆଉ ମୋତି,
ନୀଳ ଆକାଶରେ ମିଳନ ବେଳାରେ
ଚମକୁଛି ତୁମ ଜ୍ୟୋତି ।

ତାରା ଫୁଲ ସଙ୍ଗେ ବସିଛକି ମିତ
ନୀଳ ଗଗନର ପରୀ,
ଭାବୁଛି ତୁମକୁ ଟପି ଗଲା ଭଳି
ଅଛିକେ ଆଉ ସୁନ୍ଦରୀ !

ତୁମ ଆଗମନେ ଜଳେ ସଞ୍ଜବତୀ
ମନ୍ଦିରେ ହୁଏ ଆଳତୀ,
କହ ତୁମ ପରି ଏଇ ଦୁନିଆଁ ରେ
ଅଛି କିଏ ଭାଗ୍ୟବତୀ ?

ହେଲେ ହେଉ ପଛେ ଅଳପ ଆୟୂଷ
ଦିନ ସରିଗଲେ ଆସୁ,
ତୋହରି ପରଶେ ଦୁନିଆଁଟା ହସେ
ଫୁଲର ମହକେ ବାସୁ ।

ରଥ ରୋଡ, ଭୁବନେଶ୍ୱର -2
Mob-9437764014

ISSN NO.
2582-208X

# ରସନା ଗୃଖ



ଅଧାପକ ଅବିନାଶ ବାରିକ୍

ରସନା ଗୃଖ ଶ୍ରୀହରି ନାମାମୃତ ଭକତ ସୁଖ ସାଗର ।
ରମଣୀ ରସିଆ ସେ ଚକାଆଖିଆ ବନମାଳଆ ଶ୍ରୀଧର ।୧।

ରମଣୀୟ ବେଶ ହରି ହୃଷୀକେଶ କେଶବ ଶ୍ୟାମସୁନ୍ଦର ।
ରବିଚନ୍ଦ୍ର ନେତ୍ର ସେ କାଳଆ ସାଆନ୍ତ ନୀଳକନ୍ଦର ସୁନ୍ଦର ।୨।

ରଙ୍ଗାଧର ହରି ମୁକୁନ୍ଦ ମୁର୍‌ରୀ ନୀଳମଣୀ ଦାମୋଦର ।
ରଙ୍ଗଅଧରେ ତା ମନ୍ଦହାସ ଶୋହେ କଟୀତଟେ ପୀତାମ୍ବର ।୩।

ରତ୍ନ ସିଂହାସନ ମୁଣ୍ଡନ ମୋହନ ଶଙ୍ଖ ଚକ୍ର ଗଦାଧର ।
ରବିସୁତ ଦର୍ପଦଳା ନନ୍ଦବଳା ମୋହନ ମୂରଲୀଧର ।୪।

ରସ ସାଗର ନାଗର ଗିରିଧର ଦୀନବନ୍ଧୁ ସୁରେଶ୍ୱର ।
ରଖଇ ଭକତ ଶଙ୍ଖରେ ପୁର୍‌ଇ ଚକ୍ର ଢାଙ୍କି ରମାବର ।୫।

ରଖନେଇ ଚଉ କମଳା ସଙ୍ଗାତ ଚଉବର୍ଗ ଦାନବୀର ।
ରହସ୍ୟମୟ ଠାକୁର କମ୍ବୁକର ଶ୍ରୀକୃଷ୍ଣ ରୁକ୍ମଣୀ ବର ।୬।

ରମହରି କଥା ରସରେ ମାନ ହରି ଭବତାପ ହର ।
ରମାରମଣ ଶ୍ରୀହରି ନାର୍‌ୟଣ ର୍‌ଘବ ରଘୁ କୁମର ।୭।

ISSN NO.
2582-208X

ରଖଇ ଶରଣ ଶ୍ରୀ ଗ୍ୱଧ୍ରମଣ ପଶିଲେ ଛନ୍ଦା ପୟର ।
ରଘୁକୁଳ ତିଳକ ବିଶ୍ୱନାୟକ ପାଳକ କୋଟି ବିଶ୍ୱର ।୮।

ରକ୍ଷଯକ୍ଷ ସୁର ଗନ୍ଧର୍ବ କନ୍ନର ନର ବନ୍ଦନ୍ତୁ ପୟର ।
ରସିକ ଶେଖର ସେ କମଳାବର ଅଗ୍ରଜ ଯା ହଳଧର ।୯।

ରଜନୀଶ ବଂଶ ଅବତଂସ କୃଷ୍ଣ କେଶବ ବାର୍ଗବୀ ବର ।
ରଙ୍ଗିଲ୍ ଷୋଳକଳା ନେଇ ବିଜେ ରତ୍ନ ମନ୍ତପର ।୧୦।

ମହୁ, ଆଳ, କେନ୍ଦ୍ରାପଡ଼ା
ମୋ- ୭୦୦୮୪୩୬୮୩୪

ISSN NO.
2582-208X

# ହେ ଅଦିନ ବର୍ଷା



ଅମୃତନାରାୟଣ ଶତପଥୀ

ହେ ଅଦିନ ବର୍ଷା, ଆସ ତୁମେ ମେଘ ସହ ସଜେଇ ହୋଇ,
ବାତ୍ୟା ପୁଣି ଆଣିଥାଅ ବର୍ଷିଯାଅ ପୁଣି ତୁମେ ବାଦଲ ଫଟାଇ।
ସହରରେ କାମଦାମ ସବୁ ବନ୍ଦ କରାଇ, ଆମ ପରି ପିଲାଙ୍କର
ପାଠପଢା ବନ୍ଦ ହୁଏ ରେନିଡେ ଘୋଷଣା ହୁଅଇ।(୧)

ଦିନ ଥିଲା ଥିଲୁ ଯେବେ ଗ୍ରାମେ, ଖୋଜୁଥିଲୁ ପୁଣି ମନେ ମନେ
ହେଉ ତ ଅଦିନ ବର୍ଷା, ଆନନ୍ଦ ଲାଗିବ ପୁଣି ହେବ ଡଙ୍ଗା ଭସା।
ସ୍କୁଲରୁ କିଛିଦିନ ମିଳିଯିବ ଛୁଟି, ବିତିବ ସମୟ ପୁଣି ଘରେ ରହି
ଭାଇ ଭଉଣୀଙ୍କ ସହ ଗପି ପୁଣି କରି ଗୁଲି ଖଟି।(୨)

କରେଣ୍ଟ ଯିବାର କେବେ ନଥିଲା ହେ ଭୟ, ରହୁଥିଲୁ ନିର୍ଭୟରେ
ନଥିଲା ମୋବାଇଲ କି ଲାପଟପ ଚାର୍ଜିଂ ସମୟ ଥୟ।
ହେଲେ ଏବେ ଘଣ୍ଟାଟିଏ ବି ହେଲେ ପାଓ୍ୱରକଟ୍, କେତେବେଳେ
ଆସିବ ଭାବି ମନ ଦକ୍ ଦକ୍।(୩)

ସହରରେ ପୁଣି ଆଉ ଗୋଟିଏ ସମସ୍ୟା,
କରେଣ୍ଟ ଗଲେ ଜଳାଭାବ ଦେଖାଯିବା ପକ୍କା।

ISSN NO.
2582-208X

କେମିତି ନହେବ ଭାଇ, ୧୦ କିମି ପରିସୀମା ବୁଲିଲେ ବି
ନଳକୂପ ଟିଏ ନଦିଶଇ ।
ତଥାପି ସଭିଏଁ ଖୁସି ସ୍ମାର୍ଟ ସିଟିରେ ରହି ।(୪)

ଶେଷ କଥା ତୁମକୁ ମୋର ହେ ଅଦିନ ବର୍ଷା,
ଆସୁଥାଅ ବେଳେବେଳେ ଯେସନେ ବ୍ରତ ଓଷା,
ଦେଖାଅନି ତୁମ କରାଳ ରୂପ ମହାବାତ୍ୟା ପରି,
ମରିଣ ଯିବେ ଅନେକ ଲୋକ ବୋର ହୋଇ ମୋବାଇଲ ଚାର୍ଜ ନକରି ପାରି(୫)
ଯଦି ଖାଦ୍ୟ ପାଣି ସବୁ ଥିବ କରେଣ୍ଟ ନଥିବ,
ବଞ୍ଚି ଥିବେ ସବୁଲୋକ ଖୁସି ଟି ନଥିବ,
କାହିଁକି ନା ଚାର୍ଜ ପାଇଁ କଷ୍ଟ ହେଉଥିବ
ଏବଂ ପାଣି ଟ୍ୟାଙ୍କର କିଣି କିଣି ଟଙ୍କା ସରୁ ଥିବ
ଯାହା ସହରେ ଗୋଟେ ବଡ଼ ତାମସା ହୋଇଯିବ ।(୬)

ଏ ତାମସା ରୁ ବଞ୍ଚିବାକୁ ହେ ମୋ ଭଗ୍ନୀ ଭ୍ରାତା
ପରିବେଶକୁ ସୁରକ୍ଷା ଦିଅ ମନେ ଭର ସଚେତନତା
ଗଛ ଲଗାଅ ପ୍ରକୃତି ବଞ୍ଚାଅ, ବଞ୍ଚାଅ ନିଜ ପ୍ରାଣ
ପ୍ରକୃତିର ଏ ଅଦିନ ପରିବର୍ତ୍ତନ କରି ଦିଅ ହେ ସ୍ୱପ୍ନ ।(୭)


ସୁସ୍ଥ ପ୍ରକୃତି ସୁସ୍ଥ ପରିବେଶ ସୁନ୍ଦର ଦେଶ ଗଢ଼ିବ
ସଂସାର ଭରେ ଭାରତ ଆମ ସଗର୍ବେ ଶିର ଟେକିବ ।
ପାଲଟି ଯିବ ଏହା ଭୂସ୍ୱର୍ଗ ବଢ଼ି ଯିବ ତ ମୂଲ୍ୟ
ଜୀବନ ପୁଣି ସରସ ହେବ ସୁଖ ମିଳିବ ଅମୂଲ୍ୟ ।(୮)

ନୟାପଲ୍ଲୀ, ଭୁବନେଶ୍ୱର,
ଓଡିଶା

ISSN NO.
2582-208X



# ଲଳିତ ନିବନ୍ଧ– ଅସଲି ନକଲି



ବଦ୍ରୀ ମହାନ୍ତି

ସମୟଚକ୍ରରେ 'ପରିବର୍ତ୍ତନ' ଏକ ନିର୍ଦ୍ଧାରିତ ସତ୍ୟ। କେହି କେହି ଏହାକୁ ଆନନ୍ଦରେ ଗ୍ରହଣ କରି ନେଉଥିବା ବେଳେ ଅନ୍ୟକେତେକ ଲହୁଲୁହାଣ ହୋଇ ଲଢେଇ କରନ୍ତି ସମୟ ସହିତ। ଅସ୍ତବ୍ୟସ୍ତ ହୋଇ ଜୀବନ ଯାକ ଏପାଖ ସେପାଖ ହୋଇ ଖୋଜୁଥାନ୍ତି କେଉଁଠି ଏହାର ଚେର ! ବ୍ୟବସ୍ଥା ସହିତ ହାତାହାତି ହେବା ଏ ଜାତୀୟ ପ୍ରଣୀଙ୍କ ନିମନ୍ତେ ଏକ ମାମୁଲି କଥା ହୋଇଥିବାରୁ ସନ୍ଦେହ ଓ ଅବିଶ୍ୱାସ ଗଳିରେ ବସାବାନ୍ଧିଥିବା ଲୋକଟି ଦେଖି ପାରେନାହିଁ ପ୍ରକୃତ ସ୍ୱରୂପଟିକୁ। ଏଥିପାଇଁ ଯେଉଁ ଆଖି, ଯେଉଁ ଭରସା, ବିଶ୍ୱାସ ଓ ମାନସିକତା ଲୋଡା ତାହା ତା ପାଖରେ ନଥାଏ। ଅତଏବ ଅସଲି ନକଲି ର ଦ୍ୱିଛକିରେ ଛିଡ଼ାହୋଇ ଅଭିଶାପ ବର୍ଷଣ କରେ ଆପଣାର ବୋଲାଉଥିବା ମାଟିକୁ, ଆକାଶକୁ, ନଦନଦୀ, ପାହାଡ ପର୍ବତ ସଭିଙ୍କୁ। ସେତେବେଳେ ମନେକରୁଥାଏ ବିଧାତା ତା ପାଇଁ ଏତେ ଜଞ୍ଜାଳ ଖଞ୍ଜିଦେଇଛନ୍ତି କାହିଁକି? ଅସଲି ନକଲିର ଦ୍ୱନ୍ଦ ଭିତରେ ତାର ସବୁ ସ୍ୱପ୍ନ ଓ ଆକାଂକ୍ଷାମାନେ ପର ଲଗେଇ ଉଡ଼ିପାରୁ ନାହାନ୍ତି!

ଆମେ ଯାହା ଦେଖୁ ସବୁବେଳେ ଏହା ସତ୍ୟ ନୁହନ୍ତି। ଯାହା ଶୁଣୁ ତାହା ମିଥ୍ୟା ହୋଇପାରେ। ହୋଇପାରେ ଅତିରଞ୍ଜନ। ତେଣୁ ଦେଖିବା ଶୁଣିବା ଅଙ୍ଗେନିଭାଇବା ଅନେକ ସମୟରେ ଗୋଟାଏ ସମାନ୍ତରାଳ ସରଳରେଖାରେ ଗତି କରିପାରନ୍ତି ନାହିଁ। ତଉଲିବାର କ୍ଷମତା ଓ ଯଥାର୍ଥ ମାନସିକତାର ଅନୁପସ୍ଥିତିରେ ସଠିକ୍ କଥାଟି ବା ବସ୍ତୁଟି ଧରାପଡେନାହି ସହଜରେ। ଅନେକ ମୂଲ୍ୟ ଦେବାକୁ ହୁଏ ଏଥିପାଇଁ। ପରୀକ୍ଷା ନିରୀକ୍ଷା ଓ ଗବେଷଣା

ISSN NO.
2582-208X

ସମ୍ଭବ ହୁଏନାହିଁ ପ୍ରତିକ୍ଷେତ୍ରରେ ସମୟ ଓ ସ୍ଥିତିର ଅଭାବ ଯୋଗୁଁ। ଉପସ୍ଥିତ ବୁଦ୍ଧି ଓ ଆବଶ୍ୟକତାର ତାଡନାରେ ନିଷ୍ପତ୍ତି ନେବାକୁ ପଡେ ବହୁ ଗୁରୁତ୍ୱପୂର୍ଣ୍ଣ କ୍ଷଣରେ। ତତ୍କାଳ ମୂଲ୍ୟାୟନ ଓ ଚୂଡାନ୍ତ ନିଷ୍ପତ୍ତି ଏକ ଆବଶ୍ୟକତା ହୋଇଥିବାରୁ ଅସଲି ନକଲି ର ରହସ୍ୟ ଭେଦିଯିବା ଅସମ୍ଭବପ୍ରାୟ ମନେହୁଏ ପ୍ରତିଟି ସ୍ଥିତି ନିମନ୍ତେ।

ଅସଲିର ସ୍ୱାଦ ଚିରକାଳ ମଧୁର ଓ ଆନନ୍ଦମୟ। ବେଳେବେଳେ ପ୍ରାଥମିକ ସ୍ତରରେ ଓ ସ୍ୱଳ୍ପ ସମୟ ପାଇଁ ଏହା ସନ୍ତୋଷ ଦେଇନଥାଏ ସତ ମାତ୍ର ଏହା ଚିରସ୍ଥାୟୀ ଓ ସୁଦୂରପ୍ରସାରୀ। ତତ୍କାଳ ସୁଖ ଓ ସାମୟିକ ଆନନ୍ଦ ଦେବାରେ ନକଲି ସମର୍ଥ ହୋଇପାରେ, କିନ୍ତୁ ଜୀବନ ସାରଣୀ ଓ ବ୍ୟବସ୍ଥାକୁ ନଷ୍ଟ କରିବା ନିମନ୍ତେ ଏହା ଅଭିପ୍ରେତ। ଖୋଳପା ଓ ମଲାଟ ହେଉଛି ନକଲିର ପ୍ରମୁଖ ଅସ୍ତ୍ର। ଏହା ବଳରେ କୌଣସି ମହଯୁଦ୍ଧକୁ ସେ ସହଜରେ ଜିଣି ମୁଣ୍ଡରେ ବାନ୍ଧିପାରେ ସାମୟିକ ମୁକୁଟ। ମଧୁର ବଚନ, ମନଲୋଭା ତାଳ ଲୟ ଓ ସ୍ୱର ସୃଷ୍ଟିକରି ଅସଲିର ଭ୍ରମ ତିଆରିକରେ ନକଲି।

ସଫଳତାର ସିଡି ଚଢିବା ପାଇଁ ଅସଲ ମଣିଷ ଓ ବସ୍ତୁର କାର୍ବନ କପି, ଜେରକ୍ସ କପି ବା ପ୍ରତିଲିପିଟିଏ ଗଢାଯିବାକୁ କୁହାଯାଏ ନକଲି। ସମ୍ପର୍କକୁ ଓ କ୍ରେତାଙ୍କୁ ସାଧାରଣରେ ଏହା ଆକର୍ଷିତ କରିଥାଏ ସୁଲଭ ମୂଲ୍ୟ ଓ ପରିପାଟୀ ର ପ୍ରଦର୍ଶନ ଯୋଗୁଁ। ବାପା ମା ଠାରୁ ଆରମ୍ଭ କରି ଡାକ୍ତର ଇଞ୍ଜିନିୟର ପୋଲିଶ ଶିକ୍ଷକ ସାମ୍ବାଦିକ ପ୍ରଶାସକ ନେତା ଅଭିନେତା କର୍ମଚାରୀ ବ୍ୟବସାୟୀ ଚୋର ତସ୍କର ଆଦି କୌଣସି ଚରିତ୍ରଟିଏ ନକଲି ରୂପେ ଛିଡ଼ା କରିଦିଆଯାଇ ପାରେ ଆବଶ୍ୟକତା ଅନୁସାରେ। ଆମ ଚାରିପାଖରେ ଏପରି ଚରିତ୍ର ସବୁ ପ୍ରତି ମୁହୂର୍ତ୍ତରେ ନିତି ପ୍ରତିଦିନ ଘୂରି ବୁଲୁଛନ୍ତି ଏବଂ ଏହାର ମୂଲ୍ୟ ଦେବାକୁ ପଡୁଛି ଆମ ସମାଜକୁ। ନକଲି ଡାକ୍ତର ରୋଗୀର ମୃତ୍ୟୁର କାରଣ ହେଉଥିବା ବେଳେ ଇଞ୍ଜିନିୟରଟି ନକଲି ହୋଇଥିବା ଯୋଗୁଁ କେତେ କେତେ ବନ୍ଧ ପୋଲ ଓ କୋଠାବାଡି ଭୁଷୁଡି ପଡୁଛି ତାର ଇୟତ୍ତା ନାହିଁ। ନକଲି ଶିକ୍ଷକଟିଏ ଧ୍ୱଂସ କରିଦେଇପାରେ କୌଣସି କୋମଳମତୀ ଶିଶୁର ଭବିଷ୍ୟତ। ରାଷ୍ଟ୍ର ଓ ସମାଜର ରକ୍ଷକ ରୂପେ ପୋଲିସ ବା ପ୍ରଶାସକ ଜଣକ ନକଲି ହେଲେ ନିଜର ନିହିତ ସ୍ୱାର୍ଥ ଚରିତାର୍ଥ ପାଇଁ ସମାଜ ଜୀବନକୁ କଳୁଷିତ କରିବା ସହିତ ରାଷ୍ଟ୍ରକୁ

ISSN NO.
2582-208X

ପତନ ଆଡ଼କୁ ଟାଣି ନିଅନ୍ତି। ଏଥିରୁ ନକଲି ମଣିଷର କାର୍ଯ୍ୟଧାରାର ପରିଣତି କେତେ ଭୟାବହ ଓ ଧ୍ୱଂସକାରୀ ସହଜରେ ଅନୁମାନ କରାଯାଇପାରେ।

ଶୀତଳ ମୃତ୍ୟୁର କାରଣ ନକଲି ପଦାର୍ଥ। ସୁଦୃଶ୍ୟ ବିଜ୍ଞାପନ ଓ ପ୍ରଚାର ପ୍ରସାର ଦ୍ୱାରା କୌଣସି ଅନୁପଯୁକ୍ତ ନିମ୍ନମାନର ନକଲି ପଦାର୍ଥକୁ ସହଜରେ ଛାଡି ଦିଆଯାଇ ପାରୁଛି ବଜାରକୁ। ଉପଭୋକ୍ତା ଓ ଗ୍ରାହକ ସୁଦ୍ଧା ବାହ୍ୟ ପ୍ରଚାରରେ ମୁଗ୍ଧ ହୋଇ ବଜାରରୁ କ୍ରୟ କରି ନେଉଛି ନିଜର ଆବଶ୍ୟକ ବସ୍ତୁ। ତାରତମ୍ୟ ଜାଣି ପାରୁନାହିଁ ନିଜ ଭିତରେ ସଚେତନତା ଥିବା ସତ୍ତ୍ୱେ। ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରଙ୍କ ବାରମ୍ବାର ସତର୍କ ସୂଚନା ପରେ ମଧ୍ୟ ବିଚାର ଉପଭୋକ୍ତାଟି ଅନେକ ସମୟରେ ଜାଣି ପାରେ ନାହିଁ ଯଥାର୍ଥରେ କେଉଁଟା ବ୍ୟବହାର କରିବ ଉଚିତ୍। ଖାଦ୍ୟ ପଦାର୍ଥରେ ଅପମିଶ୍ରଣ ସାଙ୍ଗକୁ କୃତ୍ରିମ ଉତ୍ପାଦନ ଏବେ ଏକ ସାଧାରଣ ଘଟଣା। ନକଲି ଅଣ୍ଡା, ପ୍ଲାଷ୍ଟିକ ଅଟା, ନକଲି ଘିଅ ସସ୍ ତେଲ ଲଙ୍କା କ୍ଷୀର ମସଲା ଆଦିଏମିତି କିଛି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ନାହିଁ ଯାହା କୃତ୍ରିମ ରୂପେ ପ୍ରସ୍ତୁତ କରାଯାଇ ପାରୁନାହିଁ। ନକଲି ଔଷଧ ମୃତ୍ୟୁର ପଥ ପରିଷ୍କାର କରୁଥିବା ବେଳେ ନକଲି ସିମେଣ୍ଟ ଓ ନିର୍ମାଣ ବସ୍ତୁ କ୍ଷଣିକରେ ସୃଷ୍ଟି କରିଦେଇ ପାରୁଛି ଶ୍ମଶାନର ଭ୍ରମ। ଜୀବନ ଜୀବିକା ସହିତ ଚାରିପଟେ ବେଢ଼ିଥିବା ସର୍ବାଧୁନିକ ଇମାରତ ସାମ୍ରାଜ୍ୟ ବିଧି ବ୍ୟବସ୍ଥା ସବୁ ନକଲିର କବଜାରେ ପଡ଼ି ଛଟପଟ ହେଉଛନ୍ତି। ଆଶଙ୍କାରେ ଜୀଉଁଛି ସୁଖ ଶାନ୍ତି ଆନନ୍ଦ ଓ ଐଶ୍ୱର୍ଯ୍ୟମୟ ଜୀବନ ଖୋଜୁଥିବା ମଣିଷ। ନକଲିର ଲେଲିହାନ ଜିହ୍ୱା ପ୍ରତି ମୁହୂର୍ତ୍ତରେ ଅପେକ୍ଷା କରୁଛି ସର୍ବନାଶ କରିବାପାଇଁ।

ରାଜନୀତି ଓ ସମାଜ ଜୀବନ ଭିତରେ ନକଲିର ଅଖଣ୍ଡ ପ୍ରଭାବ ପରି ଆମ ଅର୍ଥନୀତି ସୁଦ୍ଧା ବହୁଭାବରେ କ୍ଷତିଗ୍ରସ୍ତ ଏହାର ରାଜତ୍ୱ ଯୋଗୁଁ। ନକଲି ଟଙ୍କାର ଅନୁପ୍ରବେଶ ଓ ଅସଲି ସହିତ ମିଶିଯିବା ଦ୍ୱାରା ଉପଭୋକ୍ତା ଜଣକ ସହଜରେ ଏହାକୁ ଜାଣିପାରେନାହିଁ। ମୁଖ୍ୟ ସ୍ରୋତ ସହିତ ନକଲି ଟଙ୍କାଗୁଡ଼ିକ ଏକାକାର ହୋଇଯିବା ଫଳରେ ଦୋହଲି ଯାଏ ଆର୍ଥିକ ବ୍ୟବସ୍ଥା। ଅସାଧୁ ସନ୍ତ୍ରାସବାଦୀ ଦୁର୍ନୀତିଗ୍ରସ୍ତ କଳାବଜାରୀଙ୍କ ସାମ୍ରାଜ୍ୟ କେବଳ ବୃଦ୍ଧି ହୁଏନାହିଁ ସାଧାରଣ ମଣିଷକୁ ଏଥିପାଇଁ ଯଥେଷ୍ଟ ମୂଲ୍ୟ ଦେବାକୁ ପଡେ। ସମଗ୍ର ବିଶ୍ୱରେ ନକଲି କରେନ୍ସି ଗୋଟାଏ ଅସାଧ୍ୟ ରୋଗ ଭାବରେ ବ୍ୟାପିଯାଇଛି। ଅର୍ଥନୀତିକୁ ନିୟନ୍ତ୍ରଣ

ISSN NO.
2582-208X

କରୁଥିବା ଆଉ ଏକ ମହାର୍ଘ୍ୟ ଧାତୁ 'ସୁନା'ର ବ୍ୟବହାର ଓ ପ୍ରଚଳନ କୁ ଅସ୍ୱୀକାର କରିବା ଅସମ୍ଭବ। ସହଜରେ ଅନୁମାନ କରିହେବ ନକଲି ସୁନାର ଭୟାବହତା। ଖାଣ୍ଟି ସୁନାରେ ଅଳଙ୍କାର ଗଢ଼ିବା ଅସମ୍ଭବ ପ୍ରାୟ ମନେ ହେଉଥିଲେ ସୁଦ୍ଧା ଏଥିରେ କେବଳ ପୁଟ ଦିଆଯାଇଥାଏ ଶକ୍ତ, ସ୍ଥାୟୀ ଓ ଆକର୍ଷଣୀୟ ରୂପେ ପ୍ରକାଶ କରିବା ପାଇଁ। ସମ୍ପ୍ରତି ଭୟ ଓ ଆଶଙ୍କାରେ ପଡ଼ି ଅସଲି ଅଳଙ୍କାର ବ୍ୟବହାର କରିବା ପରିବର୍ତ୍ତେ ନକଲି ବା ଏକ ଗ୍ରାମ ଯୁକ୍ତ ସୁନା ଅଳଙ୍କାର ବ୍ୟବହାର କରାଯିବା ଦ୍ୱାରା କ୍ଷଣସ୍ଥାୟୀ ହେଲେ ମଧ୍ୟ ଏହା ଆଣିଦେଉଛି ଅସଲି ଅଳଙ୍କାରର ଭ୍ରମ। ଏହା ଦ୍ୱାରା ସୌନ୍ଦର୍ଯ୍ୟ ଅପରିବର୍ତ୍ତିତ ରହିବା ସହିତ ସ୍ୱଳ୍ପ ମୂଲ୍ୟରେ ସମ୍ଭବ ହୋଇ ପାରୁଛି। ଏହାର ଲୋକପ୍ରିୟତା ଖୁବ୍ ଅଧିକ, ବିଶେଷତ ଉତ୍ସବାନୁଷ୍ଠାନ ମାନଙ୍କରେ। ଏଠାରେ ନକଲି ବସ୍ତୁଟି ଖୁବ୍ ସହଯୋଗ କରୁଛି ମଣିଷକୁ।

ପରୀକ୍ଷା ମାନଙ୍କରେ ନକଲ କରି ଭଲ ନମ୍ବର ରଖିବା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥାଏ ବିଚରା କୃତବିଦ୍ୟ ପରୀକ୍ଷାର୍ଥୀ ଜଣକ। ସୁଯୋଗକୁ ହାତେଇ ନେବା ନିମନ୍ତେ ନକଲି ପ୍ରମାଣପତ୍ର ସଂଗ୍ରହ କରି ସଫଳ ହେବାର ପ୍ରଚୁର ଦୃଷ୍ଟାନ୍ତ ରହିଛି। ଏସବୁ କାର୍ଯ୍ୟ କରି ତଥାକଥିତ ସଫଳତମ ପ୍ରାଣୀଙ୍କ ମତରେ ନକଲ କରିବା ଏକ କଳା ଏବଂ ଏହା ମଧ୍ୟ ସହଜସାଧ୍ୟ ନୁହେଁ। ଏଥିପାଇଁ ଲୋଡା କୌଶଳ, ବୁଦ୍ଧି, ସାହସ ଓ ଜ୍ଞାନ। ଛାତି ଫୁଲେଇ ନକଲକାରୀଗଣ ନିଜ ସଫଳତାର କାହାଣୀ ଶୁଣାଇଲାବେଳେ କେବେହେଲେ ଗୋପନରେ ଓ ସନ୍ତର୍ପଣରେ କରିଥିବା ଅପରାଧଜନିତ ପାପଟିକୁ ଖୋଲି ଧରି ପାରନ୍ତିନାହିଁ। ପରୋକ୍ଷରେ ସତ୍ୟାଶ୍ରାୟୀ ଯୋଗ୍ୟ ଜ୍ଞାନ ଦୀପ୍ତ ର ଭଗ୍ୟାକାଶକୁ ଅନ୍ଧକାରମୟ କରିଦିଅନ୍ତି।

ପୁରାଣ ଇତିହାସ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାନାଦି ଚରିତ୍ର ଓ ଘଟଣାବଳୀକୁ ନକଲ କରି ସାହିତ୍ୟ କଳା ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରାଯାଉଛି କେବଳ ମନୋରଞ୍ଜନ ପାଇଁ ନୁହେଁ ସଚେତନତା ଓ ଶିକ୍ଷାଦାନ ନିମନ୍ତେ। ପ୍ରତିକୃତି ବା ବିଷୟ ବସ୍ତୁର ନକଲ ଚିରକାଳ ସମାଜକୁ ପଥ ପ୍ରଦର୍ଶନ କରିଥାଏ। ବାଇ ମହାନ୍ତିଙ୍କ ବିଚାରରେ ନକଲ କରିବା ଓ ନକଲିକୁ ଆପଣେଇ ନେବା ଏକା କଥା ନୁହେଁ। ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନକଲ କରି ପ୍ରଦର୍ଶନ କରିବାରେ କୌଣସି ଅସୁବିଧା ନାହିଁ, ମାତ୍ର ନକଲି ବସ୍ତୁ ଓ ବ୍ୟକ୍ତିମାନେ

ISSN NO.
2582-208X

ଚାରିପାଖରୁ ଆମକୁ ଏମିତି ଘେରି ରହିଛନ୍ତି ଯେ ସେଥିରୁ ସହଜରେ ମୁକୁଳି ଯାଇ କୌଣସି ସକାରାତ୍ମକ ବିନିଯୋଗ ସମ୍ଭବପର ହେଉନାହିଁ। ଜୀବନ ଓ ଜୀବିକା ଭିତରେ ବନ୍ଧା ପଡ଼ିଥିବା ପ୍ରାଣୀଙ୍କୁ ସତର୍କ ବାଣୀ ଶୁଣାଇ କହନ୍ତି "ହେ ପ୍ରିୟଜନ! ଅସଲ ପ୍ରେମ ଶିଖ। ଅସଲି ପଦାର୍ଥ ଓ ଯଥାର୍ଥ ବ୍ୟବସ୍ଥାକୁ ଗ୍ରହଣ କରି ଅସଲ ରାସ୍ତାର ସନ୍ଧାନ କରି ନକଲି ରୂପକ ବ୍ୟାଧିକୁ ବାହାର କରି ଦୂରକୁ ଫିଙ୍ଗିଦେଲେ ସିନା ଆସନ୍ତା କାଲି ମାନଙ୍କରେ ଆଖିଦୃଶିଆ ସମୟଟିଏ ଉଭା ହେବ ନହେଲେ ସବୁ ଅସାର ପରା !"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ମୁଁ ବଧୂଲି....

ସସ୍ମିତା ପ୍ରଧାନ




ଘର ଅଗଣା କି
ଚଉଁରା ର ମୂଳ
ରହିଥାଏ ମୁଁ ମେଲିକି ଡାଳ
ଶାଗୁଆ ରଙ୍ଗ ର
ପତର ଦେହରେ
କଳା ରଙ୍ଗ ମୋର ମଞ୍ଜି ଫଳ ।।

ପବନରେ ଝୁଲି
ନାଚୁଥାଏ ହଲି
ଧଳା, ହଳଦୀ ଗୋଲାପୀ ନାଲି
ମୁଁ ଅଟେ ବଧୂଲି
ଭାରି ଚୁଲ୍ ବୁଲି
ନରମ ଦେହ ମୋ ମଖମଲି ।।

ISSN NO.
2582-208X

ବରଷା ଦିନରେ
ହରଷ ମନରେ
ଫୁଟି ଥାଏ ମୁହିଁ ସନ୍ଧ୍ୟାକାଳେ
ଚଗଲା ଭଅଁର
ଚାରି ପାଖେ ଘୂରେ
ମନ ଆନନ୍ଦରେ ଦୋଳି ଖେଳେ ।।

ଛୁଇଁ ଦେଇ ମୋତେ
କରେ କେତେ ଗେଲ
କାନରେ କହେ ମୁଁ ଭାରି ଭଲ
ଲାଜରେ ଭିଜି ମୁଁ
ଝାଉଁଳି ପଡଇ
ପତ୍ର ଗହଳେ ମୁଁ ଝଲମଲ ।।

ନରମ ଦେହ ମୋ
ଟିକିଏ ଆଘାତେ
ତଳେ ପଡିଯାଏ ମୁହିଁ ଛିଡି
ସବୁଆ ଚେର ମୋ
ଗୁଚ୍ଛ ହୋଇ ଥାଏ
ମାଟିକୁ ଧରିଥାଏ ଜାବୁଡି ।।

ନିଜ ରୂପ ପାଇଁ
ଗର୍ବ କରେ ନାହିଁ
ମୋର ଜୀବନର କର୍ତ୍ତା ସାଇଁ
ମୋ ଦୁନିଆ ହସେ
ତାଙ୍କ କୃପା ପାଇ
ପ୍ରଭୁ ବିନା ଅନ୍ୟ ଗତି ନାହିଁ ।।

ରାଜନଗର, କେନ୍ଦ୍ରାପଡା

ISSN NO.
2582-208X

# ଦିବସ ମାନଙ୍କର ପାଚୁର୍ଯ୍ୟ ଓ ଆମେ



ପ୍ରଦୀପ୍ତ କୁମାର ମିଶ୍ର

ସମ୍ପ୍ରତି ଦିବସ ପାଳନର ଯେଉଁ ପ୍ରତିଯୋଗିତା ଆରମ୍ଭ ହୋଇଛି ତାହା ଆମପାଇଁ ସଚେତନତା ନିମିତ୍ତ ଅବଶ୍ୟ ଲାଭ ହୋଇପାରେ କିନ୍ତୁ ଏହାର କେତେ ଦୂର ଫଳପ୍ରଦ ସେ ବିଷୟରେ ଆଲୋଚନା କରିବା ଏପ୍ରବନ୍ଧ ର ମୁଖ୍ୟ ଉଦେଶ୍ୟ। ଦିବସର ଗହଳି ମଧ୍ୟରେ ପାଳିତ ହେଉଥିବା ବିଶେଷ ମାନେ ଅବହେଳିତ ମାତ୍ର ଏହାର ଉନ୍ନତିର ମାର୍ଗ ଏତେ ପ୍ରଶସ୍ତ ନୁହେଁ। ଆମ ଦେଶରେ ନାରୀ ଅବହେଳିତ ବୋଲି କୁହାଯାଏ କିନ୍ତୁ ସମାନତା ଦୃଷ୍ଟିରେ ନାରୀ ପୁରୁଷର ପରିପୁରକ, କେତେକ କ୍ଷେତ୍ରରେ ନାରୀ ପୁରୁଷ ମାନଙ୍କ ଦ୍ୱାରା ନିର୍ଯ୍ୟାତିତ ଏହା କେବଳ ପୁରୁଷ ଙ୍କର ଅହଙ୍କାର, ନିଶାସେବନ ଇତ୍ୟାଦି ଦ୍ୱାରାହିଁ ହୋଇଥାଏ।ତେବେ ରାକ୍ଷୀ ପୂର୍ଣ୍ଣିମା, ପ୍ରଥମାଷ୍ଟମୀ, ପୁଅ ଜନ୍ତିଆ ଆଦି ବିଶିଷ୍ଟ ଦିବସ ବହୁକାଳରୁ ପ୍ରଚଳିତ ଏବଂ ଏହାର ଗୁରୁତ୍ୱ ଅତି ମହାନ। ଏହା ଲୋକଙ୍କର ଉପରେ ଗଭୀର ପ୍ରଭାବ ପକାଇଥାଏ। ଲୋକଙ୍କର ମାନସିକତା କୁ ସେହିମଧ୍ୟକୁ ଗତିଶୀଳ କରାଇବାରେ ସକ୍ଷମ ହୋଇଥାଏ। ତେବେ ଅନ୍ୟପକ୍ଷରେ ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଗାନ୍ଧିଜୟନ୍ତି, ନେତାଜୀ ଜୟନ୍ତୀ ଆଦି ଦିବସରେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଜାତୀୟ ଚେତନାକୁ ଉଦବୁଦ୍ଧ କରାଯିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ଦିବସ ମହତ୍ୱ ପ୍ରତ୍ୟେକଙ୍କ ନିକଟରେ ସ୍ୱତନ୍ତ୍ର। ଗୁରୁଦିବସରେ ଗୁରୁ ପୂର୍ଣ୍ଣିମା ରେ ଗୁରୁଙ୍କର ପୂଜା କରି ପ୍ରେରଣାଦାୟୀ ମାନଙ୍କୁ ମନରେ ପକାଯାଇ ନିଜକୁ ସମାଜରେ ଅଗ୍ରଗତି କରିବାର ମାନସିକତା ସୃଷ୍ଟି କରାଯାଇଥାଏ।

ଏସବୁ ଦିବସର ସ୍ୱତନ୍ତ୍ର ବୈଶିଷ୍ଟ୍ୟତା ପରେ କିଛି ସରକାରୀ ଦିବସକୁ ମଧ୍ୟ ଗୁରୁତ୍ୱ ଦିଆଯାଏ କିନ୍ତୁ ଏହା ସେତେ ସାର୍ବଜନୀନ ନୁହେଁ। ତେବେ ଏହାର ସାଧାରଣ ପ୍ରଭାବ ପାଇଁ

ISSN NO.
2582-208X

କୌଣସି ଉଦ୍ୟମ କରାଯାଇ ନାହିଁ ଯାହା ସଚେତନ କରିବା ସଙ୍ଗେ ସଙ୍ଗେ ଏକ ଅନନ୍ୟ ଛାପ ସୃଷ୍ଟି କରିପାରିବ ଅନ୍ୟମାନଙ୍କ ମନରେ। ଯାହାର ପ୍ରଭାବ ଅବଶ୍ୟ ସୁଦୂର ପ୍ରସାରୀ ହୋଇପାରନ୍ତା ହେଲେ ସେଥିପାଇଁ କେବଳ ଦିବସରେ ମାତ୍ର ସୀମିତ ଅନ୍ୟଥା କିଛିନୁହଁ ।

ଏମିତି ଏକ ଆଲୋଚନା କରାଯାଇପାରେ ଶିଶୁ ସୁରକ୍ଷା ବାଳ ଶ୍ରମିକ ଉଚ୍ଛେଦ ସମ୍ପର୍କରେ। ଏହି ଦିବସରେ ବେଶ ତତ୍ପରତା ସହ ପାଳନ କରାଯାଏ ବିଭିନ୍ନ ଲେଖ ସମ୍ବାଦପତ୍ରରେ ବାହାରେ ଲୋଗୋ ଡାକ ଟିକଟ ଉନ୍ମୋଚନ ହୁଏ ସଭା ସମିତି ସେହିପରି ହେଲେ ଏହାର ନିରାକରଣ ସମସ୍ତଙ୍କୁ ଜଣା। ବାଳ ଶ୍ରମିକ କ୍ଷେତ୍ରରେ କେତେ ଯୋଜନା ହୋଇଛି ଏପରିକି ଅନେକ ବୃତ୍ତ ଚିତ୍ର ତିଆରି ହୋଇଛି କିନ୍ତୁ ଏହି ସମସ୍ୟାର ସମାଧାନ ଯେମିତି ସମ୍ଭବ ନୁହେଁ ଏକଥା କାହିଁକି ନା କାହିଁକି ମନକୁ ଆସେ। ବାଳିକା ସୁରକ୍ଷା ଦିବସର ଅନୁଚିନ୍ତା ବେଶ ଭାବଗର୍ଭକ ହେଲେ ଏହାର ପାଳନ ଲେଖ ଓ ପେଣ୍ଟିଂ ମଧ୍ୟରେ ସୀମିତ ମାତ୍ର। ବାଳିକା ମାନଙ୍କପ୍ରତି ଆମେ ମାନସିକତା ର ପରିବର୍ତ୍ତନ ପାଇଁ ଏକ ସଂସ୍କାର ମୂଳକ ଉତ୍ତମ ସାର୍ବଜନୀନ ଶିକ୍ଷାର ମୂଲ୍ୟବୋଧ ବୁଝି କାର୍ଯ୍ୟ କରିବା ଉଚିତ ମନେକରେ। ଏହାର ଯଥାର୍ଥତା ଯଥେଷ୍ଟ ରହିଛି ହେଲେ ଅପ ସଂସ୍କାର କଦର୍ଯ୍ୟ ଜୀବନ ଶୈଳୀ ଏହାର ପରିପନ୍ଥୀ ସଦୃଶ କାର୍ଯ୍ୟକରେ। ସମାଜରେ ଲୋକମାନଙ୍କ ମନରେ ସ୍ଥୂଳଗତ ପରିବର୍ତ୍ତନ ନଆସିଲେ ଏହା ସମ୍ଭବ ନୁହେଁ ଏହା ସ୍ପଷ୍ଟ। ଗୋଟିଏପଟରେ ନାରୀଙ୍କୁ ନେଇ କାମୋଦ୍ଦୀପକ ଚିତ୍ର ପ୍ରଦର୍ଶନ ଅପର ପକ୍ଷେ ସୁରକ୍ଷାର ଚିତ୍କାର କେମିତି ପରସ୍ପର ବିରୋଧୀ ଅବସ୍ଥା ସୃଷ୍ଟି କରେ। କେବଳ ଉତ୍କଟ ଚିତ୍କାର କଲେ ଏହା ସମ୍ଭବ ହେବନାହିଁ ଏଦିଗରେ ଉଚିତ ପଦକ୍ଷେପ ସମସ୍ତେ କିପରି ନେବେ ତାର ତର୍ଜମା ସରକାରୀ ଓ ବେସରକାରୀ ସ୍ତରରେ ହେବା ସର୍ବାଦୌ ଆବଶ୍ୟକ। ନଚେତ ସବୁ ପୁରାଣ ରୂପ ନେଇଯିବ ଏହା ସ୍ୱୀକାର୍ଯ୍ୟ।

ନାରୀ ସୁରକ୍ଷା ସମ୍ମାନ କ୍ଷେତ୍ରରେ ଆମପୁରାଣ ରେ ଅନେକ ତତ୍ତ୍ୱଦାୟୀ ବାକ୍ୟ ଥିଲେ ମଧ୍ୟ ଲୋକ କେବଳ ତାହାକୁ ପଢ଼ି ଫୁଲ ରଖି ପୂଜା କରିଦିଏ ଠିକ ସେହିପରି ଆମ୍ଭର ଉପରୋକ୍ତ ଦିବସ ପାଳନର କିଛି ମୁଲ୍ୟ ବୋଧ ରହିବନି ବୋଲି କୁହାଯାଇପାରେ। ଏବେ ସାଧାରଣ ଲୋକ ବିଶେଷକରି ସାମନ୍ୟ ଶିକ୍ଷା ପ୍ରାପ୍ତ ବ୍ୟକ୍ତିବିଶେଷ ସର୍ବଦା ନିଜକୁ ମନୋରଞ୍ଜନ ମଧ୍ୟରେ ନିମଜ୍ଜିତ ରଖିବାକୁ ଚାହେଁ। କେବଳ ମନୋରଞ୍ଜନ ଜୀବନର ଧେୟ ହେଲେ ସମାଜ ଆଦୌ ଉପଯୁକ୍ତ ହୋଇପାରିବ ନାହିଁ ଏହା ସତ୍ୟ। ପ୍ରତ୍ୟେକଙ୍କର କିଛି ସମାଜପାଇଁ କର୍ତ୍ତବ୍ୟ ଅଛି ଏହା ସ୍ୱୀକାର କରିବା ଅବଶ୍ୟ ଉଚିତ। କିନ୍ତୁ ଆମେ ଦିବସ ପରେ ଚୁପହୋଇ

ISSN NO.
2582-208X

ବସିଯାଇନଥାନ୍ତି। ବନ୍ୟ ଦିବସ, ଜଳ ଦିବସ, ମୃତ୍ତିକା ଦିବସ କେବଳ ଦିବସରେ ସୀମିତ ମାତ୍ର। ବନ୍ୟ ଦିବସରେ ରୋପଣ ହୋଇଥିବା ବୃକ୍ଷ ଠିକ ତାର ଏକ ବର୍ଷ ପରେ ଭୁଇଁରୁ ଉଠିନଥାଏ। ବୃକ୍ଷ ରୋପଣ କରି ଫୋଟୋ ଦ୍ୱାରା ବାହାବା ନେଇଥିବା ବ୍ୟକ୍ତି ବୃକ୍ଷର ସ୍ଥାୟୀତ୍ୱକୁ ଭୁଲିଯାଇଥାଏ। କଣ ଆମର ମାନସିକତା ଆମେ କେଉଁ ସ୍ଥାନରେ ପହଞ୍ଚି ଗଲେଣି ଏକଥା ହୃଦୟଙ୍ଗମ କରିବା ଉଚିତ।

ଆମ ଦେଶରେ ଏକ ବିରାଟ ବ୍ୟତିକ୍ରମ ଏହିଯେ ନିଶାଦ୍ରବ୍ୟର ପ୍ରଚାର କରୁଥିବା କଳାକାର କୌଣସି କାର୍ଯ୍ୟକ୍ରମରେ ନିଶାର ବଦଗୁଣ ସମ୍ବନ୍ଧରେ ଅଶ୍ରୁପୂର୍ଣ ଆଲୋଚନା କରି ବେଶ ବାହାବା ନେଇଥାନ୍ତି।କାରଣ ଆମ ଦେଶରେ ଲୋକ ବହୁଶିଘ୍ର ସବୁ ଭୁଲିଯାଇଥାନ୍ତି, ଭୁଲିଯାଇ ପୁଣି ଖରାପକୁ ଭଲରେ ଗ୍ରହଣ କରିନିଅନ୍ତି। ଦିବାଳୀରେ ଆମେ ପ୍ରଦୀପ ପ୍ରଜ୍ୱଳନ କରିଥାଆନ୍ତି କିନ୍ତୁ ଆମ ମନର ଅନ୍ଧକାରକୁ ଦୁରକରି ଆଲୋକର ଗୁରୁତ୍ୱକୁ ଉପଲବ୍ଧି କରିପାରିନଥାନ୍ତି। ହୋଲି ର ରଙ୍ଗରେ ଆମେ ନିଜ ପର ମନୋଭାବ ଭୁଲି ରଙ୍ଗ ବୋଳିଥାନ୍ତି ହେଲେ ମନମଧ୍ୟରେ ପରର ଭାବନାକୁ ରଙ୍ଗ ଛାଡିବା ପୂର୍ବରୁ ଭୁଲିଯାନ୍ତି।

ଏବେ କେବଳ ଦିବସର ପ୍ରାଚୁର୍ଯ୍ୟତା ମାତ୍ର ନୁହେଁ ଦିବସକୁ ନିଜର ଖୁସି ଓ ସମ୍ପର୍କ ପାଇଁ ବ୍ୟବହାର କରିଥାନ୍ତି, ତଥା ବିବାହ ବାର୍ଷିକୀ, ଜନ୍ମ ଜୟନ୍ତୀ, ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି ପ୍ରତିଷ୍ଠା ଦିବସ ଆଦି ପାଳନ କରି ଖୁସି ପାଳନ କରନ୍ତି। ଏଥିରୁ ସମ୍ପର୍କ ଓ ସମ୍ବନ୍ଧର ଅର୍ଥ ମିଳେ ଭାଇ ଭରା ସମ୍ପର୍କରେ ସୂଚନା ମିଳେ । ହେଲେ ଦିବସ ଅଧିକ ଶ୍ରଦ୍ଧା ସ୍ନେହ ଆନ୍ତରିକତା ପରିବର୍ତ୍ତରେ କେବଳ ପାଳନ ରେ ରହିଗଲେ କଥା ସରିଯାଏ।

ପ୍ରକୃତରେ ଦିବସ ପାଳନ ଏକ ଆନ୍ଦୋଳନ ଏଥିରେ ଭରା ହୋଇଥାଏ ପ୍ରତିବଦ୍ଧତା। ଏହି ଦିନଟି ବର୍ଷକର ଏକ ସୂଚକାଙ୍କ ହୋଇଥାଏ, ଏହା ମାଧ୍ୟମରେ ଆମେ ବର୍ଷଟିର ପରିକଳ୍ପନା କରିଥାନ୍ତି।ତଥା ନାରୀ ସଶକ୍ତି କରଣ କଥା କୁହାଯାଉ, ଏହା ଏକ ସ୍ଲୋଗାନ ନୁହେଁ ବରଂ ନାରୀ ମାନଙ୍କ ପ୍ରତି ଯଥେଷ୍ଟ ସାମାଜିକ ରାକ୍ଷଣାତ୍ମକ ଦୃଷ୍ଟିକୋଣ ହିଁ ଆବଶ୍ୟକ। ତେଣୁ ଏହି ଦିନଟି ଆମକୁ ଏକ ସୂଚକାଙ୍କ ଦିଏ ମାତ୍ର। ଆମ୍ଭେ ବାପାଙ୍କର କି ମାଆଙ୍କର ଶ୍ରାଦ୍ଧ ଦିବସଟିକୁ ମନେ ରଖିଥାନ୍ତି କାରଣ ଆମ ମଧ୍ୟରେ ମା ବାପାଙ୍କର ସତ୍ତା ସଂସ୍କାର ସର୍ବଦା ଉଜ୍ଜୀବିତ ରଖିବାପାଇଁ। ତେବେ ଦିବସ ଅନେକ ଶୁଭଚିନ୍ତନକୁ ପ୍ରବହନ କରିବାରେ ସହାୟକ ହୁଏ। ଏକ ମଉଜ ମସ୍ତି ପାଇଁ ନୁହେଁ, ନବବର୍ଷର ହର୍ଷ ଉଲ୍ଲାସରେ

ISSN NO.
2582-208X

ଆମ୍ଭେ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଦେଇଥାନ୍ତି ସେହି ଶୁଭେଚ୍ଛା ହିଁ ଆଗାମୀ ବର୍ଷର ପ୍ରତ୍ୟେକ ଦିନର ସଫଳତା ପାଇଁ ମହତ ଆକାଂକ୍ଷା ମାତ୍ର।

ଏବେ ଦିବସ ମାନଙ୍କର ପ୍ରାଚୁର୍ଯ୍ୟତା କୁ ଆମେ କ୍ୟାଲେଣ୍ଡର ରେ ନଭରି ମନରେ ରଖି ଆସନ୍ତୁ ଏକ ସୁନ୍ଦର ଜୀବନରେ ଆହ୍ୱାନ ରୂପରେ ଗ୍ରହଣ କରିନେବା, ଦେଖିବା ଆମ ଜୀବନର ଦର୍ଶନ ପରିବର୍ତ୍ତନ ହୋଇଯାଉଛି।

ଅରେଇ
ଯାଜପୁର 9658614728

ISSN NO.
2582-208X

# ପାନ୍ଥଶାଳା



ସୁମିତ୍ରା ପୃଷ୍ଟି

ଜୀବନ ଏକ ପାନ୍ଥଶାଳା
ମୁଁ ତାର ଏକାକୀ ମାଲିକ
ପାନ୍ଥନିବାସେ କେତେ ପଥକ୍ଲାନ୍ତ ପାନ୍ଥ
କେତେ ନବାଗତ ଅତିଥିଙ୍କ ସମାଗମ
କେତେ କୋଳାହଳ ଏଠି ପୁଣି
ବହୁ ଅଚିହ୍ନା ମୁହଁଙ୍କ ସମବେତ
ନେଇଆସେ ପାନ୍ଥଶାଳେ ଖୁସିର ସମ୍ଭାର
ବହୁ ପଥହରା ପଥିକଙ୍କ ଆଗମନେ
ପୂରିଉଠେ ସୁନ୍ଦର ପାନ୍ଥଶାଳା ମୋର
ସମୟର କାଳଚକ୍ରେ ନିଜ ନିଜ କାର୍ଯ୍ୟସାରି
ବାହୁଡିଯାଆନ୍ତି ସଭିଏଁ ଆପଣା ବାଟରେ
କେତେ ମାୟାମୋହ ଲଗାଇ ଏଠି
ଶୂନ୍ୟ ହୋଇଯାଏ ପାନ୍ଥଶାଳା ମୋର
ଦରଦୀ ପଥିକ ବିନା
ଝୁରି ହେଉଥାଏ ରାତିଦିନ ପୁଣି
ଫେରି ଆସିବେ କି ଥରେ ?

ISSN NO.
2582-208X


ଆଉ କି ଫେରିବେ ଅଫେରା ପଥିକ
ପାନ୍ଥଶାଳା କିବା ଜାଣିବ
ଇଏତ ସଂସାରର ରୀତି
ତଥାପି ପଥିକଙ୍କ ଆତଯାତ
ଲାଗି ରହିଥାଏ ଏଠି
ଏମିତି ରହିଥିବ ପୁଣି
ଚାଲୁଥିବା ଯାଏ ଏ ଜୀବନ ଘଡି ।

ଗବେଷିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ମଧୁର ମଞ୍ଜୁଳ କ୍ଷଣ



ପ୍ରତିମା ମେହେର

ଭାବ ଦିଆ ନିଆ ଫୁଟେ ପାରିଜାତ
ମହକିତ ହୃଦୟରେ
ପ୍ରେମ ପରିଭାଷା ଶାଶ୍ୱତ ସତତ
ଉଭା କେତେ ଯେ ରୂପରେ ।।

ସୁନିର୍ମଳ ମନ ନିଃସ୍ୱାର୍ଥ ଭାବନା
ନାହିଁ ତାର ପଟାନ୍ତର
ମନ ଉପବନେ ସ୍ଫୁରିତ ବାସନା
ଅଟେ ସେହି ପ୍ରେମସାର ।।

କେତେ ଦୂରେ କଇଁ ପ୍ରିୟକୁ ନିରେଖେ
ପବିତ୍ର ଭାବନା ନେଇ
ଯଶୋବନ୍ତୀ ମାତ କୃଷ୍ଣଙ୍କୁ ପରଖେ
ସଦା ହୃଦୟେ ଶୋଭଇ ।।

ISSN NO.
2582-208X

ମା'ର ମମତା ନୁହେଁ ସ୍ୱାର୍ଥପର
ଦିବାନିଶି ମନେ ଭାଳେ
ସ୍ପନ୍ଦିତ ହୃଦୟ ବିଚ୍ଳିତ ସ୍ୱର
ତା'ପାଇଁ ଦୀପଟି ଜଳେ ।।

ଝୁରେ ମାଟି ମାଆ ବର୍ଷା ର ପରଶ
କୋଳେ ତା ଲୋଟିବା ପାଇଁ
ଉନ୍ମୁକ୍ତ ଆକାଶ ଡାକେ ବାହୁ ମେଲି
ବିଜୁଳି ଖେଳିବା ପାଇଁ ।।

ଧୀରେ ସମୀରଣ ଚାମର ଢ଼ାଳଇ
ଫୁଲ ଦେହେ ବାସ ଭରା
ପ୍ରଜାପତି ଆସି ସମୀପେ ବସଇ
ମଧୁର ମଞ୍ଜୁଳ ଭରା ।।

ପାଟଣାଗଡ଼, ଜି.ବଲାଙ୍ଗିର

ISSN NO.
2582-208X

# ନାୟିକା



ଅମ୍ବିକା ସ୍ୱାଇଁ

ବଣ, ପାହାଡ ଘେରା ସବୁଜ ବନାନୀ ଭାରି ମନୋରମ ସେ ଦୃଶ୍ୟର ଚିତ୍ରପଟ୍ଟ । କେନ୍ଦୁ ଜଙ୍ଗଲ, ଝାଉଁ, ବଣ ଲାଖ, ଝୁଣା, ଅଁଳା, ହରିଡ଼ା, ବାହାଡା ପରି ମୂଲ୍ୟବାନ ଦ୍ରବ୍ୟ ର ସମ୍ଭାର, ମହୁଲ ଫୁଲ ର ମହମହ ବାସ, ଝରଣା ର କୁଳୁ କୁଳୁ ନାଦରେ ଯେ କେହି ବି ବିମୁଗ୍ଧ ହୋଇ ଯିବ । କୁନି କୁନି କୁଡିଆ ଘରର ନାଲି ମାଟିର କାନ୍ଥ ରେ ଅଙ୍କା ହୋଇ ଥିବା ଝୋଟି ଚିତ୍ରର କାରିଗରୀ କଳା ନିପୁଣତା ରେ ଆଖି ପଡିଲେ, ବାଟୋଇର ପାଦ ଆପଣା ଛାଏଁ ଅଟକି ଯିବ । ଏମିତି ଦିନେ ବିକାଶ ବାବୁଙ୍କର ଗାଡ଼ି ଟି ସେହି ସବୁଜ ଅରଣ୍ୟ ର ରାସ୍ତା ରେ ଯାଉ ଯାଉ ସେମିତି ଏକ କୁଡିଆ ଘର ଅଗଣାରେ ଦେଶୀ କୁଡୁଡ଼ା ବୁଲୁ ଥିବାର ଦେଖି, ଗାଡ଼ିଟି ଅଟକି ଗଲା ଦେଶୀ କୁକୁଡ଼ା କିଣିବା ଲୋଭରେ । ଗାଡି ରୁ ବାହାରି ସେହି ଘର ଅଗଣାରେ ପହଞ୍ଚି, ବିକାଶ ବାବୁ ଯାହା ଦେଖିଲେ ତାଙ୍କ ଆଖି ଧୋକା ଖାଇ ଗଲା ବୋଧ ହୁଏ। ଆଶ୍ଚର୍ଯ୍ୟ ଚକିତ ହେଲେ କିଛି ବୁଝି ପାରିଲେନି, କଣ ମୁଁ ଦେଖୁଛି!!!

ଏହା ସତ ନା ! ସିନେମା ର କିଛି ଦୃଶ୍ୟ । ଫୁଙ୍କ ନଳୀ ଧରି ଚୁଲି ଫୁଙ୍କୁ ଥିବା ସେହି ଗୋରା ତକତକ ହଳଦୀ ବସନ୍ତ ପରି ଦେହର ରଙ୍ଗ, ଗୋଲ ମୁହଁ, ଟିକେ ଚେପଟା ନାକ । ମୁକ୍ତା ପରି ଚିକ୍ ଚିକ୍ କରୁଥିବା ଖୁବ ସୁନ୍ଦର ଦାନ୍ତରେ ମୁରୁକି ହସ। ଲାଲ ଶାଢ଼ି, ମୁଣ୍ଡରେ ଓଢଣା, ମଥାରେ ନାଲି ବିନ୍ଦି, ସିନ୍ଥି ରେ ବହଳ ସିନ୍ଦୂରର ଗାର, ହାତରେ ଶଙ୍ଖା, ଯିଏ ବି ଦେଖିଲେ ମନ ଲାଖିଯିବ। ସତେ କି ଦେବୀ ପ୍ରତିମା, ସ୍ୱର୍ଗରୁ ଓହ୍ଲାଇ ଆସିଛନ୍ତି, ନା" ବଡ଼ ଦେଉଳରୁ ଲକ୍ଷ୍ମୀ ଠାକୁରାଣୀ ବାହାରି ଆସି ଏ ଗରିବ ଚଣ୍ଡାଳୁଣୀ ର କୁଡିଆ ଘରେ ପ୍ରବେଶ କରିଛନ୍ତି । କିଛି ବୁଝି ହେଉ ନ ଥାଏ। ବିକାଶ ବାବୁ ଜଣେ ସାମ୍ବାଦିକ ସହ ଡକୁମେଣ୍ଟାରୀ ଫିଲ୍ମ ମଧ୍ୟ କରନ୍ତି । ସବୁ କଥା କୁ ଜାଣିବାରେ ତାଙ୍କର ଖୁବ୍ ଆଗ୍ରହ ।

ISSN NO.
2582-208X

ବାଟରେ ଯାଉ ଯାଉ ସେମିତି କିଛି ଆଖି ଦୃଶିଆ ଦୃଶ୍ୟ ଯାହାକି ତାଙ୍କ ମନକୁ ପ୍ରଭାବିତ କରେ ସେ ତାକୁ କ୍ୟାମେରା ରେ ବାନ୍ଧି ରଖନ୍ତି ।

ତେଣୁ ସେହି ଘର ଅଗଣାରେ ଠିଆ ହୋଇଥିବା ଦୁଇ ଜଣ ନାରୀ ପୁରୁଷ ଙ୍କୁ ପଚାରିଲେ ଏ ତୁମ ଘର ? ହଁ ବାବୁ !

ଦେଶୀ କୁକୁଡ଼ା ବିକୁଛ ?

ହଁ ବାବୁ ଆପଣ ନେବେ କି ? ୟାରି ଭିତରେ ବିକାଶ ବାବୁ କହିଲେ ପାଣି ଟିକେ ପିଇବାକୁ ମିଳିବ କି ?

ସଙ୍ଗେ ସଙ୍ଗେ ସ୍ତ୍ରୀ ଲୋକ ଟି ଡାକ ପକାଇଲା ମା" ବିଜିଲ୍ ପାଣି ଗିଲାସେ ଅଣିଲୁ ବାବୁ ପାଇଁ। ବିଜିଲ୍ ସେହି ଚୁଲି ପାଖରେ ଥୁଆ ହୋଇ ଥିବା ପ୍ଲାଷ୍ଟିକ ବାଲ୍ଟି ରୁ ଷ୍ଟିଲ ଗିଲାସ ରେ ପାଣି ଗିଲାସ ଆଣି ବିକାଶ ବାବୁ ହାତକୁ ବଢାଇ ଦେଇ ନମସ୍କାର ଟି ପକାଇଲା । ବିକାଶ ବାବୁ ପାଣି ପିଇବା ବାହାନାରେ ସେ ଝିଅଟିକୁ ମନ ପୁରେଇ ଦେଖି ନେଲେ। ତାଙ୍କ ମନ ଭିତରେ ଏକ ଆନନ୍ଦ ଖେଳି ଗଲା ।

ତା" ବିଷୟ ରେ ତାଙ୍କର ଜାଣିବାକୁ ଜିଜ୍ଞାସା ବଢିଲା, ପ୍ରକୃତ ରେ ଏ କିଏ? ଏ ଆଦିବାସୀ ଅଞ୍ଚଳ ରେ ଏପରି ପରିବାର ରେ ଏମିତି ଝିଅଟି ପୁଣି ବୋହୂ ରୂପରେ? କାରଣର ରହସ୍ୟ ଆଉ କଣ ହୋଇ ପାରେ !! ଆଉ ସମ୍ଭାଳି ପାରିଲେନି, ସେ ଝିଅଟି ଆଡ଼କୁ ଇଙ୍ଗିତ ଦେଇ ପଚାରିଲେ ସେ କିଏ ? ସେ ପରା ଆମ ବୋହୂ ! ! ପଚାରିବା ଭିତରେ ଏକ ଯୁବକ ଆସି ପହଂଚିଗଲା । ମା" ତା"ର କହିଲା ହେଇଟି ଆମ ପୁଅ ଗଗନ ଆସିଲାଣି, ଗଗନ ବିକାଶ ବାବୁଙ୍କୁ ଚାହିଁଲା ଓ ଆଶ୍ଚର୍ଯ୍ୟ ହୋଇ ପଚାରିଲା ଆଜ୍ଞା ଆପଣଙ୍କୁ ଜାଣି ପାରିଲିନି ?

ମୁଁ ବିକାଶ ରାଏ। ବୁଲା "ସାମ୍ବାଦିକ" କିଛି ତଥ୍ୟ ସଂଗ୍ରହ କରିବା ମୋର କାମ। ଯଦି କିଛି ତୁମର ଆପତ୍ତି ନ ଥାଏ ତେବେ କିଛି ପଚାରିବି । ଗଗନ ଭଦ୍ର ପିଲାଟି ଗରୀବ ଆଦିବାସୀ ଘରେ ସିନା ଜନ୍ମ ହୋଇଛି କିନ୍ତୁ ମାନବୀୟ ଗୁଣ ତା" ଭିତରେ ନିଶ୍ଚୟ ଅଛି । କିଛି ପାଠ ବି ପଢ଼ିଚି, ଏକ ଛୋଟ ଦୋକାନଟି କରି ଘର ଚଳାଉଛି । ତେଣୁ ବିକାଶ ବାବୁ ତାକୁ ପଚାରିବା ଆରମ୍ଭ କଲେ ସେ ତାଙ୍କୁ ସମ୍ମାନ ଦେଇ ସବୁ ପ୍ରଶ୍ନ ର ଉତ୍ତର ଦେଇ ଚାଲିଲା ।

ISSN NO.
2582-208X


କେମିତି ଫେସବୁକ୍ ରୁ ବିଜିଲି ସାଙ୍ଗରେ ତା"ର ଚାଟିଂ ରୁ ପ୍ରେମ ଆରମ୍ଭ ହୋଇ ଥିଲା । ପ୍ରେମୀ ରୁ ଏବେ କେମିତି ସ୍ୱାମୀ ସ୍ତ୍ରୀ ବନି ଗଲେ ଗଗନ ଆଉ ବିଜିଲ । ସବୁ କଥା ଟିକେ ଲାଜୁଆ ଲାଜୁଆ ଢଙ୍ଗ ରେ ବଖାଣି ଚାଲିଲା ।

ସତରେ ମାନିବାକୁ ପଡ଼ିବ ଏ ଅନ୍ଧ ପ୍ରେମ କୁ । ବିଜିଲି ଆମ ପଡୋଶୀ ରାଜ୍ୟର ଏକ ସମ୍ଭ୍ରାନ୍ତୀୟ ପରିବାର ଝିଅ । ଗଗନ ର ପ୍ରେମରେ ପାଗଳ ହୋଇ ଘରୁ ଲୁଚି ପଳେଇ ଆସିଥିଲା ଓଡ଼ିଶା । ସେତେବେଳେ ସେ ଜାଣି ନଥିଲା ବୋଧ ହୁଏ ଗଗନ ଗରୀବ ପରିବାର ପୁଅଟିଏ । ତା"ର କଣ ଅଛି ନ ଅଛି, କେମିତି ଚଳି ପାରିବ କି ନ ପାରିବ କଣ ହେବ ତା ର ଭବିଷ୍ୟତ । ତା" ସ୍ୱଚ୍ଛ ନିର୍ମଳ ଅନ୍ଧ ପ୍ରେମ ଭିତରେ ସେ ଏ ସବୁକୁ ଅଣଦେଖା କରିଥିଲା, କେବଳ ଗଗନ ଭିତରେ ଦେଖି ପାରି ଥିଲା ଓ ଖୋଜି ପାଇ ଥିଲା ତା" ସ୍ୱର୍ଗୀୟ ପ୍ରେମ ର ଅନୁଭୂତି କୁ । ଏକଥା ବିକାଶ ବାବୁ ବିଜିଲି ଠାରୁ ଆବିଷ୍କାର କରିଥିଲେ ତା"ସହ ଦୁଇ ପଦ କଥା ହେଲା ପରେ !!! ବିଜିଲ ଯେମିତି ଖୁସିରେ ବିଭୋର ହୋଇ ଯାଉଥିଲା, ତା"ଆତ୍ମା ଫଟାଇ ଝରି ଆସୁଥିଲା ଆନନ୍ଦର ଲହରୀ । ମୁହଁରୁ ଝରି ପଡୁଥିଲା ମୁକ୍ତା ଝରା ହସ। ବିକାଶ ବାବୁ ଅନୁଭବ କରୁଥିଲେ ସେ ଯେମିତି କହୁଚି ନା" ମୁଁ କିଛି ଭୁଲ୍ କରିନି, ମୁଁ ଖୁବ୍ ଖୁସିରେ ଅଛି । ମୋ ସ୍ୱାମୀ ମୋ ଶାଶୁ ଶ୍ୱଶୁରଙ୍କ ଠାରୁ ଅନେକ ସ୍ନେହ ଭଲ ପାଇବା ପାଉଛି । ଯେଉଁଠି ଏତେ ଭଲ ପାଇବା ନିବିଡ ପ୍ରେମ ଅଛି ସ୍ନେହ ଶ୍ରଦ୍ଧା, ଆଦର ଅଛି, ଏଇଥିରୁ ମୁଁ ଖୁବ୍ ସୁଖ ଶାନ୍ତି ପାଉଛି। ଆଉ କଣ ଯେ ମୋର ଲୋଡା!!!!! ମାନବ ପଣିଆ ଯେଉଁଠି ନାହିଁ ସେଠି ଟଙ୍କା ପଇସା କୋଠା ବାଡି ର କଣ ଯେ ମୂଲ୍ୟ ? ମୋ ବାପା ଲକ୍ଷପତି ହେଲେ ଘରେ ଦିନକ ପାଇଁ ଶାନ୍ତି ନ ଥାଏ । ପ୍ରତି ଦିନ ବାପା ମା" ର ଝଗଡ଼ା । କେବେ ବି ଦିନେ ଘରେ ଶାନ୍ତି ମିଳେ ନାହିଁ। ସେ ଜୀବନର ମାନେ କଣ? ସତରେ ସେ ଝିଅଟିର କଥା ବିକାଶ ବାବୁଙ୍କ ହୃଦୟକୁ ଦୋହଲାଇ ଦେଲା । ବିକାଶ ବାବୁ ସବୁ କଥା କୁ କ୍ୟାମେରା ରେ କଏଦ କରି ରଖିଲେ ଓ ସେଠାରୁ ବିଦାୟ ନେଇ ପୁଣି ଥରେ ଦେଖା ହେବ କହି ଗାଡ଼ିରେ ବସିଲେ ଓ ମନେ ମନେ ଭାବୁଥିଲେ ବିଜିଲ ର କଥା । ସେ ତାଙ୍କ ଆଗାମୀ ଫିଲ୍ମ ର ନାୟିକା ହେଲେ କେମିତି ହୁଅନ୍ତା?!!!!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୭୯୫

ISSN NO.
2582-208X

# ନଗ୍ନତା



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ନଗ୍ନତା ଆଜି ଫୁଙ୍ଗୁଳା ଦେହରେ
ଉଲଗ୍ନା-ନାୟିକା ସାଜି,
କଳ-ମୁକୁରରେ, ଚଳଚତ୍ରରେ
ବିକ୍ରି କରୁଛି ନଗ୍ନ-ଯୌବନ ଭଜି;
ସଭ୍ୟତା ଏକ ବର୍ବରତା ଅବା
ସହଜେ ହୁଏନା ବୁଝି ।
ଏ ମଣିଷ ଦିନେ ଶୀତ କଷ୍ଟରୁ
ଦେହ ବଞ୍ଚେଇବ ବୋଲି;
ଗଛ ବକଳରେ ଦେହକୁ ଘୋଡେଇ,
ମରମରୁ ତାର ସରମ ଏଡେଇ,
ଦେହକୁ ତାହାର ସେ କଛି ନଆଁରେ
ଲାଜକୁ ଯାଇଛି ଭୁଲି ।
ନବୀନା-ଷୋଡାଶୀ ବସ୍ତ୍ର ବିହୁନେ
ଶୋଇଛି ଉଲଗ୍ନା ହୋଇ,
ନଗ୍ନତା ବୋଲି ବୁଝେନା ସେ କଛି
ନଗ୍ନତା ତାର କୁଆଁରୀ ମନକୁ ପାରିନାହିଁ ଚହଲାଇ ।
ଆଜି ଏ ସଂସାରେ ରାଜରାସ୍ତାରେ
ରୁପସୀ-ତରୁଣୀ ଫୁଙ୍ଗୁଳା ଦେହରେ ଘୂରେ;
ନଗ୍ନତା ବୋଲି ବୁଝେନା ସେ କଛି,

ISSN NO.
2582-208X

ଚର ବିକୃତ ମନଟା ତାହାର ପ୍ରେମଠାରୁ ବହୁ ଦୂରେ;
ପାଗଳାମି ପାଇଁ ସହେ ନିର୍ଯ୍ୟାତନା,
ନିଷ୍ଠୁର ମଣିଷ ଉପହାସ କେତେ କରେ ।
କିଏ ସେ ନାୟିକା ନଗ୍ନ-ଭୂମିକା
ଅଭିନୟେ ରାତି କାଟୁଛି ?
ଅର୍ଥ-ପିପାସା ମେଣ୍ଟାଇବା ପାଇଁ
ଦେହଟାକୁ ବିକି ଦେଇଛି;
ନର-ରାକ୍ଷାସର କୁତ୍ସିତ ପ୍ରେମକୁ
ଅଗତ୍ୟା ଆଦରି ନେଇଛି ।
ସାଧୁ ସନ୍ଥ ଆଜି ପ୍ରତାରକ ସାଜି
ଗୁପ୍ତ-ପ୍ରେମରେ ମାତିଛି;
ପ୍ରବଚନ ଦେଇ ନାରୀ ମନମୋହି
ବିଶ୍ୱାସରେ ବିଷ ଭରିଛି;
ଦୁନିଆଁ ଆଖିରେ ଧୂଳି ଫିଙ୍ଗି ଦେଇ
କୁକର୍ମରେ ଲିପ୍ତ ରହୁଛି ।
ଲୋକ ପ୍ରତିନିଧି, ଜନତା ସେବକ
ମିଠା ମିଠା କଥା କହନ୍ତି;
ସୁନ୍ଦରୀ ରମଣୀ ପ୍ରଲୋଭିତ କରି
ଯୌବନ ତାର ଲୁଟନ୍ତି;
ଉପଭୋଗ କରି ପରିଶେଷେ ତାକୁ
ଜୀବନରୁ ମାରି ଦିଅନ୍ତି ।
ଯେଉଁ ନଗ୍ନତା ଏଡାଇବା ପାଇଁ
କାର୍ପାସ ଶିଳ୍ପ ଗଢିଛ;
ଗାଣ୍ଠି ଗାଣ୍ଠି ବସ୍ତ୍ର ମହଜୁଦ ଅଛି
ନଗ୍ନତା ବରି ନେଉଛ;
ସଭ୍ୟତା ନାମରେ ଦୁହାଇ ଦେଇ ତୁମେ
ଲାଜ ସରମକୁ ଭୁଲୁଛ ।

ISSN NO.
2582-208X

ଦ୍ୱାପର ଯୁଗରେ
କୁରୁ ସଭା ସ୍ଥଳେ,
ଦୁଃଶାସନ ଯେବେ
ଯାଁଜ୍ଞସେନକୁ ବିବସନା କରୁଥିଲା,
କୃଷ୍ଣ ହେ! ତୁମେ ଯୋଗାଇଲ ବସ୍ତ୍ର;
ଗର୍ବ ତା ଭଙ୍ଗିଗଲା
ଆଜିହେ ! କୃଷ୍ଣ,
ନବ ଯୌବନୀ ଦିନମାନ ଖଟି ଖଟି
ଦେହକୁ ତାହାର ଲୁଗ୍ଣଇ ପାରେନା,
ଲାଜରେ ପଦାକୁ ବାହାରି ପାରେନା,
ଦୁଃଶାସନଗୁଡା ଗୃହିଁ ବସିଛନ୍ତି,
ଦେହ ତା ନେବାକୁ ଲୁଟି ।
ସଚେତନ ହୁଅ ମୋ ଦେଶ ଜନତା,
ସମାଜରୁ ହଟୁ ଅଶ୍ଳୀଳ-ନଗ୍ନତା,
ଶାଳୀନତା ଦିଅ ବାଣ୍ଟି;
ଆସହେ କୃଷ୍ଣ! ଯୋଗାଅ ବସ୍ତ୍ର,
ନଗ୍ନତା ଭୁଲୁ ରୂପସୀ ନାୟୀକା
ପୁଣିଥରେ ସାଜୁ ଅବଗୁଣ୍ଠନାବତୀ,
ନଗ୍ନତା ଯାଉ ହଟି ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ

ISSN NO.
2582-208X

# ଜୀବ ମାନଙ୍କର ଶବଦ



ରଘୁନାଥ ତ୍ରିପାଠୀ

ତୁମରି ସଙ୍ଗାତ କଥା ହେବାପାଇଁ ତୁମକୁ ଯେପରି ଡାକେ
ଅଚିହ୍ନା ଲୋକକୁ ଦେଖିଲେ କୁକୁର ଭୋ ଭୋ କରି ଭୁକେ ।
ହେଁ ହେଁ କରି ହ୍ରେସାରାବେ ଘୋଡା ଶତ୍ରୁକୁ ଡରାଇଦିଏ
ଗଁ ଗଁ ହୋଇ ଘୁଷୁରୀ ବାପୁଡ଼ା ଦଉଡି ପଳାଇଯାଏ ।
ଠେକୁଆ ବିଚରା ବୁଦାରୁ ବୁଦାକୁ ଡ଼ିଏଁ ହୋଇ ଏଁ ଏଁ
ବିରାଟ ହାତୀଟା ଡାଳପତ୍ର ଖାଇ ଗୀତ ଗାଏ ପେଁ ପେଁ ।
ଉହୁଁ ଉହୁଁ ଉହୁଁ ମେଏଁ ମେଏଁ ବୋଲି ଛେଳି ମେଣ୍ଢାଙ୍କର ଡାକ
ସକାଳୁ ସକାଳୁ ଶୋଇ ଦିଏନାହିଁ କା କା କରି କାକ ।
କିଆବୁଦା ମୂଳେ ହୁକେ ହୋ କରି ବିଲୁଆ କରେ ଶବଦ
ଭଁ ଭଁ କରି ଆମ କାନେ ମଶା ପରଖଇ ଆମ ନିଦ ।
କୁହୁ କୁହୁ ତାନେ କାଳିଆ କୋଇଲି ଆମ ମନ ମୋହିଦିଏ
କ୍ୱାକ କ୍ୱାକ କରି ବତକଟି ପରା ପାଣିରେ ପହଁରୁ ଥାଏ ।
ମିଆଁଉ ମିଆଁଉ ଶବଦେ ବିଲେଇ ଘରଘର ବୁଲୁଥାଏ
ଆଇଁଷ ବାସନା ନାକରେ ବାଜିଲେ ଘରଛାଡି ସେ ନଯାଏ ।
ଗଛର ଡାଳରେ ଚଢେଇ ସକାଳୁ କିଚିରିମିଚିରି ହୋଇ
ସୁ ସୁ କରି ଅହି ଗରଜଇ ଆପଦ ସୂଚନା ପାଇ ।
ଛୋଟ ଚଢେଇଟି ଚେଁ ଚାଁ ହୋଇ ମାଆକୁ ଅପେକ୍ଷା କରେ
ଚୁଁ ଚୁଁ ହୋଇ ମୂଷାଟି ଢ଼ରିକି ଗାତରେ ପ୍ରବେଶେ ଖରେ ।

ISSN NO.
2582-208X

ହେଷ୍ଟାଳ ଶବଦେ ଗରଜନ୍ତି ପରା ପଶୁରାଜ ଆଉ ବାଘ
ହି ହି କରି ଭାଲୁ ଦଉଡ଼ଇ ନ ବିଚାରି ପଛ ଆଗ ।
ଝିଙ୍କାରି କରଇ ଝିଁ ଝିଁ ଶବ୍ଦ କାନକୁ ଭଲ ଶୁଭଇ
ମହୁମାଛି ଦଳ ଭଣ ଭଣ ହୋଇ ସର୍ବଦା ମଧୁ ସଞ୍ଚଇ ।
ହାମା ହାମା ହୋଇ ବାଛୁରୀ ଖୋଜଇ ମା ପାଖରେ ତା ମନ
ମଣିଷ ଶିଶୁଟି ଯେସନେ କାନ୍ଦଇ ଭୋକେ ହୋଇ ହୁତାସନ ।

ବାଲିସାହି, ମଧୁପାଟଣା,
କଟକ 8763343263

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୯ )

ସାରଙ୍କର ମୁଦ୍ରିତ ଆଖିରୁ ଗଳ ଗଳ ହେଇ ଝରି ପଡୁଥାଏ ଅବାରିତ ଅଶ୍ରୁଧାରା । ସମ୍ପୂର୍ଣ୍ଣ ସତ୍ତା ତାଙ୍କର ହଜି ଯାଇଥାଏ ସାଧନାରେ । ତନ୍ମୟ ହେଇ ଆବୃତ୍ତି କରି  ଚାଲିଥାନ୍ତି ସେ ବେଦ ମନ୍ତ୍ର ।

ଓଁ ଭୂର୍ଭୁବଃ ସ୍ୱଃ ତତ୍ ସବିତୁର୍ବରେଣ୍ୟଂ ........

ମୋ ହୃଦୟକୁ ଛୁଇଁ ସାରିଥାଏ ଆଗରୁ ଏହି ଗାୟତ୍ରୀ ମନ୍ତ୍ର । ମୁଁ ମଧ୍ୟ ନିଜକୁ ସମ୍ଭାଳି ପାରେ ନାହିଁ । ତନ୍ଦ୍ରାଛନ୍ନ ହେଲା ପରି ମୋର ଚକ୍ଷୁ ହୁଏ ମୁଦ୍ରିତ । ସମ୍ପୂର୍ଣ୍ଣ ତନ୍ମୟ ହେଇ ମୁଁ ସ୍ୱର ମିଳାଏ,

ଓଁ ଭୂର୍ଭୁବଃ ସ୍ୱଃ ତତ୍ ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧୀମହି ଧିୟୋ ୟୋ ନଃ ପ୍ରଚୋଦୟାତ୍ ....

ଏମିତି କେତେ ସମୟ ପର୍ଯ୍ୟନ୍ତ ଚାଲିଥିଲା ମୋତେ ଜଣା ନାହିଁ । ମୁଁ ଭୁଲି ସାରିଥିଲି ମୋର ଅସ୍ତିତ୍ୱ, ମୋର ବର୍ତ୍ତମାନ, ମୋର ଭବିଷ୍ୟତ, ମୋର ଅତୀତ । ମୁଁ ଯେମିତି ଏହି ମର୍ତ୍ତ୍ୟ ମଣ୍ଡଳର ଜୀବାତ୍ମା ନୁହେଁ, ମୋର ଅହଂ ବୋଲି କିଛି ନାହିଁ । ମୁଁ ମୁଁ ହେଇ ରହି ନଥିଲି, ମିଳେଇ ଯାଉଥିଲି କେଉଁ ଏକ ବିରାଟ ସତ୍ତାରେ । ସେଠାରେ ନଥିଲା ସମୟ ବୋଲି କିଛି,

ISSN NO.
2582-208X


ବିଶ୍ୱ ବ୍ରହ୍ମାଣ୍ଡ ଥିଲା ସମୟର ବହିର୍ଗତ, ନଥିଲା ପଞ୍ଚତତ୍ତ୍ୱ ମଧ୍ୟରୁ କୌଣସି ଗୋଟାଏ ବି ତତ୍ତ୍ୱ, ପଞ୍ଚ ମହାଭୂତ ବି ଅଦୃଶ୍ୟ । କେବଳ ଏକ ଶୂନ୍ୟ, ବିରାଟ ଏକ ଶୂନ୍ୟ । ମୋର ଅହଂଭାବ ଅଦୃଶ୍ୟ ହେଇ ଯାଉଥିଲା ସେହି ବିରାଟ ଶୂନ୍ୟ ଦେହରେ । ମୁଁ ହେଇ ଯାଉଥିଲି ସମାଧିସ୍ଥ । ମୋ କାନରେ ପ୍ରତିଧ୍ୱନିତ ହେଉଥିଲା,

ଅହଂ ବ୍ରହ୍ମାସ୍ମି .....
ଅହଂ ବ୍ରହ୍ମାସ୍ମି .....
ଅହଂ ବ୍ରହ୍ମାସ୍ମି ......

କ୍ରମଶଃ ସେହି ଧ୍ୱନି ପରିବର୍ତ୍ତେ ସୁମଧୁର ନୂପୁର ନିକ୍ୱଣ ବାଜିଲା ମୋ କାନରେ । ମୁଁ ଆଉ ସ୍ୱର୍ଗଲୋକରେ ପହଞ୍ଚି ଯାଇଛି କି ? ଅପ୍ସରୀ ମାନଙ୍କର ନୂପୁରର ଧ୍ୱନି ହେବ ବୋଧେ । ଦୂରରୁ ଶୁଣା ଯାଉଥିଲା ଅତ୍ୟନ୍ତ ଧୀର ସ୍ୱର,

– ଅଭି, ଅଭିରେ,

କିଏ, କିଏ ଡାକୁଛନ୍ତି ? କାହାର ଏ କଣ୍ଠସ୍ୱର ? ଈଶ୍ୱର ? ପ୍ରକୃତି ପୁରୁଷ ? କିଏ ?

– ଏ ଅଭି .... ଅଭି ।

ମୋର ଶରୀର ମନରେ ଚେତନାର ଉଦ୍ରେକ ହେଉଥିଲା । ସମାଧୀରୁ ମୁଁ ଫେରି ଆସୁଥିଲି ମୋର ସ୍ୱ ଅସ୍ତିତ୍ୱକୁ । ସାର୍ ଡାକୁଥିଲେ,

– ଅଭି, ଅଭିରେ ....

ଅନି ନାନୀଙ୍କର ପାଉଁଜି ରୁମ୍ ଝୁମ୍ ହେଉଥିଲା ।

ସମ୍ପୂର୍ଣ୍ଣ ଜାଗ୍ରତାବସ୍ଥାକୁ ଲେଉଟିଲା ପରେ ସାର୍ ମୋତେ କୁଣ୍ଢେଇ ଧରିଥିଲେ ।

ISSN NO.
2582-208X


- ବାପାରେ, ତୁଇ ଅସାଧାରଣ । ଯେଉଁ ସମାଧୀକୁ ମୁଇଁ ଏପର୍ଯ୍ୟନ୍ତ ପ୍ରାପ୍ତ ହେଇ ପାରଲି ନାଇଁ, ତୁଇ ସେଟାକୁ ଦଣ୍ଡ ଦୁଇଟାରେ ରେ ଅକ୍ତିଆର କରି ନେଲୁ । ତୁଇ ନି ତ ଶିଖେଇ ଦେଲୁ ମୋତେ ବାବୁ ସାଧନା । ଏଇମିତି ନି ପାଠ ଭିତରେ ମଜ୍ଜିଗଲେ ନା ତୋତେ କେହି ଭି ଅଟକେଇ ପାରବେ ନାଇଁ । ସଫଳତା ଝଖ୍ ମାରିକିରି ଆସବ ତୋର୍ ପାଦ୍ ତଳକୁ । ଭଗବାନ୍ ନିଜେ ପାଶକୁ ଆସନ୍ ନାଇଁ ବାପା । ଭଗବାନ୍ ପାଶକୁ ଆମକୁ ଯାଇତେ ହେବ । ଯା ବାପା, ତୋର୍ ସାଧନା ଦରକାର୍ ନାଇଁ । ତୁଇ ତୁଇ ହେଇକରି ରହ, ଅଭିମନ୍ୟୁ ହେଇକରି । ଠିକ୍ ନା ?

- ଅଭି , ରହ ଟିକେ ।

କୋଠରୀ ଖରକିବାକୁ ଆସିଥିବା ଅନି ନାନୀ ଘର ଭିତରକୁ ଯାଇ ଗରମ ଗରମ ଗାଇ କ୍ଷୀର ଓ ବାଲିଭଜା ମୁଡ଼ମୁଡ଼ିଆ ଚୁଡ଼ା ନେଇ ଆସିଲେ । କ୍ଷୀର ଓ ଭଜା ଚୂଡ଼ାର ବାସ୍ନାରେ ମୋର ବାସି ରୁଟିଖିଆ ପାଟିଟା ଲାଳେଇ ଯାଉଥାଏ ।

କ୍ଷୀର ମୁଁ ଏହା ପୂର୍ବରୁ କେବେ ପିଇଥିଲି ମନେ ପକେଇବାକୁ ଚେଷ୍ଟା କଲି । ହଁ, ମନରେ ପଡ଼ଲା । ମାଆକୁ ଯେତେବେଳେ ଜର ହେଇଥିଲା ଦିନେ ଗଉଡ଼ ଘର ଦିନା ମଉସା ପାଏ କ୍ଷୀର ଆଣି ଦେଇଥିଲେ । ମାଆ ମୋର ଗିନାରେ ଢାଳି ଦେଇଥିଲା ଅଧାରୁ ବେଶି, ବାପାଙ୍କୁ ଲୁଚେଇ । ମୋର ମନ ନଥିଲେ ମଧ୍ୟ ଲୋଭର ବଶବର୍ତ୍ତୀ ହେଇ ପିଇ ଦେଇଥିଲି ଗିନାକ ଯାକ କ୍ଷୀର ଦଣ୍ଡକ ମଧ୍ୟରେ, ବାପା ପିଇବା ପାଣି ନେଇ ଆସିବା ଆଗରୁ । ତତଲା କ୍ଷୀର ଅନଭ୍ୟସ୍ତ ଜୀଭଟା ପୋଡ଼ି ଯାଇଥିଲା ।

ବାପା ତ ଅନ୍ତର୍ଯ୍ୟାମୀ ପରି । ଜାଣି ଦେଇଥିଲେ ମୋତେ ଉପର ତାଳୁ ଦ୍ୱାରା ପୋଡ଼ା ଜୀଭକୁ ଏଁଖାରୁ ଥିବାର ଦେଖି ।

କରୁଣ ଭାବରେ ହସିଦେଇ ଆଉଁସି ଦେଲେ ମୋ ପିଠିକୁ । ତାଙ୍କ ଆଖିର ଏହି କରୁଣ ଭାବଟା ମୁଁ ଆଦୌ ସହି ପାରେ ନାହିଁ । ଛାତି ଭିତରେ କଣଟାଏ ଖଟ ଖଟ ହେଇ ଭାଙ୍ଗି ଯାଉଥାଏ । ମୋର ଷଷ୍ଠେନ୍ଦ୍ରିୟ ପୁଣିଥରେ ମୋତେ ମନେ ପକାଇଦିଏ ମୋର ସଂକଳ୍ପ ।

ISSN NO.
2582-208X

– ଯାଃ, ସୋରିଷ ତେଲ ଟିକେ ଜୀଭରେ ଲଗେଇ ଦେ ଯେ, ଭଲ ହେଇଯିବ ।

ଜୀଭ ସହିତ ମୋର ମୁହଁ ପୋଡ଼ି ଯାଇଥିଲା ଲଜ୍ଜାରେ । ଛିଃ, ଅସୁସ୍ଥ ମାଆ ପାଇଁ ଆସିଥିବା କ୍ଷୀରରେ ମୁଁ ଭାଗ ବସାଉଛି ।

ଆଜି ଏତେ ଦିନ ପରେ ପୁଣି .....

କ୍ଷୀର ଓ  ଚୁଡ଼ା ଭଜାର ତୃପ୍ତ ଭୋଜନଟାଏ କରି ମୁଁ ଫେରିଥିଲି ଘରକୁ ।

ତା ପରେ କିନ୍ତୁ ଏ ପର୍ଯ୍ୟନ୍ତ ଶତ ଚେଷ୍ଟା ସତ୍ତ୍ୱେ ଥରେ ହେଲେ ସେହି ତଲ୍ଲୀନତା, ସେହି ସମାଧୀ ଆଣି ପାରିଲି ନାହିଁ ।  ତେଣୁ ମୋର ସିଦ୍ଧାନ୍ତ ଏଇଆ ଯେ, ଗୁରୁଙ୍କ ଉପସ୍ଥିତି ଆଉ ଅନୁପସ୍ଥିତି ବହୁତ ମାନେ ରଖେ । ବହୁତ ମହତ୍ୱପୂର୍ଣ୍ଣ ।

ବିନ୍ ଗୁରୁ ମିଲେ ନା ଜ୍ଞାନ୍ ।

ବିବେକା ମାଷ୍ଟରଙ୍କ ଦୃଷ୍ଟିରେ କିନ୍ତୁ ମୁଁ ଆଉଟିକେ ଉପରକୁ ଉଠି ଯାଇଥିଲି ।  ସେଇଟା ଥିଲା ମୋର ଷଷ୍ଠ ଶ୍ରେଣୀ । ଷଷ୍ଠ ଶ୍ରେଣୀ ପାସ୍ କରିବାଟା ହେଉଛି ଆମ ଗାଁରେ ସର୍ବୋଚ୍ଚ ପାଠପଢା । ଷଷ୍ଠ ଶ୍ରେଣୀ ପରେ ଆଉ ଶ୍ରେଣୀ ନଥିଲା ।  ତାପରେ ସମସ୍ତଙ୍କ ବହିରେ ଡୋର ବନ୍ଧା ହେଇ କାନ୍ଧରେ ଜୁଆଳି ବନ୍ଧା ହୁଏ । ସଂସାର ଚକରେ ପେଶି ହୁଏ ପିଲାଟି ।

ବାପାଙ୍କର ଚିନ୍ତା ହେଲା ମୁଁ ଆଗକୁ ପଢ଼ିବି କେମିତି । କିନ୍ତୁ ହିନ୍ଦୀରେ ଗୋଟେ ମୁହାବରା ଅଛି ,

ଯହାଁ ଚାହ ଓ୍ୱହାଁ ରାହ ।

ମଣିଷ ଯଦି କିଛି କରିବାକୁ ଚାହିଁବ ପ୍ରକୃତି ତାର ସମସ୍ତ ବଳ ଲଗେଇଦେବ ତାକୁ ପୂରା କରିବା ପାଇଁ ।

ISSN NO.
2582-208X

କିନ୍ତୁ .....

ବର୍ଷକ ପାଇଁ ମୋର ପାଠ ବନ୍ଦ ହେଇଥିଲା । ସେହି ବର୍ଷକରେ ମୁଁ ବିବେକା ମାଷ୍ଟରଙ୍କ ଘରେ ବସି ତାଙ୍କ ଗ୍ରନ୍ଥାଗାରର ଅନ୍ୟୁନ ଅର୍ଦ୍ଧେକରୁ ଅଧିକ ବହି ସାରି ଦେଇଥିଲି । ତାଙ୍କ ଠାରୁ ଅନେକ ସତ୍ ଜ୍ଞାନ ଆହରଣ କରିଥିଲି ।

କିନ୍ତୁ ସେହି ବର୍ଷକ ଭିତରେ ମୁଁ ଅନେକ ବଦ ଜ୍ଞାନ ମଧ୍ୟ ନେଇଥିଲି ଏଠୁ ସେଠୁ । ପାଠ ସିନା ନଈନାଳ ପାହାଡ଼ ପର୍ବତ ଡେଇଁ ଆସି ପରିବ ନାହିଁ ହେଲେ ବଦଭ୍ୟାସର ସରଞ୍ଜାମ ପାଇଁ କୋଉ ସ୍ଥାନ ଦୁର୍ଗମ ନୁହେଁ । ସବୁଠାରେ ତାର ଅବାଧ ପ୍ରବେଶ ।

ଖାଲି ଦିମାଗ ସଇତାନର ଘର ।

ସଇତାନ ମୋ ଦିମାଗକୁ ମଧ୍ୟ ମାଡ଼ି ବସିଥିଲା । ଅଳ୍ପ ଅବଧି ନିମନ୍ତେ ହେଉ ପଛେ ।

ମୁଁ ବାଟି (କାଚଗୋଲି) ଆଉ କଣ୍ଡିଲ୍ (କନିଅର ମଞ୍ଜି) ଖେଳରେ ମାଷ୍ଟର, ଗୁଡ଼ି ଉଡ଼ା, ନାଟିମ ଘୁରାରେ ଚେମ୍ପିୟନ୍ ଥିଲି ।

ଆମ ପିଜୁଳି ଗଛ ଗଣ୍ଡିରେ ଗୋଟାଏ ଗାତୁଆ କୋଡ଼ର ଥିଲା । ସେଇଥିରେ ମୁଁ ବାଟି ଓ କଣ୍ଡିଲ୍ ଓ ନାଟିମ ଜମା କରୁଥିଲି । ମୋର ମୋଟ ଦୁଇଟା ବାଟି ଥିଲା ଓ ଗୋଟିଏ ନାଟିମ ଧାରରେ ନେଇଥିଲି । କିନ୍ତୁ ଜିତି ଜିତି ମୋର ରତ୍ନ ଭଣ୍ଡାର ଉଛୁଳଛୁଳ ହେଇ ଯାଇଥିଲା । କି ସୁନ୍ଦର ନାଲି ନେଳି ହଳଦିଆ ରଙ୍ଗର ଗୋଲ ଗାଲ ବାଟି ସବୁ । କି ସୁନ୍ଦର ନାଟିମ । ଆହା । ପିଲାବେଳଟାରେ କେତେ ଛୋଟ ଛୋଟ ଖୁସି ଥାଏ ସତରେ । କଣ୍ଡିଲ୍ ତ ଛାଁକୁ ଜମା ହେଇଯାଏ । କନିଅର ଗଛ ମୂଳକୁ ଗଲେ ଶୁଖିଲା କଣ୍ଡିଲ ସବୁ ଛାଇତଳା ହେଇ ପଡ଼ି ଥାଆନ୍ତି । ବେଳେ ବେଳେ ଢାକୁ ବା ଢାକେଲ୍ ବା ମୀର କରିବା ପାଇଁ ଖୁବ୍ ବଡ଼ ଆକାରର କଣ୍ଡିଲ୍ ମିଳିଯାଏ ।

ISSN NO.
2582-208X

ଖରାବେଳେ ଆମେ ସବୁ ଜମା ହେଉ ଗୋବରା ମାଆର ମାଟି ଦାଣ୍ଡ ପିଣ୍ଡାରେ । ବେଶ ଲମ୍ବା ଚଉଡ଼ା । ତାର କୋଣରେ ଗାତଟିଏ କରି ତାକୁ ଲିପାଲିପି କରି ଚିକ୍କଣିଆ କରିଥାଉ।

ସମସ୍ତ ଖେଳାଳିଙ୍କ ଠାରୁ ଗୋଟିଏ ବା ଏକାଧିକ ବାଟି ନହେଲେ କଣ୍ଟିଲ୍ ନେଇ ଗୋଟିଏ ସୀମାରେଖାରେ ଠିଆ ହେଇ ନେଇ ସେହି ଗାତକୁ ଲକ୍ଷ୍ୟ କରି ଫିଙ୍ଗୁଥିଲୁ ଜଣ ଜଣ କରି । ଗାତ ଭିତରେ ଯୋଉତକ ପଶିଲା ସିଏ ସବୁ ତ ଖେଳାଳିର ପକେଟରେ ପଶେ । ତାପରେ ଜଣେ କହିବ କୌଣସି ନିର୍ଦ୍ଦିଷ୍ଟ ବାଟି ବା କଣ୍ଟିଲକୁ ଲକ୍ଷ୍ୟ କରି ମାର୍ । ଯଦି ମାରିଦେଲା ତ ବିଞ୍ଚା ହେଇଥିବା ସମସ୍ତ ବାଟି ବା କଣ୍ଟିଲ୍ ବି ସେହି ଜଣକର ।

ଯେତେଦୂର ସୀମାରେଖା ହେଉ, ଲକ୍ଷ୍ୟ କରି ଢାକେଲ୍ ମାରିବାରେ ଓସ୍ତାଦ ହେଇ ଯାଇଥିଲି ମୁଁ । ଥରେ ଅଧେ ବିବେକା ମାଷ୍ଟରଙ୍କ ଦୃଷ୍ଟିରେ ପଡ଼ି ଯାଇଥିଲି । କଣ ଭାବିଥିବେ କେଜାଣି, ମୋତେ କହିଲେ,

- ହଇରେ ଅଭି, ଏଇଥିରେ ସାଧନା ଚାଲିଛି ତେବେ । ବାଘ ଚଲାଣୀ କିମ୍ବା ଚେସ୍ ଖେଳନ୍ତୁ ହେଲେ । ବୁଦ୍ଧି ପାକଳ ହୁଅନ୍ତା ।

ମୁଁ ବୁଝିଲି ତାଙ୍କର ଟିପ୍ପଣୀ କିନ୍ତୁ, ନିଶା ? ନିଶା ହୋଇ ଯାଇଥିଲା ମୋତେ ।

ଆଉ ଗୋଟିଏ ଘୃଣ୍ୟ ଜିନିଷର ଚସକା ବି ଲାଗିଥିଲା, ସେ ଦିନଟା ମୁଁ ଜୀବନରେ ଭୁଲି ପାରିବି ନାହିଁ । ଯେଉଁଦିନ ବାପା .......

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ଜୁନ – ୨୦୨୨
www.vedantimagazine.com
ISSN NO.
2582-208X

# ମୁଁ ଆଉ ପ୍ରକୃତି



ବୈଷ୍ଣବ ମେହେର

ମୋ ଦେହେ ନାହିଁ...
କୋଣାର୍କର ଚିତ୍ରକଳା,
ଅବା...
ସ୍ୱର୍ଣ୍ଣିମ ଚିଲିକାର...
ଦୀପ୍ତିମୟୀ ଶୋଭା ।

ମୁଁ ନୁହଁ ଗୋଟେ...
ଶାମୁକାର ମୋତି,
କି ନୁହଁ...
କାଞ୍ଚନ ଟିଏ...
ଦିବାକରେ ଚମକୁଥିବି ।

ମୋ ହୃଦୟ ନୁହଁ...
ସୌନ୍ଦର୍ଯ୍ୟ କୁସୁମର,
ତଥାପି ମୁଁ...
କାହିଁକି ଭାବେ...
ନିଜକୁ ମହାନ ।

ISSN NO.
2582-208X

ଇଚ୍ଛା ହୁଏ ମୋତେ...
ଉଡିବାକୁ ମୁକ୍ତାକାଶେ,
କିନ୍ତୁ...
ଝିଙ୍କାରୀର ଶବ୍ଦରେ...
ମୁଁ ଚମକିପଡ଼େ ।

ତଥାପି କାହିଁକି ମୁଁ...
ପାଞ୍ଚୁଥାଏ ପରମନ୍ଦ,
ଯେବେ...
ନିଜକୁ ସମ୍ଭାଳିବାକୁ...
ନିଜେ ଅସମର୍ଥ।

ଗଣ୍ଡାବାହାଲି, ନୂଆପଡା
6264305003

ISSN NO.
2582-208X

# ଝଡ଼ ପରର
# ପୃଥିବୀ



ପ୍ରିୟରଞ୍ଜନ ଭାରତୀ

ନିସ୍ତବ୍ଧତା ଆଡୁଆଳେ
ଆସ୍ତେ ଆସ୍ତେ ପୃଥିବୀଟା
ଚଳଚଞ୍ଚଳ ମୟ!
ଉଦାସିଆ ଆଖିରେ ପୁଣି
ନୂତନତ୍ୱର ଅନ୍ୱେଷଣ
ଦରଭଙ୍ଗା ଗଛଡାଳେ
ନିସ୍ତେଜ ପକ୍ଷୀର
ଅହରହ ସଙ୍ଘର୍ଷ
ଥଣ୍ଟରେ ପାଳ କୁଟା କାଠି
ପୁଣି ଏକ ପୃଥିବୀର ସ୍ୱପ୍ନ!!

ଶୂନଶାନ ପୃଥିବୀଟା
ଧିରେଧିରେ ପୁଣି ଥରେ
କୋଳାହଳ ପୂର୍ଣ୍ଣ।
ଲୁହ ପୂର୍ଣ୍ଣ ଆଖିର
ପୁଣି ନୂତନତାର ସ୍ୱପ୍ନ
ଦରଭଙ୍ଗା ମାଟିଘର ପାଇଁ

ISSN NO.
2582-208X

କାଦୁଅ ଚକଟା ଆରମ୍ଭ
ନୂଆ ମାଟିକାନ୍ଥ!
କାଠ ବାଉଁଶର ଚାଳଘର!!

ଶାନ୍ତ ପୃଥିବୀଟା
ପୁଣି ଥରେ ବ୍ୟସ୍ତବହୁଳ
ଚାଖଣ୍ଡେ ପେଟ ପାଇଁ
ପୁଣି ଧାଁ ଦଉଡ଼!
ବିଲ ଠୁ ଅଫିସ୍ ଯାଏ
ଲଙ୍ଗଳ ଠୁ କଲମ ଯାଏ
ଖାଲି କୋଳାହଳ
ବ୍ୟସ୍ତମୟ ଜୀବନର ଅୟମାରମ୍ଭ!!

ନିସ୍ତେଜ ପୃଥିବୀଟା
ପୁଣି ଥରେ ସତେଜ
ଦରଭଙ୍ଗା ଗଛଡାଳୁ
ଭାସିଆସେ ଦୁଲୁକାଏ ପବନ
ଭୁଲିଯାଏ ମଣିଷ
ପୂର୍ବ ଝଡ଼ର ଦୁଃଖ
ଆଖିକୋଣରୁ ଲୁହ ପୋଛେ
ଅଳ୍ପ ହସିଦେଇ
ହଜିଯାଏ ସିଏ
ଝଡ଼ ପରର ପୃଥିବୀ ଭିତରେ!!

ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
କଲ୍ୟାଣସିଂହପୁର, ରାୟଗଡ଼ା

ISSN NO.
2582-208X

# ଜାଗି ଉଠ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ଜାଗି ଉଠ କବି ଉଇଁଲେଣି ରବି
ନୂତନ ସନ୍ଦେଶ ନେଇ,
ଆଙ୍କିଚାଲ ଭାବି ନୂଆ ନୂଆ ଛବି
ଦେଶ ମାତୃକାକୁ ଧ୍ୟାୟୀ ।।
କେତେ ଲେଖୁଥିବ ଖାଲି ଅବାସ୍ତବ
ପ୍ରେମ ବିରହର ଗୀତ,
ଶାଣିତ କର ହେ ଲେଖନୀ ତୁମର
ପୁଣି ତାତି ଉଠୁ ରକ୍ତ ।।
ଜାଗ୍ରତ ହୁଅନ୍ତୁ ମଣିଷ ଠୁଁ ଜନ୍ତୁ
କରନ୍ତୁ ମନରେ ପଣ,
ରଣ ଭୂମିପରେ ସଜିତ ଅସ୍ତ୍ରରେ
କରିବା ପାଇଁକି ରଣ ।।
ଝରାଇ ଦିଅନ୍ତୁ ପ୍ରତି ରକ୍ତ ବିନ୍ଦୁ
କାଟିବା କୁ ଶତ୍ରୁ ଶିର,
ନରୁହନ୍ତୁ ଭୀରୁ ଲିଭୁ ହୃଦୟରୁ
ଯେତେ ସବୁ ଭୟ ଡର ।।
ପୁଣି ନାଲି ହେଉ ଦୟା ନଦୀ ଢେଉ
ବଦଳନ୍ତୁ ଚଣ୍ଡାଶୋକ,
ଦୂର ହୋଇଯାଉ ବେଳ ଥାଉ ଥାଉ
ଏ ଦେଶୁ ସଙ୍କଟ ଯାକ ।।

ISSN NO.
2582-208X

ହୁଅନ୍ତୁ ସାହସୀ ମୋର ଦେଶବାସୀ
ତୁମରି ଶବ୍ଦ ବଳରେ,
ତୋଷମୋଦକାରୀ ଦେଶର ବଇରୀ
ନ ରୁହନ୍ତୁ ମହୀପରେ।।
ନେତାଜୀ, ଶିବାଜୀ, ଗୁରୁ, ଚାଖି, ବାଜି
ଜନମ ହୁଅନ୍ତୁ ଥରେ,
ବିଦେଶୀ ଆତଙ୍କ ଭ୍ରଷ୍ଟ ନେତାଙ୍କ
ହୃଦୟ ଥରୁ କାତରେ ।।
ଆଉ ବେଳ ନାହିଁ ରୁହ ନାହିଁ ଶୋଇ
କଲମଧାରୀ ହେ ଆସ,
ଅଖଣ୍ଡ ଭାରତେ ନିଜ ସାଧ୍ୟ ମତେ
ଖେଳାଇବା ପାଇଁ ହସ ।।
ଆଙ୍କିଦିଅ କବି ଭାରତର ଛବି
ତୁମ କଲମ ମୁନରେ,
ଉଡୁ ଫର ଫର ଧ୍ୱଜ ଏ ଦେଶର
ହିମାଳୟର ଶିଖରେ ।।
ନୂତନ ଭାରତ ନିମନ୍ତେ ଜାଗ୍ରତ
ହୋଇ ଯାନ୍ତୁ ସର୍ବ ଜନ,
ସର୍ବେ ଏକ ସ୍ୱରେ ଗାଆନ୍ତୁ ମଧୁରେ
ଭାରତର ଜୟ ଗାନ
ଭାରତର ଜୟ ଗାନ ।।

ଚକାପଦା, ଖୋର୍ଦ୍ଧା
୯୧୭୮୪୭୫୪୩୭

ISSN NO.
2582-208X

# ଯୁଗେ ଯୁଗେ ନାରୀ



ଜୟଶ୍ରୀ ପଟ୍ଟନାୟକ

ନାରୀ ହେଉଛି ବିଶ୍ୱ ସୃଷ୍ଟିର ଶକ୍ତି । ସେ ଜନନୀ, ଭଗିନୀ, ସୃଷ୍ଟିକାରିଣୀ, ସଂହାରିଣୀ ଓ ବିଶ୍ୱ କଲ୍ୟାଣୀ । ସେ ପୁଣି ଶକ୍ତିମୟୀ । ଏଣ୍ଟୁଡିରୁ ଜୁଇ ଯାଏଁ ତ୍ୟାଗ ଓ ତିତିକ୍ଷାରେ ବନ୍ଧା ତାର ଜୀବନ । ସମର୍ପଣ ଭାବ, ସହନଶୀଳତା ତାର ଅଙ୍ଗଭୂଷଣ । ପାଂଚ ଶତାବ୍ଦୀ ତଳେ ଓଡିଆ ସାହିତ୍ୟର ଆଦି ପୁରୁଷ ସାରଳା ଦାସ ମହାଶୟ ଲେଖିଥିଲେ-- ନାରୀ ସାକ୍ଷାତ ଜଗତ ତାରେଣୀ, ଜଗତ କାରେଣୀ ଜଗତ ପାଳନ ଶକ୍ତି ସରସ୍ୱତୀ ଅର୍ଣ୍ଣପୂର୍ଣ୍ଣା । ନାରୀ ଗ୍ରୀଷ୍ମ, ବର୍ଷା ଶରତ, ଶୀତ, ବସନ୍ତ ଋତୁଚକ୍ର ପରି ଚିରନ୍ତନୀ । ସେ କେବେ ଅଭିସାରିକା କେବେ ଅମୃତା । କେବେ ସତୀ ସୀତା ତ କେବେ ମୀରା ତ କେବେ ରାଧା । ପୁଣି ଆମୃଜା କ ଜୀବନ ସାଥୀ । ଚିରକାଳ ସେ ରହେଁ ସାଙ୍ଗ ହୋଇ ନଇ ପାର ହେବ । ପୂର୍ଣ୍ଣଗର୍ଭା, ରତ୍ନପ୍ରଭା ହେବା ହିଁ ତାର ଚିରନ୍ତନ ଆଶା । ତାପ୍ରେମ ଦେହର ନୁହେଁ ହୃଦୟର । । ଜାତିର ଜନକ ଗାନ୍ଧିଜୀ ଏକଦା କହିଥିଲେ ବଳର ଅର୍ଥ ଯଦି ପଶୁବଳ ବୋଲି ବୁଝାଯାଏ ତେବେ ବାସ୍ତବିକ ନାରୀ ପୁରୁଷ ଠାରୁ ଅନେକ ଗୁଣରେ ଅଧିକ ବଳବତୀ । ତାର ସହିବା ଶକ୍ତି ପୁରୁଷ ଠାରୁ ଅଧିକ । ନାରୀ ଶକ୍ତି ସଂପର୍କରେ ତାଙ୍କର ଆମ୍ବ ବିଶ୍ୱାସ ଥିଲା । ନାରୀମାନଙ୍କ ପ୍ରତି ହୀନମନ୍ୟତା ସେମାନଙ୍କ ଶକ୍ତିର ବିକାଶ ପଥରେ ଅନ୍ତରାୟ ବୋଲି ସେ ଅନୁଭବ କରିଥିଲେ । ବାଲ୍ୟ ବିବାହ, ବହୁ ବିବାହ, ପର୍ଦ୍ଦାପ୍ରଥା, ଦେବଦାସୀ ପ୍ରଥା ଓ ବିଧବା ବିବାହ ବିରୋଧ, ପରାଧୀନତା, ଯୌତୁକ ଓ ଆର୍ଥିକ ଦାରିଦ୍ରତା ପ୍ରଭୃତି କୁପ୍ରଥା ନାରୀ ସମାଜର ପ୍ରଗତିର ପ୍ରତିବନ୍ଧକ ବୋଲି ସେ ଉପଲବ୍ଧି କରିଥିଲେ । ଜାୟା, ଜନନୀ ଓ ଭଗିନୀ ଭାବରେ ନାରୀର ସ୍ନେହ, ଶ୍ରଦ୍ଧା ସେବା ତ୍ୟାଗର ମହତ୍ୱ ଅତୁଳନୀୟ । ଗାନ୍ଧୀ ରହୁଁ ନ ଥିଲେ ନାରୀର ଶକ୍ତି, ଗୁଣ, ଗାରିମା, ଧୀଶକ୍ତି ଓ ସୁସଂଜତ କାର୍ଯ୍ୟକୁ ଗୃହର

ISSN NO.
2582-208X

ଗୃହିକାନ୍ଥ ମଧ୍ୟରେ ସୀମିତ ରଖିବାକୁ । ତାହାକୁ ବ୍ୟାପକ କ୍ଷେତ୍ରରେ ଜାତୀୟ କାର୍ଯ୍ୟକ୍ରମରେ ଦେଶର ସମୃଦ୍ଧି ଦିଗରେ ପ୍ରୟୋଗ କରିବାକୁ ସାରା ଜୀବନ ଚେଷ୍ଟା କରି ଆସିଛନ୍ତି । ପୁରୁଷ ତୁଳନାରେ ନାରୀ କୌଣସିଥିରେ ନ୍ୟୁନ ନୁହେଁ । ତାଙ୍କ ମତରେ ନାରୀ ଅବଳା ନୁହେଁ । ଦୃଢ ଅବିଚଳତ ମନୋଭାବ ତାକୁ ଅସାଧ୍ୟ ସାଧନ କରିବାକୁ କ୍ଷମ କରିଥାଏ । ତେଣୁ ତାହାର ଅନ୍ତର୍ନିହିତ ଶକ୍ତିକୁ ଅବଦମିତ ନ କରି ତାର ସୁପ୍ତ ଚେତନାକୁ ଜାଗ୍ରତ କରିବାକୁ ସେ ପୁରୁଷ ସମାଜକୁ ଆହ୍ୱାନ କରିଛନ୍ତି ତାଙ୍କର ପୁନର୍ଜାଗରଣ କାମନାକରିଛନ୍ତି ।

ସମାଜର କୁସଂସ୍କାର ଅନଗ୍ରସରତା ନାରୀ ପ୍ରତି ଶୋଷଣ, ନାରୀ ପ୍ରତି ହେୟ ଭାବକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ବୈଦିକ ଯୁଗରେ ନାରୀ ମାନେ ଶିକ୍ଷାଲାଭରୁ ବଂଚିତା ନ ଥିଲେ ଗୁରୁ ଗୃହ ଆଶ୍ରମରେ ରହି ବିଦ୍ୟାଶିକ୍ଷା କରୁଥିଲେ । ରାମାୟଣ ମହାଭାରତରେ ଏହାର ଦୃଷ୍ଟାନ୍ତ ରହିଛି । ଆଦର୍ଶ ଚରିତ୍ର ଗଠନ, ନୈତିକତା ଓ ଆଧାତ୍ମିକତା ତଥା ଜ୍ଞାନାର୍ଜନରେ ପ୍ରାଚୀନ ଯୁଗରେ ନାରୀମାନେ ପ୍ରସିଦ୍ଧି ଲାଭ କରିଥିଲେ । ଆପୋଲା, ବିଶ୍ୱବାରା, ମୈତ୍ରେୟୀ, ଲୋପାମୁଦ୍ରା ନାମ ଏ ଦିଗରେ ଉଲ୍ଲେଖଯୋଗ୍ୟ । ନାରୀମାନେ ସାମରିକ ବିଦ୍ୟାଶିକ୍ଷାରେ ନିପୁଣ ଥିଲେ । କାଳିଦାସଙ୍କ ପତ୍ନୀ କମଳାଙ୍କର ଶାସ୍ତ୍ର ବିଦ୍ୟାରେ ଯଥେଷ୍ଟ ଜ୍ଞାନ ଥିଲା । ଇତିହାସର ପୃଷ୍ଠା ଲେଉଟାଇଲେ ମଧ୍ୟଯୁଗର ରାଣୀ ଦୁର୍ଗାବତୀ, ଅହଲ୍ୟାବାଇ, ଝାନ୍ସୀ ରାଣୀ ଲକ୍ଷ୍ମୀବାଇ, ପଦ୍ମିନୀ, ମୀରାବାଇ ପ୍ରଭୃତି ରମଣୀ ବିଦୂଷୀ ଥିଲେ। ତାଙ୍କର ବୀରତ୍ୱ ସାହସିକତା କିଛି କମ ନୁହେଁ । ଅତ୍ୟାଧୁନିକ ଯୁଗରେ ନାରୀ ମାନଙ୍କର ପ୍ରଭାବ ଓ ପ୍ରତିଷ୍ଠା କିଛି କମ ନ ଥିଲା । ଶିକ୍ଷା, ସଂସ୍କୃତି, ବିଜ୍ଞାନ, ରାଜନୀତି, ସମାଜସେବା, ଗବେଷଣା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଛନ୍ତି । ନୃତ୍ୟ, ଗୀତ, କ୍ରୀଡା, ମହାକାଶ ଯାତ୍ରା, ସୌନ୍ଦର୍ଯ୍ୟ ପ୍ରତିଯୋଗିତା ପର୍ଯ୍ୟନ୍ତ ଖ୍ୟାତିଅର୍ଜନ କରିଛନ୍ତି । ଭାରତର ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମୀବାଇ, କସ୍ତୁରବା ଗାନ୍ଧୀ, ସରୋଜିନୀ ନାଇଡୁ, ଅରୁଣା ଆସଫ ଅଲ୍ଲୀ, ରମାଦେବୀ, ସରଳାଦେବୀ, କୁନ୍ତଳା କୁମାରୀ ସାବତ ଇତ୍ୟାଦି ମହିୟସୀ ମହିଳାମାନେ ଯୋଗଦାନ କରିଥିବା ବେଳେ ଆଜିର ସମାଜରେ ଶିକ୍ଷିତ ନାରୀ ନିଜର ବୁଦ୍ଧି ଓ ଜ୍ଞାନକୁ ସଫଳ ପ୍ରୟୋଗ କରି ଡାକ୍ତର, ଇଂଜିନିଅର, ଅଧ୍ୟାପିକା, ଶିକ୍ଷୟିତ୍ରୀ, ବିଚାରପତି, ସେନାବାହିନୀ ବୈଜ୍ଞାନିକ ଓ ବିମାନ ଚଳାଚଳ କ୍ଷେତ୍ରରେ ବିଭିନ୍ନ ବିଭାଗର

ISSN NO.
2582-208X

ଦାୟିତ୍ୱ ଉତ୍ତମ ଭାବେ ସଂପାଦିତ କରିପାରୁଛନ୍ତି । ଭାରତୀୟ ପ୍ରଶାସନିକ ସେବା ସହିତ ନିଜର ଦକ୍ଷତାକୁ ନେଇ ମହିଳା ମାନେ ବିଦେଶରେ ନିଜର ପାରଦର୍ଶିତା ଦେଖେଇ ପାରଛନ୍ତୁ। ସେହିପରି କଳ୍ପନା ଚାୱଲା, ଭାରତୀୟ ବଂଶୋଦ୍ଭବ ସୁନୀତା ଉଇଲିୟମ ମେଧା ପାଟେକର, କରଣ ବେଦୀ, ପିଟି ଉଷା, ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ, ଶ୍ରବଣୀ ନନ୍ଦ ଆଦି ଅନେକ ନଜର ପାରଦର୍ଶିତା ପ୍ରତିପାଦନ କରିଆସିଛନ୍ତୁ । ଚେନ୍ନାଇର ମୂଖ୍ୟମନ୍ତ୍ରୀ ଜୟଲଳତା, କୋଲକୋତାର ମମତା ବାନାର୍ଜୀ ରାଜସ୍ଥାନର ବସୁନ୍ଧରା ରାଜେ କେନ୍ଦ୍ରରେ ସୁଷମା ସ୍ୱରାଜ, ସ୍ମୃତି ଇରାନୀ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁମିତ୍ରା ମହାଜନ ନାରୀ ଜାତିକୁ ଗୌରବାନ୍ୱିତ କରି ପାରିଛନ୍ତୁ । ପ୍ରତିଭା ପାଟିଲ ଭାରତବର୍ଷର ରାଷ୍ଟ୍ରପତି ପଦରେ ଅବତୀର୍ଣ୍ଣ ହୋଇ ପାରିଥିଲେ । ସୋନିଆ ଗାନ୍ଧୀ ବିରୋଧି ଦଳର ନେତ୍ରୀ ପଦରେ ରହି ଆସିଛନ୍ତି । ଇନ୍ଦିରା ଗାନ୍ଧୀ ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବରେ ଭାରତକୁ ଶାସନ କରି ପାରିଥିଲେ । ଓଡିଶାର ପ୍ରଥମ ମୂଖ୍ୟମନ୍ତ୍ରୀ ଭାବରେ ସ୍ୱର୍ଗତ ନନ୍ଦିନୀ ଶତପଥୀ ତାଙ୍କର କାର୍ଯ୍ୟଭାର ତୁଲେଇ ପାରିଥିଲେ । ଏତେ ସତ୍ୱେ ବି ସମାଜରେ ଅନ୍ଧବିଶ୍ୱାସ, କୁସଂସ୍କାର ଭରି ରହିଛି । ନାରୀକୁ ଭୋଗ୍ୟବସ୍ତୁ ବୋଲି ବିବେଚନା କରାଯାଇଛି । କବି ମଧୁସୂଦନ ରାଓ ଲେଖିଛନ୍ତି ଊନବିଂଶ ଶତାବ୍ଦୀରେ ଭାରତୀୟ ନାରୀମାନଙ୍କର ଦୁର୍ଦ୍ଦଶା ଦେଖି କିଏ ବିଶ୍ୱାସ କରିବ ଯେ ଏହି ହତଭାଗ୍ୟ ଦେଶ ଏକ ସମର ବିଳାସିନୀ, ମନସ୍ୱିନୀ ବୀର ବାଳା ମାନଙ୍କର ବିଳାସ କ୍ଷେତ୍ର ଥିଲା ।

ନାରୀ ଯୁଗେ ଯୁଗେ ସ୍ୱର୍ଗାଦପୀ ଗରୀୟସୀ ଜନନୀ, ଭଗିନୀ ଜାୟା । ନୀତି ଅନୀତି ନର୍ଦ୍ଧାରଣର ମାନଦଣ୍ଡ । ଅତ୍ୟାଧୁନକ ଯୁଗରେ ନାରୀ ମାନଙ୍କର ପ୍ରଭାବ ଓ ପ୍ରତିଷ୍ଠା କଛି କମ ନୁହେଁ । ପୁରୁଷ ପ୍ରଧାନ ସମାଜରେ ନାରୀ ଆଉ ଆଗଭଳ ଅବଳା ଦୁର୍ବଳା ହୋଇ ରହିନାହିଁ । ନାରୀ ଉନ୍ନତି ବିନା ଦେଶର ଉନ୍ନତି ଓ ପ୍ରଗତି ଅସମ୍ଭବ । ଉଇଲିୟମ ବେଂଟିକ ରାଜା ରାମ ମୋହନ ରାୟ ନାରୀ ଜାଗରଣ ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ ସେ ସତୀଦାହ ପ୍ରଥା, ବାଲ୍ୟ ବିବାହ, ବହୁ ବିବାହ, ପରଦା ପ୍ରଥାର ଘୋର ବିରୋଧ କରିଥିଲେ । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ନାରୀ ଓ ପୁରୁଷ ଙ୍କ ସମାନ ଅଧିକାର

ISSN NO.
2582-208X

ସମାନ ଶିକ୍ଷା ପ୍ରଚଳନ କରିଥିଲେ । ବିଦ୍ୟାସାଗର ବିଧବା ପୁନଃ ବିବାହ ପ୍ରଚଳନ କରିଥିଲେ । ସ୍ୱାମୀ ବିବେକାନନ୍ଦ ନାରୀ ଶିକ୍ଷାର ଉନ୍ନତି କରିଥିଲେ ।

ତେଣୁ ନାରୀର ଭୂମିକା ସମାଜରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଧର୍ମ, ଅଧର୍ମ ବିଗ୍ରହଶୀଳତାରେ ସେ ପୁରୁଷଠୁ ବହୁ ଆଗରେ । ନାରୀ ଘରକୁ ନିମିଷକେ ଧ୍ୱଂସ କରି ଦେଇପାରେ, ଘରକୁ ପାଲଟେଇ ଦିଏ ମନ୍ଦିରରେ । ନାରୀ ପାଖରେ ଅମାପ ଶକ୍ତି । ତା ଶକ୍ତିକୁ କଳନା କରାଯାଇ ନ ପାରେ । ଅନ୍ଧବିଶ୍ୱାସର ଅର୍ଗଳି ଟପି ନାରୀ ଆଜି ଦେଖିଛି ମୁକ୍ତିର ଆଲୋକ । ଲେଖିପାରିଛି ମୁକ୍ତିର କବିତା ସେ ଶିକ୍ଷିତା । ସେ ସ୍ୱାବଲମ୍ବୀ କେବଳ ହୋଇନାହିଁ ବରଂ ନିଜ ପ୍ରତିଭା ବଳରେ ପୁରୁଷକୁ ଅତିକ୍ରମୀ ଯିବାର ନଜିର ସୃଷ୍ଟି କରିସାରିଛି ନିଜକୁ ସଶକ୍ତ କରିପାରିଛି । ତଥାପି ସମାଜ ଆଜି ରୁଗ୍ଣ ମାନସିକତାର ବଶବର୍ତୀ ହୋଇ ତା ଠାରୁ ସ୍ୱାଧୀନତା ଛଡେଇ ନେଉଛି । ତାକୁ ଏକଲା ଦେଖି ବଳାତ୍କାର କରି ଏକ ଜଘନ୍ୟ କାଣ୍ଡ ଘଟା ଉଛି । ଯୌନ ଉଦ୍ଦୀପକ ବିଜ୍ଞାପନରେ ତାକୁ ସଜାଇ ବ୍ୟବସାୟୀକରଣ କରୁଛି । ନାରୀ ମଧ୍ୟ ଯେତେ ସବୁ ଉଗ୍ର ଆଧୁନିକତାକୁ ଆପଣେଇ ତିଆରି କରିଚାଲିଛି ନିଜପାଇଁ ନିର୍ଯ୍ୟାତନାର କଠୋରୀ, ପରାଧୀନତାର ଶୃଙ୍ଖଳ । ବିବାହ ପୂର୍ବରୁ ନାରୀଟିର ପୁରୁଷ ସହ ଅବାଧ ମିଳାମିଶା ଜୀବନକୁ ଟାଣି ନେଉଛି ନର୍କ କୁଣ୍ଡ ଆଡକୁ । ଏ କଥା କଣ ତା ଠାରୁ ଅଧିକ କିଏ ଜାଣେ ? ତଥାପି ସେ ନିଜକୁ ଆହୁତି ଦେଉଛି, ନିଜକୁ ଅର୍ପି ଦେଉଛି ପୁରୁଷର କାମନା ନିଆଁରେ । ସାମାନ୍ୟ ପ୍ରଶଂସା ମୋହରେ ଭୁଲିଯାଉଛି ପୁରୁଷର ପାଶବିକତା । ବାଧା ହେଲେ ସ୍ୱାଧୀନତା କ୍ଷୁର୍ଣ୍ଣ ହେଉଛି ବୋଲି ଯୁକ୍ତି କରୁଛି। ନାରୀ ସପକ୍ଷରେ ଆଇନ ପରେ ଆଇନ ତିଆରି ହେଉଛି । ଏ ପଟେ ସ୍ୱାଧୀନତା ନାଁ ରେ ସମାଜରେ ବଢି ଚାଲିଛି ନାରୀ ଧର୍ଷଣ, ନାରୀ ନିର୍ଯ୍ୟାତନା, ନାରୀ ହତ୍ୟାକାଣ୍ଡ । ଏସବୁ ଯିଏ କରୁଛି ବା ଯାହାର ହାତ ଯାଉଛି ସେ ମନେ ରଖିବା ଉଚିତ ଯେ, ସିଏ ଆକାଶରୁ ଖସିନାହିଁ ବରଂ ଗୋଟିଏ ରକ୍ତ ମାଂସର ନାରୀ ହିଁ ତାକୁ ଜନ୍ମ ଦେଇଛି । ବଡ ହୋଇଛି ଗୋଟେ ମାଆର ସ୍ନେହରେ, ତାର ସଂସ୍କାରରେ ।

ISSN NO.
2582-208X

ମଣିଷ ଶିକ୍ଷା ଲାଭ କରେ କିନ୍ତୁ ସଂସ୍କାରୀ ହୋଇପାରେନା । ଯିଏ ଯେତେ ସଂସ୍କାରୀ ତା ଦୁନିଆ ସେତିକି ସୁନ୍ଦର । ସେ ସେତିକି ମାର୍ଜିତ । ତା ଚେତନା ସମାଜକୁ ଦିବ୍ୟ ସଂଦେଶ ଦିଏ । ଆତ୍ମଶକ୍ତି ବଢାଏ । ସମାଜକୁ ସୁପଥରେ ପରିଚାଳିତ କରାଏ । କିନ୍ତୁ ତାହା ହୋଇ ପାରୁନି । ନାରୀ ସ୍ୱାଧୀନତା ପାଇଁ ଯେ କେବଳ ପୁରୁଷ ସମାଜ ପ୍ରତିବନ୍ଧକ ତାହା ସଂପୂର୍ଣ୍ଣ ଭୁଲ । ନାରୀ ହିଁ ନାରୀର ପ୍ରଧାନ ଶତ୍ରୁ । ଯୁଗ ବଦଳିବା ସହିତ ଶିକ୍ଷିତା ନାରୀର ଆଶା ଆକାଂକ୍ଷା ରୁଚି ଅଭିରୁଚି ରେ ଯେଉଁ ପରିବର୍ତନ ପରିଲକ୍ଷିତ ହେଉଛି ତାହା ସହଜରେ ପୂର୍ବପିଢି ଦ୍ୱାରା ଗ୍ରହଣୀୟ ହୋଇପାରୁନି ତେଣୁ ଅନେକ ନିର୍ଯାତନାର ତାତିରେ ଛଟପଟ ନାରୀଟିଏ ବେଳେବେଳେ ନ୍ୟାୟ ମାଗେ ନଚେତ ଆତ୍ମହତ୍ୟାର ବାଟ ବାଛିନିଏ ।

ପ୍ରତିଦିନ ଖବରକାଗଜ ପୃଷ୍ଠା ଓଲଟାଇଲେ ଧରା ପଡିଯାଏ ସଂପର୍କ ନାଆରେ କିଛି ଘୃଣ୍ୟ ରୁପ, ନାରୀକୁ ନେଇ କାଷ୍ଟିଂ କାଉଚ, ନଗ୍ନତା, ଦେହ ବ୍ୟବସାୟ, ଟିଉସନ ର ଆଳ ଦେଖାଇ ତା ସହ ଯୌନ ସଂପର୍କ, ଭଲ ପାଇବାର ଲୋଭ ଦେଖାଇ ତାକୁ ଗର୍ଭବତୀ କରାଇବାର ପ୍ରବଂଚନା । ଲିଭିଂ ଟୁଗେଦରକୁ ଆପଣାର କରୁଥିବା ନାରୀ ପୁରୁଷର ଯୌନ ଶୋଷଣର ଶିକାର ହୁଏ ତା ବିରୁଦ୍ଧରେ ଅଭିଯୋଗ ଆଣେ । ନିଜ ଜୀବନକୁ ମାଟିରେ ମିଶାଇବା ଛଡା କଣ ବା ଲାଭ ପାଏ । ଆଜିକାଲି ମୋବାଇଲ ମିସଡ କଲରୁ ଆରମ୍ଭ ହେଉଛି ସଂପର୍କ । ସେ ସଂପର୍କ କେବଳ ଦେହର ଖେଳରେ ସଂକୀର୍ଣ୍ଣ ହୋଇ ଯାଉଛି ଯଦି ବା ବିବାହ ହେଉଛି ମା ହେବା ହେଉଛି ତାର ଶେଷ ପରିଣତି । କଦବା କେଉଁଠି କିଛି ମାତ୍ରାରେ ବିବାହ ସଫଳ ରୂପ ନେଉଛି । ତେଣୁ ସ୍ୱାଧୀନତା ନା ରେ ସ୍ୱେଚ୍ଛାଚାରିତା ସଶକ୍ତିକରଣ ନାରେ ବ୍ୟଭିଚାରକୁ ଆପଣେଇବା ପୂର୍ବରୁ ନାରୀକୁ ସାବଧାନ ରହିବା ଉଚିତ। ମିଛ ପ୍ରତାରଣାରେ ଭୁଲି ନ ଯାଇ ଜ୍ଞାନର, ବୁଦ୍ଧିର, ବିବେକର, ପବିତ୍ରତାର, ନିଜ ପରିଧାନର ଶିଷ୍ଟତା ବଜାୟ ରଖିବା ଉଚିତ । ନିଜ ସ୍ୱାଧାନତାକୁ ନିଜେ ଉପଭୋଗ କରିବା ପାଇଁ ତାକୁ ପ୍ରଥମେ ମାର୍ଜିତ ସଂଯତ ହେବାକୁ ହେବ । ସେ ଗୋଟାଏ ସୁସ୍ଥ ଭବିଷ୍ୟତର ସୃଷ୍ଟି, ସ୍ଥିତି ସଂହାରକାରିଣୀ ଶକ୍ତି ଏହା ଅନୁଭବ କରିବାକୁ ହେବ । ଦୃଢନିଷ୍ଠ ହୋଇ ତାକୁ ଲକ୍ଷ୍ୟ ପଥରେ ଆଗେଇବାକୁ ହେବ । ତେବେ ଯାଇ ସେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ପରିବାର ଗଠନ, ସମାଜ ଗଠନ ଓ ଦେଶ ପ୍ରଗତି ଓ ଉନ୍ନତିରେ ନିଜକୁ ନିୟୋଜିତ କରିପାରିବ ।

ISSN NO.
2582-208X

କନ୍ୟାଭ୍ରୂଣ ନଷ୍ଟ, ଯୌତୁକ ନିର୍ଯ୍ୟାତନା, ପୁଅକୁ ପ୍ରାଧାନ୍ୟ ଦେଇ ଝିଅକୁ ସୁଷମ ଖାଦ୍ୟ, ଉଚ୍ଚ ଶିକ୍ଷା, ବସନଭୂଷଣରୁ ବଂଚିତ କରିବା, ନାରୀ ପୁରୁଷକୁ ସମାନ ନଜରରେ ଦେଖିବା ଦ୍ୱାରା ଜଗତ ଉନ୍ନତି ପଥରେ ଆଗେଇ ପାରିବ କାରଣ ପୁରୁଷ ଓ ନାରୀ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ଉଭୟେ ଅଙ୍ଗାଙ୍ଗୀ ଭାବେ ଜଡିତ । ଜଣକ ବିନା ଅନ୍ୟଜଣକର ତୂଳନା କରା ଯାଇ ନ ପାରେ । ନାରୀ ପୁରୁଷ ଗୋଟିଏ ବୃନ୍ତର ଦୁଇଟି ପୁଷ୍ପ । ବାସ୍ତବରେ ନାରୀ ମାନଙ୍କୁ ସବୁ କ୍ଷେତ୍ରରେ ସଚେତନ କରାଯାଇ ସେମାନଙ୍କର ଅନ୍ତର୍ନିହିତ ଶକ୍ତି, ସାମର୍ଥ୍ୟର ସଦୁପଯୋଗ କରା ଯାଇପାରିଲେ ପରିବାରଠୁ ଆରମ୍ଭ କରି ଦେଶ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ସୁଖଶାନ୍ତି ଆନନ୍ଦ ରାଜୁତି କରିବ । ସେହି ଉପେକ୍ଷେ ପ୍ରତିବର୍ଷ ନାରୀର ସର୍ବାଙ୍ଗୀନ ଉନ୍ନତି ପ୍ରତି ଧ୍ୟନ ଦେବାପାଇଁ ମାର୍ଚ୍ଚ ୮ ତାରିଖରେ ପାଳିତ ହେଉଛି ଆନ୍ତର୍ଜାତିକ ମହିଳା ଦିବସ । ଆସନ୍ତୁ ଏହି ଦିବସରେ ସେମାନଙ୍କ ଗୁରୁତ୍ୱକୁ ବୁଝିବା ସମ୍ମାନ ଦେବା ଓ ଦେଶର ପ୍ରଗତିରେ ପୁରୁଷଙ୍କ ପରି ତାଙ୍କୁ ମଧ୍ୟ ସାମିଲ କରିବା ।

ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

ଜୁନ – ୨୦୨୨
www.vedantimagazine.com
ISSN NO.
2582-208X

# ସିଗାରେଟ୍ ଧୂଆଁର କୁଣ୍ଡଳୀ



ଭାସ୍କର ଚନ୍ଦ୍ର ଖଣ୍ଡା

ଯଦି ଭୁଲିଯାଏ ମଣିଷ ତାତ୍ପର୍ଯ୍ୟ ଟା
କରିଯାଏ ପାଳନ ପର୍ବପର୍ବାଣୀ ସବୁ
କେବଳ ପାଳିବା ପାଇଁ
ଥାଏ କଣ ତାହେଲେ ତହିଁରେ ରଂଗ ?
ଆନ୍ତରିକତା ଆଉ ସୌହାର୍ଦ୍ଦ୍ୟପୂର୍ଣ୍ଣ
ବାତାବରଣର ଭାବ ପ୍ରବଣତା ।୧।

ଚାଲିଛି ଏମିତି
ଆଜିର ଆଧୁନିକତାର ସାମ୍ରାଜ୍ୟ
କରି ଚାଲିଛି ସେ ତା'ର କାୟା ବିସ୍ତାର
ହୁଏତ ଭୁଲିଯିବେ
ଆମର ପରବର୍ତ୍ତୀ ବଂଶଧର
ସେଇ ଚିର ଐତିହ୍ୟ ସଂସ୍କୃତିକୁ ।୨।

ବିରାଡ଼ି ବନ୍ଧା ଶ୍ରାଦ୍ଧ ଭଳି
ଥାଉନା ଯାହା କିଛି ଉଦ୍ଦେଶ୍ୟ

ISSN NO.
2582-208X

ବାନ୍ଧିବା କଥା
ଆମର ଗୋଟେ ବିଗ୍‌ଡିକୁ ।୩।

ହାୟ ହେଲ୍ଲୋର ଦୁନିଆ
ଆନ୍ତରିକତାର ଘୋର ଅଭାବ
ବୋଧ ହେଲାଣି ଅଣନିଃଶ୍ୱାସୀ
କେତେ ଏମିତି କରୁଥିବ ବା ଦେଖୁଥିବ ।୪।

ସେ ଦିନର ଟିଭି 'ସୋ' ରେ
ଥିଲେ ନିମନ୍ତ୍ରିତ ଅତିଥି 'ସନ୍ତୋଷ ଆନନ୍ଦ'
ଇକ୍ ପ୍ୟାର କା ନଗମା ହୈ
ଗାନାର ରଚୟିତା
ଥର ଥର ହାତ
କରିଛି ବାର୍ଦ୍ଧକ୍ୟ ଗ୍ରାସ
ନାହିଁ ପାଖରେ ପଇସା
ନଜର ଚକସ୍ମା ପାଇଁ
କରୁଛନ୍ତି ସଭିଏଁ ଉପଭୋଗ
ତାଙ୍କ ସୁନ୍ଦର ସୃଷ୍ଟିର
ସେଇ ଅମର ଗୀତକୁ ।୫।

ଉଠେ ପ୍ରଶ୍ନବାଚୀ
ରଖିଛନ୍ତି ମନେ କେତେଜଣ ତାଙ୍କୁ ?

ISSN NO.
2582-208X

ସିଗାରେଟ୍ ଧୂଆଁକୁ କୁଣ୍ଡଳୀ କରିବା ଭଳ
ଗୁଲିଛି ଏମିତି ହାୟ ହେଲେର ଦୁନଆ
ଯାଉଛି ଅପସରି ସେଇ କୁଣ୍ଡଳୀ
ମିଶି ଯାଇ ବାୟୁମଣ୍ଡଳରେ
ହଗ୍‌ଇବାକୁ ହଜର ସତ୍ତା
ସିଏବି ଆଉ କଣ କରନ୍ତା ?
କହିବେ ସଭିଏଁ
ଏମିତି ସିଗାରେଟ୍ ଧୂଆଁରେ କୁଣ୍ଡଳୀ ହୁଏ ।୬।

ଫ୍ଲାଟ୍ ନଂ ବି /୩୦୧
ଗୌରୀଶଙ୍କର ରେସିଡେନ୍ସ, କେଶୁରା
ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ପ୍ରତିଧ୍ୱନି



ତ୍ରିପତି ପ୍ରଧାନ

ପ୍ରତିଧ୍ୱନି ହେଉ
ପ୍ରତି ହୃଦ କନ୍ଦରେ
ସତ୍ ପଥେ ଗମିବି
ସତ୍ୟ ବଦିବି
ସତ୍ କର୍ମେ ରଚିବି
ନୂଆ ଏକ ଇତିହାସ
ହିଂସା, ଦ୍ୱେଷ, ଲୋଭ, ମୋହ
କରିବିମୁ ମୂଳ ଉତ୍ପାଟନ
ବିଶ୍ୱ ଭାତୃତ୍ୱ ଜାଗି ଉଠୁ
ମନ ଇନ୍ଦ୍ରିୟର ପ୍ରତି କଣିକାରେ
ନିର୍ଲିପ୍ତ ହେଉ
ମୁଁ କାର ଗାରିମା
ଯା ବିଦ୍ୟା ସା ବିମୁକ୍ତୟେ
ଧ୍ୟାୟ ହେଉ
ମୁକ୍ତିପଥ ଅନ୍ୱେଷଣ
ହସି ଉଠୁ ପ୍ରକୃତି ରାଣୀ
ସନ୍ତତିଙ୍କ
ନିର୍ବିଘ୍ନ ଜୀବନ
ଝରି ଯାଉ ହସ
ଫୁଲ, ଫଳ, ବଉଳର ବାସେ

ସଂସ୍କୃତ ଶିକ୍ଷକ, ଚିକିଟି

ISSN NO.
2582-208X

# ବଜାଜ ଚେତକ୍



ଗଜାନନ ମିଶ୍ର

ଯା ଉପରେ ବସି
କାହିଁ କୋଉଠିକୁ ନ ଯାଇଛି !
ବାଟ ଦୁଆର କୋଣରେ
ଏବେ ପଡିଛି ।
ତପୋବନର ପିଲାଏ
ଯା ଉପରେ ବସି
ଘୋଡାରେ ଉଡିଲାଭଳି
ଖୁସି ମନାଇବାରେ ବ୍ୟସ୍ତ ।

ଏମିତିରେ
କେତେଥର ନ ପଡିଛି
ଯା ଉପରେ ବସି,
ହାତଗୋଡ ନ ଭାଙ୍ଗଛି !
ଯଦିଓ ଚା ପାନ ବିଡି
ମଦ ଗଂଜେଇ
ଜୁଆ ଚୋରିଦାରୀ
ମୋର ନାଇଁ,
କାହାର ଭାବନା ଉପରେ
ନାଇଁ ବି କିଛି କରି ପାରିବାର ଶକ୍ତି !


www.vedantimagazine.com

ISSN NO.
2582-208X

ଏମିତିରେ
ସାଇଭାଇ କଥାରେ
ଦଶାଘାଟକୁ ନ ଆସିଥିବା ଭାଇ
କହି ଚାଲିଛି କେତେ କଣ
ଗାଁ ଗାଁ ବୁଲି, ଟହଲିଆ ମିଛୁଆ !
ଏମିତିରେ ଆସି ନି ବାଘଫାଗ
ମସ୍ତି କରିଛି ସବୁଦିନ ରାଧୁଆ।

କାହାକୁ କଣ ଅଜଣା?
ଚୁପି ଚୁପି ଖେଳ
ଧରା ପଡିଯିବାର ଭୟରେ
ଭାଗିଛି ମାଇକିନା।
ଚଲତିଫିରତି ସାକ୍ଷୀ
ସବୁ ବଜାଜ ଚେତକ୍,
ରହୁ ରହୁ ପଳେଇଛି ସବୁ ସବୁ
ଅଛି କଣ ଅଧିକା କିଏ କହିବ!

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ହୃଦୟର ଜୟ ହିଁ ପ୍ରକୃତ ଜୟ



ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ

ଭଗବାନ ଗୌତମ ବୁଦ୍ଧଙ୍କ ପ୍ରଚାରିତ ବୌଦ୍ଧ ଧର୍ମ ଏକଦା ସମଗ୍ର ଭାରତ ଭୂ-ଖଣ୍ଡରେ ବ୍ୟାପ୍ତ ହୋଇ ଥିଲା । କ୍ରମେ ଏହା ସମଗ୍ର ଏସିଆ ଓ ଇଉରୋପ ମହାଦେଶରେ ବହୁ ଦେଶରେ ପ୍ରସାର ଲାଭ କରି ଜନ ସମୁଦାୟକୁ ସଭ୍ୟତାର ଏକ ନୂତନ ମନ୍ତ୍ରରେ ଅଭିମନ୍ତ୍ରିତ କରିଥିଲା । ବୋଧିତ୍ୱ ଲାଭ ପରେ ସେ ଦିନ ଗୌତମ ବୁଦ୍ଧ ଶିଷ୍ୟହୀନ ଭାବରେ ଉରୁବିଲ୍ୱ ପଥରେ ଭ୍ରମଣ କରୁଥିଲେ । ଦେଖିବାକୁ ପାଇଲେ ସେ ଅପର ଦିଗରୁ ଦୁଇ ଜଣ ବଣିକ ଶକଟ ଭର୍ତ୍ତୀ ପଣ୍ୟଦ୍ରବ୍ୟ ଧରି ଆସୁଛନ୍ତି । ସେ ଦୁଇଜଣ ଥିଲେ କଳିଙ୍ଗର ବଣିକ ତପସୁ ଓ ବହ୍ଲିକ । ଦୀର୍ଘ ଦ୍ୱାଦଶ ବର୍ଷର କୃଚ୍ଛ୍ରସାଧନା ପରେ ବୁଦ୍ଧ କ୍ଳାନ୍ତି ଓ କ୍ଷୁଧାରେ ଅବସନ୍ନ ହୋଇ ପଡ଼ିଥିଲେ । କଳିଙ୍ଗ ବଣିକ ଦ୍ୱୟ ତଥାଗତଙ୍କୁ ଦେଖି ତାଙ୍କ ପାଦ ତଳେ ପଡ଼ିଗଲେ । ଅବସନ୍ନ ବୁଦ୍ଧଙ୍କୁ ସେମାନେ ପାୟସ ଓ କଳିଙ୍ଗରୁ ଆନୀତ ବହୁ ପିଷ୍ଟକ ଖୁଆଇ ଆପ୍ୟାୟିତ କଲେ । ସେମାନଙ୍କର ସାଧୁତାରେ ତୁଷ୍ଟ ହୋଇ ତାଙ୍କୁ ବୁଦ୍ଧ ପ୍ରଥମେ ନିଜ ଧର୍ମରେ ଦୀକ୍ଷିତ କଲେ । କଳିଙ୍ଗର ସେହି ବଣିକଦ୍ୱୟ ବୌଦ୍ଧ ଜଗତରେ ସର୍ବ ପ୍ରଥମ ଶ୍ରାବକ ରୂପେ ବିଦିତ ।

ବୁଦ୍ଧଙ୍କ ମହାନିର୍ବାଣ ପରେ କଳିଙ୍ଗର ଭିକ୍ଷୁ କ୍ଷେମ ବୁଦ୍ଧ ଦନ୍ତ ଆଣି କଳିଙ୍ଗରେ ପ୍ରତିଷ୍ଠିତ କରିଥିଲେ । ସେହିଦିନ ଠାରୁ କଳିଙ୍ଗ ପରିଗଣିତ ହୋଇଥିଲା ବୌଦ୍ଧ ଧର୍ମର ଏକ ମହାନ ତୀର୍ଥ ଭୂମି ଭାବରେ । ଉତ୍କଳର ଇଷ୍ଟ ଜଗନ୍ନାଥ ଏବେ ମଧ୍ୟ ବୁଦ୍ଧାବତାର, ବୁଦ୍ଧରୂପୀ ଭାବେ ଗୃହୀତ । ଆହେ ନୀଳ ଶଇଳ ଭଜନରେ ଭକ୍ତକବି ସାଲବେଗ କହିଛନ୍ତି :-

ନୀଳାଚଳେ ବିଜେ କରି ବୌଦ୍ଧ ଅବତାରେଣ ।
ବେନିଭୁଜ ଟେକି ପ୍ରଭୁ ଯାଚୁଅଛ ଶରଣ ।

ISSN NO.
2582-208X

ଆଦିକବି ଶାରଳା ଦାସ ମଧ୍ୟ ତାଙ୍କୁ ବୁଦ୍ଧ ଅବତାର ଭାବେ ଚିତ୍ରିତ କରିଛନ୍ତି ।

ଶାନ୍ତି, ମୈତ୍ରୀ ଓ ପ୍ରଗତିର ଏ ତୀର୍ଥ ଭୂମି ଉପରେ ଦିନେ ଲୋଲୁପ ଦୃଷ୍ଟି ପଡ଼ିଲା ମୌର୍ଯ୍ୟବୀର ସମ୍ରାଟ ଅଶୋକଙ୍କର । ଖ୍ରୀ· ପୂ· 273 ସାଲରେ ଅଶୋକ ସିଂହାସନ ଆରୋହଣ କଲେ । ଅଭିଷେକ ହେବା ଦ୍ୱାଦଶବର୍ଷରେ ଖ୍ରୀ·ପୂ· 261ରେ ସେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଆମର ଏହି କଳିଙ୍ଗ ଉପରେ ଆରମ୍ଭ କଲେ ଲୋମ ହର୍ଷକ ଆକ୍ରମଣ । କଳିଙ୍ଗର କୋଣେକୋଣେ ଆରମ୍ଭ ହେଲା ହତ୍ୟା, ଧର୍ଷଣ, ଲୁଣ୍ଠନ ଓ ଗୃହଦାହର ତାଣ୍ଡବ ।

ମାତ୍ର କଳିଙ୍ଗ ପ୍ରାଣ ଦେଲା ପଛକେ ମାନ ଦେଲା ନାହିଁ । କଳିଙ୍ଗର ଲକ୍ଷ ଲକ୍ଷ ଯୁବକ ଚଣ୍ଡାଶୋକର ବର୍ବର ଆକ୍ରମଣ ବିରୁଦ୍ଧରେ ଠିଆହେଲେ, ଧଉଳି ପାହାଡ଼ ନିକଟ ଦୟା ନଦୀ କୂଳରେ । ଦୟା ନଦୀ ଜଳ ରଙ୍ଗାୟିତ ହେଲା କଳିଙ୍ଗର ବୀର ଯୋଦ୍ଧାଙ୍କ ରକ୍ତରେ । ଏ ଯୁଦ୍ଧରେ କଳିଙ୍ଗର ଏକଲକ୍ଷ ସୈନ୍ୟ ନିହତ ହେଲେ, ବନ୍ଦୀ ହେଲେ ଦେଢ଼ ଲକ୍ଷ, ଆଉ ଯୁଦ୍ଧ ପରବର୍ତ୍ତୀ ସମୟରେ ଅଢ଼େଇଲକ୍ଷ ଲୋକେ ବ୍ୟାଧି, ଅନାହାର, ଦୁର୍ଭିକ୍ଷ ପ୍ରପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପଡ଼ିଲେ । କିନ୍ତୁ କଳିଙ୍ଗର ଦୁର୍ଦ୍ଧର୍ଷ ସେନା ସଂଗଠିତ ହୋଇଥିଲେ କଳିଙ୍ଗର କେଉଁ ରାଜାଙ୍କ ଛତ୍ର ତଳେ ତାହା ବିଷୟରେ ଇତିହାସରୁ କୌଣସି ତଥ୍ୟ ମିଳେନାହିଁ । ଏଥିରୁ ଅନୁମାନ କରାଯାଏ ଯେ ବୋଧହୁଏ ସେ ସମୟରେ କଳିଙ୍ଗରେ ରାଜତନ୍ତ୍ର ନ ଥିଲା । ଶାସନ ବ୍ୟବସ୍ଥା ଥିଲା ଲୋକତନ୍ତ୍ର ।

ଯୁଦ୍ଧ କ୍ଷେତ୍ରରେ ଶେଷରେ ଉଭା ହେଲେ ସେଦିନ କଳିଙ୍ଗର କନ୍ୟା କାରୁବାକୀ । ଏହି ଧୀବର କନ୍ୟା କାରୁବାକୀଙ୍କୁ ଲାଭ କରିବାପାଇଁ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ ବୋଲି କେତେକ କିମ୍ବଦନ୍ତୀ କହେ । ଯୁଦ୍ଧଭୂମିରେ କାରୁବାକୀଙ୍କୁ ଦେଖି ମୌର୍ଯ୍ୟ ସମ୍ରାଟ ପ୍ରଶ୍ନ କରିଥିଲେ, ଏ ତ ଯୁଦ୍ଧକ୍ଷେତ୍ର ସୁନ୍ଦରୀ ଆପଣ ଏଠାରେ କଅଣ ଖୋଜୁଛନ୍ତି ? କାରୁବାକି ଉତ୍ତର ଦେଇଥିଲେ "ମୁଁ ଏଠାରେ ଜୀବନ ଖୋଜୁଛି ଜୀବନ ! ଆଉ ଦେଖିବାକୁ ଚାହୁଁଛି ଏ ଯୁଦ୍ଧ ଜୟକରି କି ସୁଖ ସମ୍ଭୋଗ ଆପଣଙ୍କୁ ପ୍ରାପ୍ତ ହେଲା ?" "ଏ ତ ଯୁଦ୍ଧ କ୍ଷେତ୍ର ସୁନ୍ଦରୀ, ଏଠି ଜୀବନ କିଭଳି ସମ୍ଭବ," ଅଶୋକ ପଚାରିଲେ । କାରୁବାକୀ କହିଲେ, "ହେ ସମ୍ରାଟ! ଏ ସଂସାରକୁ ଶ୍ମଶାନ କଲା କିଏ ? କେଉଁ ଜୟରେ ତୁମେ ବିଜୟୀ ବୋଲି ଗର୍ବ କରୁଛ ? ଏହି ଶତ ସହସ୍ର ଶବ ଉପରେ ବିଜୟ ପ୍ରାପ୍ତିର ଉତ୍ସବ ମନାଇବ ସମ୍ରାଟ ?"

ISSN NO.
2582-208X

କଳିଙ୍ଗ କନ୍ୟାକୁ ପାଇବାକୁ ଏତେ ଶବ ତୁମର ଆବଶ୍ୟକ ଥିଲା ? ଏଥିରୁ ତମେ ତୁମର ଉପଭୋଗର ସାମଗ୍ରୀ ବାଛିନିଅ ସମ୍ରାଟ ।"

ସମ୍ରାଟ ଏହି ପ୍ରଶ୍ନରେ ଲଜ୍ଜିତ ହୋଇ ଯୁଦ୍ଧ ବିଜୟୀ ହୋଇ ସୁଦ୍ଧା ନିଜକୁ ବଡ଼ ଅସହାୟ ତଥା ପରାଜିତ ମନେ କଲେ । ସେଦିନ ଚଣ୍ଡାଶୋକ ବୁଝିପାରିଲେ 'ହିଂସା ପ୍ରଣୋଦିତ ତରବାରୀର ଜୟ, ଜୟ ନୁହେଁ, ମନୁଷ୍ୟର ହୃଦୟର ଜୟ, ଧର୍ମର ଜୟ ହିଁ ପ୍ରକୃତ ଜୟ । ଯୁଦ୍ଧର ଅର୍ଥ ଧ୍ୱଂସ, ଏହା କେବେ ମଣିଷକୁ ଆନନ୍ଦ ବା ଶାନ୍ତିର ବାର୍ତ୍ତା ଦେଇ ପାରେନା' । ଏହା ଅନୁଭବ କରି ଦିଗବିଜୟୀ ସମ୍ରାଟ ସେଦିନ କଳିଙ୍ଗ କନ୍ୟା କାରୁବାକୀଙ୍କ ପାଦ ତଳେ ତାଙ୍କର ଖଣ୍ଡାକୁ ଦୁଇଖଣ୍ଡ କରି ଥୋଇଦେଲେ । ଚଣ୍ଡାଶୋକ ସେହି ଦିନ ପରିଣତ ହେଲେ ଧର୍ମାଶୋକରେ । ପରବର୍ତ୍ତୀ କାଳରେ ସେ ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତଙ୍କ ଠାରୁ ବୌଦ୍ଧଧର୍ମ ଗ୍ରହଣ କରି ମହା କାରୁଣିକ ଭଗବାନ ବୁଦ୍ଧଙ୍କ ଶାନ୍ତି ଏବଂ ପ୍ରେମର ସନ୍ଦେଶ ଦୁନିଆରେ ପ୍ରଚାର ପ୍ରସାର ଦିଗରେ ବ୍ରତୀ ହେଲେ ।

ଯୁଦ୍ଧରେ ଜୟ ହୃଦୟରେ ପରାଜୟ ଘେନି ସମ୍ରାଟ ଅଶୋକ ଫେରିଯାଉଥାନ୍ତି ମଗଧକୁ । କଳିଙ୍ଗଯୁଦ୍ଧ ଜୟରେ ଉଲ୍ଲସିତ ମଗଧବାସୀ ସମ୍ରାଟଙ୍କ ସ୍ୱାଗତ ନିମନ୍ତେ ପାଟଳୀପୁତ୍ର ନଗରୀକୁ ସଜ୍ଜିତ କରିଥାନ୍ତି ବହୁ ତୋରଣରେ । ସମଗ୍ର ନଗରୀ ଆନନ୍ଦମୟ । ଆୟୋଜିତ ହୋଇ ଥାଏ ନାନାବିଧ ଉତ୍ସବ । କିନ୍ତୁ ସମ୍ରାଟ କାହାଁନ୍ତି !!! ଏହି ସମୟରେ ଜଣେ ଲଣ୍ଡିତ ମସ୍ତକ ସାଧୁ ଦକ୍ଷିଣ ହସ୍ତରେ ଭିକ୍ଷା ପାତ୍ର ଓ ବାମ ହସ୍ତରେ ଯଷ୍ଟିଟିଏ ଧରି ନଗରର ତୋରଣ ଦେଇ ପ୍ରବେଶ କରନ୍ତେ ତାଙ୍କୁ ଦ୍ୱାରପାଳ ବାଧା ଦେଲା । କିନ୍ତୁ ପରମୁହୂର୍ତ୍ତରେ ଦେଖିଲା ତାଙ୍କସହ ଆସୁଛନ୍ତି ମାଥାବନତ ମଗଧର ପାତ୍ର, ମନ୍ତ୍ରୀ ଓ ସେନାପତି ଗଣ । ସ୍ତମ୍ଭିଭୂତ ହୋଇ ଗଲେ ସେହି ଦ୍ୱାରପାଳ । ମଗଧର ନାଗରିକ ମାନେ ପରସ୍ପର ଆଡ଼େ ଚାହିଁ କ'ଣ ସବୁ କଥା ହେଉଥାନ୍ତି । ଭିକ୍ଷୁ ଜଣକ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ଏସବୁ ଉତ୍ସବ କେଉଁଥି ପାଇଁ । ଦ୍ୱାରପାଳ କହିଲେ, ମଗଧ ସମ୍ରାଟ ଆଜି କଳିଙ୍ଗ ବିଜୟରୁ ଫେରୁଛନ୍ତି, ସେ ଯେ କୌଣସି ମୁହୂର୍ତ୍ତରେ ଆସି ପହଞ୍ଚି ଯିବେ । ବିଜୟରେ ଉଲ୍ଲସିତ ମଗଧ ବାସୀ ଆଜି ଏହି ଉତ୍ସବ ପାଳୁଛନ୍ତି, ପାଟଳୀପୁତ୍ର ସ୍ୱାଗତ ଜଣାଇବ ସମ୍ରାଟଙ୍କୁ ।

ଭିକ୍ଷୁ କହିଲେ, "ତୁମେ ଭୁଲ ଶୁଣିଛ, ମଗଧ ସମ୍ରାଟ ଚଣ୍ଡାଶୋକ କଳିଙ୍ଗରେ ପରାଜିତ, ସେ ଫେରୁଛନ୍ତି ଭିକ୍ଷୁ ବେଶ ହୋଇ, କଳିଙ୍ଗ ହିଁ ଚଣ୍ଡାଶୋକକୁ ଜୟ କରିଛି । ସେ ଜୟ

ISSN NO.
2582-208X

ତରବାରିରେ ନୁହେଁ, ସେ ଜୟ ପ୍ରେମରେ ହୃଦୟରେ । ସମ୍ରାଟ ଆଜି ହୋଇଛି ଭିକ୍ଷୁ, ନିଃଶ୍ୱ।"

ଏହା ଥିଲା ଆମ ଜନ୍ମଭୂମି ଉତ୍କଳର ଇତିହାସକୁ ଶିକ୍ଷା । ଏହା ଯଥାର୍ଥରେ କୁହାଯାଇ ପାରେ, ଆଜି ଭାରତର ଜାତୀୟ ପତାକା ତ୍ରିରଙ୍ଗାରେ ଶୋଭିତ ଅଶୋକଙ୍କ ଧର୍ମଚକ୍ର କଳିଙ୍ଗ, ଉତ୍କଳ ବା ଆଧୁନିକ ଓଡ଼ିଶାର ଭାରତ ଇତିହାସକୁ ଏକ ମହନୀୟ ଦାନ । ଶାନ୍ତି ପ୍ରିୟ ଉତ୍କଳବାସୀ ଯୁଦ୍ଧରେ ବିଶ୍ୱାସ କରନ୍ତି ନାହିଁ । କିନ୍ତୁ କେହି ଆକ୍ରମଣ କଲେ ତାଙ୍କୁ ଉଚିତ ଶିକ୍ଷା ଦେଇ ପାରନ୍ତି । ଏମାନେ ଦୁର୍ବଳ ନୁହଁନ୍ତି ଦୁର୍ଦ୍ଧର୍ଷ ପରାକ୍ରମୀ ପୂର୍ବ ପୁରୁଷଙ୍କ ଦାୟାଦ । ଆଜି ଏଇ ଭାବନାର ପୁନରୁଦ୍ଧାର ହେବାର ଆବଶ୍ୟକତା ଅଛି ।

ପ୍ଲଟ ନ.-୪୬୧୯/୨୧, ପୋଖରୀପୁଟ ବିଲେଜ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ISSN NO.
2582-208X

# ସମୟ
# ଲକ୍ଷ୍ମଣ ରେଖା



ଆଶୁତୋଷ ମେହେର

ବିତିଗଲା ବେଳା ମଣିଷ ଦେହରେ ସମୟର ଗାର ଟାଣେ,
କିଛିଟା ଗହୀର କିଛି ଅଗହୀର  ସ୍ମୃତି ନାମେ ମନ ଜାଣେ।
ଆଗ ପଛ ହୁଏ ଜୀବନ ନଉକା ସମୟର ନଈ ସୁଏ
ଅଥୟ ମନଟା ବୁଝି ତ ପାରେନା ଅଭୁଲା ବେଳାକୁ ଧୁଏ।।

ସମୟକୁ କିଏ ବାନ୍ଧିଛି ବାନ୍ଧିବ ସିଏ ବହି ଗଲା ଧାର
ଭାସିଗଲେ ସାଥେ ଲାଗେ କେତେ ନିଜ ନୋହିଲେ ଶକତ ଭାର।
ହସିହସି ସେଇ ଧାର ସାଥେ ମିଳି ମନ ପବନରେ ଉଡି
ବୟସକୁ ନେବା ନିଜ ଅକ୍ତିଆରେ ପକ୍ଷୀ ପରି ଯିବା ଉଡି।।

ବଳବାନ ହେଉ ସମୟ ସାଥୀରେ ଲଢି ଜିତି ନାହିଁ କେହି
ସଭିଁଙ୍କୁ ସିଏତ ମାଟିରେ ମିଶାଏ ଲେଖେ ଇତିହାସ ବହି।
ସ୍ମୃତି ତାଙ୍କୁଣୀରେ ଘୋଡାଇ ଦିଏ ତ  ଯୁଗଯୁଗ ଯାଏ ଗଡି
କିଛି ସୁଗନ୍ଧିତ  ହୋଇ ଉଡିବୁଲେ କିଛି ମରେ ପଚି ସଢି !!

ଲକ୍ଷ୍ମଣ ର ରେଖା ଟାଣି ଦେଲେ ସିଏ ସେଇଠି ଥମଇ ଗାଡି
ଗୋଟି ଗୋଟି ହୋଇ ଲିଭିବେ ସଂସାରୁ ଆଗ ପଛ ଠିଆ ଧାଡି ।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ  9437085396

ଜୁନ – ୨୦୨୨
www.vedantimagazine.com
ISSN NO.
2582-208X

# ଆକାଶର ରଙ୍ଗ

ଅଜୟ କୁମାର ପଣ୍ଡା

ମନେପଡେ, ହସ ଲାଗେ ଗୁରୁଜୀଙ୍କ ବେତମାଡର ତାଗିଦ୍ କଲ୍ଲୋଳ,
ଘୋଷିବାକୁ ଅଛି କୁକୁଟ ମୁଣ୍ଡେ ଅଛି ଚୂଳ – ମାଟି ଭିତରେ ବୃକ୍ଷମୂଳ !
ବୁଢୀ ମାର ତାଗିଦ୍, ବେଲୁଣୁ ନିଭାଇବାକୁ ରୁଖା ଉପରୁ ଡିବିରିଟି,
ଶୀତଦିନ ମୁତଗନ୍ଧ କନ୍ଥାର ଅଳସୀପଣ ସହେ ନଡିଆ ପତ୍ରର ପଟି ॥

ଦୁଷ୍ଟାମିରେ ହସୁଥିଲେ ବାପା, ଡରୁଥିଲେ ଖଚମିଛ ସାହି ପଡିଶାର,
ଡରିଥିଲା ହୃଦୟ, ଭରଷା ଥିଲେ ଜହ୍ନମାମୁଁ, ବାଘମାମୁଁ ବୋଉର ।
ବାପା, ଗୁରୁ, ଜହ୍ନ ତୁମେ ଭଲ କଲ, ବୋଉଲୋ ତୁ ଭଲ କରିଥୁଲୁ,
ହୃଦୟ ଚିହ୍ନା ସିଲଟ, ଖଡି, ବଗପର ମୋ ବସ୍ତାନିରେ ସଜାଇ ଥିଲୁ ॥

ନିର୍ଘାତ ଜୁଆରରେ ଭାସି ଆସିଛି ନିର୍ବାପିତ ସ୍ମୃତି ଦରମଲା ସ୍ୱପ୍ନ,
ବାଲିପଙ୍କ ଭର୍ତ୍ତି ରାସ୍ତା ସାରା କୁହକୁହ ମୃତ ପୃଥିବୀ, ବନ ଉପବନ ।
ଶଣଭଣ ମୂଷାମାଟି କି ବସ୍ ଷ୍ଟାଣ୍ଡ ଫେରିବାଲାର ସରୁଡାକ ଧ୍ୱନି,
ବାକିଅଛି ବିକିବାକୁ ପାନିଆ, ଟିକିଲି, ରିବନଫିତା, ଅତର ହିନିମାନି ॥

ବୋଉଲୋ ତୁ ପାଗଳୀ ଆଉ କାନ୍ଦନା, ଆଶାରଖି ମିଛମିଛ ଉତ୍ତର,
ନିଷ୍ପ୍ରଭ ହୋଇଛି ଯେତେ ଘାଟ ଡଙ୍ଗା ମାଝିଗୀତ, ଆହୁଲାର ସ୍ୱର ।
ଆକାଶରୁ ଓହ୍ଲାଇଛି ସଞ୍ଜ, କୁହୁଡି ସିଡି ଫଳିରେ ପାଦ ଥାପିଥାପି,
ନାନାଜାତି ରଙ୍ଗ ଓ ପହିଜ ଦିଗନ୍ତ ବଉଦରେ, ବାକି ରହିଛନ୍ତି ତଥାପି ॥

ଉପ ନର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନର୍ଦ୍ଦେଶାଳୟ, କଟକ

ISSN NO.
2582-208X

# ସତର୍କ ବାଣୀ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ବହୁ ମନ୍ତ୍ରୀ ଯନ୍ତ୍ରୀ
ଆଉ ଅଧିକାରୀ
ହେଉଛନ୍ତି ଭ୍ରଷ୍ଟାଚାରୀ
ଦେଶ ଗଠନରେ
ସୁଦକ୍ଷ ବିଜ୍ଞାଣୀ
କେହି ନୁହଁ ତାଙ୍କ ସରି।

ଆକାଶରେ ଉଡି
ଦାମୀ ଗାଡ଼ି ଚଢି
ଶ୍ରାଦ୍ଧ କରୁଛନ୍ତି ଅର୍ଥ
ବଂଶଧର ଆମ
ଦୁଃଖ ହିଁ ପାଇବେ
ଅଯଥା ଖର୍ଚ୍ଚ ହିଁ ବ୍ୟର୍ଥ।

ଯେଉଁ ଅଧିକାରୀ
ଯେଉଁଠି ଅଛନ୍ତି
ଦାୟିତ୍ୱ ତାହାଂକୁ ଦିଅ
ସୁଚାରୁ ରୂପେ ସେ
କାର୍ଯ୍ୟ ତୁଲାଇବେ
ସୃଷ୍ଟି କର କିଛି ଭୟ।

ରାଜକୋଷଟାକୁ
ଶୂନ୍ୟ କର ନାହିଁ
ଋଣୀ ହୁଅ ନାହିଁ କାର
ତୁମ ପୀଢି ପରେ
ପ୍ରଜାଏ ତୁମର
ହୁଅନ୍ତୁନି କା'ର ଦ୍ୱାର।

ଯୋଜନା ନାଆଁରେ
ଲୁଟି ଖାଅ ନାହିଁ
କାମ କର ନାହିଁ ଅଧା
ମାରି ଖାଇବାକୁ
ସୁଯୋଗ ଦିଅନା
ବହିଷ୍କାର କର ସିଧା।

ଦେଶ ପାଇଁ କିଛି
କରିଯାଅ ତୁମେ
ରଖିଯାଅ ତୁମ ନାଆଁ
ଭ୍ରଷ୍ଟାଚାରୀ ହେଲେ
ଯେତେ ଗଉରବ
ହୋଇଯିବ ସିନା ଧୂଆଁ।

ISSN NO.
2582-208X

ଦେଶ ଇତିହାସେ
କଳା ନାଆଁ ତୁମ
ଲେଖା ହୋଇଯିବ ସିନା
ଏବେ ଠାରୁ ତୁମେ
ନିଜକୁ ସୁଧାର
ହୋଇଯା' ଉଜ୍ୱଳ ସୁନା ।

ତୁମ ଯିବା ପରେ
ଯିଏ ବି ଆସିବେ
ଲେଖି ଦେବେ ଇତିହାସ
ତୁମ ପର ପୀଢି
ତୁମ ନାଆଁ ଧରି
କରୁଥିବେ ଉପହାସ ।

ମୋ ନଂ 9937462507

ISSN NO.
2582-208X

# ""ଗଣ ବିବାହ""



ଛବି ରାଣୀ ପତି

"ସରଳ ଓ ଅସହାୟ ମଣିଷଟେ ସବୁବେଳେ, ଉପହାସର ପାତ୍ର ହୋଇଥାଏ" । ଏଥିରେ ଦୁଇମତ ନାହିଁ । ସମସ୍ତେ ଦିନେ ନା ଦିନେ ଦାସତ୍ୱ ସ୍ୱୀକାର କରେ ସମୟର । ସେ ପଚାରିକି କିମ୍ବା ଗ୍ରହ-ନକ୍ଷତ୍ର, ଧନୀ -ଗରିବ, କି ବୟସର ପାହାଚ ଦେଖି ଆସେନି !!! ଆସେ ଅଚାନକ । ଆଉ ସ୍ତବ୍ଧ କରିଦିଏ ସମସ୍ତଙ୍କୁ ।

ସମୟ ଟା ସତରେ ବେଇମାନ !! କହି କାନ୍ଦ କାନ୍ଦ ହୋଇଗଲେ ଆଦିତ୍ୟ ବାବୁ । ପ୍ରକୃତିସ୍ଥ ହେବା ଲାଗି ଦୁଇ, ଚାରିଟା ଦୀର୍ଘ ନିଃଶ୍ୱାସ ଛାଡ଼ି ଦିଅନ୍ତି ଆଖି, ନାକ ବାଟେ କୋହ ଉତୁରି ଆସିବା ପୂର୍ବରୁ । ନିଜର, ଅଜ୍ଞତା ବଶତଃ କରିଥିବା ମସ୍ତବଡ ଭୁଲ ପାଇଁ ସେ ଯେ ଆଜି କେତେ ଅନୁତପ୍ତ କହିବେ କାହାକୁ ? ସେ କେବେ ତ କାହା ପାଇଁ ଗାତଟେ ଖୋଳି ନାହାନ୍ତି ! ତେବେ ସେ ଗାତରେ ପଡିଲେ କାହିଁକି ? ଆଜି ସେ ଅଜବ ପରିସ୍ଥିତିର ଶିକାର ହୋଇ, ଯନ୍ତ୍ରଣାରେ ଛଟପଟ ହୋଇ ଭାବୁଥିଲେ.....

ସେ ଥିଲେ ସେ ଦିନର ସେ "ଗଣ ବିବାହ"ର ଜଣେ ସାଧାରଣ କର୍ମକର୍ତ୍ତା । ସ୍ୱେଚ୍ଛାସେବୀର ମନଭାବ ତାଙ୍କୁ ଟାଣି ନେଇଥିଲା, ସେ ଅସ୍ୱାଭାବିକ ପରିସ୍ଥିତିକୁ । ପଚିଶିରୁ ଅଧିକ ବିଭାଘରର ଆୟୋଜନ ହୋଇଥିଲା ସେଦିନ । ଏତେ ଜନ ସମାରୋହ ଯୋଡି ଯୋଡି ବର-କନ୍ୟା ବିନା ବାଜା-ବାଣ, ରୋଷଣୀରେ ବି ବେଶ ଆଡମ୍ବର ପୂର୍ଣ୍ଣ ଲାଗୁଥିଲା ପରିବେଶ । ହଠାତ, ଶୁଭିଥିଲା ବୁକୁଫଟା ଚିତ୍କାର !!! ଆଦିତ୍ୟ ଧାଇଁଲେ ଘଟଣାସ୍ଥଳୀକୁ। ଦେଖିଲେ, ଗୋଟେ କନ୍ୟା (ମଧୁଚନ୍ଦ୍ରିକା)ର ବାପା-ମାଆ ଭୂଇଁରେ ଲୋଟି ପଡିଲେଣି କାନ୍ଦି କାନ୍ଦି । କାରଣଟା ହେଲା ଉଭୟ ତରଫର ମାତା, ପିତାଙ୍କର ଦୀର୍ଘ ଦିନର ବନ୍ଧୁତ୍ୱ ସତ୍ତ୍ୱେ ତାଙ୍କର ଭାବି ଜୋଇଁ, ବେଦିରୁ ବହା ହେବା ପାଇଁ ମନା କରିଦେଇ ଚମ୍ପଟ ମାରିଛନ୍ତି ।

ISSN NO.
2582-208X

ମଙ୍ଗୁଳା କନ୍ୟାକୁ ଧରି କୋଉ ମୁହଁ ନେଇ ଘରକୁ ଫେରିବେ…? ତା' ଉପରେ ଦାରିଦ୍ର୍ୟର କସାଘାତ !!! ବିଚରା ଆଦିତ୍ୟ ବାବୁ ଗୋଟେ ସଂସାର ଗଢିବା ପୂର୍ବରୁ ଭାଙ୍ଗି ଯିବାର ଦେଖି ପୁଣି ବୃଦ୍ଧ ପିତା-ମାତାଙ୍କର ବିକଳତା ସହି ପାରି ନଥିଲେ । ତାଙ୍କ ସରଳ ମନଟି ତରଳି ଯାଇଥିଲା । ବସି ପଡିଥିଲେ ସେହି ବେଦିରେ । ଆଦିତ୍ୟ ବାବୁଙ୍କ ମୁଣ୍ଡରେ ମୁକୁଟ ଦେଖି; ସେଠାରେ ଉପସ୍ଥିତ ସମସ୍ତେ ଏହି ଉତ୍ସର୍ଗିକୃତ ମହନୀୟତା ମନଭାବର ଭୁରି ଭୁରି ପ୍ରଶଂସା କରିଥିଲେ । ବାହାଘର ଯଥାରୀତିରେ ସମ୍ପର୍ଣ୍ଣ ହୋଇଗଲା । ବାବୁ ମଧୁଚନ୍ଦ୍ରିକାଙ୍କୁ ଧରି ଘରକୁ ଫେରିଲେ । ତା' ପୂର୍ବରୁ ଏ ଅପ୍ରତ୍ୟାଶିତ ବିଭାଘରର ସୁସମ୍ବାଦ ପହଞ୍ଚି ଯାଇଥିଲା ଆଦିତ୍ୟ ବାବୁଙ୍କ ଘରେ । ମାଆ-ଭଉଣୀଙ୍କ ହାତରେ ଗୃହ ପ୍ରବେଶର ବନ୍ଦାପନା ଥାଳି ଦେଖି ଅତ୍ୟନ୍ତ ଖୁସି ହୋଇ ଯାଇଥିଲେ ସେ । ବାଟଯାକ ଉଙ୍କି ମାରୁଥିବା ନାନା ଭୟ ଓ କଳ୍ପନାଜଳ୍ପନାର ଅବସାନ ଘଟିଥଲା କ୍ଷଣକ ମଧ୍ୟରେ । ଆଦରର ସହିତ ମାଧୁଚନ୍ଦ୍ରିକାଙ୍କୁ ସମସ୍ତେ ହସଖୁସିରେ ଗ୍ରହଣ ବି କରି ନେଇଥିଲେ । କରିବେନି ବି କାହିଁକି ? ଶିକ୍ଷିତ, ସୁନ୍ଦର ସହିତ ଶାଶୁ - ଶଶୁରଙ୍କୁ ମାନ୍ୟ ଓ ନଣନ୍ଦକୁ ଅପାର ସ୍ନେହ ଆଉ ସ୍ୱାମୀ ପାଇଁ ଅଗାଧ ଭକ୍ତି !!

ବିବାହର ଦିନ କେଇଟା ଯାଇନି, ହଠାତ ଦିନେ ଆଦିତ୍ୟ ଘରେ ପଶୁ ପଶୁ ଶୁଣିଲେ ବାପା - ମାଆ ବଖାଣୁଛନ୍ତି - "ଏମିତି ଲକ୍ଷ୍ମୀ ପ୍ରତିମାଟେ ଆମେ ଖୋଜି ଥିଲେ ବି ପାଇ ନଥାନ୍ତେ । କୋଟିକରେ ଗୋଟିଏ । କି'ଭାଗ୍ୟ ଆମ ପୁଅର ! ପର ଝିଅ ଦେଖ !! ଘରେ ପଶୁ ପଶୁ ସମସ୍ତଙ୍କୁ ସ୍ନେହ ପଣତରେ ଆବୋରି ନେଲାଣି ।" ନିଜକୁ ବିଶ୍ୱାସ କରି ପାରୁନଥିଲେ ଆଦିତ୍ୟ । ଏ ଭଳି ଝିଅ ଏ'ପରି ଅଭିନୟ ବି କରିପାରେ ! ତାଙ୍କ ଗୋଡ ତଳୁ ଖସି ଖସି ଯାଉଥିଲା ଯେମିତି ବାଟ ଘରର ଚଟାଣଟି । କାହାକୁ କହିବ ? କ'ଣ ବା କହିବ ?? ଏଇ ତ' ଫେରୁଛି ମଧୁଚନ୍ଦ୍ରିକାକୁ ବିବାହ ପ୍ରତ୍ୟାଖ୍ୟାନ କରିଥିବା, ସେହି ଯୁବକକୁ ଭେଟି । ପ୍ରେମ ବିବାହର ବିରୋଧାଚରଣ କରୁଥିବା ବାପା-ମା'ଙ୍କ ତେଜ୍ୟପୁତ୍ର କରି ଦେବାର ଧମକରେ ସୁନା ପିଲାଙ୍କ ପରି ଉପସ୍ଥିତ ହୋଇଥିଲେ ସେହି "ଗଣ ବିବାହ"ରେ । ମାତ୍ର,,, " ପ୍ରେମର ଶକ୍ତି" କୁହନ୍ତୁ କି' କୁହନ୍ତୁ," ବିଧିର ବିଧାନ "ବେଦୀକୁ ଯାଉ ଯାଉ ଆଖି ପଡି ଯାଇଥିଲା ମଧୁଚନ୍ଦ୍ରିକାଙ୍କ ଉପରେ । ଆଉ ସେ ମଧୁଚନ୍ଦ୍ରିକାଙ୍କର ସତ୍ୟତା ପ୍ରମାଣ ସହ ପରିପ୍ରକାଶ କରନ୍ତି ନିଜ ବାପା-ମା'ଙ୍କ ଆଗରେ । ଆଉ ସେଠୁ ତୁରନ୍ତ ପଳାଇ ଯାଆନ୍ତି ଚୁପ୍‌ଚାପ୍ । କି ଜାଣି ଥିଲେ ଆଦିତ୍ୟ ବାବୁ ଆଳୁ ଖୋଳୁ ଖୋଳୁ, ମହାଦେବ ବାହାରିବେ ବୋଲି ? ସେ ତ

ISSN NO.
2582-208X

ଖାଲି ସେଦିନ ଘଟଣାକୁ ଉପସ୍ଥାପିତ କରନ୍ତେ ଯୁବକ ଜଣକ ବଖାଣି ବସନ୍ତି ମଧୁଚନ୍ଦ୍ରିକାର ଚରିତ୍ରକୁ । ବାହାରେ ରୁହନ୍ତି । ଚାକିରିର ବ୍ୟସ୍ତ ବହୁଳ ଜୀବନ । ଥରେ ଘରକୁ ଫେରନ୍ତେ ସୁରା, ନାରୀ ନିଶାଗ୍ରସ୍ତ ସାଙ୍ଗମାନେ, ଟାଣି ନିଅନ୍ତି ସେହି ମଧୁଚନ୍ଦ୍ରିକାର, ମଧୁ ରାତିକୁ । ସହଜେ, ବୟସଟା କରେ ଅଡୁଆ । ଆଉ ନଗଦ ଦେଖିବାକୁ ପାଆନ୍ତି ଖବରକାଗଜରେ "ତାଜା ଖବର" । ନିଜ ସୌକ୍, ଦେହର ଭୋକ ଏ ଘୃଣ୍ୟ କାର୍ଯ୍ୟ କରିବାକୁ ବାଧ୍ୟ କରେ ମଧୁଚନ୍ଦ୍ରିକାଙ୍କୁ । ଏପରିକି ଅର୍ଥର ପ୍ରଲୋଭନ ଦେଖାଇ ଟାଣି ନିଅନ୍ତି କେତେ କେତେ ସରଳ - ନିରୀହ ଝିଅ ମାନଙ୍କୁ ସେହି ଅଫେରା ବାଟର ଅନ୍ଧାରୀ ଗଳିକୁ । ଘର ଲୋକ ଜାଣନ୍ତି ଝିଅ ଆମର ହୋଷ୍ଟେଲରେ ରହି ପାଠ ପଢୁଛି । ଦିନେ ହଠାତ୍ ହୋଟେଲରେ ରେଡ ହ୍ୟାଣ୍ଡେଡ୍‌ରେ ଧରାପଡେ । ଆଉ ଚକ୍‌ମା ଦେଖେଇ ଖସି ଆସନ୍ତି ମଧୁଚନ୍ଦ୍ରିକା । ଯାହାର ପ୍ରମାଣ ମୁଁ ନିଜେ ଆଉ ଏ ଖବରକାଗଜ। ଘରକୋଣର ଓଢଣା ତଳେ ଲୁଚି ରହିବାର ଏକ ପ୍ରୟାସ ମାତ୍ର ।

ସବୁ ଜାଣି ସାରିଲା ପରେ ଆଦିତ୍ୟ ବାବୁଙ୍କ ମୁଣ୍ଡରେ, ହଠାତ ପଡ଼ିଯାଏ ଚଡକ । ସେ ଭାବୁଥା'ନ୍ତି ଅନେକ କିଛି । ମୋ' ଗେଲ୍ଲା ଭଉଣୀଟା ଭାରି ସରଳ, ତା'ହେଲେ କ'ଣ ! ନା, ନା ମୁଁ ଏ କ'ଣ ଭାବୁଛି ? କ'ଣ ସବୁ ହେଇଗଲା ? ଚାହୁଁ ଚାହୁଁ ଚାହୁଁ ମୋ' ଦୁନିଆଁଟା.....! ବହୁତ ଚିନ୍ତା କଲା ପରେ ସେଦିନ କୁହୁଳୁ ଥିବା ମନ ଯନ୍ତ୍ରଣା ଦଗ୍ଧ ଶରୀରକୁ ନେଇ ଛାତ ଉପରେ ରାତିଟା କାଟି ଦିଆନ୍ତି ନିରବରେ । ତା' ପରଦିନ ପୋଲିସ୍‌କୁ ଖବର ଦେଇ ମଧୁଚନ୍ଦ୍ରିକାକୁ ଛାଡ଼ି ଦେଇ ଆସନ୍ତି ମନ୍ଦିର ବାହାନାରେ । ଧୀରେ ଧୀରେ କିଛିଦିନ ଅତିକ୍ରାନ୍ତେ ଘର ଲୋକ ଜାଣିବାକୁ ପାଆନ୍ତି ସତ୍ୟତା । ଆଉ ସମୟ ଓ ଭାଗ୍ୟ ହାତରେ ଛାଡିଦିଅନ୍ତି ଅଦିତ୍ୟଙ୍କର ଭବିଷ୍ୟତକୁ ।

ମଧ୍ୟ ଶାସନ
ବିରିଡ଼ି, ଜଗତସିଂହପୁର

ISSN NO.
2582-208X

# ବସନ୍ତ ଆସିଛି


ପ୍ରକାଶ ଚନ୍ଦ୍ର ପଣ୍ଡା

ବସନ୍ତ ଆସିଛି ମୃଦୁ ମଳୟରେ
କୋଇଲୁ କୁ କଲ୍ ବାଇ,
ତନୁ, ମନ ତାର ବନ୍ଧା ପଡିଚ କ
ସତେକ ବସନ୍ତ ପାଇଁ ।
ମୃଦୁ ମଳୟର ପହିଲି ସ୍ଵର୍ଶରେ
ମତୁଆଲ୍ ମନ ତାର,
ଆମ୍ବ ଡାଳେ ବସି କୁହୁ କୁହୁ ର୍‌ବେ
ପ୍ରେମ ପଣୟରେ କାର ।
ପ୍ରେମର ଜୁଆର ହୃଦୟରେ ତାର
ବିରହୀ କରିଛି ତାକୁ,
ମୃଦୁ ମଳୟରେ ଆମ୍ବ ଗଛ ଡାଳେ
ନୂଆ କଛି ଭ୍‌ବିବାକୁ ।
ସବୁଜ ପତ୍ରର ସବୁଜିମା କୋଳେ
ପ୍ରକୃତି ମାଆ ପଣତେ,
ଗାଏ ଡାଳେ ଡାଳେ ସଂଗୀତ ର ସୁରେ
ନୂଆ ମୂର୍ଚ୍ଛନାର ଗୀତେ ।
କେତେ ଖୁସି ଆଜି ବସନ୍ତ ଆଣିଛି
ସତେ କ କୋଇଲି ମନେ,
ସମୟର ସ୍ରୋତ ବହେ ଅବିରତ
ଏକା ହୋଇଯିବ ଦିନେ ।

ISSN NO.
2582-208X

ନଥିବ ବସନ୍ତ ନଥିବ ମଳୟ
ସୁର ହୁଏ ତା ବେସୁର୍,
ସାଥି ବିନା ଆଜି ବିରହୀର ମନ
ସତେ ଆଜି ଦିଗହର୍ ।
ନିଃସଙ୍ଗତା ଆଜି ଅଟ୍ଟହାସ୍ୟ କରେ
କୋଇଲି ବାହୁନେ ଏକା,
କେବେ ସେ ଫେରିବ ବସନ୍ତଟା ପୁଣି
ହେବକି ନାହିଁ ତା ଦେଖା.........

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଉତ୍କଳ ଦିବସ



ରାଜକିଶୋର ସାଇଁ

ମୋ ରାଇଜ ବାସୀ ଆସ ହେ ଆସ
ପାଳିବା ମିଶି ଉତ୍କଳ ଦିବସ
ଜନମ ଭୂଇଁର ଗାଇବା ଗାଥା
ପାଦ ତଳେ ତାର ନୁଆଁଇ ମଥା ।୧ ।
ଏପ୍ରିଲ ମାସର ପହିଲା ଦିନ
ଆମ ରାଜ୍ୟ ହୋଇଥିଲା ଗଠନ
କେତେ ହସଖୁସି ସାଥିରେ ଆଣି
ଏହି ଶୁଭ ଦିନ ଆସିଛି ପୁଣି ।୨ ।
ବଙ୍ଗଳା ବିହାର ଠାରୁ ଓଡିଶା
ଅଲଗା ହୋଇଲା ଲଭି ସୁଦଶା
ପ୍ରଥମ ପ୍ରଦେଶ ଭାବେ ଦେଶରେ
ଗଢା ହୋଇଥିଲା ଭାଷା ଭିତ୍ତିରେ ।୩ ।
ମଧୁ ଗୋପ ଆଦି ମହାତ୍ମାମାନେ
ବହୁ କଷ୍ଟ ପାଇଥିଲେ ଜୀବନେ
ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ
ଅଗ୍ରଣୀ ଭୂମିକା ଥିଲେ ନିଭାଇ ।୪ ।

ISSN NO.
2582-208X

ତାଙ୍କ ମାତୃଭୂମି ପ୍ରେମକୁ ଲୋକେ
ଝୁରୁଛନ୍ତି ଆମର ଏ ମୁଲକେ
ମାନବ ସେବାକୁ ଆପଣେଇବା
ତାଙ୍କ ସପନକୁ ଆଗେଇନେବା ।୫।
ତାଙ୍କ ଉପନ୍ୟାସ କବିତା କାବ୍ୟ
ଆମ ଭାଷା ସାହିତ୍ୟର ବିଭବ
ଆମ ପରିଚୟ ଆମର ଭାଷା
ସଭିଏଁ ତେଜିବା ମନରୁ ଈର୍ଷା ।୬।
ସୁସ୍ଥ ସମାଜର ଗଠନ ପାଇଁ
ସହଯୋଗ ହାତ ଦେବା ବଢାଇ
ତାଙ୍କ ପରି ମାଟି ମାଆର ସେବା
କରି ଆମେ ସବୁ ମନ ଜିଣିବା ।୭।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ସୌନ୍ଦର୍ଯ୍ୟ ମଣ୍ଡିତ
# ମୋ ଗାଁ



ସୁଲୋଚନା ବେହେରା

ମନୋରମ ଦୃଶ୍ୟ ମୋ ଗାଁ ପରିବେଶ
ଚିତ୍ତକୁ ହରଣ କରେ,
ଚଉଷଠିଯୋଗ୍ନୀ ମନ୍ଦିର ପୂର୍ବରେ
କୁଆଖାଇ ପଶ୍ଚିମରେ।
ଅମ୍ବର ଚୁମୁଛି ଝାଉଁ ବଣ ଏଠି
ତଟିନୀ ପଠା ଦେଶରେ,
ତରଣୀ ମେଲାଇ ଧୀବର ଧରଇ
ବିମୁଗ୍ଧ ନେତ୍ର ପଟଳେ।
ଚ୍ୟୁତ, ନିମ୍ବ, ଓସ୍ତ ଧାଡ଼ି ଶୃଙ୍ଖଳିତ
କୃଷ୍ଣଚୂଡ଼ା କନିଅର,
ଚମ୍ପକ, ମାଳତି, କାଞ୍ଚନ, ସେବତୀ
ଶୋଭନ୍ତି ନଦୀ ବନ୍ଧର।
ବତ୍ସା ସଙ୍ଗେ ଧେନୁ ଛିଣ୍ଡାଇ ଶୃଙ୍ଖଳ
ସବୁଜିମା ଘାସ କ୍ଷେତେ,
ସଙ୍ଗବଦ୍ଧ ଭାବେ ଚରନ୍ତି ଆନନ୍ଦେ
କ୍ରୀଡାରତ ନାନା ମତେ।
ଫୁଲ ଫଳଭରା ଶସ୍ୟଶ୍ୟାମଳା
ସୁନ୍ଦର ବିଲ ବନାନୀ,

ISSN NO.
2582-208X

ବିହଙ୍ଗ କାକଳି ପ୍ରାତଃ ସାୟଂ ମେଳି
ଗୁଞ୍ଜରିତ ହୁଏ ଧ୍ୱନି।
ନୀଳ ପୁଷ୍କରିଣୀ ଉଚ୍ଛୁଳି ଉଠଇ
କମଳ କୁମୁଦ ସଙ୍ଗେ,
ଦିବସେ ଆଦିତ୍ୟ  ରଜନୀରେ ଚାନ୍ଦ
ପ୍ରୀତି ଦିଆନିଆ ରଙ୍ଗେ।
ଶୋଭା ବିମଣ୍ଡିତ ସୁବର୍ଣ୍ଣର କ୍ଷେତ
ଲହରୀ ଖେଳେ ସମୀରେ,
କୃଷକର ମନ ଆନନ୍ଦେ ବିଭୋର
ଶ୍ରମ ସାର୍ଥକ ତାହାରେ।
ରଜ ଦସହରା କୁମାର ପୂର୍ଣିମା
ବାର ମାସ ତେର ପର୍ବେ,
ମୋ ଗ୍ରାମ ସଂସ୍କୃତି ପରମ୍ପରା ନୀତି
ପାଳନ୍ତି ଏକାଠି ସର୍ବେ।
ସବୁଠୁ ସୁନ୍ଦର ସବୁଠୁ ମଧୁର
ଅତି ଆପଣାର ମୋର,
ସେହି ସ୍ୱର୍ଗ ଧାମ ସେହି ଜନ୍ମସ୍ଥାନ
ଏଇଠି ମୋ ଷଠିଘର।

ବଇଁଚୁଆ, ବାଳକାଟି, ଖୋର୍ଦ୍ଧା

ISSN NO.
2582-208X

# ପରିବର୍ତ୍ତିତ ପ୍ରେକ୍ଷାପଟରେ ଗ୍ରାମ୍ୟଜୀବନ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ କିମ୍ବା ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜ୍ୱଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେ ହୁଅନ୍ତି । ଚିହ୍ନାମାଟିରେ ପାଦଥାପି ମଣିଷ ପରଖୁ ପରଖୁ ନିଜେ ହିଁ ବିଷଣ୍ଣତାରେ ପୋତି ହୋଇପଡ଼ନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ ।  ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଗ୍ରାମର ଉତ୍ସବ ମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । ଏକବିଂଶର ଜଗତୀକରଣ ଭାବ ଭିତରେ ତଥାପି ଯେମିତି ଅସ୍ପର୍ଶ ରହିଯାଇଛି ଅନେକ ଗ୍ରାମ । କେଉଁଠି ଗାଁ ଛାଡ଼ି ସହରର ହୋଟେଲରେ କାମ କରୁଥିବା ଯୁବକର ଅସହାୟତା ବାରି ହୋଇପଡୁଛି ତ ଆଉ କେଉଁଠାରେ ଗାଁ ସ୍କୁଲରେ ପାଠ ନ ପଢ଼ି; ସହରରେ ପାଠ ପଢ଼ିବାର ମୋହ, ପାରିବାରିକ ସମ୍ପର୍କରେ ଠିଆ କରେଇଛି ପାଚେରୀ । ଏପରିକି ଯୋଜନା ପରେ ଯୋଜନା ଅଟକଳ ହୋଇଥିଲେ ମଧ୍ୟ ଏବେସୁଦ୍ଧା ଅନେକ ଗ୍ରାମାଞ୍ଚଳର ଦୁଃଖ ନ ହଟିବା ସହ ସର୍ବନିମ୍ନ ଆବଶ୍ୟକତା ମଧ୍ୟ ଏଯାବତ୍ ପୂରଣ ହୋଇପାରି ନାହିଁ । ପ୍ରକୃତପକ୍ଷେ କହିବାକୁ ଗଲେ ରାଜନୀତିର ଏହି କଳଙ୍କିତ ଇତିବୃତ୍ତ ଆଜି ନିଖିଳ ଜନତାଙ୍କ ମନରେ ସୃଷ୍ଟି କରିଛି ଅସହାୟତା । ଶ୍ରେଷ୍ଠ ନୀତି ଭାବରେ ଦିନେ ଜନମାନସରେ ସ୍ଥାନ ପାଇଥିବା ରାଜନୀତି

ISSN NO.
2582-208X

ଆଜି ସ୍ୱାର୍ଥନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧା ପଡ଼ିଛି । ତେଣୁ ବିକାଶ ସମ୍ଭବ ହୋଇପାରୁନି ।

ଏପରିକି ଗାଁର ନୂଆପିଢ଼ିକୁ ଅଭ୍ୟୁଦୟର ମାର୍ଗ ପ୍ରଦର୍ଶନ କରିବାକୁ ଗଢ଼ି ଉଠିଥିବା ଭାଗବତ ଟୁଙ୍ଗୀ ଆଜି ଚିଲମର ଧୂଆଁ ଓ ମାଦକଦ୍ରବ୍ୟର ବାସ୍ନାରେ ଫାଟି ପଡୁଛି । ସନ୍ଧ୍ୟାରେ ଭଜନ କୀର୍ତ୍ତନ ତା'ପରେ ମାଦକ ଦ୍ରବ୍ୟ ସେବନରେ ଆଜି କଟୁଛି ଯୁବଗୋଷ୍ଠୀଙ୍କ ଜୀବନ । ଗୋଟିଏ ହାତରୁ କେତେବେଳେ ଆଉ ଗୋଟିଏ ହାତକୁ ଡେଇଁ ଡେଇଁ ଚାଲିଯାଉଛି ଚିଲମ । କେତେବେଳେ କାହା ବାଡ଼ିରୁ ନଡ଼ିଆ କଦଳୀ ତ ଆଉ କାହା ଗାଡ଼ିଆରୁ ମାଛ ଚୋରି ସହ ରାତି ହେଲେ କ୍ଲବ୍ ଘରର ଡ୍ରାମା ଭିତରେ ସରିଯାଏ ଦୈନିକ କର୍ମ । କାରଣ ଗାଁରେ କଲେଜ ହେବା ପରେ ଯେତତେନ ପ୍ରକାରେ ବି.ଏ. ପାଶ୍ କରିଥିବା ଏ ଯୁବଗୋଷ୍ଠୀ ଆଉ ଲଙ୍ଗଳ କଣ୍ଟି ଧରି କରିପାରନ୍ତିନି ଜମି ଖନନ । ଯିଏ ଟିକେ ଭଲ ପାଠ ପଢ଼ି ଚାକିରି କଲା ସେ ଧନୀ ଦୁଲାଳୀକୁ ବିବାହ କରି ସହରକୁ କରେ ଗମନ । ଏପରିକି ସରଳ ଗ୍ରାମ୍ୟ ଜୀବନ ବି ଆଜି ହୋଇଉଠିଛି ଖୁବ୍ ଜଟିଳ । ଏକଦା ଗାଁରେ କିଛି ମନୋମାଳିନ୍ୟ ହେଲେ ମୁରବୀମାନଙ୍କ ଦ୍ୱାରା ତୁଟି ଯାଉଥିବା ସମସ୍ୟା ଆଜି ଥାନା ପର୍ଯ୍ୟନ୍ତ ଯାଉଛି । ଗ୍ରାମ୍ୟ ରାଜନୀତିରେ ଯେଉଁ ବିଷ ମଞ୍ଜି ବୁଣା ହୋଇଛି; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆ କରାଇଛି । ଏପରିକି ରାଜନୀତିକ ପଶାପାଲିରେ ଆଜି ସାଧାରଣ ଜନତା ହୋଇଛି ଉପେକ୍ଷିତ । ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟ ସିଦ୍ଧି ନିମନ୍ତେ ହେଉଛି ବିନିଯୋଗ ।

ବାସ୍ତବିକ କହିବାକୁ ଗଲେ ଗ୍ରାମ୍ୟ ଜୀବନର ସରଳତା ଆଜି ନଷ୍ଟ ଏବଂ ସମ୍ପ୍ରୀତିର ପୃଥିବୀ ହୋଇଛି ଓଲଟ ପାଲଟ । ପାରମ୍ପରିକ ମୂଲ୍ୟବୋଧ କ୍ରମେ ହୋଇଉଠିଛି ଅଚଳ । ରାଜନୈତିକ ଅପବାଦ, ଆଧ୍ୟାତ୍ମିକ ଛଳନା ଓ ସାମାଜିକ ବନ୍ଧନର ଶିଥିଳତା ଆଜି ରକ୍ତମାଂସର ମଣିଷକୁ କରିଛି ନିଃସଙ୍ଗ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ସଂପର୍କ: ୮୮୯୫୧୪୧୭୨୭

ISSN NO.
2582-208X

# ଅତି ରୁ ଇତି



ଝରଣା ବାରିକ

ମନେ ରଖ ଭାଇ ଗୋଟିଏ କଥା,
ଅତି ଚିପୁଡିଲେ ଲେମ୍ବୁଟି ପିତା ।
ଅତି ଲୁଣ ଦେଲେ ସୁଆଦ ନାହିଁ,
ଚିନି ଦେଲେ ବେଶୀ ସୁଗାର ହୋଇ।

ହଳଦୀଆ ରଙ୍ଗ ଭାରି ସୁନ୍ଦର,
ବେଶୀ ପଡିଗଲେ ସବୁ ବେକାର ।
ତେଲ ଅଧିକ ରେ ପାଟି ସୁଆଦ,
ତା ପାଇଁ ଶରୀରେ ହୁଅଇ ମେଦ ।

ଅଳ୍ପ ରେ ସବୁକୁ ଆଦରି ନିଅ,
ବେଶୀ ଠୁ ନିଜକୁ ଦୂରେଇ ଦିଅ ।
ଅଳ୍ପ ରେ ସନ୍ତୁଷ୍ଟ ହୋଇଲେ ଭାଇ,
ସବୁ ବିପଦରୁ ପାଇବ ତ୍ରାହି ।

ସମଲ, ତାଳଚେର, ଅନୁଗୋଳ

ISSN NO.
2582-208X

# କୁଚକ୍ରୀ ମରଇ ଦୁଃଖେ



ଅଲେଖ ମେହେର

କଲ ଛଳ ବଳ  ନୁହଇ ଅସଲ
 ପ୍ରାପ୍ୟ ହେବ ଉଚ୍ଚାସନ,
ମାନୀ ଦୁର୍ଯ୍ୟୋଧନ  ଲଙ୍କାର ରାଜନ
 ସମୂଳେ ଦେଲେ ଜୀବନ ।

କ୍ଷଣିକ ଲାଳସା  ଅହଂଙ୍କାର ମିଶା
 ଗର୍ବ ଉତ୍ତୁଙ୍ଗ ପାହାଡ,
ପଳକ ମୁଦିଲେ  ଭାସି ଯିବ ଜଳେ
 ଉଠିବ ଧୂଳିର ଝଡ ।

ସତ୍ୟ କର୍ମ ଧର୍ମ  ବରଜି ନିର୍ମମ
 ଗମଇ ଦୁର୍ଦ୍ଦିନ ପଥେ,
ଉନ୍ମତ୍ତ କୁମାର୍ଗେ  ମଣେ ଚଉବର୍ଗେ
 ପାରିହେବ ମୋଦ ରଥେ ।

କୁଚକ୍ରୀ  ସୁଦକ୍ଷ  ପିପିଳିକା ପକ୍ଷ
 ନିମିଷକେ ହେବ ଚୂର,
ପର ଧନ ହରି  ବଡ ବାସ କରି
 ସୁଖରେ  ରୁହେ କି ଚୋର ?

ISSN NO.
2582-208X

କାଳ ସ୍ରୋତସ୍ୱିନୀ   କାଟିଦେବ ବେନି
ଉଠିଲା ଗରବୀ ପାଣି,
ପକ୍ଷବିନା ଦ୍ୱିଜ   ଅମ୍ବରେ ମଉଜ
ମିଛ ହୋଇବ କାହାଣୀ ।

ଅହଂକାରୀ ଜ୍ଞାନ   ବେଶ୍ୟାର ଯୌବନ
ତିନି ଭୁବନେ ନିଉନ,
କୃପଣର ଧନ   ସଞ୍ଚୟରେ ହୀନ
ବିଅର୍ଥ ସିନା ସପନ।

ପ୍ରସୂନରୁ ବାସ   ହୋଇଗଲେ ଶେଷ
ଯେହ୍ନେ ମଉଳିବା ଧ୍ରୁବ,
ପରଜନ୍ମ ପାଇଁ   ଚିତ୍ତେ ଧ୍ୟାନ ନାଇଁ
ବିଲୋକନ୍ତି ବାସୁଦେବ।

ସୋହେଲା, ବରଗଡ
ମୋ-୬୩୭୦୨୨୦୫୫୯

ISSN NO.
2582-208X



# ଶେଷ ବୟସରେ କୁଆଡ଼େ ଯିବି



ଶିଶିର କୁମାର ପଣ୍ଡା

ସମୁଦୁଣୀ ମୋଓ ଘର ଭାଙ୍ଗିଦେଲା
ଝିଅକୁ ଶିଖେଇ ତାହାର
ଶେଷ ବୟସରେ କୁଆଡ଼େ ଯିବି ମୁଁ
ଭରସା କିଏବା କାହାର ?
ଜୀବନରେ ଯାହା ରୋଜଗାର କଲି
ପିଲାଙ୍କ ପଢ଼ାରେ ଯାଇଛି
ଦୁଃଖ ନଥିଲା ମୋ ଜୀବନେ ଭାବିଲି
ରତନ ଦୁଇଟି ପାଇଛି ।
ସେମାନଙ୍କୁ ଯଦି ମଣିଷ ନକରି
ଟଙ୍କା ଖାଲି ସଞ୍ଚି ଥାଆନ୍ତି
ଏବେ ମତେ କେହି ଦେଖୁ କି ନଦେଖୁ
ଖାଇବା ଗଣ୍ଡେ ତ ପାଆନ୍ତି !
ବୋଝ ବୋଲି ମତେ ଭାବିଲେଣି ଯିଏ
ଆଉ କି ସିନିହ ଢାଳିବେ
ଜାଣେନା ମୋ ଶବ ଫୋପାଡ଼ି ଦେବେ କି
ଜୁଇରେ ସଜେଇ ଜାଳିବେ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ଓଡିଶାର ନବଜାଗରଣ ବ୍ୟକ୍ତିତ୍ୱ ମଧୁ ବାରିଷ୍ଟର



ଅସିତ ମହାନ୍ତ

"....ମୁସଲମାନମାନେ ଚିରକାଳ ନିମିତ୍ତ ଭାରତବର୍ଷରେ ରହିଥିବାରୁ ହିନ୍ଦୁମାନଙ୍କରେ ଭାଇ ସଦୃଶ ହୋଇଅଛନ୍ତି । ଏକ ରାଜା ଅଧୀନରେ ଏକ ନିୟମରେ ଚଳିତ ହେଉଥିବାରୁ ସାଧାରଣ କିଛି ପ୍ରଭେଦ ନାହିଁ । ହିନ୍ଦୁର ଯେ ଅଭାବ ତାହା ମୁସଲମାନର ଅଭାବ ଓ ମୁସଲମାନର ଅଭାବ ମଧ୍ୟ ହିନ୍ଦୁର ଅଭାବ । ଅତଏବ କୌଣସି ଅଭାବ ଦୂର କରିବା କାରଣ ସମସ୍ତଙ୍କୁ ମିଶି କାର୍ଯ୍ୟ କରିବାକୁ ହେବ....ଅତଏବ ସମସ୍ତଙ୍କର ଯହିଁରେ ମଙ୍ଗଳ ହେବ ତାହା ହିଁ କରିବା ଉଚିତ ..." । – ଉତ୍କଳ ଗୌରବ ମଧୁସୂଦନ ଦାସ (ଉତ୍କଳ ଦୀପିକା ୨୪.୩.୧୮୮୮)

ମଧୁସୂଦନ ଦାସ ୨୮ ଏପ୍ରିଲ ୧୮୪୮ ରେ କଟକର ସତ୍ୟଭାମପୁର ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ଉତ୍କଳଗୌରବ ନାମରେ ଜଣାଶୁଣା । ସେ ଓଡିଶାର MA ଏବଂ BL ର ପ୍ରଥମ ସ୍ନାତକ ହୋଇଥିଲେ । ମଧୁସୂଦନ ଦାସ ଜଣେ ଓଡିଆ ସାହିତ୍ୟିକ ତଥା ଓଡିଆ ଭାଷା ଆନ୍ଦୋଳନର ପିତା ଥିଲେ । ସେ ପ୍ରଥମେ ସ୍ୱାଧୀନ ଓଡିଶାର ଧାରଣା ଦେଇଥିଲେ । ବ୍ରିଟିଶ ଶାସନ ଅଧୀନରେ ଯେତେବେଳେ ଓଡିଆ ଭାଷାର ଅସ୍ତିତ୍ୱ ବିପଦରେ ପଡ଼ିଥିଲା, ସେହି ସମୟରେ କିଛି ଲୋକଙ୍କ ନିସ୍ୱାର୍ଥପର ଉଦ୍ୟମ ହେତୁ ଓଡ଼ିଶା ରାଜ୍ୟ ସ୍ୱାଧୀନ ଭାବରେ ଏହାର ରୂପ ନେଇଥିଲା। ବ୍ରିଟିଶ ଶାସନ ଅଧୀନରେ ଓଡ଼ିଶା ବଙ୍ଗଳା, ବିହାର, ୟୁନିଅନ୍ ଟେରିଟୋରୀ ଏବଂ ମାଡ୍ରାସ ମଧ୍ୟରେ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଥିଲା। ଅନେକ ଚିନ୍ତକ, ରାଜନେତା, କବି, ଲେଖକ ଏବଂ ଦେଶପ୍ରେମୀ ଓଡିଆ ଭାଷା ଲୋକଙ୍କୁ ଏକତ୍ର କରି ଏକ ସ୍ୱାଧୀନ ରାଜ୍ୟ ଗଠନ ପାଇଁ ବହୁ ଚେଷ୍ଟା କରିଥିଲେ। ଶ୍ରୀ ଦାସଙ୍କ ଦକ୍ଷତା ଏବଂ ପ୍ରେରଣା ଯୋଗୁଁ, ସମସ୍ତ ବର୍ଗ ଏବଂ ବିଭାଗର ଲୋକମାନେ ଏକ ରାଜନୈତିକ

ISSN NO.
2582-208X

ବ୍ୟାନରରେ ଏକତ୍ରିତ ହେଲେ । ଏହା ଲୋକମାନଙ୍କ ମଧ୍ୟରେ ସାଂସ୍କୃତିକ, ପାରମ୍ପାରିକ ଏବଂ ଭାଷାଭିତ୍ତିକ ଏକତା, ଏବଂ ଏକ ବିରଳ ଜାତୀୟତାର ଭାବନା ସୃଷ୍ଟି କରିଥିଲା । ଏହା ଏପରି ସ୍ଥିତିରେ ଅଗ୍ରଗତି କଲା ଯେଉଁଠାରେ ଶ୍ରୀ ଦାସ ଏବଂ ଉତ୍କଳମଣି ଗୋପାବନ୍ଧୁ ଦାସଙ୍କ ନିରନ୍ତର ନେତୃତ୍ୱରେ "ସ୍ୱାଧୀନତା ଆନ୍ଦୋଳନ" ଏବଂ ଓଡିଆ ଆନ୍ଦୋଳନ ଅବିଭକ୍ତ ଭାବରେ ସଂଯୁକ୍ତ ହୋଇଗଲା । ଏହି ପରିସ୍ଥିତି ଲୋକଙ୍କୁ ଓଡିଆ ଆନ୍ଦୋଳନର ଫୋରମରେ ଏବଂ ପରେ କଂଗ୍ରେସରେ ଶ୍ରୀ ମଧୁସୂଦନ ଦାସଙ୍କ ସହ ମିଶିବାକୁ ବାଧ୍ୟ କରିଥିଲା। ଓଡିଆ ମାଟିର ପୁତ୍ର ମଧୁବାବୁ, ଯାହାଙ୍କର ଉଦ୍ୟମ ଦ୍ୱାରା ୧ ଏପ୍ରିଲ ୧୯୩୬ ରେ ସ୍ୱାଧୀନ ଓଡ଼ିଶା ରାଜ୍ୟ ଗଠନ ହେଲା । କିନ୍ତୁ ଦୁଃଖର କଥା ରାଜ୍ୟ ଗଠନ ଦେଖିବା ପାଇଁ ସେ ଜୀବିତ ନଥିଲେ। ଓଡିଆ ଭାଷାର ସୁରକ୍ଷା ତଥା ସ୍ୱାଧୀନ ଓଡ଼ିଶା ରାଜ୍ୟ ଗଠନ ପାଇଁ ମଧୁବାବୁ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠା କରିଥିଲେ। ଏଥିରେ ଖଲିକୋଟ ରାଜା ହରିହର ମର୍ଦ୍ଦରାଜ, ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି, କର୍ମବୀର ଗୌରୀଶଙ୍କର ରାୟ, କବି ରାଧାନାଥ ରାୟ, ଭକ୍ତ କବି ମଧୁସୂଦନ ରାଓ, ପଲ୍ଲୀକବି ନନ୍ଦକିଶୋର ବଳ, କବି ଗଙ୍ଗାଧର ମେହେର ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିତ୍ୱ ମନେ ରହିବେ । ମଧୁବାବୁ ତାଙ୍କ କବିତାଗୁଡ଼ିକ ସହିତ ଉତ୍କଳ ସମ୍ମିଳନୀରେ ଅବଦାନ ଦେଇ ଲୋକଙ୍କୁ ଆହ୍ୱାନ କରିଥିଲେ । ସେହି ସମୟରେ କେତେକ କ୍ରାନ୍ତିକାରୀ ବଙ୍ଗୀୟ ଲୋକମାନେ କହୁଥିଲେ – 'ଓଡିଆ ଏକ ସ୍ୱାଧୀନ ଭାଷା ନୁହେଁ, ଏହା ବଙ୍ଗଳାର ଏକ ଉପ-ଭାଷା', କିନ୍ତୁ ମଧୁବାବୁଙ୍କ ସଫଳ ଉଦ୍ୟମ ଯୋଗୁଁ ଓଡିଆ ଏକ ସ୍ୱାଧୀନ ଭାଷା ଭାବରେ ମାନ୍ୟତା ପାଇଲା । ଫଳସ୍ୱରୂପ, ଓଡ଼ିଶା ଭାରତରେ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବରେ ଉଭା ହେଲା। ୧୯୦୩ ମସିହାରେ, ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀରୁ ଓଡିଆ ଆନ୍ଦୋଳନ ଆରମ୍ଭ ହୋଇଥିଲା । ସେହି ବର୍ଷ ସେ କଂଗ୍ରେସ ଛାଡି ଓଡିଆ ଆନ୍ଦୋଳନରେ ନିଜକୁ ନିୟୋଜିତ କରିଥିଲେ। ମଧୁବାବୁ ସ୍ୱାଭିମାନ ଏବଂ ଆତ୍ମ ସମ୍ମାନକୁ ବିଶେଷ ପ୍ରାଧାନ୍ୟ ଦେଉଥିଲେ । ଧନ ସମ୍ପତ୍ତି ନଷ୍ଟ ହୋଇପାରେ, କିଛି ଯାଏ ଆସ ନାହିଁ, କିନ୍ତୁ ଆତ୍ମ ସମ୍ମାନ ସର୍ବଦା ଅକ୍ଷୁର୍ଣ୍ଣ ରହିବା ଉଚିତ । ମଧୁବାବୁ ବହୁତ ଦୟାଳୁ ଏବଂ ପରୋପକାରୀ ଥିଲେ। ସେ ତାଙ୍କର ସମ୍ପୂର୍ଣ୍ଣ ରୋଜଗାର ଏବଂ ସମ୍ପତ୍ତିକୁ ଜନସାଧାରଣଙ୍କ ସେବାରେ ଉତ୍ସର୍ଗ କରିଥିଲେ । ଏପରିକି ସେ ଦେବାଳିଆ ସ୍ଥିତିରେ ଅସିଯାଇଥିଲେ। ସେ ପ୍ରଥମ ଓଡିଆ ନେତା ହୋଇଥିଲେ ଯିଏ ବିଦେଶ ଭ୍ରମଣ କରିଥିଲେ ଏବଂ ବ୍ରିଟିଶମାନଙ୍କୁ ଓଡିଶାର ପକ୍ଷ ଉପସ୍ଥାପନ କରିଥିଲେ। କଲିକତାରୁ ମଧୁବାବୁ ଏମ.ଏ. ଡିଗ୍ରୀ ଏବଂ ବିଏଲ ପାଇବାର ପ୍ରଥମ ଓଡିଆ ଥିଲେ । ସେ ବିଧାନ

ISSN NO.
2582-208X

ପରିଷଦର ପ୍ରଥମ ଓଡିଆ ସଦସ୍ୟ ମଧ୍ୟ ଅଟନ୍ତି। ତାଙ୍କର ଓକିଲାତି (ବାରିଷ୍ଟରି) ହେତୁ ସେ ଓଡ଼ିଶାରେ 'ମଧୁ ବାରିଷ୍ଟର' ଭାବରେ ଜଣାଶୁଣା । ମଧୁସୂଦନ ଦାସ ଜଣେ ବିଧାୟକ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବ୍ୟାପକ ପ୍ରଶଂସା ତଥା ପଦବୀ ହାସଲ କରିଥିଲେ। ଏହା ମୁଖ୍ୟତଃ ତାଙ୍କର ତୀକ୍ଷ୍ଣ ବୁଦ୍ଧି ଏବଂ ଶକ୍ତିଶାଳୀ ଭାଷଣ ଯୋଗୁଁ ହୋଇଥିଲା । ତାଙ୍କୁ ବିହାର-ମନ୍ତ୍ରୀ ଓଡ଼ିଶାର ସ୍ଥାନୀୟ ସ୍ୱୟଂ ଶାସନର ନିଯୁକ୍ତି ଦିଆଯାଇଥିଲା। ତାଙ୍କର ଲୋକପ୍ରିୟତା ସତ୍ତ୍ୱେ ସେ ୧୯୨୩ ମସିହାରେ ଏକ ନୀତିଗତ ଭାବରେ ଇସ୍ତଫା ଦେଇଥିଲେ। ଏହା ତାଙ୍କର ଚରିତ୍ରକୁ ଦର୍ଶାଏ । ତାଙ୍କର ସାମ୍ବାଦିକତା ଆଭିମୁଖ୍ୟ ୧୯୧୭ ମସିହାରେ ପ୍ରତିଷ୍ଠିତ ସାପ୍ତାହିକ ଖବରକାଗଜରେ ପ୍ରତିଫଳିତ ହୋଇଥିଲା, ଯାହାର ନାମ ଥିଲା 'ଓଡିଆ।' ସେ ଅତ୍ୟନ୍ତ ଆନ୍ତରିକତା ଏବଂ ଦୃଢତାର ସହିତ କଥା କହୁଥିଲେ ଏବଂ କାର୍ଯ୍ୟ କରିଥିଲେ । ବାରିଷ୍ଟର ଶ୍ରୀ ମଧୁସୂଦନ ଦାସ ତାଙ୍କର ଦେଶପ୍ରେମ, ପ୍ରକୃତ ନୀତି, ସମୃଦ୍ଧ ନେତୃତ୍ୱ ଏବଂ ଆତ୍ମ ସମ୍ମାନ ପାଇଁ ସର୍ବଦା ସ୍ମରଣୀୟ । କଟକ ଠାରେ ମଧୁସୂଦନ ଆଇନ୍ ମହାବିଦ୍ୟାଳୟ ତାଙ୍କ ନାମରେ ନାମିତ । ତାଙ୍କର ଜନ୍ମ ତାରିଖ ୨୮ ଏପ୍ରିଲରେ ସମଗ୍ର ଓଡିଶାରେ 'ଓକିଲ ଦିବସ' ଏବଂ 'ସ୍ୱାଭିମାନ ଦିବସ' ଭାବରେ ପାଳନ କରାଯାଏ। ମଧୁବାବୁଙ୍କର ଓଡ଼ିଆ ଭାଷା ଏବଂ ସ୍ୱତନ୍ତ୍ର ଓଡିଶା ଗଠନରେ ତାଙ୍କର ଅମୁଲ୍ୟ ଭୂମିକା ଓଡିଶାକୁ ବିଶ୍ୱରେ ଏକ ନୂତନ ପରିଚୟ ଦେଇଛି, କିନ୍ତୁ ଦୁଃଖର କଥା ଯେଉଁଠାରୁ ସେ ଛାଡ଼ିଗଲେ, ସେହି ଧାରାବାହିକତାକୁ ଆମେ ଜାରି ରଖିପାରିଲୁ ନାହିଁ । ଯାହାଫଳରେ ଆଜିର ପରିସ୍ଥିତିରେ ଓଡିଆଭାଷାର ଯେଉଁ ଦୁର୍ଗତି ହୋଇଛି ତାହା ଓଡ଼ିଶାର ଜନତାଙ୍କ ସମ୍ମୁଖରେ ଅଛି । ଆଜିବି ଡେରି ହୋଇନାହିଁ, ତାଙ୍କ ଧାରାବାହିକତାକୁ ଓଡ଼ିଶାର ଲୋକମାନେ ଏକ ଆନ୍ଦୋଳନ ଭାବେ ଆରମ୍ଭ କରିପାରନ୍ତି । ଏହା କରିପାରିଲେ ଆମେ ମଧୁବାବୁଙ୍କର ପ୍ରକୃତ ଉତ୍ତରାଧିକାରୀ ବୋଲି କହିପାରିବା ଏବଂ ଏହା ସହିତ ମଧୁବାବୁଙ୍କୁ ଆମେ ପ୍ରକୃତ ଶ୍ରଦ୍ଧାଞ୍ଜଳି ଦେଇପାରିବା ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ଭଗବାନଙ୍କ ମଂଗ୍ର



ଦୀନବନ୍ଧୁ ବେଜ

ସବୁ ଲାଉ ପରି ଓହଳି ଥିବା
ପିଠିର ଗତି ଏବେ
ଇଟା ଭାଟିକୁ, ଚାଷ ଜମିକୁ
ଅବା ନିର୍ମାଣ କାର୍ଯ୍ୟରେ
ନିୟୋଜିତ ହେବାକୁ ।
ପେଟ ବି ଲାଉ କରିଛି ଦେଖ
ଅଷ୍ଟ୍ରେଲିଆର ପାପୁଆ
ନିଉଗିନିଆର ତଳିଆ ଜଙ୍ଗଲକୁ
ଗଛଗୁଚ୍ଛା ଖୁସିରେ ଗ୍ରହଣ
କରି ନେଇଛନ୍ତି ଏମାନଙ୍କୁ ।
ଜଣ କର ପିଠି..........,
ଜଣ କର ପେଟ..........।
ସଭିଁଏ ପ୍ରକୃତିର ସନ୍ତାନ
ଜଣେ ହୁହ ହୁହ ନିଆଁ ଭାଟିରେ
ନିର୍ମାଣ କରୁଛି କଂକ୍ରିଟ
ଜଙ୍ଗଲ ପାଇଁ ହାଡ଼ ରକ୍ତ ମାଂସ,
ଜଣେ ସରଷ ସୁନ୍ଦର ପ୍ରକୃତିକୁ
କମନୀୟ ପାଇଁ
ପ୍ରକୃତିକୁ କରି ଚାଲିଛି ସାମ୍ୟ ।
ଜଣେ ଲାଚାର...ଜଣେ ବିଭୋର...

ISSN NO.
2582-208X

ଏ ସବୁ ଭିତରେ
ଭାଜି ହେଉଛି ପୃଥିବୀ
ଚାଉଳରୁ ମୁଢ଼ି ତିଆରି ହେଲାପରି
ତତଲା ଭାଟିର ଆଁ ଭିତରେ ।
ତେବେ କଣ ଏଥିପାଇଁ
ଦାୟୀ ସେ ନିରିହ ଜୀବ,
ନା ଏମାନଙ୍କ ଠିକଣା ବଦଳ
କରିଥିବା ସର୍ବଗିଳା କାଳ ପୁରୁଷ ।

ଏମଭି :-୧୯,ମାଲକାନଗିରି
ବାସୁଦେବପୁର, ଭଦ୍ରକ
email:-dinabandhubej@gmail.com
Cell:-7683920221

ISSN NO.
2582-208X

# ଯନ୍ତ୍ରଣା



ସିଦ୍ଧେଶ୍ୱର ତ୍ରିପାଠୀ

ଆପାଦ ମସ୍ତକ ଅବା କେଉଁ ଅଙ୍ଗ
ରୋଗ ଗ୍ରସ୍ତ ଯଦି ହୁଏ
ଭୋଗିବା ଲୋକକୁ ପଚାରି ବୁଝିବ
କେମିତି ସେ କଷ୍ଟ ପାଏ ।

ଅଭୁଲା ଅତୀତ ପ୍ରୀତି ବୋଳା ଗୀତ
ଛଳନା ରେ ଭରି ଗଲେ
ବେସୁରା ମନଟା କେମିତି ଜୀଇଁଛି
ଜାଣିବ ତାକୁ ଦେଖିଲେ ।

ଦୁର୍ଘଟଣା ଦୋଷ ମନେ ଅବଶୋଷ
ଅଭାବ ଅନାଟନ
ଦୁଃଖୀ ଲୋକଟାକୁ ପଚାରି ବୁଝିବ
କେମିତି କଟେ ତା ଦିନ ।

ସଂସାରର ବୋଝ ମୁଣ୍ଡରେ ମୁଣ୍ଡେଇ
ନିନ୍ଦା ଅପବାଦ ମିଳେ
ଆପଣା ଲୋକଟା ଅପମାନ କଲେ
ମନ ଅହରହ ଜଳେ ।

ପାଦତ ଚାଲିବ ଶୈଶବରୁ ଜରା
ସମୟ ଇଶାରା ପାଇ
ଯନ୍ତ୍ରଣା ସବୁ ମିଠା ସ୍ମୃତି ହେବ
ତୁମେ ଥିଲେ ଭାବଗ୍ରାହୀ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଭଜ ଶ୍ରୀହରି



ନନ୍ଦିନୀ ରାଉତ

ଦୁନିଆ ଅଟେ ଦୁଇ ନିଆଁ ର ଖେଳ
ଚାଁହୁ ଚାଁହୁ ତୁ ବୁଡି ଯିବରେ ବେଳ..

ସଭିଙ୍କୁ କହୁ ଅଛୁ ତୁ ମୋର ମୋର
ପିଣ୍ଡ ରୁ ପ୍ରାଣ ଗଲେ କିଏ କାହାର ?..

ଧନ କମାଉ କରି କେତେ ଅନିତି
ଧରି କି ସାଥେ ଯିବୁ ଧନ ସମ୍ପତ୍ତି..

ଦୀନ ଦୁଃଖିଙ୍କୁ ଦିନେ ଦେଇନୁ ଦାନ
କୃପଣ ହୋଇ ସଦା ସଞ୍ଚିଛୁ ଧନ....

ଦିନେ କରିନୁ ଚିନ୍ତା ତୁ ରାମ ହରି
ପୂଜିନୁ ପିତା ମାତା କି ପଥଚାରୀ...

କାହା ବିପଦେ କେବେ ହୋଇନୁ ଠିଆ
ଧନ ର ମାୟା ତୋତେ କଲା କିମିଆ...

ରୂପ ଯୌବନ ଧନ ନୁହଁଇ ସ୍ଥିର
ଧରା ରେ ଜନ୍ମି କେହି ନୁହେଁ ଅମର...

ISSN NO.
2582-208X

ମୁକତି ମନ୍ତ୍ର ପ୍ରଭୁ ନାମ ସ୍ମରଣ
ସେ ନାମ ଗୋଟି ଏକା କରେ ତାରଣ...

ବାଇଆ ମନ ଏବେ ବୁଝ ଏ କଥା
ଧର୍ମ ନିକଟେ ସଦା ନୁଆଁ ଅ ମଥା...

ସବୁ ପାପରୁ ଯେବେ ହୋଇବୁ ପାରି
ତୁଣ୍ଡ ରେ ଧର ସଦା ରାମ ଶ୍ରୀହରୀ...

ବାଲିପଟା, ଅନୁଗୁଳ

ISSN NO.
2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

### ।। ୨୦ ଦୃଶ୍ୟ ।।

(ଥାନାରେ ଏକାକୀ ବିଭୀଷଣ ଚିନ୍ତାମଗ୍ନ ଭାବେ ବସି ନିଜେ ନିଜକୁ କିଛି କହିହେଉଥାନ୍ତି।)

ବିଭି– ସେଦିନ ଭାଇଙ୍କ ଗୋଦାମ ଘର ରେଡ୍ କରାଗଲା ଅଥଚ କୌଣସି ଚୋରାମାଲର ସନ୍ଧାନ ମିଳିଲା ନାହିଁ। କିନ୍ତୁ ପୋଲିସର ସନ୍ଦେହ ଘରରେ ରାଣା ସାମନ୍ତରାୟ ସବୁବେଳେ ରହି ଆସିଛନ୍ତି। ତାପରେ ବି ଆଦିବାସୀ ଟୋକାଟା ମୋ ପାଖରେ ଇନଫରମେସନ ଦେଇଥିଲା। ସବୁ କଣ ମିଥ୍ୟା ନା ଏହା ମଧ୍ୟରେ କିଛି ଘୋର ଚୋଣ୍ଟି କାର୍ଯ୍ୟ ହୋଇଛି ? ଯାହାବି ହେଉ ମୋତେ ଏହାର ସତ୍ୟାସତ୍ୟ ଖୋଜି ବାହାର କରିବାକୁ ହେବ।

ଜଟା– (ପ୍ରବେଶି) ସରକାର (ହସ) କିଏ ଏଠି ସରକାର? ମୁଁ? ଆପଣ? ନା ରାଣା ସର୍ଦ୍ଦାର? ମୁଁ କହିମି ସରକାର ହେଉଛେନ ରାଣା ସର୍ଦ୍ଦାର। ଆମେ ତା'ର ଚାକର ସେ ଆମର ମୁନିବ।

ବିଭି– ଆରେ ତୁମେ ସେଇ ଲୋକ ତ ଯିଏ ସେଦିନ ମୋ ପାଖେ ରାଣା ସାମନ୍ତରାୟ ବିରୁଦ୍ଧରେ ରିପୋର୍ଟ ଲେଖାଇଥିଲା ?

ଜଟା– ହଁ ହଁ ମୁଇଁ ସେଇ ନୋକ ଅଛି। ହେଲେ କଣଟା କରିପାରିଲ ତୁମେ ? ତମର ପାଶେ ରିପୋର୍ଟ ନେଖିଥିନି ବୋଲି ମୋର ମାଳତୀ କେ ପଶୁଟା ମାରିଦେଲା।

ବିଭି– ମାଳତୀ..? ମାଳତୀ କିଏ ?

ISSN NO.
2582-208X

ଜଟା– ମା–ଳ–ତୀ...., ମାଳତୀ କେ ତୁମେ ଚିହ୍ନି ନାହଁରେ ବାବୁ । ମୋର ମାଳତୀ କେ ତୁମେ ଚିହ୍ନିନ ?

ବିଭି– ଦେଖ, ତୁମର କଣ ହୋଇଛି ମୋତେ ସ୍ପଷ୍ଟ କିଛି ନ କହିଲେ ମୁଁ ଜାଣିବି କେମିତି ?

ଜଟା– ନାଇଁ ମୋର କିଛି ଜଣାଇବାର ନାହିଁରେ ବାବୁ । ମୁଇଁ ଠିକ ଅଛି । ହେଲେ ନୋକଗୁଡା ମୋତେ ପାଗଲ କହୁଛନ । ମୁଇଁ କଣ ପାଗଲ ହେଇଛି ? ତୁମେ କୁହ ବାବୁ ମୁଇଁ କଣ ପାଗଲ ହୋଇଛି ?

ବିଭି– କିଏ କହୁଛି ତୁମେ ପାଗଳ ?

ଜଟା– ଆମ ଗାଁର ନୋକଗୁଡା କହୁଛନରେ... ।

ବିଭି– ନା ନା ତୁମେ କେବେ ପାଗଳ ହୋଇନପାର...

ଜଟା– (ହସ )ଖାଲି ତମେ ମୋକେ ପାଗଲ ନାଇଁ କହିଲେ ସମାଜ କେ ମୁହଁ ବନ୍ଦ ହେବନିରେ ବାବୁ । ହଁ ହଁ ମୁଇଁ ପାଗଲ ଅଛି । ମୋର ମାଳତୀ ମଲାଦିନୁ ମୁଇଁ ପାଗଲ ହୋଇଛି । (ପାଗଳାମୀ ହସ )

ବିଭି– ମାଳତୀ କିଏ ? ତୁମ ସ୍ତ୍ରୀ ?

ଜଟା– ହଁରେ ବାବୁ ସେଇଟା ମୋ ମାଇପ ଥିଲା।ତାର ହାତ ଧରି ମୁଇଁ ବାହା ହୋଇଥିନି। ମୋର ଘରନୀ ଥିଲା ସେ।ଦିଇ ବର୍ଷ ଆମେ ସାଙ୍ଗହୋଇ ରହିଛୁ। ହେଲେ ସେଇ ସର୍ଦ୍ଦାର ତାର ଜୀବନ ନେଇ ନେଲା।ମୋତେ ପାଗଲ କରିଦେଲା।

ବିଭି– କୋଉ ସର୍ଦ୍ଦାର କଥା କହୁଛ ତୁମେ ?

ଜଟା– ରାଣା ସର୍ଦ୍ଦାର।

ବିଭି– ରାଣା ସର୍ଦ୍ଦାର ଓରଫ ରାଣା ସାମନ୍ତରାୟ ?

ଜଟା– (ପାଟିରେ ଆଙ୍ଗୁଳି ରଖି)ଧୀରେ ବାବୁ ଧୀରେ ସେ ଯଦି ଶୁଣିବ ମୋତେ ବି ମାରିଦେବ।

ISSN NO.
2582-208X

ବିଭି– ତାମାନେ.....?

ଜଟା– ନାଇଁ ବାବୁ ମୁଇଁ କିଛି ଜାଣିନି। ମୁଇଁ ପାଗଲ ଅଛି।

ବିଭି– ତୁମେ ସବୁ ଜାଣିଛ। କୁହ ତୁମ ସ୍ତ୍ରୀ ମାଳତୀକୁ କଣପାଇଁ ରାଣା ସାମନ୍ତରାୟ ମର୍ଡର କଲା ?

ଜଟା– କିଛି ଫାଇଦା ହେବନିରେ ବାବୁ। ଆସନ୍ତା କାଲି ମୋର ନାଶ କୋଉ ଗଛରେ ଝୁଲୁଥିବ କି ଜଙ୍ଗଲରେ ଥିବା ହିଂସ୍ର ଜାନୁଆରଙ୍କ ଶିକାର ହୋଇଥିମି। ଖାଲି ଏତକି କହିମି ତମର ନୋକକୁ ଘୋଷ ଦେଇ ତମକୁ ବୁଦ୍ଧୁ ବନେଇଦେଲା। ତମେ ବୋକା ହୋଇଗଲ।

ବିଭି– ମୋହରି ଲୋକ ଘୋଷ ଖାଇ ମୋତେ ବୁଦ୍ଧୁ କରିଦେଲା ?

ଜଟା––ଏଇଟା ନୂଆ କଥା ନୁହେଁ ବାବୁ। ତମେ ସିନା ଦେବତା ପରି କାମ କରୁଛ ହେଲେ ତମର ପାଖନୋକ ଯେତେ ଅଛନ ସବୁ ରାଣା ସର୍ଦ୍ଦାରଠାରୁ ଲାଞ୍ଚ ନିଅନ୍ତି।

ବିଭି– ଓଃ ଆଇ ସି। ଏବେ ବୁଝିଲି, ସେଦିନ ଭାଇଙ୍କ ଗୋଦାମ ଘର ରେଡ଼ କରିବା ପରେ ବି କୌଣସି ସନ୍ଦେହ ଜନକ ଜିନିଷ କଣପାଇଁ ବାହାରିଲା ନାହିଁ।

ଜଟା– ମୁଇଁ ତୋକେ ସତକଥା କହିଥିନି ବୋଲି ମୋର ମାଳତୀକେ ସେ ମାରିଦେଲା ଆଉ ମୋତେ ପାଗଲ କରିଦେଲା। ମୁଇଁ ପାଗଲ ଅଛିରେ ବାବୁ ମୁଇଁ ପାଗଲ ଅଛି ।ମୋତେ ଆଉ କିଛି ପଚାରନା।

(ପ୍ରସ୍ଥାନ)

ବିଭି– କନେଷ୍ଟବଳ!

ଗୁଣ୍ଡୁଚି– (ଭିତରୁ)ଇଏସ ସାର ଆସୁଛି। (ପ୍ରବେଶି ସେଲ୍ୟୁଟ ମାରେ)

କୁହନ୍ତୁ ସାର...

ବିଭି– ତୁମେ କେତେବର୍ଷ ହେଲା ପୋଲିସ ଚାକିରୀ କଲଣି ?

ISSN NO.
2582-208X

ଗୁଣ୍ଡୁଚି– ହଁ ସାର ୧୦– ୧୨ ବର୍ଷ ହେଇଗଲାଣି ।

ବିଭି– ନୂଆ ଘର ଫର କଲଣି ନା ନାହିଁ ?

ଗୁଣ୍ଡୁଚି– କିଛି ବୁଝିପାରିଲିନି ସାର ।

ବିଭି– ସିମ୍ପଲ, ଓଡ଼ିଆ ଭାଷାରେ କହିଛି । ଏଥିରେ ଅବୁଝା କୋଉଠି ରହିଲା ?

ଗୁଣ୍ଡୁଚି– ହଁ ସାର ଏଇ ହାଲକୁ ନୂଆ ଘର କମ୍ପଲିଟ ହେଲା ।

ବିଭି– ଆଜି କୋଉଠୁ ଧପେଇବାର ଅଛି ନା ନାହିଁ ?

ଗୁଣ୍ଡୁଚି– କି କଥା କହୁଛନ୍ତି ସାର !

ବିଭି– ସେଦିନ ତୁମକୁ ମୁଁ କହିଲି ରାଣା ସାମନ୍ତରାୟର ଗୋଦାମ ଘର ରେଡ଼ କର ।

ଗୁଣ୍ଡୁଚି– କଲି, ହେଲେ କିଛି ମିଲିଲାନି ସାର ।

ବିଭି– ୟୁ ସେଟଅପ ! ମିଛ କହିବାର ଗୋଟେ ସୀମା ଥାଏ । ରାଣା ପାଖରୁ ଲାଞ୍ଚ ନେଇ ତୁମେ ତା' ଗୋଦାମ ଘର ରେଡ଼ କରିଛ ସତ ହେଲେ ଗୋଦାମରେ ଚୋରାମାଲ ଥିବା ସତ୍ତ୍ୱେ ତୁମେ ମୋତେ ମିଛ ରିପୋର୍ଟ ଦେଇଛ ।

ଗୁଣ୍ଡୁଚି– ଏ ପୁରୁଖା କନେଷ୍ଟବଳକୁ ଆପଣ ମିଥ୍ୟାବାଦୀ ବୋଲି ଆକ୍ଷେପ କରୁଛନ୍ତି ? ସତ କହୁଛି ସାର ମୁଁ ଆଖି ଛୁଉଁଛି, ବାପ ରାଣ ପକାଉଛି ମୁଁ ଚାରିଶବିଶ କରିନାହିଁ ।

ବିଭି– ତୁମପରି ଲାଞ୍ଚଖୋର ପୋଲିସମାନେ ବାପ ମା'ର ରାଣ ନିୟମ ପକାଇ ମୃତ୍ୟୁ ମୁହଁକୁ ଠେଲିଦେଇ ପାରନ୍ତି । ହେଲେ ବଣ ଜଙ୍ଗଲରେ ବାସ କରୁଥିବା ନିରୀହ ଆଦିବାସୀ ଲୋକ କେବେ ମିଛ କହିବେନି ତାହା ମୁଁ ବେଶ ଭଲଭାବେ ଜାଣେ । ତୁମେ ଏଇ ଖାକି ପୋଷାକ ପିନ୍ଧି ସେଦିନ ଶପଥ ନେଇଥିଲ କଣ ବାପ ମା'କୁ ବାଜି ଲଗେଇ ଲାଞ୍ଚ ନେବ । ବାପ ମା'ଙ୍କ ଠାରୁ ଲାଞ୍ଚ ତୁମପାଇଁ ଅଧିକ ମୂଲ୍ୟବାନ ।

ISSN NO.
2582-208X

ଗୁଣ୍ଡୁଚି- ଇଏସ ସାର ମୁଁ ଲାଞ୍ଚଖୋର, ବାପ ମା'ର ମିଥ୍ୟା ରାଣ ନିୟମ ପକାଇ ରାଣା ସାମନ୍ତରାୟ ପାଖରୁ ଲାଞ୍ଚ ନିଏ। ଆଜି ଏ ଦୁନିଆରେ ମୁଣ୍ଡ ଟେକି ବଞ୍ଚିବାକୁ ହେଲେ କିଛିତ ଆଉଟ ଇନକମ କରିବାକୁ ପଡିବ।

ବିଭି- ତାମାନେ ଆଇନର ପୋଷାକ ତଳେ ଅନ୍ୟାୟ କରିବ?

ଗୁଣ୍ଡୁଚି- କିଏ କରୁନି। ଶହେରୁ ଏନେଶତ ଜଣ ଲାଞ୍ଚଖୋର। ତା ଭିତରେ ମୁଁ କୋଉ ଅନ୍ୟ ଦେଶର ମଣିଷ ନୁହେଁ ସାର। ମୋର ବି ଘର-ସଂସାର ଅଛି, ପେଟ-ପାଟି ଅଛି। ଜାଣନ୍ତି ସାର ସେଦିନ ଏଇ ମାଟିଆ ପୋଷାକ ପିନ୍ଧିବା ମୋହରେ ଇଣ୍ଟରଭିଉ ପଡ଼ିଆରେ ପୋଲିସ ସୁପରିଟେଣ୍ଡେଣ୍ଟ ମୋଠାରୁ ପଚାଶ ହଜାର ଟଙ୍କା ଘୋଷ ନେଇଥିଲେ। ମୁଁ ସବୁଥିରେ ଫିଟ ଥାଇ ପଚାଶ ହଜାର ଟଙ୍କା ଘୋଷ ଦେଇ ଚାକିରୀରେ ଭର୍ତ୍ତି ହେଲି। ଯାହାର ଜୀବନ ଲାଞ୍ଚରୁ ଆରମ୍ଭ ସେ ଲାଞ୍ଚ ନେବନି କେମିତି?

ବିଭି- ଗୁଣ୍ଡୁଚି---!

ଗୁଣ୍ଡୁଚି- କ୍ଷମା କରିବେ ସାର, ଲାଞ୍ଚ ନେବା ମୋ ନୀତି ବିରୁଦ୍ଧ। କିନ୍ତୁ ଟଙ୍କାର ମୋହ ଏ ଦୁନିଆରେ କାହାକୁ ବଶୀଭୂତ କରିନାହିଁ? ଆପଣ ଙ୍କ କଥା ଅନୁସାରେ ମୁଁ ହୁଏତ ମୋ ନୀତିକୁ ଛାଡ଼ିଦେବି, କିନ୍ତୁ ରାଣା ସାମନ୍ତରାୟ ନୀତିକୁ କଣ ଆପଣ ବଦଳାଇ ପାରିବେ?

ବିଭି- ରାଣା ସାମନ୍ତ ରାୟ ଯଦି ଫୋର ଟୋଣ୍ଟି ହୁଏ ତାହେଲେ ମୁଁ ତା'ପାଇଁ ଏଇଟ ଫୋଟି ହେବି।

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# କବିତା ଲେଖିବାର କଳା

ନିରଞ୍ଜନ ସାହୁ

ଲେଖିବାକୁ ଶତଚେଷ୍ଟା କରି ମଧ୍ୟ
ଲେଖିହୁଏନା କବିତା
ପୁଣି ବେଳେବେଳେ
ବିନା ପ୍ରଚେଷ୍ଟାରେ ବି
ଲେଖି ହୋଇଯାଏ ଅନାୟାସରେ ।

ବୁଝିହୁଏନା ଏହାର ରହସ୍ୟ
ଜାଣିହୁଏନା ଏହାର ଚମତ୍କାରିତା ।

ସତରେ ..........
ଏମିତି କାହିଁକି ହୁଏ ?????

ଏମିତି ଏକ ଅସମାହିତ ପ୍ରଶ୍ନର
ଗୋଲକଧନ୍ଦା ଭିତରେ ପଡି
ମୋ ମୁଣ୍ଡ ଘୁରୁଛି
ସିଲିଂଫ୍ୟାନର ଘୁର୍ଣ୍ଣନ ପରି ।

ଅଥଚ ..........
ସମସ୍ତେ ମୋତେ କହୁଛନ୍ତି,
"ମୁଁ ଜଣେ ବଡ କବି
କବିତା ଲେଖିବାର କଳା କୌଶଳ
ମୋତେ ଖୁବ ଭଲ ଭାବରେ ଜଣା ।"

ଧେତ ................ ।

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

ISSN NO.
2582-208X

# ଧନ



ଅମରନାଥ ବାରିକ

ଧନ ନିଜକୁ ବାଧ୍ୟ କରେ,
ଅନ୍ୟ ପାଖରେ
ହାତ ପତେଇବା ପାଇଁ ।
ଧନ ନିଜକୁ ବନ୍ଧା ପକେଇ ଦିଏ
ଅନ୍ୟ ପାଖରେ,
ପେଟର ଭୋକ ମେଣ୍ଟେଇବା ପାଇଁ ।
ଧନ ନିଜକୁ ଖୁନୀର
ମୁଖା ପିନ୍ଧେଇ ଦିଏ,
ପରିବାର ଭରଣ ପୋଷଣ କରିବା ପାଇଁ ।
ଧନ ନିଜକୁ
ଗୁଲାମୀ କରିଦିଏ,
ଅନ୍ୟର ପାଦ ଚାଟିବା ପାଇଁ ।
ଧନ ପାଇଁ ସମସ୍ତେ
ପାଗଳ ହୁଅନ୍ତି,
ଧନ ରୋଜଗାର କରିବା ପାଇଁ ।
ଧନ ପାଇଁ ନିଜ ଛୁଆକୁ
ବିକିବାକୁ ପଡେ,
ମା ପେଟର ଯନ୍ତ୍ରଣା ଦୂର କରିବା ପାଇଁ ।

ଧନ ପାଇଁ ନିଜର ଚରିତ୍ର
ନଷ୍ଟ କରିବାକୁ ପଡେ,
ମନର ବେଦନା ଲିଭେଇବା ପାଇଁ ।
ଧନ ପାଇଁ ନିଜର
ସ୍ୱାର୍ଥ ଭୁଲିବାକୁ ହୁଏ,
ସତ ଇଚ୍ଛା ମଧ୍ୟ ଥାଇ ।

ଯାଜପୁର, ମଙ୍ଗଳପୁର, କଯ୍ଁା

ISSN NO.
2582-208X

# ଚଇତି



ସତ୍ୟନାରାୟଣ ମିଶ୍ର

ଧୂମ ଆଚ୍ଛାଦିତ ଚଇତି ଜହ୍ନ ର
ଝାପ୍ସା ଆଲୁଅ,
ଲାଗୁଥିଲା ସତେଯେମିତି ଫୁଲେଇ ହଉଚି
ଶୁଣିବାକୁ ବୋଧେ ଭଲ ପାଉ ନି
ପରଜା, ବଣ୍ଡା ପୁଅର ସୁମଧୁର ବଂଶୀ ସ୍ୱର !

ଦେଖିବକୁ ହୁଏତ ପସନ୍ଦ କରେ ନି
ବନ ଜଙ୍ଗଲ ଭରା ପଲ୍ଲୀ ଗାଁ ର
ଧଙ୍ଗିରି ଧଙ୍ଗରା ଙ୍କ ମାଦଲ୍ ତାଳେ ତାଳେ
ନୃତ୍ୟ କରୁଥିବା ଦୃଶ୍ୟ ।

ମହୁଲି ସଲପ ର  ଅଜବ ବାସ୍ନା
କୁରେଇ ଫୁଲର  ମହ ମହ ସୁଗନ୍ଧ
ତା ସଙ୍ଗ କୁ  ଝାଳ ନାଳ ଦେହ ର ମତାଣିଆ ଗନ୍ଧ
ନାଚିବା ପାଇଁ କି  ବଢ଼େଇ ଦିଏ ଅଧିକ ଜୋସ୍ ।

ISSN NO.
2582-208X

ମାତ୍ର କେଇ ଘଣ୍ଟା ର ମିଳାମିଶା
ମନ ସଂଗେ ମନ ର ମିଳନ
ତାପରେ ଇସାରା ।
ଯୋଡି ଯୋଡି ହେଇ ଚାଲିଯିବାଉଥିବା
ଧଙ୍ଗରା ବସା ଅଭିମୁଖେ ।

ହୁଏତ  ଜଂହ ର ଆଉ ପସନ୍ଦ ହଉ ନି ଏ ସବୁ
ପରମ୍ପରା ରେ ଚାହେଁ କିଛି ବଦଲାଓ
ଅତୀତ କୁ ପଛେରେ ଛାଡି ଦେବା ର ପ୍ରଚେଷ୍ଟା
ଆଉ ଅପଣାଇ ନେବା ର ବର୍ତ୍ତମାନ ର
ଷ୍ଟେଟସ ଦୁନିଆ ।

ବଲାଙ୍ଗୀର

ISSN NO.
2582-208X

# ଉତ୍କଳ ଗୌରବ



ଶେଷଦେବ ପଣ୍ଡା

(1)

ହେ ପ୍ରଣମ୍ୟ କର୍ଣ୍ଣଧାର
ଆମ୍ଭ ଓଡିଆ ଜାତିର
ତ୍ରାଣକର୍ତ୍ତା ଭୀଷ୍ମ ପିତାମହ,
ନବୋତ୍କଳର ସୃଜକ
ମାତୃଭୂମି ପ୍ରପୂଜକ
ସେବା କରୁଣାର ବାର୍ତ୍ତାବହ,
ହେ ମଧୁବାବୁ,
ମଧୁଠାରୁ ମଧୁର ଯା ନାମ,
ପରିପୂର୍ଣ୍ଣ ସର୍ବ ଗୁଣ ଧାମ,
ବିଦ୍ୟା ବୁଦ୍ଧିର ବାରିଧି
ସତ୍ୟସନ୍ଧ ନ୍ୟାୟବାଦୀ
ଅପ୍ରମିତ ସ୍ମୃତିର ସଦନ ।।

(2)

ଓଡିଆଙ୍କ ସ୍ୱାଭିମାନ
ଥିଲ ତୁମ୍ଭରି ସ୍ୱପନ
ଧନ୍ୟ ଧନ୍ୟ ମଧୁ ବାରିଷ୍ଟର,
ଉତ୍କଳ ସମ୍ମିଳନୀର
ଯୋଗ୍ୟ ଉଦ୍ୟୋକ୍ତାପ୍ରବର
ଭଗୀରଥ ଓଡିଆ ଭାଷାର,
ହେ ମଧୁବାବୁ,

ISSN NO.
2582-208X

ଯୁକ୍ତିତର୍କେ ଜିଣିଲ ଇଂରେଜ,
ଅକୁଳାନ ଅଟେ ତୁମ୍ଭ ତେଜ,
ଛିନ୍ନ କରି ଶୃଙ୍ଖଳକୁ
ଯୋଡିଲ ଏ ଓଡିଆଙ୍କୁ
ଏକତ୍ରିତ କଲ ଏ ସ୍ୱାଭିଜ ।।

(3)

ଆହେ ଉତ୍କଳଗୌରବ
ଦେଶମାତୃକା ସୌରଭ
ଏ ମାଟିର ସ୍ପନ୍ଦିତ ବିଭବ,
ଫିରିଙ୍ଗିର ସାଥେ ଲଢି
ସ୍ୱତନ୍ତ୍ର ଓଡିଶା ଗଢି
ଅର୍ପିଲ ଅମୃତ ଅନୁଭବ,
ହେ ମଧୁବାବୁ,
ଏ ଜାତିକୁ ଦେଲ ମହାଶିକ୍ଷା,
ସେବା ସାଥେ ଦେଶପ୍ରେମ ଦୀକ୍ଷା,
ଭକତି କୁସୁମାଞ୍ଜଳି ତୁମ୍ଭ ଚରଣରେ ଢାଳି
ଇଚ୍ଛୁଅଛୁଁ ସଂସ୍କୃତି ସୁରକ୍ଷା ।।

(4)

ଗରିବଙ୍କ ମକଦ୍ଦମା
ଲଢୁଥିଲ ମହାମନା
ତନ ମନ ଧନ ଦେଇକରି,
ଓଡିଆଙ୍କୁ ସ୍ୱାବଲମ୍ବୀ
କରିବାକୁ ମନେ ଭାବି
ଗଢିଥିଲ ଉତ୍କଳଟ୍ୟାନେରୀ,
ହେ ମଧୁବାବୁ,
ଖୋଜୁଥିଲ ଉତ୍କଳମାତାଙ୍କୁ,
କହୁଥିଲ ସ୍ୱାର୍ଥ ତ୍ୟାଗିବାକୁ,

ISSN NO.
2582-208X

ଜାତି ପ୍ରେମ ବହ୍ନି ଜାଳ
ଆସ ମୋର ଭାଇ ବୋଲି
କେ ଡାକବ ଦେଶ ତୋଳବାକୁ ।।

(5)

ତୁମରି ଅବର୍ତ୍ତମାନେ
ଆଜି ଉତ୍କଳ ଗଗନେ
ଘୋଟିଅଛି ବିଷାଦର ଛାୟା,
ନୀତି ନୈତିକତାପ୍ରିୟ
ସିଂହ ଶାବକର ପ୍ରାୟ
ଦମ୍ଭ ଦେଲ ଏ ମହାଜାତିକୁ,
ହେ ମଧୁବାବୁ,
ଆଉ ଥରେ ଆସ ଅବତରି,
ବରଷିବ ଦେଶପ୍ରୀତି-ବାରି,
ଓଡିଆ ହେବେ ଜାଗ୍ରତ
ସୁମରି ସ୍ୱର୍ଣ୍ଣ ଅତୀତ
ଫେରାଇବେ ଜନନୀର ଶିରୀ ।।

ସ୍ନାତକ ଶିକ୍ଷକ (କଳା)
ସରକାରୀ ସ୍ୱରାଜ ଉଚ୍ଚ ବିଦ୍ୟାଳୟ
ଘସିଏନ୍,ପାଟଣାଗଡ,ବଲାଙ୍ଗିର

ISSN NO.
2582-208X

# ସୂର୍ଯ୍ୟାସ୍ତର ସେ କଡ଼ରେ



ଅଜିତ ପାଢ଼ି

କିଛି କ୍ଷଣ ହାତ ବଢ଼େଇ ଦେ' ବାବୁ !
"ଭୋକ": ର ଅବିଶ୍ରାନ୍ତ ଲୁହ ଗଢ଼ା ଢେଉ
"ଭୋକ" ଜୀବନ ବଞ୍ଚାଇବା ର
ଭୋକ
ସୂର୍ଯ୍ୟାସ୍ତ ର ସେ କଡ଼ରେ !
କିଛି କ୍ଷଣ ହାତ ବଢ଼େଇ ଦେ ବାବୁ ?
****। *""******

ହାତ ଗୋଡ ଚାଲୁନି !
ଶରୀର କିଛି ଜଳିଯାଇଛି
"ଆତ୍ମା" ର ମୁହୂର୍ତ୍ତ ଚିତ୍କାର
ଜୀବନ ବଞ୍ଚାଇବା ର ଭୋକ
ପେଟ ଆଜି ଛଟପଟ ଯୁଦ୍ଧ ଡାକରେ ।
କିଛି କ୍ଷଣ ହାତ ବଢେ ଇ ଦେ !
**********************

ଖାଲି ବ୍ୟାଗ୍ ଖଣ୍ଡେ ଧରି;
ଜଳୁଥିବା ଅଟ୍ଟାଳିକା ର
ପଛ ଦ୍ୱାର ରୁ ସତେ !
ମୃଗ ତୃଷ୍ଣା ର ମରୀଚିକା ପ୍ରାନ୍ତେ ।
ପଚା ଶଢ଼ା ଶବ ର ବିବସ୍ତ୍ର ପରିଚିତ

ISSN NO.
2582-208X

ଶବ ଉପରେ
"ଗୋଡ଼" କାଢି ନେଉଛି ବାବୁ
ଜୀବନ ର ଭୋକ ସୂର୍ଯ୍ୟାସ୍ତ ର
ଆଡ କଡ଼ରେ !
ଜୀବନ ଓ ପେଟ ଆଜି ଛଟପଟ
"ଭୋକ" ତୁମେ ସତେ
ସୂର୍ଯ୍ୟାସ୍ତ ର ଆଡ କଡ଼ରେ ।
*****************

ସଭିଏଁ ଚାଲି ଗଲେ ବାବୁ !
ଯେଝା ବାଟ ରେ ଯିଏ !
ନୂଆଁ ନୂଆଁ ଚାଲି ଶିଖି ଥିବା "ଶିଶୁ"
ଛଟପଟ "ପେଟ'
ଆଜି ଭୋକ ତୁମେ ସତେ
ଶିଶୁ ଙ୍କ ଛଟପଟ ହୃଦୟ ଜ୍ୱାଳା ରେ !
ଚାଲିଛନ୍ତି ବନ୍ଧୁକ ଗୁଳି ଗୋଲା ର
କମାଣ ର ଶବ୍ଦ ଗୁଞ୍ଜନ ରେ ।
ଚିତ୍କାର କରୁଛି ସେହି "ଶିଶୁ" ଙ୍କ ର
ପେଟ
ଖୋଜୁଛନ୍ତି "ଭୋକ" ମେଣ୍ଟାଇବା ର
"ଭାଗ୍ୟ"
ସୂର୍ଯ୍ୟାସ୍ତ ର ଆଡ କଡ଼ରେ ।
*******"****""*""""******

ସବୁଠି ଅନ୍ଧକାର
ସବୁଠି ! ଜୀବନ ବଞ୍ଚାଇବା ର
"ଭୋକ"
ସାମର୍ଥ୍ୟ ର ଯୁଦ୍ଧ ଡାକରେ ।
"ଭୋକ" ଜୀବନ ର

ISSN NO.
2582-208X

ଭୋକ"  ବଞ୍ଚିବା ର
"ଭୋକ" ବଞ୍ଚାଇବା ର
ଚିତ୍କାର ! ଚିତ୍କାର ! ସବୁଠି ଆହକାର
ଅହଂକାରୀ ସାମର୍ଥ୍ୟ ର
ଯୁଦ୍ଧ "ଯୁଦ୍ଧ" ଯୁଦ୍ଧ" ଡାକରେ ।
ସୂର୍ଯ୍ୟାସ୍ତ ର  ଆଡ କଡ଼ରେ ।
କିଛି କ୍ଷଣ ହାତ ବଢ଼େଇ ଦେ ବାବୁ ।
ସୂର୍ଯ୍ୟାସ୍ତ ର ଆଡ  କଡ଼ରେ !

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

ଜୁନ – ୨୦୨୨
www.vedantimagazine.com
ISSN NO.
2582-208X

# ମା ଚନ୍ଦଳିପାଟ ପୀଠ



କୃଷ୍ଣ ଚନ୍ଦ୍ର ବାରିକ

ପିନ୍ଧି ପାଟ ପିତାମ୍ବରୀ ଢାଲ ଖଡଗକୁ ଧରି
ଅଶ୍ୱ ପୃଷ୍ଠେ ହେଲୁ ରଣ ରଙ୍କା
ଗଣ୍ଡ ମାରୁ ଯୁଦ୍ଧ ଆଉ ବଉଦ ଯୁଦ୍ଧରେ ମାଗୋ
ଜମିଦାର ରାଜା ମୁହଁ ବଙ୍କା

ଭେଡେନର ଜମିଦାର ବଉଦିଆ ନରବର
ହରାଇଲେ ଆପଣାର ସତ୍ତା
ସାତ ପଟୁଆର ମୁଣ୍ଡ ସୋନପୁରେ କଲୁ ରୁଣ୍ଡ
ଘୋଡାଘାଟ ପଡ଼ା ଦିଏ ବାର୍ତ୍ତା

ରାମପୁର ଜମିଦାର ସିଏ ଭକତ ତୋହର
ରାଜା ପାଇଁ ଲଢ଼ିଥିଲା ଯୁଦ୍ଧ
ତୋହର ପ୍ରସାଦେ ମାଗୋ ଜୟ ଯୁକ୍ତ କଲା ସିଏ
କାଟିଲାକ କୋଟି କୋଟି ସ୍କନ୍ଧ

ଛଅ କୋର ବୁକା ବଳୀ ଦେଇଥିଲା ମହା ବଳୀ
ରଖି ତୋର ପାଦଗତେ ଆଶ୍ରା
ଚନାବେଡା ସୁଶୋଭିନୀ ମନ୍ଦାର ମାଳିନୀ ମାଗୋ
ମେଳି ଦେଇ ଆଶିଷ ପସରା

ISSN NO.
2582-208X

ପଦ୍ମ ପୁର ପୁଷ୍କରିଣୀ  ତହିଁ ଉଭା ଠାକୁରାଣୀ
ଆଣିଥିଲା ଡୁମାଲର ନାରୀ
ଡୁମାଲରେ ପାଉ ପୂଜା ଭୋଗ ରାଗ ନାନା ଖଞ୍ଜା
ଆରାମ କଟକ ଅଧିଷ୍ଠାତ୍ରୀ

ଘନ ଘୋର ବନାରଣ୍ୟ ପଡିଅଛି ପଦ ଚିହ୍ନ
ଅତୀତ ସୂଚନା ଦିଏ ଶିଳା
ଉଷା କୋଠି ଭାତ ଖୁରୀ ଦଣ୍ଡାୟ ଫୁଲ ଚାଙ୍ଗିରୀ
ବିଧବା ସକାଳ ଚାରୁ ବାଳା ।।

ସାରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

ISSN NO.
2582-208X

# ଭାରତରେ ପର୍ତ୍ତୁଗୀଜ ମାନଙ୍କ ଚାରିଶହ ତେଷଠି ବର୍ଷ

ପ୍ରିୟବ୍ରତ ପାତ୍ର

ବହୁ ଅତୀତରୁ ସ୍ଥଳପଥ ଦେଇ ଏସିଆ ଓ ଇଉରୋପ ମଧ୍ୟରେ ବ୍ୟବସାୟ ଓ ଗମନାଗମନ ଚାଲିଥିଲା । ପ୍ରମାଣସ୍ୱରୁପ ଭାରତର କେତେକ ଜାଗାରେ ରୋମୀୟ ମାନଙ୍କ ବ୍ୟବହୃତ ଜିନଷ ମିଳବା ପରି, ରୋମରେ ମଧ୍ୟ କଛି ଭାରତର ମୂର୍ତ୍ତି ମିଳଛି । ଆରବ ବ୍ୟବସାୟୀମାନେ ଅତ୍ୟନ୍ତ କଷ୍ଟ ସହିଷ୍ଣୁ ଥିଲେ ଏବଂ ସେମାନେ ହିଁ ମୁଖ୍ୟତଃ ଭାରତରୁ ଜିନଷପତ୍ର ନେଇ ଇଉରୋପୀୟଙ୍କୁ ବିକ୍ରି କରୁଥିଲେ । ପ୍ରାଚୀନ ସାହିତ୍ୟ, ପୁରାଣରେ ସେମାନଙ୍କୁ ଯବନ ବୋଲି କୁହାଯାଉଥିଲା, ଯାହାର ଆକ୍ଷରିକ ଅର୍ଥ ହେଲା "କ୍ଷୀପ୍ରଗାମୀ" । ଆରବୀୟମାନେ ସେମାନଙ୍କ କ୍ଷୀପ୍ରଗାମୀ ଅଶ୍ୱଙ୍କୁ ନେଇ ଖୁବ୍ ଚର୍ଚ୍ଚିତ ଥିଲେ ବୋଲି ଏଭଳ ନାମ ପାଇଥିଲେ । ଇସଲାମ୍ ଧର୍ମର ଅଭ୍ୟୁଥାନ ପରେ ପରେ ଆରବୀୟମାନେ ସଂଗଠିତ ହୋଇଥିଲେ ଏବଂ ଏକତ୍ରିତ ହୋଇ ରାଜନୈତିକ ଓ ବ୍ୟବସାୟ କ୍ଷେତ୍ରରେ ଖ୍ରୀଷ୍ଟିଆନମାନଙ୍କ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଲେ । ସେମାନେ ମଧ୍ୟସ୍ଥି କରି ଅତି ଚଢା ଦରରେ ଇଉରୋପୀୟଙ୍କୁ ବିକ୍ରି କରୁଥିଲେ । ଭେନସ୍ ଓ ଜେନେଭାର ବଣିକମାନେ ମୁଖ୍ୟ ଇଉରୋପୀୟ ବ୍ୟବସାୟୀ ଥିଲେ । ଗୋଟିଏ ଗମନାଗମନର ରାସ୍ତା ଅନୁଯାୟୀ ଭାରତରୁ ଆଫଗାନସ୍ଥାନ ଓ ପର୍ସିଆ ଦେଇ କନଷ୍ଟାଣ୍ଟିନେପଲରେ ଭାରତୀୟ ଦ୍ରବ୍ୟ ପହଞ୍ଚିବା ପରେ ସେଠାରୁ ଇଉରୋପୀୟମାନେ ନେଇଯାଉଥିଲେ । ଅନ୍ୟ ରାସ୍ତାଟି ଥିଲା ବିଶାଳ ବିଶାଳ ମରୁଭୂମିକୁ ଓଟ ପିଠିରେ ପାର କରାଇ ସୁଦୂର ଆଲେକଜାଣ୍ଡ୍ରିଆ ପର୍ଯ୍ୟନ୍ତ ଯିବାପରେ ସେଠାରୁ ଇଉରୋପୀୟମାନେ ସାମଗ୍ରୀ ସବୁକୁ ନଜର ସୁବିଧା ଦେଖି ନେଉଥିଲେ । କ୍ରମେ ସାମୁଦ୍ରିକ ଯାତ୍ରାରେ ପରିବର୍ତ୍ତନ ଆସିବା ଯୋଗୁଁ ଜଳ ରାସ୍ତା ଦେଇ ଆରବ ଉପକୂଳ ସବୁ ଛୁଇଁ ଛୁଇଁ ଭାରତୀୟ ଦ୍ରବ୍ୟ ପହଞ୍ଚୁଥିଲା । ୧୪୫୩ ରେ ତୁର୍କୀର ଅଟୋମାନ ସାମ୍ରାଜ୍ୟ କନଷ୍ଟାଣ୍ଟିନେପଲକୁ ନଜର କରିନେଲାପରେ ଅତ୍ୟଧିକ ଟିକସ ବସାଇ ପ୍ରଚୁର ଲାଭବାନ ହେବାକୁ ଚାହିଁଲେ । ଏପରିକି ଜଳଦସ୍ୟୁମାନେ ସମୁଦ୍ର ପଥରେ ବ୍ୟବସାୟକୁ ଏକ ରକମ ବନ୍ଦ କରିଦେଲେ । ସାରା ଆରବ ଜଗତ ଇଉରୋପୀୟମାନଙ୍କୁ ଭାରତ ସହ ମିଶିବାକୁ ସୁଯୋଗ ଦେଲେ ନାହିଁ । ଏଣେ ଭାରତୀୟ ମସଲା, ହାତୀଦାନ୍ତ, ଦୁର୍ମୂଲ୍ୟ ପଥର, ଜଙ୍ଗଲ

ISSN NO.
2582-208X

ଦ୍ରବ୍ୟ ଆଦି ନପାଇ ଇଉରୋପୀୟ ସମ୍ଭ୍ରାନ୍ତମାନେ ନିଜର ସ୍ୱାଭାବିକ ଅୟସ ଜୀବନରେ ବାଧା ପାଇଲେ । ସେମାନେ ରାଜା ଓ ଦୁଃସାହାସୀ ନାବିକମାନଙ୍କୁ ଚାପ ପକେଇଲେ, ପ୍ରଲୋଭନ ଦେଖେଇଲେ, ଯେକୌଣସି ଉପାୟରେ ଭାରତକୁ ଜଳପଥ ଆବିଷ୍କାର ହେବାଚାହିଁ । ଭାରତକୁ ଆବିଷ୍କାର କରିବା ପାଇଁ କଲମ୍ବସ୍ ଇଉରୋପର ପଶ୍ଚିମ ଦିଗକୁ ଯାତ୍ରା କରି ଆମେରିକାରେ ପହଞ୍ଚିଲେ, ଯାହାକୁ ସେ ଭାରତ ବୋଲି ଭାବିଥିଲେ । ଅନ୍ୟଜଣେ ପ୍ରଚଣ୍ଡ ଦୁଃସାହାସୀ ନାବିକ ଭାସ୍କୋଡାଗାମା ଭାରତକୁ ଜଳପଥ ଆବିଷ୍କାର କରିଥିଲେ । କହିବା ବାହୁଲ୍ୟ, ଇଉରୋପୀୟମାନେ ନିଜ ଭୂଖଣ୍ଡଟିକୁ ହିଁ ପୃଥିବୀ ବୋଲି ଭାବୁଥିଲେ ଏବଂ ଅନ୍ୟ ଏକ ଅଜଣା ଭୂମିକୁ ଆବିଷ୍କାର କଲେ ବୋଲି ଏକ ଭ୍ରାନ୍ତ ଆତ୍ମସନ୍ତୋଷ ପାଉଥିଲେ । ଅସଲ କଥା ହେଲା ଏକ ଜଳପଥ ଆବିଷ୍କାର ହୋଇଥିଲା, ବରଂ ଭାରତ ଯେମିତି ଥିଲା ସେମିତି ।

ଭାରତକୁ ଜଳପଥ ଆବିଷ୍କାର ବିଶ୍ୱ ଇତିହାସର ଏକ ଶ୍ରେଷ୍ଠତମ ଘଟଣା । ପର୍ତ୍ତୁଗୀଜ ନାବିକ କ୍ୟାଥୋଲେମିକ୍ ଡାୟାଜ୍ ଭାରତ ଉଦ୍ଦେଶ୍ୟରେ ବାହାରି ଆଫ୍ରିକା ମହାଦେଶର କୂଳେ କୂଳେ ତରୀ ଚଳାଇ ସେହି ମହାଦେଶର ଦକ୍ଷିଣତମ ଏକ ଅନ୍ତରୀପରେ ପହଞ୍ଚିଲେ । ପ୍ରବଳ ଝଡ ତୋଫାନ୍ ଯୋଗୁଁ ସେ ଆଉ ଆଗକୁ ଆସିପାରିଲେ ନାହିଁ, ବରଂ ଏକ ପ୍ରଚଣ୍ଡ ହତାଶ ବୋଧ ଭିତରେ ଫେରିଯିବାକୁ ବାଧ୍ୟ ହେଲେ । ଆତ୍ମଗ୍ଲାନରେ ଜର୍ଜରିତ ହୋଇ ସେହି ଅନ୍ତରୀପକୁ ଝଡଝଞ୍ଜାର ଅନ୍ତରୀପ ବୋଲି ନାମିତ କରିଥିଲେ । କିନ୍ତୁ ପରେ ପରେ ଅନେକ ନୂଆଁ ନୂଆଁ ସୁଯୋଗ ଓ ସାମୁଦ୍ରିକ ଯାତ୍ରାର ସମ୍ଭାବନା ସୃଷ୍ଟି କରିଥିବା ଯୋଗୁଁ ତାକୁ ଉତ୍ତମ ଆଶାର ଅନ୍ତରୀପ ବୋଲି କୁହାଗଲା । ଭାସ୍କୋଡାଗାମା ଏହି ଅନ୍ତରୀପରୁ ଭାରତକୁ ଯାତ୍ରା ଆରମ୍ଭ କରିଥିଲେ । ସେତେବେଳକୁ ଦିଗବାରେଣୀ ଯନ୍ତ୍ର ବାହାରି ସାରିଥିଲା । ଜଳଯାତ୍ରା ଉପରେ ଅନୁଭୂତି ସଂପନ୍ନ ନାବିକଙ୍କ ଦ୍ୱାରା ଅନେକ ବହି ବି ଲେଖା ସାରିଥିଲା । ଭୂଗୋଳବିତମାନେ ପ୍ରମାଣ କରି ସାରିଥିଲେ ଯେ ପୃଥିବୀ ପୁରାପୁରି ସମତଳ ନୁହେଁ, ବରଂ ଗୋଲାକାର, ଅର୍ଥାତ୍ ଜଣେ ଆଗକୁ ଆଗକୁ ଚାଲିଲେ ଶେଷକୁ ବାହାରିଥିବା ଜାଗାରେ ନିଶ୍ଚୟ ପହଞ୍ଚିବ । କିନ୍ତୁ ସଚରାଚରେ ଏହି ଧାରଣା ଥିଲା ଯେ ସମୁଦ୍ର ହଠାତ୍ କରି କୌଣସି ଏକ ଭୀମଗର୍ତ୍ତ ପାଖରେ ସରିଯାଇଛି, ଯେଉଁଠି ପଡିଲେ ମଣିଷ ବାଇବେଲ ବର୍ଣ୍ଣିତ ଅନନ୍ତ ନର୍କରେ ନିପତିତ ହେବ । ପୁଣି ଧାରଣା ସବୁ ଥିଲା ଯେ ମଝି ସମୁଦ୍ରରେ ବିଶାଳ ଅସୁରମାନେ ରହନ୍ତି, ଡେଣାଥିବା ଅସୁରମାନେ ଶାର୍ଗୁଣାଙ୍କ ପରି ମାଡିଆସି ଜିଅନ୍ତା ଖାଇଯାନ୍ତି । କିଛି କିଛି ନାବିକ ଯାତ୍ରା ସମୟରେ ଏଭଳି ଜନହୀନ ଭାସମାନ ପୋତରେ ଅସ୍ଥି କଙ୍କାଳକୁ ଦେଖି,

ISSN NO.
2582-208X

ସେସବୁ ଅଦୃଶ୍ୟ ପ୍ରେତାତ୍ମାଙ୍କ ଭୌତିକ କାର୍ଯ୍ୟ ବୋଲି ବର୍ଣ୍ଣନା କରୁଥିଲେ । ଖାଦ୍ୟ ଓ ପାଣି ଅଭାବରେ ମରିଯାଇଥିବା ନାବିକମାନଙ୍କ ଆଖି ଗୁଡିକ କୌଣସି ସାମୁଦ୍ରିକ ପକ୍ଷୀ ତାଡି ନେଇଥିବା ଖବର ମଧ୍ଯ ବାହାରୁଥିଲା । ଏତେ ସବୁ ଭୟ ଓ ଭ୍ରାନ୍ତ ସତ୍ତ୍ୱେ ଭାସ୍କୋଡାଗାମା ଦୁଃସାହାସ କରିଥିଲେ, ଏହା ସମଗ୍ର ମଣିଷଙ୍କ ପାଇଂ ଗର୍ବ, ଉଦ୍ଦେଶ୍ୟ ଯାହା ହେଉନା କାହିଁକ । କିଛି ଐତିହାସିକ କହନ୍ତ, କୌଣସି ଆରବୀୟ ପୋତକୁ ଧନରତ୍ନ ଉପହାର ଦେଇ ସେ ଭାରତକୁ ରାସ୍ତା ପାଇଥିଲେ । ଖୋଦ ଲିସବନ୍ ର ଜାତୀୟ ସଂଗ୍ରହାଳୟରେ ସ୍ୱହସ୍ତ ଲିଖିତ ଭାସ୍କୋଡାଗାମାଙ୍କ ଭ୍ରମଣ ବହିରେ ଲେଖାଅଛି – ସ୍କନ୍ଦ ନାମକ ଏକ ବିଶାଳ ଭାରତୀୟ ପୋତକୁ ଉତ୍ତମାଶା ଅନ୍ତରୀପ ଠାରେ ଭେଟ ହେଲାପରେ, ପୋତ ମାଲିକଙ୍କ ସାହାଯ୍ୟ ନେଇ ତାଙ୍କୁ ପଶ୍ଚାଧାବନ କରି ସେ ଭାରତରେ ପହଞ୍ଚିଲେ । ମଇ ମାସ ୨୭ ତାରିଖ, ୧୪୯୮ ରେ କାଲିକଟରେ ପହଞ୍ଚି ସମଗ୍ର ଦଳଟି ଆନନ୍ଦରେ ଆତ୍ମହରା ହୋଇଯାଇଥିଲେ । ଏବଂ ସମୁଦ୍ର ବେଳାରେ ମୁଠା ମୁଠା ବାଲି ଧରି ଚୁମ୍ବନ କରିବାକୁ ଲାଗିଲେ । ସଦ୍ୟ ସ୍ୱର୍ଗରୁ ଓହ୍ଲେଇ ଆସିଥିବା ବିଚିତ୍ର ବେଶପୋଷାକ ପରିହିତ ପାଗଳମାନେ ରାଜାଙ୍କ ବେଳାଭୂମିରେ ବାଲି ଖାଉଛନ୍ତ – ଏହି ସମ୍ବାଦଟି କାଲିକଟର ରାଜା ଜାମୋରୀନଙ୍କ ପାଖରେ ପହଞ୍ଚିଲା । ପାଗଳ ହୁଅନ୍ତୁ ବା ଅସୁର ହୁଅନ୍ତୁ, ଅତିଥିଙ୍କୁ ସସମ୍ମାନେ ଆଣିବାକୁ ନର୍ଦ୍ଦେଶ ଦେବା ପରେ ପ୍ରତିନିଧି ସ୍ୱରୁପ ଭାସ୍କୋଡାଗାମା ରାଜାଙ୍କ ପାଦ ଚୁମ୍ବନ କରି କିଛି ଦିନ ରହିବାର ଅନୁମତି ଭିକ୍ଷା କରିଥିଲେ, ପରେପରେ ବ୍ୟବସାୟ କରିବା ପାଇଁ କିଛି କିଛି ଜାଗା ମଧ୍ଯ ପାଇଲେ । କାଲିକଟ୍, କୋଚନ୍ ଓ କାନ୍ନାନୋରରେ କିଛି ପେଣ୍ଠ ସ୍ଥାପନ ପାଇଁ ଜାଗା ପାଇଲେ । ଏକ ପ୍ରାଚୀନ ଦଲିଲ୍ କହେ ଯିବା ସମୟରେ ରାଜା ପୋତଭରି ଯେଉଁ ଉପହାର ଦେଇଥିଲେ, ଭାସ୍କୋଡାଗାମାଙ୍କ ତମାମ ଜଳଯାତ୍ରା ଓ ରହଣି ଖର୍ଚ୍ଚର ତାହା ଥିଲା ଷାଠିଏ ଗୁଣ । ତା ସହିତ ରାଜାଙ୍କ ଅମୂଲ୍ୟ ଚିଠି ପର୍ତ୍ତୁଗାଲର ରାଜାଙ୍କ ଉଦ୍ଦେଶ୍ୟରେ, ଯେଉଁଥିରେ ଉଲ୍ଲେଖ ଥିଲା – ଏଠାରୁ ଯେତେ ପାରୁଛ ଅଳେଇଚ, ଲବଙ୍ଗ, ଡାଲଚିନି, ଅଦା, ଗୋଲମଇଚ ନେଇଯାଅ । ବଦଳରେ ମୋର ଦରକାର ତୁମ ରାଜ୍ୟର ସୁନା, ରୂପା, ମୁକ୍ତା ଓ ରେଶମ ବସ୍ତ୍ର ।

୧୫୦୦ ମସିହାରେ ପ୍ରଥମ କରି ପେଡ୍ରୋ ଆଲଭାରେଜ କାବ୍ରାଲ ନାମକ ପର୍ତ୍ତୁଗୀଜ ବଣିକ ୧୩ ଖଣ୍ଡ ବାଣିଜ୍ୟ ପୋତ ଧରି ଭାରତ ଉପକୂଳରେ ପହଞ୍ଚିଲେ । ସାମ୍ରାଜ୍ୟ ବିସ୍ତାରର ପର୍ବ ଆରମ୍ଭ ହୋଇଗଲା । ପ୍ରଥମେ ପ୍ରତିଯୋଗୀ ସାଜିଥିବା ଆରବ ଜଳଦସ୍ୟୁ ଓ ବେପାରୀଙ୍କୁ

ISSN NO.
2582-208X

ନିର୍ମୂଳ କରିଦେଲେ। ନିଜର ଆଧୁନିକ ବନ୍ଧୁକ, ବାରୁଦ ତଥା ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ପରସ୍ପର ଭିତରେ ଯୁଦ୍ଧରତ ଛୋଟ ଛୋଟ ରାଜାଙ୍କୁ ପରାସ୍ତ କରି ନିରୀହ ଶାନ୍ତିପ୍ରିୟ ତଥା ଧର୍ମଭୀରୁ ଭାରତର ଆଦିବାସୀଙ୍କୁ ଭୟଭୀତ କରାଇ ସେମାନେ ପୂର୍ବ ଉପକୂଳ ସାରା ବ୍ୟାପ୍ତ ହେଲେ। ସେମାନଙ୍କ ଶାସନ, ସଂଗଠନ ପାଇଁ ଓ ଭାରତରେ ଉପନିବେଶ ସୃଷ୍ଟି ପାଇଁ ଶିଳ୍ପ ସାମଗ୍ରୀର ବିକ୍ରୟ ପାଇଁ ଏକ ଶାସକର ଆବଶ୍ୟକ ଥିଲା। ପ୍ରଥମ ଗଭର୍ଣ୍ଣର ଜେନେରାଲ ଭାବେ ଫ୍ରାନସିସ୍କୋ ଡି ଆଲମେଡିଆ ଆସିଲେ, ଯିଏକ ପ୍ରତିଦ୍ଵନ୍ଦୀଙ୍କୁ ନିର୍ମୂଳ କଲେ। ଦ୍ଵିତୀୟ ଗଭର୍ଣ୍ଣର ଜେନେରାଲ ୧୫୧୦ ରେ ଏ.ଫନସୋଓ୍ୱ.ଡି. ଆଲବୁକ୍ୟୁରେକ୍ ବିଜାପୁର ସୁନତାନକୁ ପରାସ୍ତ କରି ଗୋଆକୁ ନିଜ ଅଧୀନସ୍ଥ କଲେ। ପୂର୍ବ ଉପକୂଳର ମାଲବାର୍ କୁ ନିଜ ଅଧିକାରଭୁକ୍ତ କଲାପରେ ବମ୍ବେ, ଡାମନ, ଡିଉ, ମଧ୍ୟସିଟି, ବସିନ, ଶ୍ରୀଲଙ୍କା, ନଗରହାବେଲି ଏବଂ ସୁଦୂର ବେଙ୍ଗଲରେ ଚଟ୍ଟ ଗାଁ ଓ ହୁଗୁଳିରେ ରାଜତ୍ଵ ଆରମ୍ଭ କଲେ।

ଭାରତ ବାହାରେ ଉପନିବେଶବାଦୀ ମନୋଭାବ ନେଇ ପର୍ସିଆର ହରମୁଜ୍ ଠାରୁ ମାଳୟ ଓ ଇଣ୍ଡୋନେସିଆରେ ପର୍ତ୍ତୁଗୀଜ ଜାତୀୟ ପତାକା ଉଡିଲା। ମଧ୍ୟ ଆଫ୍ରିକାର ଆଙ୍ଗୋଲା, ଗିନ, ପୂର୍ବ ଆଫ୍ରିକାର ମୋଜାମ୍ବିକ୍ ଏସବୁ ମଧ୍ୟ ଉପନିବେଶରେ ପରିଣତ ହେଲା । ଏକ ଦଲିଲ କହେ, ପର୍ତ୍ତୁଗାଲର ରାଜା ନିଜ କନ୍ୟା କ୍ୟାଥାରିନ୍ ଙ୍କ ସହ ଇଂଲଣ୍ଡ ରାଜା ଦ୍ଵିତୀୟ ଚାର୍ଲସଙ୍କୁ ବିବାହ ଦେବାବେଳେ ଯୌତୁକ ସ୍ଵରୂପ ବମ୍ବେକୁ ଦେଇଥିଲେ। ୧୬୬୮ ରେ ବମ୍ବେକୁ ଇଂଲଣ୍ଡର ରାଜା ବ୍ୟବସାୟିକ ଗୁରୁତ୍ଵ ଦୃଷ୍ଟିରୁ ଇଷ୍ଟଇଣ୍ଡିଆ କମ୍ପାନୀକୁ ଅର୍ପଣ କରିଥିଲେ। ପରେ ପରେ ତିନି ଶହ ବର୍ଷ ଧରି ସାରା ଭାରତରେ ଇଂରେଜ ଶକ୍ତି ପ୍ରଚଣ୍ଡ ଭାବେ ପ୍ରଭାବଶାଳୀ ରହିବା ସତ୍ତ୍ଵେ, ବୋଧେ କୌଣସି ରକ୍ତଗତ ଆବେଗର କାରଣ ଯୋଗୁଁ ପର୍ତ୍ତୁଗୀଜମାନଙ୍କୁ ଗୋଆ ଅଞ୍ଚଳରୁ ହଟେଇବାକୁ ଇଂରେଜ ରାଜା କେବେହେଲେ ଇଚ୍ଛା କରି ନଥିଲେ।

## ଭାରତରେ ପର୍ତ୍ତୁଗୀଜମାନଙ୍କ ଅସଫଳତାର କାରଣ:

ବ୍ୟବସାୟ ଅପେକ୍ଷା ସେମାନେ ଭାରତରୁ ଅଧୈର୍ଯ୍ୟ ଭାବେ ଲୁଟିବା ଓ ଛଡେଇ ନେବାରେ ବେଶୀ ମନ ଦେଲେ। ନିରୀହ ଲୋକମାନଙ୍କୁ ଧର୍ମାନ୍ତରୀକରଣ କଲେ, କ୍ରୀତଦାସ କରି ବିକଦେଲେ। ଶାସନଗତ ତ୍ରୁଟି ଓ ପରିଚାଳନାଗତ ଦୁର୍ବଳତା ଯୋଗୁଁ ଜନପ୍ରିୟତା

ISSN NO.
2582-208X

ହରେଇଥିଲେ । ବିଜୟନଗରମ୍ ପତନ ପରେ ଗୋଆର ବାଣିଜ୍ୟିକ ଗୁରୁତ୍ୱ କମିଯାଇଥିଲା । ୧୫୮୦ ରେ ଇଉରୋପରେ ପର୍ତ୍ତୁଗାଲ ସ୍ପେନ୍ ଦ୍ୱାରା ପରାଭୂତ ଲଭିବା ପରେ ଭାରତରେ ସ୍ପେନୀୟମାନଙ୍କୁ ପର୍ତ୍ତୁଗୀଜମାନେ ବାଟ ଛାଡିଦେଲେ । ୧୫୮୮ ରେ ସ୍ପେନ୍ ପୁନଶ୍ଚ ଇଂଲଣ୍ଡ ଦ୍ୱାରା ପରାଭୂତ ଲଭିବା ଯୋଗୁଁ ସ୍ପେନ୍ ଓ ପର୍ତ୍ତୁଗାଲ ଦୁହେଁ ଭାରତରେ ଇଂଲଣ୍ଡକୁ ବାଟ ଛାଡିଦେଲେ । ସବୁଠୁ ବଡ କାରଣ ହେଲା ଦକ୍ଷିଣ ଆମେରିକାର ବ୍ରାଜିଲକୁ ଜଳପଥ ଆବିଷ୍କାର କରିବା ପରେ, ସେଠାରେ ଖଣିଜ ସଂପତ୍ତି, ଜଙ୍ଗଲ ସଂପତ୍ତି ଓ ଶସ୍ତା ଶ୍ରମିକ ତାଙ୍କୁ ଏତେ ଆକର୍ଷଣ କଲା ଯେ ଅଯଥା ଭାରତ ଭିତରେ ସଂକୁଚିତ ହୋଇ ରହିବାକୁ ଚାହିଁଲେ ନାହିଁ । ଆମାଜାନ୍ ଅବବାହିକାର ସୁବର୍ଣ୍ଣ ଖଣି ଏହି ଜାତିକୁ ସତେ ଅବା ନିୟତି ନିର୍ଦ୍ଦେଶ ପରି ଭାରତରୁ ଟାଣି ନେଇଗଲା । ଭାରତ ସ୍ୱାଧୀନ ହେବାର ବହୁ ବର୍ଷ ପର୍ଯ୍ୟନ୍ତ ସେମାନେ ଗୋଆରେ ଅବଶ୍ୟ ଶାସନ କରୁଥିଲେ । ଗୋଆ ମୁକ୍ତ ଆନ୍ଦୋଳନ, ଗୋଆର ଜାତୀୟତାବାଦର ପ୍ରସାର ଫଳରେ ପର୍ତ୍ତୁଗୀଜମାନେ ଗୋଆ ଛାଡିବାକୁ ଏକ ରକମ ବାଧ୍ୟ ହେଲେ । ୧୯୬୧ ମସିହା ମଇ ୨୭ ତାରିଖରେ ଭାରତର ସୈନ୍ୟବାହିନୀ ଗୋଆରେ ପ୍ରବେଶ କରି ଗୋଆକୁ ଭାରତରେ ମିଶେଇ ଦେଇଥିଲେ । ବିଦାୟକାଳୀନ ମହାସଭାରେ ଶେଷ ଗଭର୍ଣ୍ଣର ଜେନେରାଲ ଅନ୍ୟ ଏକ ଗଭର୍ଣ୍ଣର ଜେନେରାଲ୍ ଆଲଫାନଜୋ.ଡି.ସୋଜାଙ୍କ ଉକ୍ତକୁ ଦୋହରାଇଥିଲେ ଯାହାର ଭାବାର୍ଥ ହେଲା - ପର୍ତ୍ତୁଗୀଜମାନେ ଏକ ହସ୍ତରେ ତରବାରୀ ଓ ଅନ୍ୟ ଏକ ହସ୍ତରେ କ୍ରୁଶ୍ ଚିହ୍ନ ପରିତ୍ୟାଗ କରି ଅର୍ଥ ଆହରଣ କରିବାରେ ଲାଗିଲେ । ଗୋଟିଏ ହାତରେ ସମ୍ପଦ ଧାରଣ କରିବାକୁ ଅସମର୍ଥ ହୋଇ ସେମାନେ ତରବାରଇ ତ୍ୟାଗ କରି ଦୁଇ ହାତରେ ଲୁଟି ନେବାକୁ ବସିଲେ । ସେମାନଙ୍କୁ ଏହି ଅବସ୍ଥାରେ ଦେଖି ଅନ୍ୟ ଆଗନ୍ତୁକମାନେ ସହଜରେ ପରାଜିତ କଲେ ।

୧୪୯୮ ମେ ୨୭ ଠାରୁ ୧୯୬୧ ମସିହା ମେ ୨୭ - ଏହି ଚାରି ଶହ ତେଷଠି ବର୍ଷ ହେଉଛି ପର୍ତ୍ତୁଗୀଜ ମାନଙ୍କ ଭାରତବର୍ଷରେ ସଂକ୍ଷିପ୍ତ ଇତିହାସ ।

କ୍ରମଶଃ...

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# କଲମ ଲେଖିବ, ମରମ କହିବ



ଜୟ କୁମାର ମିଶ୍ର

କଲମ ଲେଖୁଛି, ହାଡ଼ ଭାଙ୍ଗୁଅଛି
ମଉନର  ବଜ୍ରାଘାତେ
ମରମେ ମରମେ, ଭେଦି ଯାଏ ସବୁ
ମଉନ ବେଦନା କେତେ ।
ଭଦ୍ର ବାବୁଙ୍କର, କରି ସେ ବାହାର
ଅସଲ ଚେହେରା କାଢ଼େ,
ଛଦ୍ମ ବେଶିଙ୍କର, ଅନ୍ଧାର  ବେଭାର
ପାଠକ ମହଲେ ବାଢ଼େ ।
ଠକ ଟାଉଟର, ହୁଏ ଥରହର
ବଢୁଛି ରକତ ଚାପ,
ନିଦକୁ ହଜାଏ, ଭୋକ ମରିଯାଏ
କହିଦିଏ, ପୂଣ୍ୟ,  ପାପ ।
ପ୍ରଜା ସେବା ନାମେ, ମିଛମିଛ ପ୍ରେମେ
ଲୁଣ୍ଠନ, ଶୋଷଣ   ନୀତି,
କଳା କରନାମା, ନାହିଁ ତାର ସୀମା
ଦେଉଛି ମନରେ ଭିତ୍ତି ।
ମାମୁଁଘର ଯିବ, ବନ୍ଦୀ ବାନ୍ଧି ହେବ
ଦିନେ  ହେବ ଲୋକହସା,
କଲମ କାଳିର, ଖାଇବ ପ୍ରହାର

ISSN NO.
2582-208X

ଥଙ୍ଗଥଙ୍ଗ କଥା ଭାଷା ।
ଜଗିଛି କଲମ, ବୋଳିବ ମଲମ
ବଙ୍କା ସିଧା କରିଦେବ,
କ୍ଷମତା ଅନ୍ଧଙ୍କ, ଆଖି ଖୋଲିଦେବ
ପାଇଯିବ ପରାଭବ ।
ନିରୀହ, ଗରିବ, ଖଟିଖିଆ ଧନ
କରିବ  ଅଜୀର୍ଣ୍ଣ, ତାହା,
ରୋଗ ବୈରାଗେ, ଚୋରଖଣ୍ଟ ଆଗେ
ଚାଲିଯିବ ଖୋଜି ରାହା ।
କେତେ ଦିନ ବାବୁ, ଲୁଚିଛପି ନେବୁ
ମାଧ୍ୟସ୍ଥିଙ୍କ ଜରିଆରେ,
ମାଣ ପୁରିଗଲେ, ସେର ଭରିଗଲେ
ବିଭୁ ବି ନରଖି ପରେ ।
ହୁଅ ସାବଧାନ, ସଞ୍ଚିତରେ ମନ
ଲାଭ ଲୋଭ ପରିହରି,
ବେଶି ମିଠା ଖାଇ, ମଧୁମେହ ନେଇ
ସ୍ୱାସ୍ଥ୍ୟକୁ ଦିଅନା ସାରି ।
ତୋର ଆଖିଆଗେ
ଗଲେ ବେଗେବେଗେ
ଚତୁର ଜ୍ଞାନକୁ ଥୋଇ,
ତୁ ମନେ ଭାବୁଛୁ, ମୁହିଁ ପାରିବାର
କେ କିଛି ଜାଣନ୍ତି ନାହିଁ ।
କେଡେ କେଡେ ରଥି,
କେତେ ଯେ ସାରଥୀ
ଟଳିପଡି ଧରାଶାୟୀ,
ମାଟିକୁ କାମୁଡି, ବୋବାଳିକୁ ଛାଡି
ସରଗକୁ ଗଲେ ସେହି ।

ISSN NO.
2582-208X

କି ଅବା ଆଣିଛୁ, କିସ ଘେନିଯିବୁ
ହାଇଁଫାଇ କିମ୍ପା ହେଉ,??...
ଆଜି ମଲେ କାଲି, ଦୁଇ ଦିନ ହେବ
ବାଣ୍ଟି ନେବେ ପୁଅବୋହୂ ।
ହେବୁ ପଚା ମଢ଼ା, ଗଣି ଟଙ୍କା ବିଡା
ଡାକ୍ତର ଓକିଲ ପାଶେ,
ନିଶହାୟ ହୋଇ, ମରିବୁରେ ତୁହି
ବେଦନାକୁ ସହି ଶେଷେ ।
ଭଲ ମନ୍ଦ କଥା, ସ୍ମଶାନ କହିବ
ଅନ୍ତିମ ଯାତରା ପଥେ,
ଖଇ କଉଡ଼ିଟି, ତୋର ପାଇଁ ଭେଟି
ଲିଆ ପଣା ବିଦ୍ଧି ମତେ ।
ଚିପି ପରତଣ୍ଟି, ବାନ୍ଧୁଅଛୁ ଗଣ୍ଠି
ପାପର ବିଜୁଳି ଘେନି,
ମାନ ସନମାନ, କରି ହେୟଜ୍ଞାନ
ସମାଜରେ ହୀନିମାନି ।
କଲମ ସାଜିଛି, ସତର୍କ ପ୍ରହରୀ
ଗୁଇନ୍ଦା ହୁଅଇ କେବେ,
ପାଇଲେ ସୁରାକ, ସବୁ ରୂପରେଖ
ଓଗାଳି ସେ କହିଦେବେ ।
ସେ ପରା ଲେଖିବ, ମରମ କହିବ
କଳଙ୍କ କାଳିମା କଥା,
ଇତିହସ ହୋଇ, ରହିଯିବ ସେହି
ମିଠାକୁ କରିବ ପିତା ।

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଯିବାନାହିଁ କେବେ ଭୁଲି



ଜୟନ୍ତ କୁମାର ମଲ୍ଲିକ୍

ଗୋଟିଏ ଶପଥ କରିଥିଲେ ଆମେ
ଠାକୁରଙ୍କ ପାଖେ ଯାଇ
ଯେତେ ବଡ଼ ବଡ଼ ବିପଦ ଆସିଲେ
ମଥା ପାତି ଯିବା ସହି ।

ଏକାଠି ବଞ୍ଚିବା ଏକାଠି ମରିବା
କେବେ ହେବାନାହିଁ ପର
ଦୁନିଆଁ ପାଖରେ ଦେଖେଇ ପାରିବା
ତୋଳିକି ସୁନ୍ଦର ଘର ।

ତୁମେ ବସିଥିବ ମୋହରି ପାଖରେ
କହୁଥିବ ମିଠା ଗପ
ଗପ ଶୁଣୁ ଶୁଣୁ ନିଦ ଆସିଗଲେ
ପକାଇ ଶୋଇବା ସପ ।

ISSN NO.
2582-208X

ଛୋଟ ଏହି ଘରେ ଆମେଦୁହେଁ ଥିବା
ଲାଗୁଥିବ ଖାଲି ଖାଲି
ଯେତେବେଳେ ମୋର ନିଦ ଭାଙ୍ଗିଯିବ
ହସୁଥିବ ଖିଲି ଖିଲି ।

ଶପଥ ଆମର ପୁରଣ କରିବା
ଯିବା ନାହିଁ ଭୁଲି କେବେ
ଅନ୍ତରର କଥା ସବୁ କହିଦେଲି
ସାଥିଟିଏ ହେଲ ଯେବେ ।

ଶୁରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୭୫୭୨୭

ISSN NO.
2582-208X

# କର୍‌ବଲମ୍ବଂ ମମ ଦେହି ବିଷ୍ଣୋ!



ବିଜୟ କୁମାର ସାହୁ

ହେ ଅଶରଣ ଶରଣ ରକ୍ଷଣ ମହାବାହୋ ! ହେ ଅଗତିର ଗତି ପତିତପାବନ ! ହେ ଆର୍ତ୍ତତ୍ରାଣ ଦୀନବନ୍ଧୁ ଦୀନନାଥ ଦୟାସାଗର କ୍ଷମାଶୀଳ ପରମ ପ୍ରେମମୟ ବାଞ୍ଛାକଳ୍ପତରୁ ମର୍ଯ୍ୟାଦାବନ୍ତ ପୁରୁଷୋତ୍ତମ ! ହେ ନିରାକାର ନିର୍ଗୁଣ ଅଶେଷ ଅଲେଖ ଅନାଦି ଅନନ୍ତ ଅଚିନ୍ତନୀୟ ନିର୍ବିଶେଷ ବ୍ରହ୍ମ ! ତୁମେ ସଗୁଣ ସାକାର ଗୁଣାଗାର ପରମ ସାକ୍ଷୀ ପରମଚେତନ ତୁମେ ଦ୍ରଷ୍ଟା ତୁମେ ଭକ୍ତମାନଙ୍କର ଅଭୟଦାତା ତୁମେ ମହାଦାନୀ ଓ ଚିନ୍ତାମଣି ଭାବଗ୍ରାହୀ । ହେ ଭଗବନ ! ତୁମେ ଜ୍ଞାନୀମାନଙ୍କର ଜ୍ଞାନସିନ୍ଧୁ, କର୍ମଯୋଗୀମାନଙ୍କର ବିଶ୍ରାମସ୍ଥଳୀ, ହେ ଆନନ୍ଦକନ୍ଦ ନିତ୍ୟାନନ୍ଦ ଅରବିନ୍ଦ ପ୍ରେମଶୀଳ ପ୍ରେମମୟ ମାୟାତୀତ ସମସ୍ତ ଭୂତାଧିବାସ ରସରାଜ ଯୋଗୀଜନ ହୃଦଚନ୍ଦନ ଅମଳ କମଳ ଦଳଲୋଚନ ଭବମୋଚନ ତ୍ରିଭୁବନ ମଦନମୋହନ ଶ୍ରୀମୁଖ ଚନ୍ଦ୍ରଚକୋର ଯୋଗୀଜନ ମାନସହଂସ ହେ ପୁରୁଷଶ୍ରେଷ୍ଠ ଭଗବାନ ତୁମର ଅସଂଖ୍ୟ ମସ୍ତକ, ଅସଂଖ୍ୟ ନେତ୍ର, ଅଗଣିତ ବାହୁ, ଅଗଣିତ ପୟର । ତୁମ ନୟନାରବିନ୍ଦରୁ, ମୁଖାରବିନ୍ଦରୁ ଏବଂ ପଦାରବିନ୍ଦରୁ ଅମୃତ ବର୍ଷଣ ହୁଏ । ସେହି ଅମୃତକୁ ପାନ କରିବା ପାଇଁ ଯୁଗ ଯୁଗ ଧରି କେତେ ଯେ ମୁନି, ଋଷି, ଭକ୍ତ ତପସ୍ୟାରତ ।

ହେ ଈଶ୍ୱର ! ସମସ୍ତ ସମୟ ଦିବାରାତ୍ରି ଗ୍ରହନକ୍ଷତ୍ର ଦିଗବିଦିଗ ଅଧ ଊର୍ଦ୍ଧ୍ୱ ସ୍ଥାନ ପାତ୍ର ଅପାତ୍ର ଆମ ଜୀବମାନଙ୍କ ପାଇଁ ଯାହା ଯାହା ନିର୍ଦ୍ଦିଷ୍ଟ ରଚନା କରିଛନ୍ତି ସେହି ପ୍ରପଞ୍ଚରୁ ତୁମେ ଊର୍ଦ୍ଧ୍ୱରେ । ହେ ଭଗବନ ! ସମସ୍ତ ଦେବଗଣ ତୁମର ଜୟ ଜୟକାର କରନ୍ତି । ତୁମେ ଅଣୋରଣୀୟାନ ମହତୋମହୀୟାନ । ତୁମେ ସମସ୍ତ ଲୋକର ଲୋକପାଳ, କାଳର ମହାକାଳ । ଆପଣଙ୍କ ଭ୍ରୁକୁଞ୍ଚନରେ ସୃଷ୍ଟିର ପ୍ରଳୟ ସାଧିତ ହୁଏ । ତୁମକୁ ସୃଷ୍ଟି କରିବା ନିମନ୍ତେ କେହି ଜନ୍ମ ହୋଇନାହାନ୍ତି ତେଣୁ ତୁମେ ଅଜନ୍ମା । କିନ୍ତୁ ଆମ୍ଭମାନଙ୍କ ପାଇଁ

ISSN NO.
2582-208X

ଜଣେକେହି ସ୍ରଷ୍ଟା ଅଛନ୍ତି, ସେହି ସ୍ରଷ୍ଟା ହିଁ ଆପଣ । ଆପଣ ପରା ଗୀତାଜ୍ଞାନ ଦେବା ସମୟରେ ଅର୍ଜୁନଙ୍କୁ କହିଅଛନ୍ତି, "ବୀଜଂ ମାଂ ସର୍ବଭୁତାନାଂ ....." । ପୁନଃ କୁହାଯାଏ ସମସ୍ତ କ୍ଷର ଅକ୍ଷର ଭୁତ ଭବିଷ୍ୟ କାର୍ଯ୍ୟ କାରଣର ଉର୍ଦ୍ଧ୍ୱରେ ଆପଣ । ସେଥିପାଇଁ ଆପଣ କାଳାତୀତ । ଆପଣ ସ୍ୱୀକାର କରିଛନ୍ତି ଯେ; ମୁଁ ସମସ୍ତ ପ୍ରାଣୀମାନଙ୍କର ଆଦି ମଧ୍ୟ ଏବଂ ଅନ୍ତଃସ୍ଥଳୀ ।

ହେ ଭଗବାନ ! ଆପଣଙ୍କର ପାଦ ନାହିଁ ଅଥଚ ଅନେକ ପଥ ଅତିକ୍ରମ କରିପାରନ୍ତି, ଆପଣଙ୍କର ହସ୍ତ ନାହିଁ ଅଥଚ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରନ୍ତି, ଆପଣଙ୍କର ଚକ୍ଷୁ ନାହିଁ, ଅଥଚ ଏ ତିନି ବ୍ରହ୍ମାଣ୍ଡରେ ଥିବା ପ୍ରତ୍ୟେକ ବସ୍ତୁକୁ ଦର୍ଶନ କରନ୍ତି, ଆପଣଙ୍କର କର୍ଣ୍ଣନାହିଁ, ଅଥଚ ଲକ୍ଷେ ଯୋଜନରୁ ଉଚ୍ଚାରିତ ଶବ୍ଦକୁ ଗ୍ରହଣ କରନ୍ତି ଏପରିକି ପିମ୍ପୁଡିର ପାଦର ନୁପୁର ଧ୍ୱନିକୁ ଶ୍ରବଣ କରିପାରନ୍ତି । ଆପଣଙ୍କର ନାସା ନାହିଁ ଅଥଚ ସୁବାସିତ ଗନ୍ଧ ଆଘ୍ରାଣ କରନ୍ତି, ଆପଣଙ୍କର ଉଦର ନାହିଁ ଥଚ ଛପନ କୋଟି ଭୋଗ ବ୍ୟଞ୍ଜନ କରନ୍ତି । ଆପଣ ଇଚ୍ଛା କଲେ କଣ ବା ନ ହୁଏ? ଆପଣ ଇଚ୍ଛାମୟ, ଲୀଳାମୟ, ଆନନ୍ଦମୟ, ଭାବମୟ ଓ ପ୍ରେମମୟ । ବୁଢିଆଣୀ ତାର ମୁଖ ଗହ୍ୱର ମଧ୍ୟରୁ ନିର୍ଗତ ରସରେ ଜାଲ ପ୍ରସ୍ତୁତ କରି ଯେପରି ସେହି ଜାଲକୁ ଅପସାରିତ କରିନିଏ ତଦ୍ରୁପ ହେ ଭଗବାନ! ଏହି ସୃଷ୍ଟିକୁ ଆପଣ ରଚନା କରି ଅବଶେଷରେ ନିଜର ହିରଣ୍ୟଗର୍ଭରେ ଲୀନ କରିଦିଅନ୍ତି ।

ଯେତେବେଳେ ଆପଣ ଏକୁଟିଆ ଥିଲେ ସେତେବେଳେ ବୋଧହୁଏ ଆପଣଙ୍କୁ ବିରକ୍ତି ଲାଗିଥାଇପାରେ । ସାଧାରଣତଃ ଆମ ମନୁଷ୍ୟମାନଙ୍କ ଭିତରୁ କାହାକୁ ଯଦି ସମୁଦ୍ର ମଧ୍ୟରେ ଥିବା ନିର୍ଜନ ଦ୍ୱୀପ ମଧ୍ୟରେ ଅଥବା ଘନ ଜଙ୍ଗଲ ମଧ୍ୟରେ ଏକାକୀ ଛାଡି ଦିଆଯାଏ ତେବେ ତାହାର ଶାରୀରିକ, ମାନସିକ ଓ ବୌଦ୍ଧିକ ଅବସ୍ଥା ଯେ କଣ ହେବ ତାହା କଳ୍ପନା କରିବସିଲେ ମନ ଭିଗରେ ଏକ ଭୟ ସୃଷ୍ଟି ହୁଏ, କିନ୍ତୁ ଆପଣେ ଯେତେବେଳେ ଏକାକୀ ଥିଲେ ଏସବୁ ପ୍ରତିକ୍ରିୟା ତୁମଠାରେ ନଥିଲେ । କାରଣ ଆପଣ ଚିର ଆନନ୍ଦମୟ, ଶାଶ୍ୱତ, ଚିନ୍ମୟ ଅଟନ୍ତି ।

ଯେତେବେଳେ ସୂର୍ଯ୍ୟ ଚନ୍ଦ୍ର ନଥିଲେ, ଦିନ ଓ ରାତି ନଥିଲା, ଗ୍ରହନକ୍ଷତ୍ର ନଥିଲେ, ସୃଷ୍ଟି ନଥିଲା ସେତେବେଳେ ଆପଣ ତ ଥିଲେ, ତେବେ ଆପଣଙ୍କୁ କେମିତି ଲାଗିଥିବ? ତେଣୁ

ISSN NO.
2582-208X

ଆପଣ ସୃଷ୍ଟି କଲେ । ଆତ୍ମା କ୍ରିଡନେ ନରହରି । ପୂର୍ବେ ଅନେକ ସୃଷ୍ଟି କରି ॥ ସଂସାରେ ଖେଳି ନାନାମତେ । ସନ୍ତୋଷ ନ ପାଇଲା ଚିତ୍ତେ ॥ ଏଣୁ ମାନବ ସୃଷ୍ଟି କଲା । ଯହିଁ ବିଶ୍ରାମ ସର୍ବ ଲୀଳା ॥ ବେଦ କହିଲେ ଆପଣ ସମସ୍ତଙ୍କର ସ୍ରଷ୍ଟା ପୁଣି ସୃଷ୍ଟିକୁ ପୋଷଣ କରୁଥିବାରୁ ପାଳନକର୍ତ୍ତା ବା ବିଷ୍ଣୁ ଏବଂ ସୃଷ୍ଟିରେ ଜୀବମାନଙ୍କର କର୍ମ ଦିପାକ ଯୋଗୁଁ ଯେଉଁ ପ୍ରକାର ଦଣ୍ଡ ପ୍ରଦାନ କରନ୍ତି ସେଥିପାଇଁ ଆପଣଙ୍କୁ ବିଧାତା କୁହାଯାଏ । ସୃଷ୍ଟିକୁ ସଂହାର କରୁଥିବାରୁ ଆପଣ ମହେଶ୍ୱର ଅଟନ୍ତି ଅର୍ଥାତ ଆପଣ ଜୀବମାନଙ୍କର ଅହଂକାରକୁ ନଷ୍ଟ କରିଦିଅନ୍ତି । ଆପଣ ଏକାଧାରରେ ଅନାଦି, ଅନନ୍ତ, ଅଚ୍ୟୁତ, ଗୋବିନ୍ଦ, ନୃସିଂହ, ବାମନ, ପରଶୁରାମ, ରାମ, କୃଷ୍ଣ, ବଳରାମ ଅଟନ୍ତି ।

ଆପଣ ରୁଦ୍ର, ମହେଶ, ଶଙ୍କର, ଆଶୁତୋଷ, ଦେବଦବ ମହାଦେବ ଅଟନ୍ତି । ଆପଣ ଇନ୍ଦ୍ର, ବରୁଣ, ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ଅନ୍ତରିକ୍ଷ ମଧ୍ୟ ଅଟନ୍ତି । ଆପଣ ତେଜ, ଧୃତି, ଦୟା, କ୍ଷମା ଅଟନ୍ତି । ଆପଣ ଜଗତଜନନୀ ଭବାନୀ, ଦୂର୍ଗା, ଚଣ୍ଡୀ, କାଳୀ, ଭୈରବୀ, ମହାଲକ୍ଷ୍ମୀ, ମହାସରସ୍ୱତୀ, ଗାୟତ୍ରୀ ମଧ୍ୟ ଅଟନ୍ତି । ଆପଣ ଗ୍ରହ, ନକ୍ଷତ୍ର, ତିଥି, ବାର ବି ଅଟନ୍ତି । ଆପଣ ସମସ୍ତ ଶକ୍ତି, ସମସ୍ତ ଐଶ୍ୱର୍ଯ୍ୟ, ସମସ୍ତ ଜ୍ଞାନ ଅଟନ୍ତି, ଅର୍ଥାତ ଆପଣ ବିଜ୍ଞାନ । ଆପଣ ସର୍ବ ଶକ୍ତିମାନ ହେତୁ ଉଭୟ ସବିଶେଷ (ଅସାଧାରଣ) ଓ ବିଶେଷ (ଅସାମାନ୍ୟ) ଅଟନ୍ତି । ଆପଣ ବିଶିଷ୍ଟାଦ୍ୱୈତ ଏବଂ ଦ୍ୱୈତ ମଧ୍ୟ ଅଟନ୍ତି । ଆପଣ ପରତନ୍ତ୍ର ନହୋଇ ବରଂ ସ୍ୱତନ୍ତ୍ର ଅଟନ୍ତି । ଆପଣଙ୍କୁ ବୁଝିବାର, ଆପଣଙ୍କୁ ଜାଣିବାର ଉପାୟ ହେଉଛି ଏକମାତ୍ର ଆପଣଙ୍କ କୃପା, ନଚେତ ଆପଣଙ୍କୁ କିଏ ବା ବୁଝିବ ଆ କିଏ ବା ଜାଣିବ ଏପରି ଶକ୍ତି କାହାର ଅଛି ଯେ ।

ହେ ଭଗବାନ ! ପୂର୍ବ କର୍ମ ବିପାକ ଯୋଗୁଁ ମୁଁ ଯେଉଁ ଦୁଃଖ, ଶୋକ, ଯନ୍ତ୍ରଣା ଭୋଗ କରୁଅଛି, ତାହା ମଧ୍ୟ ଆପଣଙ୍କର କୃପା । କାରଣ ଆପଣଙ୍କ ଆଜ୍ଞା ହେଲେ, ଆପଣଙ୍କ କୃପା ବୃଷ୍ଟି ହେଲେ ଆପଣ ମୋ ପ୍ରତି ସଦୟ ହେଲେ ଏହି ସବୁ ଦୁଃଖ ଯନ୍ତ୍ରଣାର ଅବସାନ ଘଟିବ । କୃପାକର ମହାବାହୁ ଆଜ୍ଞାରେ କୋଟି ଜନ୍ମ ଦୁଃଖ ଯାଉ ହେ । ହେ ଲୀଳାମୟ ପ୍ରଭୁ! ହେ ରାମ ! ହେ ଅଭିରାମ ! ହେ ସୁଖଧାମ ! ମୋର ହୃଦୟ ଯେପରି ନିରନ୍ତର ଆପଣଙ୍କ ପଦ୍ମପାଦକ ସ୍ମରଣ କରି ମୋର ନେତ୍ର ଯେପରି ଆପଣଙ୍କ ଭୁବନ ମୋହନ ରୂପ ଦର୍ଶନ କରି, ମୋର ରସନା ଯେପରି ଆପଣଙ୍କ ପାବନ ନାମ ସ୍ମରଣ କରି କରି ଏ ଜୀବନ

ISSN NO.
2582-208X

ପ୍ରଦୀପ ନିର୍ବାପିତ ହୋଇଯିବ ତଥା ମୁଁ ମୋର ଭାବ ନଷ୍ଟ ହୋଇ ଏକମାତ୍ର ଆପଣଙ୍କ ଅକ୍ଷୟ, ଅବିନାଶୀ, ସତଚିତଆନନ୍ଦ, ବ୍ରହ୍ମାନନ୍ଦ ମଧ୍ୟରେ ବିଚରଣ କରିବ ଏ ମୋର ଆତ୍ମା । ଏତିକି ଅନୁଗୃହିତ କରନ୍ତୁ ।

ମୁଁ ଜାଣିଅଛି ବୁଦ୍ଧି ଉତିରିଲା ଉତ୍ତାରୁ କେତେ ଯେ ପାପ କର୍ମ କରିଅଛି ତାହା ଆଉ କିଏ ବା କାହିଁକି କହିବ । ଆପଣ ଏହାର ଏକମାତ୍ର ସାକ୍ଷୀ ଅଟନ୍ତି । ମୋ ଆୟୁଷର ଅଧାଭାଗ କେବଳ ଶୟନ କରିବାରେ ଅତିବାହିତ ହୋଇଗଲା ଆଉ କେତେ ଅଂଶ ବାଳକ ଅବସ୍ଥାରେ ଅତିବାହିତ ହେଲା, ଆଉ କେତେ ସମୟ ସ୍ତ୍ରୀ ସହବାସରେ କଟିଗଲା ଜଣାନାହିଁ । ଏବେ ମୁଁ ବାର୍ଦ୍ଧକ୍ୟ ଏବଂ ରୋଗଗ୍ରସ୍ତ ଅବସ୍ଥାରେ ପରତନ୍ତ୍ର ଜୀବନ ଅତିବାହିତ କରୁଅଛି । ହାହୁତାଶମୟ ଜୀବନକୁ ନେଇ କେବଳ ହାୟ ହାୟ ଚିତ୍କାର କରୁଅଛି । ଆପଣା ହସ୍ତେ ଜିହ୍ୱା ଛେଦି କେ ଅଛି ତାର ପ୍ରତିବାଦୀ ॥ ଆପଣା କଲା କର୍ମମାନ, ଆଗୁ ହୁଅନ୍ତି ସାବଧାନ ॥

ହେ ଭଗବାନ ! ଶ୍ରାବଣ ମାସର ଜଳଧାରାରେ ବୁଦବୁଦ ଭଳି ମୋ ଜୀବନ, ମେଘମଣ୍ଡଳରେ ବିଜୁଳୀ ସମାନ ମୋ ଜୀବନ ତଥାପି ଏହା ଜାଣି ମଧ୍ୟ ମୋ ଚେତନା ମଳିନ, ଅବଲୁପ୍ତ । କେବେ ଆଉ ବୁଝିବି, କେବେ ଆଉ ଆପଣଙ୍କ ଶ୍ରୀଚରଣାରବିନ୍ଦକୁ ଶ୍ରୟ କରିବି ? ମୋ ହୃଦୟରେ ଏବେ ବି ପୁରି ରହିଛି କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ । ଆଜି ବି ଅଭିମାନ ଓ ଅହଂକାରକୁ ଭଲପାଇ ବସିଛି । ଶ୍ୱାନ ଏବଂ ଶୃଗାଳ ଭକ୍ଷିତ ଏହି ନାଶଶୀଳ ଶରୀରକୁ ଜାଣି ମଧ୍ୟ ସୁନ୍ଦରୀ ରମଣୀମାନଙ୍କର ବାହୁ ବନ୍ଧନରେ ହଜିଯିବା ପାଇଁ ଏବେ ବି ମନ ମୋର ବ୍ୟାକୁଳିତ । ହେ ପ୍ରଭୁ! ଏମିତି କେତେଦିନ ଆଉ ଏଏପରି ହାହୁତାଶ ଜୀବନ ଭିତରେ ପ୍ରଜ୍ଜ୍ୱଳିତ ହୋଇ ନୀରବରେ ଚିତ୍କାର କରୁଥିବି ? ତୁମେ ତ ପ୍ରଭୁ ଆର୍ତ୍ତତ୍ରାଣ, ଆର୍ତ୍ତିର ଦୁଃଖ ନିବାରଣ କରିବା ପାଇଁ ଆପଣ ଅଙ୍ଗୀକାରବଦ୍ଧ, ଆପଣ ଦୀନବନ୍ଧୁ, ଦୀନନାଥ । ନଚେତ ଆପଣନୁ କିଏ ବା କାହିଁକି ଭଲ ପାଆନ୍ତା ଯେ । ମୋ ପୀଡିତ ମନର ସମସ୍ତ କଳୁଷିମା କେବେ ଲିଭିବ? ମୌ ଜୀବନ ରୂପକ ନୀଳ ଆଇନାରେ ନିଜକୁ ଦେଖିଲେ ଘୃଣା ଲାଗୁଅଛି । ମୁଁ ପାପୀ ଆପଣ ପାତକହାରୀ ହୋଇଥିବାରୁ ଏହି ଦୁର୍ଦ୍ଦିନରେ ଆପଣ ସତେ କଣ ମୋତେ ପରିତ୍ୟାଗ କରିଦେବେ? ମୁଁ ନିବେଦନ କରୁଅଛି ଆପଣଙ୍କ ପତିତପାବନ ନାମରେ କଳଙ୍କ ନ ଲାଗୁ । ଅନେକ ଦିନରୁ

ISSN NO.
2582-208X

ଧରି ରହୁଥିବା ବୋଝକୁ ବହନ କରିବା ନିମନ୍ତେ ମୁଁ ସମର୍ଥ ନୁହେଁ। ହେ ଗୋବିନ୍ଦ ! ହେ ମାଧବ! ହେ ଦାମୋଦର! ମୋର କରଯୁଗଳକୁ ଧରି ଏହି ଘୋର ମୋହମାୟା ଅନ୍ଧକାରପୂର୍ଣ୍ଣ ସଂସାର କୂପରୁ ଉଦ୍ଧାର କର। ଆପଣ ପରା ବିଲ୍ୱମଙ୍ଗଳର ହା ଧରି ବୃନ୍ଦାବନକୁ ନେଇଥିଲେ, ଆପଣ ପରା ସୁଦାମାର ପ୍ରେମବୋଳା ଖୁଦ ଖାଇଥିଲେ, ଆପଣ ପରା ଶବରୀର ଅଇଁଠା କୋଳି ସେବନ କରିଥିଲେ, ଆପଣ ପରା ରାଧାର ପାଦଧୂଳିକୁ ମସ୍ତକରେ ଧାରଣ କରିଥିଲେ, ଆପଣ ପରା ଦ୍ରୋପଦୀର ମାନ ରକ୍ଷା କରିଥିଲେ, ଇତ୍ୟାଦି ଇତ୍ୟାଦି କେତେ ଯେ କୃପାବୃଷ୍ଟି କରି ଆପଣଙ୍କ କୃପା ଭଣ୍ଡାର ଅକ୍ଷୁର୍ଣ୍ଣ ଅଛି ସେଥିରୁ କାଣିଚାଏ ସୁଦ୍ଧା କମ ହୋଇଯାଇନାହିଁ ସେହିପରି ମୋ ବେଳକୁ କିଆଁ ଯେ କମ ହୋଇଯିବ ? ହେ ନାରାୟଣ ! ହେ ରାମ ! ମୋ କର ଧରି ଏହି ଘୋର ନରକରୁ ନିସ୍ତାରଣ କରନ୍ତୁ। ଏତିକି ନିବେଦନ ଏତିକି ପ୍ରାର୍ଥନା। ଜୟ ଶ୍ରୀକୃଷ୍ଣ ! ଅୟ ଶ୍ରୀରାମ !

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

ISSN NO.
2582-208X

# ରେବତୀ



ସରୋଜଲକ୍ଷ୍ମୀ ମହାନ୍ତ

ରେବତୀ,
ଲୋ, ରେବି
ଲୋ ନିଆଁ, ଲୋ ଚୁଲି
ତୁ ଆଜି ନିଃଶହାୟ  ନୁହେଁ ରେବି,
ତୁ ଆଗେଇ ଆସିଛୁ ଆଉପାଦେ ଆଗକୁ
ବିସ୍ତାରିତ  ନେତ୍ରେ ଦେଖ,
ପ୍ରତ୍ୟୟ ର ପାହଡ ରେ
ନାଚୁଥିବା ଦୁର୍ବାର ଇଚ୍ଛା ମାନଙ୍କୁ
ବିଶ୍ୱାସ ର  ସୌର୍ଯ୍ୟ ରେ  ମହିୟାନ
ଠେଲି ଦେଇଛୁ ଜେଜେମା' ର ଦୁଲ୍ଲାଳ
ଫିଙ୍ଗି ଦେଇଛୁ ଅନ୍ଧବିଶ୍ୱାସ  ର ଭୟ
ଭୁ ଲୁଣ୍ଠିତ  ହେବାକୁ ଦେବୁନି
ତୋ ଛାତି ସିନ୍ଦୁକ ରେ ସାଇତା
ପ୍ରେମ ମହାର୍ଘ୍ୟ ର ମୁଗ୍ଧ  ଫରୁଆ
ହୁଏତ ବାସୁମାଷ୍ଟ୍ରେ ମାନେ
ହୋଇ ପାରନ୍ତି ପଥ ଭ୍ରଷ୍ଟ
ତୁ ଆଜି ସବୁ ପାରିବୁ ଲୋ ରେବି
ବିଶ୍ୱ ବ୍ରହ୍ମାଣ୍ଡ  ଜେଜେମା ଚୁଲି ମୁଣ୍ଡ  ପରି
ଏତେ ଛୋଟ ନୁହେଁ
ତୁ ଖୋଳପା ଖୋଲି ବାହାରି ଆ

ISSN NO.
2582-208X

ମୁକୁତା ହୋଇ ଉକୁଟି ଉଠିବୁ
ଆଲୋକ ବର୍ତ୍ତିକା ସାଜି
ପଥ ଦେଖେଇ ଦେବୁ ଅମାବାସ୍ୟା ର ଜହ୍ନ ପରି
ତୁ ଆଉ ତିଳ ତିଳ ଜଳିବୁନି
ତୁ ସ୍ତିମିତ ଶିଖା ନୁହେଁ
ଅଗ୍ନିବର୍ଷି, ଅଗ୍ନିସ୍ନାତା କୃଷ୍ଣା
ପାହାଡ ମଥାନ ର ସୂର୍ଯ୍ୟ ପରି
ତୁ ଦେଖେଇ ପାରିବୁ
ତୋ ସଜଡା ପୃଥିବୀ ର ଅମୃତମୟ ପଥ
କେତେ ଆଉ ପରଖିବୁ
ଶ୍ରାବଣୀ ର ତୃଷ୍ଣା
ବୈଶାଖ ର କୋହ
ବସନ୍ତ ର ମଧୁମୟ ମଧୁ ଜାମିନୀ ଙ୍କୁ
ତୁ ଆଉଥରେ ଲେଖିବୁ ତୋ ଇତିହାସ
ଭିଜାମାଟି ର ନୁହେଁ
ପ୍ରଚଣ୍ଡ ରୌଦ୍ରତାପ ର
ଆଉଥରେ ହେବ ଅମୃତାୟନ ର ଅୟମାରମ୍ଭ
ତୁ ସାଜିବୁ ସମୟ ର ସହାଦବୀ।

ଏ.ଭି. ରେସିଡେନ୍ସ, ନନ୍ଦନ ବିହାର
ଭୁବନେଶ୍ୱର

ISSN NO.
2582-208X

# ନିଝୁମ ରାତି



ପ୍ରଶାନ୍ତ ବ୍ରହ୍ମା

ନିଝୁମ ରାତିରେ ଦେଖିଲି ଯେବେ ମୁଁ ତାକୁ
ଲାଜେଇ ଯାଇ ସେ ହଜିଗଲା କେଉଁ ରାଇଜକୁ ।

ମରିଚିକା ପଛେ ଗୋଡ଼େଇ ହେଲା ଭଳି ଗୋଡାଏ ମୁଁ ତାକୁ
ତଥାପି ଜାଣି ପାରୁ ନଥାଏ ମୁଁ ତାର ସେହି ରହସ୍ୟକୁ ।

ଆଖି ଦୁଇ ଦେଖାଇ ଲୁଚିଯାଏ ସେ ପୁଣି ବାରମ୍ବାର
ଆଖି ତା'ର ଯେବେ ଦେଖିଲି ଭାବିଲି
ସେ ହୁଅନ୍ତା କି ମୋ ନିଜର ।

ପଛେ ଦେଖି ଯେତେବେଳେ ପଚାରିଲି ତୁମେ କିଏ
ଲାଜେଇ ଯାଇ ସେ କହିଲା
ମୁଁ ତୁମର କେହି ନୁହେଁ ।

ପୁଣି ଯେବେ ମୁଁ ପଚାରେ କେବେ ହେବ ଦେଖା
ହାତ ଠାରି କହିଦିଏ ତୁମେ ଯେବେ ଥିବ ଏକା

ପଳାଶପୁର
ଖୋର୍ଦ୍ଧା

ISSN NO.
2582-208X

# କଳୁଷିତ ପ୍ରେମ



ପୂର୍ଣ୍ଣଚନ୍ଦ୍ର ରଣା

ଜରାଜୀର୍ଣ୍ଣ ଏଠି ପ୍ରେମର ଭାବନା
ରୁଗ୍ଣ ଏ ମନୋଭାବ
ହୃଦୟ ଫାଟକ ମୁକୁଳା ପଡ଼ିଛି
ଯେମିତି ଜିଅନ୍ତା ଶବ ।(କ)

କିଏ କେବେ ପଶେ ହୃଦୟ ଭିତରେ
ନାହିଁ କେହି ଜଗୁଆଳି
ଟିକେ ବାସ ଦେଇ ଶୂନ୍ୟ ହେଇଯାଏ
ମୁହଁରେ ଲଗେଇ କାଳି ।(ଖ)

ସମୟ ସାଥିରେ କ୍ଷଣସ୍ଥାୟୀ ସବୁ
ଏଇ ଅଛି ଏଇ ନାହିଁ
ଅନ୍ଧ ବିଶ୍ୱାସ ଯେ ପକ୍ଷାଘାତ କରେ
ଏଠି ସବୁଦିନ ପାଇଁ ।(ଗ)

ସତ୍ୟ ଏ ମାନବ ସତ୍ୟ ଏ ବିଗ୍ରହ
ସତ୍ୟ ଏଠି ଦିବାରାତି
ମିଠା କଥା କହି ମନ କିଣେ କିଏ
ହୃଦେ ଦେଇ ମିଠା ପ୍ରୀତି ।(ଘ)

ISSN NO.
2582-208X

ଆଜି ବଜାରରେ ପ୍ରେମ ତ ସୁଲଭ
ସେନେହ ପୀରତି କାହିଁ.....?
ସଂପର୍କ ହାଟରେ ପ୍ରେମ କିଣାବିକା
ଅନ୍ୟଥା ତ କିଛି ନାହିଁ ।(ଙ)

ପ୍ରେମ ନାମେ ଆଜି ଲାଗିଛି କଳଙ୍କ
ଛଡ଼ାଇଲେ ଛାଡ଼େ ନାହିଁ
ପ୍ରେମ କଳୁଷିତ ଦୁନିଆ ବୁକୁରେ
କଳଙ୍କିତ ପ୍ରେମ ପାଇଁ ।(ଚ)

ହାଟସିଂହାପୁର, ଯାଜପୁର

ISSN NO.
2582-208X


# ପୁନିଆ ବାରିକ



ଅଧର ବିଶ୍ୱାଳ

ପୁନିଆ ବାରିକ ମତେ ଦେଖିଲାମାନେ ଡାକ ଛାଡିବ, ଆ, ଆ ତୁ ଖିଅର ହେଇକି ଯା, ନହେଲେ ତୋ ବୋଉ ମୋ ଉପରେ ପାଟି କରିବ I ମୁଁ, ତା କଥା ଆଦୌ ଶୁଣେ ନାହିଁ, ତାକୁ ଦେଖିଲେ ଦୌଡ଼ି ପଳାଏ I ବୋଉକୁ ଦେଖିଲେ ତା ଆଗରେ ଫେରାଦ ହୁଏ, ତୋ ପୁଅକୁ ଡାକିଲି ଦୌଡ଼ି ପଳାଇଲା ଖିଅର ହେଲା ନାହିଁ I ଦିନେ ଦିନେ ବୋଉ ଜବରଦସ୍ତ କରି ମତେ ତା ପାଖରେ ବସାଏ I ଛେଳି ମୁଣ୍ଡକୁ କଂସେଇ ଯୁପ କାଠ ଭିତରେ ପୁରାଇଲାପରି, ପୁନିଆ ବାରିକ ମୁଣ୍ଡଟାକୁ ତା ଦୁଇ ଆଂଠୁ ମଝିରେ ଏମିତି ରଖିଦିଏ ଯେ ହଲଚଲ ହବାର ପ୍ରଶ୍ନ ନାହିଁ I ତାପରେ ଖୁର କଇଁଚି ବାହାରକରି କଟା ଆରମ୍ଭ କରେ I କଟା ଆରମ୍ଭରୁ ମୁଁ କହୁଥିବି ମୋର ବେଶୀ ଛୋଟ କରିବୁ ନାହିଁ, କିନ୍ତୁ ସେ କିଛି ଶୁଣେନା, ଓଲଟି କହିବ ହଁ ତୋର ତ ମାସକୁ ଚାରିଥର କାଟିବି ଆଉ I ଚୁଟିକୁ ଏତେ ଛୋଟ କରିଦିଏ ଯେ ଦୁଇ ମାସ ପର୍ଯ୍ୟନ୍ତ କାଟିବାକୁ ପଡ଼େନା I ଖୁରଟାକୁ ଏମିତି ଚଲାଏ ଯେ ସତେ ଯେମିତି ଚମଡା ଛାଲି ହେଇଯାଉଛି I ପାଟିକଲେ ଖୁରଟାକୁ ଗୋଟାଏ ଘସା ପଥରରେ ଦୁଇଥର ଘଷିଦେଇ କହିବ ଆଉ କାଟିବନି, ଚୁପଚରେ ବସ I ବେଳେବେଳେ ଖୁର ଲାଗି କଟିଯାଏ, ରକ୍ତ ବାହାରିଲେ ସେ କଟା ଚୁଟିରୁ ମେଂଚାଏ ମାରିଦିଏ I

ପୁନିଆ ବାରିକକୁ ଗାଁରେ ସମସ୍ତେ ସବୁବେଳେ ଖୋଜୁଥାନ୍ତି I ସେ କିନ୍ତୁ ଧରାଛୁଆଁ ଦିଏନା I ତା ଚୁଟି କାଟିବା ପାଖରେ ନିହାତି ଚାରି ପାଞ୍ଚ ଜଣ ଘେରିକି ବସିଥିବେ I ସେ ମଝିରେ ମଝିରେ କହୁଥିବ ତମର ସବୁ କାଲି କଟା ହବ, ଆଜି ମୋ ପାଖରେ ଆଉ ତର ନାହିଁ I ସେ ଅମୁକ ଝିଅ ଘରକୁ ଭାର ନେଇକି ଯିବି I "ବଢ଼େଇ ବରସେ, ବଣିଆ ଛମାସେ, ବାରିକ କହେ ମୁଁ ଏଇଠୁ ଆସେ"; ଏ ଉକ୍ତିଟି ପୁନିଆ ବାରିକ ପାଖରେ ପୁରା ପ୍ରଯୁଜ୍ୟ I ସେତେବେଳେ ବାରିକମାନେ ପୁରୁଷାନୁକ୍ରମିକ ଭାବେ ଗାଁ କରନ୍ତି I ତାଙ୍କର ପିଲାଛୁଆ ଓ ସ୍ତ୍ରୀ

ISSN NO.
2582-208X

ମଧ୍ୟ ଏହି କୌଳିକ ବୃତିକୁ ଆପଣେଇ ଥାଆନ୍ତି । ମୋର ଯା ମନେ ଅଛି, ପୁନିଆ ବାରିକର କେହି ପିଲାପିଲି ନଥିଲେ । ସେ ଆଉ ତା ସ୍ତ୍ରୀ ଦୁହେଁ ଆମ ଗାଁଟିକୁ କରନ୍ତି । ପୁନ୍ନେଇ ପର୍ବରେ ତା ସ୍ତ୍ରୀ ଆସି ଗାଁର ସ୍ତ୍ରୀ ଲୋକମାନଙ୍କର ନଖ କାଟିଦିଏ, ଗୋଡ଼ରେ ଅଳତା ଲଗାଇଦିଏ, ପିଠାପଣା ନିଏ ।

ପାଉଣା ସ୍ୱରୂପ ଆଗରୁ ଧୋବା ଭଣ୍ଡାରୀମାନ ବିଲରୁ ହଳା ନେଉଥିଲେ । ତେଣୁ ଫସଲ ଅମଳ ସମୟରେ ପୁନିଆ ଏ କିଆରିରୀ ରୁ ସେ କିଆରୀ ହେଉଥାଏ । ଜବରଦସ୍ତ କରି ହଳା ନିଏ । କୁହେ ଏ ଥର ତ ଭଲ ଫସଲ ହେଇଚି, କାହିଁକି ଦବନି । ଯେଉଁ ଥର ଫସଲ ହୁଏନା କିଛି ବି ମନ ଦୁଃଖ କରେନା । କହେ ତମର ତ ନାହିଁ ମୋତେ କୋଉଠୁ ଦେବ । ଦେଶରେ ହେଲେ ସିନା ହେଂସରେ ପଡିବ । ବାହାଘର ବ୍ରତଘର ସମୟରେ ପୁନିଆ ବାରିକର ଭଲ ଦି ପଇସା ରୋଜଗାର ହୁଏ । ଅପର ପକ୍ଷ ବାହାଘର ବେଳେ ସମସ୍ତେ ତାକୁ ସବୁବେଳେ ଖୋଜୁ ଥାଆନ୍ତି । ଗାଳି ଦିଅନ୍ତି, ସେ କିନ୍ତୁ ଫେଂଏଁ କରି ହସିଦିଏ କୁହେ କାହିଁକି ପାଟିଟା କରୁଛ, ଚୁପଚରେ ବସ, କାମ ହେଇଯିବ । ତା ବାକ ଚାତୁରୀ ଆଗରେ ସମସ୍ତେ ହାର ମାନନ୍ତି । ଲୁଙ୍ଗିଟା ଆଂଠୁ ଉପରକୁ ପିନ୍ଧି କାନ୍ଧରେ ଗାମୁଛା ଖଣ୍ଡେ ପକେଇ ଖାଲି ଏ ଘର ସେ ଘର ହେଉଥିବ । ସ୍ୱୀକାର, ଦିଅଁମଙ୍ଗୁଳା, ବରମଙ୍ଗୁଳା, ବରଧରା ପାଖରୁ ଆରମ୍ଭକରି ବାହାଘର ପର୍ଯ୍ୟନ୍ତ ସବୁକାମ ତୁଲେଇନିଏ । ଘରେ ପଶି ନିଜ ଲୋକଭଳି ସବୁ ସରଞ୍ଜାମ ଯୋଗାଡ଼ କରେ । ଅନ୍ୟପକ୍ଷ ବାରିକ ସାଙ୍ଗରେ ସବୁବେଳେ ଝଗଡା କରୁଥାଏ । କହୁଥିବ ତୁ କି ଜିନିଷ ଦେଖଉଚୁ, ମୁଁ ଯେତିକି ଆଣିଛି ତତେ ପୋତିଦେବି । ବେଭାର ଚଳାଚଳି ବେଳେ ତା ଯୁକ୍ତି କୁ କେହି ହେଲେ ବି ପ୍ରଶଂସା ନକରି ରହି ପାରିବ ନାହିଁ । ଲୁଗାପଟା, ପାଉଣା ପତ୍ର କମ ହେଲେ, ଅଳି କରି ବସେ କିନ୍ତୁ ବୁଝି ଯାଏ । ନିଷ୍ଠାପର କୌଳିକ ବୃତ୍ତିର, ସେ ଏକ ଜ୍ୱଳନ୍ତ ଉଦାହରଣ ଥିଲା । ତାର ନିଷ୍ଠା, ସଚୋଟତା, ଧର୍ଯ୍ୟ, ବୃତ୍ତିଗତ ପରିଚାଳନା କୁ ମନେପକାଇଲେ ମୋତେ ଲାଗେ ଯେମିତି ସେ ଏ ମ୍ୟାନେଜମେଣ୍ଟ ପାଠ ଗୁଡାକ ବାଟି ପିଇଦେଇଥିଲା ।

ଜୟଦେବ ବିହାର, ଭୁବନେଶ୍ୱର

ISSN NO.
2582-208X

# ପାଦଚିହ୍ନ



ଆଦ୍ୟରଶ୍ମି କର

ହଠାତ୍ ଚାଲୁଚାଲୁ ଚାଲିଗଲି ମୁଁ କେତେ ରାସ୍ତା
ଜାଣିପାରିଲିନ, ମୁଁ କେଉଁଠି ପହଞ୍ଚିଛି
ମୁଁ ଶେଷ ରାସ୍ତାରେ, ନାଁ ମୁଁ ମଝି ରାସ୍ତାରେ,
କ ଏ ମୋର ପ୍ରଥମ ପ୍ରୟାସ ଚାଲିବାରେ
ହେଲେ, ଏ ରାସ୍ତାରେ ଦିଗ କୁଆଡେ !!!
ଯୁଆଡେ ଚାହିଁଲେ ଖାଲି ନୀରବତା ଗୋଡଉଛି…
ମନ ଖାଲି ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଛି,
ପାଦ ମୋର ଠିକ୍ ରାସ୍ତାରେ ଚାଲିଛି ତ !!
ନାଁ ରାସ୍ତା ସରୁଛି, ନାଁ ପ୍ରଶ୍ନ,
ନାଁ ମୁଁ କେଉଁଠି ପହଞ୍ଚି ପାରୁଛି,
ପୁଣି ମନ ଭିତରେ ମନକୁ ପଚାରୁଛି,
ଏ ରାସ୍ତାର କଣ ନର୍ଦ୍ଦିଷ୍ଟ କଛି ଠିକଣା ଅଛି ???
ନାଁ, ମୁଁ ଏକ ନର୍ଦ୍ଦିଷ୍ଟ ଠିକଣାହୀନ ରାସ୍ତାର
ଅଲୋଡା ପଥିକଟିଏ !!!
ନାଁ, ଏ ମୋ ରାସ୍ତାରେ ଶେଷ "ପାଦଚହ୍ନ" ଟିଏ.......

ISSN NO.
2582-208X

# ଜୀବନ ଖରାଛାଇ ଖେଳ



ମୁକ୍ତର୍ଣୀ ଦେବତା

ଦୁଇଦିନଆଁ ଏ ମଣିଷ ଜୀବନ
ମିଛମାୟା ଭର୍ ଯେତେକ ସପନ
ଧନଜନ ଯଶ କଛିଦିନ ଲ୍ଗି
ମରଣ ବସିଛି ବାଟକୁ ତ ଜଗି ।।

ମାନ ଅପମାନ କ୍ଷଣସ୍ଥାୟୀ ଭ୍ଇ
ତୁମ ଦୁଃଖ ଲ୍ଗି ତୁମେ ଏକା ଦାୟୀ
ଅନ୍ୟାୟ ଅନୀତି କରୁଥାଅ କତି
ଇଶ୍ୱରଙ୍କ ପ୍ରତି ନାହିଁ ତୁମ ଭୀତି ।।

ଆଜି ଅଛି ଜୀବ କାଲି ନ ରହିବ
ମରିଗଲ୍ ପରେ କଏ ବା ଜାଣିବ
ଜୀବନରେ କେତେ ସୁକର୍ମ କରିଛ
କେଉଁ ଦୁଃଖୀଙ୍କର ଦୁଃଖକୁ ହରିଛ ।।

ଆପଣା ସ୍ୱାର୍ଥରେ ବିତାଇଲ ଦିନ
ଚର କଳଙ୍କିତ ତୁମର ଏ ମନ
ଅଧର୍ମ ପଥକୁ ବାଛିନେଲ କିଆଁ
ଭ୍ରଷ୍ଟାଚାରୀ ସାଜି ବୁଲ୍ଉଛ ଭୁଆଁ ।।

ମିଠାକଥା କହି ମନକୁ ଯେ ହରି
ପଛରୁ ମାରୁଛ ତୁମେ ବନ୍ଧୁ ଛୁରୀ
ପାପର ପଙ୍କରେ ଡୁବି ଦିନେ ଯିବ
ଗର୍ବ କରିବାକୁ ପ୍ରାଣ ଆଉ ଥିବ ।।

ମନ୍ଦାରଖଣ୍ଡ, ଯାଜପୁର

ISSN NO.
2582-208X

# ମୋ କାହାଣୀ



ପ୍ରଶାନ୍ତ କୁମାର ନାଥ

ନିଜର କାହାଣୀ ନିଜେ ମୁଁ ବଖାଣେ
କବିତାରେ ଆଜି ମୁହିଁ
ନୁହେଁ ମୁଁ ଲେଖକ ନୁହେଁ ମୁଁ ଗାଳ୍ପିକ
ତଥାପି ଲେଖୁଛି ମୁହିଁ।

କାହାଣୀ ମୋହର ଅଜବ ପ୍ରକାର
ଗଜବ ଲାଗିବ ପରା
ନିଜ କାହାଣୀଟା ନିଜେ ମୁଁ ଲେଖିଲେ
ବିଶ୍ୱାସ ନ ଯିବ ପରା।

ଅତି ଦୀନ ଦୁଃଖୀ ଦାଦନ ଟିଏ ମୁଁ
ପ୍ରବାସରେ ବାର ମାସୀ
ଦିନ ରାତି ମୁହିଁ ଘଟିତ ଚାଲିଛି
ଭାଗ୍ୟକୁ ଆଦରି ବସି।

ହେଲେ ବି ଦାଦନ କବିତାରେ ମନ
ଦିନ ରାତି ମୁହିଁ ଲେଖେ
ତା ପାଇଁ ଜୀବନ ବଞ୍ଚିଛି ମୋ ପ୍ରାଣ
ସଦା ଜପୁଥାଏ ସୁଖେ।

ISSN NO.
2582-208X

ଧନୀଠାରୁ ଧନୀ ମୁହିଁ ମହା ଧନୀ
ସୃଷ୍ଟି ଟିଏ ସୃଷ୍ଟି କରି
ଧନ ରତ୍ନ ସବୁ ଲାଗେ ତୁଚ୍ଛ ମୋତେ
କଲମଟେ ହାତେ ଧରି।

ମୋ ପାଇଁ ମୋ ପ୍ରିୟ କଲମ କାଗଜ
ଜୀବନର ସବୁ ପୁଞ୍ଜି
ଭାବନା ରାଇଜେ ମୁଁ ଭାବ ବଣିକ
ବୁଣୁଅଛି ନିତି ମଞ୍ଜି।

ନାହିଁ ମୋ ସମ୍ବଳ ଧନ ରତ୍ନ ବଳ
ମୋ ପାଖରେ ଆଉ କିଛି
କବିତା ସମ୍ବଳ ମୋ ଜୀବନ ବଳ
ଏଇ ମୋ କାହାଣୀ କିଛି।।

ଜୁଣଗଡି (ରାଜନଗର),
କେନ୍ଦ୍ରାପଡ଼ା

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାର୍ବାହିକ)



ଜୟଲକ୍ଷ୍ମୀ ସେଠୀ

ଭଗବାନଙ୍କର ପବିତ୍ର ଦାନ ପ୍ରେମ ଯାହା ସମସ୍ତଙ୍କୁ ଶାନ୍ତିର ଶୀତଳତାରେ ଭିଜେଇ ଦେଇଥାଏ । ଅନନ୍ତ ଶାନ୍ତିର ପ୍ରଣୟ ବାଢ଼ି ଦେଇଥାଏ ।

ଗୋଟିଏ ଡେମ୍ଫରୁ ଦୁଇଟି ଫୁଲ ଫୁଟିଲା ପରି ଯୌବନ ରଙ୍ଗ ଫୁଟି ଉଠିଥିଲା ଦୁଇ ଜଣଙ୍କ ଭିତରେ । ଜଣକୁ ଆଘାତ ହେଲେ ଆଉ ଜଣଙ୍କୁ ଯନ୍ତ୍ରଣା ଉପଲବ୍ଧ ହୋଇଥାଏ । ଜଣକୁ ଛୁଇଁଲେ ଆର ଜଣେ ଝର ଝର କାନ୍ଦି ପକାଏ । ଏହାରି ନାଆଁ ବୋଧେ ପ୍ରେମ । ଅମର ପ୍ରେମ ନିଷ୍ଚୟ ହୃଦୟରେ ଜାଣିହୋଇଯାଏ ଏକ ଆରର ଭାବଭାଷା ସବୁ । ପଚାରିବାକୁ ପଡେନାହିଁ ।  ସେ ନିକଟରେ ଥିବା ଅନେକ ଦୂରରେ, କିନ୍ତୁ ମିଳିଯାଏ ସହଜରେ ବିନା ମୂଲ୍ୟରେ ହୃଦୟର ଅଜଣା ଶୂନ୍ୟପୃଷ୍ଠାରେ । ଯାହା ଚାହିଁଲେ ବି ଲିଭେଇ ପାରେନା କୌଣସି ଶକ୍ତି । ଏହି ବୋଧେ ଅମୃତର ଶେଷ ସ୍ୱାଦ । ସୃଷ୍ଟି ହୁଏ ପ୍ରଣୟର ଶତ ଶତ ଢେଉ । ସପନ ରାଇଜକୁ ଯାଇ ଚାନ୍ଦିନୀର ଶୀତଳ ଜ୍ୟୋସ୍ନାରେ ନିଶାର୍ଦ୍ଧରେ ଚୁମ୍ବିଯାଏ ଅସହ୍ୟ ସ୍ୱର୍ଶରେ । ସ୍ମୃତିଝରା ମାନସ ପଟ୍ଟରେ ଶ୍ରଦ୍ଧାପ୍ରେମ ପ୍ରଣତିରେ ଜୀବିତ ହୋଇଉଠେ ନରମ ପରଶରେ ।

ଚା ପିଉ ପିଉ ଶେଷଥର ପାଇଁ ଆଉ ଥରେ ଆଖି ବୁଲାଇ ଅମନ ନିରାଶ ହେଲେ । ଆଜି କଣ ଅଞ୍ଜନା ଦେଖା ଯାଉନି ଛାତ ଉପରେ । ଏମିତିତ ଜାଣି ଜାଣି କେତେଥର ଛାତ ଉପରକୁ ଆସେ । କଣ ହୋଇଛି ଆଜି । ଦେଖାନାହିଁ ଅନେକ ପ୍ରଶ୍ନ ଗୁଡାକ ବିଚଳିତ କରିଦେଇଥାଏ ଅମନକୁ । ଅଳପ ଦିନରେ ଦେଖାରେ ଯେମିତି ବହୁତ ନିଜର ହୋଇଯାଇଛି । ସକାଳଠାରୁ ମୋବାଇଲରେ ମେସେଜ ବି ଦେଇନାହିଁ । ମନ ଭିତରେ ବହୁତ କଷ୍ଟ ଲାଗୁଥାଏ । ଅମନର ଡ୍ରାଇଭର ଆସି କହିଲା – ବାବୁ ନଅଟା ହୋଇଗଲାଣି । ଆଜି ଯିବେନି କି ?

ISSN NO.
2582-208X

ହୁଁ .. .. ହୁଁ .. .. ଯିବି । ଜାଣିଛୁ ସେ କଣ କହୁଥିଲା ।

କଣ ବାବୁ ?

ତୁମ ହାତୀ ନିଅ । ମୁଁ କହିଲି ତୁମ ଘୋଡା ନିଅ ।

ସେ ରାଗିଗଲା… । କଟି ପକାଇଦେଲା । ମୁଁ ଦୁଃଖୀ ହେବାର ଦେଖି କହିଲା, ଆରେ ମୁଁ ତୁମ ହାତୀ ନେବି ନାହିଁ କି ଘୋଡା ନେବିନାହିଁ, ହେଲେ ରାଗନା ତ, କହି ଟିକିଏ ଗେଲ କରିଦେଲା । ଛୋଟ ପିଲାଙ୍କ ପରି । ମତେ ବହୁତ ଲାଜ ହୋଇଗଲା । ପାଗଳିଟେ । ଜଣେ ଡାକ୍ତର ହୋଇ ବି ଛୋଟ ପିଲାଙ୍କ ପରି ଅଳି କରିବସେ । ସାନ ସାନ ପିଲାମାନଙ୍କ ପାଖକୁ ଯାଇ ମାଗିକରି ଚକୋଲେଟ୍ ଖାଇବାରେ ବହୁତ ଆନନ୍ଦ ପାଏ । ହେଲେ ଆଜି କୁଆଡେ ଗଲା କେଜାଣି । କହି ଚାଲିଥିଲେ ଅମନବାବୁ ।

ଡ୍ରାଇଭର କହିଲା, ବାବୁ ଏବେ ଯିବା?

ଚମକି ପଡିଲେ ଅମନବାବୁ । ଆରେ ମୁଁ କାହାକୁ ଗପ କହୁଥିଲି । ଏଇଠି ତ ଡ୍ରାଇଭର ଅଛି । ଓଃ …….। ସରମରେ ଉଠିଗଲେ ଅମନ । ଗାଡି ବାହାର କର, ମୁଁ ଯାଉଛି କହିଲେ ।

ଗାଡିରେ ବସି ଅମନ କେତେ କଣ ଭାବି ଚାଲିଥିଲେ । ଆଷାଢ଼ ଛାତିରେ ଯୌବନ ଛନ୍ଦା ବର୍ଷାର ଚପଳ ନୃତ୍ୟ, ନୀଳ ଆକାଶର ମେଘମାନଙ୍କର ଆସର ଜମିଛି । ବଉଦର ଉହାଡର ଲୁଚକାଳି ଖେଳୁଛି ଖରା ଛାଇର ଖେଳ । ମନ ହୃଦୟ ଯେମିତି ବନ୍ଧା ପଡିଯାଇଛି ତା ରୂପ ଚାତୁରିରେ । ଚିହ୍ନା ମନରେ ପ୍ରୀତିର ଛୁଆଁ ଥକିଗଲାଣି ଅଞ୍ଜନା । ଓ ସୁନା କଣ୍ଢେଇ, ଧନଟା ପରା । ମୋ ମନର ଅମୂଲ୍ୟ ହୋଇଯାଇଛ । ଏମିତି କେତେ କଣ ଭାବି ଚାଲିଥାନ୍ତି ଅମନବାବୁ । ହଠାତ୍ ଗାଡି ଆଗକୁ ଗୋଟେ ବାରବର୍ଷର ଛୋଟ ପିଲା ଦୌଡିଦୌଡି ଆସିଗଲା, ତା ପଛରେ ତିନିଜଣ କାମୁକ ଦେହକୁ ଚିରି ତା ରକ୍ତ ପିଇବାକୁ ରାକ୍ଷାସ ପାଲଟି ଯାଇଛନ୍ତି ଯେମିତି, ପାଇଗଲେ ଚୋବାଇ ଖାଇଦେବେ ।

ଗାଡି ରହ ଡ୍ରାଇଭର ।

ନାଇଁ ବାବୁ ସେମାନେ ବହୁତ ହିଂସାପରାୟଣ ଅଛନ୍ତି ।

ISSN NO.
2582-208X

ଚୁପ୍, ତତେ କହିଲି ଗାଡି ରଖ । ରାଗିକି କହିଲେ ଅମନ ।

ଡରରେ ଡ୍ରାଇଭର ଗାଡି ରଖିଦେଲା । ଅମନ ଚଟାପଟ ଗାଡିରୁ ଓହ୍ଲେଇ ପଡିଲେ । ଛୋଟ ଝିଅଟି ଗୋଡାତଳେ ପଡିଯାଇ କହିଲା, ବାବୁ, ମତେ ବଞ୍ଚାଅ ବାବୁ, ମତେ ସେମାନେ ମାରିଦେବେ । ୟା ଭିତରେ ଡ୍ରାଇଭର ପୋଲିସ୍ କୁ ଫୋନ କରିଦେଇଥାଏ ।

ଠିକ୍ ଅଛିରେ ଝିଅ । ତୁମ ନାଆଁ କଣ ?

ସେତେବେଳକୁ ସେ ଅଚେତ ହୋଇ ତଳେ ପଡି ଯିବାର ଦେଖି ଅମନ ତୁରନ୍ତ କାର ଭିତରକୁ ନେଇଗଲେ ।  ତାପରେ ସେହି ରାକ୍ଷସମାନେ ଆସି ଧମକାଉଥାନ୍ତି । ସେ ପିଲା ଆମର, ଆମଉ ଦେଇଚି, ନହେଲେ ଆମେ ତୁମକୁ ଛାଡିବୁନାହିଁ । ଅମନ ବି ଡରିବା ଲୋକ ନୁହଁ । ଆରେ କାପୁରୁଷ, ତୁମେମାନେ ଗୋଟେ କୁନି ଛୁଆର ମାଂସ ଖାଇବାକୁ ଆଗେଇ ଆସିଛ । ତୁମେମାନେ ପଶୁଠାରୁ ଆହୁରି କଦର୍ଯ୍ୟ । ସେ ଯଦି ତୁମ ଝିଅ ହୋଇଥାନ୍ତା ତୁମେ ମାନେ କଣ ଏମିତି କରିଥାନ୍ତ ।

ଛିଃ ..... ଧିକ୍ ତୁମ୍ଭମାନଙ୍କୁ ।

ହେ ଶଳା ..... ଦବୁନା ନହେଲେ ଫାଇରିଂ କରିଦେବି । ବନ୍ଧୁକ ଦେଖାଇ ବାବୁ ଆମ ମାଲ ଦେ । ନହେଲେ ଆମେ ତୁମକୁ ମାରିବାକୁ ପଛାଇବୁ ନାହିଁ । ଆମକୁ ସେ ଝିଅ ଦରକାର ଆମ ଶିଘ୍ର ଆମକୁ ଫେରାଇଦିଅ । ନହେଲେ ଭଲ ଗତି ହବ ନାହିଁ । ତୁମ୍ଭେମାନେ ଓଡିଆ ଲୋକ ହୋଇ କଲିକତାରେ ନିଜ ଓଡିଆ ଇଜତକୁ ବିକୁଛ । ଓଡିଆର ଆଗାମୀ ଭବିଷ୍ୟତକୁ ବିଦାରି ରକ୍ତାକ୍ତ କରିବାକୁ ଅଗେଇ ଆସିଛ । କହିବାକୁ ଘୃଣା ଲାଗୁଛି ଯେ ତୁମେମାନେ ଓଡିଶାର ଲୋକ । ବେଇମାନ ହୋଇ ନିଜ ମାତୃଭୂମିକୁ କଳଙ୍କିତ କରୁଛ ? ଆରେଷ୍ଟ କର, ପୋଲିସ ଅଫିସର କହିଲେ ନକେଷ୍ଟବଳକୁ । ସଙ୍ଗେ ସଙ୍ଗେ ତିନିଜଣଙ୍କୁ ଆରେଷ୍ଟ କରି ଥାନାକୁ ନେଇଗଲେ ପୋଲିସ୍ । ଅମନବାବୁଙ୍କୁ ଧନ୍ୟବାଦେ ଦେଇ କହିଲେ ଆପଣଙ୍କର ଡ୍ରାଇଭର ଠିକ୍ ସମୟରେ ଆମକୁ ଫୋନ କରିବାରୁ ଆମେ ସେମାନଙ୍କୁ ଧରିପାରିଲୁ । ଅଶେଷ ଅଶେଷ ଧନ୍ୟବାଦ । ଏମାନେ ସବୁ ମନ୍ତ୍ରୀ ମାନଙ୍କର ଚାମଚା ତ ବେଶୀ ଦିମାକ ଦେଖାଉଛନ୍ତି । ସେମାନଙ୍କୁ ଦେଖିବି ଥାନାରେ । ଆପଣ ନିଶ୍ଚିନ୍ତରେ ଯାଆନ୍ତୁ ।

ISSN NO.
2582-208X

ପିଲାଟିକୁ ଧରି ଅମନ ମେଡିଆଲ ଆଣି ଚିକିତ୍ସାରେ ଲାଗିଲେ। ସେମିତି ଜଗି ବସିଥାନ୍ତି ଅମନ କେତେବେଳେ ଚେତା ଫେରିବ। ସେଲାଇନ୍ ଗୋଟେ ଲଗାଇ ଦିଅ ବଡ ଦିଦି, ଅମନବାବୁ କହିଲେ, ସେ ବହୁତ ଡରିଯାଇଛି ।

ହଁ ସାର୍ ।

ମୁଁ ସଙ୍ଗେ ସଙ୍ଗେ ଲଗାଇ ଦେଉଛି ।

ପିଅନଟି ପାଣି ଗ୍ଲାସଟି ଅମନଙ୍କ ହାତକୁ ବଢାଇଦେଲା ।

ଅମନ ବାବୁ କହିଲେ, ଅଞ୍ଜନା ମାଡାମ୍ ଆସିଛନ୍ତି କି?

ହଁ ଆଜ୍ଞା, ପିଅନ କହିଲା ।

ତାଙ୍କୁ ଡାକିଦିଅ, ଯାଅ ।

ହଁ ସାର, ପିଅନ ଚାଲିଗଲା। ଟିକିଝିଅର ଚେତା ଫେରି ଆସିଛି। ଦେହର ଦରଜ ହେଉଥାଏ । ଅମନ ତାକୁ ନିଜ କୋଳକୁ ନେଇ ଆସି ବହୁତ ଗେଲ କରି ପଚାରିଲେ ଝିଅ ତୁମ ନାମ କଣ? ଡରଡର ଆଖିରେ କହିଲା ମୋ ନାଁ ଅଞ୍ଜୁ ।

ଚମକି ପଡିଲେ ଅମନ, ଅଞ୍ଜୁ.... । ହଁ ବାବୁ ମତେ ଛାଡିଦିଅ। ମୋ ସାଙ୍ଗ ପରା ଖାଇ ନଥିବ। ମୋ ପାପା, ମମି ମତେ ନପାଇ ପାଗଳ ହୋଇଯିବେଣି । ତୁମ ସାଙ୍ଗ କିଏ କି? ଅଞ୍ଜୁ, ଅଞ୍ଜନା ଅପା ।

କଣ ଅଞ୍ଜନା?

ତୁମେ ଜାଣିଛ କି ଅଙ୍କଲ୍ ।

ନାଇଁ ନାଇଁ ....... ।

ତମେ ଛୋଟ ପିଲା ତ, ତିନିଜଣ କାହିଁକି ଗୋଡେଉଥିଲେ?

ISSN NO.
2582-208X

ହଁ ଅଙ୍କଲ ମୋ ସାଙ୍ଗର ମୋର ଚକେଲେଟ୍ ଆଣିଯିବାର ଥିଲା । ଦୁଇଜଣ ମିଶିକରି ଯାଉଥିଲୁ ପୂରା ସକାଳେ । ସାଙ୍ଗ ବାଟରେ ପଡିଯିବାରୁ ତାଙ୍କ ଡ୍ରେସ୍ କାଦୁଅ ହୋଇଗଲା । ସେଥିପାଇଁ ସେ ଘରକୁ ପଳାଇଗଲେ । ମତେ ବି ପଳାଇ ଯିବାକୁ କହିଥିଲେ । ହେଲେ ମୁଁ ଇବି କହି, ଚକୋଲେଟ୍ ପାଇଁ ହରି ଅଙ୍କଲ୍ ଙ୍କ ଦୋକାନକୁ ଚାଲିଗଲି । ସେଠାରେ ଏହି ତିନିଜଣ ଲୋକ ବସିଥିଲେ ମତେ ଦେଖି ଚକୋଲେଟ୍ ନେବାକୁ କହିଲେ, ମୁଁ ମନା କରିବାରୁ ମୋତେ ଗୋଡଉଛନ୍ତି । ଆପଣ ନଥିଲେ ମତେ ସେମାନେ ମାରି ଦେଇଥାନ୍ତେ । ମତେ ଆମ ଘରେ ନେଇ ଛାଡି ଦିଅନ୍ତୁ ଅଙ୍କଲ ।

ହଁ ହଁ ଠିକ୍ ଅଛି । ଅମନ କହିଲା ।

ମୋ ସାଙ୍ଗର ଗୋଡ ଛିଡିଯାଇଥିଲା ସେ ବି ମୋତେ ନ ପାଇ କାନ୍ଦୁଥିବ ।

ଆଚ୍ଛା ଠିକ୍ ଅଛି ଅଞ୍ଜୁ ।

ତୁମେ ରେଷ୍ଟ ନିଅ । ମୁଁ କାମ ସାରି ଆସିଲେ ଦୁଇ ଜଣ ମିଶି ଯିବା । ଅମନବାବୁ କହିଲେ । ପିଅନ ଆସି କହିଲା, ସାର୍, ମାଡାମ୍ ଆପଣଙ୍କ ଚ୍ୟାମ୍ବରରେ ବସିଛନ୍ତି ।

ଠିକ୍ ଅଛି ତୁମେ ଯାଅ । ଚ୍ୟାମ୍ବରକୁ ଆସି, ତୁମେ କଣ ଡାକ୍ତର ?

ଆଶ୍ଚର୍ଯ୍ୟ ହୋଇ ଅଞ୍ଜନା ଅମନକୁ ଅନାଇଥାଏ । ଏମିତି କଣ ପ୍ରଶ୍ନ ପଚାରୁଛନ୍ତି? କଣ କହିବ କିଛି ଭାବି ପାରିଲାନାହିଁ । ଚୁପଚାପ୍ ମୁହଁ ଫୁଲେଇ ବସିଥାଏ ।

ଅମନ କଣେଇ ଚାହିଁ କହିଲେ, କୋଉ ଗୋଡ ଛିଡିଯାଇଛି ।

ତୁମେ କେମିତି ଜାଣିଲ ? ଅଞ୍ଜନା ପଚାରିଲା ।

ମୁଁ ଅନେକ ଆହୁରି ଜାଣିଛି ଆଗେ ଖଣ୍ଡିଆ ଜାଗାଟା ଦେଖାଅ ମୁଁ ତାକୁ ବ୍ୟାଣ୍ଡେଜ୍ କରିଦିଏ । ଆଣ୍ଠୁତ ଛିଣ୍ଡିଯାଇଛି କେମିତି ଲୁଗା ଟେକିବ ଭାବିପାରିଲାନି ଅଞ୍ଜନା । ଡାହାଣ ଗୋଡରେ ହୋଇଛି ବୋଲି କହି ଚୁପ୍ କିନା ବସି ରହିଲେ ।

ଆଚ୍ଛା .....। ଅମନ ନିଜେ ତାଙ୍କର ଶାଢି ଟେକିଦେଲେ, ବ୍ୟାଣ୍ଡେଜ କରିଦେଲେ । ବହୁତ କଷ୍ଟ ହେଉଥିଲା । ହେଲେ ଅମନଙ୍କ ଛୁଆଁରେ କଷ୍ଟ ଜଣାପଡିଲାନି ଅଞ୍ଜନାଙ୍କୁ ।

ISSN NO.
2582-208X

ଏଥିରେ ଲାଜ କଣପାଇଁ କୁହ ଆଗ ଅମନ ଜିଦି ଧରିଲେ ।

ନାହିଁ ତ ଲାଜ କାହିଁ କରିବି ?

ତେବେ ଲୁଗା କାହିଁକି ଉଠାଇଲ ନାହିଁ ।

ମୁଁ ଜାଣିନି ଅଞ୍ଜନା କହିଲା । ଓଠରୁ ଟିକି ଟିକି ହସ ଝରିପଡୁଥିଲା ।

ଅମନ ଟିକିଏ ରାଗିଯାଇ, ବେଶୀ ଛୋଟପିଲା ହୋଇଯାଉଛ ତ ଚକୋଲେଟ ଖାଇବାପାଇଁ ଛୋଟ ପିଲା ଜୀବନକୁ ବାଜି ଲଗେଇ ଦଉଛ ।

କଣ ହୋଇଛି ଅମନ ?

ଚକୋଲେଟ୍ .....

ଆଶ୍ଚର୍ଯ୍ୟ ହୋଇଗଲା ଅଞ୍ଜନା । ଆସ ଦେଖିବ ଆସ, ହାତ ଧରି ଟାଣି ଟାଣି ନେଉଯାଉଥିଲେ ସବୁ ଷ୍ଟାଫ୍ ମାନେ ତାକୁ ଆଁ କରି ଅନେଇଥାନ୍ତି । ଆଜି ଅଞ୍ଜନା ମାଡାମ୍ ଚାକିରି ଗଲା ବୋଧେ । ସବୁ ଆଲୋଚନା କରୁଥାନ୍ତି । ଅଞ୍ଜୁଥିବା ରୁମ୍ କୁ ଅଞ୍ଜନାକୁ ନେଇଗଲେ ।

ଆରେ ଅଞ୍ଜୁ .... ଆଶ୍ଚର୍ଯ୍ୟ ହୋଇଗଲା ଅଞ୍ଜନା ଜୋରରେ ଚିତ୍କାର କରି କାନ୍ଦି ପକାଇଲା । ତୁ ଏଠିକି କେମିତି ଆସିଲୁ । ଜାଣିଛୁ ମୁଁ ଏ ଯାଏ ଖାଇନାହିଁ । ତୋ ଡାଡି ମମି ବହୁତ ଖୋଜୁଛନ୍ତି । କେତେ କାନ୍ଦୁଥିଲେ ମୁଁ ଆସିବାବେଳକୁ ।

ହଁ ମୋ ସାଙ୍ଗ ..... ମୁଁ ଜାଣିଛି.. ହେଲେ ଅମନ ଅଙ୍କଲ୍ ମତେ ଉଦ୍ଧାର କରିଛନ୍ତି । ନହେଲେ ସେମାନେ ମୋତେ ମାରଇ ଦେଇଥାନ୍ତେ ।

କେଉଁମାନେ ଅଞ୍ଜୁ ।

ରାକ୍ଷସମାନେ ?

ଧେତ୍ ମତେ ମଜା କରୁଛୁ, ଆରେ କହ, କେଉଁମାନେ ?

ISSN NO.
2582-208X

ସେ କାହିଁକି ମଜା କରିବ ସତ କଥା ତ କହୁଛି । ଅମନ କହିଲେ ।

ମୁଁ କିଛି ବୁଝିପାରୁନି ତୁମ୍ଭମାନଙ୍କ କଥା, ଅଞ୍ଜନା କହିଲା ।

ଆଲୋ ସାଙ୍ଗ ଜାଣିଛୁ ..... ତୁ ଘରକୁ ଚାଲିଗଲା ପରେ ମୁଁ ଏକା ଏକା ଚକୋଲେଟ୍ ଆଣିବାକୁ ଗଲି । ସେଠାରେ ତିନିଜଣ ବଡ ବଡ ଲୋକ ବସି ସିଗାରେଟ୍ ଟାଣୁଥିଲେ । ମୋତେ ଏକୁଟିଆ ଦେଖି ପାଖକୁ ଡାକିଲେ, ଚକୋଲେଟ୍ ମଧ୍ୟ ଯାଚିଲେ । ହେଲେ ତୁ ତ ମନା କରୁଛୁ ସାଙ୍ଗେ ଅଚିହ୍ନା ଲୋକଙ୍କ ପାଖରୁ କିଛି ଖାଇବୁ ନାହିଁ । ମୁଁ କେମିତି ଖାଇଥାନ୍ତି ଯେ ତେଣେ ସେମାନେ ରାଗିକରି ମତେ ଗୋଡେଇଲେ । ମୁଁ ଏହି ଅଙ୍କଲଙ୍କ ଗାଡି ଆଅରେ ପଡିଯିବାରୁ ସେ ମତେ ଏଠିକୁ ନେଇ ଆସିଲେ ।

ଜାଣିଲୁ ତ ସାଙ୍ଗ ।

ଅଞ୍ଜନା ଆଖିରେ ଲୁହ ଭରିଯାଇଥାଏ । ଅମନ ଅଞ୍ଜନାକୁ ଛାତିରେ ଭିଡିଧରି ମୁଣ୍ଡ ଆଉଁସି କହିଲେ, ଆଉ ମନ ଦୁଃଖ କରନା । ଆଗାମୀ ସେମିତି କିଛି କରିବନାହିଁ । ଯାହା ଫଳରେ ବିପଦର ସମ୍ମୁଖୀନ ହେବାକୁ ହେବ । ଅଞ୍ଜନା ବେଶୀ ଲାଜେଇ ଯାଇଥାଏ । ଏ କଣ ଅମନ ମତେ ଅଞ୍ଜୁ ଆଗରେ ! ମତେ ଲାଜ ଲାଗୁଛି, କାନ ପାଖରେ ଚୁପ୍ କିନା କହୁଥାଏ, ଅମନ ପ୍ଲିଜ୍, ଛାଡିଦିଅ । ଅଞ୍ଜୁ ଦେଖୁଛି ଜାଣିପାରୁଛ ତ !

ମଜାରେ ଅମନ କହିଲେ, ନାଇଁ ମୁଁ କିଛି ଜାଣିପାରୁନାହିଁ । ତୁମେ ମତେ ଭିଡିକି ଧର ନହେଲେ ତା ଆଗରେ ଆଉ କଣ କହିଦେବି । ପେଲିଦେଇ ଅଞ୍ଜନା ତାଙ୍କ ଚ୍ୟାମ୍ବରକୁ ଚାଲିଗଲେ ।

ଅଞ୍ଜୁ ଓ ଅମନ ହସି ଉଠିଲେ ।

କ୍ରମଶଃ ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୭୩୪୭୩୧୮

ISSN NO.
2582-208X

# ସ୍ୱାଭିମାନୀ ଓଡିଆ



ଦୁଷ୍ମନ୍ତ ବେହେରା

ମୁଁ ଓଡିଆ..
ମୋ ପରିଚୟ ଓଡିଆ ଭାଷା
ପଖାଳ କଂସା କୁ ମୁଖେ ଓଡିଆ
ବିଶ୍ୱ ଦେଖି ଶୁଣି କହେ ଭାରି ବଢିଆ

ମୁଁ ଓଡିଆ..
ମୋ ମାଟି ଚଷା ପୁଅ ମୁଖେ
ହସ ବଢିଆ ଖେତ ରେ ଫଳିଛି
ନାନା ରକମର ନାନା ପନିପରିବା

ମୁଁ ଓଡିଆ..
ଏ ମାଟିରେ କେତେ ବୀର ପୁତ୍ର
ଜନ୍ମ ନେଇ ଇତିହାସ ପୃଷ୍ଠା କହେ
ତାଙ୍କର ବୀର ଜନ୍ମ ମାଟିର ଗାଥା

ମୁଁ ଓଡିଆ..
ମୋ ଓଡିଶା କାରୁକାର୍ଯ୍ୟ ଦେଖି
ବିଶ୍ୱ କହେ ବାଃ ବଢିଆ ଓଡିଆ
ବୋଲି କହେ ମଥା ଟେକି

ISSN NO.
2582-208X

ମୁଁ ଓଡିଆ..
ଜାତି ଜାତି ପ୍ରାଣ ରଖିଛି ନିଜ
ସ୍ୱାଭିମାନ ଚିତ୍ରପଟ କହେ
ଇଏ ଓଡିଶା ର ସମ୍ମାନ

ମୁଁ ଓଡିଆ..
ଇଏ ମାଟି ନୁହଁ ମୋର ମା'ଆ ମାଟି
କୋଳେ ଥୋଇ ମଥା ସ୍ୱାଧୀନେ କହେ
ଇଏ ମୋ ଓଡିଶା ମୋ ସ୍ୱାଭିମାନ
ଓଡିଆ...

ସ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ପ୍ରତିଶ୍ରୁତି



ଅନଙ୍ଗ ମଞ୍ଜରୀ ଜେନା

ଆଖିରେ କଜଳ
ହାତରେ ବାଲି, ପାଦରେ ନୁପୁର
ସାଜିଦେଇଥିଲା କୁଂଆରୀ ମନ
ଗଣି ଗଣି ସଂସାର, ଆଗେ ଗଲି ପତ୍ନୀ,ମା ର ରୂପ
ସଜ ଫୁଲପରି ସଜେଇଥିଲେ
ଅଗଣା ଦାଣ୍ଡ ର ଗୃହଲକ୍ଷ୍ମୀ ପରି
ନିଶବ୍ଦ ଅନ୍ଧାର ରାତ୍ରିର ଜହ୍ନ
ମାଟିର ମହକ, ଆକାଶ ର ଗର୍ଜନ
ପବନର ସୁଅ ବାଦଲର ଘମାଘୋଟ
ସବୁ ଯେପରି ଏକ ରୂପରେ
ହା ହା କରି ମାଡି ଆସିଲା
ଆହାଟ ଏକ ଚିତ୍କାର କରି
ନା ଶୁଭିଲା ଘଣ୍ଟାର ଟିକିଟିକି
ନା ସମୟର ପରିଭାଷା
ନା ଏକ ପରଛାୟୀ
ନା ଶୁଝିଲା କିଛି ବିଚାର
ଥିଲାପରା ସେ ଏକ ବନ୍ଧୁ
ବାନ୍ଧବୀ ର ମୋହ
କର୍ତ୍ତବ୍ୟ ପରାୟଣ ସମାଜର ଏକ ନିଶବ୍ଦ ପୁରୁଷ

ISSN NO.
2582-208X

ଯାହାର ଲୋଭ, ମୋହ ମାୟା
ଭିର୍ନ ଭିର୍ନ ରଙ୍ଗରେ ରଙ୍ଗିତ
ପରିକଳ୍ପନା ର ବାହାରେ
ପ୍ରତିଧ୍ୱନି କରେ ନାହିଁ
ପ୍ରତିଶୃତିରେ ବନ୍ଧା ନୁହେଁ
ସେ ରୂପର କୌଣସି ପରିଚୟ ନାହିଁ
ହାତଟାଣି ହସ୍ତାକ୍ଷର ଲେଖି
ଗାରେଇ ଚାଲିଥିଲା
ରଫ କପି ପରି ଏକ ଫର୍ଦ୍ଦରୁ ଫର୍ଦ୍ଦ
ନଥିଲା ତାର କାଳିର ରଙ୍ଗ
ବେରଙ୍ଗ ର ଏକ ସୀମା ବାହାରେ

ହାଇଦ୍ରାବାଦ, ତେଲେଙ୍ଗାନା

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

ସେ ପଶୁପତି ଶିବଙ୍କ ସୁକୋମଳ ଚରଣର ସ୍ପର୍ଶ ପାଉଥିବା ମାଳତି କି ପ୍ରଣୟ ଦେବତା କନ୍ଦର୍ପଙ୍କ ପ୍ରାଣପ୍ରିୟା ରତିଙ୍କ ଚୂର୍ଣ୍ଣକୁଣ୍ଡଳରେ ଶୋଭା ପାଉଥିବା ମାଳତି ନୁହେଁ। ବନୋଦ୍ୟାନର ନିର୍ଜନତାରେ ପ୍ରସ୍ଫୁଟିତ ହୋଇ ମ୍ଳାନ ପଡ଼ିଯାଇଥିବା ମାଳତି ଅଥବା ରାଜ ପ୍ରାସାଦର ଅଗଣାରେ ଫୁଟି ଚଉଦିଗକୁ ସୁବାସ ବିତରଣ କରୁଥିବା ମାଳତି ମଧ୍ୟ ନୁହେଁ। ସେ ସାରା ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ବିଳାସବ୍ୟସନେ ଜୀବନ ବିତାଇ ନାହିଁ କି ଧନ ସମ୍ପଦ ନେଇ ଲେଶମାତ୍ର ଗର୍ବ କରି ନାହିଁ। କୌଣସି ବିଦ୍ୟାଳୟ ବା ଆଶ୍ରମକୁ ଯାଇ ପାଠ ପଢି ନାହିଁ କିମ୍ବା ନିରକ୍ଷରତାର ତାଲିକାକୁ ଆସି ମୂର୍ଖ ଭଳି ବ୍ୟବହାର ଦେଇ ନାହିଁ। ତେବେ କହିବାକୁ ଗଲେ ସେ ହେଉଛି କବି କଳ୍ପନାର ସୃଷ୍ଟିଟି । ପ୍ରଣୟ ଉପନ୍ୟାସର କଳ୍ପିତ ନାୟିକାଟି। ଯୁବ ହୃଦୟର ସ୍ପନ୍ଦନଟି, ପୂର୍ଣ୍ଣିମା ରାତ୍ରିର ଜହ୍ନଟି। ପରୀ ରାଇଜର ପରୀଟି ଆଉ ଜ୍ୟୋତ୍ସ୍ନା ନିଶିର ସ୍ୱପ୍ନଟି। ସେ କଥାବାର୍ତ୍ତା ହେଲେ ତା'ଓଠରୁ ଝରିପଡେ ଋତୁରାଜ ବସନ୍ତର କୋକିଳ ନିନ୍ଦିତ ସ୍ୱର। ଗ୍ରୀବା ଟେକି ଦୃଷ୍ଟି ନିକ୍ଷେପ କଲେ ତା'ର ନେତ୍ର ଯୁଗଳରୁ ବର୍ଷେ ଆକର୍ଷଣର ସ୍ଫୁଲିଙ୍ଗ। ତା'ର ଯୌବନରେ ସାରା ଜଗତ ହୋଇଯାଏ ସ୍ତବ୍ଧ। ତା'ର ଆଚରଣରେ ପରିବର୍ତ୍ତନ ହୋଇଯାଏ ଜଣକର ଜୀବନ ଶୈଳୀ। ସେ ସମ୍ପୂର୍ଣ୍ଣ ଭିନ୍ନ ଉପାଦାନରେ ଗଢ଼ି ଉଠିଥିବା ମାଳତି ଅଟେ ଯାହାର କର ସ୍ପର୍ଶରେ ଶତାଧିକ ଦଗ୍ଧ ହୃଦୟ ପଲ୍ଲବିତ ହେଲା ପରି ମନେହୁଏ। ସର୍ବାଙ୍ଗେ ଭରିଯାଏ ଅପୂର୍ବ ଶିହରଣ ଓ ମନ ନାଚି ଉଠେ ଏକ ଅଜ୍ଞାତ ଆନନ୍ଦରେ।

ସୁଗଠିତ ତନୁଶ୍ରୀ ନେଇ ଜନ୍ମ ଲାଭ କରିଛି ସିଏ। ଖୁବ୍ କଳା ନୁହେଁ କି ଗୋରା ନୁହେଁ। ଦୁଧ ଦେହରେ ନାଲିର ମିଶ୍ରଣ ଭଳି ତା'ଦେହର ରଙ୍ଗ। ବେଶୀ ପତଳା କି ଡେଙ୍ଗୀ ମଧ୍ୟ ନୁହେଁ। ତା'ର ଆଖି ଦ୍ୱୟ ଶୁଭ୍ର ଓ ସ୍ୱଚ୍ଛ। ହସିଲେ ଦନ୍ତପଂକ୍ତି ମୁକ୍ତା ଭଳି ଝଟକି ଉଠେ

ISSN NO.
2582-208X

ଗଣ୍ଡଫଳକକୁ ଦୁଇ ଆଡେ ପ୍ରସାରିତ କରି। ଦିଗବଳୟର ଆର ପାରୀରେ କଳା ବଉଦର ଆସ୍ତରଣ ପରି ତା'ର କେଶଗୁଚ୍ଛ ଆବରଣ ପକାଏ ନିତମ୍ବଯାଏ। ଚାଲେ ରାଜହଂସ ଭଳି ଢଳି ଢଳି। ହେଲେ ଆଧୁନିକତାର କରାଳ ଗର୍ଭରେ ଭୂମିଷ୍ଠ ହୋଇ ମଧ୍ୟ ନୂତନତାର ଲେଶ ମାତ୍ର ଛାପା ତା' ଠାରେ ପରିଲକ୍ଷିତ ହୋଇନାହିଁ କି ବର୍ତ୍ତମାନର ଯୁବତୀମାନଙ୍କ ଭଳି ସେ ଅର୍ଦ୍ଧନଗ୍ନ ପୋଷାକ ପରିଧାନ କରିନାହିଁ। କେବଳ ରସାଣିତ ଯୌବନକୁ ଢାଙ୍କି ଦେବା ପାଇଁ ସାଧା ଶାଢ଼ୀଟି ପିନ୍ଧେ ଯେଉଁ ଶାଢ଼ୀରେ ଫୁଟି ଉଠେ ତା'ର ଅକଳନୀୟ ସୌନ୍ଦର୍ଯ୍ୟ ଓ ଏକ ହିନ୍ଦୁ ନାରୀର ଜୀବନ ଚରିତ୍ର।

ସେ କାହା ସହିତ ଏଯାଏଁ କଳହ କରି ନାହିଁ। କାହାକୁ ମନପୁରା ଦି'ପଦ ଗାଳି ଦେଇ ନାହିଁ। କାହାର ଅନିଷ୍ଟ ଚାହିଁ ନାହିଁ। ପରର ନିନ୍ଦା କି ଚର୍ଚ୍ଚା କରି ନାହିଁ। ଅନ୍ୟର ଦୁଃଖରେ ହସି ନାହିଁ କି ଖୁସୀରେ ଈର୍ଷା କରି ନାହିଁ। ଆଭୂଷଣରେ ସୁସଜ୍ଜିତା ଯୁବତୀ ଦେଖି ମନରେ ଘୃଣା ଭାବ ବହି ନାହିଁ କିମ୍ବା ଦୀନ ଦୁଃଖିର ଦୁର୍ଦ୍ଦଶାରେ ଖୁସି ହୋଇ ନାହିଁ। କେଉଁ ଯୁବକ ସହିତ ମନ ଖୋଲି ହସି ନାହିଁ କି ତା'ପ୍ରତି ଢଳି ଯାଇନାହିଁ। ସେ ଓ ତା'ର କର୍ମ କେବଳ ଏତିକି ଜାଣେ। କର୍ମ ସବୁକୁ କର୍ତ୍ତବ୍ୟ ମନେକରି ଆଗେଇ ଚାଲେ। ସଂକ୍ଷେପରେ କହିବାକୁ ଗଲେ ସେ କୋଡିଏଟି ଶ୍ରାବଣ ବିତେଇ ଦେଇଛି ପ୍ରସନ୍ନ ସନ୍ନ୍ୟାସିନୀ ଭଳି।

ମାଳତି ଥିଲା ସ୍ୱଭାବରେ ପରିଶ୍ରମୀ, ତେଣୁ ପରିଶ୍ରମ କରିବାରେ ତା'ର ଯଥେଷ୍ଟ ଆଗ୍ରହ। ଏହି ମର୍ମରେ ସେ ଧାନ ରୁଇବା, ଘାସ ବାଛିବା, ଜଙ୍ଗଲ ଯାଇ କାଠ ଆଣିବା, ମାଟି ବୋହିବା, ଘର ତିଆରିରେ ମୁଲିଆ ଲାଗିବା ପ୍ରଭୃତି କରିଚାଲେ। ଏଥିରୁ ପାରିଶ୍ରମିକ ତ ମିଳେ ପୁନଶ୍ଚ କେଉଁ ଏକ ଅଜଣା ଆନନ୍ଦ ମିଳେ ଯାହା କରିବାକୁ ସିଏ କେବେହେଲେ କୁଣ୍ଠାବୋଧ କରେ ନାହିଁ। ପୁରୁଷ ତୁଳନାରେ ଇଏ କିଛି କମ୍ ନୁହେଁ। ଅବଶ୍ୟ ପରିଶ୍ରମ କରି ସନ୍ଧ୍ୟାରେ ମହୁଲି କି ହ୍ୱିସ୍କି ମାରିଦେଇ କ୍ଲାନ୍ତ ଲାଘବ ନିମିତ୍ତ ପରିଶ୍ରମର ଅର୍ଥକୁ ପୁରୁଷଙ୍କ ଭଳି ଅଯଥା ନଷ୍ଟ କରେ ନାହିଁ। କେବଳ ମାଳତି ନୁହେଁ, ପୁରପଲ୍ଲୀର ନିଆରା ପରିବେଶରେ ବଢିଥିବା ନବାଗତ ତରୁଣୀମାନେ ଠିକ୍ ଏହିପରି ପରିଶ୍ରମୀ, ସ୍ୱଳ୍ପଖର୍ଚ୍ଚୀ, ସରଳା, ଦାୟିତ୍ୱବାନ ଆଉ ସ୍ୱାଧୀନଚେତା। ଘର କାମ ଠାରୁ ଆରମ୍ଭ କରି ବାହାର କାମ ପର୍ଯ୍ୟନ୍ତ ସବୁ ଏମାନଙ୍କୁ ଜଣା। ନିଜ ଗୋଡରେ ଠିଆ ହେବା ପାଇଁ ସେମାନେ ସକ୍ଷମ। ନିରାଡମ୍ବର ଜୀବନ ଯାପନରେ ପାଇଥା'ନ୍ତି ଅପାର ଆନନ୍ଦ।

ISSN NO.
2582-208X

ପ୍ରତି ଦିନ ମାଳତି ଯାଏ ମିସ୍ତ୍ରୀ କାମ କରିବାକୁ। ତା'ର ସହିତ ଦେଖା ହୁଏ ସେହି ଗାଁଆର ପାଠୁଆ ଯୁବକ ସତ୍ୟବ୍ରତର। ମାଟ୍ରିକ ପାସ୍ କରି ଏଣେତେଣେ ବୁଲୁଛି ଚାକିରୀ ଅନ୍ୱେଷଣରେ। ମାତ୍ର ସୁଖମୟ ଜୀବନ ବିତାଇବାକୁ କୌଣସି ନିରାପଦ ଆଶ୍ରୟସ୍ଥଳ ଏ ପର୍ଯ୍ୟନ୍ତ ପାଇ ପାରିନାହିଁ। ଡିଗ୍ରୀଧାରୀ ଯୁବକ ଯୁବତୀ ଯେତେବେଳେ ସମ୍ପୂର୍ଣ୍ଣ ବେକାରୀ ତେବେ ମାଟ୍ରିକ ପାସ କରିଥିବା ଯୁବକକୁ ଯେ ନିଜେ ଚାହୁଁଥିବା ଭଳି ଚାକିରୀଟି ମିଳିବ କଦାପି ସମ୍ଭବ ନୁହେଁ। ତା'ର ଠାରୁ ଅଧିକ ପାଠ ପଢିଥିବା ପିଲା ଏ ଯାଏଁ ଚାକିରୀ ପାଇ ନାହାଁନ୍ତି ଏହା ସେ ଜାଣିଛି। କିନ୍ତୁ ମାଆ ବାପାଙ୍କୁ ସାନ୍ତ୍ୱନା ଦେବା ପାଇଁ ତା'ର ଏହି ପ୍ରହସନ। ଜାଣିଶୁଣି ପ୍ରବଞ୍ଚନା ଭିତରେ ବଞ୍ଚିନେବାର ଅଭ୍ୟାସ। ଅପରପକ୍ଷରେ ଭାଗ୍ୟ ଥିଲେ ମାଟ୍ରିକ କ'ଣ ବି.ଏ. ଏମ୍.ଏ. କ'ଣ ? ରାମୁର ବାପା ଚତୁର୍ଥ ଶ୍ରେଣୀ ପାଠ ପଢି ବନ ବିଭାଗରେ ଚାକିରୀ କରୁଛନ୍ତି। କୁନିର ପିତା ସପ୍ତମ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ। ମାସିକ ଦୁଇ ଶହ ଚାଳିଶ ଟଙ୍କାରେ ଶିକ୍ଷାକର୍ମୀ ରୂପେ କାର୍ଯ୍ୟରେ ନିୟୋଜିତ ହୋଇ ଆଜି ଷାଠିଏ ହଜାର ଟଙ୍କା ଦରମା ପାଉଛନ୍ତି। ତାଙ୍କର ସ୍ତ୍ରୀ ବିଦ୍ୟାଳୟର ପାଦ ମାଡି ନାହିଁ ଅଥଚ ଆଠ ହଜାର ଟଙ୍କାର ପାଟ ଶାଢ଼ୀ ପିନ୍ଧି କାନରେ ନାକରେ ସୁନାର ଅଳଙ୍କାର ପରିଧାନ କରି ଦେଖାଉଛି। ସବୁ ଭାଗ୍ୟର ଖେଳ। କେତେବେଳେ କ'ଣ ହେବ କିଏ କହିବ ? କାହା ଭାଗ୍ୟରେ ସୁନା ହଣା ତ କାହା ଭାଗ୍ୟରେ ତମ୍ବା ପଇସା

କ୍ରମଶଃ--------

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ-ରଷିକୁଲ୍ୟା

ରକ୍ଷୀ ଅନ୍ତଃପୁରେ ପ୍ରବେଶି ନୃପଙ୍କୁ ବଳଗିଲେ ଛିନ୍ନ ଚିତ୍ତରେ
ଦର୍ଶନାଭିଳାଷୀ ଶମୀକ ମହର୍ଷି ଛାମୁ ଅପେକ୍ଷାରେ ବାହାରେ
ଭୀତେ ଭାଷନ୍ତି ରାଣୀ ଗିର
ବହ୍ନିଶିଖା କିବା ଶାନ୍ତ ଭଞ୍ଜନ ବିକ୍ଷଣରେ ଯୋଗୀଙ୍କ ଶରୀର ।୧୧ ।
ବିଥିର ନୁହଇ ଦର୍ଶନେ ତାଙ୍କର ବ୍ରହ୍ମଜ୍ଞ ଜନେ ସେ ପୂଜିତ
ଉତ୍ତମ ଶାଳୀନ ସୁ-ଆଚରଣରେ ବନ୍ଦିବା କରି ମଥାନତ
କୁକର୍ମ ଆଚରି କାତରେ
ସିଦ୍ଧ ପୁରୁଷଙ୍କୁ ଦ୍ୱାରୁ ଫେରାଇବା ନାହିଁ ମୋର ଅଭିଧାନରେ ।୧୨ ।
ବାଚିଲେ ମହିଷୀଙ୍କୁ ବେଗେ ଯାଇଣ ବନ୍ଦାଣ ଥାଳ କର ସଜ
ରାଜନବର ପବିତ୍ରତା ଲଭିବ ପଡିତେ ମୁନି ପଦରଜ
କକ୍ଷଚ୍ୟୁତ ଜୀବ ମୋହର
ମୁନି ଆଶ୍ରମର ଦୂଷଣ କରମ ହୃଦୟୁଁ ନୁହଇ ପାଶୋର ।୧୩ ।
ରାଜସିଂହାସନେ ବସାଇ ଯୋଗୀଙ୍କୁ ପ୍ରକ୍ଷାଳନ୍ତି ପାଦ ରାଜନ
ନିଜ ପରିଧାନ ପଟ୍ଟବସ୍ତ୍ରେ ପୋଛି ବିନୟେ ଭାଷନ୍ତି ବଚନ
ପାଦ ପଙ୍କଜେ ଅର୍ଘ୍ୟରଖି
ଏ ରାଜ ଭବନ ହେଲା ଶୁଦ୍ଧପୂତ ତବ ଚରଣେ ରେଣୁ ମାଖି ।୧୪ ।

ISSN NO.
2582-208X

ସ୍ୱୀକାର କରଇ ଜଘଣ୍ୟ କର୍ମକୁ ଆଚରିଲି ଯାହା ଛାମୁରେ
ଦୁଷ୍କର୍ମର ଫଳ ଭୁଞ୍ଜିବି ଅବଶ୍ୟ ଉପଯୁକ୍ତ ଦଣ୍ଡ ବିଧିରେ
ବିଚାରି କରିବେ ବିଧାନ
ଦେଉନାହିଁ କ୍ଷମା ମୋର ଘଟ ଆତ୍ମା ସନ୍ତାପିତ ହୁଅଇ ମନ ।୧୫ ।

-:ଟୀକା:-

ଭଞ୍ଜନ – ମନୋହର (ଭଞ୍ଜସାହିତ୍ୟ

ବିକ୍ଷଣ – ଦର୍ଶନ, ଦେଖିବା

ବିଥିର – ଅସ୍ଥିର

ଦୁଷଣେ – ଦୋଷରେ

କ୍ରମଶଃ.....

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ମୋ ଜୀବନ ଟା



ଚିତରଞ୍ଜନ ବେହେରା

ମୋ ଜୀବନ ଟା ହେଇ ଯାଇଛି
ମଉଳି ଯାଇଥିବା ଫୁଲ ପରି
ନା ମନ୍ଦିର କୁ ଯାଇ ପାରୁଛି
ନା ମଶାଣି କୁ ଯାଇ ପାରୁଛି.....!!

ମୋ ଜୀବନ ଟା ହେଇଯାଇଛି
ବେସୁରା ସଙ୍ଗୀତ ପରି
ନା କେହି ମୋତେ ଗାଇ ପାରୁଛି
ନା ମୋତେ ସାତସ୍ୱର ରେ ସଜେଇ ପାରୁଛି....!!

ମୋ ଜୀବନ ଟା ହେଇଯାଇଛି
ରଙ୍ଗ ହିନ ଛବି ପରି
ନା ମୋତେ କାହାର ନଜର ପଡୁଛି
ନା ମୋତେ କିଏ ଭଲପାଉଛି......!!

ମୋ ଜୀବନ ଟା ହେଇଯାଇଛି
ଥୁଣ୍ଟା ଗଛ ପରି
ନା କାହାକୁ ଛାଇ ଦେଇ ପାରୁଛି
ନା ପତ୍ରଟିଏ ପାଇଁ ମୋ ପାଖରେ ଶକ୍ତି ଅଛି.....!!

ISSN NO.
2582-208X

ମୋ ଜୀବନ ହେଇଯାଇଛି
ଅଙ୍କା ବଙ୍କା ରାସ୍ତା ପରି
ନା କାହାକୁ ସିଧା ରାସ୍ତା ଦେଖେଇ ପାରୁଛି
ନା ନିଜେ ଚାଲି ପାରୁଛି……!!

ମୋ ଜୀବନ ହେଇଯାଇଛି
ସ୍ନେହ ମମତା ର ଶୂନ୍ୟଥାଳି
ନା କାହାଠୁ ସ୍ନେହ ମମତା ପାଉଛି
ନା କାହାକୁ ଦେଲେ କିଏ ଗ୍ରହଣ କରୁଛି…..!!

ମୋ ଜୀବନ ଟା ହେଇଯାଇଛି
ହସ ଶୂନ୍ୟ ପୃଥିବୀ
ନା ନିଜେ ହସି ପାରୁଛି
ନା କାହାକୁ ହସେଇ ପାରୁଛି……!!

ମୋ ଜୀବନ ଟା ହେଇଯାଇଛି
ରାସ୍ତା କଡ଼ ର ପାଗଳ ପରି
ନା ମୋତେ କେହି ବୁଝିଛି
ନା ମୋତେ ବୁଝିବାକୁ ଚେଷ୍ଟା କରିଛି….!!

ମୋ ଜୀବନ ଟା ହେଇଯାଇଛି
କଷ୍ଟ ଯନ୍ତ୍ରଣା ରେ ମୃତଶବ ପରି
ନା ମୁଁ ବଞ୍ଚି ପାରୁଛି
ନା ମୁଁ ମରି ପାରୁଛି….!!

ବୌଦ୍ଧ

ISSN NO.
2582-208X

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

ବାହାଘର ଶେଷ ହୋଇ ବର୍ଷଟାଏ ହୋଇଯାଇଥାଏ । ନାନୀକୁ ପାଖକୁ ଆଣିବାକୁ କାହିଁକି କେଜାଣି ମୋ'ର ସାହସ ହେଉ ନ ଥାଏ । ବୋହୂର ବାପାଙ୍କ ସହ ଦିନେ ବାର୍ତ୍ତାଳାପ ସମୟରେ ସେଇ କଥା ମୋ' ମୁହଁରୁ ବାହାରି ଆସିଥିଲା ।

ସେ ଆପଣଙ୍କ ପାଖେ ରହନ୍ତି । ଆପଣ ତାଙ୍କୁ ପାଖକୁ ଆଣିବାକୁ ଚାହୁଁଛନ୍ତି । ମୋ' କଥା ମାନନ୍ତୁ । ଆପଣ ନିଜ ଇଚ୍ଛା ବିରୁଦ୍ଧରେ ନ ଯାଇ ତାଙ୍କୁ ନେଇ ଆସନ୍ତୁ । ପିଲାମାନେ ନିଶ୍ଚିତ ଭାବେ ଅସନ୍ତୁଷ୍ଟ ହେବେ, ମାତ୍ର କିଛିଦିନ ପରେ ସବୁ ଠିକ୍ ହୋଇଯିବ । ସେଇଆ ହୋଇଥିଲା । କିନ୍ତୁ କେତେଟା ମାସ ପରେ ନାନୀ ଫେରିଯିବାକୁ ଚାହିଁଲା । ବୁଝାଇବାର ଚେଷ୍ଟା କରିଥିଲି । ଠାଏ କରି ଚାପୁଡ଼ାଏ ଦେଲା ଭଳି କହିଲା, "ତୋ' ଅବସ୍ଥା ତ ବାରଣ୍ଡା ଦି କଡ଼ା । ତୋ ଉପରେ ବୋଝ ହୋଇ ରହିବିନି । ମୋ'ର କୋଉ କଥା ତା' ମନରେ ଦୁଃଖ ଦେଇଥିଲା ଜାଣି ନ ପାରିଥିଲେ ମଧ୍ୟ ବାଧ୍ୟ ହୋଇ ତାକୁ ନେଇ ବଡ଼ନନାଙ୍କ ପାଖରେ ଛାଡ଼ି ଆସିଥିଲି । ଆସିବା ବେଳକୁ କହିଲା, "ମୋ' ଦିନକାଳ ସଇଲା, ତୁ ନିଜକୁ ଦୃଢ଼ କର" ।

ମୁଁ କ'ଣ ଅଦୃଢ଼ ଅଛି କି ନାନୀ । ତୋର ଏପଟ ସେପଟ ହେବା ଅଭ୍ୟାସରେ ପଡ଼ିଗଲାଣି । ଆଉ ଗୋଟିଏ ବିପଦ ମାଡ଼ି ଆସିଥିଲା । ନୂଆବୋଉ ଅସୁସ୍ଥ । ଟ୍ରିଟ୍‌ମେଣ୍ଟ ପାଇଁ ଝିଅ ପାଖରେ ବାଙ୍ଗାଲୋରରେ ଅଛନ୍ତି । ନାନୀ ଭୁବନେଶ୍ବର ଘରେ ରହୁଥିଲା । ତା' ଦେଖାଶୁଣା କରିବାକୁ ଲୋକ ନିଯୁକ୍ତ ଥିଲେ । ମୁଁ କନଫରେନ୍ସ ପାଇଁ ଓଡ଼ିଶା ଯାଇଥିଲି । ନାନୀକୁ ଖବର ଦେବା ପାଇଁ ମାଧ୍ୟମ ନ ଥିଲା । ସିଧା ଯାଇ ସକାଳ ଦଶଟାବେଳେ ତା' ପାଖରେ

ISSN NO.
2582-208X

ପହଞ୍ଚିଲି । କବାଟ ମେଲା ଥିଲା । ନିଜ ଟେବୁଲ୍ ପାଖରେ ଗୋଟିଏ ଖାଇବା ପାତ୍ର ଭିତରେ ହାତ ରଖି ଝରକା ଆଡ଼କୁ ଚାହିଁ ବସିଥିଲା । ସେଇ କରୁଣ ଦୃଶ୍ୟ ଆଜି ବି ମୋ' ଆଖି ଆଗରୁ ଯାଉନି ।

ମତେ ଦେଖି କହିଲା, ତୁ କୋଉଠୁ ଆସିଲୁ ? ମିନି(ନୂଆବୋଉ) କଥା ଜାଣିଛୁ ତ! ଭଗବାନ୍ ମତେ ନେଇ ତାକୁ ଭଲ କରିଦିଅନ୍ତୁ । ତା'ର କ'ଣ ହେଇଚି ଯେ? ମତେ ତ ସମସ୍ତେ ସବୁ କଥା ଲୁଚାଅ ।

ଦେହ ଖରାପ ଥିଲା । ଏବେ ପୁରାପୁରି ଠିକ୍ ହୋଇ ଗଲେଣି । ଆଉ କେତେଦିନ ପରେ ବଡ଼ନନା, ନୂଆବୋଉ ଫେରି ଆସିବେ । ହେଲେ ତତେ କାଲି ମୋ' ସଂଗେ ଦିଲ୍ଲୀ ଯିବାକୁ ହେବ । ଦେଖିଲି, ତା' ମୁହଁ ଟିକିଏ ପ୍ରଫୁଲ୍ଲ ଦେଖାଗଲା । ଟିକିଏ ସମୟ ରହି କହିଲା, "ମତେ ନେଇ କୋଉଠି ରଖିବୁ ଯେ ?"

ମୋ' ପାଖରେ, ଘରେ ରହିବୁ, ଆଉ କେଉଁଠି ?

ନାଁ, କୋହୁଥିଲି, ତୋ ଘରୁଟା ଛୋଟ, ତୁମମାନଙ୍କୁ ନଅଣ୍ଟ । ମତେ ନେଇ କୋଉଠି ପଶେଇବୁ, ସେଠି କିଛି ଅନାଥାଶ୍ରମ ନାହିଁ ।

ଭାରି ତ କହୁ ତୁ ବହୁ ବୁଦ୍ଧିମତୀ । ଅନାଥାଶ୍ରମ ମାନେ ଯାହାର କେହି ନ ଥାନ୍ତି ସେଇମାନଙ୍କ ପାଇଁ ଆଶ୍ରୟ । ତୋର ତ ସମସ୍ତେ ଅଛନ୍ତି ।

ତୁ ଆଉ ତୋର ହେଇ ଅଛୁ ଲୋ ଝିଅ । ମୋ' କଥା ମାନ୍ । ତୋ' ପାଇଁ ମଧ୍ୟ ଆଜିଠଉଁ ବି ଗୋଟିଏ ଜାଗା ବୁକ୍ କରି ଦେ ।

ହଉ ହଉ, ସେ ସବୁ ପରେ ଦେଖାଯିବ । ତୋ ଜିନିଷ ବାନ୍ଧୁଛି ରାଜେଶ୍ ଏବେ ଗାଡ଼ି ନେଇ ପହଞ୍ଚିବ ।

ISSN NO.
2582-208X

ରାଜେଶ୍! ହରେକୃଷ୍ଣର ସେଇ ଛୋଟ ପୁଅଟା ତ!! ଭାରି ଭଲ ପିଲାଟିଏ । ହରେକୃଷ୍ଣ ପିଲାଟା ଭାରି ଭାଗ୍ୟଶାଳୀ । ସବୁ ନୁଗାଗୁଡ଼ା ଭର୍ତ୍ତୀ କରନା, କିଏ ଜାଣେ କେତେଦିନ ତୋ ପାଖରେ ଡ଼େରା ।

ରାଜେଶ୍ ଆମକୁ ବିଜୁ ପଟ୍ଟନାୟକ ହାଓ୍ୱାୟୀ ଅଡ୍‌ଡ଼ାରେ ଛାଡ଼ି ବିଦାୟ ନେଇଥିଲା । ଫ୍ଲାଇଟ୍‌ରେ ବସି ଚିନ୍ତା କରୁଥିଲି ଭାବ ପ୍ରବଣତା ହୋଇ ତ ନେଇ ଆସିଲି । ସତରେ ତାକୁ କେଉଁଠି ରଖିବି । ବହୁ ଚିନ୍ତା କଲା ପରେ ମନକୁ ଆସିଲା, ଆମ ବସନ୍ତ କୁଂଜ ଘର । ସେଠାରେତ ତାଲା ପଡ଼ିଛି । ହେଲେ ସେଠାରେ ଅନ୍ୟ କେହି ନାହାନ୍ତି । ତା’ଛଡ଼ା ଘରର ମରାମତି ମଧ୍ୟ ଦରକାର । ବର୍ତ୍ତମାନ ପାଇଁ କୁଆଡ଼େ ନେବି? ନାନୀକୁ ଲକ୍ଷ୍ୟ କଲି । ଚୁପ୍‌ଚାପ ବସିଛି । ବୋଧେ କିଛି ଚିନ୍ତା କରିପାରୁନି । ପଚାରିଲି, ନାନୀ ତୁ କହୁଥିଲୁ ତୋ ଆଖିକୁ ଆଉ ଭଲଦେଖାଯାଉନି । ତତେ ସିଧା ନେଇ ହସ୍‌ପିଟାଲ୍‌ରେ ଭର୍ତ୍ତୀ କରିଦେବି । ଦୁଇଟି ଯାକ ଆଖିର ଅପରେସନ୍ କରିଦବା । ଆମେ କହିଥାଉ କାଟାରାକ୍ଟ ଅପରେସନ୍ କରିଦେବା ପରେ ମଣିଷର ବୟସ ପନ୍ଦର ବର୍ଷ ତଳକୁ ଆସି ଯାଇଥାଏ ।

ହଉ ଲୋ ଝିଅ । ମନଇଚ୍ଛା ବୟସକୁ ଘୋଡ଼ାଉ ଥା । ସିଏ କହିବ ମତେ ଯେତେ ମାଠିବୁ ମାଠ୍, ମୁଁ ସେଇ ଦରପୋଡ଼ା କାଠ । ପୁଣି ଟିକିଏ ରହି କହିଲ ହୋଉ ତୁ ନିଜେ କରିବୁ । ଆଉ କାହା ହାତୁକୁ ଦବୁନି । କାଟି ପକେଇବେ ।

ନାନୀ ମୋ'ର ସମସ୍ୟାର ସାମୟିକ ସମାଧାନ କରି ଦେଇଥିଲା । ଫ୍ଲାଇଟ୍ ଲ୍ୟାଣ୍ଡ କରୁ କରୁ ଡାଃ ତନୁଜ୍ (ମୋ’ର ଜଣେ ଜୁନିଅର ସହକର୍ମ୍ମୀ)ଙ୍କୁ ଫୋନ୍ କରି ପ୍ରାଇଭେଟ୍ ଓ୍ୱାର୍ଡ଼ର ଡିଲକ୍ସ ରୁମ୍ ରେଡ଼ି ରଖିବାକୁ କହିଲି ।ଦୁଇ ଆଖି ଅପରେସନ୍ ହୋଇଗଲା । ହସ୍‌ପିଟାଲ୍ କାମ ଭିତରେ ଘର ମରାମତି ପାଇଁ କଥାବାର୍ତ୍ତା କରିବାକୁ ସମୟ ହେଉ ନ ଥିଲା । ଆଖି ଓ୍ୱାର୍ଡ଼ରେ କେତେଦିନ ବାରଖିପାରିବି? ଭଗବାନ୍ ଯେମିତି ମୋ' ମନ କଥା ଜାଣି ପାରିଲେ । ଖରାପ ହେଲେ ମଧ୍ୟ ସମସ୍ୟା ସମାଧାନ ପାଇଁ ରାସ୍ତା ବାହାର କରିଦେଲେ । ସେଦିନ ଶନିବାର ଥିଲା । ବହୁତ ଗୁଡ଼ାଏ ଅପରେସନ୍ ଥିଲା । ଅପରେସନ୍ ରୁମ୍‌ରୁ ମୁଁ ସିଧା ନାନୀ ରୁମ୍‌କୁ ଗଲି । ସେଦିନ ଖୁବ୍ କ୍ଲାନ୍ତ ଲାଗୁଥିଲା । ବୋଲି ଅଫିସ୍‌ରେ ଟିକିଏ ବିଶ୍ରାମ ନେଇ ଯିବାକୁ ସ୍ଥିର କଲି । ହଠାତ୍ ଫୋନ୍‌ଟା ବାଜି ଉଠିଲା ଉଠାଇଲି । “ଶୀଘ୍ର ଆସ ନାନୀ,

ISSN NO.
2582-208X

ନାନୀଙ୍କ ଅବସ୍ଥା ବହୁତ ଖରାପ”କହିଲା ସଂଜୁ(ନାନୀର ସେବାକାରୀ)। ରୁମ୍ ଭିତରେ ପଶି ଦେଖିଲି ସିଷ୍ଟର ଅକ୍ସିଜେନ୍ ଆରମ୍ଭ କରି ଦେଇଛି । ସାଲାଇନ୍ ଡ୍ରିପ୍‌କୁ ସଂଜୁ ଧରି ବସିଛି । ଫିଜିସିଆନ୍‌ଙ୍କୁ ତୁରନ୍ତ ଡାକିବାକୁ ସିଷ୍ଟରକୁ କହି ସଂଜୁଠାରୁ ସବୁ କଥା ବୁଝିନେଲି। ଫିଜିସିଆନ୍ ଆସି ପରୀକ୍ଷା କରି କହିଲେ ମେଡ଼ିସିନ୍ ୱାର୍ଡ଼କୁ ସିଫ୍ଟ କରାନ୍ତୁ । ଆଖି ୱାର୍ଡ଼ରେ ୟାଁଙ୍କର ଚିକିତ୍ସା ଠିକ୍ ଭାବେ ହୋଇପାରିବନି ।

ପୂର୍ବାବସ୍ଥାକୁ ଆସିବାକୁ ଦୁଇ ସପ୍ତାହ ଲାଗିଗଲା, ମାତ୍ର ସେ ସେଠାରେ ପ୍ରାୟ ଦୁଇମାସ ରହିଲେ । ଡିସ୍‌ଚାର୍ଯ ହେବା ପରେ ସିଧା ତାଙ୍କୁ ଆମ ନିଜ ଘରକୁ ବସନ୍ତକୁଂଜ ନେଇଗଲି । ନାନୀ ଓ ସଂଜୁ ସେଠାରେ ରହୁଥିଲେ । ଡିଉଟି ଶେଷ କରି ମୁଁ ମଧ୍ୟ ରାତିରେ ସେମାନଙ୍କ ପାଖରେ ରହୁଥିଲି । ଘରେ କ୍ୱାଟର୍ସ ଭଳି ସୁବିଧା ନ ଥିଲେ ମଧ୍ୟ ମୁଁ ମନେ କରୁଥିଲି ଅବ୍ୟାହତି ପର ଜୀବନ ପାଇଁ ବର୍ତ୍ତମାନ ଠାରୁ ଅଭ୍ୟାସ କରୁଛି । ଅବସର ନେବା ପରେ ମତେ କ୍ୱାଟର୍ସ ଛାଡ଼ିବାକୁ ହେଲା । ପୁଅ ବୋହୂ ମଧ୍ୟ ସେଠାରୁ ଆମ ପାଖକୁ ଆସିଗଲେ । ଶୀତୁକୁ ଦେଖି ନାନୀ ଭାରି ଖୁସି ହୋଇଗଲା । “ଘରଟା ଖାଇ ଗୋଡ଼େଇ ଥିଲା, ଏବେ ପୁରିଲା ପୁରିଲା ଲାଗୁଛି । ଅବସର ପରେ ପୁରୁଣା ଦିଲ୍ଲୀରେ ନୂଆ ମେଡ଼ିକାଲ କଲେଜ ଯୋଜନାରେ ରହି ମୁଁ ସକାଳ ସାତଟାରୁ ବାହାରି ଯାଇ ସଂଧ୍ୟା ସାତଟାରେ ଘରେ ପହଞ୍ଚେ। ଶୀତୁ ମଧ୍ୟ ସକାଳ ଆଠଟାରୁ ଯାଇ ସଂଧ୍ୟା ଆଠଟାରେ ଆସେ । ଘରେ ବୋହୂ କାମ କରିବା ଝିଅ ଏବଂ ଡ୍ରାଇଭର ଥାଆନ୍ତି । ଧୀରେ ଧୀରେ ନାନୀର ବ୍ୟବହାରରେ ପରିବର୍ତ୍ତନ ଲକ୍ଷ୍ୟ କଲି । ଆଜିକାଲି ତା'ର ଜିଦି ବହୁତ କମ୍ ହୋଇ ଯାଇଛି । କେଉଁ କଥାରେ ବି ପ୍ରତିବାଦ କରୁନି । ଯାହା ଯେତେବେଳେ ଦେଲେ ଖାଇ ନେଉଛି । ଯେଉଁ ନାନୀ ଫ୍ରିଜ୍‌ରେ ରହିଥିବା ଜିନିଷ ମାରା ବୋଲି କହିଥାଏ, ଫ୍ରିଜ୍‌ରେ ଥିବା ତିନି ଦିନର ବାସୀ ଖାଇବା ମଧ୍ୟ ଖାଇ ନେଉଛି । କ୍ଷୀର ଟକ୍ ଟକ୍ ଗରମ ନହୋଇଥିଲେ ପିଇବା ତ ଦୂରକଥା ପାଖେ ପଶାଇ ଦିଏନା । ସକାଳଠୁ ଥରମସ୍‌ରେ ଥିବା କ୍ଷୀର ରାତିରେ ମଧ୍ୟ ପିଉଛି । ଏ ସବୁ ଜାଣିଲା ପରେ ସେଦିନ ତା' ସଂଗେ ଆଲୋଚନା କରି ବସିଲି । ତୁ ନିଜକୁ କଷ୍ଟ କାହିଁକି ଦେଉଛୁ? ଖିଆ ପିଆରେ ଠିକ୍ ନାହିଁ । ଧଡ଼୍ କରି ଜବାବ୍ ଦେଲା, ମୁଁ ତ ଯାହାହେଲେ ମୁଠାଏ ଖାଉଛି । ତୋ ପାଇଁ ତ ସେତିକି ବି ନାହିଁ । ପୁଣି କେତେଦିନ ପରେ ଆଉଥରେ ତାକୁ ବୁଝାଇବାର ଚେଷ୍ଟା କଲି । ତା' ଆଖି ଲୁହରେ ଭରିଗଲା । କହିଲା, ତଳ ବରଡ଼ା ଖସୁଛି ଉପର ବରଡ଼ା ହସୁଛି । ମଝି ବରଡ଼ା କହେ ମୋ' ଦିନକାଳ ଆସୁଛି। ଭାଗ୍ୟକୁ

ISSN NO.
2582-208X

ଶୀତୁ ଆସି ପହଞ୍ଚିଲା । ତାକୁ ଦେଖି ସେ ଖୁବ୍ ସହଜ ହୋଇ ଯାଇ କହିଲା, "ତୁ ଦିନରେ କୋଉଠି ଖାଉଚୁ ଯେ । ନିଜକୁ ଠିକ୍ ରଖ । ନ ହେଲେ ମା' ଭଳି ହେବୁ ।"

ତେବେ ତ ବହୁତ ଭଲ ହେବ ମାଉସୀ । ମୁଁ ମଧ୍ୟ ଦୁନିଆ ପ୍ରସିଦ୍ଧ ହୋଇଯିବି ।

ତୁ ମା' ଉପରେ ଗୋଟାପୁଣି ଯାଇଛୁ । ହୁଣ୍ଡାଟା – ଯା ଧୁଆ ଧୋଇ ହେଇ ଖାଇବସ । ତୁମ ପାଇଁ ଗୋଟିଏ ବଢ଼ିଆ ଜିନିଷ ଆଣିଛି ମାଉସୀ ।

କି ବଢ଼ିଆ ଜିନିଷଟା ବା! ରଖ୍ ତୋ ପାଖରେ । ମୁଁ ତାହା ଖାଏନା ମାଉସୀ । ତୁମ ପସନ୍ଦର ମିଠାଇ । ନେଇ ଯା ତାକୁ ରସ୍‌ନାକୁ ଦେଇଦେ । ସିଏ ମିଠାଇ ବହୁତ ଭଲପାଏ, ତାକୁ ଦେଇଦେ, ଆଲମାରୀରେ ବନ୍ଦ କରି ରଖିଦେବ । କହି ଶୀତୁ ହାତକୁ ଡବାଟିକୁ ଫେରାଇ ଦେଲା ।

ତା ପରଦିନ, ସବୁଦିନ ଭଳି ଘରୁ ବାହାରିବା ସମୟକୁ ପଚାରିଥିଲି, ଆଜି ତୋ ପାଇଁ କ'ଣ ଆଣିବି ନାନୀ?

ମୋ'ର କିଛି ଦରକାର ନାହିଁ ।

ଚପଲଟା ଗୋଡ଼ରେ ଗଳାଉ ଥିଲି, ଶୁଣାଗଲା, ତୁ କେତେବେଳ ଆସିବୁ ଯେ?

ଆଜି ଶନିବାର ତ, ପାଞ୍ଚଟା ପୂର୍ବରୁ ଆସିଯିବି ।

ପାଞ୍ଚଟାରେ ଆସିବୁ? ସେଇଦିନ ଭଳି ଦିଇଟା ଦହିବରା ନେଇ ଆସିବୁ ତ । ବେଶୀଆଣିବୁନି । ଏମାନେ କେହି ଘରେ ନ ଥିବେ । ହଁ, ଶୁନା, ଦିଟା ଚେନାଚୁର୍ ପ୍ୟାକେଟ ନେଇ ଆସିବୁ ।

ISSN NO.
2582-208X

ସେଦିନ ସେ ଖୁସିରେ ଦହିବରା ଖାଉଥିବା ସମୟରେ ମୁଁ ତାକୁ ପଚାରିଥିଲି, ତୋର କ'ଣ ଅସୁବିଧା ହେଉଛି ନାନୀ ମୋ' ନିଜର ହଜାର ସମସ୍ୟା ଭିତରେ ତୁ ଆହୁରି ଗୋଟିଏ ବଢ଼ାଉଛୁ ।

ସେଇ ତୋ'ରି ସମସ୍ୟା ହିଁ ମୋ' ଅସୁବିଧାର ମୂଳ କାରଣ । ଜୀବନଯାକ ତୁ ପୋଖରୀ ତୁଠ ପଥର ହୋଇ ରହିଗଲୁ । ନିଜକୁ ଦୃଢ଼ କରି ଦୁନିଆଦାରୀ ଶିଖ । ନହେଲେ ଆଉ ମଣିଷ ହୋଇ ରହିବୁନି, କଇଁଚି ହୋଇଯିବୁ କହି ପୁଣି କାନ୍ଦିବା ଆରମ୍ଭ କରିଦେଲା । ବୁଝାଇ ଶୁଝାଇ ଦହିବରା ଖୁଆ ତାକୁ ଶୋଇବାକୁ କହି ମୁଁ ଶୋଇବାକୁ ଗଲି । କେତେ ସମୟ ପରେ ମୋ' ରୁମ୍‌ର କବାଟ ଖୋଲାଯିବା ଶବ୍ଦ ହେବାର ଶୁଣି ଆଖି ଖୋଲିଲି, "କ'ଣ ହେଲା ନାନୀ ?"

ରସ୍‌ନା ଆସିନିକି । ତୁ କ'ଣ ଟିକିଏ ଖାଇ ଦେଉନୁ ।

ମୁଁ ସାଗର ରତ୍ନରୁ ଖାଇ ଆସିଛି ନାନୀ । ତୁ ଯା, ଶୋଇବୁ ।

ସେଇ ରତ୍ନ ସାଗରକୁ ବୋହି ଆଣି ଘରେ ପୁରେକଥା - କେହି ପଚାରିବେନି । ନିଜୁକୁ ଠିକ୍ ରଖ କହି ଦୁଆର ଆଉଜାଇଲା ନାନୀ ।

ଆଜିଠାରୁ ତୁମେ ମୋ' ସାଂଗରେ ଡିନର୍ କରିବ ମମୀ, ମାଉସୀ କେତେ ମନକଷ୍ଟ କରୁଛନ୍ତି। କହି ମୋ' ପାଖରେ ଠିଆ ହେଲା ଶୀତୁ ।

ଦୁହେଁ ଖାଇ ବସିଲୁ, ଟୁପୁରୁ ଟାପୁରୁ ଶୁଣି ନାନୀ ଉଠି ଆସିଲା । ଟିକିଏ ଠିଆ ହୋଇ କହିଲା, ସେ ଅଇଁଠା ବାସନ ପାଖରେ କାହିଁକି ବସି ଖାଉଛ ? ଟିକିଏ ଆଡୁକୁ ବସୁନ । କହି ଅଇଁଠା ବାସନ ଦି'ଖଣ୍ଡ ଉଠେଇବା ସମୟରେ ତା' ଭିତରେ ଥିବା ପାଣିତକ ପଡ଼ିଗଲା।

ବହୁତ ଦିନ ହେଇଗଲାଣି ମିଠା ଖାଇନି, ପାଟିଟା କେମିତି କେମିତି ଲାଗୁଛି । ତୁ ତ ନିଜେ

ISSN NO.
2582-208X

ମିଠା ଖାଇବୁନି ବୋଲି କହୁଛୁ । ତୁ ଗୋଟେ ହୁଣ୍ଡୀ, କିଛି ବୁଝୁନା । କିଛି କହିଲାନି, ଇଚ୍ଛା ହେଲା କହିବି ସବୁ ବୁଝେ ନ ବୁଝିବାର ନାଟକ ନାଟକ କରେ ନାନୀ, ମାତ୍ର ତୁ ଗଲୁ ନାନୀ, ଏସବୁ କରିବାକୁ ତତେ କିଏ କହୁଛି । ବିରକ୍ତ ହୋଇ ଏତିକି କହି ବାସନ ଦି'ଖଣ୍ଡ ବେସିନ୍ ପାଖରେ ରଖି ଓଦା କନାରେ ଟେବୁଲ୍ ଉପରୁ ପାଣି ପୋଛି ଖାଇ ବସିଲି ।

ଆମ ଘରେ ଦୁଇଜଣ କାମ କରୁଥିଲେ, ରାଜିଆ ଏବଂ ମମତାଜ୍ ଦୁହେଁ ମୁସ୍‌ଲିମ୍ ହୋଇଥିଲେ ମଧ୍ୟ ନାନୀର ଅନ୍ତରଙ୍ଗ ହୋଇ ଉଠିଥିଲେ । ମମତାଜ୍ ପାଖରେ ଛିଡ଼ା ହୋଇ ମୋ' ପାଇଁ ଖାଇବା ପ୍ୟାକ୍ କରାଉଥିଲା । କାହିଁକି ଏ ସବୁ ରଖିଛୁ ପଚାରିଲେ ମମତାଜ୍ କହେ "ଦିଦି ଆପଣଙ୍କ ପାଇଁ ଭାରି ବ୍ୟସ୍ତ, ସେ ସବୁ ବୁଝନ୍ତି ପାଚିଲା ଆମ୍ବ । କେବେ ଝଡ଼ି ପଡ଼ିବ । ତାଙ୍କ ମନରେ ଦୁଃଖ ଦିଅନା ।

ବିରକ୍ତ ହୋଇ କହିଲି, ସବୁ ବାଜେ କଥା, ଜାଣି ଶୁଣି କିଏ କେବେ ନିଜକୁ ଦୁଃଖ ଦିଏ ?

୨୦୧୬ ଜାନୁଆରୀ ୧୧ ତାରିଖ । ହଠାତ୍ ନାନୀର ଉଦାସୀନତା ମତେ ବ୍ୟତିବ୍ୟସ୍ତ କରି ପକାଇଲା । ଏହାର ମୂଳ କାରଣ କ'ଣ ହୋଇପାରେ । ରାଜିଆ କହିଲା ଗତ କେତେଦିନ ଧରି କ'ଣ ସବୁ ନିଜ ଭାଷାରେ କହି କାନ୍ଦୁଛନ୍ତି । ମୁଁ ତ କିଛି ବୁଝି ପାରେନା । ମମତାଜ୍ ଖାଇବା ଧରି ଛିଡ଼ା ହୋଇଥିଲା । ହାତଠାରି ତାକୁ ଫେରାଇ ନେବାକୁ କହିଲେ । ଦୁଃଖ ଓ ବିରକ୍ତି ମିଶା ସ୍ୱରରେ କହିଲି ଆଜି ଏକାଦଶୀ ନୁହେଁ! ଆହୁରି ଦଶଦିନ ବାକୀ ଅଛି ।

ଦଶଦିନ ??? କେମିତି ହେବ ଯେ ।

ନଅଦିନ ଠିକ୍‌ରେ ଖିଆ ପିଆ କରିବୁ, ତା'ପର ଦିନ ଏକାଦଶୀ –

ନାଁ ଆଜିଠୁ ନିର୍ଜ୍ଜଳା...

କେହି ତାକୁ ବୁଝାଇ ପାରିଲେନି । ଏକୋଇଶ ତାରିଖ ଦିନ ଅଧା ଗେରେ ଗେରେ ହୋଇ କହିଲା, ତୋ ସଂଗମାନେ ସବୁ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ ଯେ, ଜାଣିଛୁ, ସମସ୍ତେ

ISSN NO.
2582-208X

ଗାଦୀର ଭକ୍ତ । କୁସୁମ ପରଶେ ପଛ ନିସ୍ତରେ ଗାଦୀ ଯୋଗୁ ମତେ ବି କେତେ କ'ଣ ମିଳିଯାଉଥିଲା । କୁଆଡ଼େ ଗଲା ସେ ପୋଡ଼ା ସ୍ନେହ!

ତୁ ମିଛରେ ବିରକ୍ତ ହେଉଛୁ ନାନୀ । ଉପାସରେ ରହିଲେ ସେଇଆ ହୋଇଥାଏ । ମୁଁ ସମସ୍ତଙ୍କୁ ଖବର ଦେଇଛି । ସମସ୍ତେ ଆସିବେ ।

କ'ଣ ଏକାଦଶୀ ପରେ! ଭୋଜି ଖାଇବାକୁ ??

ହଁ, ଏକାଦଶୀ ପରଦିନ ସମସ୍ତେ ଏକାଠି ବସି ପେଟେ ପେଟେ ଖାଇବା ।

ଛିଃ ଲୋ କହି ନାନୀ ମୁହଁ ବୁଲାଇ ଶୋଇଲା ।

ନାନୀରୁ ଲୁଗା ବଦଳାଉ ଥିଲି । କହିଲା, ଆଜି ଏକାଦଶୀ ନା?

ତୋର ତ ଦଶଦିନ ହେଲା ଏକାଦଶୀ ଚାଲିଛି । ଆଜି ଆଉ ଅଧିକ କ'ଣ! ଶୀତୁ ତା' ଡିଉଟିରେ ଯାଇଥିଲା । ବୋହୂ ଡ୍ରାଇଭର ସଂଗେ କୁଆଡ଼େ ବାହାରକୁ ଯାଇଥିଲା । ଘରେ ମୁଁ ଏକାଥିଲି । ମିଲୁ(ବଡ଼ନନାଙ୍କ ଝିଅ) ଆସି ପହଞ୍ଚିଲା । ନାନୀ ଏକାଦଶୀ ଦିନ ସାଗୁ ଖିରି ଖାଇବାକୁ ଭଲପାଏ । ମିଲୁ ହାତରେ ଦେଇ ନାନୀକୁ ବୁଝାଇ ଖୁଆଇ ଦେବାକୁ କହିଲି । ସେ ବି ହାର ମାନିଥିଲା । ଜାନୁଆରୀ କୋଡ଼ିଏ ତାରିଖ । ରାତି ନଅଟା । ସବୁଦିନ ଭଳି ଆଇ.ଭି.ଡ୍ରିପ୍‌ଟି ଚେକ୍ କଲି । ପାଣି ବାଲ୍‌ଟିରେ କେତେ ପାଣି ଅଛି ଦେଖି ନେଲି । ନାନୀ ରେଜାଇଟି ଘୋଡାଇ ଦେଇ ନିଜ ରୁମ୍‌କୁ ଯାଇ ଶୋଇ ପଡ଼ିଲି । ନିଦଟା ଚାଉଁ କରି ଭାଙ୍ଗିଗଲା । କାନ୍ଥ ଘଡ଼ିକୁ ଚାହିଁଲି । ଏଗାରଟା ବାଜି ପଇଁଚାଳିଶ ମିନିଟ୍ ରାତିରେ ଉଠି ନାନୀକୁ ଥରେ ଦେଖିବାକୁ ଯାଏ । ନିଦ ଭାଙ୍ଗି ଯାଇଥିଲେ ମଧ୍ୟ ଅଳସୁଆଣୀ କରି ଆଉ ଟିକିଏ ପରେ ଯିବି ଚିନ୍ତା କରି କରି ଅଧଘଣ୍ଟାଏ ଡ଼େରି କରିଦେଲି । ନାନୀ ରୁମ୍‌କୁ ଯାଇ ଦେଖିଲି କ୍ଲୋୟରଟି ବନ୍ଦ ଅଛି । ସାଲାଇନ୍ ଟିଉବ୍‌ଟି ମଧ୍ୟ ହାତରୁ ବାହାରି ଯାଇଛି । ଧୀର ଭାବେ ବିଛଣାରେ ଶୋଇଛି । ହଁ ନିଶ୍ୱାସ ଚାଲିଛି । କ୍ଲୋୟର ସ୍ୱିଚ୍‌ଅନ୍ କରିବାକୁ ଯାଉଥିଲି । ଦେଖିଲି ଅଚାନକ ଭାବେ ପାଟି ମେଲା କରି ନାନୀ ଧଇଁ ସଇଁ ହେଉଛି ।

ISSN NO.
2582-208X

ଆଣ୍ଠେଇ ପଡ଼ି କାର୍ଡ଼ିଆକ୍ ମାସାଜ୍ ଆରମ୍ଭ କରିଦେଲି । କିଛି ସମୟ କଲାପରେ ଅନୁଭବ କଲି ସେ ମଳତ୍ୟାଗ କଲା । ତା'ପରେ ସବୁ ଶେଷ । ଚାରିଆଡ଼ ମତେ ଅନ୍ଧାର ଦିଶିଲା । ଖୁଣ୍ଟଟାଏ ଭଳି ନାନୀ ହାତ ଧରି ବସି ରହିଲି । ସକାଳ ଛଟା ହେଲା । ରାଜିଆ ଆସିଲା । ମତେ ନାନୀ ପାଖକୁ ଯିବା ଦେଖି ମୋ' ପଛେ ପଛେ ଗଲା । ଚମକି ପଡ଼ି କହିଲା ଏ ସବୁ କେତେବେଳେ ହେଲା ଦିଦି ?

ରାତି ବାରଟାରେ ରାଜିଆ ।

ଆଉ ଆପଣ ଏ ପର୍ଯ୍ୟନ୍ତ ଭାୟାକୁ ଡାକି ନାହାନ୍ତି । କହି ଡାକିବାକୁ ଯାଉଥିଲା, କହିଲି ରସୀନା ଶୋଇଛି । ଟିକିଏ ରହି ଯା, ଶୀତୁର ଉଠିବା ସମୟ ହେଲାଣି । ରାଜିଆର କାନ୍ଦଣା ଶୁଣି ଶୀତୁ ଆସିଗଲା । ନାନୀ ହାତଟା ଛୁଇଁ ଦେଇ କହିଲା କେତେବେଳେ ହେଲା ମମ୍ମୀ । ଛଅ ଘଣ୍ଟାରୁ ଊର୍ଦ୍ଧ୍ୱ ହୋଇଗଲାଣି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ସ୍ମୃତି

ବୁଲୁ ରଥ

ସ୍ମୃତି  ସିନା  ଅଭୁଲା ଅନୁଭୂତି,
ସ୍ମୃତି ସିନା ଅତିତ ର  ଗୀତି ,
ସେ ଇ  ସ୍ମୃତି ନେଇ ତା ବାଟ ଅନେଇ
କଟି ଯାଏ  ଦିନରାତି ।

ଅଙ୍କାବଙ୍କା ସେଇ ଅଲିଭା  ସପନେ
କେତେ କଥା ଭାବି ହସେ ମନେ ମନେ,,
ସେ ସପନେ ହଜି ମନେ ମନେ ମଜି
ଭାବି ଦଉ  ଥାଏ ନିତି
ସ୍ମୃତି ସିନା ଅଭୁଲା ଅନୁଭୂତି ।

ତରବୋଇ, ବାବଜା ସାହି
ଜଟଣୀ, ଖୋର୍ଦ୍ଧା

ISSN NO.
2582-208X

# ତୁମେ ଆସ ସାଥୀ



ପ୍ରଣତୀ ରଥ

କେଉଁ ଯେ କାଳରୁ ତୁମ ଅପେକ୍ଷାରେ
ଏ ଆଖି ଚେଇଁ ରହିଛି,
ପ୍ରତିଟି ନିଦ୍ରାକୁ ପଛରେ ପକାଇ
ତୁମକୁ ଚାହିଁବ ବସିଛି ।

କେଉଁ ରାଇଜରେ ତୋଳିଲ ନଅର
ମୋ ଆଖି ଖୋଜି ପାରେନି
ଅବା ତୁମକୁ ମୋ ପ୍ରିତୀର ସୁର
ଜମାରୁ ସୁଭା ଯାଉନି।

କେମିତି ଜାଣେନି ଅଜଣା ଡରଟେ
ମନେ ମୋ ପସି ଯାଇଛି
କାଳେ ମୋତେ ଭୂଲି ଗଲଣି
ସେଇ ଡରରେ ଯିଉଁଛି।

କେବେ କେବେ ଦୂର ଆକାଶକୁ ଦେଖି
ଅନୁରୋଧ ମୁଁ କରିଛି
ସବୁଠି ବିସ୍ତାର ଖୋଜି ଆଣିଦେବ
ଦିନେ ତୁମକୁ ଭାବୁଛି।

ISSN NO.
2582-208X

ତୁମକୁ ସତେକି ରାଣ ଦେଲି କୁହ
ମୋ କଥା ମନେପଡୁନି
ତୁମ ଅପେକ୍ଷାରେ ମୁଁ ତ ଏ ଯାଏ
ଆଖିବି ଟିକେ ବୁଜିନି ।

ଏମିତି ତୁମ ଅପେକ୍ଷାରେ ମୋ
ଦିନ ସବୁ ଯାଉ ବିତି
ତୁମେ ଆସିବା ଆଗରୁ ପ୍ରିୟ
ଆଉ କେ ନ ହେଉ ସାଥି ।

ଏମିତି ଆମ ପ୍ରେମ କାହାଣୀଟି
ହୋଇ ନ ଯାଉ ଇତି
ସବୁ ଛାଡିଥରେ ଆମ ପ୍ରେମ ପାଇଁ
ତୁମେ ଆସ ସାଥି ।

ରାଉରକେଲା , ସୁନ୍ଦରଗଡ

ISSN NO.
2582-208X

# ମୁଁ ଅଯୋଧ୍ୟା ର ସିଂହାସନ କହୁଛି



ଡ଼ାଃ ସୀମାନ୍ତ କୁମାର ନନ୍ଦ

ପବିତ୍ର ରାମନବମୀ ରେ ସବୁ ଓଡ଼ିଆ ଭାଇ ଭଉଣୀ ଅନ୍ୟାନ୍ୟ ସମସ୍ତ ଧର୍ମାବଲମ୍ବୀ ବନ୍ଧୁ, ମାଆ, ଭଉଣୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା କରି ପ୍ରଭୁ ରାମଚନ୍ଦ୍ରଙ୍କ ପଦ କମଳରେ ମୋର ଭକ୍ତିପୂତ ପ୍ରଣାମ ଜଣାଉଛି। ଅତୀତରେ ଆମେ ବିକ୍ରମାଦିତ୍ୟଙ୍କ ସିଂହାସନ, ବତ୍ରିଶ ସିଂହାସନ ଇତ୍ୟାଦି ବିଷୟର ଜ୍ଞାତ ଅଛେ। ଅଯୋଧ୍ୟାର ରାଜସିଂହାସନ ର ଏକ ବୈଶିଷ୍ଟ୍ୟ ରହିଛି ଏଥିପାଇଁ ଯେ, ସେହିଁ ସିଂହାସନ ରେ ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ଅଭିଷିକ୍ତ ହୋଇଥିଲେ। ସିଂହାସନ ରେ ଆରୋହଣ କରୁଥିବା ରାଜା ମହାରାଜା, ଦିଗବିଜୟୀ ସମ୍ରାଟ ଙ୍କ ଗୌରବ ଗାଥା ର ସାକ୍ଷୀ ଏଇ ସିଂହାସନ।

ସନ୍ଥ ଗୋସ୍ୱାମୀ ତୁଳାସୀ ଦାସ ଶ୍ରୀ ରାମ ଚରିତ ମାନସ ରେ, ଅଯୋଧ୍ୟା ସିଂହାସନ ପାଇଁ ଏକ ମର୍ଯ୍ୟାଦା ସୂଚକ ଚରିତ୍ର ବର୍ଣ୍ଣନା କରିଛନ୍ତି।

ଶ୍ରୀ ରାମ ଙ୍କୁ ବନରୁ ଫେରେଇ ଆଣିବାକୁ ଭରତ, ବଶିଷ୍ଠ, ଜନକ, କୌଶଲ୍ୟା, ପାତ୍ର ମନ୍ତ୍ରୀ ସମସ୍ତେ ଉପସ୍ଥିତ ବନ ପ୍ରଦେଶ ରେ। ରଘୁ କୁଳ ରୀତି, ନିୟମ ସବୁକୁ ଦୃଢ଼ ଯୁକ୍ତିର ସହିତ ଉପସ୍ଥାପନା କରି ଶ୍ରୀ ଭରତଲାଲ ରାମଚନ୍ଦ୍ର ଙ୍କୁ ସିଂହାସନ ଗ୍ରହଣ କରିବାକୁ ପ୍ରାର୍ଥନା କରିଛନ୍ତି। ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ଅତି ବିନୟ ଭାବରେ ସେ ସବୁକୁ ଖଣ୍ଡନ କରି ପିତ୍ରାଦେଶ ଦୃଷ୍ଟିରୁ ତଥା ସତ୍ୟ ବଚନ ଓ ପିତୃସତ୍ୟ ପାଳନ ର ଦ୍ୱାହି ଦେଇ ବନବାସ ନିଜ ପାଇଁ ଶ୍ରେୟସ୍କର ବୋଲି ପ୍ରମାଣ କରିଛନ୍ତି।

ISSN NO.
2582-208X

କୁଳଗୁରୁ ବଶିଷ୍ଠ, ରାଜର୍ଷି ଜନକ ଓ ରାଜମାତା କୌଶଲ୍ୟା ମଧ୍ୟ ଏଇ ଦୁଇ ସାଧୁ ପୁରୁଷଙ୍କୁ ସମାଧାନ ର ବାଟ ଦେଖାଇ ପାରୁନାହାଁନ୍ତି। ରାମ ଭକ୍ତି ପ୍ଲାବିତ ଓ ସିଂହାସନ ପ୍ରତି ନିର୍ଲୋଭତା ର ପ୍ରବାଦ ପୁରୁଷ କୈକେୟୀ ନନ୍ଦନ, ଭରତ, ବେଳେବେଳେ ଦାଶରଥୀ ଙ୍କୁ ଅଭିଭୂତ କରିଦେଇ ସକଳ ଦ୍ୱନ୍ଦ ର ସମାଧାନ ର ସୂତ୍ର କୁ ଆଗେଇ ନେଉଥିବା ବେଳେ, ସତ୍ୟ, ଧର୍ମ, ନ୍ୟାୟ ର ପ୍ରତୀକ ରଘୁକୁଳ ନାଥ ଅତି ମର୍ଯ୍ୟାଦା ର ସହିତ ଗୁରୁ, ମାତା ତଥା ସମସ୍ତ ଉପସ୍ଥିତ ଜନତାଙ୍କ ଆଗରେ ନିଜର ଦୟନୀୟତା ପ୍ରକାଶ କରି ରାଜ ସିଂହାସନ କୁ ଗୌଣ ପ୍ରତିପାଦିତ କରୁଥିଲେ, ନିଜର କର୍ତ୍ତବ୍ୟ ନିକଟରେ।

ଅନେକ ସମୟ ଧରି ଏହିପରି ବାକ୍ୟ ବିନିମୟ ପରେ କୌଣସି ନିର୍ଯ୍ୟାସ ବାହାରି ନ ପାରିବାରୁ, ବ୍ରହ୍ମର୍ଷି ବଶିଷ୍ଠ ସାମାନ୍ୟ କ୍ରୋଧିତ ହୋଇ ପ୍ରକାଶ କଲେ, ରାମ, ଭରତ କେହି ମଧ୍ୟ ଆମ କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି । ନିଜ ନିଜ ଜିଦ୍ ରେ ସେମାନେ ଅଟଳ। ମୋ ଉପଦେଶ, ରାଜା ଜନକ ଏବଂ ରାଜମାତା କୌଶଲ୍ୟା ଙ୍କ ବକ୍ତବ୍ୟ ମଧ୍ୟ ଦୁଇଜଣଙ୍କ ପାଇଁ ମୂଲ୍ୟହୀନ ମନେ ହେଉଛି । ଅତଏବ ଆଉ ସେମାନଙ୍କୁ ବୁଝେଇବା ଦରକାର ନାହିଁ ଆଜି ଆଉ ସମୟ ନଷ୍ଟ କରା ନ ଯାଉ। ସମସ୍ତେ ନିଜ କୁଟିଆ ରେ ବିଶ୍ରାମ ନିଅନ୍ତୁ। କାଲି ପ୍ରଭାତ ରେ ମୋର ଆଦେଶ, ଯାହା ହବ ତାହା ହିଁ କାର୍ଯ୍ୟକାରୀ ହେବ। ରଘୁକୂଳର ସମ୍ବିଧାନ,ପରମ୍ପରା ଓ ରୀତି ନୀତି କୁ ତର୍ଜମା କରି ମୁଁ କୁଳଗୁରୁ ବଶିଷ୍ଠ ଯାହା ନିର୍ଦ୍ଦେଶ ଦେବି ଗୁରୁବାକ୍ୟ ମାନି ସମସ୍ତେ ତାହା ପାଳନ କରିବାକୁ ବାଧ୍ୟ। ତେଣୁ ସମସ୍ତେ ନିଜ ନିଜ ବାସ ସ୍ଥାନ କୁ ବାହୁଡ଼ିଲେ। ସକାଳେ ସମସ୍ତେ ଗୁରୁଦେବ ଙ୍କ ନିର୍ଣ୍ଣୟ କୁ ଅପେକ୍ଷା କଲେ ଓ ନିଦ୍ରା ଗଲେ। ହେଲେ ମହାମନ୍ତ୍ରୀ ସୁମନ୍ତ୍ର ବିନିଦ୍ର। କାଲି ପ୍ରଭାତ ରେ କୁଳଗୁରୁ ତାଙ୍କୁ ହିଁ ପଚାରିବେ, ସୁମନ୍ତ୍ର କୁହ ତୁମେ, କଣ ଉଚିତ। ରଘୁବଂଶରେ ଯେତେ ରାଜା, ଚକ୍ରବର୍ତ୍ତୀ ସମ୍ରାଟ ଆସିଛନ୍ତି, ସମସ୍ତଙ୍କ ନିକଟରେ ମନ୍ତ୍ରୀତ୍ୱ କରିଛ ତୁମେ। ହୁଏତ ଏଭଳି ପରିସ୍ଥିତି ତୁମେ ପ୍ରଥମ ଥର ପାଇଁ ସମ୍ମୁଖୀନ ହେଉଥିବ। ତଥାପି ତୁମର ବୁଦ୍ଧି, ଜ୍ଞାନ କୁ ପ୍ରୟୋଗ କରି ଉଚିତ ମନ୍ତ୍ରଣା କର। ଯଦ୍ୱାରା ଆମେ ରାଜସିଂହାସନ ର ମର୍ଯ୍ୟାଦା ବଜାୟ ରଖି ପାରିବା।

ନିଜ କୁଟିଆ ରେ ମହାମନ୍ତ୍ରୀ ସୁମନ୍ତ୍ର ବ୍ୟସ୍ତ ବିବ୍ରତ । କାଲି ସକାଳ ପାଇଁ କି ଉତ୍ତର ଦେବେ। ଗୁରୁ ବଶିଷ୍ଠ ନିଶ୍ଚୟ ମୋର ମତାମତ ଏଭଳି ଢଙ୍ଗରେ ମାଗିବେ। କୁହ ସୁମନ୍ତ୍ର,

ISSN NO.
2582-208X

ମୋର ନିର୍ଣ୍ଣୟ କଣ ହେବା ବାଞ୍ଛନୀୟ। ଅନନ୍ୟୋପାୟ ହୋଇ ସମନ୍ତ୍ର ଦଉଡ଼ିଗଲେ ନିଜ କୁଟୀର ରେ ସ୍ଥାପିତ କରି ରଖିଥିବା ଅଯୋଧ୍ୟା ରାଜସିଂହାସନ ନିକଟ କୁ। ଅଯୋଧ୍ୟାରୁ ଆସିଲାବେଳେ ରାଜ ସିଂହାସନ କୁ ବନ କୁ ଆଣିଥିଲେ ସେ କାରଣ ସେ ସିଂହାସନ ପାଇଁ ଉତ୍ତର ଦାୟୀ। ଯଦି ରାମଚନ୍ଦ୍ର ଅଯୋଧ୍ୟାରେ ନ ହୋଇ ବନ ରାଜ୍ୟ ରେ ଅଭିଷିକ୍ତ ହୋଇପାରିବ ବୋଲି ସେ ପ୍ରସ୍ତୁତ ଥିଲେ।

ସୁମନ୍ତ୍ରଙ୍କ ହଠାତ୍ ଧ୍ୟାନ ଆସିଲା ସିଂହାସନକୁ ଏଇ ପ୍ରଶ୍ନ ପଚାରିବା ପାଇଁ। ରାତ୍ରି ର ଘନଘୋଟ ଅନ୍ଧାର ଜଙ୍ଗଲରେ ଧୂପ ଦୀପ ଦେଇ ସେ ସୂର୍ଯ୍ୟ ବଂଶ ର ସିଂହାସନ କୁ ପ୍ରାର୍ଥନା କଲେ। ପଚାରିଲେ କୁହ ମୁଁ କି ଉତ୍ତର ଦେବି ବଶିଷ୍ଠଙ୍କୁ। ତୁମ କାହାକୁ ଚାହଁ। ଭରତ ଙ୍କୁ ନା ରାମଚନ୍ଦ୍ରଙ୍କୁ। ହେ, ସିଂହାସନ କୁହ, ତୁମ ଉପରେ କିଏ ବସିବା ଯୋଗ୍ୟ। କାହାକୁ ଅଭିଷିକ୍ତ କରାଯିବା ଉଚିତ। ତୁମ ଉପରେ କିଏ ଆରୋହଣ କରିବେ। ଅଯୋଧ୍ୟା ର ରାଜ ସିଂହାସନ ନିରୁତ୍ତର ରହିଲେ।

ସୁମନ୍ତ୍ର ଅତି ବିକଳ ହୋଇ ହାତ ଯୋଡ଼ି କହିଲେ, ହେ ସିଂହାସନ, ଏଠାରେ ତୁମର ପ୍ରତିଷ୍ଠା ର ପ୍ରଶ୍ନ ଉଠିଛି। ତେଣୁ ତୁମକୁ ଉତ୍ତର ଦେବାକୁ ହେବ। କେତେ କେତେ ନରପତି, ସମ୍ରାଟ ଏହି ସିଂହାସନ ରେ ପ୍ରତିଷ୍ଠିତ ହୋଇଛନ୍ତି । ସବୁ ର ସାକ୍ଷୀ ଆମେ ଦୁଇଜଣ। ମୁଁ ମନ ପ୍ରାଣ ଦେଇ ତୁମର ସେବା କରିଛି, ଅତି ପବିତ୍ର ଭାବରେ। ହେ ଅଯୋଧ୍ୟା ର ସିଂହାସନ ଆଜି ମୁଁ ପରାଜିତ ମୋ କର୍ତ୍ତବ୍ୟ ନିକଟରେ।

ଅଯୋଧ୍ୟା ର ଚିନ୍ମୟ ସିଂହାସନ ବଜ୍ରଗମ୍ଭୀର ସ୍ୱର ରେ ଉତ୍ତର ଦେଲେ, ଶୁଣ ମହା ମନ୍ତ୍ରୀ ସୁମନ୍ତ୍ର, ମୁଁ ମୋ ଉପରେ କାହାକୁ ବସେଇ ଦବାକୁ ଚାହୁନି। ନା ରାମ ଙ୍କୁ ନା ଭରତ ଙ୍କୁ। ସୁମନ୍ତ୍ର ପଚାରିଲେ କାହିଁକି? ସିଂହାସନ ଉତ୍ତର ଦେଲେ ନା ଭରତ ଲାଲ ନା ଶ୍ରୀ ରାମ କେହି ମୋତେ ଗୁରୁତ୍ୱ ଦେଇ ନାହାନ୍ତି । ମୋର ଗୌରବ କୁ ଅକ୍ଷୁଣ୍ଣ ରଖି ପାରି ନାହାଁନ୍ତି। ପରସ୍ପର ମୋତେ ଗୋଟେ ପେଣ୍ଡୁ ଭଳି ଖେଳୁଛନ୍ତି। ମୋର ସ୍ଥିତି କୁ ସେମାନେ ବୁଝି ନାହାନ୍ତି। ମୁଁ କେତେବେଳେ ରାମଙ୍କ ପାଖରେ ପୁଣି ରାମ ମୋତେ ଭରତ ଙ୍କ ନିକଟକୁ ଗଡ଼େଇ ଦଉଛନ୍ତି। ଏହା କଣ ମୋର ସମ୍ମାନ। ଯେଉଁଠାରୁ ସୂର୍ଯ୍ୟ ଉଦୟ ହୁଅନ୍ତି,

ISSN NO.
2582-208X

ସେହିଠାରୁ ଏହି ଅଯୋଧ୍ୟା ସିଂହାସନ ର ପ୍ରଭୁତ୍ୱ ଆରମ୍ଭ ହୁଏ। ମୁଁ ନିଜେ ଏବେ ପ୍ରଭୁ ଶୂନ୍ୟ।

ସୁମନ୍ତ୍ରଙ୍କ ପ୍ରଶ୍ନ। ତେବେ କଣ କେହି ତୃତୀୟ ପୁରୁଷ ସିଂହାସନରୁଢ଼ ହେବେ। ନା ମୁଁ ତୃତୀୟ କାହା କଥା ସ୍ୱପ୍ନରେ ବି କଳ୍ପନା କରିନି। ତେବେ କଣ ସିଂହାସନ ଚଉଦ ବର୍ଷ ଶୂନ୍ୟ ରହିବ। କେବେ ନୁହେଁ। ତେବେ ଉତ୍ତର ଦିଅ ଅବଧ ର ପରାକ୍ରମୀ ସିଂହାସନ । ମୋ ମତିଭ୍ରମ ହୋଇଯାଉଛି, ସୁମନ୍ତ୍ର କହିଲେ। ତେବେ କିଏ ବସିବେ?

ମହାମନ୍ତ୍ରୀ ଶୁଣ, ମୁଁ ବହୁତ ତପସ୍ୱୀ ଦେଖିଛି, ପ୍ରେମୀ ଦେଖିଛି, ତ୍ୟାଗୀ ବହୁତ ଦେଖିଛି। ରାମ ଓ ଭରତ ଙ୍କ ପରି ଭ୍ରାତୃପ୍ରେମୀ ଓ ତ୍ୟାଗୀ ଦେଖିନି। ଚକ୍ରବର୍ତ୍ତୀ ସିଂହାସନ କୁ ମଧ୍ୟ ରାମ ଭରତ ତ୍ୟାଗ କରିଛନ୍ତି। ତେଣୁ ମୁଁ ମୋର ଯୋଗ୍ୟତା ହରେଇଛି ରାମ ଭରତ ଙ୍କ ପରି ତ୍ୟାଗୀ ପୁରୁଷଙ୍କୁ ମୋ ଉପରେ ବସେଇବା ପାଇଁ।

ତେବେ କଣ ହେବ କୁହ ସିଂହାସନ। ଶୁଣ  ସୁମନ୍ତ୍ର, କାଲି ସକାଳେ ତୁମେ ଗୁରୁଦେବ ଙ୍କୁ କହିବ ନା ଭରତ ନା ଶ୍ରୀ ରାମ ମୋ ଉପରେ ଅଧିଷ୍ଠିତ ହେବେ । ତେବେ ଭରତଙ୍କର ହେଉ ଅବା ଶ୍ରୀ ରାମ ଙ୍କ ର  ପାଦୁକା ମୋ ଉପରେ ଉପବେଶନ କରିବେ। ମୋର ଯୋଗ୍ୟତା ତାହା। ରାମ ଭାରତ ଙ୍କ ପରି ତ୍ୟାଗୀ ପୁରୁଷ ଙ୍କ ପାଇଁ ମୁଁ ନିଜକୁ ଉପଯୁକ୍ତ ମନେ କରୁନି। ତାଙ୍କର ପାଦୁକା  ହିଁ ମୋର ପ୍ରାପ୍ୟ। ମୁଁ ମୋର ଯୋଗ୍ୟତା କୁ କଳନା କରି ସାରିଛି।

ମନ୍ତ୍ରୀ କହିଲେ ଭାବାବେଗ ରେ ସିଂହାସନ, ତୁମେ ଭୁଲ କରୁ ନାହଁ ତ। ଯେଉଁ ସିଂହାସନ ରେ ରାମ ଙ୍କ ପିତା, ପିତାମହ, ପ୍ରପିତାମହ ତଥା, ସଗର, ଦିଲୀପ, ରଘୁ, ଅଜ, ହରିଶ୍ଚନ୍ଦ୍ର ଙ୍କ ଭଳି ରାଜା  ଆରୋହଣ କରିଥିଲେ, ସେଥିରେ ପାଦୁକା ରହିବ, ଏହା ଅପମାନଜନକ ନୁହଁ କି। ଅବା ମର୍ଯ୍ୟାଦା ଉଲ୍ଲଂଘନ କରୁନି କି?

ISSN NO.
2582-208X

ସିଂହାସନ କହିଲେ ଶୁଣ ସୁମନ୍ତ୍ର, ଦରବାର ରେ ରାଜା ସିଂହାସନ ରେ ବସନ୍ତି। କିନ୍ତୁ ସନ୍ଥ ସିଂହାସନ ରେ ବସନ୍ତି ନାହିଁ। ସାଧୁ ସିଂହାସନ ରେ ଆସ୍ଥାନ କରନ୍ତିନି। ସାଧୁ ସନ୍ଥଙ୍କ ପାଦୁକା ଗାଦି ରେ ପୂଜା ପାଏ।

ଏବେ ରାମଚନ୍ଦ୍ର ନା ରାଜା ନା ରାଜପୁତ୍ର। ଭରତ ବି ରାଜା ନୁହନ୍ତି କି ରାଜପୁତ୍ର ନୁହନ୍ତି। ସତ୍ୟ ଧର୍ମ ର ରକ୍ଷା ପାଇଁ ଉଭୟ ବର୍ତ୍ତମାନ ବନବାସୀ ସାଧୁ। ତାପସ ବେଶ ବିଶେଷ ଉଦାସୀ, ଚଉଦ ବରଷ ରାମ...।

ତେଣୁ କାଲି ସକାଳୁ ଗୁରୁଦେବ ଙ୍କୁ କହିଦେବ ଭରତ ବା ରାମଚନ୍ଦ୍ରଙ୍କ ପାଦୁକା ସିଂହାସନ ରେ ପୂଜା ପାଇବେ।

ସୂର୍ଯ୍ୟୋଦୟ ହୁଅନ୍ତେ ସୁମନ୍ତ୍ର ଗୁରୁଦେବ ଙ୍କୁ ଦର୍ଶନ କରି ସବୁ ବର୍ଣ୍ଣନା କଲେ। ଗୁରୁଦେବ ବଶିଷ୍ଠ ଭରତ ଙ୍କୁ କହିଲେ  ଶ୍ରୀ ରାମ ଙ୍କୁ ତାଙ୍କ ପାଦୁକା ମାଗି ନେଇ ସିଂହାସନ ରେ ସ୍ଥାପନ କର ।

ଭରତ ଗୁରୁଙ୍କ ଆଦେଶ କୁ ଶିରୋଧାର୍ଯ୍ୟ କରି ଶ୍ରୀରାମ ଙ୍କ ପାଦୁକା କୁ ମସ୍ତକରେ ଧାରଣ କରି ଅଯୋଧ୍ୟା ପ୍ରତ୍ୟାଗମନ କଲେ ।

*ଜୟ ଶ୍ରୀରାମ*

drsimantkumarnanda@gmail. com
9937500810

ISSN NO.
2582-208X

# ମୋ ବାପା



ପ୍ରକାଶ ନାଗ

ବାପା ତୁମେ ମୋ ଜୀବନର ଆଲୋକ
ତୁମ ନାରେ ମୁଁ ପରିଚିତ
ସମସ୍ତେ କହନ୍ତି ତୁମ ବାପା ଭଳ ଲୋକ
ମୁହଁ ରେ ହଁସ ଝରେ,

ତୁମ ନା କୁ କେବେ ତଳେ ପକାଇବି ନାହିଁ
ଏମିତି କାମ କରିବି ନାହିଁ
ଯେଉଁ କାମରେ ତୁମର ଇଜତ୍ ଯାଏ
ଭଲ କାମ କରିବି ବାପା,

ତୁମେ ସବୁ ସମୟରେ କୁହ ବାପା
ଲୋକଙ୍କୁ ସାହାଯ୍ୟ କରିବୁ
ତୁମରି କଥା ମାନି ବାପା
ସାହାଯ୍ୟ କରିବି ନିଶ୍ଚୟ,

ତୁମେ ସବୁ ସମୟରେ କୁହ ବାପା
କ୍ଷମା କରି ଦେବୁ ବଲି ତୁମେ
ହଁ ମୋ ଜୀବନର ଗୁରୁ ବାପା
ତୁମରି ଶିକ୍ଷା ଅଟେ ଅମୁଲ୍ୟ,

ତୁମ ପରି ବାପା ପାଇଁ ମୁଁ
ଧନ୍ୟ ହେଲା ମୋ ଜୀବନ
ତୁମ ପାଦ ତଳେ କୋଟି ପ୍ରଣାମ
ତୁମ ଆଶୀର୍ବାଦ ଥାଉ ସବୁ ଦିନ

ତଣ୍ଡାମୁଣ୍ଡା ବଲ୍ଙ୍ଗୀର
ମୋ –7735975454

ISSN NO.
2582-208X

# ତା ପରି ହବ କିଏ

ପ୍ରଶାନ୍ତ କୁମାର ଦାଶ

ପଣତ ତାର ଲୁହର ଧାର
ପୋଛଇ ଦୁଇ ଆଖି
ଖୁଆଇ ଭାତ ଶୁଆଇ ଦିଏ
ନିଦ କଜଳ ମାଖି ।।

ବଚନ ତାର ଭାରି ମଧୁର
ଦିଏନି ଜମା ଗାଳି
ଛୋଟରୁ ବଡ଼ କରେସେ ମତେ
ଯତନେ ପୋଷି ପାଳି ।।

ମୋ ଦେହ ଧୂଳି ପୋଛେ ସେ ମଳି
କରଇ ଗଳାମାଳି
ମୋ ଦୁଃଖ ଜର ରୋଗ ବିପଦେ
କାନ୍ଦଇ ଲୁହ ଢାଳି ।।

ତା ହାତ ଧରି ଶିଖିଲି ଚାଲି
ଦେଲା ସାହସ ବଳ
ଯୁଆଡେ ଗଲେ କରୁଣାବଳେ
ମିଳେ ବିଜୟ ଫଳ ।।

ISSN NO.
2582-208X

ଗାଏ ସେ ଗୀତ ଦେଖାଏ ବସି
ରାତିରେ ରୁପା ଜହ୍ନ
ପାଖରେ ଥିଲେ ମାଆଟି ମୋର
ପୁଲକି ଉଠେ ମନ ।।

ରାତିରୁ ଉଠି ସାରେ ପାଇଟି
ଆଙ୍କଇ ଝୋଟି ଚିତା
ଗାଧୁଆ ସାରି ଠାକୁର ପୁଜେ
ପଢଇ ବସି ଗୀତା ।।

ସଂସାରେ ଯେତେ ଅଛନ୍ତି ଯିଏ
ତା ପରି ହବ କିଏ
ସାରା ଜୀବନ ପାଖରେ ରହି
ସେନେହ ଶ୍ରଦ୍ଧା ଦିଏ ।।

ଜୀବନେ ମୋର ଆଶିଷ ତାର
ଦୁଃଖ ସୁଖରେ ସାହା
ସଳିତା ସମ ଜଳି ଜଳି ସେ
ଦେଖାଏ ନୂଆ ରାହା ।।

କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
Mobile 9668822190

ISSN NO.
2582-208X

# ଗାଳ୍ପିକ ଚନ୍ଦ୍ରଶେଖର ରଥଙ୍କ ଗଳ୍ପ 'ରୁନି ପାଇଁ ନିରବ ପ୍ରାର୍ଥନା' : ଏକ ଅବଲୋକନ



ସୁନତା ବାରିକ

ଚନ୍ଦ୍ରଶେଖର ରଥ ହେଉଛନ୍ତି ଓଡ଼ିଆ ସାହିତ୍ୟ ଜଗତର ଜଣେ ଯଶସ୍ୱୀ ସ୍ରଷ୍ଟା । ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ରମ୍ୟରଚନା ଆଦି ସବୁ କ୍ଷେତ୍ରରେ ତାଙ୍କର ଅବଦାନ ରହିଛି। ଗାଳ୍ପିକ ତାଙ୍କ ସୃଷ୍ଟିଗୁଡିକରେ ନୂତନ ଶୈଳୀର ପ୍ରୟୋଗ କରିଥିବା ଯୋଗୁଁ ପାଠକଗୋଷ୍ଠୀ ସେ ଗୁଡିକ ପଠନ କରି ନୂତନ ରସ ଆସ୍ୱାଦନ କରିଥାନ୍ତି । ଶ୍ରୀଯୁକ୍ତ ରଥ ନିଜର ସ୍ୱତଃସ୍ଫୁର୍ତ ଭାବନାକୁ ପ୍ରକାଶ କରିଥାନ୍ତି ତାଙ୍କ ସୃଷ୍ଟିଗୁଡିକରେ। ଗଳ୍ପକାର ଭାବରେ ଶ୍ରୀଯୁକ୍ତ ରଥ ଟିକେ ବିଳମ୍ବରେ ଆସିଥିଲେ ମଧ୍ୟ ଦୁଇ ଶହରୁ ଅଧିକ କ୍ଷୁଦ୍ରଗଳ୍ପ ଓଡ଼ିଆ ଗଳ୍ପ ସାହିତ୍ୟକୁ ଦାନ ଦେଇଛନ୍ତି । ତାଙ୍କର ବହୁଚର୍ଚ୍ଚିତ ଏକ ଗଳ୍ପ ସଙ୍କଳନ ହେଲା 'ସବୁଠାରୁ ଦୀର୍ଘରାତି'। ଏହା ୧୯୯୭ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲା। ଉକ୍ତ ସଂକଳନରେ ଥିବା ୧୨ ଗୋଟି ଗଳ୍ପ ମଧ୍ୟରୁ ''ରୁନି ପାଇଁ ନିରବ ପ୍ରାର୍ଥନା' ହେଉଛି ଗୋଟିଏ ଭିନ୍ନ ଧରଣର ଗଳ୍ପ।

'ରୁନି ପାଇଁ ନିରବ ପ୍ରାର୍ଥନା' ଗଳ୍ପରେ ଗାଳ୍ପିକ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉତ୍କଣ୍ଠା ଭରି ଦେଇଛନ୍ତି। ଦୁଇଜଣ ଉଚ୍ଚ ଶିକ୍ଷା ପ୍ରାପ୍ତ ସ୍ୱାମୀ ସ୍ତ୍ରୀ ଙ୍କୁ ନେଇ ବିଷୟବସ୍ତୁ ବର୍ଣ୍ଣିତ ହୋଇଛି। ସେମାନଙ୍କର କର୍ମମୟ ଜୀବନ ଓ ସେବା ମନୋଭାବ ଗଳ୍ପଟିକୁ ଉଚ୍ଚକୋଟୀର କରିପାରିଛି। ରୁନି ସାହୁ ହେଉଛି ଏହି ଗଳ୍ପର ଆଲୋକର ଧାରା। ତାକୁ ଯେ ଦେଖିଲେ ମୁଗ୍ଧ ହୋଇଯାଆନ୍ତି। ତାର ହସ ଅଲୌକିକ ଅଟେ। ରୁନି ସାହୁ ଏବଂ ତାର ସ୍ୱାମୀ ମିଷ୍ଟର ଏବଂ ମିସେସ୍ ମହାରଣାଙ୍କ ଘରେ ଭଡା ରହିବା ପାଇଁ ଆସିଛନ୍ତି। ରୁନି ଗୋଟିଏ କର୍ପୋରେସନରେ ଚାକିରୀ କରୁଥିଲା ଏବଂ ତା ସ୍ୱାମୀ ସାନୁର ଗୋଟିଏ ଷ୍ଟୁଡିଓ ଥିଲା। ତାର ମାଲିକ ମିଷ୍ଟର ମହାରଣା ଏବଂ ମିସେସ ମହାରଣା ତା ପରଦିନ ଘର ଦୁଆର ଆସି ଠିଆ

ISSN NO.
2582-208X

ହୋଇ ଦେଖିଲେ ଯେ ରାତିକ ଭିତରେ ସବୁ ସୁନ୍ଦର ଭାବରେ ସଜାସଜି ସରିଯାଇଛି। ରୁନି ସେମାନଙ୍କୁ ଦେଖି ବିନମ୍ର ସହକାରେ ନମସ୍କାର କରି ସୋଫାରେ ବସିବାପାଇଁ ଦେଖେଇ ଦେଇଛି।ମ ହାରଣା ବାବୁ ଆପଣଙ୍କୁ ସ୍ୱାଗତ ଜଣାଇବାକୁ ଆସିଛୁ ବୋଲି କହିବା ସତ୍ୱେବି ସେମାନେ ଦୁହେଁ ଚୁପ ରହିଲେ। ଏତିକିବେଳେ ମିଷ୍ଟର ମହାରଣା ଆମ ସହିତ କଥା ହେବା ବେଇଜତି ବୋଲି ଭାବୁଛନ୍ତି କହି ସେଇଠୁ ଯିବାପାଇଁ ବାହାରିପଡିଛନ୍ତି। ଏତିକିବେଳେ ରୁନି ଗୋଟିଏ କାଚ ବନ୍ଧେଇ ଫ୍ରେମ୍ ଆଣି କହିଛି– ଲେଖକଙ୍କ ଭାଷାରେ:–' ଏତିକିବେଳେ ରୁନି ଛପା ଅକ୍ଷରରେ କଣ ଲେଖା ହୋଇଥିବା ଗୋଟିଏ କାଚ ବନ୍ଧେଇ ଫ୍ରେମ୍ ଆଣି ଟିପଏ ଉପରେ ଥୋଇଦେଲା–ଚମତ୍କାର୍ ଗୋଲ ଗୋଲ ଅକ୍ଷରରେ ସେଥିରେ ଲେଖିଥିଲା,'ଆମର ନୀରବତା ପାଇଁ କ୍ଷମା ମାଗୁଛୁ। ଆମେ ଦୁହେଁ ମୁକ ଓ ବଧିର।'

ମିସେସ ମହାରଣା ଏ ସବୁ ଦେଖି ଛଳ ଛଳ ଆଖିରେ ରୁନିକୁ କୁଣ୍ଢେଇ ପକେଇଲେ। ସେଇ ଦିନଠୁ ରୁନି ଏବଂ ସାନୁ ମିଷ୍ଟର ଏବଂ ମିସେସ ମହାରଣାଙ୍କ ପାଇଁ ନିଜର ହୋଇଯାଇଛନ୍ତି। କେବଳ ତାଙ୍କ ପାଇଁ ନୁହେଁ ସାଇ ପଡିଶା ସମସ୍ତଙ୍କୁ ରୁନି ଅପା ଭଲ ଲାଗନ୍ତି। ମିସେସ ମହାରଣା ହସି ହସି ରୁନିକୁ ପଚାରିଛନ୍ତି:– ଗାଳ୍ପିକଙ୍କ ଭାଷାରେ:–'ତୁମ ବିଭାଘର ଚାରି ବରସ ପୁରିଗଲା। କେବେ ଛୋଟ ଫୁଲଟିଏ ଫୁଟିବ ଏ ଘରେ ? କିଛି ଠାର କିଛି ଭାବଭଙ୍ଗୀରୁ ରୁନି ବିଷୟଟି ବୁଝିଗଲା। ତ ମୁହଁ ଉପରେ ପ୍ରସ୍ତ ପ୍ରସ୍ତ ଫଗୁ ବୁଣି ହୋଇଗଲା। ସେ କିନ୍ତୁ ଖୁବ ଡରିଗଲା ପରି ଜଣାଗଲା। ଖୁବ ଘବରେଇ ଯାଇଥିଲା। ହେ ହାତ ହଲାଇ ମୁଣ୍ଡ ଲଡି 'ନାହିଁ ନାହିଁ' କଲା ? ମିସେସ ମହାରଣା ଜୋର୍ କରିବାରୁ ଲେଖିଦେଲା– " ନାଇଁ ମାଉସୀ ଆଉ ଗୋଟିଏ ଅଭିଶପ୍ତ ମଣିଷ ଛୁଆକୁ ଏ ପୃଥବୀକୁ ଆଣିବାକୁ ଚାହୁଁ ନାହୁଁ।"

ମିସେସ ମହାରଣା ଅନେକ ଉତ୍ସାହ ଦେଇ ରୁନିକୁ ବୁଝାଇଛନ୍ତି ଓ କହିଛନ୍ତି ଯେ ଏପରି ମାଁ ବାପାଙ୍କର ଖୁବ୍ ସୁସ୍ଥ ପିଲା ବି ହେଉଛନ୍ତି। ଏମିତି କିଛିଦିନ ଯାଉ ଯାଉ ସତକୁ ସତ ରୁନି ମାଁ ହେବାକୁ ଯାଉଛି। ରୁନି ଏବଂ ସାନୁ ଭାରି ଖୁସି ଅଛନ୍ତି। ସାନୁ ରୁନିକୁ ତା ଅଫିସରେ ପ୍ରତିଦିନ ଛାଡ଼ିଦେଇ ଆସେ। ତା ପରଦିନ ରୁନି ଅଫିସ ଯାଇଛି ଏବଂ ନବଘନ ଛୁଟିରେ ଅଛନ୍ତି ବୋଲି ଜାଣିବାକୁ ପାଇଛି। ତେଣୁ ସାଙ୍ଗେସାଙ୍ଗେ ରୁନି ସାନୁ ପାଖକୁ ଯାଇ ପହଞ୍ଚିଛି। ନବଘନର ସ୍ତ୍ରୀର ଡେଲିଭରି ପାଇଁ ଯେଉଁ ହସ୍ପିଟାଲ ଯାଇଛନ୍ତି ସେଠି ଯାଇ ଉଭୟେ ପହଞ୍ଚି ଯାଇଛନ୍ତି। ସେଇଠି ଦେଖିଛନ୍ତି ଯେ ନବଘନର ସ୍ତ୍ରୀ ସେଠି ତିନି ନମ୍ବର କେବିନରେ

ISSN NO.
2582-208X

ଶୋଇଛନ୍ତି। ନବଘନର ସ୍ତ୍ରୀ କହିଛନ୍ତି ଯେ ଅପରେସନ ହେବ ସେଥିପାଇଁ ରକ୍ତ ନେବା ପାଇଁ ସ୍ୱାମୀ ନବଘନ ଯାଇଛନ୍ତି ବୋଲି। କିନ୍ତୁ ବହୁ ସମୟ ଧରି ଆଉ ନବଘନ ଆସିନାହାନ୍ତି। ତାପରେ ସାନୁ ଯାଇ ରକ୍ତ ଓ ଇଞ୍ଜେକ୍ସନ ଆଣିଛି ଏବଂ ନର୍ସକୁ ଦେଇଛି। କିଛି ସମୟ ପରେ ଗୋଟିଏ ପୋଲିସ ଆସି ନବଘନର ଦୁର୍ଘଟଣା ଘଟିଥିବା କଥା ଜଣାଇଛନ୍ତି। ଏହା ଶୁଣି ରୁନି ଏବଂ ସାନୁ ଆଚମ୍ବିତ ହୋଇଯାଇଛନ୍ତି ଏବଂ ଗୋଟିଏ କାଗଜରେ ଅଧଘଣ୍ଟା ଯାଏ ଆପଣ ଦୟାକରି ରୋଗୀକୁ ଦେଖିବେ ଲେଖି ନର୍ସକୁ ଧାରାଇଦେଇଛି। ତାପରେ ରୁନି ଓ ସାନୁ ବାହାରିପଡିଛନ୍ତି ନବଘନ ଥିବା ହସ୍ପିଟାଲକୁ। କୌଣସି ପ୍ରକାର ସେମାନେ ଦୁହେଁ ଏମର୍ଜେନ୍ସି ୱାଡକୁ ପହଞ୍ଚିଛନ୍ତି। ନବଘନ ଏମାନଙ୍କୁ ଦେଖି ବହୁତ ଖୁସି ହୋଇଯାଇଛି। ତାପରେ ଦୁହେଁ ସମ୍ପୂର୍ଣ୍ଣ ଘଟଣା ନବଘନକୁ କାଗଜରେ ଲେଖି ଜଣାଇଲେ ଓ ନବଘନକୁ ସାନ୍ତ୍ୱନା ମଧ୍ୟ ଦେଲେ। ତାପରେ ଦୁହେଁ ପୁଣି ନବଘନର ସ୍ତ୍ରୀ ପାଖକୁ ବାହାରିଛନ୍ତି। ଦୁହେଁ ତରତରରେ ତିନି ନମ୍ବର କ୍ୟାବିନ୍ ପାଖକୁ ଯାଇଛନ୍ତି। ହଠାତ୍ ଜଣକ ଦେହରେ ରୁନି ବାଡେଇ ହୋଇଗଲା ଏବଂ ନିରବ ଯନ୍ତ୍ରଣା ପାଇଲା। ସାଙ୍ଗେ ସାଙ୍ଗେ ରୁନିର ଚିକିତ୍ସା କରାଗଲା। ଅଚେତ୍ ହୋଇ ଯାଉଥାଏ ବାରମ୍ବାର। ସାଇ ପଡିଶା ସମସ୍ତେ ଖବର ପାଇଁ ଧାଇଁ ପଡ଼ିଛନ୍ତି ହସ୍ପିଟାଲ ଅଭିମୁଖେ। ସମସ୍ତେ ଯେମିତି ନିରବ ପ୍ରାର୍ଥନାରେ ଉବୁଡୁବୁ। ଗାଳ୍ପିକଙ୍କ ଭାଷାରେ – "ସାହିର ଛୋଟ ଛୋଟ ଝିଅମାନେ କାନ୍ଥକୁ ଆଉଜି ଠିଆ ହୋଇଛନ୍ତି। ଯେ ଯେଉଁଠି ଅଛନ୍ତି ଚୁପଚାପ୍ ଛିଡ଼ା ହୋଇଛନ୍ତି। କାତର ଦରିଦ୍ର ଦିନହୀନ ମନୁଷ୍ୟମାନେ ପୃଥିବୀରେ ସମସ୍ତେ। କାହା ତୁଣ୍ଡରେ ଭାଷା ନାହିଁ। ଆପଣ ଏ ନିରବ ପ୍ରାର୍ଥନାରେ ଯୋଗ ଦେଇ ପାରିବେ" ?

ଆଲୋଚ୍ୟ " ରୁନି ପାଇଁ ନିରବ ପ୍ରାର୍ଥନା "ଗଳ୍ପରେ ମୂକ ଏବଂ ବଧିର ସାଜିଥିବା ରୁନି ଏବଂ ସାନୁର କର୍ମଧାରା ଏବଂ ସେବା ମନୋଭାବକୁ ଅତି ସୁନ୍ଦର ଭାବରେ ପରିକଳ୍ପନା କରିଛନ୍ତି ଶ୍ରୀଯୁକ୍ତ ରଥ। ଦର୍ପଣ ଯେମିତି ସ୍ୱଚ୍ଛ ଓ ସୁନ୍ଦର, ଜଳ ଯେମିତି ନିର୍ମଳ ଓ ଶୁଦ୍ଧ ସେହିପରି ରୁନି ଏବଂ ସାନୁର ମନ ସ୍ୱଚ୍ଛ ଓ ନିର୍ମଳ । ଗାଳ୍ପିକ ଚନ୍ଦ୍ରଶେଖର ରଥ ମଧ୍ୟ ସେମାନଙ୍କ ମନସ୍ତତ୍ତ୍ୱକୁ ସୁନ୍ଦର ଭାବେ ବିଶ୍ଲେଷଣ କରିଛନ୍ତି ଉକ୍ତ ଗଳ୍ପରେ। ଶ୍ରୀଯୁକ୍ତ ରଥ ତାଙ୍କର ଏହି ଗଳ୍ପରେ ପ୍ରତିକଧର୍ମିଭାବ ବ୍ୟକ୍ତ କରିଛନ୍ତି। ଉଚ୍ଚକୋଟୀର ଭାଷା ଓ ଶୈଳୀରେ ଗଳ୍ପକୁ ଆଗେଇ ନେଇଛନ୍ତି। ମୋ ଦୃଷ୍ଟିରେ ବାସ୍ତବ ଜୀବନର ରୁପକାର ହେଲେ ଚନ୍ଦ୍ରଶେଖର ରଥ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ:

(୧) ରଥ ଚନ୍ଦ୍ରଶେଖର, ସବୁଠାରୁ ଦୀର୍ଘରାତ୍ରି। ପ୍ରଥମ ସଂସ୍କରଣ- ପ୍ରକାଶକ-ମନୋଜ କୁମାର ମହାପାତ୍ର। ଗ୍ରନ୍ଥ ମନ୍ଦିର,ବିନୋଦବିହାରି, କଟକ-୨,୧୯୯୮

(୨) କର, ବାଉରିବନ୍ଧୁ, ଓଡ଼ିଆ ସାହିତ୍ୟର ଇତିହାସ। ଦ୍ୱିତୀୟ ସଂସ୍କରଣ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ କଟକ-୨,୧୯୯୮

(୩)ଅଭିନନ୍ଦନିକା,ପଥପ୍ରାନ୍ତେ ପାଞ୍ଚସ୍ତରୀ,୨୦୦୩ (ଚନ୍ଦ୍ରଶେଖର ରଥଙ୍କ ପଞ୍ଚସ୍ତରୀ ପୂର୍ତ୍ତି ଅବସରରେ ପ୍ରକାଶିତ।

ଏମ୍ ଫିଲ୍ (ଓଡ଼ିଆ)
ତେଲେନପାଲି, ଝାରସୁଗୁଡା
୭୬୮୨୩୪
ମୋ-୭୦୭୭୨୧୭୯୪୫

ISSN NO.
2582-208X

# ମନେ ପଡ଼ିଯାଏ ବୋଉ



ଶିବରାମ ଦଳେଇ

ପାଦ ଥୋଇଦେଲେ ମୋ ଗାଁ ମାଟିରେ
ମନେ ପଡ଼ିଯାଏ ବୋଉ,
ମନ କହୁଥାଏ ତୋତେ ଦେଖିବାକୁ
ଫେରି ଆସନ୍ତୁ କି ଆଉ।

ନାହି ତ ଗାଁ ର ମାଟି ଉଚ୍ଚା ପିଣ୍ଡା
ନାହି ଅର୍ଦ୍ଧ ଚନ୍ଦ୍ର ପିଣ୍ଡି,
ପିଣ୍ଡିପରେ ବସି ମୋ ମାଆ ସତରେ
ପେଟ ଦିଅନ୍ତା ଦରାଣ୍ଡି।

ନାହିଁ ହଳ ପାଳ ମୁଲିଆ ମଜୁରି
ନାହିଁ କିଛି ଜାତିଆଣ,
ମହାରାଣୀ ପରି ପିଣ୍ଡି ପରେ ବସି
କରୁନାହିଁ ନେଣ ଦେଣ।

ମାଲିମକଦମା, ସ୍ଥାବର ସମ୍ପତି
ପିଲାଙ୍କର ପାଠ ପଢା,
ସରବ କାର୍ଯ୍ୟ ରେ ସିଦ୍ଧ ହସ୍ତ ତୋର
ଖୋଜଇ ମନ୍ଦିର ବେଢ଼ା।

ISSN NO.
2582-208X

ପ୍ରସାଦର ଥାଳି, ହସ୍ତେ ପୁଷ୍ପ ମାଳ
ସକାଳର ମନ୍ତ୍ର ଗାନ,
ନିର୍ମାଲ୍ୟ ପେଡିରେ କଜ୍ୱଳ ସିନ୍ଦୂର
କେତେ ଶାଳଗ୍ରାମ ମାନ।

ଆଖିରେ କଜ୍ଜଳ, ମଥାରେ ସିନ୍ଦୂର
ଝଟକି ଦିଶଇ ଦୁରୁ,
ସତେ ଅବା ସେହି ସୀତା ଠାକୁରାଣୀ
ଓହ୍ଲାଇଛନ୍ତି  ସ୍ୱର୍ଗରୁ।

ଧୋବ ଫରଫର  ପାଟ ବସ୍ତ୍ର ପିନ୍ଧି
ମାଣ ଘରେ ବୁଲବୁଲି,
ଲକ୍ଷ୍ମୀମାଆ ପରି ଉଭାହେଲୁ ଘରେ
ଖୁଆଇଲୁ ସର ପୁଳି।

ଆରିସା କାକରା ସରୁ ଛୁଞ୍ଚି ପତ୍ର
ମଣ୍ଡା ପିଠା ଯେ ଜଲେବି,
ତୋ ହାତରେ ଥାଏ ମଧୁର ଅମୃତ
କିପରି ଭୁଲି ପାରିବି !!

ଗୁଣ୍ଡା ଗୁଣ୍ଡା କରି ଦୂଧ ଭାତ ସାଥେ
ଆଳୁ ଚକଟା ର ମଜା,
ରୁଟି କ୍ଷୀର ଧରି କଂସା ତାଟିଆରେ
ପକାଉ ମୋହର ଖୋଜା।

ଗନ୍ଧି ଗଛ ଛାଟ ମନେ ପଡୁଅଛି
ଯେବେ କରୁଥାଏ ଅଳି,

ISSN NO.
2582-208X


ଆଉ କେହି ନାହିଁ ପୁରା କରିବାକୁ
ଛୋଟ ମୋର ଅର ଦଳି।

କେହି ସୁଣାଉନି ଗୀତା ଭାଗବତ
ରାଧା କୃଷ୍ଣଙ୍କ କାହାଣୀ,
ଝାପସା ସ୍ମୃତି ମୋ ଉଦବେଳିତ କରେ
ମନ ହୁଏ ଗୁଣି ଗୁଣି।

କାଲିପରି ଲାଗେ ତୋର ଶବଧାରେ
କାନ୍ଦୁ ଥିଲି ରାହା ଧରି,
ଆଜି ବି ଲାଗୁଛି ତୁ ମୋ ପାଖେ ଅଛୁ
ନେଉଛୁ ମୋ ହାତ ଧରି।

ଆଶିଷ ମାଗୁଛି ବୋଉ ମୁଁ ତୋତେଲୋ
ତୋ ଗର୍ଭେ ରଖିବୁ ସଦା,
ସବୁ ଜନ୍ମେ ମୋର ମାଆ ହେଉଥିବୁ
ପ୍ରାର୍ଥନା କରେ ସର୍ବଦା।

ଜାଣିଛି ତୁ ଶାନ୍ତିଧାମେ ରହିଅଛୁ
ଅପେକ୍ଷା କରିଛୁ ମୋତେ,
ମୋର ଅଭିନୟ ସରିବା ମାତ୍ରକେ
ସାକ୍ଷାତ କରିବି ତୋତେ।

ବାଲ୍ୟକାଳୁ ମୋତେ ଛାଡ଼ିଦେଇ ଗଲୁ
କରୁଥିବୁ ଅବଶୋଷ,
ଜାଣି ପାରିଲିନି ମାଆ ସ୍ନେହ କଣ
କଣ କରିଥିଲି ଦୋଷ!

ISSN NO.
2582-208X

ମାଆ ପରି ଆଉ କିଏସେ ହୋଇବ
ତାର ସ୍ନେହତ ନିଆରା,
କାହା ପାଶେ ମିଳିନାହିଁ କି ମିଳିବ
ପର ମଣିଷ ସେ ପରା।

ନଅ ମାସ ଗର୍ଭ ଯାତନା ସହିକି
ଦେଖାଇଲୁ ମର୍ତ୍ୟଲୋକ,
ତୋର ହାତଧରି ଆଜି ବି ଚାଲୁଛି
ଦେଇଛୁ ମୋତେ ଆଲୋକ।

ବଞ୍ଚି ଥିବାଯାଏ ସେହି ଶୁନ୍ୟ ସ୍ଥାନ
ସେହିପରି ରହୁଥାଉ,
ଈଶ୍ୱରଙ୍କ ଠାରୁ ସ୍ନେହ ପ୍ରେମ ମିଳୁ
କେହି ନ ଆସନ୍ତୁ ଆଉ।

ସାଲେପୁର

ISSN NO.
2582-208X

# କ୍ରାନ୍ତିକାରୀ ତୁମେ କବି

ବେଣୁଧର ସୂତାର

ମାନବ ବାଦର ଦୃପ୍ତ ବାହକ
ତୁମେତ କ୍ରାନ୍ତିର କବି
ନୟନ ପଟଳେ ଜାଗିଉଠେ ତୁମ
ନିଖିଳ ବିଶ୍ୱର ଛବି
ଜଳାଅ ଜ୍ଞାନର ହବିଃ
ଯା ଲେଖନୀଧାରେ ଜ୍ଞାନରତ୍ନ ଝରେ
ସାରସ୍ୱତ ପ୍ରଜ୍ଞା ପବି ।।

ତୁମେ କ୍ରାନ୍ତି ସୁର ବିଲ୍ପବୀ ବୀର
କୋଟିହୃଦ କର ଜୟ
କ୍ରାନ୍ତିକାରୀ ର ଶୋଣିତରେ ଲେଖା
ନିଖିଳ ର ପରିଚୟ
ଇତିହାସେ ସ୍ମରଣୀୟ
ତୁମରି ସାଧନା ବାସ୍ତବ ଭାବନା
ବିଶ୍ୱ କରେ ମଧୁମୟ ।।

ତୁମେ ଲଙ୍ଘିପାର ଦୁର୍ବାର ଶପଥେ
ଆକଟ ଲକ୍ଷଣ ରେଖା
ତୁମେ ଜାଳିପାର ମହା ବିଲ୍ପବର
ଲେଲିହାନ ଅଗ୍ନିଶିଖା
ମଣିଷ ଜାତିର ସଖା

ISSN NO.
2582-208X

ଅମଣିଷ ହୃଦେ କମ୍ପନ ତୋଳେ
କ୍ରାନ୍ତିର ଶାଣିତ ଲେଖା ।।

ଲେଖନୀରଧାରେ ତୁମେ ଫୁଟାଇଛ
ଅଧୁରା ଅଧରେ ହସ
ଲେଖିଛ ତା ଗୀତ ପ୍ରାଣର ସଙ୍ଗୀତ
ଦେଇ ନୂଆ ଜୀବନ୍ୟାସ
ତୁଟାଇଛ ଅବସୋସ
ତୁମେ କ୍ରାନ୍ତିକାରୀ ପ୍ରବୀଣ ପ୍ରଭାରୀ
ଏକଳି ଯୁଗର ବ୍ୟାସ ।।

ମାନବ ସେବାର ମଞ୍ଜୁଳ ମନ୍ତ୍ର ଏ
ନିଖିଳର ପ୍ରାଣବାହୀ
କ୍ରାନ୍ତି ବିନା ଏଇ ମାନବ ବାଦର
ଇତିହାସ ଲେଖା ନାହିଁ
ଆଗାମୀ ଏ ବିଶ୍ୱ ପାଇଁ
ଲେଖନୀ ଯାହାର ସାମ୍ୟ ସମତାର
ପରିଭାଷା ଗାଉଥାଇ ।।

ତୁମେତ ବିଶ୍ୱର ମହା ଭାଷ୍ୟକାର
ମୈତ୍ରୀ ମଧୁରତାର
ବଜ୍ର ନିର୍ଘୋଷ ଭାଷାରେ ଯାହାର
ବେସାଲିସ୍ ଇସ୍ତାହାର
ଯୁଗ ଆଉ ଯୁଗାନ୍ତର
ନିର୍ଭୀକ ସମୀରୁ ଝରୁଥାଉ ତୁମ
କ୍ରାନ୍ତିର ମହା ସୁର ।।

କେଶଦୁର୍ବାପାଳ କେନ୍ଦୁଝର
ଦୂରଭାଷ –୯୧୭୮୫୬୮୨୪୬

ISSN NO.
2582-208X

# ମଣିଷ ଗଛ



ବିନୋଦିନୀ ଦାଶ

ସୁଶିକ୍ଷା ସଂସ୍କାର ଖତ ସାର ଦେଇ
ମମତାର ଜଳ ଢ଼ାଳି
ପୋତୁଥିବା ଯେତେକ ମଣିଷ ଗଛ
ନପଡ଼ି କେବେ ଝାଉଁଳି
ଛନଛନ କଅଁଳି
ସବୁଜିମାମୟ ତା'ର ରୂପ ରଙ୍ଗ
ହୋଇ ବିକଶିତ କଳି
ନାନା ପ୍ରତିଭା- ପ୍ରସୂନେ ଝଳି ।

ସେ ଜ୍ଞାନ ରୂପକ ସୁମିଷ୍ଟ ସୁସ୍ୱାଦୁ
ଫଳକୁ ଅଜାଡ଼ି ଦେଇ
ତା' ଚତୁଃପାର୍ଶ୍ୱର ଘନାନ୍ଧକାରକୁ
ନିଶ୍ଚେ ପାରିବ ଦୂରେଇ
ପୁଣି ପ୍ରଦାନୀ ଛାଇ
ଆଶ୍ରିତକୁ ଆଶ୍ରା ଢ଼ାଳି ପ୍ରେମ-ବର୍ଷା
ସଭିଙ୍କ ଶୋଷ ମେଣ୍ଟାଇ
ଥିବ କର୍ତ୍ତବ୍ୟ କର୍ମ ନିଭାଇ ।

ISSN NO.
2582-208X

ଏମିତି ଗଛର ବଢ଼ିଲେ ଘଞ୍ଚତା
ଧରା ହୋଇବ ଉଶ୍ଵାସ
ଶୋଷି ଚାଲିଥିବେ ବାୟୁମଣ୍ଡଳରୁ
ହିଂସା ଅପକର୍ମ ବିଷ
ଭରି ହୃଦେ ପୀୟୂଷ
ଅମୃତମୟ ସେ ବାତାବରଣରେ
ପାଇଣ ସନ୍ତୋଷ ସ୍ଵର୍ଗ
ସର୍ବେ କାଳାତିପାତ ହରଷ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଆସନ୍ତୁ ନାରଦଙ୍କ ମାୟାଦର୍ଶନ ବିଷୟରେ ଜାଣିବା



ନରେନ୍ଦ୍ର ପ୍ରସାଦ ବେହେରା

ସଂସାରରେ ଯେଉଁସବୁ ଇନ୍ଦ୍ରିୟଭୋଗ୍ୟ ବସ୍ତୁ ରମଣୀୟ ଓ ସୁଖକର ବୋଲି ପ୍ରତୀୟମାନ ହୁଏ, ତାହା ପଛରେ ଧାଇଁ ମନୁଷ୍ୟ ଏକ ମାୟାଜାଲରେ ଛନ୍ଦି ହୋଇଯାଏ । ଏହା ଫଳରେ ନାନା ପ୍ରକାର ଦୁଃଖ ଯନ୍ତ୍ରଣା ଭୋଗ କରିବାକୁ ପଡେ । ମାୟାମରୀଚିକା ପଛରେ ଧାଇଁ ସେ ଅନିତ୍ୟକୁ ନିତ୍ୟ ଓ ଅସତ୍ୟକୁ ସତ୍ୟ ବୋଲି ମନେକରେ । ଏହି ଭ୍ରମରେ ପଡି ମନୁଷ୍ୟ ନିତ୍ୟବସ୍ତୁ ଭଗବାନଙ୍କୁ ଭୁଲି ଯାଏ । ବିଷୟାସକ୍ତ ମନୁଷ୍ୟ ନିଜର ଦିବ୍ୟ ସ୍ୱରୂପକୁ ଭୁଲିଯାଇ ଜାଗତିକ ବସ୍ତୁକୁ ମୋର ମୋର କହି ପରିଶେଷରେ ଅକଥନୀୟ ଦୁଃଖ ଭୋଗ କରେ । ଏହା ହିଁ ହେଉଛି ମାୟାବଦ୍ଧ ଜୀବନର ଅବସ୍ଥା । ଏ ଜଗତଟା ହେଉଛି ଗୋଟାଏ ସ୍ୱପ୍ନପରି। ସବୁ କିଛି ଅନିତ୍ୟ । ନିଦ୍ରିତାବସ୍ଥାରେ ମନୁଷ୍ୟ ସ୍ୱପ୍ନରେ ଦେଖୁଥିବା ଦୃଶ୍ୟ ସବୁ ସତ ବୋଲି ମନେ ହୋଇଥାଏ କିନ୍ତୁ ନିଦ ଭାଙ୍ଗିଯାଇ ସତ୍ୟଜ୍ଞାନ ଉଦୟ ହେଲେ ସେହିସବୁ ଦୃଶ୍ୟ କେଉଁଆଡେ ଉଭେଇ ଯାଇଥାଏ ଏବଂ ତାହା ଅଳୀକ ବୋଲି ଜଣାପଡେ । ମାୟାମରୀଚିକାର ଫାଶରେ ପଡିଲେ ମନୁଷ୍ୟର ଅବସ୍ଥା କ'ଣ ହୁଏ , ନିମ୍ନୋକ୍ତ ଗଳ୍ପରୁ ତାର ଆଭାସ ମିଳେ:-

ଅହରହ ତୁଣ୍ଡରେ ଶ୍ରୀଭଗବାନଙ୍କର ନାମ ଉଚ୍ଚାରଣ କରି ତିନି ଭୁବନ ପରିକ୍ରମା କରୁଥିବା ଭକ୍ତଶିରୋମଣି ଦେବର୍ଷି ନାରଦ ଥରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ଲାଗି ଦ୍ୱାରକାରେ ଯାଇ ପହଞ୍ଚିଲେ । ସେଠାରେ ସେ ପ୍ରଭୁଙ୍କ ସାନ୍ନିଧ୍ୟରେ କିଛି ଦିନ ଅତିବାହିତ କଲେ । ଦିନେ ଶ୍ରୀକୃଷ୍ଣଙ୍କ ସହିତ ଆଳାପ ସମୟରେ ନାରଦ କହିଲେ, ପ୍ରଭୁ, କୁରୁକ୍ଷେତ୍ର ଯୁଦ୍ଧ ଭୂମିରେ ଆପଣ ଅର୍ଜୁନଙ୍କୁ ଉପଦେଶ ଦେଇ ଗୀତାରେ କହିଥିଲେ, ''ମମ ମାୟା ଦୂରତ୍ୟୟା" ବୋଲି ଅର୍ଥାତ ଆପଣଙ୍କ ମାୟାକୁ ଅତିକ୍ରମ କରିବା କାଠିକର ପାଠ । ତେବେ ଏହି ମାୟାଟା କିପରି, ମୁଁ ତାହା ଜାଣିବାକୁ ଚାହୁଁଛି । ନାରଦଙ୍କ ପ୍ରଶ୍ନ ଶୁଣି ଶ୍ରୀକୃଷ୍ଣ ହସି ହସି କହିଲେ,

ISSN NO.
2582-208X

ହେ ଦେବର୍ଷି, ତୁମେ ହେଉଛ ଜଣେ ଆଜନ୍ମ ବ୍ରହ୍ମଚାରୀ ବୈରାଗ୍ୟବାନ ପୁରୁଷ । ଏ ମାୟା ଭିତରେ ପ୍ରବେଶ କରିବା ପାଇଁ ତୁମ ମନରେ ଆଗ୍ରହ ଜାତ ହେଲା କାହିଁକି ? ଆଚ୍ଛା, ଠିକ୍ ଅଛି, ଦିନେ ଜାଣିବ । ଏହା କହି ଭଗବାନ ସେ ପ୍ରସଙ୍ଗରେ ଗତି ବଦଳାଇ ଦେଲେ । ଆଉ ଅଧିକ କିଛି କହିଲେ ନାହିଁ । ଇତି ମଧ୍ୟରେ କିଛି ଦିନ ବିତି ଯାଇଥାଏ । ନାରଦ ମଧ୍ୟ ଏ ବିଷୟ ସମ୍ପୂର୍ଣ୍ଣରୂପେ ଭୁଲିଯାଇଥାନ୍ତି କିମ୍ବା ପ୍ରଭୁ ତାଙ୍କୁ ଭୁଲାଇ ଦେଇଥାନ୍ତି । ଦିନେ ଶ୍ରୀକୃଷ୍ଣ ନାରଦଙ୍କୁ ସଙ୍ଗରେ ଧରି ନଗର ବାହାରେ ବୁଲିବାକୁ ବାହାରିଲେ । ବୁଲୁ ବୁଲୁ ସେମାନେ ଯାଇ ଏକ ନିଛାଟିଆ ସ୍ଥାନରେ ପହଞ୍ଚିଲେ । ସେତେବେଳକୁ ଉଦୁଉଦିଆ ଖରାବେଳ । ମୁଣ୍ଡଫଟା ଖରା ସହି ନ ପାରି ଉଭୟ ଯାଇ ଏକ ଗଛତଳେ ବସି କଥାବାର୍ତ୍ତା ହେବାକୁ ଲାଗିଲେ । ଏତିକିବେଳେ ଶ୍ରୀକୃଷ୍ଣଙ୍କୁ ଖୁବ ଶୋଷ ଲାଗିଲା । ସେ କହିଲେ, ହେ ନାରଦ, ଶୋଷରେ ମୋ ତଣ୍ଟି ଶୁଖିଯାଉଛି, ଯାଅ ପିଇବା ପାଇଁ ମୁନ୍ଦାଏ ପାଣି କେଉଁଠୁ ଆଣିବ ।

ପ୍ରଭୁଙ୍କ ପାଇଁ ପାଣି ଆଣିବା ସକାଶେ ନାରଦ ହାତରେ କମଣ୍ଡଳୁଟି ଧରି ବାହାରି ପଡିଲେ । ସେ ଚାରିଆଡକୁ ଅନାଇଲେ । କିଛି ଦୂରରେ କେତେଗୁଡିଏ ଘର ଥିବା ଦେଖି ମୁଣ୍ଡଫଟା ଖରାରେ ସେ ସେହି ଆଡକୁ ଧାଇଁଲେ । ଚାଲି ଚାଲି ନାରଦ ଯାଇ ପହଞ୍ଚିଲେ ଏକ କ୍ଷୁଦ୍ର ଗ୍ରାମରେ । ଦେଖିଲେ ଗାଁ ଦାଣ୍ଡ ଜନମାନବଶୂନ୍ୟ । ଖରାବେଳ ହୋଇଥିବାରୁ ସମସ୍ତଙ୍କ କବାଟ ବନ୍ଦ ରହିଥାଏ । କାହାକୁ ଡାକିବେ ଏହା ଭାବି ଭାବି ନାରଦ ଜଣେ ଗୃହସ୍ଥଙ୍କ ଦାଣ୍ଡ ବାରଣ୍ଡାରେ ଯାଇ ଠିଆ ହେଲେ । ସେ କବାଟ ବାଡେଇବା ମାତ୍ରେ ଜଣେ ସୁନ୍ଦରୀ ଯୁବତୀ କବାଟ ଖୋଲି ତାଙ୍କ ସମ୍ମୁଖରେ ଆସି ଉପସ୍ଥିତ ହେଲେ । ନାରଦ ପ୍ରଭୁଙ୍କ ପାଇଁ ପିଇବା ପାଣି ମାଗିବେ କ'ଣ, ମନ୍ତ୍ରମୁଗ୍ଧ ହୋଇ ନିର୍ନିମେଷ ନୟନରେ ସେହି ସୁନ୍ଦରୀ କନ୍ୟାଟିକୁ ଚାହିଁ ରହିଲେ । ତାଙ୍କ ଆଖିରେ ପଲକ ପଡୁ ନ ଥାଏ । ସେତେବେଳେକୁ ତାଙ୍କୁ ମାୟା ଗ୍ରାସ କରି ସାରିଥାଏ । ସେ ନିଜକୁ ସମ୍ପୂର୍ଣ୍ଣରୂପେ ଭୁଲି ଯାଇଥାନ୍ତି ।

ନାରଦଙ୍କର ରୂପର ମାଧୁର୍ଯ୍ୟ ଦେଖି ସେଇ ଯୁବତୀଟି ମଧ୍ୟ ତାଙ୍କ ପ୍ରତି ଆକର୍ଷିତ ହୋଇପଡିଥାଏ । ସୁତରାଂ ଚାରିଚକ୍ଷୁର ମିଳନରେ ଉଭୟଙ୍କ ପ୍ରେମ ସଂଚାର ହୋଇଥିଲା । ଏହି ସମୟରେ ଗୃହସ୍ଥ ଘର ଭିତରୁ ବାହାରି ଆସି ତାଙ୍କ କନ୍ୟା ନିକଟରେ ଜଣେ ସୁନ୍ଦର ଯୁବକକୁ ଦେଖି ଆନନ୍ଦିତ ହୋଇଥିଲେ । ତାଙ୍କର ଏକମାତ୍ର କନ୍ୟା ସକାଶେ ଘରଜୋଇଁ କରି ରଖିବେ ବୋଲି ସେ ଅନେକ ଦିନରୁ ଗୋଟିଏ ବରପାତ୍ର ଖୋଜୁଥିଲେ । ଅତିଥିଙ୍କୁ

ISSN NO.
2582-208X

ଆସନ ଦେଇ ସେ ନାରଦଙ୍କୁ ଘରଜୋଇଁ କରିବେ ବୋଲି ମନସ୍ଥ କରି ଘର ଭିତରକୁ ଡାକି ନେଲେ । ସେ ତାଙ୍କ ପତ୍ନୀଙ୍କ ନିକଟକୁ ଯାଇ କହିଲେ, ଶୁଣୁଛ ? ଗୋଟିଏ ସୁନ୍ଦର ପାତ୍ର ଆମ ଗୃହରେ ଉପସ୍ଥିତ । ଆଉ ହାତଛଡା କରିବାର ନୁହେଁ । ଆମ ଝିଅର ବି ମନ ଅଛି ପାତ୍ରଟିକୁ ବିବାହ କରିବାକୁ  ତେଣୁ ପାତ୍ରଟିକୁ ଘରଜୋଇଁ କରି ରଖିନେବା । ପତ୍ନୀ ମଧ୍ୟ ପାତ୍ରଟିକୁ ଦେଖିବା ଲାଗି ଅନ୍ଦରମହଲରୁ ବାହାରି ଆସିଲେ । ସେତେବେଳକୁ ନାରଦ ସମ୍ପୂର୍ଣ୍ଣ ରୂପେ ମୋହଗ୍ରସ୍ତ ହୋଇ ପ୍ରଭୁଙ୍କ ପାଇଁ ପିଇବା ପାଣି ନେବା କଥା ଭୁଲି ଯାଇଥାନ୍ତି। ଉଭୟ ପତିପତ୍ନୀ ସେମାନଙ୍କର ଆଦରର କନ୍ୟା ପାଇଁ ନାରଦଙ୍କୁ ଘରଜୋଇଁ କରିବେ ବୋଲି ମନସ୍ଥ କରି ତାଙ୍କୁ ଆଦର ଅଭ୍ୟର୍ଥନା ଜଣାଇ ଭଲ ଭଲ ଖାଦ୍ୟ ଖାଇବାକୁ ଦେଇ ଆପ୍ୟାୟିତ କଲେ । କନ୍ୟା ମଧ୍ୟ ତାର ଭାବୀ ପତିଙ୍କୁ ପାଖରେ ପାଇ ମୁଗ୍ଧ ହୋଇଯାଇଥାଏ । ନାରଦ ସେଠାରେ ସେହି ଯୁବତୀର ପ୍ରେମରେ ପଡି ରହିଗଲେ ।

ଏହାପରେ ଏକ ଶୁଭଲଗ୍ନରେ ମହାସମାରୋହରେ ନାରଦଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହୁଏ। ବିବାହ ବନ୍ଧନରେ ଆବଦ୍ଧ ହୋଇ ନାରଦ ଶ୍ୱଶୁରଘରେ ବାସ କଲେ । ଗୃହସ୍ଥଙ୍କର ଯଥେଷ୍ଟ ସମ୍ପତ୍ତିବାଡି ଥିଲା । ବାସ୍ତବରେ ନାରଦ ସବୁ ସମ୍ପତ୍ତିର ଉତ୍ତାରାଧିକାରୀ ହେଲେ । ଅତି ସୁଖରେ ଦିନ ବିତି ଯାଉଥାଏ । କିଛି କାଳ ପରେ ରୋଗାକ୍ରାନ୍ତ ହୋଇ ଗୃହସ୍ଥ ଓ ତାଙ୍କ ପତ୍ନୀ ମୃତ୍ୟୁ ବରଣ କରନ୍ତି । ବର୍ତ୍ତମାନ ନାରଦ ବିପୁଳ ସମ୍ପତ୍ତିର ଅଧିକାରୀ ହୋଇ ସୁଖର ସଂସାର ଗଢିଲେ । ଘରେ ସୁନ୍ଦରୀ ସ୍ତ୍ରୀ । ଭୋଗ୍ୟବସ୍ତୁର ମଧ୍ୟ କିଛି ଅଭାବ ନାହିଁ । ଏହିପରି ସୁଖ ସଂଭୋଗ ମଧ୍ୟରେ କାଳାତିପାତ କରୁ କରୁ ନାରଦ ଗୋଟିକ ପରେ ଗୋଟିଏ ଏହିପରି ତନୋଟି ପୁତ୍ରସନ୍ତାନର ମଧ ଜନକ ହୋଇ ସାରିଥାନ୍ତି । ଚାହୁଁ ଚାହୁଁ ଦୀର୍ଘ ବାରବର୍ଷ ବିତି ଯାଇଥାଏ । ମଣିଷ ଜୀବନରେ ସବୁଦିନ ସମାନ ନ ଥାଏ । ସୁଖଭୋଗ କ'ଣ ସବୁଦିନ ରହିଥାଏ ? ସୁଖ ପରେ ଦୁଃଖ ଭୋଗ କରିବା ଅନିବାର୍ଯ୍ୟ । ସୁଖର ଦିନ ଚାଲିଥାଏ । ଆସେ  ଦୁଃଖର ଦିନ, ଧକ୍କା ଖାଇବାର ଦିନ । କିନ୍ତୁ ଦୁଃଖ ଯେତେବେଳେ ଆସେ ତା'ର ସାଙ୍ଗସାଥୀମାନଙ୍କୁ ସଙ୍ଗରେ ଧରି ଆସିଥାଏ । ସେତେବେଳେ ଜୀବନ ଦୁର୍ବିସହ ହୋଇ ଉଠିଥାଏ ।

ଥରେ ବର୍ଷା ଋତୁରେ ପ୍ରବଳ ବନ୍ୟା ଆସିଲା । ଚତୁର୍ଦ୍ଦିଗ ଜଳାର୍ଣ୍ଣବ ହୋଇଗଲା,ବନ୍ୟା ଜଳରେ ଘରଦ୍ୱାର ମନୁଷ୍ୟ ଓ ଗାଈଗୋରୁ ଆଦି ପଶୁ ଭାସି ଯିବାକୁ ଲାଗିଲେ । ନାରଦଙ୍କ ଘର ମଧ୍ୟ ଏଥିରୁ ବାଦ ପଡିଲା ନାହିଁ । ସେ ପ୍ରାଣ ରକ୍ଷା ଉଦ୍ଦେଶ୍ୟରେ ସ୍ତ୍ରୀ ଓ ପିଲାମାନଙ୍କୁ

ଧରି ବନ୍ୟାଜଳ ମଧ୍ୟରେ ଏକ ନିରାପଦ ଉଚ୍ଚ ଜାଗାକୁ ଯିବାକୁ ଚେଷ୍ଟା କଲେ । ସେ ଗୋଟିଏ ପିଲାକୁ କାନ୍ଧରେ ବସାଇଲେ ଓ ଛୋଟ ପିଲା ଦୁଇଟିକୁ ଗୋଟିଏ ବାହୁତଳେ ଧରି ଅନ୍ୟ ବାହୁରେ ପତ୍ନୀଙ୍କୁ କୁଣ୍ଢାଇ ପ୍ରଖର ସ୍ରୋତ ମଧ୍ୟରେ ଯିବାକୁ ଲାଗିଲେ । ସେତେବେଳକୁ ବନ୍ୟାଜଳ ଅଣ୍ଟା ଉପରକୁ ହେଲାଣି । ଆଉ ଶରୀରର ଭାରସାମ୍ୟ ରଖି ପାରିଲେ ନାହିଁ । ଫଳରେ କାନ୍ଧରେ ବସିଥିବା ପିଲାଟି ତଳକୁ ଖସି ପଡି ଜଳସ୍ରୋତରେ ଭାସିଯାଇ ଅଦୃଶ୍ୟ ହୋଇଗଲା । ମୋ ପିଲା ଭାସିଗଲା ବୋଲି ନାରଦ ଚିତ୍କାର କରୁଥିବା ସମୟରେ କାଖତଳୁ ଅନ୍ୟ ଦୁଇଟି ପିଲା ମଧ୍ୟ ଖସି ଯାଇ ପାଣିରେ ଭାସିଗଲେ । ନାରଦ ତାଙ୍କ ପତ୍ନୀଙ୍କୁ ଜାବୁଡି ଧରିଥିବା ବେଳେ ଦୁହେଁ ସ୍ରୋତରେ ଟାଣିହୋଇ ଭାସିଯିବାକୁ ଲାଗିଲେ । ସ୍ତ୍ରୀଙ୍କୁ ରକ୍ଷା କରିବା ଆଉ ସମ୍ଭବପର ହୋଇପାରିଲା ନାହିଁ । ଦୁହେଁ ପୃଥକ ପୃଥକ ହୋଇଗଲେ । ତାଙ୍କ ସ୍ତ୍ରୀ ମଧ୍ୟ ଭାସିଯାଇ ଅଦୃଶ୍ୟ ହୋଇଗଲେ । ନାରଦ ସ୍ରୋତମୁଖରୁ ବର୍ତ୍ତିଯାଇ ଗୋଟିଏ ଉଚ୍ଚ ଜାଗାରେ ଯାଇ ଲାଗିଲେ । ସେ ମୁମୂର୍ଷୁ ଅବସ୍ଥାରେ ପଡିରହିଥାନ୍ତି । ବନ୍ୟାରେ ପିଲା ପରିବାର ହରାଇ ସେ ଅତ୍ୟଧିକ ମାନସିକ ଯନ୍ତ୍ରଣାରେ ବିଳାପ କରିବାକୁ ଲାଗିଲେ ।ଏହି ସମୟରେ ତାଙ୍କ କାନରେ ବାଜିଲା ଏକ ମଧୁର କଣ୍ଠସ୍ୱର, ନାରଦ, ପାଣି ପିଇବା ପାଇଁ ମୁଁ ତୁମକୁ ଘଣ୍ଟାଏ ହେଲା ଅପେକ୍ଷା କରି ବସିରହିଛି, ତୁମେ ଏତେବେଳଯାଏ କେଉଁଠି ଥିଲ ?

ଶ୍ରୀକୃଷ୍ଣଙ୍କ କଣ୍ଠସ୍ୱର ଶୁଣି ନାରଦ ଚମକି ପଡିଲେ । ସେ ଉଠି ବସିଲେ । ସେତେବେଳେକୁ ବନ୍ୟାର ଦୃଶ୍ୟ କେଉଁଆଡେ ଅଦୃଶ୍ୟ ହୋଇଯାଇଛି । ସେ ଚିତ୍କାର କରି କହି ଉଠିଲେ, ଏଇ ଘଣ୍ଟାଏ ଭିତରେ ଦୀର୍ଘ ବାରବର୍ଷର ବିଚିତ୍ର ଅନୁଭୂତି ? ଏହା କ'ଣ ସ୍ୱପ୍ନ ନା ସତ୍ୟ ? ପ୍ରଭୁ, ଅପୂର୍ବ ଆପଣଙ୍କର ଏ ମାୟା । ମୁଁ ଏତେବେଳଯାଏ ଏକ ମାୟା ରାଜ୍ୟରେ ରହିଥିଲି! ଏହା ଶୁଣି ଶ୍ରୀକୃଷ୍ଣ ମୁରୁକି ହସି କହିଲେ, ମାୟାର ସ୍ୱରୂପ ଜାଣିଲ ତ ? ମାୟାବଦ୍ଧ ଜୀବ ଏପରି କଷ୍ଟ ପାଏ । ଜଗତରେ ସବୁକିଛି ସ୍ୱପ୍ନ ପରି, ସବୁକିଛି ଅନିତ୍ୟ ।

ନାରଦ ହାତଯୋଡି କହି ଉଠିଲେ, ପ୍ରଭୁ ଆପଣଙ୍କ ମାୟାକୁ ପାର ହେବା ଅତୀବ କଷ୍ଟକର। ଆପଣ ଗୀତାରେ ଠିକ୍ କଥା କହିଛନ୍ତି । ଏଥର ଚାଲନ୍ତୁ ଫେରିଯିବା । ଢେର ହୋଇଗଲା।

ଏହାପରେ ଦୁହେଁ ନଗରୀକୁ  ଫେରିଲେ ।

ଆଳଦା, ଖଇରା ,ବାଲେଶ୍ୱର

ISSN NO.
2582-208X

# ହେ ମହାମାନବ



ବେଣୁଧର ସୁରୁଜାଳ

ଜ୍ଞାନର ପ୍ରତୀକ ହେ ମହାମାନବ !
ବିଶ୍ୱ-ସମାନତା ଶିରୋମଣି,
ଆଧୁନିକ ଭାରତର ରାଷ୍ଟ୍ରନିର୍ମାତା
ତୁମେ ସର୍ବ-ସୁଗୁଣର ଖଣି । (୧)

ଗୁଣଜ୍ଞ-ପଣ୍ଡିତ, ପ୍ରତିଭା-ମଣ୍ଡିତ
ସାହିତ୍ୟିକ ବାଗ୍ମୀବର,
ଜାତିର ଗୌରବ, ଜାତିର ସୌରଭ
ବାଣୀଗର୍ଭ-ଯଶସ୍କର । (୨)

ତୁମରି ଲେଖନୀ ଛିଣ୍ଡାଏ ଧମନୀ
ଜଳାଏ ବିପ୍ଳବ ବହ୍ନି ,
ଦୁର୍ନୀତି, ଶୋଷଣ, ପାଖଣ୍ଡବାଦକୁ
ବିନାଶ କରିବା ପାଇଁ । (୩)

ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରିତ
ସମ୍ବିଧାନ କଲ ସଂରଚନା,

ISSN NO.
2582-208X

ସମତା, ବନ୍ଧୁତା, ନ୍ୟାୟ,ସ୍ୱତନ୍ତ୍ରତା
ପ୍ରମାଣ କରେ ଯା'ର ପ୍ରସ୍ତାବନା ।  (୪)

ଆୱାଜ୍ ଦେଲ ହେ ମହାନ ସଂଗ୍ରାମୀ
ବିପ୍ଳବର ନୂଆ ସ୍ୱର,
ମୈତ୍ରୀ ପତାକା ଉଡ଼ି ଫରଫର
ବିବିଧତା ହେଲା ଦୂର ।  (୫)

ବହୁଜନ ସମାଜର ତ୍ରାଣକର୍ତା
ନାରୀ–ଜାତି ମୁକ୍ତିଦାତା ,
ମାନବତାବାଦ କଲ ପ୍ରତିଷ୍ଠା
ତୁମେ ହେ ରାଷ୍ଟ୍ରନିର୍ମାତା ।  (୬)

ଭାରତ ମାଟିର ପାଣି ପବନ
ପ୍ରତି ଭାରତୀୟ ହୃଦସ୍ପନ୍ଦନ,
କାଳର ବକ୍ଷରେ ଜାଜ୍ଜ୍ୱଲ୍ୟମାନ
ତୁମେ ହେ ଅମର ସନ୍ତାନ ।  (୭)

ଆମ୍ବେଦକର ହେ ଜନ–ନାୟକ
ପୃଥିବୀର କ୍ରାନ୍ତି ଜ୍ୟୋତି,
ସ୍ୱର୍ଣାକ୍ଷରେ ଲେଖା ଅଛି ଇତିହାସେ
ତୁମରି ଅମ୍ଳାନ କିର୍ତି ।  (୮)

ISSN NO.
2582-208X

ତୁମକୁ କା' ସଂଗେ ତୁଳନା କରିବି
ନିଜର ତୁଳନା ନିଜେ,
ରାଜ ଅଧିରାଜ ରୁପରେ ଆଜି ହେ
କୋଟି ହୃଦୟରେ ବିଜେ । (୯)

ହେ ମହାମାନବ ଦରଦୀ ହୃଦୟ
ପ୍ରଣତି ଜଣାଏ ଜାତି,
ପ୍ରେରଣା ଦାୟକ ତୁମ୍ଭ ଶୁଭାଶିଷ
ମାଗୁଅଛୁ ମଥାପାତି । (୧୦)

ସ.ଶିକ୍ଷକ, ଉଲୁଣ୍ଡା, ସୁବର୍ଣ୍ଣପୁର
ଦୂରଭାଷ–9778881774

ISSN NO.
2582-208X

# ହେ ପ୍ରିୟତମା



ଭବାନୀ ଶଙ୍କର ଦାଶ

ସାମାଜିକ ଗଣମାଧ୍ୟମର ସଖା ନୁହେଁ ,
ମୁଁ ତମ ପ୍ରାଣର ପ୍ରିୟା
ଅର୍ଦ୍ଧାଙ୍ଗିନୀ ହୋ ତୁମେ ମୋର,
ମୁଁ ପରା ତୁମ ହୃଦୟର ଛାୟା ।

ସୂର୍ଯ୍ୟର ପ୍ରାରମ୍ଭ ଆଲୋକେ,
ଅଛି ତୁମ ସହିତ ସୁନ୍ଦରି
ମନ ମନ୍ଦିର ଜଗି ରହିଥିବି,
ଦେଖି ଚେହେରା ଦିବାରାତ୍ରି ।

ପ୍ରେମ ଭାବନାରେ ମନ ମୋର,
ପ୍ରିୟତମା ସନ୍ଦେହ ନକର
ତୁମ ପ୍ରତାରଣେ ବିଖଣ୍ଡିତ ହେବ,
ପ୍ରିୟା ଶରୀର ମୋର ।

ISSN NO.
2582-208X

ଅମାନିଆ, ମନଉଣା କିମ୍ବା,
କରୁଅଛ ସୁନ୍ଦରୀ ମୋର
ସବୁବେଳେ ରହିଅଛି ରହିଥିବି,
ମନର ପ୍ରିୟତମ ତୁମର।

ଏ ଜୀବନ ଜନ୍ମ ଆମରି ପରା,
ନୁହେଁ ବରଷ କି ମାସ
ସାତଜନ୍ମକୁ ବାନ୍ଧିଛି ମୁଁ ହୃଦୟ ଭାବନା,
ଏ ଜନ୍ମେ ନହେବ ଶେଷ।

ଗୌରୀ ଦେଇପୁର,କୋଦଳା,ଗଞ୍ଜାମ,
ଓଡିଶା,761032
9019896796

ISSN NO.
2582-208X

# ଜୀବନ ଖରା ଛାଇ ଖେଳ



ବୀରକଶୋର ନାୟକ

ସଂସାରେ କାହାର ସମତଳ ନୁହେଁ
ଜୀବନର ଚଲାପଥ,
କେବେ ଆସେ ସୁଖ କେବେ ପୁଣି ଦୁଃଖ
ଘୁରୁଥାଏ ହୋଇ ବୃତ୍ତ ।

ଦୁଃଖ ତ ନଥିଲେ କେବେ ବି ଜୀବନେ
ସୁଖ ନୁହେଁ ଅନୁଭବ,
ନିଜ କର୍ମମତେ ଆସେ ଜୀବନରେ
ଫଳ ତାର ଅନୁରୂପ ।

କର୍ମ ସିଦ୍ଧାନ୍ତର ନିୟମ ତ ଏହା
ପ୍ରତି କାର୍ଯ୍ୟ ପରିଣାମ,
ସମୟର ସ୍ରୋତେ ଭୋଗ ହୁଏ ତାହା
ଆସିଥାଏ ହୋଇ ସୂକ୍ଷ୍ମ ।

କେବେ ମିଳିଯାଏ କର୍ମ ଫଳ ଶୀଘ୍ର
ସମୟର ଅନୁକୂଳେ,
କେବେ ରହିଯାଏ ପ୍ରାରବ୍ଧ ହୋଇ ସେ
ଅଦୃଶ୍ୟ ଆତ୍ମାର କୋଳେ ।

ISSN NO.
2582-208X

ଭଲ କର୍ମ ଦିଏ ଜୀବନର ପଥେ
ଫୁଲର ଗାଲିଚା ପାରି,
ପାପ ଦେଇଥାଏ ଅସରା ଲୁହ ଯେ
ଜୀବନେ ଯନ୍ତ୍ରଣା ଭରି ।

ନିଜ କର୍ମ ମତେ ଜନ୍ମ ହୁଏ କିଏ
ସୁନାର ଚାମଚ ଧରି,
କିଏ ଆସିଥାଏ ଲଭିବାକୁ ଦୁଃଖ
ଜୀବନଟା ଯାଏ ଝରି ।

ସଂସାରେ ଲାଗିଛି ଦୁଃଖ ପରେ ସୁଖ
ସତେ ଖରା ଛାଇ ଖେଳ,
ଜୀବନ ଏମିତି ସବୁ ଭୋଗୁଥାଏ
ଆସେ ଯେବେ ଯେଉଁ ବେଳ ।

ଖଣ୍ଡବନ୍ଧ, ଢେଙ୍କାନାଳ ।
ଫୋନ.8847842297

ISSN NO.
2582-208X

# ଟୋପାଏ ସିନ୍ଦୂର



ଜନ୍ମଜୟ ନାୟକ

ହଁ ସକାଳଟିଏ ଆସିଛି, ରାତିର କାଳିଅନ୍ଧାକାରର ବକ୍ଷରୁ ମୁକ୍ତି ପାଇ ସିନ୍ଦୂରା ଫାଟି ପୂରୁବ ଦିଗରୁ ସୁନେଲି ସୂରୁଜ ବୁଣିହେଇପଡୁଛି। ସୋରିଷଫୁଲର ହଳଦିଆ କ୍ଷେତରୁ ଭିଜାମାଟିର ବାସ୍ନା ନେଇଆସୁଛି ସୁଲୁସୁଲିଆ ବାଆ। ଦେବାଦେବୀଙ୍କ ଚରଣାବିନ୍ଦରେ ସ୍ଥାନପାଇବାକୁ ପ୍ରତୀକ୍ଷାରତ ସୁବାସିତ ପୁଷ୍ପମାନେ ଫୁଲମାଉସୀର ଚାଙ୍ଗୁଡିରେ ମୁରୁକି ହସୁଛନ୍ତି । ଚଷାଭାଇଟି ଶଗଡରେ ବସି କାଣିଆ କପିଳାଙ୍କୁ କେତେ ନାନାବାୟା ଗୀତ ଶୁଣେଇ ଶୁଣେଇ କିଛି ଶସ୍ୟ ବିକିବାକୁ ଗାଁ ହାଟ ଅଭିମୁଖେ ବାହାରିଛି। ରହିରହି ଗାଁ ଆମ୍ବତୋଟା ଆଡୁ ବହଙ୍ଗମାନଙ୍କର କଳରାବ ଭାସିଆସୁଛି। ଗାଁ ଭୂଆସୁଣିମାନେ ଗାଧୁଆପାଧୁଆ ସାରି କାଖରେ ଗରା, କଳସୀ ଧରି ପୋଖରୀତୁଠରୁ ଫେରୁଛନ୍ତି। ଶୁଭ ସକାଳରେ ମାଆ ବୁଢୀ ନାହାକାଣିଙ୍କ ପୀଠରୁ ମଙ୍ଗଳଆରତୀ ସାଙ୍ଗକୁ ଘଣ୍ଟ ଶଙ୍ଖର ସୁମଧୁର ଧ୍ୱନି ପବିତ୍ରତା ତଥା ଆଧ୍ୟାତ୍ମିକତାର ବାର୍ତ୍ତା ନେଇ କର୍ଣ୍ଣଯୁଗଳକୁ ପ୍ରକମ୍ପିତ କରୁଛି।

ନିଜ କାନିରେ ବିମଳା ସେ ମନ୍ଦିରବେଢାରେ ବସିଥିବା ଫୁଲ ମାଉସୀଙ୍କ ମୁଣ୍ଡରୁ କଳା ପୋଛି ଦେଉଦେଉ ଲୁହଭରା ଆଖିରେ ସେ କହିଚାଲିଥାଏ,'' ଏ ପୋଡା କପାଳରେ ଆଉ କି ସୁଖ ଅଛି ଲୋ ଝିଅ, ଅୟରାଣୀ ହୋଇ ମଶାଣୀ ଯିବା ସଭିଙ୍କ କପାଳରେ ନଥାଏ । ଆଜି କି ଦଶ ବରଷ ହବ ଏ ଅଭାଗିନୀ ପୋଡାମୁହଁକୁ ଆରିସିରେ ଦେଖିନି ଯେବେ ଠୁଁ ସେ ଚାଲିଗଲେ ମୋ ଶେଷ ସମ୍ପତ୍ତି ଟୋପାଏ ସିନ୍ଦୂରକୁ ସାଥିରେ ନେଇ । କୋଉଠି ହାଣ୍ଡିକଳା ଲାଗିଛି ମୁଣ୍ଡରେ କେମିତି ଦେଖିବି ? ''

ISSN NO.
2582-208X

ମନ୍ଦିରପାଖରେ ସେଇ ଗୋଟିଏ ଧଳାରଂଗର ସାତସିଆଁ ଶାଢୀଟିକୁ ଗୁରେଇ ହେଇ ଥରଥର ହାତରେ ଫୁଲବିକି ସବୁ ବିବାହିତା ଙ୍କ ଶୁଭ ମନାସୁଥିବା ଫୁଲମାଉସୀର ଛାତିରେ ଜମାଟବାନ୍ଧିଥିବା ବତୁରା କୋହ କେହି ନବୁଝିଲେ ବି ବିମଳା ଜାଣିପାରନ୍ତି ତାଙ୍କ କୋଟରାଗତ ଆଖିଯୋଡିକର ଇଚ୍ଛା । ସ୍ନେହକାଙ୍ଗାଳୁଣୀଟିଏ ସେ ଫୁଲମାଉସୀ। ସଭିଙ୍କୁ ଆପଣାର କରିନିଏ ମିଠା କଥାଟିକେ ଶୁଣିବାକୁ । ବିଧବା ନାରୀଟିଏ ବୋଲି ସେ ଧଳାରଂଗକୁ ଆଦରି ନେଇଛି, ଧଳାରଂଗର ଚୂନ ପ୍ରଲେପ ଦିଆଯାଇଥିବା ମନ୍ଦିର ବେଢାରେ ଡେରି ହେଇ ମଲ୍ଲୀ, ଡରାଟ, ସୁଗନ୍ଧରାଜ ପରି ଧଳାରଂଗର ଫୁଲକୁ ସୂତାରେ ଯୋଡୁଛି ହେଲେ ତା' ଜୀବନର ଅକୁହାକୋହ, ବ୍ୟଥା ଲମ୍ବି ଚାଲିଛି ସୁନୀଳ ଆକାଶର ଧଳା ମେଘଖଣ୍ଡ ପରି ।

ଦୁଃଖୀ ସିନା ଜାଣେ ଦୁଃଖର ବେଦନା। ଫୁଲମାଉସୀ ପାଖେ କିଛି ଲୁଚେଇ ପାରେନି ବିମଳା। ବାହାଘରର ମାସଟିଏ ନପୁରୁଣୁ ବିମଳାଙ୍କ ସ୍ୱାମୀ ପକ୍ଷାଘାତ ରୋଗରେ ପୀଡିତ ହୋଇଯିବାପରେ ବି ସେ ଦମ୍ଭ ନହରେଇ ଜୀବନ ଯୁଦ୍ଧରେ ଲଢିଚାଲିଛନ୍ତି । ସିଲେଇ କରି ପିଲାଙ୍କୁ ଟ୍ୟୁସନ୍ କରି ସ୍ୱାମୀଙ୍କ ଔଷଧ ଓ ପରିବାର ଚଳେଇବା ଖର୍ଚ୍ଚ ତୁଲାଉଛନ୍ତି । ମା ବୁଢୀ ନାହାକାଣୀଙ୍କ ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ । ବିମଳା କେତେ ବଡଘରର ଝିଅ ..କେତେ ବିଳାସବ୍ୟସନରେ ବଢିଥିଲେ ସେ । ଘରଲୋକ ଯେତେ ବୁଝେଇଲେ ବି ସ୍ୱାମୀଙ୍କ ହାତ ଛାଡିନାହାନ୍ତି କି ପୁନର୍ବିବାହ କରିନାହାନ୍ତି । କାହାରି ସାହାଯ୍ୟ ଚାହିଁନାହାନ୍ତି ।

ଆଜି ସାବିତ୍ରୀ ଓଷାରେ ସ୍ୱାମୀଙ୍କ ଶୁଭମନାସି ପୂଜାକରିବାକୁ ଧାଇଁଆସିଛି ସେ । ଏଇ ମନ୍ଦିରର ଦେବୀ ଓ ଫୁଲମାଉସୀ ବିମଳାଙ୍କ ସଂଘର୍ଷର ମୂକସାକ୍ଷୀ । ନିଜ ମାଆ ପରି ତ ସେ ସବୁକିଛି ଏଇ ଫୁଲମାଉସୀକୁ କହେ। ଫୁଲମାଉସୀକୁ ଆଶୀର୍ବାଦ ମାଗି ଜୁହାର ହଉହଉ ମାଉସୀ କାନ୍ଦିକାନ୍ଦି କହିଉଠିଲା, ''ଅୟିସୁଲକ୍ଷଣୀ ହୋ ଲୋ ..ପାକଲା ବାଳରେ ସିନ୍ଦୂର ନାଆ । ଅଭିଆଡୀ ଜନମ ବାପଘରେ ଛାଡି ସିନ୍ଥିରେ ସିନ୍ଦୂର ଭରି କନକ ଅଞ୍ଜୁଳି ଧରି ଶାଶୁଘର ଆସିବା ପରେ ଜୀବନର ଅଙ୍କ ମିଶିଯାଏ ସ୍ୱାମୀ ସହ । ଟୋପାଏ ସିନ୍ଦୂର ଆଣିଦିଏ ନାରୀ ଜୀବନର ପୂର୍ଣ୍ଣତା । ଝିଅ ତୋ ପତିବ୍ରତା ଭକ୍ତି ତୋତେ ସୌଭାଗ୍ୟବତୀ କରେଇବ ଲୋ । ''

ISSN NO.
2582-208X

...ଏହା ମଧ୍ୟରେ ବିତିଯାଇଛି କୋଡିଏ ବର୍ଷ । ସମୟର ସ୍ରୋତ ବଦଳାଇ ଦେଇଛି ସବୁକିଛି । ମାଆ ବୁଢୀ ନାହାକାଣୀ ଅଛନ୍ତି ସତ ହେଲେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ ହୋଇ ବହୁତ ଉନ୍ନତି ହୋଇଛି । ଆମ୍ବ ଗଛଡାଳୁ କୋଇଲିର କୁହୁକୁହୁ ଶୁଭୁନି କି ଫୁଲମାଉସୀ ବି ଆସି ବସୁନି । ତାଙ୍କ ଜାଗା ନେଇଛି ବିମଳା। ବିମଳାଙ୍କ ସେବାଶୁଶ୍ରୂଷା ଓ ଭକ୍ତି ପାଖେ ପକ୍ଷାଘାତ ରୋଗ ବି ହାର ମାନିଛି । ହେଲେ ବୟସର ଅପରାହ୍ଣ ରେ ଉପନୀତ ସରୋଜଙ୍କ ପାଖେ ପରିବାର ଭରଣପୋଷଣ ପାଇଁ ଖଟିବାକୁ ବଳ ନାହିଁ । ଦୁଃଖ ଦାରିଦ୍ର୍ୟର କଷଟି ପଥରରେ ପେଷି ହୋଇହୋଇ ଲୋଚାକୋଚା ଚମ ଆବରଣରେ ବି ବିମଳା ନାଲି ସିନ୍ଦୂର ମଥାଏ ନାଇ ଫୁଲମାଳା ବିକ୍ରି କରି ପେଟ ପୋଷୁଛି । ହେଲେ ମନରେ ବରଫପରି ଜମାଟ ବାନ୍ଧିଥିବା ଅସରା କୋହ ଖାଲି ଈଶ୍ୱର ହିଁ ଜାଣନ୍ତି। ଖାଲି ବଞ୍ଚିବାପାଇଁ ମୁଠାଏ ଫୁଟାଇଦିଏ, ପେଜ ନିଗିଡିବା ସାଙ୍ଗକୁ ଅମାନିଆ ଲୁହ ଦି ଧାର ବି ନିଗିଡି ପଡେ ଆଖିକୋଣରୁ।

ତଥାପି ବାଞ୍ଝ ସେ ତା ମୁହଁକୁ ଚାହିଁଲେ ଯଶ ନାହିଁ ସାହିପଡିଶାଙ୍କ ଟାହିଟାପରାକୁ ଖାତିର କରେନାହିଁ ସେ । ନିଃସନ୍ତାନ ଦମ୍ପତି ଭାବେ ବେସାହାରା କି ଅସହାୟ ହୋଇପଡିନାହାନ୍ତି ସେମାନେ । ଏତେ ଦଃଖଦୁର୍ଦ୍ଦଶା ଭିତରେ ବି ନିଜ ବାର୍ଦ୍ଧକ୍ୟ ଭତ୍ତା ଟଙ୍କାକୁ ପାଖ ଅନାଥାଶ୍ରମ ପିଲାଙ୍କ ପାଇଁ ଦେଇଆସନ୍ତି । ସେମାନଙ୍କୁ କିଛି ଖୁଆଇ ତାଙ୍କ ହସଖୁସି ଦେଖି କୁଆଡେ ବିମଳାଙ୍କୁ ପରମ ଆତ୍ମସନ୍ତୋଷ ମିଳେ ।

ବିମଳାଙ୍କ ମା' ପଣିଆ ଆଜିର ସମାଜ ପାଇଁ ଏକ ଉଦାହରଣ । ବିମଳା କୁହନ୍ତି, ''କିଏ କହିଲା ମୁଁ ଶୂନ୍ୟଗର୍ଭା ? ମୋର ପରା ଆଶ୍ରମରେ କେତେ ପୁଅ ଝିଅ ..'' ସବୁବେଳେ ନିଜ ସ୍ୱାମୀଙ୍କ କଥା ଚିନ୍ତା କରିକରି ନିଜର ମସ୍ତକ କର୍କଟ ରୋଗକୁ ଲୁଚେଇଲୁଚେଇ ବିମଳା ଆଜି ଶେଷ ସୋପାନରେ ପହଁଚିଛି ।

ସମୟ ପ୍ରାୟ ଦିନ ୧୧ଟା । ବିମଳା ଘରର ଦରଜା ଏଯାଏ ଖୋଲିନି । ସାଇପଡିଶା ଲୋକେ କେତେ କଣ ଭାବି ଶେଷକୁ କବାଟ ଭାଙ୍ଗି ଯାହା ଦେଖିଲେ ଆଖିରେ ଲୁହ ରହିଲାନି। ସରୋଜଙ୍କ କୋଳରେ ମୁଣ୍ଡରଖି ଶେଷ ନିଃଶ୍ୱାସ ତ୍ୟାଗ କରିଛି ବିମଳା । କାନ୍ଦିକାନ୍ଦି ପଥର ପାଲଟି ଯାଇଛନ୍ତି ସରୋଜ । ''ଅୟରାଣୀ ହୋଇ ଟୋପାଏ ସିନ୍ଦୂର

ISSN NO.
2582-208X

ଦିପଟ ଶଙ୍ଖା ନେଇ ମଶାଣୀ ଯିବାକୁ କହୁଥିଲା ସବୁବେଳେ ..ମୁଁ ସ୍ୱାମୀ ହିସାବରେ ଖଣ୍ଡେ ଦାମି ଲୁଗା କଣି ଦେଇପାରିନି ବୋଲି କେବେ ମନ ଦୁଃଖରେ ଥିଲେ ..ସେ କହୁଥିଲା ଶଙ୍ଖାସିନ୍ଦୂର ତା ପାଇଁ ଦାମି ଗହଣା'', ଏତିକି କହି ଭୋ ଭୋ ହୋଇ କାନ୍ଦିଉଠିଲେ ସରୋଜ । ହଠାତ୍ ହୃଦ୍ ଘାତ ହୋଇ ସେ ବି ଟଳିପଡିଲେ । ପବିତ୍ର ବନ୍ଧନର ଦୁଇ ଶୁଆଶାରୀ ଙ୍କ ମରଶରୀର ମଶାଣୀ ଗଲା । କିଏ ମୁଖାଗ୍ନି ଦେବ ଚିନ୍ତା ପଡିବାବେଳେ ଖବରପାଇ ଅନାଥାଶ୍ରମ ର ପିଲାମାନେ ପହଁଚି କୋହଭରା କଣ୍ଠରେ ଏକ ସ୍ୱରରେ କହିଉଠିଲେ,''ଆମ ବାପାମାଆଙ୍କୁ ଆମେ ମୁଖାଗ୍ନି ଦେବୁ ।''

ମଶାଣି ନିଆଁ ରେ ଗୋଟେ ପବିତ୍ର ପ୍ରେମ ଯୁଗ ଅବସାନ ହେଲା ସତ କିନ୍ତୁ ଟୋପାଏ ସିନ୍ଦୂର ମହତ୍ୱ ସଭିଏଁ ବୁଝିଲେ । ସରପଞ୍ଚ ଓ ଗ୍ରାମବାସୀ ମିଶି ଗାଁର ନାମ ସିନ୍ଦୂରାଖଣ୍ଡ ରଖିଲେ ।

ଶିକ୍ଷକ, ଚଲିକା ନୋଡାଲ ହାଇସ୍କୁଲ, ପୁରୀ

ISSN NO.
2582-208X

# ଡିବିରୁ ତେଲ ସରିବା ପରେ



ରୁଦ୍ର ନାରାୟଣ ଦାଶ

ଡ଼ିବିରୁ ତେଲ ସରିଲାଣି
ସରିବାକୁ ବସିଲେଣି ଏ ସତେଜ ଅତୀତ ସବୁ
ଧୂ ଧୂ ହେଇ ଜଳୁଥିଲେ
ଏଇ ଏବେ ଏବେ
ଏ ମନରୁ ନିଆଁଟା ଲିଭିଯା'ନ୍ତା କି !
ତୁମକୁ ଦେଖିବାର ଇଚ୍ଛା
ତୁମକୁ ଆଙ୍କିବାର ଇଚ୍ଛା
ତୁମକୁ ଛୁଇଁବାର ଇଚ୍ଛାର...।।

ଆଜି ନୁହେଁ ସବୁ ରାତିରେ ଅତୀତ ସବୁ
ଜଳିଉଠନ୍ତି ତୁ ତୁ ମେଁ ମେଁ ହୋଇ
ଏ ବିଳାସୀ ଯୌବନ ବି କମ ନୁହେଁ
କେବଳ ବିଳାପ ଛଡ଼ା ଜାଣେନା କିଛି
ସେ ବୁଝିପାରନ୍ତାକି ଏ କୌମାର୍ଯ୍ୟର ଅସ୍ଥିରତା
ବୁଝିପାରୁଥିଲେ ଏ ବିରହ କ'ଣ ଏମିତି ଆସନ୍ତା
କେବଳ ଥା'ନ୍ତ ତୁମେ ଆଉ ମୁଁ
ତା' ସହ ଏ ନରମ ଓଠର ଗରମ ସ୍ପର୍ଶ ରାତିତମାମ
ଡ଼ିବିରୁ ତେଲ ସରିବା ପରେ....।।

ନୟାପଲ୍ଲୀ, ଭୁବନେଶ୍ୱର
ମୋ– ୯୮୭୧୭୦୧୭୧୪

ISSN NO.
2582-208X

# ଅଳ୍ପ ଆୟୁ ସମ୍ପର୍କ



ଚୈତନ୍ୟ ବାଗ

ପ୍ରେମ ର ପଥ ରେ ପଥିକ ଟେ ସାଜି
ହୋଇଅଛି ବାଟ ବଣା,
ନିଜ କୁ ନିଜେ ଅନୁ ସନ୍ଧାନ କଲେ
ନ ପାଏ ମୁଁ ସ୍ୱ ଠିକଣା ॥

ବାତାୟନ ଖୋଲି ବାରିଦ କୁ ଦେଖେ
ପ୍ରିୟା କି ଆସିବ ଫେରି,
ଜଳଦ ସଙ୍ଗତେ ଲୁଚକାଳି ଖେଳି
ମୋ କଥା ଗଲାଣି ଭୁଲି ॥

ହୃଦୟ ର ବହ୍ନି ହୁଏ ଊର୍ଦ୍ଧଗାମୀ
ମନୁ ନ ପାରେ ତେଜି,
ଅଶ୍ରୁ ସିକ୍ତ ଦୃଶିତ ଲାଲ
ତା ଭାରତୀ ହେଜି ହେଜି ॥

ଭାଗ୍ୟ ରେ ଥିଲା ମୋ ଅଶ୍ରୁ ପୁରଷ୍କାର
ପାଇଛି ଆଜି ପାଉଣା,
ମୋ ଭଲପାଇବା କଲା ତିରଷ୍କାର
ପ୍ରେମ ରେ ଦେଖିଲା ଊଣା ॥

ISSN NO.
2582-208X

ଜଳଦ ପରି ହେଲା ଛିନ୍ନ ଭିନ୍ନ
ସମ୍ପର୍କ ଉଜାଡି ଗଲା,
ବିଶ୍ୱାସ ରେ ଅମାନିଆ ହିଲ୍ଲୋଳ
ଆସି ଭାଙ୍ଗି ଦେଇଗଲା ॥

କ୍ଷୀଣ ଥିଲା ତାର ତା ଭଲପାଇବା
ପ୍ରେମ ତାର ତ୍ୱକସାର
ହୃଦୟ ଜାଣିଲା ହୃଦୟ ବୁଝିଲା
ଅଳ୍ପ ଆୟୁ ସମ୍ପର୍କ ମୋର ॥

ଚଚଆ, କଳାହାଣ୍ଡି

ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକ ନାୟକ

### ୩୫. ଇଶ୍ୱରଙ୍କ ଅସ୍ତିତ୍ୱ ( ? )

ଇଶ୍ୱରଙ୍କ ଅସ୍ତିତ୍ୱ ଓ ଆଧାତ୍ମବାଦ ଉପରେ ସନ୍ଦେହ କରି ମନରେ ପ୍ରଶ୍ନ ଉଠୁଛି କାହିଁକି? ଏହାର କାରଣ ଅନେକ, ଯଥା :-ସମସ୍ତ ଧର୍ମଶାସ୍ତ୍ର ଯଦିଓ ମଣିଷମାନଙ୍କ ଚିନ୍ତନକୁ ହିଁ ମଣିଷମାନଙ୍କ ଦ୍ୱାରା ଲେଖାଯାଇଛି, ସେଗୁଡିକ ଇଶ୍ୱରଙ୍କ ମୁଖ ନିସୃତ ବାଣୀ ବୋଲି ଦାବି କରି ପ୍ରଚାର ହୋଇଛି । ଇଶ୍ୱର ଏକ ନା ଅନେକ ସେଥିରେ ମତଭେଦ ରହୁଛି । ସମସ୍ତ ଇଶ୍ୱର, ଆଲ୍ଲା, ଗଡ୍ ମାନଙ୍କର ପୂଜା ପଦ୍ଧତି, ଆରାଧନା ଆଦି ଭିନ୍ନ ଭିନ୍ନ ପ୍ରକାରେ ପାଳନ କରାଯାଉଛି ।

ସବୁଠାରୁ ଦୁଃଖ ଓ ଚିନ୍ତାର ବିଷୟ ହେଉଛି – ସମସ୍ତେ ପରସ୍ପରଙ୍କ ଇଶ୍ୱର ବିଶ୍ୱାସକୁ ସମ୍ମାନ ଦେଉନାହାନ୍ତି । ସେଇଥିପାଇଁ ଧାର୍ମିକ ଅସହିଷ୍ଣୁତା ଓ ହିଂସା ଦ୍ୱାରା ପୃଥିବୀର କୋଟି କୋଟି ଜନତା ପ୍ରାଣ ବିସର୍ଜନ କରି ସାରିଲେଣି । ଆଜିର ଯୁଗରେ ମଧ୍ୟ ଏହାର ଭୟାବହ ଦୃଶ୍ୟ ଦେଖିବାକୁ ମିଳୁଛି । ସମସ୍ତ ଇଶ୍ୱର ବିଶ୍ୱାସୀଙ୍କର ମତ ଯେ "ଇଶ୍ୱରଙ୍କ ଇଚ୍ଛା ବିନା ଗଛର ପତ୍ର ମଧ୍ୟ ହଲିବ ନାହିଁ", ଅର୍ଥାତ ସବୁ କିଛି ଇଶ୍ୱରଙ୍କ ନିୟନ୍ତ୍ରଣାଧିନ । ତଥାପି ଯଦି ଇଶ୍ୱର ଅଛନ୍ତି, ତେବେ ଏତେ ସବୁ ବିରୋଧାଭାସ ଓ ବିଷମତା କାହିଁକି ?

ଉପରୋକ୍ତ କାରଣ ଗୁଡିକର ତର୍କସଙ୍ଗତ ଉତ୍ତର ଯଦି ଆମର ସମ୍ମାନୀୟ ଶାସ୍ତ୍ର ବିଶାରଦ, ଜ୍ଞାନୀ ଧର୍ମଗୁରୁମାନଙ୍କ ପାଖରେ ଅଛି ତ ଦୟାକରି ସରଳ ଭାଷାରେ ବୁଝାଇ କୁହନ୍ତୁ ।

### ୩୬. ଇଶ୍ୱରଙ୍କ ସ୍ଥିତି:

ମଜାକଥା ହେଉଛି ଯେ ଆଦିମ କାଳରୁ ମଣିଷମାନେ ହିଁ ଇଶ୍ୱରଙ୍କ ଅସ୍ତିତ୍ୱକୁ ପ୍ରମାଣିତ କରିବାପାଇଁ ବିଭିନ୍ନ ଉପାୟ ଖୋଜୁଛନ୍ତି । ଇଶ୍ୱର କିନ୍ତୁ କେବେ ନିଜର ଅସ୍ତିତ୍ୱର ପ୍ରମାଣ

ISSN NO.
2582-208X

ଦିଅନ୍ତୁ ନାହିଁ । ଏଇଥିରୁ ବୁଝା ପଡୁଛି ଯେ, ଯିଏ ନାହିଁ ସେ ନିଜକୁ ପ୍ରମାଣିତ କରିବ କିପରି ?

### ୩୭. ଈଶ୍ୱରଙ୍କ ଅସ୍ତିତ୍ୱ:

ପ୍ରକୃତରେ ଦୁନିଆର ସମସ୍ତ ନିରୀଶ୍ୱରବାଦୀମାନେ ଈଶ୍ୱର ନାହାନ୍ତି ବୋଲି ପ୍ରମାଣ କରିବାକୁ ପ୍ରୟାସ କରୁନାହାନ୍ତି ବରଂ ସେମାନେ ଈଶ୍ୱର ଅଛନ୍ତି ବୋଲି ବିଗତ ୨୦୦୦ ହଜାର ବର୍ଷରୁ ପ୍ରମାଣ ଖୋଜିବାକୁ ପ୍ରୟାସ କରୁଛନ୍ତି । ପ୍ରଶ୍ନ ଉଠୁଛି - ଆଉ କେତେ ଶତାବ୍ଦୀ ଲାଗିବ ପ୍ରମାଣ ଖୋଜିବା ଆଇଁ? ବିଭିନ୍ନ ଗବେଷଣା, ତର୍କ, ଯୁକ୍ତି ଓ ବ୍ୟଙ୍ଗ  ତ ଶେଷ ହୋଇ ଗଲାଣି, ତଥାପି ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ମିଳୁନି ।

### ୩୮. ଈଶ୍ୱରଙ୍କ ସର୍ତ୍ତ:

ପ୍ରତ୍ୟେକ ଧର୍ମର ଈଶ୍ୱର ଧର୍ମଗ୍ରନ୍ଥ ମାଧ୍ୟମରେ ତାଙ୍କର ଭକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି "ମୁଁ ତୁମକୁ ବହୁତ ଭଲପାଏ ଏବଂ ତୁମର ମଙ୍ଗଳକର୍ତ୍ତା । ମୁଁ କିନ୍ତୁ ତୁମର ଅପହଞ୍ଚ ଦୂରତାରେ ନିଜଉ ରଖିଛି । ତୁମପାଇଁ ମୁଁ ଅଦୃଶ୍ୟ, ଅଗମ୍ୟ ଓ ଅଚିନ୍ତନୀୟ । ମୋତେ ଦେଖି ପାରୁନାହିଁ ବୋଲି ତୁମେ ଯଦି ମୋତେ ଅସ୍ୱୀକାର କରି ଅନ୍ୟ କୌଣସି ଈଶ୍ୱରର ଅନୁଗାମୀ ହୋଇଯିବ, ତେବେ ମୁଁ ତୁମକୁ ମୋ ନର୍କରେ ଆଣି ଥୋଇଦେବି ।"

ଏହି ସର୍ତ୍ତ ଶୁଣି ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିବା ଭକ୍ତ କହୁଛି - "ହାଃ ହାଃ ହାଃ ରଖ ତୁମର ସର୍ତ୍ତ । ମୁଁ ଧର୍ମ ପରିବର୍ତ୍ତନ କରିଦେଲେ ମୋତେ ତୁମେ ନର୍କକୁ ପଠେଇ ପାରିବ ନାହିଁ । ମୋର ନୂତନ ଈଶ୍ୱର ମୋତେ ରକ୍ଷା କରିବେ । ସେ ବହୁତ ଦୟାଳୁ । ମୋର ସବୁ ପାପ କ୍ଷମା କରିଦେବେ ।"

ପ୍ରଶ୍ନ ଉଠୁଛି - "ସତରେ କଣ ଏହା ସମ୍ଭବ? ଗୋଟିଏ ଧର୍ମରେ ଥାଇ ପାପ କରିଥିବା ଲୋକ ଅନ୍ୟ ଧର୍ମ ଗ୍ରହଣକଲେ ତାର ସବୁ ପାପ କଣ ଧୋଇଯିବ? ଆସ୍ତିକବାଦୀ ମଣିଷମାନଙ୍କର ଚାଲାକି ବୁଝି ପାରୁନଥିବା ଈଶ୍ୱରମାନେ କଣ ସତ୍ତେ ବୋକା?" ସେହି ଭକ୍ତମାନେ ଜାଣି ରଖିବା ଉଚିତ ଯେ ପ୍ରତ୍ୟେକ ଦେଶର ଆଇନ ଓ ପ୍ରଶାସନ ବୋକା ନୁହେଁ । ଦୋଷ କଲେ  ତୁମକୁ ନେଇ ଜେଲରେ ଠୁଙ୍କିଦେବେ ।

ISSN NO.
2582-208X

୩୯. ପୃଥିବୀରେ ବିଭିନ୍ନ ଧର୍ମ ସମ୍ପ୍ରଦାୟର ଭକ୍ତମାନେ ପରସ୍ପରଙ୍କ ସହ ପ୍ରତିସ୍ପର୍ଦ୍ଧା, ଇର୍ଷା, ଘୃଣା ଓ ହିଂସା ପ୍ରଦର୍ଶନ କଉଥିବା ବେଳେ ଯଦି ସତ୍ୟେ ଈଶ୍ୱର ଆସି ସେହି ମଣିଷମାନଙ୍କ ଆଗରେ ଉଭା ହୋଇ କହିବେ – "ଆରେ ମୂର୍ଖ ଲୋକମାନେ, ଏହା ସବୁ ବନ୍ଦ କର । ମୁଁ ହେଉଛି ଭଗବାନ ।" ସେହି ତଥାକଥିତ ଭକ୍ତମାନେ ତାଙ୍କୁ ପ୍ରଶ୍ନ କରିବେ – ତୁମେ କେଉଁ ସମ୍ପ୍ରଦାୟର ଭଗବାନ? ଅର୍ଥାତ କେହି ଜାଣିନାହାନ୍ତି ନିଜର ସର୍ବଶକ୍ତିମାନ, ସର୍ବଜ୍ଞ, ସର୍ବବିଦ୍ୟମାନ ଓ ମଙ୍ଗଳକର୍ତ୍ତା ଭଗବାନ ଜଣକ କିଏ?

### ୪୦. ଈଶ୍ୱର ଦତ୍ତ ବୁଦ୍ଧି?

ଆଧ୍ୟାତ୍ମବାଦୀମାନେ, ନିରୀଶ୍ୱରବାଦୀଙ୍କୁ ଉପଦେଶ ଦେଇ କୁହନ୍ତି –"ଈଶ୍ୱର ତୁମକୁ ଯେଉଁ ବୁଦ୍ଧି ବିବେକ ଦେଇଛନ୍ତି ତାକୁ ବ୍ୟବହାର କରି ଈଶ୍ୱର ଓ ଆଧ୍ୟାତ୍ମିକବାଦର ଗଭୀର ରହସ୍ୟ ଜାଣିବାକୁ ଚେଷ୍ଟାକର ।"

ନିରୀଶ୍ୱରବାଦୀଙ୍କ ଉତ୍ତର – ପ୍ରଥମ କଥା ହେଉଛି ଯେ ମଣିଷକୁ ବୁଦ୍ଧି ଓ ବିବେକ କୌଣସି ତଥାକଥିତ ଈଶ୍ୱର ଦେଇନାହାନ୍ତି । ବିବର୍ତ୍ତନ ପ୍ରକ୍ରିୟାରେ ବହୁତ ଧୀରେ ଧୀରେ ମାନବର ମସ୍ତିଷ୍କ ବିକଶିତ ହୋଇଛି । ଯେଉଁଥିରେ ବୁଦ୍ଧି ଓ ବିବେକ ନାମକ ଦୁଇଟି ମାନବୀୟ ଚେତନା ସୃଷ୍ଟି ହୋଇଛି । ଦ୍ୱିତୀୟରେ ଯଦି ସେମାନଙ୍କର କଥା ସତ ବୋଲି ମାନିବା ତେବେ ପ୍ରଶ୍ନ ଉଠୁଛି – "ଆଧ୍ୟାତ୍ମବାଦୀମାନେ ସେହି ଈଶ୍ୱରଙ୍କ ଦତ୍ତ ବୁଦ୍ଧି ଓ ଜ୍ଞାନକୁ ବ୍ୟବହାର କରି ବିଶ୍ୱ ଓ ପ୍ରକୃତିର ଗଭୀର ରହସ୍ୟକୁ ବୁଝି ପାରୁନାହାନ୍ତି କାହିଁକି? "ସବୁ କିଛି ଈଶ୍ୱରଙ୍କ ଲୀଳା" କହି ହାତ ଟେକି ବସି ପଡୁଛନ୍ତି କାହିଁକି? କାଳ୍ପନିକ ଈଶ୍ୱରକୁ ସତ ଏବଂ ପ୍ରକୃତିକୁ ଏକ ଅବୁଝା ରହସ୍ୟ ବୋଲି ମାନୁଛନ୍ତି କାହିଁକି?"

ସେମାନେ ଜାଣି ରଖନ୍ତୁ, ପୃଥିବୀର ସମସ୍ତ ବୁଦ୍ଧିଜୀବୀ ଓ ନିରୀଶ୍ୱରବାଦୀ ନିଜର ବୁଦ୍ଧି ଓ ବିବେକ ଭଲଭାବେ ବ୍ୟବହାର କରୁଥିବାରୁ ହିଁ ଈଶ୍ୱର ସତ୍ତାକୁ ସାହସର ସହିତ ଅସ୍ୱୀକାର କରୁଛନ୍ତି ।

କ୍ରମଶଃ.....

Mob:94820 16260

ISSN NO.
2582-208X

# ଅବୁଝା ମନ



ଦେବାର୍ଚ୍ଚନ ମେହେର

ଯେତେ ବୁଝାଇଲେ
ବୁଝେନା ଏ ମନ,
ଖୋଜେ କେବଳ ତୁମକୁ
ଦେଇ ମନ ତନ।।

ଆଜିବି ଖୋଜୁଛି ମୁଁ
ହୋଇ ବିକଳ ତୁମକୁ,
ଦେଲ କି ମୋହନି ଲଗେଇ
ପାରୁନି ବୁଝାଇ ନିଜକୁ।।

ତୁମକୁ ଦେଖିବା ଦିନଠୁ
ଦେଇଥିଲି ମୋ ମନ,
ମୋ କଥା ନ କରି ଚିନ୍ତା
ଚାଲି ଗଲ ମୋତେ ଏକା କରି ଧନ।।

ଯେତେ ଚେଷ୍ଟା କଲେ
ତୁମରି ସୌନ୍ଦର୍ଯ୍ୟ ମୁଖକୁ ପାରୁନି ମୁଁ ଭୁଲି,
କେବେ ପାରିବି ନି ପାଶରି
ତୁମ ଆଖିର ଚାହାଣି କଥା କହିବାର ଶୈଳୀ।।

ନିତି ଆସ
ମୋ ସପନକୁ ତୁମେ,
ଆଖି ଖୋଲି ଦେଖିଲେ
ନ ଥାଅ ପାଖରେ ତୁମେ।।

ଗ୍ରାମ – ବାପୁଜୀନଗର
ଜିଲ୍ଲା – ବୌଦ୍ଧ
ମୋ – ୭୮୯୪୩୪୩୫୫୨

ISSN NO.
2582-208X

# ଋତୁ ରାଜ ବସନ୍ତ



ଦୀପକ ନାୟକ

ପାହାନ୍ତା ପହର ବିଦାୟ ମେଲାଣି
ପର ହୁଏ ସମୟ ।
ଝିଅ ବିଦା ପରି
ବିଦା ହୋଇଗଲା ଶୀତ ।
ସୁଲୁ ସୁଲୁ ବାଆ ଝୁଲଣାରେ
ତୁମେ ଆସିଗଲ ଋତୁ ରାଜ ।
ମଳୟ ମୁରୁତ ସହ ମିସି
ପଳାସଫୁଲ ସ୍ୱାଗତ କରେ ତମକୁ ।
ଋତୁ ରାଜ ତମ ଆଶିବା
ଖୁସି ରେ ଧରା ବିମୃହିତ ।
ପଳାସଫୁଲ ସେ ହସରେ
ଆଜି କବି ବନ୍ଧୁ ମୋର ବିମୃହିତ।
ହେ ଋତୁ ରାଜ ତୁମ ରୁପ
ସତେ ସ୍ୱର୍ଗ ଅପସରା।
ହେ ବସନ୍ତ ତୁମେ ଆସ
ବୃଯ ରାଜି ସବୁଜିମା ହୋନ୍ତି।
ଶୁଲୁ ଶୁଲୁ ମଳୟ ମୁରୁତ
ସଦା ଚିତ ହରୁଥା ଏ ବସନ୍ତେ।

ଯାଜପୁର

ISSN NO.
2582-208X

# ବଣମଲ୍ଲୀ

ଟୁକୁନା ସାହୁ

ସ୍ୱପ୍ନ ପାଇଁ ଏଠି ରାତିଟା ନିଅଣ୍ଟ
ଶ୍ରମେ ଅସ୍ତି ମଜା ଭଗ୍ନ
ଲାଜ ଢ଼ାଙ୍କିବାକୁ କନା ମିଳେନାହିଁ
ଶରୀରଟା ଅଧ ଲଗ୍ନ ।
ଭୋକର ଜ୍ୱାଳାରେ ଅନ୍ନର ସନ୍ଧାନ
ନିତି କରେ ବାଟ ବଣା
ସଂସାର ବନସ୍ତେ ଅଦିନେ ଉଜୁଡେ
ପ୍ରତିଭାର ମହୁଫେଣା ।
ସରେନି ସଂଘର୍ଷ ହଟେନି ଦାରିଦ୍ର୍ୟ
ବୁଝେ ନାହିଁ ପ୍ରଶାସନ
ଅଭାବ ରୋଗରେ ପୀଡ଼ିତ ଗରିବ
ହୁଏ ନିତି ହୀନିମାନ ।
ନାହିଁ ପ୍ରତିକାର ହେଲାଣି ଉଛର
ତଥାପି ସର୍ବେ ନୀରବ
ଉଜୁଡ଼ି ଗଲାଣି କେତେକ ପ୍ରତିଭା
ଭାଙ୍ଗେନି ଛାମୁଙ୍କ ଗର୍ବ ।

ISSN NO.
2582-208X

# ସର୍ବ ଭାରତୀୟ ଚାକିରି ପାଇଁ ଆମ ପିଲା କେତେ ସମର୍ଥ ?



ପ୍ରତାପ ଚନ୍ଦ୍ର ସାହୁ

ବର୍ତ୍ତମାନ ବିଦ୍ୟାଳୟ ଗୁଡିକ ର ରୁପାନ୍ତରିକରଣ ପ୍ରକ୍ରିୟା ଚାଲିଛି। ସ୍କୁଲ ହେଉ କି କଲେଜ ହେଉ ସୈକ୍ଷିକ ପରିବେଶ ସୃଷ୍ଟି କରିବା ନିତ୍ୟାନ୍ତ ଜରୁରୀ। କିନ୍ତୁ ଭିତ୍ତିଭୂମି ସଜାଡ଼ିବା ସାଙ୍ଗେ ସାଙ୍ଗେ ସକ୍ଷିକ ଭିତ୍ତିଭୂମି ଅର୍ଥାତ ଗୁଣାତ୍ମକ ଶିକ୍ଷା ନିମନ୍ତେ ପ୍ରୟାପ୍ତ ଶିକ୍ଷକ ନିଯୁକ୍ତି ଦେବାର ଆବଶ୍ୟକତା ରହିଛି। ବିଦ୍ୟାଳୟ ତଥା ମହାବିଦ୍ୟାଳୟ ମାନଙ୍କରେ ପଢୁଥିବା ମେଧାବୀ ଛାତ୍ର ଛାତ୍ରୀ ମାନଙ୍କୁ ଚିହ୍ନତ କରି (ତଳ ସ୍ତର ରୁ ଆରମ୍ଭ କରି ଉପର ସ୍ତର ପର୍ଯ୍ୟନ୍ତ) ସେଇ ମେଧାବୀ ପିଲାଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସେମାନଙ୍କର ଜ୍ଞାନ ପିପାସୁ ବୃଦ୍ଧି କରାଇବାର ଆବଶ୍ୟକତା ରହିଛି। ସେଥିପାଇଁ ଶିକ୍ଷକ ତଥା ଅଧ୍ୟାପକ ମାନଙ୍କୁ ପ୍ରୋତ୍ଛାହିତ କରାଯିବ ବାଞ୍ଛନିୟ। କାରଣ ଶିକ୍ଷକ ହିଁ ପିଲା ମାନଙ୍କ ର ଜ୍ଞାନ ପିପାସୁ ଆଶା ପୂରଣ କରିବାରେ ସାହାଯ୍ୟ କରି ପାରିବେ।

ସର୍ବ ଭାରତୀୟ ସେବା ପରୀକ୍ଷା ଗୁଡିକ ରେ ଆମ ଓଡିଶା ର ପିଲା ମାନେ ନୈରାଶ୍ୟଜନକ ପ୍ରଦର୍ଶନ ଓଡିଶା ବାସି ଙ୍କ ମନରେ ଦାରୁଣ ଆଘାତ ଦେଇଛି। ଆଉ ଆଗ ଭଳି ସଫଳତା ମିଳୁ ନାହିଁ ଆମ ଓଡ଼ିଆ ପିଲାଙ୍କୁ। ପ୍ରଥମେ ବିଶ୍ୱ ବିଦ୍ୟାଳୟ ପରିସର ରେ ଅଜସ୍ର ଅର୍ଥ ବିନିମୟରେ ସର୍ବ ଭାରତୀୟ ସେବା ପରୀକ୍ଷା ଦେବା ପାଇଁ ଇଚ୍ଛୁକ ଥିବା ପ୍ରାର୍ଥି ମାନଙ୍କ ନିମନ୍ତେ ଆଇ ଏ ଏସ କୋଚିଙ୍ଗ୍ ସେଣ୍ଟର ଖୋଲିଲେ ହେଲେ କିଛି ଲାଭ ହେଲା ନାହିଁ। ତା ପରେ ଲକ୍ଷ ଲକ୍ଷ ଖର୍ଚ୍ଚ କରି ଏ ଦାୟିତ୍ୱ ଘରୋଇ ସଂସ୍ଥା କୁ ଦିଆଗଲା। ପିଲେ ସେଇଠି କୋଚିଙ୍ଗ୍ ନେଲେ ହେଲେ ଯଥା ପୁର୍ବମ୍ ତଥା ପରମ ପରିସ୍ଥିତି ଦେଖାଦେଲା। ସର୍ବ ଭାରତୀୟ ସ୍ତରରେ ଆମର ପିଲା ଆଉ ଅଗର ଭଳି ଆଖି ଦୃଷ୍ଟି ଆ ଫଳ ମିଳୁ ନାହିଁ। ଶିକ୍ଷାବିତ୍ତ ଓ ବୁଦ୍ଧିଜୀବି ମହଲ ରେ ଏ ନେଇ ଆତଙ୍କ ଖେଳି ଯାଇଛି। ସତରେ କଣ ଆମର

ISSN NO.
2582-208X

ପିଲା ଏତେ ଖରାପ? ମନକୁ ପ୍ରଶ୍ନ ଆସେ। ନା ସେମାନଙ୍କ ଉଚିତ ଶିକ୍ଷା ଯୋଗାଇ ଦେବାରେ କୋଉଠି ଅସୁବିଧା ରହୁଛି ! ସମସ୍ତ ବାପା ମା ଚାହାନ୍ତି ମୋ ପୁଅ/ଝିଅ ଆଇ ଏ ଏସ ହେଉ। ସେମାନେ ମଧ୍ୟ ପ୍ରସ୍ତୁତ ଯେ କୌଣସି ମୂଲ୍ୟ ଦେଇ ତାଙ୍କ ପିଲାଙ୍କୁ କୋଚିଙ୍ଗ୍ ଦିଆଇବେ। ଏଇ ସବୁ ବ୍ୟବସ୍ଥା ସରକାର କରିବା କଥା। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି କୋଉଠି ତ୍ରୁଟି ରହି ଯାଉଛି ଯେ ମେଧାବୀ / ଅତି ମେଧାବୀ ପିଲା ଥାଉ ଥାଉ କାହିଁକି ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ରେ ଏପରି ନୈରାସ୍ୟଜନକ ପ୍ରଦର୍ଶନ ହେଉଛି। ଶିକ୍ଷା କୁ କେତେକ ଅଂଶ ରେ ବ୍ୟବସୟିକ ପ୍ରକ୍ରିୟା ରେ ପରିଣତ କରିଦିଆ ଗଲାଣି।

ବୁଦ୍ଧିଜୀବି ଓ ଶିକ୍ଷାବିତ୍ତ ମାନେ ଘରୋଇ ସଂସ୍ଥା ଏ ଦାୟିତ୍ୱ ଦେବା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଉପଯୁକ୍ତ ସୈକ୍ଷିକ ସହାୟତା ର ଅଭାବ ଯୋଗୁଁ ସର୍ବଭାରତୀୟ ସେବା ପାଇଁ ହେଉଥିବା ପରୀକ୍ଷା ରେ ଆମ ଓଡ଼ିଆ ପିଲା ମାନେ ବିଫଳ ହେଉଛନ୍ତି। ସେମାନଙ୍କର ସାମର୍ଥ୍ୟ ବଢାଇବା ପାଇଁ ଘରୋଇ ସଂସ୍ଥା ଅପେକ୍ଷା ଆମର ବିଶ୍ୱ ବିଦ୍ୟାଳୟ ଗୁଡିକ ଅଧିକ ସକ୍ଷମ। କେବଳ ଆନ୍ତରିକତା ସହ କାର୍ଯ୍ୟ ସମ୍ପାଦନ କଲେ ହେଲା। ଆଉ ଏକ କଥା ଲୋକ ସେବା ଆୟୋଗ ଯେଉଁ ପରୀକ୍ଷା କରିଥାନ୍ତି ତାହାର ଢାଞ୍ଚା ରେ ଅନେକ ପରିବର୍ତ୍ତନ ହୋଇଗଲାଣି ଏବେ ଦେଖିବାକୁ ମିଳୁଛ ଯେ ସାଧାରଣ ବର୍ଗ ଅର୍ଥାତ କଳା, ବିଜ୍ଞାନ ଓ ବାଣିଜ୍ୟ ର ପିଲା ଅପେକ୍ଷା ବୈସୟିକ ଶିକ୍ଷା ପ୍ରାପ୍ତ ପିଲା ଅଧିକ ରୁ ଅଧିକ ସଫଳତା ପାଉଛନ୍ତି। ପ୍ରିଲିମିନେରି ଓ ମେନ ଏପରି ଦୁଇ ପର୍ଯ୍ୟାୟ ରେ ପରୀକ୍ଷା ଅନୁଷ୍ଠିତ ହୋଇଥାଏ । ବିନା କୋଚିଙ୍ଗ୍ ରେ ବି ପିଲା କୃତକାର୍ଯ୍ୟ ହେବାର ନରର ରହିଛି। ଦିଲ୍ଲୀ ର ଏକ ନାମି ଦାମି ଘରୋଇ ସଂସ୍ଥା ଭଲ କୋଚିଙ୍ଗ୍ ଦେଉଛି ବୋଲି ଶୁଣି ଓଡିଶା ର ଅଧିକାଂଶ ପିଲା ଦିଲ୍ଲୀ ଯାଆନ୍ତି। କିନ୍ତୁ ନିଜ ଉପରେ ରହିଲା କୃତକାର୍ଯ୍ୟ ହେବା ବା ନହେବା। ଘରୁ ବାହାର କୁ ପଳେଇଲେ, ପିଲେ ନିୟନ୍ତ୍ରଣ ବାହାରେ। ଏଣୁ ସଫଳତା କୁଆଡୁ ପାଇବେ? କେବଳ ବାପାଙ୍କ ଠୁ ଅଜସ୍ର ପଇସା ନେଇ ଅସତ ମାର୍ଗ ରେ ଖର୍ଚ୍ଚ କରି ଉଡାଇବା କଥା। ସେମାନେ ଯଦି ଉତ୍ତମ ତତ୍ୱବଧାରକ ଅଧୀନ ରେ ରହି ତାଲିମ ନିଅନ୍ତେ ତାହାହେଲେ ବୋଧେ ସୁଫଳ ମିଳନ୍ତା। ଶିକ୍ଷକ ତଥା ଅଧ୍ୟାପକ ଙ୍କୁ ପ୍ରୋତ୍ଛାହିତ କରାଯାଇ ପିଲା ମାନଙ୍କ ମନରେ ଉଚ୍ଚ ହେବାର ଆଶା (ବୀଜ) ଅଙ୍କୁରୋଦଗମ୍ କରାଇ ପାରିଲେ ଉଚିତ ମାର୍ଗ ଦର୍ଶନ କରାଇ ପାରିଲେ ନିଶ୍ଚିତ ଭାବେ

ISSN NO.
2582-208X

ପିଲେ ସର୍ବ ଭାରତୀୟ ସେବା ପରୀକ୍ଷା ରେ ଭଲ କରି ପାରିବେ। ନିରନ୍ତର ଶିକ୍ଷା ଲାଭ କରି ଆସୁଥିଲେ, ଆଗ୍ରହ ଥିଲେ କୋଚିଙ୍ଗ୍ ନନେଇ ବି ସର୍ବ ଭାରତୀୟ ସେବା ପରୀକ୍ଷା ରେ ନିଶ୍ଚିତ ଭାବେ ସଫଳତା ମିଳିବ। ପିଲାମାନେ କିପରି ପରିବର୍ତ୍ତିତ ଶିକ୍ଷା ସହିତ ଖାପ ଖୁଆଇ ନିଜର ସାମର୍ଥ୍ୟ ବଢ଼ାଇ ପାରିବେ, ସେ ଦିଗରେ ସରକାର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

ନବରଙ୍ଗପୁର
୯୪୩୭୭୮୮୭୦

ISSN NO.
2582-208X

# ନୀଳ ଅର୍ଚ୍ଛନା



ନଲେଶ କୁମାର ଭୋଇ

ସାଗର ସାଗର କହିବୁନି
ପ୍ରିୟାକୁ ମୋର....(୧)
ସେ ମୋ' ଆଖିର ଆଇନା
ସେ ମୋ' ମନର ଭାବନା
ସେ ମୋ' ହୃଦୟେ ସ୍ପନ୍ଦନା
ସାଗର ସାଗର କହିବୁନି
ପ୍ରିୟାକୁ ମୋର....(୨)
ସେ ମୋ' ମୟୁର ଚନ୍ଦ୍ରିକା
ସେ ମୋ' ଜହ୍ନର ଶିଖା
ସେ ମୋ' ଇନ୍ଦ୍ରଧନୁ ରେଖା
ସାଗର ସାଗର କହିବୁନି
ପ୍ରିୟାକୁ ମୋର ..(୩)
ସେ ମୋ' କନ୍ୟାକୁମାରୀ
ସେ ମୋ' ହିମାଳୟୀ
ସେ ମୋ' କାଠଜୋରୀ
ସାଗର ସାଗର କହିବୁନି
ପ୍ରିୟାକୁ ମୋର.... (୪)
ସେ ମୋ ବୀଣାର ବାଦନା
ସେ ମୋ ଗଙ୍ଗାର ଝରଣା
ସେ ମୋ ସପ୍ତର୍ଷି ମଣ୍ଡନା

ISSN NO.
2582-208X

ସାଗର  ସାଗର  କହିବୁନି
    ପ୍ରିୟାକୁ ମୋର....(୫)
ସେ  ମୋ ରକ୍ତର କଣିକା
ସେ  ମୋ ବେଦର ଲେଖା
ସେ ମୋ ଔଷଧ ପତ୍ରିକା
ସାଗର  ସାଗର  କହିବୁନି
    ପ୍ରିୟାକୁ ମୋର...(୬)
ସେ ମୋ ନାଟ୍ୟର ନୃର୍ତ୍ତକୀ
ସେ ମୋ ସରସ୍ୱତୀ ମୁରତି
ସେ  ମୋ କାବ୍ୟର ପୀରତି
ସାଗର ସାଗର କହିବୁନି
   ପ୍ରିୟାକୁ  ମୋର..(୭)
ସେ ମୋ ବଂଶୀର  ସ୍ୱର
ସେ  ମୋ ରଙ୍ଗ ଅଧିର
ସେ ମୋ ସଜ ଟଗର
ସାଗର  ସାଗର  କହିବୁନି
    ପ୍ରିୟାକୁ ମୋର...(୮)
ସେ ମୋ ମନ୍ଦିରେ ମନ୍ଦାର
ସେ ମୋ କୋଇଲିର ସ୍ୱର
ସେ ମୋ ଅର୍ଚ୍ଚନା, ଅର୍ଚ୍ଚନା
ସାଗର  ସାଗର  କହିବୁନି
    ପ୍ରିୟାକୁ ମୋର....
ହେ !  ସାଗର...ହେ ! ସାଗର

ISSN NO.
2582-208X

# ସାହିତ୍ୟ ମୋ ଜୀବନ



ଟୋକସ ଗ୍ରେହିଦାସ

ଲେଖୁଛି ଲେଖୁଥିବି ସଦା କବିତା ମୋ ସାହିତ୍ୟ ଭାଷା...
ଜୀବନ ର ପ୍ରତିଟି ମୁହୂର୍ତ ଲେଖେ ସାହିତ୍ୟ ପ୍ରତି ଅଛି ମୋର ଆଶା....!!

ଜୀବନ ବାଟରେ କେତେ ଯେ ଝଡ଼ ବୈଶାଖୀ ତଥାପି ହାରେନି...
ନୂଆ ସକାଳ ର ସେଇ ସୁରୁଜ ହୋଇ
ଦୁନିଆ ରେ ଦିନେ ରହିବି କି ଜାଣିନି...!!

ଯେତେ ଲେଖିଲେ ମଧ୍ୟ କଲମ ସତେ ଆଉ ଯେ ରହୁନି...
ଚାରି ପାଖରେ ଯାହା ଦେଖେ ମୋ ଆଖି ଲେଖି ବସେ କେବେ ସେ ସରେନି....!!

କୁହୁ କୁହୁ କରେ କୋଇଲି ସତେ
ଗୀତ ଯେ ମଧୁର ବାଣୀ...
ହସେ ଆଜି ଦେଖ ମୋ ପରିବେଶ ଧନ୍ୟ ହୋଇ ଯାଏ ମା ଧରଣୀ....!!

ଯୁଗେ ଯୁଗେ ଲେଖା ହୋଇଛି କେତେ ପୂରଣ ପୋଥି ସେଇ କାହାଣୀ...
ଜ୍ଞାନ ବଳେ ସଫଳ ହୁଏ ସେ ଲେଖା ଅଛି ସାଧୁ ବାଣୀ....!!

ପ୍ରେମ ମୟ ଏଇ ସଂସାରେ ସାର ସତ୍ୟ ଧର୍ମ ର ହୋଇଛି କେତେ ଯେ ଲଢେଇ...
ମିଛ କୁହେ ଯିଏ ଅସତ୍ୟ ବାଟରେ ଯାଇ....!!

ପାମର୍, ଜିଲ୍ଲା-ସୁନ୍ଦରଗଡ଼

ISSN NO.
2582-208X

# ଲଣ୍ଠନ

ଅନନ୍ତ କୁମାର

ସମୟ ଥିଲା ଗାଁ ଯାକର କିଟି କିଟି, ଅନ୍ଧାରକୁ ଦୂର କରୁଥିଲା ସାରା ଗାଁ ରେ ଘରେ ଘରେ ମିଞ୍ଜି, ମିଞ୍ଜି, ଆଲୁଅ ଦେଇ ପରିବାରକୁ ଆଲୋକିତ କରୁଥିଲା । କେଇ ଟୋପା କିରୋସିନ ରେ ଘର, ବାହର ଆଲୋକିତ କରୁ ଥିଲା । ଏମିତି କି ସେତେ ବେଳର ଲୋକ ହାଟ କରିବାକୁ ଲଣ୍ଠନ ନେଇ ଯିବା ଆସିବା କରୁ ଥିଲେ । ସବୁ ଗାଁ ର କାମ, କାର୍ଯ୍ୟ ରେ ମଧ୍ୟ ଦେଖା ଯାଉ ଥିଲା । ମନ୍ଦିରରେ ରାତି ଯାକ ଯୁକୁ ଯୁକୁ ହେଇ ସାରା ମନ୍ଦିର କୁ ଆଲୋକିତ ପ୍ରଦାନ କରୁଥିଲା । ନାଁ ବିଲ ଦେବାକୁ ପଡୁଥିଲା, ନା କିଛି ଅଧିକ ମୂଲ୍ୟ ଥିଲା । ବାସ କେଇ ଟଙ୍କା ରେ କାଚ, ଆଉ ସଳିତା, ଆଉ ଟିକେ କିରୋସିନ ରେ ଆଲୋକିତ କରୁଥିଲା । ଝଡ, ପବନ, ବାତ୍ୟା, ବନ୍ୟା ସବୁର ସାହା ଭରସା ସେତେବେଳେ ଏହି ଲଣ୍ଠନ । କେତେ ବଡ ବଡ ଝଡ, ତୋଫାନ ଭଳି ବିପଦରେ ସାହା ଏହି ମିଞ୍ଜି ମିଞ୍ଜି ଜଳୁଥିବା ଲଣ୍ଠନ । ଚାଷୀ ଘରର ପରିବାରରେ ହାତ ବାରିସି ସଦାବେଳେ ମିଞ୍ଜି, ମିଞ୍ଜି ଜଳୁଥିବା ଲଣ୍ଠନ । ରାତି ଅଧରେ କ୍ଷେତ ଜଗିବା ହେଉ, ରାତି ଅଧରେ ଚାଷ ଜମି କୁ ପାଣି ବହିବା ହେଉ ସବୁ ବେଳେ ଚାଷୀ ହାତରେ ଲଣ୍ଠନ ଥାଏ । ନାଁ ଥାଏ ଡାହାଣି, ଚିରଗୁଣିକୁ ଡର ନା ଥାଏ ମଶାଣିକୁ, ଯେତେ ରାତି ହେଉ ପଛେ ଯଦି କାହାରି ଶବ ଯାଏ ମଶାଣି କୁ, ଲଣ୍ଠନ ସମସ୍ତଙ୍କ ହାତରେ ଥାଏ । ସେତେ ବେଳେ ଲଣ୍ଠନ ସବୁ କ୍ଷେତ୍ରରେ ଆଗରେ ଥିଲା,ବିଜୁଳି ବତୀ କଣ ପିଲା କଣ ଦେଖି ନ ଥିଲେ । ଏହି ଲଣ୍ଠନର ଯୁକୁ ଯୁକୁ ଆଲୁଅରେ ବହିର କିଛି ଅଂଶ ଦେଖା ଗଲେ ଅନ୍ୟ ଅଂଶ ଲୁଚି ଯାଏ ଛାଇ ରେ ତଥାପି, ଅନେକ ପିଲାମାନଙ୍କ ଭବିଷ୍ୟତ ଆଲୋକିତ କରିଛି ଏ ଲଣ୍ଠନ । ଏହି ଲଣ୍ଠନରେ ପିଲା ମାନେ ପାଠ ପଢ଼ି ବଡ ବଡ ହାକିମ ହେଇଛନ୍ତି । ଛୋଟ ଆଲୋକରେ ପାଠ ପଢି ନିଜର ଭବିଷ୍ୟତ ଉଜ୍ଜ୍ୱଳ କରିଛନ୍ତି । କିନ୍ତୁ ବର୍ତ୍ତମାନ ବିଜୁଳି ବତୀର ଆଲୋକରେ ସବୁ ଦେଖା ଯାଇ ମଧ୍ୟ ସହର ଗାଁ ଆଲୋକିତ ହେଇ ବି ପିଲା ମାନେ ପାଠ ପଢ଼ି ବାରେ ଏତେ ଗୁରୁତ୍ୱ ଦେଉ ନାହାଁନ୍ତି ।

ISSN NO.
2582-208X

ସତରେ ଆଜି ଗାଁ ଟା ସହର ସହର ଲାଗୁଛି ବିଜୁଳି ବତୀରେ । ଯିଏ ସାରା ଗାଁ ଗହଳି କୁ ଆଲୋକିତ କରୁଥିଲା ଯିଏ ନିଜକୁ ଜଳେଇ ପିଲାମାନଙ୍କ ଭବିଷ୍ୟତ ଆଲୋକ କରୁ ଥିଲା, ଆଜି ପୁର, ପଲ୍ଲୀରେ ହଜି ଗଲାଣି । ଲଣ୍ଠନ ଆଜି ଗାଁ ରେ ଦେଖିବାକୁ ମିଳୁ ନାହିଁ । ଏ ଅଧୁନା ଯୁଗର ମଣିଷ ସମୟର ତାଳ ସହିତ ଲଣ୍ଠନ କୁ ଅଲୋଡା କରି ଦେଇଛି । ଯିଏ ଜଳି ଜଳି ଅନ୍ଧକାର କୁ ଦୂର କରି ଆଲୋକିତ କରୁଥୁଲା, ଆଜି ସେ ଲଣ୍ଠନ ବିଜୁଳି ବତୀ ର ଆଲୁଅ ପାଇଁ ସେ ଅନ୍ଧକାର ଭିତରକୁ ଠେଲି ହେଇ ଯାଇଛି ।

ସତରେ ସେ ଦିନ ଆଉ ସେ ସ୍ମୃତି ବହୁତ ଭଲ ଲାଗୁଥିଲା । ଏ ମଡନ ଯୁଗ ମଡନ କରିଛି କିନ୍ତୁ ଅତୀତର ଖୁସି ଦେଇ ପାରୁ ନାହିଁ ।

ତିହିଡି, ଭଦ୍ରକ,
ଯୋଗାଯୋଗ–୮୩୩୯୯୩୯୯୨୯

ISSN NO.
2582-208X

# ବଏଠା

ତପନ କୁମାର ସାହୁ

ଅଜସ୍ର ଆଲୁଅ ଭିତରେ
ଖୋଜାଲୋଡ଼ା ଲୁହ
ଦେଖା ଅଦେଖା ଘଡ଼ିସନ୍ଧି ମୁହୂର୍ତ୍ତେ ।

ଜହ୍ନଆଉ ଷ୍ଟ୍ରିଟ ଲାଇଟର ଖଣ୍ଡଯୁଦ୍ଧେ
ମୁଣ୍ଡ ନୁଆଇଁ ଦେଖିବାରେ ବ୍ୟସ୍ତ
ତାରାମାନଙ୍କ ଆକାଶେ
ବଏଠାର ନିଷ୍କ୍ରିୟ ରୂପ ।

ଅନ୍ଧାର ଏବେ ଅନ୍ଧାର ଭିତରେ
ନିଜସ୍ୱ ପରିଚୟ ସନ୍ଧାନେ
କ୍ଲାନ୍ତ ଶରୀରର ଅକ୍ଲାନ୍ତ ଇଛାକୁ ନେଇ !
ଇଛାସବୁ ହିଂସ୍ର
କଲାରଙ୍ଗି ଓଢଣୀ ଭିତରେ
ଆଭାଯୁକ୍ତ ଆକାଶ ଆଉ ତାରାଙ୍କ ମେଳରୁ
ଦିଶୁଥିବା ସେହି ରକ୍ତିମ ଚେହେରା କୁ
ଆଉଟିକେ ଉଜ୍ୱଳ କରିଦେବା ପାଇଁ ।

ବଏଠା ଏବେ ବସି ସାରିଛି
ଘିଅର ପ୍ରୟୋଜନ ନାହିଁ
ଆଖିରୁ ପଡୁଥିବା ଦୁଇବୁନ୍ଦା !
ତୁମ ହସହସ ମୁହଁରୁ ନିଃସୃତ ଦାରୁରେ
ଏବେ ଜଳିଉଠିବ
ତେବେ କହିଦିଅ ଟିକେ ହସିଦିଅ !
ଯନ୍ତ୍ରଣା କଥା କହୁଛ ଯେ

ISSN NO.
2582-208X

ଜହ୍ନର ବିକଶିତ ଚେହେରାର
ଆରପାଖେ ଫିଙ୍ଗି ଦେଇଛି
ତାର ଆଉ ବୋଡ଼ ମେନ ସୁଇଚ
ସବୁ ଏବେ ଅଫ
ଛଅଇଞ୍ଚର ନାଟ ମଣ୍ଡପେ ଅନେକ ଯୁଦ୍ଧ,
ବିକଶିତ ଜୀବନ
ପ୍ରାକୃତିକ ମୂଲ୍ୟବୋଧର ବାହାରେ
ନୂଆ ସୃଷ୍ଟି, ଇତିହାସ ଲେଖାହେବା ନିଶ୍ଚିତ ।

ମୁଣ୍ଡ ଉଠେଇ ଦେଖଥରେ
ଜହ୍ନକୁ ବୁଝିବାକୁ ଚେଷ୍ଟାକର
ଛଅଇଞ୍ଚ ଭିତରୁ ବାହାରକୁ ଆସି
ରେଡ଼ିଏସନ ଜୀବନୁ
ପୁଣିଥରେ ମୁହଁ ଫେରେଇ ନିଅ
ସେ ବାସ୍ତବ ଦୁନିଆଁର କୋଳକୁ
ଯେଉଁଠି ସବୁଯାକ ନିଜର ନିଜର
ହଁ ନିଜର ହେବାର ମାହେନ୍ଦ୍ରବେଳା
ରକ୍ତ ଆଉ ଶୂନଡିଗ୍ରୀ ଖରାର ତାପ
ଅସମ୍ପୂର୍ଣ୍ଣ ଆକାଶ କୋଳରେ
ନିଜକୁ ଘୋଡେଇ ଦିଅ ।

ଥରେ ଚେଷ୍ଟାକର
ପାରିବ ନିଶ୍ଚିତ
ଏକାକାର ହେଇ
ଆକାଶ, ଜହ୍ନ, ଆଉ ଅନ୍ଧାର
ବଏଠାର ଟିକି ଆଲୁଅରେ ।

ସହ ସମ୍ପାଦକ "ଅ"-ପତ୍ରିକା
କଳାହାଣ୍ଡି
ମୋ:7328001575

ISSN NO.
2582-208X

# ଲେଖୁଛି ମୁଁ ତୁମ ପାଇଁ



ରାଧାରାଣୀ ରାଉଳ

ତୁମ ସହରକୁ ବାଟ ଭୁଲିଗଲି
ମନେ ପକାଇବି ନାହିଁ
ତୁମ ହୃଦୟରୁ ବାହାରି ମୁଁ ଗଲି
ଦୋଷୀଟିଏ ଆଜି ହୋଇ
ତୁମେ ପ୍ରେମ ଆଜି ସ୍ୱପ୍ନ ହୋଇଗଲା
ଏଇ ମୋର ଆଖି ପାଇଁ
ତୁମ ପ୍ରେମ ଆଜି ଛଳନା ହୋଇଲା
ମନେ ପକାଇବି କାହିଁ
ଭଲ ପାଇବା ମୋ ଭୁଲ ହୋଇଗଲା
ଜାଣି ମୁଁ ପାରିଲି ନାହିଁ
ପ୍ରେମକୁ ମୋହର ବୁଝିବାର ଥିଲା
ଘୃଣାରେ ଦେଲ ମିଶାଇ
ଭୁଲିଗଲ ସିନା ପ୍ରେମକୁ ମୋହର
ଲୁହ ମୋ ପାଉଏନ ରହି
କାହିଁକି ଛଳନା କଲ ମୋ ସାଥୀରେ
ବୁଝି ମୁଁ ପାରୁତ ନାହିଁ ॥

କଟିକଟା, ଯାଜପୁର

ISSN NO.
2582-208X

# ଜେଜେ ମାଆ



ଦୀପକ କୁମାର ସ୍ୱାଇଁ

ମାଆ ଶବ୍ଦଟି ଯେତେ ମଧୁର ସେତେ ନିରାମୟ। ଗୋଟେ ଝିଅ ଯେତେବେଳେ ମାଆ ର ରୂପ କିଛି ନିଆୟା ଦେଖା ଯାଏ । ସେ ଝିଅ ର ବହୁତ କିଛି ଅଜଣା ପରିବର୍ତନ ଆସିଯାଏ ହୁଅ ତ ସିଏ ଚାହୁଁ ଅବା ନ ଚାହୁଁ । ମାଆ ର ଋଣ ଶୁଝିବା ବୋଧେ ଗୋଟେ ଜନ୍ମ ରେ ସମ୍ଭବ ନୁହ । ତାର ଋଣ ସୁଝିବାକୁ ବୋଧେ ୭ ଜନ୍ମ ବି କମ ପଡିପାରେ । ସେମିକି ଏଇ କାହାଣୀ ମୋ ଜେଜେ ମାଆ ଙ୍କ ବିଷୟରେ । ମୁଁ ବର୍ଷ ବର୍ଷ ଧରି ମୋ ଜେଜେମା'ଙ୍କ ସହ ମୋର ସମ୍ପର୍କ ବର୍ଣ୍ଣନା ଏଇ କାହାଣୀରେ କରିବାକୁ ଚାହୁଁଛି ।

ଜେଜେମା 'ଏକ କୁଞ୍ଚିତ ଚେହେରା ଥିବା ବୃଦ୍ଧ ମହିଳା ପରି ଦେଖାଯାନ୍ତି । ଗତ କୋଡିଏ ବର୍ଷ ଧରି ମୁଁ ତାଙ୍କୁ ସବୁବେଳେ ଏହିପରି ଦେଖି ଆସୁଥିଲି । ସେ ବୃଦ୍ଧା ଅବସ୍ଥା ରେ ଥିଲେ ବି ବହୁତ ସୁନ୍ଦର ଦେଖାଯାନ୍ତି । ସେ ସବୁବେଳେ କିଛି କିଛି ନା କିଛି କାମ କରିବାକୁ ଭଲ ପାଆନ୍ତି । ପ୍ରାରମ୍ଭିକ ଦିନରେ, ମୁଁ ଏବଂ ମୋର ଜେଜେମାଙ୍କର ଭଲ ସମ୍ପର୍କ ଥିଲା । ସେ ମୋତେ ଜାଗ୍ରତ କରି ବିଦ୍ୟାଳୟ ପାଇଁ ପ୍ରସ୍ତୁତ କରୁଥିଲା । ସେ ଦିନ ପାଇଁ ଯାହା ଆବଶ୍ୟକ ଜିନିଷ ପ୍ୟାକ୍ କରୁଥିଲେ ଏବଂ ମୋତେ ପ୍ରତିଦିନ ସ୍କୁଲକୁ ନେଇ ଯାଉଥିଲେ । ସେ ବିଦ୍ୟାଳୟ ସହିତ ଲାଗିଥିବା ମନ୍ଦିର ପରିଦର୍ଶନ କରୁଥିଲେ । ସେ ସବୁବେଳେ ଦିନସାରା ବସି ଅନ୍ୟ ମାନଙ୍କ ସହ ପୁରାଣ ଶୁଣିବାକୁ ଭଲ ପାଉଥିଲେ । ମୁଁ ଅନ୍ୟ ପିଲାମାନଙ୍କ ସହିତ ବାରଣ୍ଡା ଉପରେ ବସି ବର୍ଣ୍ଣମାଳା ଏବଂ ସକାଳର ପ୍ରାର୍ଥନା ଗାଉଥିଲି । ଦୁହେଁ ବୁଲା କୁକୁରମାନଙ୍କ ସହିତ ଏକତ୍ର ଘରକୁ ଫେରି ଆସୁଥିଲେ ଯେହେତୁ ମୋର ଜେଜେମା ସେମାନଙ୍କୁ ଖାଇବାକୁ ଦେବା ପାଇଁ ବହୁତ ଭଲ ପାଆନ୍ତି । ଏମିତି କି ଆମର ଅଜାଣନ୍ତା ରେ ବହୁତ ଗୁଡାଏ କୁକୁର ବନ୍ଧୁ ଭଳି ବନି ଯାଇ ଥିଲେ । ସେ କୁକୁର ମାନେ ମୋ ସହ ମୁଁ ଯୁଆଡେ ବି ଯାଏ ସାଙ୍ଗରେ ଯାଉଥିଲେ ।

ISSN NO.
2582-208X



କିଛି ଦିନ ପରେ ଆମେ ସହର ରେ ବସ ବାସ କରିବାକୁ ଚାଲି ଆସିଲୁ । ଯେହେତୁ ଗାଁ ରେ ଭଲ ପଠ ପଢିବା ପାଇଁ ସୁବିଧା ନଥିଲା । ସେଠାରେ କିଛି ଦିନ ରହିବା ପରେ ପୁଣି ଜେଜେ ମାଆ ଙ୍କୁ ବାପା ଆମ ପାଖକୁ ନେଇ ଆସିଲେ । କିନ୍ତୁ ଆଗ ଭଳି ଜେଜେ ମାଆ ଆଉ ମୋର ସମ୍ପର୍କ ଅଟେ ନିନୀଡ ହେଇ ରହିଲା ନାହି । ମୁଁ ଯେହେତୁ ବହୁତ କିଛି ଆଗକୁ ପଠ ପଢି ସାରିଥିଲି ସେଗୁଡା ମୋ ଜେଜେ ମା ଙ୍କୁ ଠିକ ସେ ବୁଝା ପଡୁନଥିଲା । ମୁଁ ଅଧ୍ୟୟନ କରୁଥିବା ନୂତନ ସିଲାବସ୍ କୁ ସେ ଅନୁମୋଦନ କରିପାରୁ ନଥିଲେ କାରଣ ସେ ଭାବୁଥିଲେ ଯେ ସେ ମୋତେ ବିଦ୍ୟାଳୟ ରେ ଭଗବାନ ଏବଂ ଶାସ୍ତ୍ର ବିଷୟରେ ଶିକ୍ଷା ଦିଅନ୍ତି ନାହିଁ । କିଛି ସମୟ ଅନୁକ୍ରମ ହେଲା ପରେ ପରେ ଆମେ ପରସ୍ପରଠାରୁ କମ ଦେଖିଲୁ ।

ଏମିତି ଦିନ ବିତିବା ପରେ ମୁଁ ସ୍କୁଲ ଶେଷ କରି କଲେଜ ଗଲି । ପରେ ବିଶ୍ୱବିଦ୍ୟାଳୟ କୁ। ମୋର ନିଜସ୍ୱ କୋଠରୀ ଥିଲା, ସେଠି ମୁ ମୋର ସବୁ ସମୟ ମୋର କାରିୟର କୁ ଦେବା ରେ ଲାଗିଲି ଫଳରେ ଆମର ଦେଖା ଦେଖି ବହୁତ କମ ହେଇଗଲା ଏବଂ ଏହା ଆମ ସମ୍ପର୍କକୁ ଖରାପ କରିଦେଲା । ସେ ସମସ୍ତଙ୍କ ସହ କଥାବାର୍ତ୍ତା ବନ୍ଦ କରିଦେଲେ ଏବଂ ଦିନସାରା ତାଙ୍କ ସ୍ପିନ୍ ଚକ୍ରରେ ବସି ପ୍ରାର୍ଥନା ପାଠ କଲେ । ତଥାପି, ସେ ପ୍ରଭାତରେ ବାରଣ୍ଡାରେ ବସିବାକୁ ଭଲ ପାଉଥିଲେ । ଖୁଦ କିମ୍ବା ଗହମ ଗୁଣ୍ଡ ପକ୍ଷୀମାନଙ୍କୁ ଖାଇବାକୁ ଦେବା ତାଙ୍କର ନିତିଦିନିଆ କାର୍ଯ୍ୟ ଥିଲା । ଏମିତିକି ପକ୍ଷୀମାନେ ତାଙ୍କ ଗୋଡରେ, ମୁଣ୍ଡରେ, କିଛି କାନ୍ଧରେ ମଧ୍ୟ ବସିଥିବେ ।

ISSN NO.
2582-208X

ଶୀଘ୍ର, ମୁଁ ଅଧିକ ଅଧ୍ୟୟନ ପାଇଁ ଅନ୍ୟ ସହରକୁ ଯିବାକୁ ସ୍ଥିର କଲି । ସେ ଭାବପ୍ରବଣ ନଥିଲେ, କ୍ରମାଗତ ଭାବରେ ତାଙ୍କ ପ୍ରାର୍ଥନା ପଢୁଥିଲେ, ପ୍ରାର୍ଥନାରେ ତାଙ୍କ ମନ ହଜି ଯାଇଥିଲା । କିଛି ବର୍ଷ ପରେ, ସେ ଘରକୁ ଫେରିବାବେଳେ ସେ ସେଠାରେ ଥିଲେ, ତଥାପି ସେ ପୂର୍ବ ଭଳି ସମାନ ଥିଲେ । ସେ ମୋତେ କୋଳରେ ଧରି କିଛି କହିଲେ ନାହିଁ । ସେ ତଥାପି ତାର ଚାରାମାନଙ୍କୁ ଖାଇବାକୁ ଦେଉଥିଲେ ।

ଦିନେ, ସେ ତାଙ୍କ ପ୍ରାର୍ଥନା ପାଠ କରିନଥିଲେ ବରଂ ପଡ଼ୋଶୀ ମହିଳାମାନଙ୍କୁ ସଂଗ୍ରହ କରିଥିଲେ, ପୁରାଣ କାର୍ଯକ୍ରମ କରିବା ପାଇଁ ସ୍ଥିର କରିଥିଲେ । ପରଦିନ ସକାଳେ ସେ ସାମାନ୍ୟ ଜ୍ୱରରେ ପୀଡିତ ଥିଲେ। ଡାକ୍ତର କହିଛନ୍ତି ଯେ ଚିନ୍ତା କରିବାର କିଛି ନାହିଁ କିନ୍ତୁ ସେ ନିଶ୍ଚିତ ଥିଲେ ଯେ ତାଙ୍କର ଶେଷ ସମୟ ପାଖେଇ ଆସୁଛି। କିନ୍ତୁ କିଛି ଦିନ ପରେ ସେ ଠିକ ହେଇ ଗଲେ ପୂର୍ବ ପରି । ହୁଅତ ମୋ ଜେଜେମାଆ ମୋର ଆଡେ ଟା ଆଉ ଆଗ ଭଳି ସମ୍ପର୍କ ନାହି କିନ୍ତୁ ଭଲ ପାଇବା ଶେଷ ସମୟ ଯାଏ ବଞ୍ଚି ରହିବ।

ଜୁନ – ୨୦୨୨
www.vedantimagazine.com
ISSN NO.
2582-208X

# ବିଡ଼ୂପ ମାନବର ଚରିତ୍ର



ଆୟୁଷ ମେହେର

ବୈଗୁଣ୍ୟେ ଭରିଅଛି ମାନବ ର ଅନ୍ତର
ଇମାନରେ ବିଷ ଦେବା କୃତି ଯେ ତାହାର ।।
ନିଷ୍ଠୁର ହୋଇଅଛି ସଂସାରେ ସେହି ନର
ପ୍ରତ୍ୟୟେ ଦେଉଛି ଗରଳ ହୋଇ ଅନ୍ତର ।।
ଇହକୁ ଜୀବନେ ସେ କରୁଅଛି ଇତର
ସୁଖେ ବଞ୍ଚିବାକୁ ଅନ୍ୟକୁ କରେ ନିଜର ।।
ପ୍ରବଞ୍ଚନା କରଇ ସେ ମିତ୍ର ସାଥେ ତା'ର
ଶତ୍ରୁକୁ ଆପଣେଇ କରେ ସଭିଙ୍କୁ ପର ।।
ବିଡ଼ୂପ ହୋଇଅଛି ଜୀବନ ଯେ ତାହାର
ନ ଚିହ୍ନଇ ସେ ମଣିଷ ନିଜର କି ପର ।।
କାଳସୂତ୍ରେ ପଡ଼େ ପ୍ରାଣ ହୋଇ ଛାରଖାର
ଲୋଚନରୁ ବହେ ଅଶ୍ରୁ ହୋଇ ଧାର ଧାର ।।
ଅକାରଣେ ପ୍ରାଣ ତା'ର ହୁଅଇ ପ୍ରସ୍ତର
ନ ପାଏ ଜୀବନେ ଶାନ୍ତି ନ ପାଏ ଆଦର ।।
ବିହଗ ପରି ଶ୍ରମ ନ କରେ ଯେଉଁ ନର
ବୁଭୁକ୍ଷୁ ହୋଇ ସେ ବୁଲୁଥାଏ ବାର ଦ୍ୱାର ।।
ସଂସାରେ ସେ ଭାବୁଥାଇ ଅନ୍ୟକୁ ପାମର
ନ ଚିହ୍ନି ପାରଇ କେବେ ଜୀବନକୁ ତା'ର ।।
ହାତପାତି ରହଇ ଜଗତେ ହୋଇ ପର
ପେଟ ପାଇଁ ବୁଲୁଥାଏ ଘର ବାର ଦ୍ୱାର ।।

ପଞ୍ଚଭାୟା, ବରଗଡ଼

ISSN NO.
2582-208X

# କାନ୍ଦୁରି ଝିଅ



ସୂର୍ଯ୍ୟ ନାରାୟଣ ସାହୁ

ସେ ଦିନ ଥିଲା କାର୍ତ୍ତିକ ପୂର୍ଣମୀ ଲକ୍ଷ୍ମୀ ର ଜନ୍ମଦିନ। କାହିଁକି କି କେଜାଣି ସେ କେବେ ମଧ୍ୟ ଜନ୍ମ ଦିନ ରେ ଉପହାର ଟିଏ ମାଗିନି ନାରାୟଣ କୁ । ଖାଲି ଏତିକି କୁହେ ତୁମେ ଆସି ପହଞ୍ଚି ଗଲେ ମୋର ସବୁ ଉପହାର ମିଳିଗଲା ପରି ମନେହୁଏ, ସେଦିନ କୁ ବୋଲି ତା ପାଖରେ ବା ମନ୍ଦିର ରେ ପହଞ୍ଚିବାର ବିଳମ୍ବ ହେଲା ନାରାୟଣ ର। ସେଥିରେ ତା'ର ଏଡିକି ମୁହଁ। ଯେମିତି ଝିଅ ଶାଶୁଘର ଗଲେ ମୁହଁ ଲୁଚାଇ କାନ୍ଦେ। ସେ ଥିଲା ବହୁତ ସ୍ନେହୀ, ପ୍ରେମୀ, ଗେଲି, ସୁନ୍ଦରୀ, କୋମଳ କଣ୍ଠି, ସେ ଏତେ ଚୁଲବୁଲି, ଆଉ ଭୋଲି ଯେ, ତାକୁ ଯିଏ ବି ଦେଖିବ ତା ପ୍ରେମ ର ପଡିଯିବ। ହଁ ୟା ସହ ସେ ନାକ କାନ୍ଦୁରୀ ବି ଥିଲା, ଟିକେ ଟିକେ କଥା ରେ କାନ୍ଦି ପକାଏ। ସେଥିପାଇଁ ନାରାୟଣ ର ଲକ୍ଷ୍ମୀ ପ୍ରତି ବେଶି ଭଲପାଇବା ଜନ୍ମି ଯାଇଛି ପିଲାଟି ବେଳରୁ । ବାପା ମା ଛେଉଣ୍ଡ ଲକ୍ଷ୍ମୀକୁ ଘରେ ବଡ ଦିଦି ଏବଂ ଭାଇ ହିଁ ପାଳି ପୋଷି ବଡ କରିଛନ୍ତି । ସେଥିପାଇଁ ନାରାୟଣ ସାହାରା ହୋଇ ଛିଡା ହେବାକୁ କଥା ଦେଇଛି ଲକ୍ଷ୍ମୀ କୁ।

ସେଦିନ କୁ ବୋଲି ବହୁତ ଜଲ୍ଦି ଆସି ମନ୍ଦିର ବେଢାରେ ଅପେକ୍ଷା କରିଥିଲା ଲକ୍ଷ୍ମୀ, ଜଣା ନାହିଁ କେତେବେଳୁ। ନାରୟଣ ସେଠି ପହଞ୍ଚିଲା ପରେ ତା ଉପରେ ଅଭିମାନ କରି ରାଗ ରେ ଗର ଗର ହୋଇ ଓ ଗେଲ ରେ ପିଟି ପିଟି କହିଛି; "ଏତେ ବେଳ ଯାଏଁ କୋଉଠି ଥିଲ, ତମକୁ ଜଣା ନାହିଁ ଆଜି ମୋ ଜନ୍ମ ଦିନ?" ତା କଥାରେ ନାରାୟଣ ଜମା ଉତର ଦିଏନି। ନିରେଖି ଚାହିଁ ଥାଏ ତାର ଚୁଲବୁଲି ହିରୋଇନ କୁ। ନାରାୟଣ ର ନୀରବ ରହିବା ଦେଖି, ଲକ୍ଷ୍ମୀ କହେ "ହେଇ ତମେ କିଛି କହୁନ କାହିଁକି? " ତମର କ'ଣ ହୋଇଛି? ତମ ଭଲ ଅଛ ତ? ସକାଳୁ କିଛି ଖାଇନ କି?? କିଏ କିଛି କହିଲା କି?? ବ୍ୟସ୍ତ ହୋଇ କେତେ ପ୍ରଶ୍ନ କରିଛି ଲକ୍ଷ୍ମୀ। ନାରାୟଣ ସ୍ମିତ ହସି କହେ; "ନାଇଁ ଲକ୍ଷ୍ମୀ ଏତେ ଦିନ ପରେ ତମକୁ ଦେଖିଲି ତ! ସେଥିପାଇଁ ଟିକେ ମନ ଧ୍ୟାନ ଦେଇ ଦେଖୁଥିଲି, ଆଉ ମୋ ଆଖିକୁ ସନ୍ତୁଷ୍ଟ

ISSN NO.
2582-208X

କରୁଥିଲି।" ଏତିକି ପରେ ଲକ୍ଷ୍ମୀ ଦୌଡି ଆସି ନାରାୟଣ କୁ ଆଖିବୁଜି ଜାବୁଡି ଧରି କାନ୍ଦି ପକାଇ କହିଲା," ତୁମ ବିନା ମୁଁ ବଂଚିପାରିବନି, ନାରାୟଣ ବି ତାକୁ କୋଳେଇ ନେଇ ଦୁଇ ବାହୁରେ ଜାବୁଡି ଧରି କହିଛି; "ହଁ ପ୍ରିୟା ଶରୀର ରୁ ପ୍ରାଣ ଚାଲିଗଲେ ଯେମିତି ତୁମ ବିନା ମୁଁ ସେମିତି"। ସେମିତି କୋଳାଗ୍ରତ ଅବସ୍ଥା ରେ ନାରାୟଣ ର କଥା ଶୁଣି ଲକ୍ଷ୍ମୀ କହେ,"ତାହେଲେ ମୋତେ ନେଇ ଯାଅ ପ୍ରିୟ। ନାରାୟଣ କହେ; "ନାଇଁ ପ୍ରିୟା ସେ ସମୟ ଆସି ନାହିଁ, ସେଥିପାଇଁ ଧୈର୍ଯ୍ୟ ଧରିବାକୁ ପଡିବ ଆମକୁ", "ଆଉ କେତେ ଦିନ ଏମିତି ଚାଲିଥିବ ପ୍ରିୟ ?" ପ୍ରଶ୍ନ କରିଛି ଲକ୍ଷ୍ମୀ। "ମୁଁ ଆଉ ରହି ପାରୁନି ତୁମବିନା , ତୁମ ବାହୁରେ ଲୀନ ହେବକୁ ଚାହୁଁଛି। " ଲକ୍ଷ୍ମୀ ର ଏମିତି କାନ୍ଦୁରୀ ମୁହଁ ରୁ ଲୁହ କେତେ ଠୋପା ପଡି ନାରାୟଣ ର ସାର୍ଟ ଭିଜିସାରିଲାଣି।

ଲକ୍ଷ୍ମୀ ଏମିତି କାନ୍ଦି କାନ୍ଦି କହିବା ଭିତରେ... ନାରାୟଣ ତରତରରେ କହେ," ହେ ପ୍ରିୟା କିଏ ଆସିଯିବ? ଲୁହ ପୋଛ,ଆଉ ମତେ ଜଲ୍ଦି ଛାଡ" କିନ୍ତୁ ; ଲକ୍ଷ୍ମୀ ଉତରରେ କହେ "ଆସନ୍ତୁ କିଏ ଆସିବ? ମୁଁ କାହାକୁ ଡରିନି? କିଏ ଦେଖିଲେ ଦେଖୁ ?କହି ପୁଣି ଆଖି ବୁଜି ଜୋର ରେ ଜାବୁଡି ଧରିଲା ନାରାୟଣ କୁ। ଏତିକି ପରେ ଲକ୍ଷ୍ମୀ ଲୁହ ଭିଜା ଓଦା ଆଖିକୁ ନାରାୟଣ ଚୁମ୍ବନ ଟିଏ ଦିଏ। ଆଉ କହେ, "ହଉ ଠିକ୍ ଅଛି ବାବା, ମୁଁ ଚାକିରୀ ପାଇଲା ପରେ ବାବା, ମାଂକୁ ମନେଇ ତମକୁ ଆମ ଘର ର ବୋହୂ କରି ନେବି।" ତଥାପି ଲକ୍ଷ୍ମୀ ଛାଡୁନଥାଏ, ଯେମିତି ଲୁହା ଆଉ ଚୁମ୍ବକ ର ଆକର୍ଷଣ। ସେତେବେଳେ ମନ୍ଦିର ଭିତର ଘଣ୍ଟି ବାଜି ଟନ୍ ଟାନ୍ ଶବ୍ଦ ଭାସି ଆସୁଥିଲା, କିନ୍ତୁ ଦୁହେଁ ପ୍ରେମ ର ଏତେ ମଜଗୁଲ ଥିଲେ ଯେସେଥିପାଇଁ ତାଙ୍କୁ କିଛି ଶୁଭୁନଥିଲା। ସେଇ ପାହାଡର ସ୍ତବ୍ଧ ପରିବେଶ ଯେମିତି ଦୁହିଁଙ୍କୁ ଆକୃଷ୍ଟ କରି ରଖିଥିଲା।

ଏଥର ଲକ୍ଷ୍ମୀ ଟିକେ ହସି ଦେଇ କହିଲା.... "ହଉ ଠିକ୍ ଅଛି" । ବାହୁର ବନ୍ଧନରୁ ବାହାରି ନାରାୟଣ ର ମୁହଁ କୁ ଚାହିଁ, ଆଂଗୁଠି ରେ ଠିଆ ହୋଇ ନାରାୟଣ ର ଓଠ ରେ ଓଠ ମିଶାଇ ଗୋଟେ ଚୁମ୍ବନ ଦେଇଛି । ନାରାୟଣ ବି ଲକ୍ଷ୍ମୀଂକ ଲୁହ ଭିଜା ଗାଲକୁ ଦୁଇ ପାପୁଲି ରେ ପୋଛି ଦେଇ କହିଛି; ଚାଲ ଏବେ ଯିବା। ଦୁହେଁ ହାତ ରେ ହାତ ଛନ୍ଦି ଚାଲିଲେ ମନ୍ଦିର ଭିତରକୁ....।

ଗ୍ରାମ -ଝାଡ଼ାଭୂମି, ଜଗନ୍ନଥପ୍ରସାଦ,
ଜିଲ୍ଲା -ଗଞ୍ଜାମ/Mob -8144128554

ISSN NO.
2582-208X

# ଲକ୍ଷ୍ୟ



ସୁରେଶ କୁମାର ସାହୁ

ପୋଖରୀ ପାଖ ଆମ୍ବଗଛ ମୂଳରୁ ଶୁଭୀ ଆସୁଥାଏ ଏକ ହୃଦୟ ଫଟା କାନ୍ଦର ସ୍ୱର। ସେଇ ରାସ୍ତାରେ ସାଧୁବ୍ୟକ୍ତି ଜଣକ ଯାଉଥିଲେ। ଲୋକର କାନ୍ଦଣା ଶୁଣି ତାକୁ ପଚାରିଲେ ଆପଣ କଣ ପାଇଁ କାନ୍ଦୁଛନ୍ତି ? ହେଲେ କିଛି ଉତ୍ତର ପାଇଲେ ନାହିଁ । ଦୁଇ ଚାରିଥର ପଚାରିବାରୁ ବ୍ୟକ୍ତି ଜଣକ ଉତ୍ତର ଦେଲେ । ମୋର ସଂସାର ଏଇ ପୋଖରୀରେ ବୁଡିଯାଇଛି । ସାଧୁ ବ୍ୟକ୍ତି ଆଶ୍ଚର୍ଯ୍ୟ ହୋଇ ସଂସାର ! ସଂସାର କହିବାର ଅର୍ଥ ମୋର ପୁତ୍ର ଏଇ ପୋଖରୀରେ ବୁଡିଯାଇଛି । ସାଧୁ ବ୍ୟକ୍ତି ପ୍ରଶ୍ନ କଲେ କିପରୀ ତମ ପୁତ୍ର ପୋଖରୀରେ ବୁଡ଼ିଲେ ? ଲୋକଟି ପ୍ରକୃତ ଘଟଣା କହିଲା । ମୁଁ ଆଉ ମୋର ପୁଅ ଏଇ ପୋଖରୀ ରାସ୍ତାରେ ଯାଉଥିଲୁ । ଆମେ ଦେଖିବାକୁ ପାଇଲୁ କିଛି ଲୋକ ପୋଖରୀରେ ସୁନାର ଆମ୍ବ ଦେଖି ତାକୁ ଆଣିବାକୁ ଚେଷ୍ଟା କରୁଛନ୍ତି । ମୁଁ ମଧ୍ୟ ପୋଖରୀରେ ସୁନାର ଆମ୍ବ ଦେଖି ତାକୁ ପାଇବାକୁ ଇଚ୍ଛାପ୍ରକାଶ କଲି। ମନରେ ଭାବିଲି ଯଦି ସୁନାର ଆମ୍ବ ମିଳିଯାନ୍ତା ତେବେ ମୋର ଆଉ ପୁଅର ଜୀବନ ସୁଖରେ କଟିଯାନ୍ତା । ପୁତ୍ର କୁ କହିଲି ଆମ୍ବ ଆଣିବାକୁ ହେଲେ ସେ ମନାକଲା । କାରଣ ତାକୁ ଜଣାଥିଲା ସୁନାର ଆମ୍ବ ପୋଖରୀରେ ନାହିଁ ଆମ୍ବ ଗଛରେ ଅଛି। ମୁଁ କିଛି ନ ବୁଝି ନ ସୁଝି ତାକୁ ପୋଖରୀକୁ ଠେଲି ଦେଲି । ସେ ପାଣି କୁ ଗଲା ମାତ୍ରେ ସୁନାର ଆମ୍ବ କୁଆଡେ ଉଭାଇଗଲା । ମୋର ପୁଅ ପାଣିରେ ବୁଡିଗଲା ।

ସବୁ କଥା ଶୁଣି ସାରି ସାଧୁ ବ୍ୟକ୍ତି ଜଣକ କହିଲେ ମୁଁ ତୁମକୁ  କାହାଣୀ ଟିଏ କହୁଛି ଶୁଣ ଯାହାଦ୍ୱାରା ତୁମେ ତୁମ ଭୁଲ୍ ବୁଝିପାରିବ ।

ଗୋଟିଏ ସହରରେ ହରିବାବୁ ଆଉ ତାଙ୍କ ପତ୍ନୀ ରହୁଥିଲେ । ତାଙ୍କର ଏକ ମାତ୍ର ପୁତ୍ର ଥିଲା  ରାହୁଲ । ରାହୁଲ  ଦଶମ ଶ୍ରେଣୀ ରେ ପାଠପଢୁ ଥାଏ । ତାର ପାଠପଢାରେ ମନ ନଥାଏ । ସେ ଗୀତ ଗାଇବାକୁ ବହୁତ ଭଲ ପାଉଥିଲା । ରାହୁଲ ର ଗୀତ ଶୁଣି ସ୍କୁଲ ର

ISSN NO.
2582-208X

ଶିକ୍ଷକ ଶିକ୍ଷୟତ୍ରୀ, ସାହି ପଡିଶା ଲୋକ ଅନେକ ପ୍ରଶଂସା କରୁଥିଲେ । ତାର ଗୀତ ଯେ ଶୁଣିଛି ଆଜି ପର୍ଯ୍ୟନ୍ତ ଭୁଲି ନାହିଁ । ସେ ଗୀତଗାଇବାରେ ଅନେକ ସମୟ ନଷ୍ଟ କରୁଥିଲା । ଦଶମ ପରୀକ୍ଷା ଆଗେଇ ଆସିଲା । ପରୀକ୍ଷା ଦେଲା, କିଛି ମାସ ପରେ ପରୀକ୍ଷା ଫଳ ବାହାରିଲା । ରାହୁଲ ର ଖରାପ ଅଙ୍କ ଦେଖି ବାପା ରାଗିଗଲେ ଆଉ କହିଲେ ଏଇ ସେ ଗୀତ ର କାରଣ ଯୋଗୁ ଏମିତି ଫଳ ଆସିଛି । ତା ଗୀତ ଗାଇବା ମନା କରି ଦେଲେ । ଆଉ ଯଦି ତୁ ଗୀତ ଗାଇଛୁ ଘରୁ ବିଦା କରି ଦେବୁ କହିଲେ । ବାବୁ ପଇସା ପତ୍ର ଦେଇ ଭଲ କଲେଜରେ ଆଡ଼ମିଶନ କରିଦେଲେ । ହେଲେ ସେ ବାପା ଙ୍କ କଥା ରଖି ପାଠପଢିଲା। ବିଭିନ୍ନ ଗୀତ ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ଆୱାର୍ଡ଼ ସହିତ ସମ୍ମାନ ପାଇଲା । ତାର ସ୍ୱପ୍ନ ଥାଏ ସେ ଦିନେ ବଡ଼ ଗାୟକ ହେବ ।

କିନ୍ତୁ ବାପାଙ୍କୁ ଜଣା ନଥାଏ ସେ ଗୀତ ଗାଉଛି ବୋଲି । ଏମିତି ତାର ପାଠ ପଢା ସରିଲା । ବାବୁ ତା ପାଇଁ ଭଲ ଚାକିରୀ ଟିଏ ଖୋଜିଲେ । ଠିକ୍ ଏହି ସମୟରେ ଆନ୍ତର୍ଜାତୀୟ ଗୀତ ପ୍ରତି ଯୋଗିତା ଆରମ୍ଭ ହେଲା । ଏହି ପ୍ରତିଯୋଗିତାରେ ଭାଗ ନେଲେ ବାବୁ ଜାଣିବେ । କାରଣ ସେଇ ପ୍ରତିଯୋଗିତାକୁ ଦୂରଦର୍ଶନ ରେ ପ୍ରସାରଣ କରାଯାଏ । କିନ୍ତୁ ରାହୁଲ ତା ସ୍ୱପ୍ନ ପୂରଣ କରିବା ପାଇଁ ପ୍ରତିଯୋଗିତାରେ ଭାଗନେଲା । ଦୁର୍ଭାଗ୍ୟ ର କଥା ଯେଉଁ ଦିନ ତାର ଗୀତ ଗାଇବାର ଥିଲା ସେହି ଦିନ ଗୋଟେ ବଡ଼ କମ୍ପାନୀ ରୁ ଚାକିରି କରିବା ପାଇଁ ସୁଯୋଗ ଆସିଲା । ସେଦିନ ଯଦି କମ୍ପାନୀକୁ ନଗଲେ ଚାକିରି ହାତଛଡ଼ା ହେବ । ସେ କଣ କରିବ ନିଷ୍ପତି ନେଇ ପାରିଲାନାହିଁ । ଏଣିକି ହରିବାବୁ ଘରକୁ ପହଞ୍ଚିଲେ କମ୍ପାନୀରୁ ଆସିଥିବା ଚାକିରି କଥା ଜାଣିଲେ। କମ୍ପାନୀ ଯିବାକୁ କହିଲେ କିନ୍ତୁ ରାହୁଲ ଚୁପ୍ ରହିଲା । କିଛି ସମୟ ପରେ ସେ ଭାବିଲା ସବୁଶତ କଥା କହିଦେବ । ଡରି ଡରି ବାପାଙ୍କ ଆଗକୁ ଗଲା କିନ୍ତୁ କିଛି କହିପାରୁ ନଥାଏ । ବହୁତ କଷ୍ଟେ ମଷ୍ଟେ ସବୁ ସତ କଥା କହିଲା । ବାବୁ କଥା ଶୁଣି ରାଗିଗଲେ ଆଉ କହିଲେ "ଗୀତ ଗାଉଛି, ଗୀତ ଗାଇ କେତେ ବଡ଼ ଗୀତିକାର ହୋଇଯିବୁ । ଯା ! ଚୁପ୍ ଚାପ୍ କମ୍ପାନୀକୁ ସେଠି କାମକରି ଭଲ ପଇସା ରୋଜଗାର କରି।" ବାପାଙ୍କ କଥା ଶୁଣି କମ୍ପାନୀକୁ ଗଲା । ସେଠି କାମ କଲା ହେଲେ ତା ମନ ଠିକ୍ ରହିଲା ନାହିଁ ।

ISSN NO.
2582-208X

ଏମିତି ତାର ଚାରିବର୍ଷ ବିତିଗଲା । ଦିନେ ରାହୁଲ ଭାବିଲା  ଯଦି ମୁଁ ଗୀତ ଗାଇଯାଇଥାନ୍ତି ତେବେ  ଆଜି ଭଲ ଗାୟକ ଟିଏ ହୋଇଥାନ୍ତି । ତା ମନରେ ଏକ ବିଚିତ୍ର ଧାରଣା ଜନ୍ମ ନେଲା । ମୁଁ ମୋ ଜୀବନର ଲକ୍ଷ୍ୟ ପୂରଣ କରିପାରିଲି ନାହିଁ, ଏ ଜୀବନ ଥାଇ ଆଉ ଲାଭ କଣ ? ସେଦିନ ରାତି ୧୨ ଟା ରେ ବାପା, ମାଁ ଙ୍କ ରୁମ୍ କୁ ଗଲା ତାଙ୍କ ପାଦ ଛୁଇଁ କ୍ଷମା ପ୍ରାର୍ଥନା କରି ଏକ ଚିଠି ଲେଖି ତାଙ୍କ ମୁଣ୍ଡ ତଳେ ରଖି ତା ରୁମ୍ କୁ ଚାଲିଆସିଲା । ଟେବୁଲ ପାଖକୁ ଗଲା ସେଠାରେ ଗୋଟେ ଛୋଟ କାଚ ବୋତଲ ରଖିଥିଲା ସେଥିରେ ଲେଖା ଥିଲା ବଡ଼ ବଡ଼ ଅକ୍ଷରରେ POISION ତାକୁ ଗୋଟେ ନିଶ୍ୱାସରେ ପିଇଦେଲା ।

ପିପଲକାନ
+୩ ଦ୍ୱିତୀୟ ବର୍ଷ ଛାତ୍ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଜବାହରଲାଲ ମହାବିଦ୍ୟାଳୟ, ପାଟଣାଗଡ଼
ଜିଲ୍ଲା – ବଲାଙ୍ଗୀର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଭାରତୀୟ ପରମ୍ପରା ଓ ଆୟୁର୍ବେଦ ଶାସ୍ତ୍ର



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ବିଶ୍ୱରେ ରହିଥିବା ଦେଶ ଗୁଡିକ ମଧ୍ୟରେ ପ୍ରତ୍ୟକ ଙ୍କ ନିଜସ୍ୱ ପାରମ୍ପାରିକ ମୌଳିକ ଚିକିତ୍ସା ପଦ୍ଧତି ରହିଥାଏ। ସେହିପରି ଆମ ଭାରତ ବର୍ଷରେ ଆମର ପାରମ୍ପରିକ, ମୌଳିକ ତଥା ସର୍ବ ପୁରାତନ ଭାବେ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରକୁ ଗ୍ରହଣ କରାଯାଇଛି। ଉକ୍ତ ଶାସ୍ତ୍ର ରେ ମନୁଷ୍ୟ ର ଶଯ୍ୟାତ୍ୟାଗ ଠାରୁ ରାତ୍ର ଶୟନ କକ୍ଷକୁ ଯିବା ପର୍ଯ୍ୟନ୍ତ ଦୈନନ୍ଦିନ ଚାଲିଚଳଣୀ ତଥା ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସୁରକ୍ଷା ନିମନ୍ତେ ଏବଂ ମନୁଷ୍ୟ କିପରି ସୁସ୍ଥ ରହି ଧରାପୃଷ୍ଠ ରେ ଦୀର୍ଘାୟୁ ଜୀବନ ଅତିବାହିତ କରିପାରିବ ତାହା ଉପରେ ବିଶଦ ଭାବେ ବର୍ଣ୍ଣନା କରାଯାଇଛି।

ଚରକ, ଶୁସୃତ, ବଗଭଟ, ବରାହମିହିର ଆଦି ଆୟୁର୍ବେଦ ବିଶାରଦ ସମୂହ ମନୁଷ୍ୟର ସୁସ୍ଥ ଓ ନିରୋଗ ଭାବେ ଧରା ପୃଷ୍ଠ ରେ ବଞ୍ଚିବା ପାଇଁ ଯେଉଁ ସ୍ୱାସ୍ଥ୍ୟ ନିୟମ ତଥା ବିଭିନ୍ନ ଔଷଧୀୟ ଉପଦାନର ମିଶ୍ରଣରେ ବିଭିନ୍ନ ଆୟୁର୍ବେଦ ଔଷଧ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ଲେହ ଓ ବଟିକା, ପ୍ରଲେପ ଆଦି ପ୍ରସ୍ତୁତି ପାଇଁ ଔଷଧିୟ ପ୍ରଣାଳୀ ଶହ ଶହ ବର୍ଷ ପୂର୍ବରୁ ରଚନା କରିଯାଇଛନ୍ତି। ଉକ୍ତ ନିର୍ମାଣ ପ୍ରଣାଳୀ କୁ ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ବହୁ ପରୀକ୍ଷା ନିରୀକ୍ଷା ଓ ଗବେଷଣା କରି ଉକ୍ତ ଔଷଧ ର ବିଭିନ୍ନ ରୋଗ ଉପରେ କାର୍ଯ୍ୟକାରିତା, ପ୍ରଭାବ ଓ ଗୁଣବତ୍ତା କୁ ମାନ୍ୟତା ଦେଇଛନ୍ତି। ଏହା ହିଁ ଆମ ଆୟୁର୍ବେଦ ଶାସ୍ତ୍ର ପ୍ରଣେତାଙ୍କ ସିଦ୍ଧି, ଦୂରଦୃଷ୍ଟି ଓ ମହାନତା ର ପରିଚୟ ଅଟେ।

ଭାରତୀୟ "ବେଦଶାସ୍ତ୍ର","ଦର୍ଶନ ଶାସ୍ତ୍ର", "ଉପନିଶଦ", "ସାଂଖ୍ୟ", ବୈସେଶିକ" ମତ ଆଦି ସମସ୍ତ ଶାସ୍ତ୍ର ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ସହ ଅଙ୍ଗାଅଙ୍ଗୀ ଭାବେ ଜଡିତ ରହିଅଛି। ତେଣୁ ଆମ ହିନ୍ଦୁତ୍ୱ ମାନଙ୍କ ବେଦ ଶାସ୍ତ୍ର ରେ "ଆୟୁର୍ବେଦ" କୁ ପଞ୍ଚମ ବେଦ ଭାବେ ଗ୍ରହଣ

ISSN NO.
2582-208X

କରାଯାଇଛି। ଆମର ଦେଶୀୟ ମୌଳିକ ଚିକିତ୍ସା ଶାସ୍ତ୍ରରେ ସୂର୍ଯ୍ୟ ଚିକିତ୍ସା, ଜଳ ଚିକିତ୍ସା, ମାଟି ଚିକିତ୍ସା, ବାୟୁ ଚିକିତ୍ସା, ଯୋଗ, ଆସନ, ପ୍ରାଣୟାମ, ଆଦି ଶରୀର ନିରୋଗ ଦୀର୍ଘାୟୁ ରହିବା ପାଇଁ ଶାସ୍ତ୍ର ଅନୁମୋଦିତ ବିଭିନ୍ନ ଚିକିତ୍ସା ମାର୍ଗ ବର୍ଣ୍ଣିତ ରହିଛି। ଏହାକୁ ମନୁଷ୍ୟ ବ୍ୟବହାର କରି ସୁସ୍ଥ, ନିରୋଗ, ଓ ଦୀର୍ଘଦିନ ବଞ୍ଚି ରହିବା ନିମନ୍ତେ ଗ୍ରହଣ କରିବାର ଆବଶ୍ୟକତା ରହିଛି।

ଆମ ଭାରତୀୟ ଚିକିତ୍ସା ଶାସ୍ତ୍ର କୁ ବିଶ୍ୱ ସ୍ତରରେ ବହୁ ରାଷ୍ଟ୍ର ଗ୍ରହଣ କରି ଆସୁଛନ୍ତି। ଆୟୁର୍ବେଦ ଔଷଧର ମୂଳ ଧର୍ମ ହେଲା ଶରୀରରୁ ଯେକୌଣସି ରୋଗକୁ ସମୂଳେ ନଷ୍ଟ କରିବା, ପୁନର୍ବାର ଉକ୍ତ ରୋଗ ଶରୀରରେ ସୃଷ୍ଟି ହେବାକୁ ନଦେବା, ତେଣୁ ଉକ୍ତ ଚିକିତ୍ସା ଶାସ୍ତ୍ରକୁ ଆମେ ଆପଣେଇବାର ଆବଶ୍ୟକତା ରହିଛି। ଆଧୁନିକ ଚିକିତ୍ସା ଶାସ୍ତ୍ର (ଏଲୋପ୍ୟାଥିକ ଚିକିତ୍ସା ପଦ୍ଧତି) ଯେକୌଣସି ରୋଗ ଓ "ସର୍ଜରି" ନିମନ୍ତେ ଆସୁ ପ୍ରତିକାର ହୋଇଥିଲେ ସୁଦ୍ଧା ଶରୀରରେ ରୋଗ ପୁନର୍ବାର ପ୍ରତୀୟମାନ ହେବାର ସମ୍ଭାବନା ରହିଥାଏ ।

ଆୟୁର୍ବେଦ ଶାସ୍ତ୍ର ମନୁଷ୍ୟ ଧର୍ମ, ଅର୍ଥ, କାମ, ମୋକ୍ଷ, ଚତୁରବର୍ଗ ଫଳ ପ୍ରାପ୍ତି ନିମନ୍ତେ ଉପଯୋଗୀ ଅଟେ। ଏହାହିଁ ଆମ ଦେଶୀୟ ଚିକିତ୍ସା ପଦ୍ଧତି ର ସାର୍ଥକତା ଅଟେ।

ଆୟୁର୍ବେଦ ଶାସ୍ତ୍ରର ଚିକିତ୍ସା ପଦ୍ଧତି ରେ ବର୍ଣ୍ଣିତ ବିଭିନ୍ନ ରୋଗର ଉପଶମ ନିରାକରଣ ସକାଶେ ଔଷଧୀୟ ବୃକ୍ଷ, ଲତା, ଗୁଳ୍ମ ମାନଙ୍କର ଚେର, ମୂଳ, ପତ୍ର, ଫୁଲ, କାଣ୍ଡ, ଛାଲି, ସମୂହ ଆୟୁର୍ବେଦ ଔଷଧ ବ୍ୟବହାର ଉପଯୋଗୀ ହୋଇ ପାରୁଛି, ଯାହାକି ସାଧରଣ ଜନତାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ରେ ସହାୟକ ହୋଇପାରୁଛି । ଏହି ଦେଶୀୟ ଚିକିତ୍ସା ଶାସ୍ତ୍ର ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ଅଧିକ ଉପଯୋଗ ହୋଇପାରୁଥିବାରୁ ଏହାର ଅଧିକ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି,

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ–୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ପାଳଙ୍ଗ ପତ୍ର ଚାଟ୍



ଜୟନ୍ତୀ ଦେବୀ

ସାମଗ୍ରୀ: ବେସନ - ଏକ କପ୍

ଲୁଣ - ଅଧା ଚାମଚ

ଜୁଆଣି - ୨ କପ୍,

ପାଣି, ହଳଦୀ

ପାଳଙ୍ଗ ପତ୍ର - ୭/୮ ଟି

ଦହି - ୪ ଚାମଚ

କଳା ଲୁଣ - ଅଳ୍ପ ପରିମାଣରେ,

ଜିରା - ଅଳ୍ପ ପରିମାଣରେ,

ଲଙ୍କା ଗୁଣ୍ଡ - ୧ ଚାମଚ,

କଟା ପିଆଜ - ଅଳ୍ପ ପରିମାଣରେ

କଟା ଟମାଟୋ - ଅଳ୍ପ ପରିମାଣର, କଞ୍ଚାଲଙ୍କା - ଗୋଟିଏ

ତେନ୍ତୁଳି ଚଟଣି - ୨ ଚାମଚ, ପୋଦିନା ଚଟଣି -୨ ଚାମଚ

ବୁନ୍ଦି - ଏକ ଚାମଚ, ଡାଳିମ୍ବ ମଞ୍ଜି, ସେଓ - ୧ ଚାମଚ

ପ୍ରଣାଳୀ: ଗୋଟିଏ ପାତ୍ରରେ ଏକ କପ୍ ବେସନରେ ଲୁଣ, ଜୁଆଣି, ଅଳ୍ପ ହଳଦୀ ଓ ପାଣି ମିଶାଇ ପତଳା ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହା ପରେ ଏଥିରେ ପାଳଙ୍ଗ ପତ୍ର ବୁଡାଇ ଛାଣନ୍ତୁ । ଏହି ଛଣା ପାଳଙ୍ଗ ପତ୍ରକୁ ଏକ ପ୍ଲେଟରେ ରଖନ୍ତୁ । ଏହା ଉପରେ ଦହି, କଳା ଲୁଣ, ଜିରା ଓ ଲଙ୍କା ଗୁଣ୍ଡ ପକାନ୍ତୁ । ଏହା ପରେ କଟା ହୋଇଥିବା ଧନିଆ ପତ୍ର, ତେନ୍ତୁଳି ଚଟଣି, ପୋଦିନା ଚଟଣି, ଡାଳିମ୍ବ ମଞ୍ଜି, ସେଓ ଦେଇ ସଜାନ୍ତୁ । ପ୍ରସ୍ତୁତ ହୋଇଗଲା ପାଳଙ୍ଗ ପତ୍ର ଚାଟ୍ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ପାଳଙ୍ଗ ପକୁଡି



ଅଧ୍ୟାପିକା ରେ୍ଜାଲିନ୍ ବାରିକ୍

ସାମଗ୍ରୀ:

ପାଳଙ୍କ - ଅଧ କେ।ଲେ୍

ବେସନ - ୧୨୫ ଗ୍ରାମ

ସୁଜି - ୧୦୦ ଗ୍ରାମ

କଞ୍ଚା ଲଙ୍କା ୨ ଟି

ଅଦା ଛୋଟ ଖଣ୍ଡେ, ଜୁଆଣି ଅଳ୍ପ, ଜୀର୍ ଅଳ୍ପ

ସ୍ୱାଦ ଅନୁସାରେ ଲୁଣ ଓ ଛାଣିବା ପାଇଁ ତେଲ

ପ୍ରସ୍ତୁତି : ପାଳଙ୍ଗକୁ ଭଲ କରି ଧୋଇ ଚୁନା ଚୁନା କରି କାଟି ରଖନ୍ତୁ । ଠିକ୍ ସେମିତି କଞ୍ଚା ଲଙ୍କା ଓ ଅଦାକୁ ମଧ୍ୟ ଚୁନା ଚୁନା କରି କାଟି କଟା ହୋଇଥିବା ପାଳଙ୍ଗରେ ମିଶାଇ ଭଲ ଭାବେ ଚକଟନ୍ତୁ । ଏହା ପରେ ସେଥିରେ ଜୁଆଣି, ଜୀର୍ ଓ ଲୁଣ ମିଶାନ୍ତୁ । ଏଥରକ ସେଥିରେ ବେସନ ଓ ସୁଜି ପକାଇ ଗୋଳାନ୍ତୁ । ଘୋଳ ଯେମିତି ପତଳା ନହୁଏ । ବହଳଆ ଭାବେ ଘୋଳ ପ୍ରସ୍ତୁତ କରିବେ । ଏହି ମିଶ୍ରଣରେ ପାଣି ମିଶାଇବା ଦରକାର ହେବନାହିଁ । କାରଣ ପାଳଙ୍ଗରେ ଲୁଣ ମିଶିବା ପରେ ସେଥିରୁ ଆପେ ଆପେ ପାଣି ବାହାରିବ । କଡେଇରେ ତେଲ ଗରମ କରି ଏହି ମିଶ୍ରଣକୁ ନେଇ ଛୋଟ ଛୋଟ ପକୁଡି ଭଳ ଛାଣନ୍ତୁ । ଆଞ୍ଚ କମ କରି ଛାଣିବେ । ପକୁଡି ଗୁଡିକର ରଙ୍ଗ ବାଦାମି ହୋଇ ଆସିଲେ ତେଲରୁ ଛାଣି ନଅନ୍ତୁ । ଚଲି କମ୍ବା ଟମାଟୋ ସସ୍ ସହିତ ଏହା ଖାଇବାକୁ ବେଶ ସୁଆଦିଆ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ନାଇନ ଆରୁ ସେ ଗାଁ....



ଉମେଶ କୁମାର ବିଶ୍ୱାଲ

ଗାଁ ଭିତରେ ନାଇନ ଖପର୍
ଆଗର୍ ଭଲିଆ ଛାଏନ୍ ଛପର୍
ଆରୁ ନାଇଁନ ଗାଁ ଖୁଲି ନ
ହେବାର୍ ଲାଗି ଧୂଇଲ୍ ସର୍ ସର୍
ନାଇନ ସତେ ଢେକ କୁଟା
କରବାର୍ ଲାଗି ଚୁନା ପିଠା
ଖୁଜଲେ ନ ମିଲେ ମୁଢି ଭୁଜା
ସପନ୍ ଲାଗସି ହାଁଡିର ଭଜା
ମୁନୁଷ୍ ଭିତରେ ନାଇନ ଆରୁ
ଆଘର୍ ଭଲିଆ ସେନେହ ଶରଧା
ବହରି ଗଲାନ ଗାଆଁର୍ ଫଟୁ
ଯାହିଁ ଦେଖିଲେ ସେଲଫି ଉଠଉ
ନାଇନ ଆରୁ ଶଗଡ ଗାଡି
ଘୁରିଆଡେ ପଁ ପଁ ଗାଡି
ନ ଦିଶବାର ଜୁଏଡ୍ ଲଙ୍ଗଲ୍
ବୁଡି ଗଲାନ୍ ଗୃଷୀର ଅକଲ୍
ସୁନବାର୍ ଲାଗି ପୁରାନ୍ ଗୀତା
ସମକୁ ଲାଉଛେ କୁଚ୍ ପିତା
ଗୀତିକାର ଅକଲ୍ ଯାଉଛେ ବୁଡି

ISSN NO.
2582-208X

ସମିଆଁର ବଲେ ଗଲେନ ହଜି
ଯାହିଁ ଦେଖିଲେ ଡିଜେ ଗାନା
ପୁରଖା ଗୀତ୍ ହେଲା ପୁର୍‌ନା
ବୁଢା ଦଦା ମାନେ ଧରଲେ ଖଟ୍
ହେଅତା ପଡିଛେ ଭାଗବତ୍ ମଠ୍
ଆଉଛନ୍ ଯାଉଛନ୍ ଲୋକ୍ ଯେତେ
ନ ପର୍ୱର୍ବାର୍ କେନତା ଅଛେ
ମୁନୁଷ ଭିତରେ ମୁନୁଷ୍ ପନଆଁ
ଖୁଜବାର୍ ଲାଇ ଛନେ ଲାଉଛେ
ମୁନୁଷ ଅଛନ୍ ଯାହାକେ ଯେତେ
ମାଓ୍ ଲାଗୁଛନ୍ କେତେନ କେତେ
ଗାଲୁଗୁରଜ୍ ସବୁଆଡେ
ମୁନୁଷ ପନଆଁ ନାଇନ ସତେ ॥

ଗାଁ – ସାନଟୀକା
ପୋ.ଅ.– ନଅଗାଁ–ଖ
ଜିଲ୍ଲା – ବଲାଙ୍ଗୀର –୭୬୭୦୨୦

ISSN NO.
2582-208X

# ରହିଥା ଧରି ଦମ୍



ଶ୍ୟାମସୁନ୍ଦର କୁମ୍ଭାର

ଖରା ହଉଛେ ବୋଲି  କେଭେଁ
ଉନା ନିକର୍ ମନ୍
ଦୁଃଖ୍ ସହିଥିଲେଁ ସୁଖ୍ ମିଲ୍'ସି
ରହିଥା ଧରି ଦମ୍  ।୧।

ଖରା ନି ହେଲେଁ ବର୍ଷା ନିହୁଏ
ବର୍ଷାର୍ ଅଭାବେ ମର୍'ଡି
ପାନିର୍ ଅଭାବେଁ ଜୀବନ୍ ଜିବ୍'କା
ସବ୍'କର୍ ଯିବା  ଉଜୁଡ଼ି ।୨।

ଖରା କେ ଚାହିଁ ପର୍କୁତି ଦେବି
ରଖି ଦେଇଛେ ଖଞ୍ଜା
ଆମ୍, ବେଲ୍, ଚାଁର୍, ପଇଡ୍ ପାଏନ୍
ସାଙ୍ଗେ କୁଶେର୍ ପନା  ।୩।

ସମିଆଁ ଜାନି କାମ୍'କେ ଯିବୁ
ସମିଆଁ ଜାନି ଫିର୍'ବୁ
ମୁଡ଼େଁ ପାଗ୍'ଡ଼ି, ପାଦେଁ ଜୁତା, ପାଏନ୍
ବୁତଲ୍ ନି ଭୁଲ୍'ବୁ ।୪।

ISSN NO.
2582-208X

ଛୁଆପିଲାକୁ  ନି ଛାଡ୍'ବୁ
ଖରା ଝଉ ଥି ବାହାର୍'କେ
ଝଉ ମାରିଦଲେ ବସି କାନ୍ଦୁଥିବୁ
ନିନ୍ଦୁଥିବୁ ତୋର୍ କପାଲ୍'କେ  ।୫ ।

ପଏସାର୍ ଲୁଭେଁ ଝଉ ଖରାଥିଁ
ଧାଇଁ ନି ଯିବୁ ଉବେଲେଁ
ଆଲ୍'ମାଲ୍ ତତେ ଝଉ ମାରିଦଲେଁ
ପଡ଼ିଯିବୁ ବଢ଼େ ଅର୍କଲେଁ  ।୬ ।

କମାନି  ପଛେ ନିହେଲେଁ ନିହଉ
ଜିବନ୍'ଟା ଥଉ ସୁଖେ
ଜିଇଁଜାଗୀ ଥିଲେଁ ବର୍ଷା ଆଏଲେଁ
କମାବୁ ଯାହାକେ ଯେତେ  ।୭ ।

ସନ୍ଧିବାହାଲ
ଗାଇସିଲେଟ , ବରଗଡ଼

ISSN NO.
2582-208X

# ବାରମାସ୍

ରୂପେଶ ସାହୁ

ଅଲଗା ମାସେ ଅଲଗା ରକମ୍
ଅଲଗା ସବୁ ଯତେ,
ବାରମାସ୍ ମିଶି ଗୁଟେ ବରଷ୍ ନେ
ସବୁମଜା ଥିସି ସତେ....(୦)

"ବୈଶାଖ୍-ଜେଠ୍" ତିରପଟ୍ ଖରା
ପାଏନ୍ ଟିକେକର୍ କଲବଲ୍,
ଗଛ୍ ପତର୍ ବନ୍ଧ ପଏରଛା ଶୁଖା
ସୁରୁଜ କିରନ୍ ଟା ହଲହଲ୍...(୧)

"ଅଷାଢ୍-ଶରାବନର୍" ଝରଝର୍ ବରଷା
ଉଦାଉଦା ଧରତୀର୍ ମାଏଟ୍,
ଚାଷୀ ଜୁଗିଥିସି ଇ ମାସ୍ ଟାକେ
ସାଜିଥିସି ନଙ୍ଗଲ କଏଟ୍....(୨)

"ବୁଧୋ-ଦଶରା" ମାସ୍ ଭଏରନେ
ଲାଗୁଥିସି ପୁରା ଗହକି,
ସାଗୁଆ ରଙ୍ଗେ ବିଛି ହେଇଥିସି
ତିହାର୍ ପରବ୍ ଯାଏସି ମହକି.....(୩)

ISSN NO.
2582-208X

କୁହୁଡି ର୍ ଲାଗି ଧୋପ୍ ଫରଫର୍
"କାର୍ତିକ୍-ମଗଶିର୍" ମାସ୍,
କାକଁର୍ ବିନ୍ଦୁ ବି ଚମକି ଯାଏସି
ଶୀତ୍ କେ ଡାକସି ପାସ୍....(୪)

ଶୀତର୍ ଡରହେ ଅଁତରା ଜଲା
ଚାଁଏ କରୁଥିସି ପାଏନ୍,
"ଫୁଷ୍-ମାଘ୍"ମାସେ ହଲିଯାଏସି ଠୁଢିଁ
ଗରମ୍ ପିନ୍ଧନା ଅଏନ୍....(୫)

"ଫଗୁନ-ଚଏତ୍"ର ବଉଲି ଧୁକା
ଚଏତୁ ଭୁଏର୍ ଡାକ୍
ପୁରିଥିଲା ମନ୍ ହାଲକା ଲାଗେ
ନିର୍ମଲ୍ ମେଘର୍ ପାଗ୍...(୬)

ଭେଲୁଆଁପଦର,ବୁଡାମାଲ,ପଦ୍ମପୁର(ବରଗଡ଼)
ମୋ–୮୬୫୮୩୦୩୨୧୭

ISSN NO.
2582-208X

# ଶୁଇନ୍ ... ଶୁଇନ୍ ... ମହାଶୁଇନ୍



ଡ. ସୁଧାଂଶୁ ମେହେର

ତତଲା ତତଲା ଖରାର୍ ଶାଢ଼ି ପିନ୍ଧି
ତମେ ଯେଭେ ଆସ ମର୍ ପାସକେ
ଡର୍ ଲାଗସି ତମକୁ ଦେଖି
ଗୋଡ୍ ଦୁଇଟା ଘୁଚିଯାଏସି ଟିକେ ପଛ୍ କେ..

କୁଇଲିର୍ ଡାକ୍ ହଜି ଯାଏସି
ମନଟା ଛିନାଛିନା ଲାଗସି
ନୂଆଁ ଚର୍ଚ୍ଚା କିଛି ନାଇଁ ହୁଏ
ତମର୍ ଆଏବାର୍ ବାଟ୍ କେ ଦେଖି..

ତମେ କାଏଁ ନାଇଁ ଜାନି
ଇ ଫଗୁନ୍ ଆର୍ କେଭେ
ମତେ ପାଗଲ୍ ନାଇଁ କରିଦିଏ
ବସନ୍ତର ଲୁଭ ଲୁଭାନି ଛିଆଁ
ମର୍ ଦିହିଁକେ ଆର୍ ଗୁଦଗୁଦି ନାଇଁ କରେ
ବଏସ୍ ତ ମର୍ ଢଲକି ଗଲାନ ତଲକେ..

ଖରାର୍ ଶାଢ଼ି ପିନ୍ଧି ମର୍ ପାସେ ଠିଆହେସ
ମୁଡ୍ ଉପରେ ଜଲୁଥିସି ଜୁଏର୍ ଉମ୍ନେଇ

ISSN NO.
2582-208X

ମୁଇଁ ତମକୁ ଆର୍ ନାଇଁ ଦେଖିପାରେଁ
ଆଏଖ୍ ଟା ମର୍ ଝଲସି ଯାଏସି..

ଯେତେବେଲେ ମର୍ ଦରକାର ଥିଲା
ଫତୁନର୍ ସମିଆଁନେ ତମର ସାଙ୍ଗେ ଟିକେ
ସେତେବେଲେ ଭାଏଲ୍ ମୁଇଁ ହଜିଯାଇଥିତିଁ
ଲଛେନ୍ ତ ଆର୍ କିଛି କହେବାର ନାଇଁ..

ଇଛେନ୍ ଇ ସମିଆଁନେ ଲହଣ୍ ଗାର୍ ଡେଗିକରି
କିଏ ଜାନେ ମର୍ ହାତକେ ଘିଚିନେବା କେତେବେଲେ
ମର୍ ମୁହେଁ ଫେର୍ ଘାଏ ମୁଖା ବାନ୍ଧିକରି
କାମନାର ଜୁଏଶାଲେ ଫେର୍ ଘାଏ ଦେବା ଝଁପେଇ
ହେତିର୍ ଲାଗି ମୁଇଁ ଚୁପେଚୁପ୍..ଖରା ଆସୁ କି ଫଗୁନ୍ ଆସୁ..

ଆକାଶବାଣି, ଦୂରଦର୍ଶନ ଗୀତିକାର ତଥା କବି

ISSN NO.
2582-208X

# କୋଶଲି ମାଆର ଛୁଆ ମୁଇଁ



କୁମର ଲାଲ ରଣା

କୋଶଲି ମାଆର ଛୁଆ ମୁଇଁ ଆଏ
କୋଶଳ ଗଢ଼େ ମୋର ରାଏଜ ।
କୋଶଳ ବାସି ଆମେ ରେ ଭାଏ
ବଢ଼ାମୁଁ ଆମର ତେଜ ।
ପୁରୁଖା ମାଏଟର ଛୁଆ ପିଲା ଆମେ
ଗଢ଼ମୁଁ କୋଶଳ ରାଏଜ ।
ଧାଏଁନ ମାଟି ମାଆ ଗୋ ଜନମ କଲୁ
ବଢ଼େଇ ଦେ ମାଆ ତେଜ ।
କୋଶଳ ମାଟି ଆମର ହକ
ଆମର ଲାଗି ସୁନା ।
ତାର ଉପୃତି ବଢ଼ି ଯଉ ଇନେ
ନାଇଁ ହଉ କେବେ ଉନା ।
ବଢୁ ଥାଉ ଧନ ବଢୁ ଥାଉ ମାନ
ବଢୁ ଥାଉ ମା ସନମାନ ।
ବିପଦ ଆପଦେ ବଢ଼ି ଥାଉ ହିତ
ମା ଭୂଇଁ ର ବଡ଼ା ମାନ ।
ମା ମାଟିର ଗେଲ୍ହା ଛୁଆ ମୁଇଁ
ମାଟିନେ କର୍ମି ଯଶ ।
ଆମର ଲାଗି କୋଶଳ ଭୂମି
ନାମ ଲଭବା ଇତିହାସ ।

ନୂଆପଡା ମହୁଆଭଟା

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ରୂପରେ ସୁନ୍ଦର ସ୍ୱାଦ ଭରପୁର



ଡ଼ଃ ରଞ୍ଜିତ କୁମାର ସାହୁ

ସଜନା ଛୁଇଁ ଫୁଲ ଭଜା ପିକୁନ୍ ର ଭାରି ପସନ୍ଦ । ସସ୍ମିତା ସହିତ ବସି ବୋଉ ଦେଇଥିବା ଗରମ ଗରମ ସଜନା ଛୁଇଁ ଫୁଲ ଭଜା ଆଉ ପକୋଡା ଖାଉ ଖାଉ କହିଦେଲା,"ତୁମ ଦେଶରେ ତ ଏମିତି କେହି ଭଜା ଆଉ ପକୋଡା କରି ଖାଉ ନଥିବେ କୋହୋଲା ପାଗ ହେଲେ । ଏମିତି ପାଗରେ ଏହି ଯେଉଁ ସବୁ ଖାଇବା ମିଳେ ସେଇଟା ହିଁ ସୁଖ । ତୁମ ଦେଶରେ ତ କେହି ଫୁଲକୁ ଖାଉ ନଥିବେ ଏମିତି ରୋଷେଇ କରିକି ।"



ସସ୍ମିତା ତାହାର ବାପାଙ୍କ ସହ ପିକୁନ୍ ଘରକୁ ଆସିଥାଏ । ସେ ବହୁତ ଦୂରରେ ରୁହେ, ଯୁକ୍ତରାଷ୍ଟ୍ର ଆମେରିକାରେ । ତାହାର ବାପାଙ୍କ ସହ ଓଡିଶା ବୁଲିବାକୁ ଆସିଥାଏ । ପିକୁନ୍ ର ବାପା ଆଉ ସସ୍ମିତାର ବାପା ଦୁହେଁ ବାଲ୍ୟ ବନ୍ଧୁ ଆଉ ବହୁତ ଘନିଷ୍ଠ । ସସ୍ମିତା କିଛି ସମୟ ପିକୁନ୍ ଆଡକୁ ଚାହିଁଲା ଆଉ କହିଲା," ସେମିତି କଥା ନୁହେଁ । ସେଠି ମଧ୍ୟ କଖାରୁ ଫୁଲକୁ ଖିଆ ଯାଏ । କେବଳ ସେତିକି ନୁହେଁ, ଅନେକ ପ୍ରକାର ଅନ୍ୟ ତୃଣ,

ISSN NO.
2582-208X

ଲତା ଆଉ କିଛି ବୃକ୍ଷର ଫୁଲକୁ ମଧ୍ୟ ଖିଆ ଯାଏ I ଅବଶ୍ୟ ଏହି ଭଳି ଚାଉଳ ପିଠଉ ଭଜା କରିକି ନୁହେଁ I "

"ଓଃ, ଆମର ଏଠି କିଛି ଗଛର ଫୁଲକୁ ଖିଆ ଯାଏ ଯେମିତି ସଜନା ଛୁଇଁ, ପାଳଧୂଆ, ଗିରେଲ ଫୁଲ, କାଞ୍ଚନ ଗଛର ଫୁଲ ….। ପିକୁନ୍ ସସ୍ମିତାକୁ ତାହାର କମ୍ପୁଟରରେ ଫୁଲ ଗୁଡିକର ଫୋଟୋ ଦେଖେଇବାକୁ ଲାଗିଲା I

ଗିରେଲ ଫୁଲର ଛବିଟିଏ ଦେଖୁ ଦେଖୁ ସସ୍ମିତା କହିଲା, "ରୁହ ରୁହ, ମୋର ମନେ ପଡିଲା I ଆମର ସେଠି ମଧ୍ୟ ଗୋଟିଏ ଗଛ ଅଛି ଯାହାର ଫୁଲକୁ ଖିଆ ଯାଇ ପାରେ I ସେଇଟା ପ୍ରାୟତଃ ଟିକିଏ ଏମିତି ରଙ୍ଗର ଦେଖିବାକୁ କିନ୍ତୁ ତାହାର ଅନେକ ରଙ୍ଗ ମଧ୍ୟ ଅଛି, ଧଳା ଠାରୁ ଗାଢ଼ ଗୋଲାପୀ ପର୍ଯ୍ୟନ୍ତ I"



"ଅଚ୍ଛା ତାହାର ନାମ କଣ ?" ପିକୁନ୍ ପଚାରିଲା I

"ତାକୁ ସେଠି 'ରେଡବଡ' କୁହନ୍ତି ଯାହାର ଅର୍ଥ ହେଲା 'ନାଲି କଢି' ", ସସ୍ମିତା କହିଲା I

"ଓଃ ମୁଁ ଖୋଜୁଛି ରୁହ ତାହାର ଫୋଟୋ, ତୁମେ କହି ଚାଲ ତାହା ବିଷୟରେ," କହି ପିକୁନ୍ ଖୋଜିବାକୁ ଲାଗିଲା I

ISSN NO.
2582-208X

ସସ୍ମିତା କହିବାକୁ ଲାଗିଲା, "ଏହି ଗଛଟିରୁ ପତ୍ରଝଡ଼ା ସମୟରେ ସବୁ ପତ୍ର ଝଡି ଯାଇ ଥାଏ । ପତ୍ର ଗୁଡିକ ହଳଦିଆ କିମ୍ବା ଲାଲ ହେଇ ଯାଏ । ପାନପାତ୍ର ଭଳି ଆକୃତିର ଏହି ଗଛର ପତ୍ର ଗୁଡିକ ମଧ୍ୟ ସୁନ୍ଦର ଲାଗେ । ବସନ୍ତ ଋତୁରେ ଫୁଲ ସବୁ ଫୁଟିବାକୁ ଲାଗେ, କିନ୍ତୁ ଅନ୍ୟ ଗଛ ଭଳି ଏହା ଡାଳର ଅଗରେ ନ ଫୁଟି ଡାଳର ଗଣ୍ଠି ଉପରେ ଫୁଟେ । ଗଛର ଗଣ୍ଡିରୁ ମଧ୍ୟ ଫୁଲ ପେନ୍ଥା ପେନ୍ଥା ହୋଇ ଫୁଟିଥାଏ । ବସନ୍ତ ଋତୁରୁ ଆରମ୍ଭ ହୋଇ ଗ୍ରୀଷ୍ମର ପ୍ରଥମ ଦିନ ଯାଏଁ ଦେଖାଯାଏ । ଏହି ଫୁଲକୁ କଢ଼ି କିମ୍ବା ଫୁଲ ଭାବରେ, କଞ୍ଚାରେ କିମ୍ବା ରୋଷେଇ କରିକି ଖିଆ ଯାଇପାରେ । ଫୁଲକୁ ବିଭିନ୍ନ ପ୍ରକାରର ବେକିଂ ରେ ମଧ୍ୟ ବ୍ୟବହାର କରା ଯାଇ ପାରେ । ଫୁଲରୁ ଜେଲି ମଧ୍ୟ ତିଆରି ହୋଇ ପାରେ । କଅଁଳିଆ ଛୁଇଁ ଗୁଡିକ ରନ୍ଧା ହୋଇ ଖିଆ ଯାଇ ପାରେ । ଏହାକୁ ଲୋହିତ ଭାରତୀୟ ମାନେ ବେଳେ ବେଳେ ଶିକାର କଲା ପରେ ମାଂସ ରାନ୍ଧିବାକୁ ଏହାର କଅଁଳିଆ ଡେମ୍ଫ ଗୁଡିକୁ ମସଲା ଭାବରେ ମଧ୍ୟ ବ୍ୟବହାର କରୁଥିଲେ । ତେଣୁ ଏହାକୁ ମସଲା ଗଛ ମଧ୍ୟ କୁହା ଯାଏ । ଗଛର ଛାଲିକୁ ପାଣିରେ ଫୁଟେଇ ତାହାର ଡିକୋକସିନକୁ ଥଣ୍ଡା, କାଶ ଏବଂ ଜ୍ୱରରୁ ଆରାମ ଲାଭ କରିବା ଲାଗି ଔଷଧ ରୂପରେ ମଧ୍ୟ ବ୍ୟବହାର କରା ଯାଏ। କୁହ ଯାଏ ଏହାର କଅଁଳିଆ ମଞ୍ଜି ମଧ୍ୟ ଖିଆ ଯାଇ ପାରେ ।"



"ସତରେ କେତେ ସୁନ୍ଦର ଦେଖା ଯାଏ ଏହି ଗଛଟି, "ପିକୁନ୍ ତାହାର କମ୍ପୁଟରରେ ଦେଖା ଯାଉଥିବା ଗଛର ଛବିଟିକୁ ଦେଖେଇ କହିଲା । ଇଣ୍ଟର୍ନେଟରେ ସିଏ ଦେଖି ପାରିଥିଲା ସୁଦୂର ଆମେରିକାରେ ଥିବା ସୁନ୍ଦର ଗଛଟିକୁ ।

ISSN NO.
2582-208X

"ଭାବି ଦେଖିଲ ପୃଥିବୀର ଯେଉଁ ସ୍ଥାନରେ ଥିଲେ ମଧ୍ୟ ଗଛଟିଏ କେତେ ଉପକାରୀ ହେଇଥାଏ," ସସ୍ମିତା କହିଲା ।



"ହଁ ପ୍ରତ୍ୟେକ ଗଛ ମଣିଷକୁ ଯାହା ଦେଉ ନ ଦେଉ, ପରିବେଶକୁ ନିଶ୍ଚୟ ଅନେକ କିଛି ପ୍ରଦାନ କରି ଥାଏ । ସତରେ ରୂପରେ ସୁନ୍ଦର ଗୁଣରେ ଭରପୁର ଗଛଟିଏ ନିଜ ଆଖି ପାଖରେ ଥିଲେ କେତେ ଖୁସି ଲାଗେ । ପରିବେଶ, ଦେହ ଆଉ ମନ ସବୁ କିଛି ସୁସ୍ଥ ଆଉ ଉତଫୁଲ ହୋଇଯାଏ ! ଏବେ ଚାଲ ଏହି ସବୁ ଭଜା ଖାଇ ସାରି ଅନ୍ୟ କିଛି ବିଷୟରେ ଆଲୋଚନା କରିବା । ତୁମ ଠାରୁ ବହୁତ କିଛି ଶୁଣିବାର ଅଛି," ପିକୁନ୍ କହିଲା ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ପଶୁ ମୁଖା ଲୋକ ନୃତ୍ୟ ଓ ମିତା



ନୀଳମାଧବ ସାହୁ

ଗାଁ ରେ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଯାଇଥାଏ । ମୋଟ ୧୫ ଦିନ ଯାତ୍ରାରେ ଅନ୍ତିମ ୫ ଦିନ ବଡ ପଟୁଆର ଓ ଲୋକ ନୃତ୍ୟ ସହ ମାଁ ଠାକୁରାଣୀ ଗ୍ରାମ ଭ୍ରମଣ କରନ୍ତି । ତେଣୁ ମିତା, ତାସାନ ଭାଇ ବାସୁ ଓ ପୁରା ପରିବାର ପହଂଚି ଗଲେ ସୁଦୂର ଦିଲ୍ଲୀରୁ ଓଡିଶା ନିଜ ପୈତୃକ ଗ୍ରାମକୁ । ମିତା ଓ ବାସୁ ଦୁହେଁ ଯାତ୍ରାରେ କେବେ ଜେଜେଙ୍କ ସହ ତ କେବେ ବାପା ମାଆ ଓ ଦାଦା ଖୁଡିଙ୍କ ସହ ସନ୍ଧ୍ୟା ହେଲେ ସବୁ ସାହିରେ ହୋଇଥିବା କଳାକୁଞ୍ଜ, ଗାଁ ପଡିଆରେ ବସିଥିବା ବଜାର ଓ ଦୋଳି ଇତ୍ୟାଦିର ମଜା ନେଉଥିଲେ । ସେ ଦୁହେଁ ଯାତ୍ରାରେ ବହୁତ କିଛି ନୁଆଁ ଦେଖିବାକୁ ଓ ଜାଣିବାକୁ ପାଉଥିଲେ, ଯାହାକି ରାଜଧାନୀ ଦିଲ୍ଲୀରେ କେବେ ନଥିଲେ। ତାହା ସହ ସେମାନଙ୍କ ମନରେ ବହୁତ କିଛି ନୁଆଁ ଚିନ୍ତାଧାରା ମଧ୍ୟ ଆସୁଥାଏ, କଣ ପାଇଁ ତାହା ଏହିପରି ବା ସେହିପରି ହୋଇଅଛି ଓ ତା ପଛରେ କାରଣ କଣ, ଏହିପରି ସବୁ ।

ଓଡ଼ିଶାର ପ୍ରାୟ ସବୁ ପାରମ୍ପରିକ ଯାତ୍ରାରେ ପଶୁମୁଖା ନୃତ୍ୟ ମୁଖ୍ୟ ଆକର୍ଷଣ ଥାଏ । ଏହି ଠାକୁରାଣୀ ଯାତ୍ରାରେ ମଧ୍ୟ ଦେବୀଙ୍କ ଶୋଭାଯାତ୍ରାରେ ସେହି ପଶୁମୁଖା ନାଚକୁ ଦୁହେଁ ଭାଇଭଉଣୀ ଦେଖିଲେ ଓ ତାବିଷୟରେ ଜେଜେଙ୍କୁ ପଚାରିଲେ । ବାସୁକୁ ୩-୪ ବର୍ଷ ବୟସ, ସେ ସେହି ଭେଷ ଦେଖି ପ୍ରଥମେ ଡରିଗଲା । ପୁଣି ମିତା ତାକୁ ବୁଝାଇଲା ଯେ ଏଗୁଡା ସତ ସତିକା ବାଘ ଓ ଷଣ୍ଢ ନୁହଁ, ଗୋଟିଏ ଗୋଟିଏ ଲୋକଙ୍କ ଦ୍ୱାରା ପରିବେଷଣ ହେଉଥିବା ପଶୁ ମୁଖା ନୃତ୍ୟ ।

ISSN NO.
2582-208X



ସେହି ଦିନ ମିତା ଓ ବାସୁ ପଶୁ ମୁଖା ନାଚରେ ବାଘ, ଷଣ୍ଢ, କଳା ଓ ନାଲି ଘୋଡା ଦେଖିଥିଲେ । ସେଗୁଡିକ ବାଉଁଶ ଓ ବେତରେ ତିଆରି ହୋଇଥିଲା ଓ ତାକୁ ପଶୁର ରଙ୍ଗ ହିସାବରେ ଚାନ୍ଦୁଆରେ ସଜାଯାଇ ପଶୁର ମୁଖାକୁ ଖଞ୍ଜା ଯାଇଥିଲା । ବାସୁ ତା ଦିଦିକୁ ଜଣାଉଥିଲା ଯେ ଅପା ସେ ଘୋଡା ଦୁଇଟି ସମସ୍ତଙ୍କ ଆଗରେ ଯାଉଛି ଦେଖେ । ତାପରେ ବାଘ ଓ ଷଣ୍ଢର ଲଢ଼େଇ ତାସହ ବାଘ ଓ ମଣିଷର ଲଢେଇ ଇତ୍ୟାଦିର ପରିବେଷଣ ହେଉଥିଲା । ସମସ୍ତେ ସେହି ନାଚକୁ ଉପଭୋଗ କଲେ । କିନ୍ତୁ ମିତାର ମନରେ ପ୍ରଶ୍ନ ଆସୁଥାଏ ଏହି ନାଚ କାହିଁକି ପରିବେଷଣ ହୁଏ । ତେଣୁ ସେ ଜେଜେଙ୍କୁ ଯାଇ ପଚାରିଲା ତାହା ବିଷୟରେ ।

ବାଘ ମୁଖା ନାଚର ତ ବିଭିନ୍ନ ଲୋକ କଥା ରହି ଆସିବା ସହ ଧାର୍ମିକ ବିଶ୍ୱାସ ବି ରହି ଆସିଛି । ଲୋକମାନେ ବାଘକୁ ସାହସ ଓ ପରାକ୍ରମର ପ୍ରତୀକ ବୋଲି ମାନନ୍ତି । ତେଣୁ ଯେ କୌଣସି ଯାତ୍ରା ବା ମେଳାରେ ବାଘମୁଖା ନାଚ ଥିବା ସୁନିଶ୍ଚିତ ବୋଲି ଜେଜେ ନିଜ ନାତି ନାତୁଣୀଙ୍କୁ ଜଣେଇଲେ। କିନ୍ତୁ ପରିବେଶର ପର୍ଯ୍ୟାୟ କ୍ରମେ ଅବନତି, ଜଙ୍ଗଲ ହ୍ରାସ, ଜଙ୍ଗଲ ପାଖରେ ଜନବସତି ବଢିବା ଇତ୍ୟାଦି ବାଘର ବାସସ୍ଥାନକୁ କ୍ଷତି ପହଞ୍ଚାଉଛି । ଜଙ୍ଗଲ ପାଖରେ ବସବାସ କରୁଥିବା ଲୋକ ଓ ବାଘ ମଧ୍ୟରେ ସଂଘର୍ଷ ଓ ବିବାଦ ବି

ISSN NO.
2582-208X

ବଢୁଛି । ଏହି ବାଘମୁଖା ନାଚରେ ବାଘର ମଣିଷ ଓ ଷଣ୍ଢ ପ୍ରତି ଆକ୍ରମଣ, ବନ୍ୟଜନ୍ତୁ ଓ ମଣିଷ ସଂଘର୍ଷକୁ ନାଚ ମାଧ୍ୟମରେ ରୂପାନ୍ତରିତ କରି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ କହିଲେ ଭୁଲ ବି ହେବନାହିଁ । ବୋଧହୁଏ ଏହା ବି ହୋଇପାରେ, ଆଗରୁ ପୂର୍ବଜମାନେ ବାଘ ସହିତ ଥିବା ସମ୍ପର୍କକୁ ପୁରାତନ ସମୟରେ ଏହିପରି ନାଚ ମଧ୍ୟରେ ସଚେତନତା କରୁଥିଲେ, ପର୍ଯ୍ୟାୟ କ୍ରମେ ତାହା ଏକ ଲୋକ ନୃତ୍ୟ ଭାବେ ପ୍ରତ୍ୟେକ ଯାତ୍ରା ଓ ପର୍ବପର୍ବାଣୀରେ ପରିବେଷଣ ହେଉଛି । ଯେହେତୁ ମିତା ଓ ବାସୁର ବାପା ଜଙ୍ଗଲ ବିଭାଗରେ କାର୍ଯ୍ୟରତ, ସେ ତାଙ୍କ ବିଚାରଧାରା ଜଣାଇଲେ ।

ଯେହେତୁ ଲୋକମାନେ ନିଜ ଜୀବନଧାରାକୁ ସଅଳ ଓ ସୁବିଧାରେ ଉପଭୋଗ କରି ଚଳିବାକୁ ପ୍ରକୃତିକୁ କ୍ଷତି ପହଞ୍ଚାଉଛନ୍ତି, ତା ବିଷୟରେ ଚିନ୍ତା ବି କରୁନାହାନ୍ତି ତାହା ଆଗକୁ ବହୁତ ବଡ ବିପଦ ଟାଣିଆଣିବ ଏଥିରେ ସନ୍ଦେହ ନାହିଁ। ଲୋକମାନଙ୍କ ଜଙ୍ଗଲ ଜୀବଜନ୍ତୁଙ୍କ ସହ ବିବାଦ ମଧ୍ୟ ମୁଣ୍ଡ ଟେକୁଛି । ବନ୍ୟ ପଶୁମାନେ ଜନବସତି ଆଡକୁ ବି ମୁହାଉଁଛନ୍ତି । ତେଣୁ ଆଗକୁ ଏହି ସଂଘର୍ଷକୁ କମାଇବାକୁ ଉପାୟ ଚିନ୍ତା କରିବା ସହ ଯଥା ସମ୍ଭବ ପରିବେଶର ସଂରକ୍ଷଣ ପାଇଁ ପ୍ରୟାସ କରିବାକୁ ହେବ ବୋଲି ମିତା ଓ ବାସୁକୁ ତା ବାପା ଉପଦେଶ ଦେଲେ । ପ୍ରକୃତି ସହ ପୁରୁଣା ଲୋକ ନୃତ୍ୟର ସଂରକ୍ଷଣ ହେବା ଦରକାର ବୋଲି ଜେଜେ ଶେଷରେ ମତ ରଖିଲେ ।

ସମରଝୋଳ, ଗଂଜାମ, ଓଡିଶା

ISSN NO.
2582-208X

# କହୁଛି କଥାଟେ ଶୁଣ



ଅମରନାଥ ବାରିକ

ବସନ୍ତ ଆମର ଭଲ ପିଲାଟିଏ
ପଢୁଥାଏ ନିତି ପାଠ
ନିଦରୁ ସଅଳ ଉଠିଯାଏ ସିଏ
କରେ ନାହିଁ କେବେ ମଠ ।

ସକାଳୁ ଗାଧୋଇ ପୂଜା ଭକତିରେ
ବାପାଙ୍କ ସାଙ୍ଗରେ ବସେ
ଫୁଲ ସଜା ଆଉ ଚନ୍ଦନ ଘୋରିବା
କରୁଥାଏ ସେ ହରଷେ ।

ରୋଷେଇ ଶାଳରେ ମାଆଙ୍କ ପାଖରେ
କରେ ଛୋଟ ଛୋଟ କାମ
ସନ୍ଧ୍ୟାବତୀ ଦେଲେ ଚଉଁରା ମୂଳରେ
ହାତ ଯୋଡ଼ି କରେ ନମଃ ।

ଦୁଷ୍ଟାମି ନଥାଏ ଅତି ସରଳିଆ
କହୁଥାଏ କୁନି କଥା
କରେ ସନମାନ ଗୁରୁଜନଙ୍କୁ ଯେ
ନଦିଏ କା' ମନେ ବ୍ୟଥା ।

ISSN NO.
2582-208X

ପାଉଥାନ୍ତି ଭଲ ସଭିଏଁ ତାହାକୁ
କରନ୍ତି କେତେ ଆଦର
କିଏ ହେବ ଆମ ବସନ୍ତ ପରିକା
ପିଲାଟି ଭାରି ଚତୁର ।

ହୁଅରେ ପିଲାଏ ବସନ୍ତ ଭଳିଆ
ଦୁନିଆରେ ହେବ ବଡ଼
ଖଳଠାରୁ ରୁହ ଦୂରେଇ ଜୀବନେ
ମନ୍ଦ କରମକୁ ତଡ଼ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ – ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫

ISSN NO.
2582-208X

# ଘୋଡ଼ା ଧାଇଁଧାଇଁ ଯେଉଁଠି



ନୀଳମଣି ଗୁନ୍ଦ

ଘୋଡ଼ା ଧାଇଁଧାଇଁ ଯେଉଁଠି
ଧିରେ ଚାଲି ହାତୀ ସେଇଠି
ଦୁହେଁ କୋଣାରକ ଯିବେରେ
ସେଇ ଦେଉଳକୁ ଦେଖିବାପାଇଁ
କେତେ ପର୍ଯ୍ୟଟକ ଥିବେରେ।

ହେଇଟି ହେଇଟି ହେଇଟି
ସୂର୍ଯ୍ୟମନ୍ଦିରଟି ସେଇଠି
ହାତୀ, ହାତୀ ପାଖେ ଯାଉରେ
ଦଉଡ଼ି ଦଉଡି  ଘୋଡ଼ାଟି ଯାଇକି
ସେହି ଘୋଡ଼ା ପାଖେ ଥାଉରେ।

ବିଶୁ ମହାରଣା କାହାନ୍ତି
ରାଜା ନରସିଂହ ନାହାନ୍ତି
ବଜାଅ ମାଦଳ  ବାଜାରେ
ଆହାନ୍ କହିବ ହେ ସାଙ୍ଗମାନେ
ମୁଁ ଉତ୍କଳର ରାଜାରେ।

ISSN NO.
2582-208X

ଆରଭ୍ ଘୋଡ଼ାରେ ବସିବ
ମୁରୁକି ମୁରୁକି ହସିବ
ଶୁଣିବ ଧରମା କଥାଟି
ଏତେ ବଡ଼ କଳାପାଗୋଡାକୁ ଦେଖି
ଘୂରି ଯିବ ତା'ର ମଥାଟି ।

ଘୋଡ଼ା ତୁ ହେବୁନି ହାଲିଆ
ପଛେ ପଛେ ହାତୀ  ଚାଲିଆ
ଆମ ଆଗେ ଆଗେ ଯିବୁରେ
ଭାବୁଛି ମୁଁ ଯିବି ଚନ୍ଦ୍ରଭାଗା ବୁଲି
ତୁ ଯାଇ ସେଠାରେ ଥିବୁରେ ।

ନିଦରୁ ଉଠିଲା ତପନ
କହିଲା ଦେଖିଲି ସପନ
ନାଇଁ ତ କୋଣାର୍କ ନାଇଁରେ
ଖରାଛୁଟି ହେଲେ  ବୁଲିବାକୁ ଯିବା
ପିଲାଙ୍କୁ କହିଲେ ମାଇଁରେ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର–୨୯,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ମୁଁ ଫୁଲଟିଏ ....ମୋତେ ଫୁଟିବାକୁ ଦିଅ



ରାଧାମୋହନ ପୂଜାହାରୀ

ଅସହ୍ୟ ଗ୍ରୀଷମ ଝାଞ୍ଜି ଖରାଟାରେ
ସହରର ପଥପ୍ରାନ୍ତେ,
ଦେଖିଲି ସହସା ଭୟଙ୍କର ଏକ
ଦୃଶ୍ୟ ଅତି ଭାରାକ୍ରାନ୍ତେ । (୧)

ପାଞ୍ଚଗୋଟି ଇଟା ମୁଣ୍ଡେଇ ଚାଲିଛି
କୁସୁମ କଳିକା ଜଣେ,
ଇଟା ବୋଝ ସହି ନ ପାରି ତା' ଦେହ
ଥରୁଥିଲା ଗୋଟାପଣେ । (୨)

ଅସହ୍ୟ ତାତିରେ ସ୍ୱେଦେ ତା' କଅଁଳ
ଦେହ ଭିଜି ଯାଉଥିଲା,
ଭୋକିଲା ପେଟରେ ଦାନା ମୁଠେ ପାଇଁ
ଯନ୍ତ୍ରଣା ସେ ପାଉଥିଲା । (୩)

କଲମ ଖେଳଣା ଧରିବା ବୟସେ
କର୍ମେ ପୋଷୁଥିଲା ପେଟ,
କାର୍ଯ୍ୟେ ଅବହେଳା ହେଲେ ମାଲିକ ଠୁ
ଖାଉଥିଲା ପୁଣି ବେତ । (୪)

ISSN NO.
2582-208X

ବେତ ପାହାରର ଅସ୍ପଷ୍ଟ ଚିହ୍ନ ତା'
ଦେହୁ ହେଉଥିଲା ବାରି,
ଉଦ୍ଧାର ପାଇଁକି କ୍ଷୀଣ ସ୍ୱରେ ମୋତେ
ଡାକୁଥିଲା ହାତ ଠାରି । (୫)

ମୋତେ ଦେଖି ତା'ର ପାଦ ଅଟକିଲା
କ୍ଷଣିକ ସମୟ ପାଇଁ,
ରୋକି ପାରିଲିନି ନିଜକୁ ମୁଁ ନିଜେ
ତା' ପାଖକୁ ଗଲି ଧାଇଁ । (୬)

ତା' ମଥା ଆଉଁସି ସ୍ନେହରେ କହିଲି
ତୁହି ଲୋ ଅମୂଲ ମୂଲ,
ସଂସାରର ତୁ ଯେ ସୁନ୍ଦର ସୃଷ୍ଟି ଲୋ
ସଦ୍ୟ ପ୍ରସ୍ଫୁଟିତ ଫୁଲ । (୭)

ସେହି ସଜଫୁଲ ମଉଳୁଛି ଆଜି
ପେଟ ଚାଖଣ୍ଡକ ପାଇଁ,
ତା' ପରି ଦୁଃଖିନୀ ଅଭାଗିନୀ କେହି
ସଂସାରେ ନ ଥିବେ କାହିଁ । (୮)

ସ୍ୱପ୍ନ ଭାଙ୍ଗୁଥାଏ ଥରକୁ ଥର ତା'
ଅଭିଳାଷା ମରୁଥାଏ,
ନୂଆ ଆଶା ନେଇ ପୁଣି ବଞ୍ଚିବାକୁ
ତା' ହୃଦୟ ଥରୁଥାଏ । (୯)

ଆଖି ଦୁଇଟି ତା' କହୁଥିଲେ ମୋତେ
ତା' ଭଙ୍ଗା ହୃଦୟ କଥା,
ନୀରବେ ମୁଁ କିନ୍ତୁ ପଢ଼ି ପାରୁଥିଲି
ତା' ମନର ସବୁ ବ୍ୟଥା । (୧୦)

ISSN NO.
2582-208X


ପାଠ ପଢ଼ି ବଡ଼ ମଣିଷ ହେବାର
ଆଖି ତା' ଦେଖେ ସପନ,
ମୁକ୍ତାକାଶେ ଡେଣା ମେଲି ଉଡ଼ିବାକୁ
ଚାହୁଁଥାଏ ତା'ର ମନ । (୧୧)

କିନ୍ତୁ ସ୍ଥିତି ଆଜି ସାଜେ ବଇରୀ ତା'
ଭାଗ୍ୟ ହୁଏ ବାଟବଣା,
ଭବିଷ୍ୟ ତା' ଅମାଅନ୍ଧାରେ ନିଖୋଜ
ପରିଚୟ ତା' ଅଜଣା । (୧୨)

ତା' ଭଙ୍ଗା ହୃଦୟ ଗୋଟେ ପରେ ଗୋଟେ
ପ୍ରଶ୍ନ ମୋତେ କରୁଥିଲା,
ସେ ପ୍ରଶ୍ନରେ ତା'ର ଅବ୍ୟକ୍ତ ଯନ୍ତ୍ରଣା
ଲହୁ ହୋଇ ଝରୁଥିଲା । (୧୩)

ସେ ଲହୁର ପ୍ରତି ବୁନ୍ଦା ଆଜି କହେ
ଧିକ୍ ରେ ଦଇବ ତୋତେ !
ସର୍ବ ସୁଖ ହରି ଶାନ୍ତିରେ ଥରୁ ଟେ
ବଞ୍ଚିବାକୁ ତୁ ଦେ' ମୋତେ । (୧୪)

ହସି ହସାଇବି ମାଟି ମାଆକୁ ମୁଁ
ଏ ମାଟିର ସୁନା ଝିଅ,
ସୁନ୍ଦର ସୃଷ୍ଟିର ଫୁଲଟିଏ ମୁଁ ଯେ
ମୋତେ ଫୁଟିବାକୁ ଦିଅ ।
ଆଜି....ମୋତେ ଫୁଟିବାକୁ ଦିଅ । (୧୫)

ହିନ୍ଦୀ ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମହୁଲପାଳ (ତାଳଚେର)

ISSN NO.
2582-208X


# ବିଦ୍ୟାଳୟ



ଟଙ୍କଧର ଶତପଥି

ବିଦ୍ୟାଳୟ ମୋର ଭାରି ସୁନ୍ଦର
ପଢ଼ା ଓ ଲେଖାର ସେ ଗନ୍ତାଘର ।
ଗୁରୁଜୀ ଗୁରୁମା ମୋର ନିଜର
ସାଙ୍ଗସାଥୀ ମେଳ ସରଗପୁର ॥

ଶୁଣିବା କହିବା ପଢି ଲେଖିବା
ଚାରି ସୂତ୍ର କଥା ଶିକ୍ଷା କରିବା ।
ମିଶାଣ ଫେଡ଼ାଣ ଗୁଣନ କଥା
ବିଦ୍ୟାଳୟ ଯାଇ କରଇ ଶିକ୍ଷା ॥

ଖଡ଼ି ଖଣ୍ଡେ ଧରି କଳାପଟାରେ
ପେନସିଲ ସଙ୍ଗେ କାଗଜ ପରେ ।
ଅବା କଲମକୁ ଧରିଣ କରେ
ମନ ଇଚ୍ଛା ଚିତ୍ର ଆଙ୍କେ ଖୁସିରେ ॥

ଖେଳିବା ନାଚିବା ଖାଇବା ବେଳ
ସବୁ ସାରିଥାଏ ହୋଇଣ ମେଳ ।
ବିଦ୍ୟାଳୟ ମୋର ପାଇଁ ବଗିଚା
ତେହ୍ନେ ବୁଲୁ ଯେହ୍ନେ ଆମରି ଇଚ୍ଛା ॥

ISSN NO.
2582-208X

ମଣିଷ ତିଆରି କାରଖାନାଟି
ନିରଳସେ ସଦା ଚାଲୁଥାଏଟି ।
ମୁହିଁ ଭାଗ୍ୟବାନ ଏଠି ପଢୁଛି
ଅଜଣା କଥାକୁ ଜାଣିପାରୁଛି ॥

ଛୋଟବଡ଼ ମୋର ଭାଇ ଭଉଣୀ
ବିଦ୍ୟାଳୟ ଯିବା ଧରିଣ ମୁଣି ।
ପଢିବା ବଢିବା ଦେଶ ଗଢିବା
ଦେଶ ନାଆଁ ରଖି ଶ୍ରେଷ୍ଠ ହୋଇବା ॥

ସୁନ୍ଦରପାଳ, ଅନୁଗୋଳ
ଦୂରଭାଷ:- ୯୯୩୮୨୬୪୪୭୬

ISSN NO.
2582-208X

# ବୁଝି ବୁଝାଅ



ମୀନାକ୍ଷି ପାଢ଼ୀ

କୁନି ଚଢ଼େଇଟି  ସୁଖ ଦୁଃଖ ହୋଇ
ପଚାରେ ଆରେ ମହୁମାଛି,
"ଏତେ ପରିଶ୍ରମେ ମଧୁ ସଞ୍ଚୁଅଛୁ
ମଣିଷ ଚୋରାଇ ନେଉଛି ।"

ହସି କହେ ସେଇ ଟିକି ମହୁମାଛି
"ମହୁ ସିନା ନିଏ ଚୋରାଇ,
ଜାଣିକି ପାରିବ ଚତୁର ମଣିଷ
ମଧୁ କିପରି ସଞ୍ଚରଇ ?"

ଟିକି ଭଅଁର ଟି ଗୁଣୁଗୁଣୁ ହୋଇ
ଫୁଲ କାନରେ ପଚାରଇ,
"ରୂପ, ରସ, ବାସ, ସବୁ ତୋ ନିଜର
ମଣିଷ କାହିଁକି ତୋଳଇ ?"

ପବନରେ ଦୋଳି ଖେଳି ଖେଳି ଫୁଲ
କହିଲା–"ନେଉଛି ନେଉ,
ଫୁଲରେ ସୁବାସ, ରଙ୍ଗ, ମଧୁରତା
ଭରି କି ପାରିବ ସେହୁ ?"

ISSN NO.
2582-208X

ପଚାରିଲା ଦିନେ ଘରଚଟିଆଟି
ପଞ୍ଜୁରୀ ଶୁଆକୁ ଯାଇ,
"କେଡ଼େ ଭାଗ୍ୟ ତୋର ମଣିଷ ଖୁଆଏ
ଦୁଧଭାତ ତୋତେ ନେଇ।"

ଶୁଆଟି କହିଲା– "ସୁଖ ଅବା ଦୁଃଖ
ପାରିବି କାହାକୁ କହି,
ମୋ ପରି ଜୀବନ ମଣିଷ ଭୋଗିଲେ
ଜାଣିବ ସୁଖ ଟି କାହିଁ।"

ଗଛେ ଫଳିଥିଲା ପାଚିଲା ଫଳଟି
କହିଲା ଗୁଣ୍ଡୁଚି ଯାଇ,
"ଆଉ ଟିକେ ପରେ ଆସି କରି ଯିବ
ମଣିଷ ତୋତେ ରେ ନେଇ।"

ଗଛଟି କହିଲା– "ନିଜ ପାଇଁ କ'ଣ
ଫଳାଏ ଗଛରେ ଫଳ ?
ଅନ୍ୟର ସେବାରେ ଜୀବନ ଢାଳିଲେ
ଜନମ ହେବ ସଫଳ।"

ଶିକ୍ଷୟିତ୍ରୀ, ଚକଟୀ, ଗଞ୍ଜାମ

ISSN NO.
2582-208X

# ବିଦ୍ୟାଳୟକୁ ଆସ ପଢ଼ିବ ପାଠ



ଦୀନବନ୍ଧୁ ପୋଇ

ବିଦ୍ୟାଳୟକୁ ଆସରେ ପିଲେ
ପଢ଼ିବ ଏଠି ପାଠ
ପାଞ୍ଚରେ ତିନି ମିଶାଇ ଦେଲେ
ଜାଣିବ ଫଳ ଆଠ ॥

ଯୋଗ ବିୟୋଗ ହୁଅନ୍ତି ଏଠି
ଯେତେକ ସବୁ ପିଲା
ପରୀକ୍ଷାରେ ସେ ଭଲ କରନ୍ତି
ନ କରେ ଯିଏ ଢିଲା ॥

ଶିଖିବ ଭାଷା ରଖିବ ଆଶା
ପଣ୍ଡିତ ହେବ ବୋଲି
ବୁଝି ନହେଲେ ବୁଝିବା ପାଇଁ
କହିବ ମନ ଖୋଲି ॥

ISSN NO.
2582-208X

ଅ ଆ ଆଦି ଅକ୍ଷର ଯେତେ
ଗୁରୁ ଦେବେ ବତାଇ
ଅକ୍ଷର ବ୍ରହ୍ମ ଲିପିର ଚିହ୍ନ
ଭାବକୁ ଦେବେ କହି ॥

ଗଣିତ ଜ୍ଞାନ ଆଉ ବିଜ୍ଞାନ
ପାଇବ ଏଠି ଶିକ୍ଷା
ମଧୁମୟ ଏ ଜୀବନ ହେବ
ସଂସ୍କୃତି କଲେ ରକ୍ଷା ॥

ଗୋରଡ଼ାପାଳ, ଯୋରନ୍ଦା, ଢେଙ୍କାନାଳ
ଦୂରଭାଷ_୯୯୩୮୮୦୨୪୧୨

ISSN NO.
2582-208X

# ଜେଜେଙ୍କ ଡାଏରୀ



ପ୍ରିୟରଞ୍ଜନ ଭାରତୀ

ଶ୍ରାବଣ ଆକାଶରେ ଆଜି ଗୋଟିଏ ହେଲେ ବି କଳା ବାଦଲର ଦେଖା ନାହିଁ, ଆଉ ସେହି ସୁଯୋଗରେ ଜହ୍ନମାମୁଁ ତାରା ମାନଙ୍କ ଗହଣରେ ଆକାଶରେ ନିଜର ଅସ୍ତିତ୍ୱ ଜାହିର କରିଛି । ଜହ୍ନ ପାଇଁ ଆକାଶର ଶୋଭା ମଧ୍ୟ ବଢିଯାଇଛି। ବାଲକୁନି ଉପରେ ବସି ଆଲୋକ ସେହିମିତି ଆକାଶକୁ ଚାହିଁ ଆକାଶର ଶୋଭାକୁ ଅନୁଭବ କରୁଛନ୍ତି।

ହଠାତ୍ ଲିଟୁ ଆସି ବାପାଙ୍କ ପାଖରେ ବସି ପଡ଼ି ବାପାଙ୍କୁ ହଲେଇଦେଇ କହେ "ବାପା ଦେଖିଲ ଦେଖିଲ ଏ କଳା ବାଦଲଟା କେମିତି ମାଡି ଆସୁଛି ଜହ୍ନ ଆଡ଼କୁ"।

ଲିପୁର କଥା ନ ସରୁଣୁ କଳା ବାଦଲଟା ଆକାଶର ଜହ୍ନକୁ ଲୋଚାଇଦେଲା। ଯେମିତି ଲାଗୁଛି ସବୁତକ ବର୍ଷା ବୋଧହୁଏ ଆଜି ବର୍ଷିଯିବ। ଆଲୋକ ବାବୁଙ୍କର ଚେତା ଫେରିଲା ଭଳି ହଠାତ୍ ଉଠିପଡ଼ି ନିଜ ପୁଅ ଲିଟୁକୁ କହିଲା, ଆରେ ଲିପୁ ଶୀଘ୍ର ଶୀଘ୍ର ଘର ଭିତରକୁ ପଳେଇ ଚାଲ ଦେଖୁନୁ ଚାରିଆଡ଼େ ଅନ୍ଧାର ହୋଇଗଲାଣି, ପବନର ବେଗ ବି ବଢିଗଲାଣି ଚାଲେ ଚାଲେ ଆମେ ଶୀଘ୍ର ଘରଭିତରକୁ ପଳେଇବା। ଆଲୋକ ବାବୁ ଘରେ ଯାଇ ସୋଫା ଉପରେ ବସିପଡିଲେ ଆଉ ଲିଟୁ ନିଜ ମା ରୋଷେଇ କରୁଥିବା ଘରକୁ ଯାଇ ମା ପାଖରେ ବସିଲା। ଝଡବର୍ଷା ପାଇଁ କରେଣ୍ଟ ବି ଚାଲିଯାଇଥାଏ ଗୋଟିଏ ଚାର୍ଜ ଲାଇଟ୍ ଯାହା ଘରକୁ ଟିକେ ଆଲୋକ ଯୋଗାଉଥାଏ।

ହଠାତ୍ ଘରର ଲେଣ୍ଡ ଫୋନ୍ ବାଜିଉଠିଲା ଆଲୋକ ବାବୁ ଦୌଡିଯାଇ ଦେଖିଲେ ଏକ ଅଜଣା ନମ୍ବରରୁ ଫୋନ୍ ଆସିଛି, କାଳବିଳମ୍ବ ନକରି ଫୋନ୍ ଉଠାଇଲେ ଆଲୋକ ଆଉ ସେପଟରୁ କିଏ ଜଣେ କହୁଥାଏ ଆରେ ଆଲୋକ ମୁଁ ହରିପୁର ଗାଁ ରୁ ପବନା କକା

ISSN NO.
2582-208X

କହୁଥିଲି । ଚିହ୍ନିପାରୁନ୍ଥୁ ନାରେ । କିଛି ସମୟ ଆଲୋକ ନିରବି ଯାଇ କହିଲା ହଁ କୁହ କକା ଜାଣିପାରିଲି। ପବନା କାକା କାନ୍ଦ କାନ୍ଦ ଗଳାରେ କହେ ଆରେ ଆଲୋକ ତୋ ବାପା ଚାଲିଗଲେରେ ତୁ ଜଲଦି ଗାଁ କୁ ଆ। ତୋ ବୋଉର ଅବସ୍ଥା ବି ଭଲ ନାହିଁରେ ସେବି ପାଗିଳି ପରି ହେଉଛି। ତୁ ଜଲଦି ଗାଁ କୁ ଆ... ଏତିକିରେ ଫୋନଟି ଝଡବତାସ ପାଇଁ କଟିଗଲା ବୋଧହୁଏ।

ଆଲୋକ ନିରବିଗଲେ କ'ଣ କରିବ ଏହିକଥା ଭାବୁଥାଏ। କିଛି ସମୟ ପରେ ପତ୍ନୀ ଊର୍ମିଳାଙ୍କୁ ଉଚ୍ଚ ଗଳାରେ ଡାକି ବିରକ୍ତି ହୋଇ କହିଲେ ହେଇଟି ଶୁଣୁଛ ବାପା ଚାଲିଗଲେ, ପବନା କକା ଫୋନ୍ କରି କହିଲେ ଜଲଦି ଗାଁ କୁ ଯିବାକୁ। କେତେ ଥର ମୁଁ ତାଙ୍କୁ କହିଛି ତୁମେ ବୁଢ଼ାବୁଢ଼ୀ ହେଲଣି ପଳେଇଆସ ମୋ ପାଖକୁ କଟକରେ ରହିବ। ହେଲେ ତାଙ୍କର ତୋ ଗୋଟିଏ ଜିଦ୍ ନା ନା ଏ ଗାଁ, ମାଟି, ପାଣି, ପବନ ଆଉ ମୋ ଭିଟାମାଟି କୁ ଛାଡି ଆମେ ସେ ସହରକୁ ଯାଇପାରିବୁ ନାହିଁ। ଆଉ କ'ଣ ବାପା କୁହନ୍ତି ଜାଣିଛ ଊର୍ମିଳା ଏ ମାଟି ଘରେ ମୋ ଷଠିଘର ହୋଇଥିଲା ଏହି ମାଟି ଘରେ ହିଁ ମୁଁ ମରିବି ମୁଁ ସେ କଟକକୁ ଯିବିନି। ବଞ୍ଚିଥିବା ସମୟ ରେ ତୋ ଯାହା ଟେନସନ୍ ଦେଉଥିଲେ ଦେଉଥିଲେ ମରିଗଲା ପରେ ବି ସେହି ଟେନସନ୍। କ'ଣ କରିବି କହିଲ ଆଗକୁ ଲିପୁର ଦଶମ ପରୀକ୍ଷା, ତା ସାଙ୍ଗକୁ ଘରୋଇ ଟିଉସନ୍ ଆଉ ମୋର ଅଫିସ୍ କାମ!।

ଊର୍ମିଳା ଆସି ଆଲୋକ ପାଖରେ ବସିପଡ଼ି କହେ ହଉ ସେକଥା ଛାଡ଼ ଚାଲ ଆମେ ଗାଁ କୁ ଯିବା, ଶୁଦ୍ଧି କାର୍ଯ୍ୟ ସାରି ପୁଣି କଟକ ଫେରିଆସିବାନି ଦଶ ଦିନର କଥା ସବୁ ଠିକ୍ ହୋଇ ଯିବନି। ଲୋକ ନିନ୍ଦାକୁ ଭୟ ଅଛି ନା ନାହିଁ। ଏ ଲୋକ ମାନେ କ'ଣ କହିବେ କହିଲ ବୁଢ଼ା କେତେ କଷ୍ଟ କରି ପୁଅକୁ ପାଠ ପଢାଇଥିଲା, ହେଲେ ପୁଅ ଶେଷ ବେଳେ ଟିକେ ବାପ ମୁହଁକୁ ଚାହିଁଲାନି। ବହୁତ ସମୟ ଭାବିଲା ପରେ ଆଲୋକ ଊର୍ମିଳା କୁ କହିଲେ ହଉ ଠିକ୍ ଅଛି ଆସନ୍ତା କାଲି ସକାଳ ପାଞ୍ଚଟା ରେ ଆମେ ଗାଁ କୁ ଯିବା।

ସେଥିପାଇଁ ସମସ୍ତେ ରାତିରେ ଉପବାସ ରହି ସହଳ ସହଳ ଶୋଇ ଗଲେ। ହେଲେ ଲିପୁ ଆଖିରେ ନିଦ ନଥାଏ ଲୁହ ଥାଏ। ଜେଜେ ଚାଲିଯିବା ଦୁଃଖରେ, ହେଲେ ମନରେ ତାର ଗୋଟିଏ ଅବଶୋଷ ଜେଜେ ଚାଲିଗଲେ ମୁଁ ତାଙ୍କୁ ଦେଖି ପାରିଲି ନାହିଁ। ଏହା ଭିତରେ କେତେ ବେଳେ ଲିପୁକୁ ନିଦ ଆସିଯାଇଥାଏ ତାକୁ ଜଣା ନାହିଁ।

ISSN NO.
2582-208X

ତା'ପର ଦିନ ସକାଳ ଆକାଶରେ ଆଉ କଳା ବାଦଲର ଦେଖା ନଥାଏ। ଯେମିତି ଗୋଟିଏ ରାତିର ସବୁ କିଛି ସର୍ବସାନ୍ତ କରି ନିରବି ଯାଇଛି ପୃଥିବୀଟା। ଯୁଦ୍ଧ ପରେ ପରେ ଯେମିତି ପରିବେଶ ଖାଁ ଖାଁ ଲାଗେ ଚର୍ତୁପାଶ୍ୱ ଠିକ୍ ସେମିତି ଲାଗୁଥାଏ ଲିପୁକୁ। ସେତେବେଳକୁ ସମୟ ସକାଳ ପାଞ୍ଚଟା ସୂର୍ଯ୍ୟର ଲାଲିମା ରଙ୍ଗ ପୂର୍ବ ଦିଗରୁ ସଂକେତ ଦେଉଥାଏ ଆଉ କିଛି ସମୟପରେ ଚର୍ତୁପାଶ୍ୱ ପୁଣି ଆଲୋକମୟ ହୋଇଯିବ। ଲିପୁ ଯାଇ କାରରେ ବସେ। ଧିରେଧିରେ କାରଟି ଗଡିଚାଲିଲା ବାଲେଶ୍ୱର ଜିଲ୍ଲାର କେଉଁ ଏକ ମଫସଲ ଗାଆଁ ହରିପୁର ଅଭିମୁଖେ।

ଗାଡ଼ିରେ ବସିଥିବା ସମୟରେ ଲିପୁ ଭାବୁଥାଏ ଜେଜେଙ୍କ କଥା। ସତରେ କେଢେ ହତଭାଗାଟିଏ ମୁଁ ଜେଜେ ଙ୍କ ସ୍ନେହ, ଶ୍ରଦ୍ଧା ଟିକେ ପାଇ ପାରିଲିନି। ମୁଁ ସ୍କୁଲରେ ଦେଖିଛି ସାଙ୍ଗ ମାନଙ୍କର ଜେଜେ ମାନଙ୍କୁ କେତେ ଆବିଳତା, ନିବିଡତା ସେମାନଙ୍କର ସମ୍ପର୍କ। ଲିପୁ ଛଳଛଳ ଆଖିରେ ଏକଥା ଭାବୁଥାଏ।

ହଠାତ୍ ଗାଡିଯାଇ ଏକ ଜାଗାରେ ଅଟକିଗଲା ଲିପୁ ନିଜ ଭାବନା ରାଜ୍ୟରୁ ବାହାରି ନିଜ ହାତରେ ପିନ୍ଧି ଥିବା ଘଣ୍ଟାକୁ ଦେଖେ ସେତବେଳକୁ ସମୟ ଆଠଟା । କାରର କାଚକୁ ତଳକୁ କରି ବାହାରକୁ ଚାହିଁଲା ଲିପୁ ଆଉ ଦେଖିଲା ଗାଁର କିଛି ସ୍ତ୍ରୀ ଲୋକ ଗାଁ ପୋଖରୀରୁ ଗାଧୋଇ କାନ୍ଦି କାନ୍ଦି ଫେରୁଛନ୍ତି। ଆଉ ତାଙ୍କ ବାପାଙ୍କୁ ଜାବୁଡ଼ି ଧରି କିଏ ଜଣେ ବାହୁନି କାନ୍ଦୁଛି। ସେ କିଛି ବୁଝି ପାରୁ ନଥାଏ ହେଲେ ତାଙ୍କ ଡ୍ରାଇଭର ଲିପୁ କୁ କହିଲା ଆରେ ଲିପୁ ତୁ ଉହ୍ଲେଇବୁନିକି। ହରିପୁର ଗାଁ ହୋଇଗଲାଣି ପରା। ଲିପୁ ଗାଡ଼ିରୁ ଓହ୍ଲାଉ ଥିବା ସମୟରେ ଗାଁ ର କିଛି ଲୋକ କଥା ହେଉଥାନ୍ତି ଧନ୍ୟ କହିବାରେ ଏପରି ପୁଅକୁ ବାପା ମୁହଁରେ ଟିକେ ନିଆଁ ପାଣି ଦେଇପାରିଲା ନାହିଁ। ଆଉ ଜଣେ କହୁଥାଏ କେମିତି ଦବ ଯେ ତା ପାଇଁ କ'ଣ ଆମେ ଶବକୁ ବାସି ମଡ଼ା କରିଥାନ୍ତୁ ନା କ'ଣ? ଯେଉଁଟା ଆମ ହିନ୍ଦୁ ଶାସ୍ତ୍ର ରେ ନାହିଁ, ତାଙ୍କ ପାଇଁ କ'ଣ ଆମେ ବିଧିବିଧାନକୁ ବଦଳାଇ ଦେଇଥାନ୍ତୁ। ଏତିକିରେ ଲିପୁ ବୁଝିଗଲା ଯେ ଜେଜେ ଙ୍କର ଶବ ଶତ୍କାର ସରିଯାଇଛି। ଆଖି ର ଲୁହକୁ ଚାପି ଆଗେଇ ଚାଲିଲା ଲିପୁ ଗାଁ ମଶାଣି ଆଡ଼କୁ।

ମଶାଣି ଭୁଇଁରେ ଜେଜେଙ୍କ ଶବ ହୁତୁହୁତୁ ହୋଇ ଜଳୁଥାଏ ଆଉ ଏପଟେ ଲିପୁର ହୃଦୟ ମଧ୍ୟ ଡହଳବିକଳ ହେଉଥାଏ। ଲିପୁର ଆଖିରେ ଆଖିଏ ଲୁହ ବୋହି ଚାଲିଥାଏ ଅସରନ୍ତି

ISSN NO.
2582-208X

ଶ୍ରାବଣ ର ବର୍ଷା ଜଳ ପରି। ନଦୀ ଯେପରି ବନ୍ଧ ବାଡକୁ ଭାଙ୍ଗି ଆଗକୁ ଆଗକୁ ମାଡି ଚାଲେ ଠିକ୍ ସେହିପରି ଲିପୁ ମାଡିଚାଲେ ଜେଜେଙ୍କ ଜଳନ୍ତା ଜୋଇ ପାଖକୁ, ହେଲେ ସେତେବେଳକୁ ଜୋଇ ଧିରେଧିରେ ଲିଭିଆସୁଥାଏ। ଲିପୁ ନିରିଖେଇ ଚାହୁଁଥାଏ ଜୋଇକୁ ହେଲେ ସେ ଦେଖିବାକୁ ପାଇଲା ଯେ ଜେଜେଙ୍କ ର କିଛି ପୁରୁଣା ପୋଷାକ ଆଉ ଭଙ୍ଗା ଆଟାଚ୍ ଟା ଧିରେଧିରେ ଜଳୁଛି। ଭଲଭାବରେ ନିରିଖେଇ ଦେଖିଲା ଲିପୁ। ଧିରେ ଧିରେ ଆଟାଚ୍ ପାଖକୁ ଆଗେଇ ଚାଲେ ଲିପୁ ଆଉ ଦେଖିବାକୁ ପାଏ ଏକ ପୁରୁଣା ଡାଏରୀ ଅଳ୍ପ ଅଳ୍ପ ଜଳୁଛି। ଲିପୁର ମନ ଭିତରେ ହଠାତ୍ ଭାବନା ଆସେ ନା ନା ମୁଁ ଏମିତି ମୋ ଜେଜେଙ୍କର ଅସ୍ତିତ୍ୱ କୁ ଜଳି ପୋଡ଼ି ପାଉଁଶ ହେବାକୁ ଦେବିନି, ଏହା ଭାବି ଡାଏରୀ କୁ ଲିଭାଇବାକୁ ଚେଷ୍ଟା କରି ସଫଳ ହୁଏ। ଅଧାପୋଡା ଡାଏରୀକୁ ଦେଖି ଦୁଇ ଧାର ଲୁହ ନିଗାଡି ଲିପୁ ପୃଷ୍ଠା ପରେ ପୃଷ୍ଠା ଲଉଟାଏ। ଆଉ ଦେଖିବାକୁ ପାଏ ଶେଷ ପୃଷ୍ଠାରେ ଜେଜେଙ୍କ ର ଏକ ଚିଠି ମୋ ତା ନାଁରେ(ଲିପୁ) ଲେଖା ଅଛି। ଭାବ ବିହ୍ୱଳ ହୋଇ ଚିଠି କୁ ପଢ଼ିବାକୁ ଗଲାବେଳେ ସେ ଦେଖିଲା, ତାଙ୍କ ବାପା ଆସି ତାକୁ ଡାକି କହୁଛି କିରେ ଲିପୁ ତୁ ଏଠି କ'ଣ କରୁଛୁ, ସେପଟେ ତୋ ମା ତୋତେ ଖୁଜୁଛି ଶୀଘ୍ର ଘରକୁ ଚାଲେ। ହଠାତ୍ ବାପାଙ୍କ ନଜର ଲିପୁ ହାତ ଉପରେ ପଡ଼ିଗଲା ଆଉ ବାପା ଚମକି ପଡ଼ି କହିଲେ ଆରେ ଏ ଲିପୁ ଏ ମଶାଣି ଭୁଇଁରୁ କିଛି ଜିନିଷ ହାତରେ ଧରନ୍ତି ନାହିଁ, ଛୋଟ ପିଲା ତୁ ଏବିଷୟରେ କିଛି ଜାଣିନୁ। ଜଲଦି ସେ ଡାଏରୀ କୁ ଫୋପାଡି ମୋ ସାଙ୍ଗରେ ଘରକୁ ଆସ। ବାପାଙ୍କ କଥା ଶୁଣି ସେ ଡାଏରୀ କୁ ଫିଙ୍ଗି ଦେଲି ସିନା, ହେଲେ ଜେଜେଙ୍କ ଚିଠିକୁ ଥିରି ଥିରି ଚିରି ମୋ ପକେଟ୍ ରେ ଭରି ଘରକୁ ଫେରିଲି।

ଘରେ ଆସି ପହଁଚି ଦେଖେ ଜେଜେମା ବାହୁନି ବାହୁନି କାନ୍ଦୁଛନ୍ତି ଆଉ ମୋ ମା ଜେଜେମା ଙ୍କ ଉପରେ ବିରକ୍ତ ହୋଇ କହୁଥାନ୍ତି "ମା ସେତିକି ଥାଉ ଆଉ କାନ୍ଦନ୍ତୁ ନାହିଁ, ତୁମେ କାନ୍ଦିଲେ ବାପା କ'ଣ ଫେରିଆସିବେ ନା କ'ଣ? ଆଉ ଗୋଟିଏ କଥା ଆଉ କେତେ ଦିନ ବାପା ବଞ୍ଚି ଥାନ୍ତେ କି? ସେ କାନ୍ଦ ଫାନ୍ଦ ବନ୍ଦ କର। ସେ ପୁରୁଣା ଢଗଢମାଳି ଧରି ତୁମେ କାନ୍ଦିଲା ବେଳକୁ ମୋ ମୁଣ୍ଡ କ'ଣ ହେଇଯାଉଛି ବନ୍ଦ କର ସେ କାନ୍ଦ। ମା'ଙ୍କ ର କଥା ଶୁଣି ଜେଜେମା କାନ୍ଦ ବନ୍ଦ ହେଲା ସିନା ହେଲେ ତାଙ୍କ ଆଖିରୁ ଲୋତକ ସେଇମିତି ଝରୁଥାଏ।

ISSN NO.
2582-208X

ସମସ୍ତେ ଶୋଇଗଲେ ହେଲେ ସେଦିନ ଲିପୁ ଆଖିରେ ନିଦ ନଥାଏ, ମନ ଚଞ୍ଚଳ ଲାଗୁଥାଏ କ'ଣ ଜେଜେବାପା ଚିଠିରେ ଲେଖିଛନ୍ତି ଏହି ଚିନ୍ତାରେ। ଧିରେଧିରେ ଲିପୁ ପେକେଟ୍ ରୁ ଚିଠି ବାହାର କରି ପଢିବାକୁ ଆରମ୍ଭ କରେ,ଆଉ ଚିଠିରେ ଲେଖାଥାଏ–

ସ୍ନେହରେ,

ନାତି ଟୋକା ଲିପୁ ତୋ ସହ କେବେ ସାକ୍ଷାତ ନ ହେଲେ ବି ମୁଁ ଦୂରରୁ ତୋତେ ଆର୍ଶୀବାଦ କରୁଛି ତୁ ତୋ ବାପାଙ୍କ ପରି ନ ହୋଇ ଗୋଟିଏ ଭଲ ମଣିଷ ହେବୁ। ଧନରେ ଏ ଚିଠିରେ ମୁଁ କ'ଣ ଲେଖିବି ବୁଝି ପାରୁନି  ଲେଖିବାକୁ ସତ୍ ଚେଷ୍ଟା କଲେ ବି ଏ ବାର୍ଦ୍ଧକ୍ୟଟା ଦାଉ ସାଜୁଛିରେ, ହାତ ଥରୁଛି ବିଶେଷ କିଛି ଲେଖିପାରୁନି। ବହୁତ କିଛି କହିଥାନ୍ତି ତୋତେ, ବହୁତ ଖୁସି କରିଥାନ୍ତେ ଦୁହେଁ ମିଶି। କାନ୍ଧରେ ବସେଇ ଗାଁ ଦାଣ୍ଡରେ ବୋଲେଇ ଥାନ୍ତି। ପ୍ରଜାପତି ଧରି ମୋ ହାତେ ଦେଇଥାନ୍ତି, କେତେ ଗପ କହିଥାନ୍ତି। ହେଲେ ଏସବୁ ବୋଧେ ଭଗବାନ ମୋ ଭାଗ୍ୟରେ ଲେଖିନାହାନ୍ତି, ସେଥିପାଇଁ ତୋ ବାପା ୧୫ ବର୍ଷ ହେବ ସବୁ ସମ୍ପର୍କ କାଟି ସହରରେ ରହୁଛି। କେବେବି ଏ ଗାଁ କୁ ଆସୁନି।

ତୁ ଜନ୍ମ ହେଲା ଦିନଠାରୁ ତୋତେ ବହୁତ ଥର ଦେଖିବାକୁ ଚେଷ୍ଟା କରିଛି ହେଲେ ତୋ ମା ମୋତେ ଗାଉଁଲି କହି ଗେଟ୍ ପାଖରୁ ବିଦା କରିଦିଏ। ଆଉ କହେ ମୋ ସହ ତୋର ଦେଖା ହେଲେ ତୁ କାଳେ ଗାଉଁଲି ହୋଇଯିବୁ। ଆଉ ଗୋଟିଏ କଥା ବୋଧହୁଏ ତୁ ଜାଣିନଥିବୁରେ ଧନ ଯେତେବେଳେ ତୁ ଜନ୍ମ ନେଲୁ ମୋ ପାଦ ଖୁସିରେ ତଳେ ଲାଗୁନଥାଏ । ତୋ ଜେଜେମା ମୋତେ କହୁଥାଏ ନାତି ଟୋକା ର ପଞ୍ଚୁଆତି, ଷଠିଘର ଆମେ ଗାଁ ରେ କରିବା। ଆଉ ଏକୋଇଶିଆ କୁ ଘରେ ସତ୍ୟ ନାରାୟଣ ପୂଜା କରିବା। ଆଉ କହେ ତୁମେ ଆଲୋକ କୁ ଫୋନ୍ କରି କୁହ ସେ ମେଡିକାଲ ରୁ ସିଧା ଘରକୁ ଆସିବେ କଟକ ନୁହେଁ। ମୁଁ ତୋର ଜେଜେମା କଥା ମାନି ଆଲୋକ କୁ ଫୋନ୍ କରି ସବୁକିଛି କହିଲି ହେଲେ ତୋ ବାପା ମୋତେ ବିରକ୍ତି ହୋଇ କହେ "ନାହିଁ ବାପା ଆମେ ଭାବିଛୁ ପୁଅର ପୂଜା ଗାଁ ରେ ନୁହେଁ ଆମେ କଟକ ସହରରେ ସାଂଗ ମାନଙ୍କ ସହ ମିଶି ପାର୍ଟି ମନାଇବୁ । ସେ ପୁରୁଣା ସତ୍ୟ ନାରାୟଣ ପୂଜା, ଷଠିଘର, ପଞ୍ଚୁଆତି କୁ ଆଉ କିଏ ପସନ୍ଦ କରୁଛନ୍ତି ଯେ ତୁମେ ଏମିତି କହୁଛ''। ତୋର ବାପା କଥା ଶୁଣି ସେଦିନ ମୋର ହୃଦୟଟା ଭାଙ୍ଗି ଗଲା।

ISSN NO.
2582-208X

ସହରରେ ବହୁ ଧୁମ୍ ଧାମରେ ତୋ ଏକୋଇଶିଆ ପାଳନ କରାଗଲା ହେଲେ ଆମକୁ ତୋ ବାପା ମା ଟିକେ ହେଲେବି ଡାକିଲେନି। ସେଦିନ ତୋ ଜେଜେମା ବହୁତ କାନ୍ଦିଛିରେ ଧନ। କ'ଣ କରିବୁ ଭାଗ୍ୟ କୁ ଆଦରି ଆମେ ବଞ୍ଚିଛୁ।

ବହୁତ ଥର ତୋତେ ଦେଖିବାକୁ ମୋ ମନ ଛଟପଟ ହୋଇଛି ମୁଁ କଟକ ଯାଇଛି ହେଲେ ତୋର ମା ତୋ ସହ ମୋର ଭେଟ ହେବାକୁ ଦିଅନ୍ତିନି। ସେମାନଙ୍କ ମନରେ ବହୁତ ଘୃଣା ଭାବ ମୋ ପ୍ରତି ଏ ଗାଆଁର ଲୋକ ମାନଙ୍କ ପ୍ରତି। ଗାଉଁଲି, ମଫସଲି କହି ସେ ବହୁତ ଥର ମୋତେ ତୁମ ଗେଟ୍ ସାମ୍ନାରୁ ବାହାର କରିଦେଇଛିରେ। ଦିନେ ନୁହେଁ, ମାସ ନୁହେଁ ୧୫ ବର୍ଷ ହେବ ସେମାନେ ଆଉ ଗାଁକୁ ଆସୁନାହାନ୍ତି। ହେଲେ ମୋର ବହୁତ ଇଚ୍ଛା ମରିବା ପୂର୍ବରୁ ତୋତେ ଥରେ ଦେଖିବା ପାଇଁ ହେଲେ ମୋ ଭାଗ୍ୟରେ ଅଛି କି ନାହିଁ କେଜାଣି। ଧନରେ ଆଉ ବିଶେଷ କିଛି ଲେଖୁନି ଶେଷରେ ଏତିକି କହୁଛି ତୁ ତୋ ବାପା ପରି ହବୁନି, ଭଲ ମଣିଷ ଟିଏ ହେବାକୁ ଚେଷ୍ଟା କରିବୁ। ଗାଆଁ କୁ ନେଇ ମନରେ ଘୃଣା ନୁହେଁ ଗର୍ବ ଅନୁଭବ କରିବୁ। ଓଡ଼ିଆ ଘରର ପ୍ରଥା, ପରମ୍ପରା ଆଉ ସଂସ୍କୃତି କୁ ସମ୍ମାନ କରିବୁ। ମୁଁ ଜାଣିନି ଏ ଚିଠି ତୁ ପାଇବୁ କି ନାହିଁ ହେଲେ ମୋର ବିଶ୍ୱାସ ତୁ ନିଶ୍ଚୟ ଜଣେ ଖାଣ୍ଟି ଓଡ଼ିଆ ହେବୁ।

(ଇତି) ତୋର ହତଭାଗା ଜେଜେବାପା

ଚିଠି ପଢ଼ି ଲିପୁ ଆଖିରୁ ଲୁହ ଧାର ଧାର ହୋଇ ଗଡି ଚାଲୁଥାଏ ଆଉ ମନେ ମନେ ଭାବୁଥାଏ ସତରେ ମୋ ବାପା ମା କେତେ ଅମଣିଷ। ନିଜ ଗାଁ ର ସଂସ୍କୃତି କୁ ଭୁଲି ସେମାନେ ବିଦେଶୀ ହେବାକୁ ଚେଷ୍ଟା କରୁଛନ୍ତି। ନିଜ ବାପା ମା ଙ୍କ ସହ ଏପରି ପଶୁ ବ୍ୟବହାର କରିଛନ୍ତି। ଛିଃ ଛିଃ....

ଏହି ଭିତରେ ଆଲୋକ ବାବୁ ବାପାଙ୍କର ଏକାଦଶାହ କ୍ରିୟା ରିତି ନୀତି ରେ ସମାପ୍ତ ହୋଇଯାଇଛି। ପାଞ୍ଚ ଖଣ୍ଡ ଗାଁ କୁ ନିମନ୍ତ୍ରଣ କରି ଖାଇବାକୁ ଦେଇଛନ୍ତି ଆଲୋକ ବାବୁ। କଥାରେ ଅଛି "ଜିଅନ୍ତା ନଦେଲୁ ତୁଣ୍ଡରେ, ମରିଗଲେ ଦେବୁ ସମାଧି ମୁଣ୍ଡରେ"। ଆଜି ଜେଜେଙ୍କ ବାର ଦିନ ଆଉ ଆମକୁ କଟକ ଫେରିବାକୁ ହେବ। କାର୍ ଆସି ଘର ଦୁଆରେ କେତେ ବେଳୁ ଛିଡ଼ା ହୋଇଗଲାଣି। ଲିପୁର ବାପା ଆଉ ମାଆ ଲଗେଜ ଧରି ଘରୁ ବାହାରି ଗଲେଣି କାର୍ ପାଖକୁ। ଆଉ ଲିପୁ ହତବାକ୍। କ'ଣ କରିବ। ଜେଜେ ମା ପାଖକୁ ଯାଇ

ISSN NO.
2582-208X

ମୁଣ୍ଡିଆ ମାରି ବିଦାୟ ମାଗେ ଲିପୁ। ହେଲେ ଜେଜେମା ଅପଲକ ଅଶ୍ରୁପୂର୍ଣ୍ଣ ନୟନରେ ଚାହିଁ ଥାଏ ଆଉ ଲିପୁ ମଧ୍ୟ। ଲିପୁ ବାଷ୍ପରୁଦ୍ଧ କଣ୍ଠରେ କହେ ଜେଜେମା ମୁଁ ଖୁବ୍ ଶୀଘ୍ର ଗାଁ କୁ ଫେରିଆସିବି ତୁମେ ଅପେକ୍ଷା କର ଦେଖିବ ମୁଁ ଆସି ତୁମ ପାଖରେ ରହିବି ପ୍ରତିଜ୍ଞା କରୁଛି। ବହୁତ କଷ୍ଟରେ ଜେଜେମା ଠୁ ବିଦାୟ ନେଇ ଆସି କାର୍ ରେ ବସିଲା ଲିପୁ। କାର୍ ଆଗକୁ ଗଡ଼ିବାକୁ ଲାଗିଲା ଆଉ ଧିରେଧିରେ ଜେଜେମା ଲିପୁ ଆଖିରୁ ଅଦୃଶ୍ୟ ହୋଇଗଲେ। ଆଉ ଲିପୁ ନିଜ ଆଖିରୁ ଲୁହ ପୋଛି ଚାହିଁ ଥାଏ ଗାଁ ମାଟି ରାସ୍ତାର ଧୂଳି, ଧୁଆଁକୁ ଆଉ ଧୁଆଁ ଭିତରେ ଖୋଜୁଥାଏ ନିଜ ଜେଜେବାପାଙ୍କୁ। ଆଉ ମନେମନେ ଆଜିର ସମାଜର ଆଧୁନିକ ବାପା ମା ଙ୍କୁ ଧିକ୍କାର କରୁଥାଏ।


ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
କଲ୍ୟାଣସିଂହପୁର, ରାୟଗଡ଼ା।

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ




କ୍ଲାସ ଉନ୍ନୟନ, ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୬/୨୦୨୨ | ଚନ୍ଦ୍ର ଦର୍ଶନ ଓ ପୂଜା |
| ୦୨/୦୬/୨୦୨୨ | ରମ୍ଭା ତୃତୀୟା |
| ୦୪/୦୬/୨୦୨୨ | ଶିବ ବିବାହୋତ୍ସବ |
| ୦୫/୦୬/୨୦୨୨ | ଶୀତଳ ଷଷ୍ଠୀ ଓ ଆରଣ୍ୟକ ଷଷ୍ଠୀ |
| ୧୦/୦୬/୨୦୨୨ | ଗଙ୍ଗା ଦଶହରା |
| ୧୧/୦୬/୨୦୨୨ | ନିର୍ଜଳା ଏକାଦଶୀ, ରୁକ୍ମିଣୀ ବିବାହ, ଚମ୍ପକ ଦ୍ୱାଦଶୀ |
| ୧୩/୦୬/୨୦୨୨ | ଶିବ ଚତୁର୍ଦ୍ଦଶୀ |
| ୧୪/୦୬/୨୦୨୨ | ଦେବସ୍ନାନ ପୂର୍ଣ୍ଣିମା, ପ୍ରଥମ ରଜ |
| ୧୫/୦୬/୨୦୨୨ | ମିଥୁନ (ରଜ) ସଂକ୍ରାନ୍ତି |
| ୧୬/୦୬/୨୦୨୨ | ଭୂଦାହ |
| ୧୭/୦୬/୨୦୨୨ | ବସୁମତୀ ସ୍ନାନ |
| ୨୪/୦୬/୨୦୨୨ | ଅଣଅର ତ୍ରୟୋଦଶୀ |
| ୨୭/୦୬/୨୦୨୨ | ଶିବ ଚତୁର୍ଦ୍ଦଶୀ |
| ୨୮/୦୬/୨୦୨୨ | ଚନ୍ଦ୍ରକ୍ଷୟ, ନିଶିପାଳନ |
| ୨୯/୦୬/୨୦୨୨ | ଉଭା ଅମାବାସ୍ୟା, ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

ISSN NO.
2582-208X

## ମଇ ମାସର ବିଜେତାଙ୍କ ନାମ



ଦହି ପଖାଳ ଲୁଣ ଲଙ୍କା
ଶାଗ ଭଜା ଆଉ ବଡ଼ିଚୁର୍
ଉଲି ଲେମ୍ବୁ ସାଙ୍ଗେ ମାଛ ଭଜା ହେଲେ
ଆସିଯାଏ ତାର ମଜା
ଏ ବିଶ୍ୱ ଭୁଖଣ୍ଡେ କଛି ନୁହେଁ ତାର ସରି
ତୋରାଣି ସହିତ ଖାଇଦେଲେ ଗଣ୍ଡେ
ପେଟ ଯାଏ ସତେ ପୁରି

ଟଙ୍କଧର ସାହୁ, ଗ୍ରାମ – ଗର୍ଜନ, ଜିଲ୍ଲା – ବଲାଙ୍ଗୀର

ଉତ୍ତପ୍ତ ନଦାଘେ ପଖାଳ ସାଥୀ
ଘରରୁ ହୋଟେଲ୍ ଗ୍ଡ଼ଳ ଟୁଙ୍ଗୀଘର
ପଖାଳ ଦେଉଛି ସବୁଠି ଶାନ୍ତ।
ଶାଗ ମାଛଭଜା ଆମ୍ବ ଚଟଣୀ,
ମନଜାଣି ବାଢିଦିଏ ଘରଣୀ।
ଦହି ସାଥେ ପୁଣି ଛୁଙ୍କ ପଖାଳ,

ISSN NO.
2582-208X

ମାଂସ ଖିରୀ ପୁରି ଆଡ ହୋଇଯାଏ
ପଖାଳ ମନକୁ କରେ ପାଗଳ ।
ଆତ୍ମା ଥଣ୍ଡା କରେ ପଖାଳ ପାଣି,
ସେଥିପାଇଁ ପର୍ବ ପଖାଳ ଦିବସ
ଓଡିଶାରେ ଏକ ପରବ ପୁଣି ॥

ସୁମିତ୍ରା ପଣ୍ଡା, ଶ୍ରୀବିହାର, ପଟିଆ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା – Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com କୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

https://www.facebook.com/vedantiemagazine